# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଅକ୍ଟୋବର ୨୫/୨୦୧୮ (୧୬ ପୃଷ୍ଠା+ମନ୍‌ମିଜାଜ) Sambalpur, Thursday, October 25/ 2018 ★★

୧୪ଶ ଭାଗ ୩୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




### କୋହଲି ଦ୍ରୁତତମ ୧୦,୦୦୦
ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଏକଦିବସୀୟ କ୍ରିକେଟରେ ୧୦,୦୦୦ ରନ ପୂରଣ କରିବାରେ ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି।

୧୫ | ୦୨

### ଦୁଇଟି ଫିଲ୍ମ ରିଲିଜ୍ ପାଇଁ ନାମଦେବ୍ ଉତ୍ସାହିତ
ଗୋଟିଏ ଦିନରେ ନିଜ ଅଭିନୀତ ଦୁଇଟି ଫିଲ୍ମ ରିଲିଜ ହେଉଥିବାରୁ ବିଶିଷ୍ଟ ଅଭିନେତା ଗୋବିନ୍ଦ ନାମଦେ ବେଶ୍ ଖୁସି ଅଛନ୍ତି।








■ ସିବିଆଇରେ ଅମୁନି ଅନ୍ତର୍କନ୍ଦଳ

# ଦୁଇ ମୁଖିଆଙ୍କୁ ବାଧତାମୂଳକ ଛୁଟି

ନୂଆଦିଲ୍ଲୀ,୨୪।୧୦(ପି.ଟି.)

### କେନ୍ଦ୍ରର ରାତିଅଧିଆ କାର୍ଯ୍ୟାନୁଷ୍ଠାନ
- ■ ସାମୟିକ ଭାବେ କାର୍ଯ୍ୟରୁ ନିବୃତ୍ତ ହେଲେ ବର୍ମା, ଅସ୍ଥାନା
- ■ ଓଡ଼ିଶା କ୍ୟାଡର ଅଫିସର ନାଗେଶ୍ୱର ରାଓ କାମଚଳା ନିର୍ଦ୍ଦେଶକ
- ■ ଦାୟିତ୍ୱ ଗ୍ରହଣ ପରେ କଲେ ବ୍ୟାପକ ଅଦଳବଦଳ
- ■ ତଦନ୍ତ ସଂସ୍ଥାର ଗରିମା ରକ୍ଷା ପାଇଁ ହୋଇଛି କାର୍ଯ୍ୟାନୁଷ୍ଠାନ: ଜେଟ୍‌ଲୀ
- ■ କେନ୍ଦ୍ରର ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କଲେ ବର୍ମା




କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ଶୀର୍ଷସ୍ତରୀୟ ଅଧିକାରୀଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ଚରମ ସୀମା ଟପିଛି। ଅହଙ୍କାରକୁ ନେଇ ଲାଗିରହିଥିବା ଲଢ଼େଇ ତଦନ୍ତ ସଂସ୍ଥାକୁ ଲଜ୍ଜିତ କରିଥିବାବେଳେ ସମାଧାନ ବାଟ ଖୋଜିପାଉନି କେନ୍ଦ୍ର। ତଥାପି 'ବାଡ଼ି ନ ଭାଙ୍ଗୁ କି ସାପ ନ ମରୁ' ନ୍ୟାୟରେ ମଧ୍ୟମ ପନ୍ଥା ଆପଣାଇଛନ୍ତି ନରେନ୍ଦ୍ର ମୋଦି ସରକାର। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ହାତରୁ କ୍ଷମତା ହଟାଇଦିଆଯାଇଛି। ରାତାରାତି ଉଭୟଙ୍କୁ ବାଧତାମୂଳକ ଛୁଟିରେ ପଠାଇଦେଇଛନ୍ତି ସରକାର। ଆଲୋଚନା ପର୍ଯ୍ୟାଲୋଚନା ପରେ ତଦନ୍ତ ସଂସ୍ଥାର ଯୁଗ୍ମ ନିର୍ଦ୍ଦେଶକ ତଥା ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ଏମ୍. ନାଗେଶ୍ୱର ରାଓଙ୍କୁ କାମଚଳା ଦାୟିତ୍ୱ ପ୍ରଦାନ କରାଯାଇଛି। ସିବିଆଇ ଇତିହାସରେ ପ୍ରଥମଥର ପାଇଁ ଏଭଳି ଘଟଣା ଘଟିଥିବାରୁ ଚାଞ୍ଚଲ୍ୟ ଖେଳିଯାଇଛି। ତେବେ କେନ୍ଦ୍ରର ଏହି ନିଷ୍ପତ୍ତିକୁ ବିରୋଧ କରି ବର୍ମା ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଆବେଦନ ଉପରେ ଶୁକ୍ରବାର ବିଚାର ହେବ ବୋଲି ଅଦାଲତ କହିଛନ୍ତି।

ଦିନ ଥିଲା, ସିବିଆଇ ନାଁ ଶୁଣିଲେ ଭ୍ରଷ୍ଟାଚାରୀଙ୍କ ଲୋମ ଟାଙ୍କୁରି ପଡୁଥିଲା। କିନ୍ତୁ ଏହାର କରିଡରରେ ଏବେ ଚାଲିଛି ଖୋଲାଯୁଦ୍ଧ। ସିବିଆଇ ନିର୍ଦ୍ଦେଶକ ବର୍ମା ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ପସନ୍ଦର ଅଧିକାରୀ ଅସ୍ଥାନା ପରସ୍ପର ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିବା ପରେ ଏବେ ତଥାକଥିତ ବିଶ୍ୱସନୀୟ ତଦନ୍ତକାରୀ ସଂସ୍ଥା ଉପରେ ଲୋକଙ୍କ ସନ୍ଦେହ ଜାତ ହୋଇଛି। ସିବିଆଇର ଦୁଇ ମୁଖିଆ ନିଜ ନିଜର ଦବ୍‌ଦବା ସାବ୍ୟସ୍ତ କରିବାରେ ଲାଗିଛନ୍ତି। ଏଭଳି ଘଟଣା ସାମ୍ନାକୁ ଆସିବା ପରେ ତଦନ୍ତ ସଂସ୍ଥାର ମର୍ଯ୍ୟାଦା ରକ୍ଷା ପାଇଁ ଅଣ୍ଟା ଭିଡିଛି କେନ୍ଦ୍ର। କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି)ର ସୁପାରିସକ୍ରମେ ସରକାର ସିବିଆଇର ନମ୍ବର ୧ ଓ ୨ ଅଧିକାରୀ ବର୍ମା ଓ ଗୁଜରାଟ କ୍ୟାଡର ଆଇପିଏସ୍ ଅଫିସର ଅସ୍ଥାନାଙ୍କ ହାତରୁ କ୍ଷମତା ଛଡ଼ାଇନେଇଥିବା ବୁଧବାର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସୂଚନା ଦେଇଛନ୍ତି। କ୍ଷମତା କନ୍ଦଳ ତଦନ୍ତ ସଂସ୍ଥାର ମୁଣ୍ଡ ନୁଆଁଇଦେବା ପରେ ମଙ୍ଗଳବାର ସନ୍ଧ୍ୟାରେ ସିଭିସି ବୈଠକ ବସିଥିଲା। ବର୍ମା ଓ ଅସ୍ଥାନାଙ୍କୁ ଛୁଟିରେ ପଠାଇବା ସହ ଉଭୟଙ୍କ ବିରୋଧରେ ଆସିଥିବା ଅଭିଯୋଗର ସତ୍ୟତା ପ୍ରମାଣ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଗଠନ ଲାଗି କମିଶନ ସୁପାରିସ ☞ ପୃଷ୍ଠା-୪



ଏମ୍. ନାଗେଶ୍ୱର ରାଓ

■ ଲୋକାୟୁକ୍ତ ନିଯୁକ୍ତି ଝଟ୍‌କା

# ଚୂଡ଼ାନ୍ତ ତାରିଖ ତୁରନ୍ତ ଜଣାଅ

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

**ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ**

ଲୋକାୟୁକ୍ତ ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଜୋରଦାର ଝଟ୍‌କା ଦେଇଛନ୍ତି। ଲୋକାୟୁକ୍ତ ନିଯୁକ୍ତି ନେଇ ଆଉ ସମୟ ଦେଇହେବ ନାହିଁ। ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ଏ ନେଇ ରୋକ୍‌ଠୋକ୍ ଜଣାଇ ଦେଇଛନ୍ତି। ଏଥିସହିତ ୩ ମାସ ସମୟ ଦେବାକୁ ରାଜ୍ୟ ସରକାର କରିଥିବା ଗୁହାରିକୁ ମଧ୍ୟ ବୁଧବାର ସର୍ବୋଚ୍ଚ ଅଦାଲତ ଅଗ୍ରାହ୍ୟ କରି ଦେଇଛନ୍ତି। ଦୁର୍ନୀତି ନିରୋଧୀ ଅମ୍ବୁଡ୍‌ସମ୍ୟାନ ସଂସ୍ଥା କେବେ ଗଠନ ହେବ ଓ କେବେ ସୁଦ୍ଧା ଲୋକାୟୁକ୍ତ ନିଯୁକ୍ତି ହେବେ ସେ ନେଇ ନିର୍ଦ୍ଦିଷ୍ଟ ତାରିଖ ଜଣାଇବାକୁ ଅଦାଲତ ରାଜ୍ୟ ସରକାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଜୁଲାଇ ୧୦ ତାରିଖ ସୁଦ୍ଧା ଲୋକାୟୁକ୍ତ ନିଯୁକ୍ତି ନେଇ ଷ୍ଟାଟସ ରିପୋର୍ଟ ଦାଖଲ କରିବା ପାଇଁ କୋର୍ଟ ରାଜ୍ୟ ସରକାରଙ୍କୁ ଏପ୍ରିଲ ୧୯ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ ୯ ତାରିଖରେ ଲୋକାୟୁକ୍ତ ନିଯୁକ୍ତି ନେଇ ଏକ ସତ୍ୟପାଠ ଦାଖଲ କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ, ରାଜ୍ୟରେ ୨୦୧୫ ଜାନୁୟାରୀ ୧୬ ତାରିଖରୁ ଓଡ଼ିଶା ଲୋକାୟୁକ୍ତ ☞ ପୃଷ୍ଠା-୪

**ଆପଣଙ୍କ ଏହି କପି ସହିତ ପାଇବେ ମନ ମିଜାଜ**



**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

### କିଛି ତଥ୍ୟ
୨୦୧୭-୧୮ ଆର୍ଥିକ ବର୍ଷରେ ଭାରତ-ଚାଇନା ମଧ୍ୟରେ ବାଣିଜ୍ୟ ନିଅଣ୍ଟ ୬୩.୧୨ ବିଲିୟନ ଡଲାରକୁ ବୃଦ୍ଧି ଘଟିଛି। ପୂର୍ବବର୍ତ୍ତୀ ବର୍ଷରେ ଏହା ୫୧.୧୧ ବିଲିୟନ ଡଲାର ଥିଲା।

– ବାଣିଜ୍ୟ ମନ୍ତ୍ରଣାଳୟ

■ ବଢ଼ିଲା ବଳାତ୍କାର ପୀଡ଼ିତା କ୍ଷତିପୂରଣ ରାଶି

# ମୃତ୍ୟୁ ହେଲେ ମିଳିବ ୧୦ ଲକ୍ଷ

ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)

**ବଳାତ୍କାର ପାଇଁ ୭, ଗଣବଳାତ୍କାର ପାଇଁ ୧୦, ଏସିଡ୍ ମାଡ଼ ପାଇଁ ୮ ଲକ୍ଷ**

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ସରକାର ୨୦୧୨ରେ ଓଡ଼ିଶା ବଳାତ୍କାର ପୀଡ଼ିତା କ୍ଷତିପୂରଣ ଯୋଜନା(ଓଡ଼ିଶା ରେପ ଭିକ୍ଟିମ କମ୍ପେନସେଶନ ସ୍କିମ)ଆରମ୍ଭ କରିଥିଲେ। ତେବେ ଏଥିରେ ଯେଉଁ କ୍ଷତିପୂରଣ ବ୍ୟବସ୍ଥା କରାଯାଇଥିଲା ତାହା ପର୍ଯ୍ୟାପ୍ତ ନ ଥିଲା। ଏହି ରାଶିକୁ ବୃଦ୍ଧି କରିବାକୁ ସୁପ୍ରିମକୋର୍ଟ ପୁଣି ନିର୍ଦ୍ଦେଶ ଦେବା ପରେ ରାଜ୍ୟ ସରକାର ସହାୟତା ରାଶି ପରିମାଣ ବୃଦ୍ଧି କରିଛନ୍ତି। ଏ ନେଇ ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବଳାତ୍କାର ଶିକାର ପରେ ଯଦି ପୀଡ଼ିତାଙ୍କ ମୃତ୍ୟୁ ହୁଏ ତେବେ ତାଙ୍କ ପରିବାରକୁ ଉକ୍ତ ଯୋଜନା ଜରିଆରେ ୫ରୁ ୧୦ ଲକ୍ଷ ପର୍ଯ୍ୟନ୍ତ କ୍ଷତିପୂରଣ ପ୍ରଦାନ କରାଯିବ। ପୂର୍ବରୁ ଏହି କ୍ଷତିପୂରଣ ରାଶି ୩ ଲକ୍ଷ ଟଙ୍କା ଥିଲା। ☞ ପୃଷ୍ଠା-୪

ବିମାନସେବା ପ୍ରଦାନରେ ବିଫଳ

# ଏୟାର ଓଡ଼ିଶାକୁ କାରଣଦର୍ଶାଅ ନୋଟିସ୍

ଝାରସୁଗୁଡ଼ା ଅଫିସ,୨୪।୧୦

ଉଡାନ୍ ଯୋଜନାରେ ନିରବଚ୍ଛିନ୍ନ ବିମାନସେବା ପ୍ରଦାନରେ ବିଫଳ ହୋଇଥିବା ଏୟାର ଓଡ଼ିଶାକୁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ତରଫରୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି। ବୁଧବାର ଏହି ନୋଟିସ୍ ଜାରି କରାଯାଇଥିବା ବିଷୟରେ ମନ୍ତ୍ରଣାଳୟ ତରଫରୁ ଟ୍ୱିଟ୍ କରାଯାଇଛି। ଝାରସୁଗୁଡ଼ା ବିମାନବନ୍ଦର ☞ ପୃଷ୍ଠା-୪

# ୫ ଜଣଙ୍କ ସଲୀଳ ସମାଧି

ଦେଓଗାଁ/ କଣ୍ଟାବାଞ୍ଜି/ ବାମରା, ୨୪।୧୦ (ଡି.ଏନ୍.ଏ.)

- ■ ପୋଖରୀରେ ବୁଡ଼ିଗଲେ ୨ ଛାତ୍ରୀ
- ■ ଡୁମେରଚୁଆଁ ଡ୍ୟାମ୍‌ରେ ଭାସିଗଲେ ଯୁବକ
- ■ ନାଳରେ ବୁଡ଼ି ଭଉଣୀଭାଇ ମୃତ

ତିନୋଟି ଭିନ୍ନ ଘଟଣାକ୍ରମେ ବଲାଙ୍ଗୀର ଜିଲା ଦେଓଗାଁ, କଣ୍ଟାବାଞ୍ଜି ଓ ସମ୍ବଲପୁର ଜିଲା ବାମରାରେ ବୁଧବାର ୫ ଜଣଙ୍କ ସଲୀଳ ସମାଧି ହୋଇଛି। ଗାଧୋଇବାକୁ ଯାଇଥିବାବେଳେ ଗାଁ ପୋଖରୀରେ ବୁଡ଼ି ଦୁଇ ନାବାଳିକା ଛାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ଡୁମେରଚୁଆଁ ଡ୍ୟାମ୍‌ରେ ବୁଡ଼ି ଜଣେ ଯୁବକ ମୃତ୍ୟୁବରଣ କରିଛନ୍ତି। ସେହିପରି ଗାଁ ନାଳରେ ବୁଡ଼ି ଭଉଣୀଭାଇଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୁଡ଼ଖାପଲା ପଞ୍ଚାୟତ ଖଗସିକନାର ପ୍ରହ୍ଲାଦ ପୁଟାଙ୍କ ଝିଅ ମେଘା (୮), ଲକ୍ଷ୍ମଣ ଭୋଇଙ୍କ ଝିଅ ଝିଲି (୭), କଣ୍ଟାବାଞ୍ଜି ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ ୧୪ ଡୁମେରଚୁଆଁ ରୋଡ୍ ନିବାସୀ ଗୋବିନ୍ଦ ପାତ୍ରଙ୍କ ପୁଅ ସୁଜିତ ପାତ୍ର (୧୮) ଓ ସମ୍ବଲପୁର ଜିଲା ବାମରା ବ୍ଲକ ତଥା ଗୋବିନ୍ଦପୁର ଥାନା ରଙ୍ଗିଆଟିକ୍ରା ପଞ୍ଚାୟତ କହପାଣି ଗାଁର ରାଜେଶ ଲାକ୍ରାଙ୍କ ପୁଅ ଆୟୁଷ (୭) ଓ ତାଙ୍କ ଭାଣିଜୀ ଲିପ୍ସାପ୍ରିୟା ପୂର୍ତ୍ତି (୯)।

ସୂଚନା ଅନୁଯାୟୀ, ମେଘା ଓ ଝିଲି ପୂର୍ବାହ୍ନ ୧୦ଟାରେ ଧରୁଆପଡ଼ା ନିକଟ ଖଲିଆବନ୍ଧ (ପୋଖରୀ)କୁ ଗାଧୋଇବା ପାଇଁ ଯାଇଥିଲେ। ଅସାବଧାନତାବଶତଃ ଉଭୟ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ଉଭୟଙ୍କୁ ଉଦ୍ଧାର କରିଥିଲା। ସେମାନଙ୍କୁ ତୁଷୁରା ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ତୁଷୁରା ଆଇଆଇସି ପଞ୍ଚାନନ ନାଏକ ଓ ଦେଓଗାଁ ଅତିରିକ୍ତ ତହସିଲଦାର ଟିଙ୍କୁନୁ ପୁଟା ପ୍ରାଥମିକ ତଦନ୍ତ କରିଛନ୍ତି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ତୁଷୁରା ପଠାଇଛି। ଏକ ଅପମୃତ୍ୟୁ ମାମଲା (ନଂ.-୬୭/୧୮) ରୁଜୁକରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ତେବେ କୌଣସି କାରଣରୁ ତୁଷୁରାରେ ଡାକ୍ତର ମୃତଦେହ ବ୍ୟବଚ୍ଛେଦ କରିବାକୁ ମନା କରିବାରୁ ବ୍ୟବଚ୍ଛେଦ ହୋଇପାରି ନ ଥିବା ଥାନାଧିକାରୀ ନାଏକ କହିଛନ୍ତି। ଘଟଣାକୁ ନେଇ ଗାଁରେ ଶୋକର ଛାୟା ଖେଳିଯାଇଛି। ଗ୍ରାମବାସୀ ମୃତ ଛାତ୍ରୀ ଦ୍ୱୟଙ୍କ ପରିବାର ☞ ପୃଷ୍ଠା-୪

### ଆଜିର ସମ୍ପାଦକୀୟ
**ନକଲି ପନିର**

### ଆଜିର ମନ୍ତବ୍ୟ
"ସିବିଆଇରେ ଯେଉଁ ସଙ୍କଟ ସ୍ଥିତି ଉପୁଜିଛି, ତାହା ତଦନ୍ତ ସଂସ୍ଥାର ବିଶ୍ୱସନୀୟତାକୁ ଧୂଳିସାତ୍ କରିଦେଇଛି।"

–ଡି. ରାଜା, ସିପିଆଇ ନେତା


NECC NATIONAL EGG CO-ORDINATION COMMITTEE | 24.10.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 77 | 128 | 138 |
| DKL | 77 | 128 | 138 |
| BDK | 77 | 128 | 138 |
| BLS | 77 | 128 | 138 |
| ANG | 77 | 128 | 138 |

*Conditions Apply

Eggs Retail Price- 48/-Dozen
Issued in the Interest of Consumers





"ସିବିଆଇରେ ସୃଷ୍ଟି ହୋଇଥିବା ଅନ୍ତର୍କନ୍ଦଳ ପାଇଁ କେନ୍ଦ୍ର ଦାୟୀ। ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଅନ୍ୟ ସଂସ୍ଥାଗୁଡ଼ିକରେ ମଧ ସମାନ ପରିସ୍ଥିତି ଦେଖିବାକୁ ମିଳୁଛି।
-ମାୟାବତୀ, ବିଏସ୍‌ପି ସୁପ୍ରିମୋ।

## ସଂକ୍ଷେପରେ

### ଯିଶୁଙ୍କୁ ପାଇବାକୁ ଦେହରେ ପେଟ୍ରୋଲ ଢାଳି ଆତ୍ମହତ୍ୟା କଲେ ମହିଳା

**ଖମ୍ମାମ, ୨୪।୧୦:** ଈଶ୍ୱରଙ୍କ ପ୍ରତି ଅଧିକ ଆସ୍ଥା ଓ ବିଶ୍ୱାସ ରଖି କିଛି ଲୋକ ନିଜର ଜୀବନ ଦେବାକୁ ପଛାନ୍ତି ନାହିଁ। ଏଭଳି ଏକ ଘଟଣା ଘଟିଛି ତେଲେଙ୍ଗାନାର ଖମ୍ମାମ ଜିଲାସ୍ଥିତ ପେଡାଗୋପଥି ଗାଁରେ। ବଙ୍ଗାରାଲା ବୀଣା ନାମକ ଜଣେ ମହିଳା ଈଶ୍ୱର ପ୍ରାପ୍ତି ଉଦ୍ଦେଶ୍ୟରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ମହିଳା ଜଣକ ପେସାରେ ଜଣେ ଆୟୁର୍ବେଦିକ ଡାକ୍ତର। ତାଙ୍କ ପର୍ସ ଭିତରକୁ ଏକ ଚିଠି ମିଳିଛି। ସେ ଏଥିରେ ଲେଖିଛନ୍ତି, ତାଙ୍କୁ ଯିଶୁଖ୍ରୀଷ୍ଟ ଡାକୁଛନ୍ତି। ସେଥିପାଇଁ ସେ ତାଙ୍କ ସହିତ ରହିବାକୁ ଯାଉଛନ୍ତି। ଏହାସହ ଚିଠିରେ ଉଲ୍ଲେଖ କରିଛନ୍ତି ତାଙ୍କ ସ୍ୱାମୀ ଖୁବ୍ ଭଲ। ସେ ପିଲାଙ୍କର ଯତ୍ନ ନେବେ। ବୀଣାଙ୍କ ସ୍ୱାମୀ ବି.ଶିବକୁମାର ହାଇଦ୍ରାବାଦର ଏକ ଫାର୍ମାସୀ କମ୍ପାନୀରେ କାର୍ଯ୍ୟରତ। ବୀଣାଙ୍କୁ ତାଙ୍କର ସହକର୍ମୀମାନେ ହସ୍ପିଟାଲକୁ ଆଣିଥିଲେ। ତେବେ ଏହା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇସାରିଥିଲା ବୋଲି ପୋଲିସ ସୂଚନା ଦେଇଛି।

### ମୁଖ୍ୟ ଶାସନ ସଚିବଙ୍କୁ ନେଇ ଯାଉଥିବା ବୋଟ୍ ବୁଡ଼ିଲା

**ମୁମ୍ବାଇ, ୨୪,୧୦ (ପି.ଟି.):** ମହାରାଷ୍ଟ୍ରର ମୁଖ୍ୟ ଶାସନ ସଚିବ ଡି.କେ. ଜୈନ ଏବଂ କିଛି ବରିଷ୍ଠ ସରକାରୀ ଅଧିକାରୀ ଯାଉଥିବା ଏକ ବୋଟ୍ ବୁଧବାର ମୁମ୍ବାଇ ଉପକୂଳ ଆରବ ସାଗରରେ ଓଲଟି ପଡିଥିଲା। ଏଥିରେ ସିଦ୍ଧେଶ ପାୱାର ନାମକ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ଅନ୍ୟମାନଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରାଯାଇଥିବାର ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ସୂଚନା ଦେଇଛନ୍ତି। ଛତ୍ରପତି ଶିବାଜୀ ମହାରାଜ ମେମୋରିଆଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଥିବାରୁ ପ୍ରଶାସନିକ ଅଧିକାରୀଙ୍କ ସହ ମୁଖ୍ୟ ଶାସନ ସଚିବ ଏବଂ କିଛି ଶ୍ରମିକ ବୋଟ୍ ଯୋଗେ ସେଠାକୁ ଯାଉଥିବା ବେଳେ ପାଣିରେ ଏହା ବୁଡି ଯାଇଥିଲା। ଉଦ୍ଧାର କାର୍ଯ୍ୟରେ ତଟରକ୍ଷୀ ବାହିନୀ ଏବଂ ୨ଟି ହେଲିକପ୍ଟର ନିୟୋଜିତ ହୋଇଥିଲେ।

### କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡ଼ନ : ଅନୁଧ୍ୟାନ କରିବ ମନ୍ତ୍ରୀଗୋଷ୍ଠୀ

ନୂଆଦିଲ୍ଲୀ,୨୪।୧୦(ପି.ଟି.): କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନ ନିରାକରଣ ପାଇଁ ସରକାର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କ ନେତୃତ୍ୱରେ ଏକ ମନ୍ତ୍ରୀଗୋଷ୍ଠୀ ଗଠନ କରିଛନ୍ତି। ଏହା ଯୌନ ଉତ୍ପୀଡନ ସମ୍ପର୍କିତ ଆଇନଗତ ଏବଂ ଆନୁଷ୍ଠାନିକ ବିଧିବ୍ୟବସ୍ଥାକୁ ସୁଦୃଢ଼ କରିବ। ଦେଶରେ ମିଟୁ ଆନ୍ଦୋଳନ ମୁଣ୍ଡ ଟେକିଥିବା ବେଳେ ସରକାର ମନ୍ତ୍ରୀଗୋଷ୍ଠୀ ଗଠନ ଜରୁରୀ ହୋଇପଡିଥିଲା। କାର୍ଯ୍ୟସ୍ଥଳରେ ଯୌନ ନିର୍ଯାତନା ଦିଆଯାଉଥିବା ବିଷୟରେ ଅନେକ ମହିଳା ମୁହଁ ଖୋଲିବା ପରେ ଏହି ଆନ୍ଦୋଳନ ଜୋର ଧରିଛି। ପୂର୍ବତନ ଖବରକାଗଜ ସମ୍ପାଦକ ଏମ୍.ଜେ. ଆକବର ତାଙ୍କର ଜଣେ ସହକର୍ମୀଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ଆସିବା ପରେ ତାଙ୍କୁ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀପଦରୁ ଇସ୍ତଫା ଦେବାକୁ ପଡିଥିଲା।

## ■ ହଟିଲେ ସିବିଆଇର ଦୁଇ ମୁଖିଆ: ତେଜିଲା ରାଜନୀତି

# ରାଫାଲ୍ ପେଡ଼ି ଖୋଲିବାରୁ ଠେଙ୍ଗା

ନୂଆଦିଲ୍ଲୀ,୨୪।୧୦(ପି.ଟି.)



ରାହୁଲ ଗାନ୍ଧୀ



ଡି. ରାଜା



ସୀତାରାମ ୟେଚୁରୀ

ଦେଶର ସର୍ବାଧିକ ଭରସାଯୋଗ୍ୟ ତଦନ୍ତକାରୀ ସଂସ୍ଥା କୁହାଯାଉଥିବା ସିବିଆଇର ନମ୍ବର ୧ ଓ ୨ ଅଧିକାରୀଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଅପ୍ରତ୍ୟାଶିତ ଭାବେ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ତଦନ୍ତ ସଂସ୍ଥାର ଗରିମା ରକ୍ଷା ଲାଗି ବାଧ ହୋଇ କେନ୍ଦ୍ର ସରକାର ଚରମ ନିଷ୍ପତ୍ତି ନେଇଛନ୍ତି। ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଆସ୍ଥାନାଙ୍କୁ ସାମୟିକ ଭାବେ କାର୍ଯ୍ୟରୁ ନିବୃତ୍ତ କରାଯାଇଛି। ଦୁହିଁଙ୍କୁ ବାଧ୍ୟତାମୂଳକ ଛୁଟିରେ ପଠାଇଦେବା ପରେ ବୁଧବାର ଜାତୀୟ ରାଜନୀତି ଜୋର ଧରିଛି। ରାଫାଲ୍ ଦୁର୍ନୀତି ସଂକ୍ରାନ୍ତ ଦସ୍ତାବିଜ ଖୋଜୁଥିବାରୁ ବର୍ମାଙ୍କୁ ଏଭଳି ବଳପୂର୍ବକ କ୍ଷମତାରୁ ହଟାଇଦିଆଯାଇଛି ବୋଲି କଂଗ୍ରେସ କହିଛି। ସେହିପରି ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ ସମାନ ସ୍ୱର ଉଠାଇଛନ୍ତି।

ସିବିଆଇ ଭିତରେ କ୍ଷମତାକୁ ନେଇ ପ୍ରଥମଥର ପାଇଁ ଖୋଲାଖୋଲି କଳି ଚାଲିଥିବାରୁ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କ ଭୂମିକାକୁ ନେଇ ମଧ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ଗୋଟିଏ ପଟେ ନିର୍ବାଚନ ପାଖେଇ ଆସୁଥିବାବେଳେ ଏଭଳି ବିବାଦ ପ୍ରଧାନମନ୍ତ୍ରୀଙ୍କୁ ଅଡୁଆରେ ପକାଇଛି। ଅନ୍ୟ ଉପାୟ ନ ପାଇ ମୋଦିଙ୍କ ନେତୃତ୍ୱାଧୀନ କ୍ୟାବିନେଟ କମିଟି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ବର୍ମା ଓ ଅସ୍ଥାନାଙ୍କୁ କାର୍ଯ୍ୟରୁ ହଟାଇଦେଇଛନ୍ତି। ତେବେ କେନ୍ଦ୍ରର ଏଭଳି ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛି ମୁଖ୍ୟ ବିରୋଧୀ କଂଗ୍ରେସ। ରାଫାଲ୍ ଦୁର୍ନୀତିର ପେଡ଼ି ଖୋଜୁଥିଲେ ପୂର୍ବତନ ସିବିଆଇ ନିର୍ଦ୍ଦେଶକ ବର୍ମା। ତାଙ୍କ ହାତରେ ପ୍ରମାଣ ପଡ଼ିଯାଇଥିଲେ ମୋଦି ସରକାରଙ୍କ ମୁଖା ଖୋଲିଯାଇଥାଆନ୍ତା। ତେଣୁ ଜାଣିଶୁଣି ତାଙ୍କ ବିରୋଧରେ ଲାଞ୍ଚ ଭଳି ସଙ୍ଗିନ ଅଭିଯୋଗ ଆଣି ବାଧ୍ୟତାମୂଳକ ଛୁଟିରେ ପଠାଇଦିଆଯାଇଛି ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଏକ ପାଖିଆ ନିଷ୍ପତ୍ତି ନେଇ ଆଇନ ଉଲ୍ଲଂଘନ କରିବା ସହ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି (ସିଜେଆଇ) ଏବଂ ବିରୋଧୀ ଦଳ ନେତା (ଏଲ୍‌ଓପି)ଙ୍କୁ ବେଖାତିର କରିଛନ୍ତି। ସିବିଆଇ ମୁଖ୍ୟଙ୍କ ନିଯୁକ୍ତି ସଂକ୍ରାନ୍ତ କମିଟିରେ ଏମାନେ ମଧ ସଦସ୍ୟ ଥିଲେ। କିନ୍ତୁ ଏତେବଡ଼ ନିଷ୍ପତ୍ତି ନେବା ପୂର୍ବରୁ ମୋଦି ସେମାନଙ୍କ ମତ ଲୋଡ଼ିଲେ ନାହିଁ ବୋଲି ରାହୁଲ ଅଭିଯୋଗ କରିଛନ୍ତି। ତେବେ ଏନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ କଂଗ୍ରେସ ମୁଖ୍ୟଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଜାଣିଶୁଣି କେନ୍ଦ୍ରୀୟ ଭିଜିଲାନ୍ସ କମିଶନ (ସିଭିସି) କାର୍ଯ୍ୟରେ ବାଧା ଦେଇଥିବାରୁ ଏବଂ ତାଙ୍କ ଡେପୁଟି ଅସ୍ଥାନାଙ୍କ ସହ ବିବାଦ ବଢ଼ିବାରୁ ବର୍ମାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ଏକ ସରକାରୀ ବିବୃତିରେ କୁହାଯାଇଛି।

ସେହିପରି ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ମଧ ଟୁଇଟ୍ ଜରିଆରେ ବୁଧବାର ସରକାରଙ୍କୁ ସମାଲୋଚନା କରିଛନ୍ତି। ସିବିଆଇ ନିର୍ଦ୍ଦେଶକ ଏବଂ ସ୍ୱତନ୍ତ୍ର ନିର୍ଦ୍ଦେଶକଙ୍କ ମଧ୍ୟରେ କଳି ଦେଖି ମୋଦି ଛାନିଆ ହୋଇଯାଇଛନ୍ତି। ପସନ୍ଦର ଅଧିକାରୀଙ୍କୁ ସୁରକ୍ଷା ଦେବା ଲାଗି ସେ ବେଆଇନ ଭାବେ ସିବିଆଇ ମୁଖ୍ୟଙ୍କୁ ହଟାଇଦେଇଛନ୍ତି ବୋଲି ୟେଚୁରୀ ଅଭିଯୋଗ ଆଣିଛନ୍ତି। ସିପିଆଇର ଜାତୀୟ ସମ୍ପାଦକ ଡି.ରାଜା ମଧ ଶାଣିତ ସ୍ୱର ଉଠାଇଛନ୍ତି। ଏବେ ସିବିଆଇରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ତାହା 'ସାମରିକ ବିଦ୍ରୋହ' ସଙ୍ଗେ ସମାନ। ଏହା ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଛି। ସରକାରର ମୁଖ୍ୟ ଭାବେ ପ୍ରଧାନମନ୍ତ୍ରୀ ମୋଦି ଲୋକଙ୍କୁ ଏ ସମ୍ପର୍କରେ ସତକଥା କୁହନ୍ତୁ। କାହିଁକି ନା ପ୍ରଧାନମନ୍ତ୍ରୀଙ୍କ ନାକ ତଳେ ସବୁକିଛି ଘଟୁଛି ବୋଲି ରାଜା କହିଛନ୍ତି। ରାଫାଲ ଦୁର୍ନୀତି ସହ ସଦ୍ୟ ବିବାଦର ସମ୍ପୃକ୍ତି ରହିଥିବା କୁହାଯାଉଛି। ଏହା କେତେଦୂର ସତ ଅବା ମିଛ, ତାହା ପ୍ରଧାନମନ୍ତ୍ରୀ ସ୍ପଷ୍ଟ କରିବା ଉଚିତ ବୋଲି ରାଜା କହିଛନ୍ତି।

**କେନ୍ଦ୍ରକୁ ବିରୋଧୀଙ୍କ ଭର୍ତ୍ସନା**

- ■ସିଜେଆଇ, ଏଲ୍‌ଓପିଙ୍କୁ ବେଖାତିର କରିଛନ୍ତି ସରକାର: ରାହୁଲ
- ■ବର୍ମା, ଅସ୍ଥାନାଙ୍କ କଳି ମୋଦିଙ୍କୁ କରିଛି ଛାନିଆ: ୟେଚୁରୀ
- ■ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ସତ କୁହନ୍ତୁ: ରାଜା

### ସିବିଆଇରେ ବ୍ୟାପକ ଅଦଳବଦଳ



**ନୂଆଦିଲ୍ଲୀ,୨୪।୧୦(ପି.ଟି.):** ସିବିଆଇର ନୂଆ କାମଚଳା ନିର୍ଦ୍ଦେଶକ ଭାବେ ଏମ୍. ନାଗେଶ୍ୱର ରାଓ ଦାୟିତ୍ୱ ଗ୍ରହଣ କରିବା ପରେ ତଦନ୍ତ ସଂସ୍ଥାରେ ବ୍ୟାପକ ଅଦଳବଦଳ କରିଛନ୍ତି। ମୁଖ୍ୟତଃ ଆଲୋକ ବର୍ମା ଓ ଅସ୍ଥାନାଙ୍କ ସହ ଘନିଷ୍ଠ ଥିବା ଅଧିକାରୀଙ୍କୁ ସେ ଅନ୍ୟତ୍ର ବଦଳି କରିଦେଇଛନ୍ତି।

ପୂର୍ବତନ ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନାଙ୍କ ବିରୋଧରେ ଥିବା ଦୁର୍ନୀତି ମାମଲାର ତଦନ୍ତ ଲାଗି ସେ ମଧ ସାନି ଟିମ୍ ଗଠନ କରିଛନ୍ତି, ଯେଉଁଥିରେ ନୂଆ ଚେହେରା ସାମିଲ ହୋଇଛନ୍ତି। ସାନି ଟିମ୍‌ରେ ଏସ୍‌ପି ସତୀଶ ଡାଗର ଏବଂ ଡିଆଇଜି ତରୁଣ ଗୌବା ସାମିଲ ଅଛନ୍ତି। ଏମାନେ ତଦନ୍ତ କରିବା ପରେ ଯୁଗ୍ମ ନିର୍ଦ୍ଦେଶକ ଭି. ମୁରୁଗେଶେନ୍‌ଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି ସିବିଆଇ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଅସ୍ଥାନାଙ୍କ ବିରୋଧରେ ପୂର୍ବରୁ ତଦନ୍ତ କରୁଥିବା ଏ.କେ. ବାସିଙ୍କୁ ତ୍ୱରିତ୍ ନ୍ୟାୟରେ ପୋର୍ଟ ବ୍ଲେୟାରକୁ ବଦଳି କରିଦିଆଯାଇଛି। ତାଙ୍କ ରିପୋର୍ଟିଂ ଅଫିସର ତଥା ଅତିରିକ୍ତ ଏସ୍‌ପି ଏସ.ଏସ୍. ଗୁର୍ମଙ୍କୁ ଜବଲପୁର ଏବଂ ସୁପରଭାଇଜର ଡିଆଇଜି ଏମ୍.କେ. ସିହ୍ନାଙ୍କୁ ନାଗପୁର ପଠାଇଦେଇଛନ୍ତି ରାଓ।

# ୨ ଆତଙ୍କବାଦୀ ନିହତ

ଶ୍ରୀନଗର,୨୪।୧୦(ପି.ଟି.)

ଜମ୍ମୁ-କଶ୍ମୀରର ଗ୍ରୀଷ୍ମ ରାଜଧାନୀ ଶ୍ରୀନଗରର ନୌଗାମ୍ ଅଞ୍ଚଳରେ ବୁଧବାର ବଡ଼ଧରଣର ଏନ୍‌କାଉଣ୍ଟର ଘଟି ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ସେମାନେ ହେଉଛନ୍ତି ସାବ୍‌ଜାର ଅହମଦ ସୋଫି ଏବଂ ଅସିଫ୍ ଅହମଦ। ଦୁହେଁ ହିଜବୁଲ ମୁଜାହିଦ୍ଦିନ୍‌ର ସଦସ୍ୟ ଥିଲେ। ସୋଫି ଏମ୍.ଫିଲ୍ ଡିଗ୍ରୀ ହାସଲ କରିଥିବା ପୋଲିସ ସୂଚନା ଦେଇଛି।

ନୌଗାମ୍‌ର ସୁଥୁ କୋଥାଇର ଅଞ୍ଚଳରେ ଆତଙ୍କବାଦୀମାନେ ଲୁଚିରହିଥିବା ସୂଚନା ମିଳିଥିଲା। ବୁଧବାର ସକାଳେ ପୋଲିସ ଏବଂ ସିଆର୍‌ପିଏଫ୍‌ର ମିଳିତ ଟିମ୍ ସେଠାରେ ଘେରାବନ୍ଦୀ କରି ତଲାସି ଅଭିଯାନ ଚଳାଇଥିଲେ। ଏତିକିବେଳେ ଆତଙ୍କବାଦୀମାନେ ଗୁଳିମାଡ଼ ଆରମ୍ଭ କରିଦେଇଥିଲେ। ଉଭୟ ପଟୁ ଘମାଘୋଟ ଗୁଳି ବିନିମୟ ହେବା ପରେ ସୋଫି ଏବଂ ଅସିଫ୍ ଟଳିପଡ଼ିଥିଲେ। ଏନ୍‌କାଉଣ୍ଟରସ୍ଥଳରୁ ଅନେକ ଅସ୍ତ୍ର ଜବତ କରାଯାଇଛି। ଏନ୍‌କାଉଣ୍ଟର ଶେଷ ହେବା ପରେ ସ୍ଥାନୀୟ ଲୋକ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ପୋଲିସ ଓ ଅର୍ଦ୍ଧସାମରିକ ବାହିନୀ ଯବାନଙ୍କ ଉପରକୁ ଉତ୍ତ୍ୟକ୍ତ ଲୋକେ ଟେକାମାଡ଼ କରିଥିଲେ।

**ହିଜବୁଲ ସଦସ୍ୟ ସୋଫି ଥିଲେ ଏମ୍.ଫିଲ୍ ଡିଗ୍ରୀଧାରୀ**



କଶ୍ମୀରରେ ଉଚ୍ଚ ଶିକ୍ଷିତମାନେ ଆତଙ୍କବାଦୀ ସାଜିବା ଏକ ଟ୍ରେଣ୍ଡ ପାଲଟିଗଲାଣି। ନିହତ ଆତଙ୍କବାଦୀ ସୋଫି ମଧ ନୂଆଦିଲ୍ଲୀସ୍ଥିତ ଜାମିଆ ମିଲ୍ଲିଆ ଇସ୍‌ଲାମିଆରେ ବଟାନିରେ ଏମ୍.ଫିଲ୍ ପଢୁଥିଲେ। କିନ୍ତୁ ପାଠପଢ଼ାକୁ ଡୋରି ଲଗାଇ ସେ ସାଜିଲେ ଆତଙ୍କବାଦୀ। ୨୦୧୬ରେ ହିଜବୁଲ କମାଣ୍ଡର ବୁର୍‌ହାନ୍ ୱାନି ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ନିହତ ହେବା ପରେ ସେ ଆତଙ୍କବାଦୀ ସଙ୍ଗଠନରେ ସାମିଲ ହୋଇଥିବା ଜଣାପଡ଼ିଛି। ନିକଟରେ ଏଏମ୍‌ୟୁରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଥିବା ମନାନ୍ ବଶିର ୱାନି ମଧ ନିହତ ହୋଇଥିଲେ।

# ମୋଦିଙ୍କୁ ସିଓଲ ଶାନ୍ତି ପୁରସ୍କାର

ନୂଆଦିଲ୍ଲୀ,୨୪।୧୦(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କରାଯିବ ସିଓଲ ଶାନ୍ତି ପୁରସ୍କାର ୨୦୧୮। ଅନ୍ତର୍ଜାତୀୟ ସ୍ତରରେ ସହଯୋଗ, ବିଶ୍ୱ ଆର୍ଥିକ ବିକାଶକୁ ପ୍ରୋତ୍ସାହନ, ବିଶ୍ୱଶାନ୍ତି, ମାନବ ବିକାଶରେ ସୁଧାର, ଭାରତରେ ଲୋକତନ୍ତ୍ରକୁ ସୁଦୃଢ଼ କରିବା ଆଦି ଦିଗରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟପାଇଁ ଏହି ପୁରସ୍କାର ଦିଆଯିବ। ଏ ସମ୍ପର୍କରେ ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରବୀଶ କୁମାର ଟ୍ୱିଟ୍ କରି ବୁଧବାର ସୂଚନା ଦେଇଛନ୍ତି। ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ମିଳୁଥିବାରୁ ମୋଦି ଧନ୍ୟବାଦ ଜଣାଇଛନ୍ତି। ସେ ହେଉଛନ୍ତି ଚତୁର୍ଦ୍ଦଶ ବିଶିଷ୍ଟ ବ୍ୟକ୍ତି ଯାହାଙ୍କୁ ଏହି ପୁରସ୍କର ପ୍ରଦାନ କରାଯିବ। ୧୯୯୦ରେ ସିଓଲରେ ଅନୁଷ୍ଠିତ ୨୪ତମ ଅଲିମ୍ପିକରେ ସଫଳତା ପାଇବା ପରେ ସିଓଲ ଶାନ୍ତି ପୁରସ୍କାର ଆରମ୍ଭ କରାଯାଇଥିଲା। ମୋଦିଙ୍କ ପୂର୍ବରୁ ଏହି ପୁରସ୍କାର ଜାତିସଂଘର ପୂର୍ବତନ ମହାସଚିବ କୋଫି ଅନାନ୍ , ଜର୍ମାନ ଚାନ୍‌ସେଲର ଆଞ୍ଜେଲା ମର୍କେଲଙ୍କ ସହ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷଙ୍କୁ ମଧ ପ୍ରଦାନ କରାଯାଇ ସାରିଛି।

## ଫୁର୍‌ସତ

### ପୋଲିସ କୁକୁର ପିଠିରେ କ୍ୟାମେରା

**ମିଲ୍‌ୱକି(ଆମେରିକା):** ପୋଲିସ କୁକୁର ଆଖିରେ ଦେଖି ଏବଂ ଘ୍ରାଣଶକ୍ତି ବଳରେ ବିସ୍ଫୋରକ ପଦାର୍ଥ, ସନ୍ଦିଗ୍ଧ ଓ ନିଖୋଜ ବ୍ୟକ୍ତିଙ୍କୁ ଠାବ କରିବାକୁ ସମର୍ଥ ହୋଇଥାଏ। କିନ୍ତୁ ଆମେରିକାର ୱିକନ୍‌ସିନ୍ ରାଜ୍ୟର ମିଲ୍‌ୱକି ନଗରୀ ପୋଲିସ କୁକୁରଙ୍କ ଦେହରେ କ୍ୟାମେରା ଖଞ୍ଜି ଘଟଣାସ୍ଥଳର ଲାଇଭ୍ ଭିଡିଓ ଦେଖିବାକୁ ସମର୍ଥ ହୋଇପାରୁଛନ୍ତି। ଏହି କ୍ୟାମେରା କୁକୁରଙ୍କ ପିଠିରେ କିମ୍ବା ବେକରେ ଖଞ୍ଜିଦିଆଯାଏ। ଘଟଣାସ୍ଥଳର ବାସ୍ତବ ଚିତ୍ର ପାଇବା ପାଇଁ ଏପରି କୌଶଳ ଅବଲମ୍ବନ କରାଯାଇଛି। ସଶସ୍ତ୍ର ସଂଗ୍ରାମ ବେଳେ ଘଟଣାସ୍ଥଳକୁ କୌଣସି ବ୍ୟକ୍ତି ଯିବା ବିପଦପୂର୍ଣ୍ଣ। କିଛି ଦୂରରୁ କୁକୁର କ୍ୟାମେରା ଦ୍ୱାରା ଘଟଣାବଳୀର ସିଧା ପ୍ରସାରଣକୁ ଦେଖି ପ୍ରତିକାର ବ୍ୟବସ୍ଥା କରାଯାଇ ପାରିବ। ଏହାକୁ ମଧ ପ୍ରମାଣ ଭାବରେ ଅଦାଲତରେ ମଧ ଉପସ୍ଥାପନ କରାଯାଇ ପାରିବ।



# ଭାରତର ପ୍ରଥମ ଇଞ୍ଜିନବିହୀନ ଟ୍ରେନ୍

**ଚେନ୍ନାଇ:** ଦେଶର ପ୍ରଥମ ଇଞ୍ଜିନ୍‌ବିହୀନ ଟ୍ରେନ୍ ଅକ୍ଟୋବର ୨୯ରେ ଅନାବରଣ ହେବାକୁ ଯାଉଛି। 'ଟ୍ରେନ୍ ୧୮' ନାମକ ଏହି ସ୍ୱତନ୍ତ୍ର ଟ୍ରେନ୍ ଦୀର୍ଘ ୩୦ବର୍ଷର ଶତାବ୍ଦୀ ଏକ୍ସପ୍ରେସ୍‌ର ଉତ୍ତରାଧିକାରୀ ହେବ ବୋଲି ବିବେଚନା କରାଯାଉଛି। ସେଲ୍‌ଫ୍-ପ୍ରପଲ୍‌ସନ୍ ମୋଡ୍ୟୁଲ୍ ଦ୍ୱାରା ଚାଳିତ ଏହି ନିଆରା ଲୋକୋମୋଟିଭ୍ ପ୍ରତି ଘଣ୍ଟାରେ ୧୬୦କିଲୋମିଟର ବେଗରେ ଗତି କରିବ। ଆଧୁନିକ ବୈଷୟିକ ବ୍ୟବସ୍ଥା ଅନୁଯାୟୀ ଏହାର ଗତିକୁ ତ୍ୱରାନ୍ୱିତ କରାଯାଇପାରିବ। ୧୬ ବଗି ବିଶିଷ୍ଟ ଏହି ଟ୍ରେନ୍‌ରେ ଆଦୌ ଇଞ୍ଜିନ୍ ସଂଲଗ୍ନ ହୋଇନାହିଁ। ପ୍ରତି ବଗି ତଳେ ଖଞ୍ଜାଯାଇଥିବା ସ୍ୱୟଂଚାଳିତ ମୋଟର ଦ୍ୱାରା ଏହା ଚଳାଚଳ କରିବ। ଶତାବ୍ଦୀ ଏକ୍ସପ୍ରେସ୍ ତୁଳନାରେ ଏଥିରେ ଯାତ୍ରା କରିବାର ସମୟ ୧୫% ହ୍ରାସ ପାଇବ। ଚେନ୍ନାଇର ଇଣ୍ଟିଗ୍ରାଲ୍ କୋଚ ଫ୍ୟାକ୍ଟ୍ରି(ଆଇସିଏଫ୍)ରେ ୧୮ମାସ ମଧ୍ୟରେ ଏହାର ବିକାଶ କରାଯାଇଛି। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଏହି ଟ୍ରେନ୍‌ର ଡିଜାଇନ୍ ଏଭଳି କରାଯାଇଛି, ଯଦ୍ୱାରା ଯାତ୍ରୀମାନେ ଡ୍ରାଇଭର କ୍ୟାବିନ୍‌କୁ ଦେଖିପାରିବେ। ଏହାକୁ ନିର୍ମାଣ କରିବାରେ ୧୦୦କୋଟି ଟଙ୍କା ବ୍ୟୟ ହୋଇଥିବା ଆଇସିଏଫ୍ ଜେନେରାଲ ମ୍ୟାନେଜର ସୁଧାଂଶୁ ମଣି ପ୍ରକାଶ କରିଛନ୍ତି।



ଅକ୍ଟୋବର ୨୯ରେ ଏହାର ପରୀକ୍ଷାମୂଳକ ଚଳାଚଳ ଆରମ୍ଭ ହେବ। ୩ରୁ ୪ ଦିନ ପର୍ଯ୍ୟନ୍ତ ଏହାକୁ ଟ୍ରାକ୍‌ରେ ଗଡାଯିବ। ଟ୍ରେନ୍ ୧୮ରେ ବିଚ୍ଛୁରିତ ଆଲୋକ ବ୍ୟବସ୍ଥା, ସ୍ୱୟଂଚାଳିତ ଡୋର ଏବଂ ଫୁଟଷ୍ଟେପ୍ ବ୍ୟତୀତ ଜିପିଏସ୍ ଭିତ୍ତିକ ଯାତ୍ରୀ ସୂଚନା ବ୍ୟବସ୍ଥା ରହିଛି।

୧୯୮୮ରେ ଶତାବ୍ଦୀ ଏକ୍ସପ୍ରେସ ଚଳାଚଳ ଆରମ୍ଭ ହୋଇଥିଲା। ଏହା ବର୍ତ୍ତମାନ ୨୦ଟି ରୁଟ୍‌ରେ ଚଳାଚଳ କରି ଦେଶର ବିଭିନ୍ନ ମୁଖ୍ୟ ନଗରୀ ଏବଂ ମେଟ୍ରୋ ସହରକୁ ସଂଯୋଗ କରୁଛି।

### [ଇତିହାସର ଆଇନାରେ]

### ଅକ୍ଟୋବର ୨୫ର ପ୍ରମୁଖ ଘଟଣା

୧୯୭୩ ଅକ୍ଟୋବର ୨୫ରେ ୟୋମ କିପ୍ପୁର ଯୁଦ୍ଧ ଔପଚାରିକ ଭାବରେ ଶେଷ ହେବା ନେଇ ଘୋଷଣା କରାଯାଇଥିଲା। ଏହାକୁ ରମଦାନ୍ ୱାର ବା ଅକ୍ଟୋବର ୱାର ବୋଲି ଜଣାଯାଏ। ଆରବ-ଇସ୍ରାଏଲ ମଧ୍ୟରେ ଏହା ଅକ୍ଟୋବର ୬ରୁ ୨୫ ମଧ୍ୟରେ ହୋଇଥିଲା। ଆରବ ନେତୃତ୍ୱରେ ଇଜିପ୍ଟ ଏବଂ ସିରିଆ ଇସ୍ରାଏଲ ବିରୋଧରେ ଯୁଦ୍ଧ କରିଥିଲେ। ଏହା ପୂର୍ବରୁ ୧୯୬୭ରେ ହୋଇଥିବା ଯୁଦ୍ଧ ପ୍ରାୟ ୬୦ ଦିନ ଧରି ଚାଲିଥିଲା।

୨୦୦୯ ଅକ୍ଟୋବର ୨୫ରେ ଇରାକର ରାଜଧାନୀ ବାଗଦାଦ୍‌ରେ ବିସ୍ଫୋରଣ ଘଟି ୧୫୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୭୨୧ ଆହତ ହୋଇଥିଲେ। ସ୍ଥାନୀୟ ସମୟ ସକାଳ ସାଢେ ୧୦ଟାରେ ଦୁଇଟି ଆତ୍ମଘାତୀ ବିସ୍ଫୋରଣ ହୋଇଥିଲା। ପ୍ରଥମ ବିସ୍ଫୋରଣ କାରରେ ଏବଂ ଦ୍ୱିତୀୟଟି ଏକ ବସ୍‌ରେ ହୋଇଥିଲା। ନ୍ୟାୟ ମନ୍ତ୍ରଣାଳୟରର ବିଲ୍ଡିଂକୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ଅଳ୍ପ କେତେକ ଅଞ୍ଚଳରେ ବର୍ଷା ହେବାର ସମ୍ଭାବନା ରହିଛି ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି।

ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୪ | ୨୧.୪ |
| ଚାନ୍ଦବାଲି | ୩୧.୭ | ୨୪.୧ |
| କଟକ | ୩୧.୮ | ୨୨.୦ |
| ପାରାଦ୍ୱୀପ | ୩୩.୦ | ୨୪.୪ |
| ଭୁବନେଶ୍ୱର | ୩୩.୭ | ୨୨.୫ |
| ଗୋପାଳପୁର | ୩୩.୯ | ୨୩.୪ |
| ପୁରୀ | ୩୩.୦ | ୨୫.୨ |
| ଅନୁଗୋଳ | ୩୩.୧ | ୧୯.୬ |
| ବାରିପଦା | ୩୦.୦ | ୨୨.୮ |
| ଝାରସୁଗୁଡ଼ା | ୩୩.୫ | ୨୦.୬ |
| କେନ୍ଦୁଝର | ୨୯.୮ | ୧୯.୨ |
| ସମ୍ବଲପୁର | ୩୪.୫ | ୨୧.୩ |
| ସୁନ୍ଦରଗଡ଼ | --- | --- |
| ହୀରାକୁଦ | ୩୩.୯ | ୨୧.୫ |
| ତାଳଚେର | --- | ୨୦.୭ |
| ଭବାନୀପାଟଣା | ୩୨.୦ | ୨୦.୫ |
| ବଲାଙ୍ଗୀର | ୩୩.୮ | ୨୧.୯ |
| କୋରାପୁଟ | ୩୦.୪ | ୧୯.୬ |
| ଫୁଲବାଣୀ | ୩୧.୫ | ୧୮.୨ |
| ଟିଟିଲାଗଡ଼ | ୩୪.୫ | ୨୦.୫ |
| ମାଲକାନଗିରି | ୩୫.୨ | --- |
| ସୋନପୁର | ୩୩.୮ | ୨୦.୪ |
| ଦାରିଙ୍ଗିବାଡ଼ି | ୨୯.୦ | ୧୭.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଦିନକରେ ଦୁଇଟି ଫିଲ୍ମ ରିଲିଜ୍ ପାଇଁ ନାମଦେବ ଉତ୍ସାହିତ



**ମୁମ୍ବାଇ:** ଗୋଟିଏ ଦିନରେ ନିଜ ଅଭିନୀତ ଦୁଇଟି ଫିଲ୍ମ ରିଲିଜ ହେଉଥିବାରୁ ବିଶିଷ୍ଟ ଅଭିନେତା ଗୋବିନ୍ଦ ନାମଦେବ ବେଶ୍ ଉତ୍ସାହିତ ଅଛନ୍ତି। ତାଙ୍କ ଅଭିନୀତ 'ଦଶହରା' ଏବଂ 'କାଶୀ ଇନ୍ ସର୍ଚ୍ଚ ଅଫ୍ ଗଙ୍ଗା' ଅକ୍ଟୋବର ୨୬ (ଶୁକ୍ରବାର)ରେ ରିଲିଜ ହେବାକୁ ଯାଉଛି। ସେ ଏକ ବିବୃତିରେ କହନ୍ତି, ମୋ ଅଭିନୟ ଜୀବନରେ ପ୍ରଥମଥର ପାଇଁ ଦୁଇଟି ଫିଲ୍ମ ଗୋଟିଏ ଦିନରେ ରିଲିଜ୍ ହେଉଥିବାରୁ ଖୁବ୍ ଖୁସି। ଏହି ଦୁଇଟି ଫିଲ୍ମ ସମ୍ପୂର୍ଣ୍ଣ ଭିନ୍ନ। ତେଣୁ ଦର୍ଶକମାନେ ଏହାକୁ ଭଲ ଭାବରେ ଉପଭୋଗ କରିବାର ସୁଯୋଗ ପାଇବେ ବୋଲି ମୁଁ ନିଶ୍ଚିତ। 'ଦଶହରା।' ଫିଲ୍ମ ଖୁବ୍ ରୋମାଞ୍ଚକର। ଏଥିରେ ନୀଲ୍ ନୀତୀନ୍ ମୁକେଶ ଅଭିନୟ କରିଛନ୍ତି। 'କାଶୀ ଇନ୍ ସର୍ଚ୍ଚ ଅଫ୍ ଗଙ୍ଗା'ରେ ମଧ ତାଙ୍କ ସହ ଅଭିନୟ କରିଛନ୍ତି ଶ୍ରମଣ ଜୋଷୀ। ଏହା ରୋମାଞ୍ଚକର ଏବଂ ଏଥିରେ ସସ୍‌ପେନ୍ସ ରହିଛି। ନାମଦେବ 'ସତ୍ୟ', 'ଜନୀ ଗଦ୍ଦାର', 'ୱାଣ୍ଟେଡ୍' ଏବଂ 'ସିଂହମ୍' ଭଳି ଫିଲ୍ମରେ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

### ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




# ଅଭିଜିତଙ୍କୁ ୪ଦିନ ରିମାଣ୍ଡରେ ନେବ କୋଣାର୍କ ପୋଲିସ

## ■ ଅନୁମତି ଦେଲେ ଭୁବନେଶ୍ୱର ଏସ୍‌ଡିଜେଏମ୍

ଭୁବନେଶ୍ୱର, ୨୪।୧୦(ବ୍ୟୁରୋ)

ଓଡ଼ିଶା, କୋଣାର୍କ ସୂର୍ଯ୍ୟମନ୍ଦିର, ଶ୍ରୀମନ୍ଦିର ଏବଂ ଓଡ଼ିଶାର ବିଧାୟକମାନଙ୍କ ସମ୍ପର୍କରେ ଅରୁଚିକର ମନ୍ତବ୍ୟ ଦେଇ ଗିରଫ ହୋଇଥିବା ସାମ୍ବାଦିକ ଅଭିଜିତ ଆୟର ମିତ୍ରଙ୍କୁ ରିମାଣ୍ଡରେ ନେବା ଲାଗି କୋଣାର୍କ ପୋଲିସକୁ ଅନୁମତି ମିଳିଛି। ଏହି ପ୍ରସଙ୍ଗରେ କୋଣାର୍କ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ତାଙ୍କୁ ଗୁରୁବାରଠାରୁ ରିମାଣ୍ଡରେ ନେଇ ପଚରାଉଚରା କରିବ। ଗତ ମଙ୍ଗଳବାର ଅଭିଜିତ ବିଧାନସଭା ଗୃହ କମିଟିରେ ହାଜର ହେବା ପରେ ଶହୀଦନଗର ପୋଲିସ ତାଙ୍କୁ ଗିରଫ କରିଥିଲା। ପରେ ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଏହି ସମୟରେ କୋଣାର୍କ ପୋଲିସ ପକ୍ଷରୁ ଅଭିଜିତଙ୍କୁ ୭ଦିନିଆ ରିମାଣ୍ଡରେ ନେବା ଲାଗି କୋର୍ଟରେ ଆବେଦନ କରାଯାଇଥିଲା। କୋର୍ଟ ଅଭିଜିତଙ୍କୁ ୪ଦିନ ରିମାଣ୍ଡରେ ନେବାକୁ କୋଣାର୍କ ପୋଲିସକୁ ଅନୁମତି ଦେଇଛନ୍ତି। ଅନ୍ୟପଟେ ଅଭିଜିତ ଟୁଇଟର୍‌ରେ ଯେଉଁସବୁ ପୋଷ୍ଟ କରିଥିଲେ ତାହାର ସବିଶେଷ ତଥ୍ୟ ପ୍ରଦାନ କରିବା ଲାଗି ଶହୀଦନଗର ପୋଲିସ ପକ୍ଷରୁ ଟୁଇଟର କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।

ଅନ୍ୟପଟେ ଗତ ମଙ୍ଗଳବାର ଅଭିଜିତଙ୍କ ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା। କୋର୍ଟରୁ ତାଙ୍କୁ ଝାରପଡ଼ା ସ୍ୱତନ୍ତ୍ର କାରାଗାରକୁ ନିଆଯାଇଥିଲା। ସେଠାରେ ତାଙ୍କୁ ସାଧାରଣ ବିଚାର ବିଭାଗୀୟ କଏଦୀଙ୍କ ସହ ରହିବା ଲାଗି ୧୮ ନମ୍ବର ସେଲରେ ରଖାଯାଇଥିଲା। ପରେ ସୁରକ୍ଷା ଦୃଷ୍ଟିକୋଣରୁ ତାଙ୍କୁ ୧୧ ନମ୍ବର ସେଲକୁ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ସେଲ୍‌ରେ ସେ ଅନ୍ୟ ୨ କଏଦୀଙ୍କ ସହ ରହିଥିଲେ। କିନ୍ତୁ ଜେଲ୍‌ରେ ରାତ୍ର ଭୋଜନ ଗ୍ରହଣ କରି ନ ଥିଲେ।

# ଡେବ୍ରିଗଡ଼ରେ ମାଓବାଦୀ ପ୍ରଚାରପତ୍ର


भारत की कम्यूनिस्ट पार्टी ( माओवादी )
महासमुंद एरिया कमेटी
प्रेस वक्तव्य

12 पहाड ( डेब्रिगड़ ) अभ्यारण्य को विरोध करें।
जानवरों को पाल ने का नाम से जनता को जन्म मट्टी से विस्थापन करने का खिलाफ संघर्ष करें।।
जल - जंगल - जमीन के ऊपर हक अधिकार के लिए लडिए।।।

क्रांतिकारी अभिवंदन के साथ साथ
दिनेश
सचीव
महासमुंद एरिया कमेटी
भारत की कम्यूनिस्ट पार्टी ( माओवादी )

ବାରପାହାଡ଼ ଅଞ୍ଚଳରେ ବଣ୍ଟାଯାଇଥିବା ମାଓବାଦୀ ପ୍ରଚାରପତ୍ର।

ଅମ୍ବାଭୋନା,୨୪।୧୦(ଡି.ଏନ୍.ଏ.)

ଦୀର୍ଘଦିନର ନୀରବତା ପରେ ବରଗଡ଼ ଜିଲା ଅମ୍ବାଭୋନା ଥାନା ଅଧୀନ ବାରପାହାଡ଼ ଜଙ୍ଗଲ ପରିବେଷ୍ଟିତ ମୁଣ୍ଡାବାହାଲ, ଡେବ୍ରିଗଡ଼, ଝଗଡ଼ା ବେହେରା, ଅଲେଖପୁର ଆଦି ଗ୍ରାମରେ ପୁଣି ମାଓବାଦୀଙ୍କ ଗତିବିଧି ପରିଲକ୍ଷିତ ହୋଇଛି। ମାଓବାଦୀମାନେ ଏହିସବୁ ଅଞ୍ଚଳରେ ପ୍ରଚାରପତ୍ର ବଣ୍ଟନ କରିଥିବା ଜଣାପଡ଼ିଛି। ସିପିଆଇ ମାଓବାଦୀ ମହାସମୁନ୍ଦ ଏରିଆ କମିଟି ପକ୍ଷରୁ ସଚିବ ଦୀନେଶଙ୍କ ନାମ ଉଲ୍ଲେଖ ଥାଇ ଏହି ପ୍ରଚାରପତ୍ର ବଣ୍ଟାଯାଇଛି।

### ଅଭୟାରଣ୍ୟ ଘୋଷଣା, ବିସ୍ଥାପନକୁ ବିରୋଧ

ବାରପାହାଡ଼ ଡେବ୍ରିଗଡ଼କୁ ଅଭୟାରଣ୍ୟ ଘୋଷଣାକୁ ବିରୋଧ ଓ ଜଳ, ଜଙ୍ଗଲ, ଜମି ଉପରେ ଅଧିକାର ସାବ୍ୟସ୍ତ, ବନ୍ୟଜନ୍ତୁ ସଂରକ୍ଷଣ ନାମରେ ଲୋକଙ୍କୁ ଜନ୍ମମାଟିରୁ ବିସ୍ଥାପନ କରିବା ବିରୋଧରେ ସଂଘର୍ଷ ଜାରିରଖିବାକୁ ଏଥିରେ ଆହ୍ୱାନ ଦିଆଯାଇଛି। ତେବେ ମାଓବାଦୀମାନେ ବାରପାହାଡ଼ ଜଙ୍ଗଲ ଅଞ୍ଚଳରେ ପ୍ରଚାରପତ୍ର ବାଣ୍ଟିବା ନେଇ ସ୍ଥାନୀୟ ପୋଲିସର ମତାମତ ଲୋଡ଼ାଯାଇଥିଲେ ମଧ୍ୟ ସେମାନେ ଏ ବାବଦରେ କିଛି କହିବାକୁ ମନା କରିଦେଇଥିଲେ।










Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com

#Finance scheme available with select financiers at their sole discretion. Up to 95% finance as per financier policy and subject to income documentation of customer. Saving has been calculated on finance scheme and depends on specific loan amount, tenure and Rate of interest against general scheme available in the market. Scheme is available for limited time period only and can be withdrawn from market without any prior notice. Accessories shown in the picture are not a part of the standard equipment. Product shown in the picture may vary from actual product available in market. **Conditions apply.

BEST DEAL HONDA Buy. Sell. Exchange
ALWAYS WEAR HELMET WHILE RIDING
Also available: Annual Maintenance Contract** Road Side Assistance** Engine Health Assurance**
Follow us on

**Honda Exclusive Authorized Dealerships: ATTABIRA:** TS Motors - 06682-221001, 9178653139, T.S. Honda - 9178653139, 9438771477; **BARGARH:** Aashirbad Honda - 06646-246066, 9438024339; **BARPALI:** Abhishek Honda - 9437056675; **BELPAHAR:** Bharat Honda - 8018157547; **BHAWANIPATNA:** Mahesh Honda - 9437938985, 06670-235633; **BOLANGIR:** Amarnath Honda - 06652-233155, 8895258555; **BRAJRAJNAGAR:** JaiswaL Honda - 977747788; **JHARSUGUDA:** Gajraj Honda - 9337645411; **JUNAGARH:** Jaga Janani Honda - 9583794900; **KHARIAR ROAD (NUAPADA):** Ambika Honda - 06678-222949, 9737643030; **KUCHINDA:** Krishna Honda - 06642-220346, 7894277470; **PADAMPUR:** Bindhyabasini Honda - 9437051078, 9937788078; **RAJGANGPUR:** Naisha Honda - 7008614081, 06624220051; **RAJKHARIAR:** Shree Shyamji Honda- 9178999997; **RENGALI:** BP Honda - 7377777362; **ROURKELA:** Koshala Honda - 0661-3290770, 9337749281; Harsheel Honda - 9337408180, 0661-2665533; **SAMBALPUR:** Jas Honda - 0663-2115817, 9238364199; **SONEPUR:** Meher Honda - 09937771704, 06654220200; **SUNDARGARH:** MaaSamaleswari Honda - 9938198641, 8984873500; **TITLAGARH:** Tanishta Honda - 09437037314.

**For Bulk/Institutional enquiries, please write us at: institutionalsales@honda2wheelersindia.com**



ଇହ ଜନ୍ମରେ ଯେତେଦୂର ସାଧନ କରାଯାଇଥାଏ, ତାହା ପରଜନ୍ମରେ ସଂସ୍କାର ଭାବରେ ପରିଣତ ହୋଇ ଉନ୍ନତିର ମାର୍ଗ ଉନ୍ମୁକ୍ତ କରିଦିଏ।

- ଗୀତା



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରିଶୁ
ପରିବାରବର୍ଗ



ସର୍ବଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



### SALE

JCB Machine Excavators 22T, 20T, 12T, 10T, 8T & loader- 2dX, 3dX, JCB Compactor, JCB loadall available for sale and hire. Contact immediately: 9556240228, 9937292015. email: kttbbsr@gmail.com. D-9047

Indigo, Verito, Innova, Tata ACE, Maximo Dala passenger, Swift Dzire, Bolero Plus. 9853020992. D-63394

All machineries working, lathes, shapping, drillings, slottings, powerhacksaw, weldings, benchgrinders, handgrinders etc. Contact: 9437385951. Pragati Engineering works, BBSR. D-9042



Sonali ayuvedic full body massage/ smart lady expert therapist best facility. 9661643016, 9006760945, 9631368840, 7352469289. D-9036

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



(Rishu)

**Shaira Kuanar**

Plot No-388/2331, Damana sqr, C.S Pur, BBSR

ପ୍ରଥମ ଜନ୍ମଦିନରେ ଅନେକ ଶୁଭେଚ୍ଛା। ଶ୍ରୀଜଗନ୍ନାଥ ତୁମ ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ବାବା, ମାମା, ଅଜା, ଆଈ, ମିମି, ଜେଜେ, ଜେଜେମା, ବନ୍ଧୁ ଓ ପରିବାରବର୍ଗ। ଧ–୯୦୪୦

### ଜନ୍ମଦିନ ଶୁଭେଚ୍ଛା



(ବିରୁ, କାର୍ତ୍ତିକ)

**ଆଦିତ୍ୟ ଦେବ ପ୍ରଧାନ**

ତୃତୀୟ ଜନ୍ମବାର୍ଷିକୀ ଉପଲକ୍ଷେ
ତା: ୨୫।୧୦।୨୦୧୮

ପବିତ୍ର କାର୍ତ୍ତିକ ମାସର କାର୍ତ୍ତିକ ବ୍ରତାରମ୍ଭ ଅବସରରେ ତୋର ତୃତୀୟ ଜନ୍ମବାର୍ଷିକୀରେ ତୋତେ ଅନେକ ଅନେକ ଶୁଭେଚ୍ଛା। ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ହେଉ। ତୋତେ ବିଦ୍ୟା, ବୁଦ୍ଧି, ଯଶ, ଆୟୁ, ସୌଭାଗ୍ୟ ପ୍ରାପ୍ତ ହେଉ। ଶୁଭେଚ୍ଛା ସହ ତୋର ଜେଜେ, ଜେଜେମା, ପିତା (ବିଭୂତି), ମାତା (ରିଙ୍କି), ଅଜା, ଆଈ, ମାମୁ, ମାଈଁ, ଦିଦି, ସାନବାପା(ଗିରିଜା) ଓ ସାନମା (ପ୍ରଜ୍ଞା)। ଧ–୯୦୩୯



### SALE

Litigation free plots near Xavier University backside BDA Zone, Bhubaneswar. Sqft.- 250/-, 160/-. 9337259012, 9937746907. D-64343

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64349

ଭୁବନେଶ୍ୱର– ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 9437240295. D-64352

ପଟିଆ KIIS College ପଛପଟେ ଘରବାରି ପ୍ଲଟ୍ boundary wall ସହିତ ମିଳୁଛି। ସୁବାସ: 9439899918. D-9043

1BHK, 2BHK, 3BHK approved flats at Hitech Heaven near Gudiapokhari Chowk, Bhubaneswar. 9778832554, 9040307584. D-9026



Construct your building in finished house contact: 9937004680. D-27282

Prabhakar construction complete finishing building 1350/- semifinished 1150/-. 9437025258, 9437484711. D-8967

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-64353

■ ହବିଷିଆଳି ଯୋଜନା

## ଆଜି ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ

ପୁରୀ ଅଫିସ,୨୪।୧୦

ଗୁରୁବାରଠାରୁ ଆରମ୍ଭ ହେଉଛି କାର୍ତ୍ତିକ ମାସ। ଶ୍ରୀକ୍ଷେତ୍ରକୁ ଆସି କାର୍ତ୍ତିକ ବ୍ରତ ପାଳନ କରିବେ ହବିଷିଆଳି। ରାଜ୍ୟ ସରକାର ହବିଷିଆଳି ଯୋଜନାରେ ବ୍ରତଧାରୀଙ୍କ ପାଇଁ ମାଗଣାରେ ରହିବା, ଦିନକୁ ଗୋଟିଏଥର ମହାପ୍ରସାଦ ଦେବା ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିଛନ୍ତି। ଗୁରୁବାର ଅପରାହ୍ନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଚଳିତବର୍ଷର ଏହି ହବିଷିଆଳି ଯୋଜନାର ଶୁଭାରମ୍ଭ କରିବେ। ଭିଡିଓ କନଫରେନ୍ସିଂ ପାଇଁ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ମନେ ପଡ଼ନ୍ତି

### ଚତୁର୍ଥ ବାର୍ଷିକ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ସ୍ମୃତି ପ୍ରକାଶ ସ୍ୱାଇଁ (ଗୁଡୁ)**

ବେଣୁଧର ଭବନ, କାକଟପୁର, ପୁରୀ
ଆବିର୍ଭାବ: ୧୪।୦୨।୧୯୯୬
ତିରୋଧାନ: ୦୯।୧୦।୨୦୧୪
(କାର୍ତ୍ତିକ ପ୍ରତିପଦା ତିଥି)

ଧନରେ, ତୁ ଆମମାନଙ୍କୁ ଛାଡି ଚାଲିଯିବା ଚାରିବର୍ଷ ବିତିଗଲାଣି। ଜମାରୁ ବିଶ୍ୱାସ ହେଉନି। ଯେଉଁଠି ଥା, ଭଲରେ ଥା। ତୋ ଆତ୍ମା ସଦ୍‌ଗତି ଲାଭକରୁ ଏତିକି ଠାକୁରଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ବାପା– ଅଭୟ କୁମାର ସ୍ୱାଇଁ, ବୋଉ– ଜ୍ୟୋତ୍ସ୍ନାରାଣୀ, ସୌମ୍ୟପ୍ରକାଶ (ଟିକୁ), ବଡବାପା, ବଡବୋଉ, ଦାଦା, ଖୁଡୀ, ମଉସା, ମାଉସୀ, ପିଉସା, ପିଉସୀ, ଅଜା, ଆଈ, ମାମୁ, ମାଈଁ, ଭଉଣୀ, ଭିଣୋଇ, ଭାଇ, ଭଉଣୀ, ଭଣଜା, ଭାଣେଜୀ, ବନ୍ଧୁ ଓ ବାନ୍ଧବମାନେ। ଧ–୯୦୪୪

### ୫ମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଲକ୍ଷ୍ମୀଧର ବାଗସିଂହ**

ଚିନ୍ତାମଣିଶ୍ୱର, ଭୁବନେଶ୍ୱର

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ। ଧ–୬୪୩୫୪

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ନନ୍ଦ କୁଜୁର**

ତିରୋଧାନ: ୧୫।୧୦।୨୦୧୮

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ସାନପୁଅ– ରାଜେନ୍ଦ୍ର କୁଜୁର, ସମିତି ସଭ୍ୟ ତୁମେରଯୋର ତଥା କୁଆଁରମୁଣ୍ଡା ବ୍ଲକ ବିଜେଡି ସଭାପତି, ବଡପୁଅ– ବୈଦ୍ୟୁ କୁଜୁର, ଝିଅ– ଦମୟନ୍ତୀ, ଶକୁନ୍ତଳା, ସୁନୀତି, ସସ୍ମିତା, ନାତି– ଗୌରବ, ବୈଭବ, ତନ୍ମୟ, ନାତୁଣୀ– ଶ୍ରେୟା ଓ କୁଜୁର ପରିବାରବର୍ଗ। ଧ–୯୦୫୦

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

# ଖଟିରେ ଖଟିରେ...

## ନାଁ ପକେଇବୁନି

ଇଲୋ ହେଇ ବଡ଼କରି କହିଦେଲି ସିନା ସତରେ ହଜାରେ ଖଣ୍ଡେ ମହିଳା ଆସି ପହଞ୍ଚିବେ ନା ନାହିଁ। ଯଦି ନ ଆସିଲେ ଜାଣ, ଇଜତ ଖଣ୍ଡକ ପୂରା ଯିବ। ଆମ ପାପୁଲି ଦଳିଆ ନୂଆ ନେତ୍ରୀ ଜଣଙ୍କ ପ୍ରଥମ କରି ବଡ଼ କାର୍ଯ୍ୟକ୍ରମଟିଏ କରିବେ। ଏଇ କାର୍ଯ୍ୟକ୍ରମରେ ରାଇଜ ଯାକରୁ ହଜାର ହଜାର ମହିଳା ଆସି ପହଞ୍ଚିବେ ବୋଲି ଗଣମାଧମ ବାଲାଙ୍କୁ ଡକାଇ କହିଦେଲେ। ହେଲେ ଯେମିତି ଏତିକି କଥା କହି ସାରିଲେ ତାପରେ ମା'ଙ୍କ ମୁଣ୍ଡ ପୂରା ଖରାପ। ସେଥିରୁ ପାଖରେ ଥିବା କର୍ମୀ ଜଣକ କହିଲେ ଆଜ୍ଞା, ଆପଣ ତ ନିଜେ ୧୦ଦିନ ହେଲା ମୋରି ପାଖରେ ବସିକି ନିତି ଗାଇ ହଉଛନ୍ତି ଦେଖିବୁ କେତେ ମହିଳା ଆସିବେ। ଏ ମୁଖିଆଳୟଟା ଫୁଲ୍ କରିଦେବି। ଏଥିପାଇଁ ପରା ଦିନକୁ ଲକ୍ଷେ ଖଣ୍ଡେ ଫୋନ୍ କରି ଚାଲିଛନ୍ତି। ଆଉ ଏତେବେଳକୁ ଡରିଲେ କ'ଣ ହବ। ଗଣମାଧମ ପ୍ରତିନିଧିମାନଙ୍କ ଆଗରେ ତ ବଡ଼କରି କହିଦେଲେ, ଆଉ ଏବେ ଭାବିଲେ କ'ଣ ହବ କହୁ ନାହାନ୍ତି। ସେଥିରୁ ନେତ୍ରୀ ଜଣକ କହିଲେ, ଆଲୋ ହେ, ପ୍ରଥମ ଥର ଲାଗି ଏଇ ଖବରଦାତାଙ୍କ ଆଗରେ ବସିକି ଦୁଇପଦ କହିଲି। ମୋତେ ପରା ଏମାନଙ୍କୁ ହାଲେ ଡର। ଦଳ ମୁଖିଆ ବାରବାର କରି କହିଛନ୍ତି, ତତେ ସବୁଠୁ ବଡ଼ ପଦବୀ ଦେଲି, ସବୁ କରିବୁ ଭୁଲ୍ କଥା କହି ମୋର ନାଁ ପକେଇବୁନି।

## ଖାଲି ଫୁଲୁଛନ୍ତି

କିଛିଦିନ ହେବ ରାଇଜ ମୁଖିଆଙ୍କୁ ଚେକ୍‌ମେଟ୍ ଦେବା ଲାଗି କେତେଜଣ ଉଦ୍ୟମ କରୁଛନ୍ତି। ହେଲେ କ'ଣ ହେବ ସେମାନଙ୍କ ସବୁ ଯୋଜନା ଫସର ଫାଟି ଯାଉଛି। ଛାମୁ ଶାସନ କରିବା ଭିତରେ ଯେତେ ପ୍ରକାର ଝଡ଼ ଆସିଛି, ସବୁ ନିଜର ଗତିପଥ ବଦଳାଇ ଦେଇଛନ୍ତି। ନିକଟରେ ଛାମୁଙ୍କ ଦଳର ପୁରୁଣା ତୁଣ୍ଡ ନେତା ଦଳରୁ ବହିଷ୍କାର ହେବା ପରେ ଏବେ ବାହାରେ ଅରଣା ମଇଁଷି ପରି ବୁଲୁଛନ୍ତି। କେତେବେଳେ କାହାକୁ କ'ଣ କହୁଛନ୍ତି , ତାହା ଜାଣିପାରୁ ନାହାନ୍ତି। ନିକଟରେ ଉତ୍ତର ଆଡେ କରିଥିବା ସଭାକୁ ଆକାଶବୁଲା ନେତା କଥା ଦେଇ ଆସିଲେନି। ଯାହା ତୁଣ୍ଡ ନେତାଙ୍କୁ ଭାରି ବାଧିଛି। ସବୁ ଖଟିରେ ଆଲୋଚନା ତୁଣ୍ଡ ନେତା ଆକାଶବୁଲାଙ୍କ ବେଲୁନ। ସେ ପବନ ଦେଇ ଫୁଲଉଛନ୍ତି। ତେଣୁ ସେ ଅଧାରୁ ବାଟ ଛାଡ଼ିଦେଲେ କେମିତି ହେବ। ଏସବୁ ବାଦ୍ ଶଙ୍ଖଦଳିଆଙ୍କ ହ୍ୱାଟସ୍ ଆପ୍ ଗ୍ରୁପରେ ଯେଉଁ କାର୍ଟୁନ ବୁଲୁଛି, ତାହା କୁଆଡ଼େ ତୁଣ୍ଡ ନେତାଙ୍କୁ ଭାରି ବାଧୁଛି। ବାଧିବନି କେମିତି ଯେ, କାର୍ଟୁନରେ ଆକାଶବୁଲା ନେତା ଚୁଙ୍ଗା ଖଣ୍ଡେ ଧରିଥିବା ବେଳେ, ଜଣୈକ ଦିଲ୍ଲୀ ନେତା ପମ୍ପ ଦେଉଛନ୍ତି। ଆଉ ତୁଣ୍ଡ ନେତା ଖାଲି ଫୁଲୁଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଚୂଡ଼ାନ୍ତ ତାରିଖ...

ଆଇନ ୨୦୧୪ କାର୍ଯ୍ୟକାରୀ ହେଉଛି। ଲୋକାୟୁକ୍ତ ନିଯୁକ୍ତି ନେଇ ଓଡ଼ିଶା ସର୍ଚ୍ଚ କମିଟି ରୁଲ୍ ପ୍ରସ୍ତୁତିକାର୍ଯ୍ୟ ଜାରି ରହିଛି। ୨୦୧୮ଜୁଲାଇ ୭ ତାରିଖରେ ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏ ନେଇ ଗେଜେଟ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଓଡ଼ିଶା ଲୋକାୟୁକ୍ତ ଆଇନର ସେକ୍ସନ-୧ର ସବ୍ ସେକ୍ସନ (୪) ଆଧାରରେ ରାଜ୍ୟ ସରକାର ସର୍ଚ୍ଚ କମିଟି ଗଠନ କରିବା ସହ ଚୟନ କମିଟିର ଅଧକ୍ଷ ଓ ଅନ୍ୟ ସଦସ୍ୟମାନଙ୍କ ନିଯୁକ୍ତି ପାଇଁ ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି। ଜୁଲାଇ ୧୦ ତାରିଖରେ ରାଜ୍ୟ ସରକାର ଲୋକାୟୁକ୍ତ ନିଯୁକ୍ତି ନେଇ ଷ୍ଟାଟସ ରିପୋର୍ଟ ଦାଖଲ କରିଥିଲେ। ଲୋକାୟୁକ୍ତ ଆଇନ କାର୍ଯ୍ୟକାରୀ କରିବା ନେଇ ସରକାର ଗେଜେଟ ବିଜ୍ଞପ୍ତି ପ୍ରକାଶ କରିଥିବା ସତ୍ୟପାଠରେ ଉଲ୍ଲେଖ କରିଥିଲେ। ଦୁଇମାସ ଅର୍ଥାତ ଅକ୍ଟୋବର ୧୦ ତାରିଖ ମଧ୍ୟରେ ଲୋକାୟୁକ୍ତ ନିଯୁକ୍ତି ନେଇ ସମସ୍ତ ପ୍ରକ୍ରିୟା ସାରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସରକାର ଗତ ଏପ୍ରିଲ ୯ ତାରିଖରେ ସୁପ୍ରିମକୋର୍ଟରେ କରିଥିବା ସତ୍ୟପାଠ ଦାଖଲକୁ ନେଇ ବିରୋଧୀ ଦଳ ବିଧାନସଭାରେ ସରକାରଙ୍କୁ ହଲାପଟା କରିଥିଲେ। ରାଜ୍ୟ ସରକାର ସୁପ୍ରିମକୋର୍ଟରେ ମିଥ୍ୟା ସତ୍ୟପାଠ ଦାଖଲ କରିଛନ୍ତି ବୋଲି ବିରୋଧୀ ଅଭିଯୋଗ ଆଣିଥିଲେ। କେନ୍ଦ୍ରରେ ଲୋକପାଳ ବିଲ୍ ଆଇନରେ ପରିଣତ ହେବା ପରେ ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ୨୦୧୪ ଫେବୃୟାରୀ ୧୪ ତାରିଖରେ ଏହି ବିଲ୍‌କୁ ବିଧାନସଭାରେ ପାରିତ କରାଯାଇଥିଲା। ଏହି ଆଇନ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇବା ପରେ ମଧ୍ୟ ରାଜ୍ୟ ସରକାର ଏ ନେଇ ବିଜ୍ଞପ୍ତି ପ୍ରକାଶ କରି ନ ଥିଲେ। ସେବେଠାରୁ ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହୋଇ ନ ଥିଲେ । ବିରୋଧୀ କଂଗ୍ରେସ ଓ ଭାଜପା ରାଜ୍ୟରେ ଲୋକପାଳ କିମ୍ବା ଲୋକାୟୁକ୍ତ ନିଯୁକ୍ତି ନେଇ ସରକାର ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଥିଲେ। ଏହାକୁ ନେଇ ଗତ ବିଧାନସଭା ମଧ୍ୟ ଅଚଳ ହୋଇଥିଲା। ରାଜ୍ୟ ସରକାର ଇତିମଧ୍ୟରେ ଲୋକାୟୁକ୍ତ ନିଯୁକ୍ତି ନେଇ ଗେଜେଟ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଗଠିତ ସର୍ଚ୍ଚ କମିଟି ଗଠନ ନେଇ ମଧ୍ୟ ବିଜ୍ଞପ୍ତି ପ୍ରକାଶିତ ହୋଇଛି। ବିଜ୍ଞପ୍ତି ଅନୁଯାୟୀ ଲୋକାୟୁକ୍ତ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯିବ। ଏହି କମିଟିରେ ବିରୋଧୀ ଦଳ ନେତା ଓ ବିଧାନସଭା ବାଚସ୍ପତି ସଦସ୍ୟ ରହିବେ। ଏହି ତିନିଜଣ ମିଶି ଚତୁର୍ଥ ସଦସ୍ୟଙ୍କୁ ମନୋନୀତ କରିବେ। ସେହି ମନୋନୀତ ସଦସ୍ୟଙ୍କୁ ରାଜ୍ୟପାଳ ନିଯୁକ୍ତି କରିବେ। ସମସ୍ତ ସଦସ୍ୟଙ୍କୁ ନେଇ ଏକ ଚୟନ କମିଟି ଗଠନ କରାଯିବ। ସେହି କମିଟି ଲୋକାୟୁକ୍ତ ଓ ଅନ୍ୟ ସଦସ୍ୟମାନଙ୍କୁ ଚୟନ କରିବେ। ଏହି କମିଟି ଏକ ୫ ଜଣିଆ ସର୍ଚ୍ଚ କମିଟି ବାଛିବେ। ଏହି ସର୍ଚ୍ଚ କମିଟି ଲୋକାୟୁକ୍ତ ଅଧକ୍ଷ ଓ ସଦସ୍ୟମାନଙ୍କୁ ଚୟନ କରି ସେମାନଙ୍କ ନାମ ଚୟନ କମିଟିକୁ ସୁପାରିସ କରିବେ। ଲୋକାୟୁକ୍ତ ନିଯୁକ୍ତି ନେଇ ଚୟନ କମିଟିର ପ୍ରଥମ ବୈଠକ ଅକ୍ଟୋବର ୬ ତାରିଖରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଗଠିତ ଏହି କମିଟି ୫ମ ସଦସ୍ୟଙ୍କୁ ମନୋନୀତ କରିଛି। ସେହି କମିଟି ଏକ ସର୍ଚ୍ଚ କମିଟି ଗଠନ କରିବାକୁ ସୁପାରିସ କରିବ। ସର୍ଚ୍ଚ କମିଟି ଲୋକାୟୁକ୍ତ ନିଯୁକ୍ତି କରିବାକୁ ସୁପାରିସ କରିବ। ସର୍ଚ୍ଚ କମିଟିର କାର୍ଯ୍ୟକାଳ ୩ ବର୍ଷ ରହିବ। ପରବର୍ତ୍ତୀ ବୈଠକରେ ସର୍ଚ୍ଚକମିଟି ଗଠନ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହେବ।

### ମୃତ୍ୟୁ ହେଲେ ମିଳିବ...

ସେହିପରି ବଳାତ୍କାର ଶିକାର ହୋଇଥିବା ମହିଳାଙ୍କୁ ୪ରୁ ୭ ଲକ୍ଷ, ଗଣ ବଳାତ୍କାର ମହିଳାଙ୍କୁ ୫ରୁ ୧୦ ଲକ୍ଷ, ଅପ୍ରାକୃତି ଯୌନ ନିର୍ଯାତନା ପାଇଁ ୪ରୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଦେବାକୁ ବ୍ୟବସ୍ଥା କରାଯାଇଛି। ସେହିପରି ବଳାତ୍କାର କିମ୍ବା ଏସିଡି ମାଡ଼ ଯୋଗୁ ଯଦି ଶରୀରର ୮୦ ଭାଗ କ୍ଷତିଗ୍ରସ୍ତ ହୋଇଥିବ ତେବେ ସେ କ୍ଷେତ୍ରରେ ପୀଡିତାଙ୍କୁ ୨ରୁ ୫ ଲକ୍ଷ, ୮୦ରୁ ୪୦ ପ୍ରତିଶତ ମଧ୍ୟରେ ୨ରୁ ୪ ଲକ୍ଷ, ୨୦ରୁ ୪୦ ପ୍ରତିଶତ ମଧ୍ୟରେ ୧ରୁ ୩ ଲକ୍ଷ ଏବଂ ୨୦ ପ୍ରତିଶତରୁ କମ କ୍ଷତି ହୋଇଥିଲେ ୧ରୁ ୨ ଲକ୍ଷ ମଧ୍ୟରେ କ୍ଷତିପୂରଣ ରାଶି ମିଳିବ। ବଳାତ୍କାର ଯୋଗୁ ମାନସିକ ସ୍ତରରେ ଆଘାତ ପାଇ ପୁନର୍ବାସ ଆବଶ୍ୟକ କରୁଥିବା ପାଇଁ ଉକ୍ତ ଯୋଜନାରେ ସହାୟତା ରାଶି ୧ରୁ ୨ ଲକ୍ଷ ଟଙ୍କା ବୃଦ୍ଧି କରାଯାଇଥିବାବେଳେ ଗର୍ଭବତୀ ମହିଳାଙ୍କୁ ବଳାତ୍କାର କିମ୍ବା ଆକ୍ରମଣ ଯୋଗୁ ଗର୍ଭସ୍ଥ ଶିଶୁର ମୃତ୍ୟୁ କିମ୍ବା କ୍ଷତି ହେଲେ ୨ରୁ ୩ ଲକ୍ଷ, ବଳାତ୍କାର ଯୋଗୁ ଗର୍ଭଧାରଣ କଲେ ୩ରୁ ୪ ଲକ୍ଷ, ଏସିଡି ମାଡ଼ ଯୋଗୁ ମୁଖମଣ୍ଡଳ ବିକୃତ ହୋଇଗଲେ ୭ରୁ ୮ ଲକ୍ଷ ଟଙ୍କା କ୍ଷତିପୂରଣ ମିଳିବ। ସେହିପରି ଏସିଡିମାଡ଼ ଯୋଗୁ ୫୦ପ୍ରତିଶତ କ୍ଷତିଗ୍ରସ୍ତ ହୋଇଥିଲେ ୫ରୁ ୮ ଲକ୍ଷ, ୫୦ ପ୍ରତିଶତରୁ କମ ହୋଇଥିଲେ ୩ରୁ ୫ ଲକ୍ଷ, ୨୦ ପ୍ରତିଶତରୁ କମ କ୍ଷତି ହୋଇଥିଲେ ୩ରୁ ୪ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ପିଲା ଚୋରି କିମ୍ବା ଡାହାଣୀ ସନ୍ଦେହରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ଏହି ଯୋଜନାରେ ମଧ୍ୟ କ୍ଷତିପୂରଣ ମିଳିବ। କ୍ଷତିପୂରଣ ଦେବାକୁ ଚଳିତ ବଜେଟରେ ୧୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ମହିଳାମାନେ ବିଭିନ୍ନ ସମୟରେ ଯୌନ ନିର୍ଯାତନାର ଶିକାର ହେବା ସହ ସେମାନଙ୍କୁ ଅନେକ ସମୟରେ ମାରି ଦିଆଯାଉଛି କିମ୍ବା ବିକଳାଙ୍ଗ କରି ଦିଆଯାଉଛି ଏପରି କି ଡାହାଣୀ ଓ ପିଲାଚୋରି ସନ୍ଦେହରେ ମଧ ମହିଳାମାନେ ନିର୍ଯାତନାର ଶିକାର ହେଉଛନ୍ତି। ଏଭଳି ଅପରାଧର ଶିକାର ହେଉଥିବା ମହିଳାମାନେ ଜୀବନ ସାରା ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏ ନେଇ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିବା ସହ ମହିଳାଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ସହ ସେମାନଙ୍କୁ କ୍ଷତିପୂରଣ ଦେବା ପାଇଁ ରାଜ୍ୟ ସରକାରମାନଙ୍କୁ ସ୍ୱତନ୍ତ୍ର ଯୋଜନା କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ଦୁଇ ମୁଖିଆଙ୍କୁ...

କରିଥିଲେ। ଏହାପରେ ବିଳମ୍ବିତ ରାତିରେ ପ୍ରଧାନମନ୍ତ୍ରୀ ମୋଦି ଅଧକ୍ଷତା କରୁଥିବା କ୍ୟାବିନେଟ ନିଯୁକ୍ତି କମିଟି ବୈଠକ ବସିଥିଲା। ଘନଘନ ଆଲୋଚନା ପରେ ଶେଷରେ କମିଟି ଏକ ନିଷ୍କର୍ଷରେ ପହଞ୍ଚିଥିଲା ଏବଂ ସିଭିସିର ସୁପାରିସକୁ ଗ୍ରହଣ କରିଥିଲା। ତେବେ ବର୍ମା ଓ ଅସ୍ଥାନା ସାମୟିକ ଭାବେ କାର୍ଯ୍ୟରୁ ବିରତ ରହିବେ ବୋଲି ଜେଟ୍‌ଲୀ କହିଛନ୍ତି। ସିବିଆଇ ନିର୍ଦ୍ଦେଶକ ଓ ସ୍ୱତନ୍ତ୍ର ନିର୍ଦ୍ଦେଶକଙ୍କ ବିରୋଧରେ ଲାଞ୍ଚ ଅଭିଯୋଗ ନିହାତି ଅଜବ ଓ ଦୁର୍ଭାଗ୍ୟଜନକ ପରିସ୍ଥିତି ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ପସନ୍ଦର ଅଧିକାରୀ ହୋଇଥିବାରୁ ଅସ୍ଥାନାଙ୍କ ବିରୋଧରେ ଲାଞ୍ଚ ମାମଲା ଦାଏର ହେବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ନ ଥିବା ଅଭିଯୋଗ ଆସୁଛି। ଏପରିସ୍ଥଳେ ସିବିଆଇର ଗରିମା ଓ ବିଶ୍ୱସନୀୟତା ବଜାୟ ରଖିବା ଲାଗି ମାମଲାର ତଦନ୍ତ ଶେଷହେବା ପର୍ଯ୍ୟନ୍ତ ଦୁଇ ମୁଖିଆଙ୍କୁ ହଟାଇଦେବା ନିତାନ୍ତ ଆବଶ୍ୟକ ଥିଲା ବୋଲି ଜେଟ୍‌ଲୀ କହିଛନ୍ତି। ବୁଧବାର ଏକ ଲମ୍ବା ବିବୃତି ଜାରି କରି କେନ୍ଦ୍ର ସରକାର ବର୍ମାଙ୍କ ବିରୋଧରେ ଅଭିଯୋଗ ଆଣିଛି। ଭିଜିଲାନ୍ସ କମିଶନଙ୍କୁ ସେ ସହଯୋଗ କରୁ ନ ଥିବା ସେଥିରେ ଦର୍ଶାଯାଇଛି। ଗୋଟିଏ ପଟେ ଦୁଇ ଶୀର୍ଷ ସ୍ତରର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଥିବାବେଳେ ଅନ୍ୟପଟେ ସିବିଆଇର କାମଚଳା ନିର୍ଦ୍ଦେଶକ ଭାବେ ମଙ୍ଗଳବାର ବିଳମ୍ବିତ ରାତିରେ ଦାୟିତ୍ୱ ଗ୍ରହଣ କରିଛନ୍ତି ନାଗେଶ୍ୱର ରାଓ। ୧୯୮୬ ବ୍ୟାଚ୍‌ର ଏହି ବରିଷ୍ଠ ଅଧିକାରୀ କାର୍ଯ୍ୟରେ ଯୋଗ ଦେବା ପରେ ତତ୍‌କ୍ଷଣାତ୍ ତଦନ୍ତ ସଂସ୍ଥାରେ ଅଦଳବଦଳ କରିଛନ୍ତି। ବର୍ମା ଓ ଅସ୍ଥାନାଙ୍କ ସହ ଘନିଷ୍ଠ ଥିବା ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରିଦେଇଛନ୍ତି। ଏହାପରେ ସତୀଶ ସାନାଙ୍କ ବୟାନକୁ ଭିତ୍ତିକରି ଅକ୍ଟୋବର ୧୫ରେ ଅସ୍ଥାନାଙ୍କ ନାଁରେ ଦାଏର ହୋଇଥିବା ମାମଲାର ତଦନ୍ତ ଲାଗି ସେ ଏକ ନୂଆ ଟିମ୍ ଗଠନ କରିଛନ୍ତି। ତେବେ ଅସ୍ଥାନାଙ୍କ ବିରୋଧରେ ନିରପେକ୍ଷ ତଦନ୍ତ ଚାଲିବ ବୋଲି ସିବିଆଇ କହିଛି। କେନ୍ଦ୍ର ସରକାରଙ୍କ ଅଚାନକ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି ବର୍ମା। ନାଗେଶ୍ୱର ରାଓଙ୍କ ନିଯୁକ୍ତିକୁ ନେଇ ମଧ ସେ ଆପତ୍ତି ଉଠାଇଛନ୍ତି। ବର୍ମାଙ୍କ ଆବେଦନର ତ୍ୱରିତ ଶୁଣାଣି ପାଇଁ ତାଙ୍କ ଓକିଲ ଗୋପାଳ ଶଙ୍କରନାରାୟଣନ୍ ନିବେଦନ କରିବା ପରେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ୍ ଏସ୍.କେ. କୌଲ ଏବଂ କେ.ଏମ୍. ଯୋସେଫଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ବିଚାର ପାଇଁ ସବୁଜ ସଙ୍କେତ ଦେଇଛନ୍ତି। ୨୬ ତାରିଖରେ ମାମଲାର ଶୁଣାଣି ହେବ।

### ଏୟାର ଓଡ଼ିଶାକୁ...

ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଥିବା ବେଳେ ଏଠାରୁ ସମସ୍ତ ପ୍ରକାର ସିଡ୍ୟୁଲ୍ ଏବଂ ନନ୍-ସିଡ୍ୟୁଲ୍ ବିମାନ ଚଳାଚଳ କରିପାରିବ। ହେଲେ ଏୟାର ଓଡ଼ିଶା ବିନା କାରଣରେ ବିମାନସେବା କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରୁଥିବା ଦର୍ଶାଯାଇଛି। ସେଥିପାଇଁ ବିମାନ କମ୍ପାନୀ ତରଫରୁ ଏୟାର ଓଡ଼ିଶାକୁ ଏହି ନୋଟିସ୍ ଜାରି କରାଯାଇଛି ବୋଲି ମନ୍ତ୍ରଣାଳୟ ନିଜ ଅଫିସିଆଲ୍ ଟ୍ୱିଟରେ ଉଲ୍ଲେଖ କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ କାରଣଦର୍ଶାଅ ନୋଟିସର ଉତ୍ତର ନ ଦେଲେ ବିମାନ କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ପଡିଲେ ଝାରସୁଗୁଡ଼ାରୁ ଉଡାନ୍ ସେବା ପ୍ରଦାନ ନେଇ ହୋଇଥିବା ଚୁକ୍ତି ରଦ୍ଦ ମଧ କରାଯାଇପାରେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡ଼ା ବିମାନବନ୍ଦରର ଉଦ୍‌ଘାଟନ କରିଥିଲେ। ଗତ ୧୭ ଦିନ ହେବ ଉଡାନ୍ ସେବା ବନ୍ଦ ରହିଛି। ପୂର୍ଣ୍ଣାଙ୍ଗ ଏବଂ ବାଣିଜ୍ୟିକ ବିମାନସେବା ଦାବିରେ ବିଧାୟକଙ୍କ ଅନଶନ ପରେ ମନ୍ତ୍ରଣାଳୟ ଏହି ନୋଟିସ୍ ଜାରି କରିଛି। ସେହିପରି ଉଡାନ୍ ଯୋଜନାରେ ପାଇଥିବା ରୁଟ୍‌ଗୁଡ଼ିକରେ ଏୟାର ଓଡ଼ିଶା ବିମାନ ଚଳାଚଳ ପ୍ରଦର୍ଶନ ଭଲ ନ ଥିବା ଡିଜିସିଏ ପୂର୍ବରୁ ପ୍ରକାଶ କରିସାରିଛି।

### ୫ ଜଣଙ୍କ...

ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ମେଘା ରୁଷୁଡ଼ା ଆଶ୍ରମ ସ୍କୁଲରେ ତୃତୀୟ ଶ୍ରେଣୀରେ ପାଠ ପଢୁଥିବାବେଳେ ଝିଲି ସ୍ଥାନୀୟ ଖଗସିକନା ପ୍ରାଥମିକ ବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲେ। ସେହିପରି ସୁଜିତ ତାଙ୍କ ମାମୁ ପୁଅ ସୁରଜ ପାଣିଗ୍ରାହୀ (୧୮)ଙ୍କ ସହ ତୁମେରଚୁଆଁ ଡ୍ୟାମ୍‌କୁ ବୁଧବାର ସକାଳେ ଗାଧୋଇବାକୁ ଯାଇଥିଲେ। ସୁଜିତ ପହଁରା ଜାଣି ନ ଥିଲେ। ଉଭୟ ଗାଧୋଇବା ବେଳେ ସୁଜିତ ଗଭୀର ପାଣିକୁ ଭାସିଯାଇଥିଲେ। ଏହି ସମୟରେ ସୁରଜ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ମଧ ବିଫଳ ହୋଇଥିଲେ। ଖବର ପାଇ କିଛି ସମୟ ପରେ ପରିବାର ଲୋକେ ଓ ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ମୃତଦେହ ମଧ ବ୍ୟବଚ୍ଛେଦ ନ ହୋଇ ପଡ଼ିରହିଛି। ଆୟୁଷ ଓ ଲିପ୍ସାପ୍ରିୟା ବୁଧବାର ଅପରାହ୍ନରେ ଗାଧୋଇବାକୁ ନାଳକୁ ଯାଇଥିଲେ। ଗ୍ରାମବାସୀ ଚାଷ କାର୍ଯ୍ୟ ପାଇଁ ସେଠାରେ ପାଣି ବାନ୍ଧିଥିଲେ। ଶିଶୁଦ୍ୱୟ ଗଭୀର ପାଣିକୁ ଚାଲିଯାଇ ବୁଡ଼ି ଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଆଜି ଶ୍ରୀଚନ୍ଦ୍ର ପ୍ରଭାବରେ ଆର୍ଥିକ ଉନ୍ନତି, ପାରିବାରିକ ସଦ୍‌ଭାବ ଏବଂ ବ୍ୟବସାୟିକ ସଫଳତା ପାଇବେ। କିନ୍ତୁ ଚର ରାଶିସ୍ଥ ଚନ୍ଦ୍ର କାରଣରୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ଅବଶ୍ୟ ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ସଭା ସମିତି, ରାଜନୀତି, ସଙ୍ଗଠନ ତଥା ଅଧ୍ୟାପନା କ୍ଷେତ୍ରରୁ ପ୍ରଶଂସା ମିଳିବ।

**ବୃଷ**



ଦ୍ୱିତୀୟଭାବକୁ ଶନିଙ୍କ ଦୃଷ୍ଟି ଧନହାନି ଓ କଳହର କାରଣ ହେବ। ପ୍ରତ୍ୟେକ କ୍ଷେତ୍ରରେ ବାକ୍‌ସଂଯମ ଅବଲମ୍ବନ କରି ନୀରବ ରହିବାକୁ ବାଧ ହେବେ। ତଥାପି ବନ୍ଧୁମାନଙ୍କ ନିକଟରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଲାଗିରହିଥିବା ସମସ୍ୟା ଜନିତ ଟେନସନ୍ ଅପରାହ୍ନରେ ଦୂର ହେବାର ସୂଚନା ରହିଛି।

**ମିଥୁନ**



ଚନ୍ଦ୍ର ଓ ବୁଧଙ୍କ ପାରସ୍ପରିକ ବିଷମ ଦୃଷ୍ଟି ମନ ଚାହୁଁଥିବା ପ୍ରକାରେ ଭାବପ୍ରକାଶ କରିପାରିବେ ନାହିଁ। ସମସ୍ତ ପ୍ରକାରର ସୁବିଧା ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢିପାରେ। ପାରିପାର୍ଶ୍ୱିକ ପରିବେଶରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**କର୍କଟ**



ଆଜିର ଗ୍ରହସ୍ଥିତି ପ୍ରାୟତଃ ଅନୁକୂଳ ରହିଥିବାରୁ କର୍ମକ୍ଷେତ୍ର,ପାରିବାରିକ ପରିସ୍ଥିତି ଭଲ ରହିବ। କିନ୍ତୁ ଶାରୀରିକ ଅସୁସ୍ଥତା କେତେକାଂଶରେ ମାନସିକ ସ୍ଥିତିକୁ ଦୁର୍ବଳ କରିଦେଇପାରେ। ଭୁଲ୍ ବୁଝାମଣାରୁ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହେବା ସହ ସଭାସମିତି କାର୍ଯ୍ୟରେ ସଫଳତା ପାଇବେ।

**ସିଂହ**



ରବି ଓ ଚନ୍ଦ୍ରଙ୍କ ଦୃଷ୍ଟି ବିନିମୟ ଏକାଧାରରେ ଶାରୀରିକ ଓ ମାନସିକ ସ୍ଥିତିକୁ ଠିକ୍ ରଖିବନାହିଁ। ବ୍ୟୟବୃଦ୍ଧି, ଆକସ୍ମିକ ଯାତ୍ରା ଓ ଶତ୍ରୁତାଜନିତ ସମସ୍ୟା ବିଷୟରେ ଚିନ୍ତିତ ରହିବେ। ପରିସ୍ଥିତିରେ ଗୁରୁତ୍ୱ ଉପଲବ୍ଧି କରି କେତେକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଅତି ଜରୁରୀ ହୋଇପଡିବ।

**କନ୍ୟା**



ଆଜିର ଅଷ୍ଟମ ଚନ୍ଦ୍ର ଆପଣଙ୍କ କାମକୁ ଓ କଥାକୁ ଏପଟ ସେପଟ କରିଦେବ। ନିଜ ଲୋକମାନଙ୍କ ଉପରେ ଭରସା କରି ପରିଶେଷରେ ନିରାଶ ହେବାକୁ ପଡିପାରେ। ବହୁତ ଦିନରୁ ଅଟକି ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି, ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ତୁଳା**



ଆପଣଙ୍କ ଯୁକ୍ତିଯୁକ୍ତ କଥା ସର୍ବଜନ ଗ୍ରାହ୍ୟ ହେବା ସହ ପ୍ରଶଂସିତ ହେବ। ବ୍ୟବସାୟ ଓ ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବଢିପାରେ। ପାରିବାରିକ ସମସ୍ୟାର ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। କଳା, ସାହିତ୍ୟ, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାକୁ ପଡିପାରେ। ସହକର୍ମୀଙ୍କ କୌଣସି ଘଟଣା ମନକୁ ବିବ୍ରତ କରିପାରେ।

**ବିଛା**



କୌଣସି ଅସୁବିଧା ନ ଥିଲେ ମଧ ସକାଳୁ ସକାଳୁ ମନଟା କେମିତି କେମିତି ଲାଗିବ। ପାରିପାର୍ଶ୍ୱିକ ପରିସ୍ଥିତି ଓ ପରିବେଶରେ ସହଜରେ ଆଡଜଷ୍ଟ ହୋଇପାରିବେ ନାହିଁ। ବନ୍ଧୁମିଳନ ସାଙ୍ଗକୁ ଆତ୍ମୀୟ ସ୍ୱଜନଙ୍କ ସହାୟତାରେ ମୂଲ୍ୟବାନ ଦ୍ରବ୍ୟ ପାଇପାରନ୍ତି। କଳା ସାହିତ୍ୟରେ ସମସ୍ୟା ସମାଧାନ ହେବାର କ୍ଷୀଣ ଆଶା ମନରେ ଉଙ୍କି ମାରିବ।

**ଧନୁ**



ଅନ୍ୟମାନଙ୍କ କଥା ଓ କାର୍ଯ୍ୟକଳାପ ନିଜ ମନକୁ ନ ପାଇଲେ ଟିକିଏ ଟିକିଏ କଥାରେ ଚିହିଁକି ଉଠିପାରନ୍ତି। ଦ୍ୱାଦଶସ୍ଥ ଶନି ହେତୁ ଅନିଦ୍ରା, କର୍ମହାନି, ଖର୍ଚ୍ଚାନ୍ତଜନିତ ପୂର୍ଣ୍ଣ ମାନସିକ ସୁସ୍ଥତା ରହିବନାହିଁ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡିବେ କିନ୍ତୁ ତାହାର ସରଳ ସମାଧାନ ହୋଇପାରିବ। ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେଇପାରେ।

**ମକର**



ପୂର୍ବର ସ୍ଥିତି ବହୁଳାଂଶରେ ବଦଳି ଯାଇଥିବାରୁ ଏକପ୍ରକାର ଖୁସି ଅନୁଭବ କରିବେ। ତଥାପି ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ପରିଲକ୍ଷିତ ହେବାରୁ ବିସ୍ମୟାଭିଭୂତ ହୋଇପାରନ୍ତି। ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବିଭିନ୍ନ ପ୍ରକାର ବିନୟପୂର୍ଣ୍ଣ କଥା କହିବାକୁ ପଡିବ। ଶେଷ ସମୟରେ ବିଚାର ବଦଳି ଯାଇପାରେ।

**କୁମ୍ଭ**



ଆତ୍ମୀୟସ୍ୱଜନ କିମ୍ବା ବନ୍ଧୁଙ୍କ କାର୍ଯ୍ୟରେ ଅସନ୍ତୋଷ ବ୍ୟକ୍ତ କରିବେ। ଅଭାବ ଅସୁବିଧା ସମ୍ପର୍କରେ ଉପରିସ୍ଥ ଅଫିସରଙ୍କ ମୁହଁ ସାମ୍ନାରେ ପ୍ରକାଶ କରିବାକୁ ପଛେଇଯିବେ। ଶିକ୍ଷା, ସନ୍ତାନ, ବାଣିଜ୍ୟ, କଳା, ସାହିତ୍ୟ ଦିଗଟି ଆଜି ଭଲ ରହିବ। ଯାତ୍ରା ସମୟରେ ସାମୟିକ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଛି।

**ମୀନ**



ସମସ୍ୟା ସମାଧାନ ହୋଇଯାଇଥିବାରୁ ଖୁସି ଅନୁଭବ କରିବେ। ଦୂରେଇ ଯାଉଥିବା ବନ୍ଧୁମାନେ କ୍ରମଶଃ ପାଖେଇ ଆସିବାରୁ ମନରେ ଭାବାନ୍ତର ସୃଷ୍ଟି ହେବ। ତଥାପି ପାରିବାରିକ ସ୍ଥିତିରେ ସୁଧାର ଆସିଲେ ମଧ କର୍ମକ୍ଷେତ୍ରର ସମସ୍ୟା ସୁଖ, ସନ୍ତୋଷ ଦେଇ ପାରିବ ନାହିଁ। ବିବାଦୀୟ ପରିସ୍ଥିତିରେ ଗୁରୁଜନଙ୍କ ସାନ୍ତ୍ୱନାବାଣୀ ମନରେ ଆଶ୍ୱସ୍ତି ଭରିପାରେ।

ଆଜି କାର୍ତ୍ତିକ ବ୍ରତାରମ୍ଭ, କୃଷ୍ଣ ପ୍ରତିପଦା ଗୁରୁବାର, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ଅକ୍ଟୋବର ୨୫ ତାରିଖ, ରାଶି ନକ୍ଷତ୍ର–ଅଶ୍ୱିନୀ/ମେଷ, ଦିବା ଘ୧୦।୧୪ମି. ଗତେ, ଦ୍ୱିଜା ନକ୍ଷତ୍ର, ମେଷ ରାଶିର ଘାତଚନ୍ଦ୍ର, ଦିବା ଘ୧୦।୧୮ମି. ଗତେ ଘ୧୧।୫୧ମି. ମଧ୍ୟେ, ଘ୧।୨୭ମି. ଗତେ ଘ୩।୦୦ମି. ମଧ୍ୟେ ଅମୃତ ବେଳା । ସକାଳ ଘ୭।୧୧ମି. ମଧ୍ୟେ ଘ୧୧।୫୧ମି. ଗତେ, ଘ୧।୨୭ମି. ମଧ୍ୟେ ମାହେନ୍ଦ୍ର ବେଳା । ଦିବା ଘ୧୨।୫୬ମି. ଗତେ ଘ୨।୨୧ମି. ମଧ୍ୟେ ରାହୁକାଳ।




■ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୪।୧୦(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଦେଖାଦେଇଥିବା ଆଇନଜୀବୀ-ପୋଲିସ ବିବାଦର ସମାଧାନ ପାଇଁ ରାସ୍ତା ବାହାର କରନ୍ତୁ। ଏହାର ସମାଧାନ ନ ହେବା ଯୋଗୁ ସାଧାରଣ ଲୋକେ କ୍ଷତି ସହୁଥିବା ଅଭିଯୋଗ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହି ପ୍ରସଙ୍ଗ ଉପରେ ବୁଧବାର ଏକ ଭିଡିଓ ବାର୍ତ୍ତା ଜାରି କରିଛନ୍ତି। ସେ କହିଛନ୍ତି ଯେ, ଦୀର୍ଘ ଦେଢ଼ମାସ ହେବ ଓକିଲ-ପୋଲିସ ବନ୍ଧୁମାନଙ୍କ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ହୋଇ ପାରୁନାହିଁ। ପ୍ରସଙ୍ଗଟି ହାଇକୋର୍ଟ, ସୁପ୍ରିମକୋର୍ଟ



■ପିସିସି ସଭାପତିଙ୍କ ସମାଲୋଚନା
■ପ୍ରତିକ୍ରିୟା ରଖିଲା ବିଜେଡି

ପର୍ଯ୍ୟନ୍ତ ଯାଇଛି, ହେଲେ ସମାଧାନ ହୋଇପାରିନାହିଁ। ମୁଖ୍ୟମନ୍ତ୍ରୀ ଘଟଣାରେ ହସ୍ତକ୍ଷେପ କରି ସମାଧାନର ରାସ୍ତା ବାହାର କରନ୍ତୁ। ଏହା କ'ଣ ତାଙ୍କର ଦାୟିତ୍ୱ ନୁହେଁ କି ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ଓକିଲମାନଙ୍କର ଆନ୍ଦୋଳନ ଯୋଗୁ ଚାକିରି, ଜମିଜମା ବ୍ୟାପାର, ସାମାନ୍ୟ ଘଟଣାରେ ଜାମିନ ଇତ୍ୟାଦି ପ୍ରସଙ୍ଗ ର ସମାଧାନ ସମ୍ଭବ ହୋଇ ପାରୁନାହିଁ। ପୋଲିସ ବ୍ୟାପାର ଗୃହ ବିଭାଗ ସମ୍ବନ୍ଧୀୟ ବିଷୟ, ଯାହା ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ବିଭାଗ। ଏଣୁ ବିବାଦର ସମାଧାନ ନ ହେବା କ'ଣ ଶାସକ ଦଳର ଅପାରଗତା ନୁହେଁ। ବିରୋଧୀ ହିସାବରେ କିଛି ମନ୍ତବ୍ୟ ଦେଲେ , ସରକାରଙ୍କୁ ଚେଙ୍କ ରକମର ଲାଗୁଛି। ଯାହା ବି ହୋଇଯାଇଛି, ତାହାର ତର୍ଜମା କରାଯିବାର ଆବଶ୍ୟକତା ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ଏହି ପ୍ରସଙ୍ଗରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ହାଇକୋର୍ଟଠାରୁ ଆରମ୍ଭ କରି ସାଧାରଣ କୋର୍ଟ ସବୁଠି ବନ୍ଦ। ଲୋକେ ନ୍ୟାୟ ପାଇବା ପାଇଁ ଅସୁବିଧା ଭୋଗୁଛନ୍ତି। ଏସବୁ ଦେଖିଲେ ଲାଗୁଛି ରାଜ୍ୟରେ ଆଇନର ଶାସନ ନାହିଁ। ରାଜ୍ୟ ସରକାର ତୁରନ୍ତ ବିବାଦର ସମାଧାନ କରନ୍ତୁ। ବିରୋଧୀଙ୍କ ଅଭିଯୋଗ ଉପରେ ପ୍ରତିକ୍ରିୟା ଦେଇଛନ୍ତି ଶାସକ ଦଳର ବିଧାୟକ ସମୀର ରଞ୍ଜନ ଦାଶ। ସେ କହିଛନ୍ତି ଯେ, ପୂଜା ଛୁଟି ଚାଲିଛି। ଦିନ କେଇଟା ପରେ ଓକିଲ ବନ୍ଧୁମାନେ କାର୍ଯ୍ୟକୁ ଫେରିବେ। ଏହି ଘଟଣାକୁ ନେଇ ବିରୋଧୀ ଅଯଥା ରାଜନୀତି ନ କରନ୍ତୁ।

Regional Office-1:
Plot No.: 1556 & 1561,
Jagamara, Khandagiri,
Bhubaneswar - 751 019

सिंडिकेटबैंक SyndicateBank

NOTICE INVITING TENDERS

**Syndicate Bank** invites Tenders from reputed, experienced and eligible contractors/firms for **Supply, Erection and Commissioning of Passenger Lift** of its office complex building at Plot No.: 1556 (P) & 1561(P), Jagamara, Bhubaneswar. The details of the project, eligibility criteria etc., are available in our website: **www.syndicatebank.in** under Category **"Advt/bids/Tenders."**
Interested and eligible contractors/firms may apply in the prescribed format in two separate covers i.e. Technical & Financial bids respectively to **THE REGIONAL MANAGER, SYNDICATE BANK, REGIONAL OFFICE, JAGAMARA, BHUBANESWAR** at the above address on or before **31.10.2018 upto 3.00 P.M.**
Bidders are requested to refer the website for any modifications/changes/corrigendum & to this notice. No other advertisement will be released in the newspaper in this regard.
Bank reserves the right to accept or reject any or all the applications without assigning any reasons whatsoever.

Place : Bhubaneswar — Sd/-
Date : 24.10.2018 — Regional Manager

# ଚିଲିକାରେ ପହଞ୍ଚିଲେ ବିଦେଶୀ ପକ୍ଷୀ

■ ବନ୍ୟପ୍ରାଣୀ ବିଭାଗ ତତ୍ପର, ସୁରକ୍ଷା ପାଇଁ ୧୯ କ୍ୟାମ୍ପ

ବାଲୁଗାଁ, ୨୪।୧୦(ଡି.ଏନ.ଏ.)



ଶୀତର ଆଗମନ ହେବା ସଙ୍ଗେ ସଙ୍ଗେ ଚିଲିକାକୁ ରଙ୍ଗବେରଙ୍ଗର ବିଦେଶୀ ପକ୍ଷୀଙ୍କ ସୁଅ ଛୁଟିବା ଆରମ୍ଭ ହୋଇଛି। ବୁଧବାର ସୁଦ୍ଧା ଖୋର୍ଦ୍ଧା ଜିଲା ଚିଲିକା ମଧ୍ୟସ୍ଥ ପକ୍ଷୀ ଅଭୟାରଣ୍ୟ ନଳବଣ ଅଞ୍ଚଳରେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥିବା ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ସୂତ୍ରରୁ ଜଣାଯାଇଛି। ପକ୍ଷୀଙ୍କ ଆଗମନ ହେତୁ ଚିଲିକା ଚଳଚଞ୍ଚଳ ହୋଇପଡ଼ିଥିବା ବେଳେ ଅପେକ୍ଷାରତ ପର୍ଯ୍ୟଟକ ଓ ପକ୍ଷୀ ବିଶାରଦଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି । ଚିଲିକାରେ ଶୀତଦିନେ ପ୍ରାୟ ୧୬୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀଙ୍କ ସମାଗମ ହୋଇଥାଏ। ବର୍ତ୍ତମାନ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ୟୁରାସିଆନ୍ ୱିଜିଅନ୍, ନର୍ଦନ୍ ପିଣ୍ଟେଲ୍, ପ୍ଲୋଭର୍ସ, ସ୍ୟାଣ୍ଡପାଇପର୍, ଗ୍ରେଟର ଫ୍ଲେମିଙ୍ଗୋ (ଏରା ପକ୍ଷୀ) ଓ ଗଡ଼ୱାଲ ପ୍ରଭୃତି ୨୦ ପ୍ରଜାତିର ୫ ହଜାରରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ଆଗମନ ହୋଇଥିବା ଜଣାଯାଇଛି। ସେଥିମଧ୍ୟରୁ ୟୁରାସିଆନ୍ ୱିଜିଅନ୍ ସର୍ବାଧିକ ସଂଖ୍ୟାରେ ଦୃଷ୍ଟିଗୋଚର ହୋଇଥିବା ବନପାଳ ପ୍ରମୋଦ ପଣ୍ଡା ସୂଚନା ଦେଇଛନ୍ତି ।

ପ୍ରାୟତଃ ଅକ୍ଟୋବର ପହିଲାରେ ଶୀତ ପଡ଼ିବା ମାତ୍ରେ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। କିନ୍ତୁ ଚଳିତବର୍ଷ ଅକ୍ଟୋବର ଶେଷାର୍ଦ୍ଧରେ ତଥା ଦୁଇ ସପ୍ତାହ ବିଳମ୍ବରେ ପକ୍ଷୀ ଆସି ଚିଲିକା ବକ୍ଷରେ ପାଦ ଥାପିଛନ୍ତି। ତିତ୍ଲି ବାତ୍ୟାର ପ୍ରଭାବରେ ପକ୍ଷୀଙ୍କ ଆଗମନ କ୍ଷେତ୍ରରେ ବିଳମ୍ବ ଘଟିଥିବା ଅନୁମାନ କରାଯାଉଛି । ତେବେ ପାଗ ଅନୁକୂଳ ରହିଲେ ଚଳିତ ବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇବ ବୋଲି ବିଶାରଦମାନେ ଆଶାବାଦୀ । ଶୀତଋତୁରେ ସୁଦୂର ସାଇବେରିଆ, ରୁଷିଆ, କାଜାକସ୍ଥାନ, ମଙ୍ଗୋଲିଆ, ଆମେରିକା, କାନାଡା ଆଦି ଦେଶର ବରଫାବୃତ୍ତ ଅଞ୍ଚଳରୁ ପ୍ରବଳ ହୀମପ୍ରବାହ ଓ ଅସହ୍ୟ ଶୀତ ଦାଉରୁ ରକ୍ଷାପାଇବା ପାଇଁ ବିଭିନ୍ନ ପ୍ରଜାତିର ପକ୍ଷୀମାନେ ହଜାର ହଜାର ମାଇଲ୍ ଅତିକ୍ରମ କରି ଚିଲିକାରେ ପହଞ୍ଚିଥାଆନ୍ତି । ପକ୍ଷୀ ଚିଲିକାରେ ପହଞ୍ଚିବା ପୂର୍ବରୁ ଉପଯୁକ୍ତ ନିରାପଦ ବାସସ୍ଥାନ ଓ ଖାଦ୍ୟ ଅନ୍ୱେଷଣରେ ଦୁଇତିନି ଦିନ ଧରି ଇଂଲିଶ ଅକ୍ଷର 'ୟୁ' ଓ 'ଭି' ଆକୃତିରେ ଘୂରି ବୁଲି ଚିଲିକା ଜଳ ରାଶିରେ ଓହ୍ଲାଇଥାନ୍ତି । ବର୍ତ୍ତମାନ ଅନୁରୂପ ଭାବେ ଏହି ରଙ୍ଗ ବେରଙ୍ଗର ବିଦେଶୀ ପକ୍ଷୀ ନଳବଣ ଉପର ଆକାଶରେ ପଇଁତରା ମାରୁଥିବାବେଳେ କେତେକ ସ୍ଥାନରେ ଜଳରାଶିରେ ଓହ୍ଲାଇଥିବା ଦେଖାଦେଇଛି ।

ଅନ୍ୟପକ୍ଷରେ ପକ୍ଷୀଙ୍କ ଆଗମନ ହେତୁ ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ପକ୍ଷୀଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିନିମନ୍ତେ ୧୯ଟି କ୍ୟାମ୍ପ ଓ ଗୋଟିଏ ଭ୍ରାମ୍ୟମାଣ ସ୍କ୍ୱାଡ୍ ଗଠନ କରାଯାଇଛି। ବାଲୁଗାଁ ବନ୍ୟପ୍ରାଣୀ ବିଭାଗ ଅଧୀନ ୫ଗୋଟି ରେଞ୍ଜ୍ ତଥା ବାଲୁଗାଁ, ଟାଙ୍ଗୀ, ରମ୍ଭା, ସାତପଡ଼ା ଓ ଚିଲିକା ଅଞ୍ଚଳରେ ଏହି ସ୍କ୍ୱାଡ୍ ଗୁଡ଼ିକୁ ନିୟୋଜିତ କରାଯାଇଛି। ଟାଙ୍ଗୀ ରେଞ୍ଜରେ ସର୍ବାଧିକ ୧୦ଟି କ୍ୟାମ୍ପ, ବାଲୁଗାଁ ରେଞ୍ଜ ଅଧୀନ ନଳବଣରେ ୪, ସାତପଡ଼ାରେ ୨, ରମ୍ଭା ୧ ଓ ଚିଲିକାରେ ୧ଟି କ୍ୟାମ୍ପ ରହିଛି। ସ୍ଥଳପଥରେ ବିଭିନ୍ନ ଢାବା, ହୋଟେଲ୍ ଆଦି ତଲାସିବା ପାଇଁ ଗୋଟିଏ ଭ୍ରାମ୍ୟମାଣ ସ୍କ୍ୱାଡ୍ ନିୟୋଜିତ ହୋଇଛନ୍ତି। ପ୍ରତ୍ୟେକ କ୍ୟାମ୍ପରେ ଗୋଟିଏ ଲେଖାଏ ଯନ୍ତ୍ରଚାଳିତ ବୋଟ୍ ସମେତ ଜଣେ ବନପାଳ କିମ୍ବା ବନରକ୍ଷୀ ଏବଂ ଚିଲିକା ତଟବର୍ତ୍ତୀ ଗ୍ରାମ ପକ୍ଷୀ ସୁରକ୍ଷା ମଞ୍ଚର ୩ଜଣ ଲେଖାଏ ସଦସ୍ୟ ସାମିଲ୍ ହୋଇଛନ୍ତି । ଏତଦ୍‌ବ୍ୟତୀତ ଚିଲିକା ତଟବର୍ତ୍ତୀ ଗ୍ରାମଗୁଡ଼ିକରେ ପକ୍ଷୀସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି।

# ପୁରୀ ହିଂସା: ଗିରଫଦାରି ସଂଖ୍ୟା ୯୬ ଛୁଇଁଲା

ପୁରୀ ଅଫିସ,୨୪।୧୦: ଶ୍ରୀମନ୍ଦିରରେ ଧାଡ଼ିଦର୍ଶନକୁ ନେଇ ହୋଇଥିବା ପୁରୀ ହିଂସାରେ ଗିରଫଦାରି ସଂଖ୍ୟା ୯୬ ଛୁଇଁଛି। ପୂର୍ବରୁ ପୋଲିସ ୯୩ ଜଣଙ୍କୁ ଗିରଫ କରିଥିବା ବେଳେ ବୁଧବାର ଆଉ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସିଂହଦ୍ୱାର ଥାନା ପୋଲିସ କେସ୍ ନଂ.୮୪/୧୮ରେ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାଳିକାଦେବୀ ସାହିର ଦିଲୀପ କୁମାର ଦାସ ଓ ମାର୍କଣ୍ଡେଶ୍ୱର ସାହିର ବିକାଶ ଚନ୍ଦ୍ର ସାହୁ। ସେହିପରି ଟାଉନ ଥାନା ପୋଲିସ ଟ୍ରାଫିକ ପୋଷ୍ଟ ଭଙ୍ଗାରୁଜା ଏବଂ ପୋଡ଼ି ଘଟଣାରେ କେସ୍ ନଂ. ୧୬୯/୧୮ରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ବାସେଳିସାହି ଥାନା ଅନ୍ତର୍ଗତ ମାର୍କଣ୍ଡେୟ ପୁଷ୍କରିଣୀ ଅଞ୍ଚଳର ଲୋକନାଥ ମହାପାତ୍ର। ସେ ଜଣେ ଯାତ୍ରୀ ଗୁମାସ୍ତା ବୋଲି ଜଣାପଡିଛି।

ଅପରପକ୍ଷରେ ଗିରଫଦାରି ନେଇ ମୁହଁ ଖୋଲିଛନ୍ତି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି। ଏହି ଘଟଣାରେ ପ୍ରକୃତ ଗଣ୍ଡଗୋଳକାରୀଙ୍କୁ ଗିରଫ କରିବା ପରିବର୍ତ୍ତେ ପୋଲିସ ସାଧାରଣ ଜନତାଙ୍କୁ ଗିରଫ କରୁଛି ବୋଲି ସେ କହିଛନ୍ତି। ଏହାଛଡ଼ା ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ସମ୍ଭବ ନୁହେଁ ବୋଲି ମନ୍ତ୍ରୀ କହିଥିଲେ।

ଧରିତ୍ରୀ DHARITRI
Puja Quiz- 2018
Quiz No.11
Main Sponsor TVS
Co-Sponsors CENTRAL Nikon
☑Tick mark the box which is correct
୧. ପୋଷ୍ଟାଲ ଇଣ୍ଡେକ୍ସ ନମ୍ବର ଭାରତରେ କେବେ ପ୍ରଚଳିତ ହେଲା ?
କ. ୧୯୭୦ ☐ ଖ. ୧୯୭୨ ☐ ଗ. ୧୯୭୫ ☐ ଘ. କେଉଁଟି ନୁହେଁ ☐
୨. ନିମ୍ନଲିଖିତ କେଉଁ ଅର୍ଥବ୍ୟବସ୍ଥା ୟୁ.ଏସ୍.ଏ.ରେ ପ୍ରଚଳିତ ?
କ. ସମାଜବାଦୀ ଅର୍ଥବ୍ୟବସ୍ଥା ☐ ଖ. ପୁଞ୍ଜିବାଦୀ ଅର୍ଥବ୍ୟବସ୍ଥା ☐ ଗ. ମିଶ୍ରିତ ଅର୍ଥବ୍ୟବସ୍ଥା ☐ ଘ. କେଉଁଟି ନୁହେଁ ☐
୩. ଭାରତୀୟ ଗଣତନ୍ତ୍ରର ମୁଖ୍ୟ ବୈଶିଷ୍ଟ୍ୟଟି କ'ଣ ?
କ. ସୁପ୍ରିମ୍‌କୋର୍ଟ ☐ ଖ. ପାର୍ଲାମେଣ୍ଟ ☐ ଗ. ନିର୍ବାଚନ କମିଶନ ☐ ଘ. କେଉଁଟି ନୁହେଁ ☐
୪. ନିମ୍ନଲିଖିତ ମଧ୍ୟରୁ କେଉଁଟି ଶୀଘ୍ର ବଢୁଥିବା ଗଛ ?
କ. ନଡ଼ିଆ ଗଛ ☐ ଖ. ବରଗଛ ☐ ଗ. ଇଉକାଲିପଟାସ୍ ☐ ଘ. କେଉଁଟି ନୁହେଁ ☐
୫. ପୃଥିବୀର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ କିଏ ?
କ. ଗୋଲ୍ଡା ମିର୍ ☐ ଖ. ଇନ୍ଦିରା ଗାନ୍ଧୀ ☐ ଗ. ସିରିମାଭୋ ବନ୍ଦରନାଏକ ☐ ଘ. କେଉଁଟି ନୁହେଁ ☐

Participant's Name:......
Address:......
Education ......
Mobile...... Age:......
E-mail:......

Terms & conditions:
1. Only original coupons will be considered.
2. Persons working with Dharitri or sponsors are not eligible for the contest.
3. Coupons should reach us within 7 days of publication.
4. Everyday three Daily Winners will be selected by lucky draw.
5. Mega prize winners will be selected from correct entries by lucky draw and Winners will bear gift taxes if any, as per Govt. norms.
6 Prize distribution date, time and venue will be intimated to the winners individually.
7. Selection of winners by the juries will be final. No complaints will be entertained.
*Conditions apply

Prizes: 1st - TVS Apache 160cc 2nd - TVS Jupiter Scooter, 3rd - TVS Scooty Pep+,
Consolation Prizes : Gift Vouchers from CENTRAL, Digital Cameras from NIKON
Cut this coupon and send it to the following address:
DHARITRI Puja Quiz No. 11
B-15, Industrial Estate, Rasulgarh, Bhubaneswar-10









ଯୁଗ ଯୁଗର ଭାରତବର୍ଷ ମରିଯାଇ ନାହିଁ। କିମ୍ବା ସେ ତା'ର ଶେଷ ସୃଜନାତ୍ମକ ଶବ୍ଦଟି କହି ସାରିନାହିଁ। ସେ ବଞ୍ଚିଛି। ଏବଂ ନିଜ ପାଇଁ ଓ ମଣିଷମାନଙ୍କ ପାଇଁ ତା'ର କିଛି କରିବାର ଅଛି।
-ଶ୍ରୀଅରବିନ୍ଦ



# ନକଲି ପନିର



## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ଗତ ଦୁଇମାସ ଭିତରେ ପଞ୍ଜାବରେ ଏକ ବଡ଼ ସଂକଟ ଦେଖାଦେଲା, ଯାହା ପ୍ରତ୍ୟେକ ସ୍ଥାନୀୟ ଖବରକାଗଜର ପ୍ରମୁଖ ପୃଷ୍ଠା ମଣ୍ଡନ କରିଥିଲା। ଖବରଟି ହେଉଛି ରାଜ୍ୟ ବ୍ୟଞ୍ଜନ ଭାବେ ଜଣାଶୁଣା ପନିର ବଜାରରୁ ଉଭାନ ହୋଇଯାଇଥିଲା। ଜୈବ ଅମ୍ଳ ଯଥା ଲେମ୍ବୁରସ, ଲାକ୍ଟିକ୍ ଏସିଡ୍, ଏସିଟିକ୍ ଏସିଡ୍, ଟାର୍ଟାରିକ୍ ଏସିଡ୍, ସାଇଟ୍ରିକ୍ ଏସିଡ୍, ଫିଟିକିରି ବା ଖଟା ଦହି (ମହି) ଦେଇ କ୍ଷୀରକୁ ଛିଣ୍ଡାଇ ପନିର ବା ଛେନା ପ୍ରସ୍ତୁତ କରାଯାଏ। କ୍ଷୀର ଛିଣ୍ଡିଗଲା ପରେ ପାଣି ଅଂଶକୁ ଅଲଗା କରିଦେଲେ ଯାହା ରହେ, ତାହା ହେଉଛି ପନିର। ଉତ୍ତର ଭାରତରେ ଏହା ଏକ ପ୍ରିୟଖାଦ୍ୟ, କିନ୍ତୁ ପଞ୍ଜାବରେ ପ୍ରତି ଘରେ ପନିର ନ ହେଲେ ଚଳେନା। ବ୍ୟକ୍ତିଗତ ଭାବେ ଏହା ମୋର ପସନ୍ଦର ଖାଦ୍ୟ ନୁହେଁ। ମୁଁ ବରଂ ଉପାସ ରହିବି, କିନ୍ତୁ ପନିର ଖାଇବି ନାହିଁ। ମୁଁ ବାହାରକୁ ଗଲେ ଯେଉଁଠି ନିରାମିଷ ଖାଦ୍ୟ ହିସାବରେ କେବଳ ପନିର ଛଡ଼ା ଆଉ କିଛି ନ ଥାଏ, ସେଠାରେ ମୋତେ ଉପାସ ହିଁ ରହିବାକୁ ପଡ଼େ। ବହୁବର୍ଷ ହେଲା ମୁଁ ଲୋକଙ୍କୁ ସଚେତନ କରାଇ ଆସୁଛି ଯେ, କ୍ଷୀର କିମ୍ବା ଏଥିରୁ ପ୍ରସ୍ତୁତ କୌଣସି ବି ଖାଦ୍ୟ ଖାଅ ନାହିଁ।

ପନିର ନ ଖାଇବା ଲାଗି ଏଠାରେ ଆଉ ଗୋଟିଏ କାରଣ ଉଲ୍ଲେଖ କରୁଛି। କାରଣ ଏହା ପନିର ନୁହେଁ। ଯଦି ଆପଣ ନିଜ ଘରେ ପାଳିଥିବା ଗାଈର କ୍ଷୀର ବା ବିଶ୍ୱସ୍ତ ସୂତ୍ରରୁ ପାଇଥିବା କ୍ଷୀରରୁ ନିଜ ଘରେ ପନିର ପ୍ରସ୍ତୁତ କରୁଛନ୍ତି, ତେବେ ତାହା ଅସଲି ପନିର ହୋଇପାରେ। କିନ୍ତୁ ବଜାରରେ ମିଳୁଥିବା ଅଧିକାଂଶ କ୍ଷୀର କ୍ଷୀର ହିଁ ନୁହେଁ ଏବଂ ବଜାରରେ ମିଳୁଥିବା ପନିର ପନିର ହିଁ ନୁହେଁ। ସରକାରୀ ତଥ୍ୟ ଅନୁସାରେ ଭାରତରେ ବାର୍ଷିକ ୧୫ କୋଟି ଟନ୍ କ୍ଷୀର ଉତ୍ପାଦନ ହେଉଛି। ଯଦି ଏ ସବୁଯାକ କ୍ଷୀରରୁ କେବଳ ପନିର ତିଆରି କରିବା ତେବେ ୭ ଲକ୍ଷ ଟନ୍ ପନିର ଉତ୍ପାଦନ ହେବ। କିନ୍ତୁ ତାହା ସମ୍ଭବ ନୁହେଁ, କାରଣ ମୋଟ ଉତ୍ପାଦିତ କ୍ଷୀରର ଅଳ୍ପ କିଛି ଅଂଶ ହିଁ ପନିର ତିଆରି କାମରେ ଲାଗିଥାଏ। କିନ୍ତୁ ଭାରତରେ ପ୍ରତିବର୍ଷ ୫ ଲକ୍ଷ ଟନ୍ ପନିର ବିକ୍ରି ହେଉଛି। ତା'ହେଲେ ଏତେ ପନିର ଆସୁଛି କେଉଁଠୁ ? ଏଗୁଡ଼ିକ ତିଆରି ହେଉଛି ମଇଦା, ପାମୋଲିନ୍ ତେଲ, ଖାଇବା ସୋଡ଼ା, ଲହୁଣି କଢ଼ାଯାଇଥିବା ପରିତ୍ୟକ୍ତ ବାସି କ୍ଷୀର, ଡିଟର୍ଜେଣ୍ଟ ପାଉଡର, ସୋଡ଼ାର ବାଇକାର୍ବୋନେଟ୍ ଏବଂ ସଲ୍‌ଫ୍ୟୁରିକ୍ ଏସିଡ୍ (ଗନ୍ଧକାମ୍ଳ)ର ମିଶ୍ରଣ ମାଧ୍ୟମରେ। ସେହି ଏକା ସଲ୍‌ଫ୍ୟୁରିକ୍ ଏସିଡ୍ ମିଳେ ଲେଡ୍-ଏସିଡ୍ ବ୍ୟାଟେରି, ମେଟାଲ କ୍ଲିନର, ଡ୍ରେନ୍ କ୍ଲିନର ଏବଂ କଳଙ୍କି-ବିରୋଧୀ ଉତ୍ପାଦରେ। ଏହି ଏସିଡ୍‌କୁ ହିଁ ପକାଇ ଦୁର୍ବୃତ୍ତମାନେ ମହିଳାଙ୍କ ମୁହଁ ପୋଡ଼ିଦିଅନ୍ତି। ଉକ୍ତ ଏସିଡ୍ ଓ ଅନ୍ୟ ଜିନିଷର ମିଶ୍ରଣକୁ ଅର୍ଦ୍ଧତରଳ ଅବସ୍ଥାକୁ ଆସିବା ପର୍ଯ୍ୟନ୍ତ ଫୁଟାଯାଏ। ତା'ପରେ ତାକୁ ଏକ ପାତ୍ରରେ ଢାଳି କିଛି ଘଣ୍ଟା ରଖି ଥଣ୍ଡା କରାଯାଏ। ତା'ପରେ ତାକୁ ପାଞ୍ଚ କିଲିଆ ଇଟା ଆକାରରେ କାଟି ପନିର ନାମରେ ବିକ୍ରି କରାଯାଏ। ଏହି ନକଲି ପନିର ତିଆରିବେଳେ ଯେଉଁ ଆବର୍ଜନା ପାଣି ବାହାରେ ତାକୁ ପରିସର ଭିତରେ ଥିବା ବେଆଇନ ବୋର୍ ୱେଲ୍‌ରେ ଢାଳିଦିଆଯାଏ, ଯାହା ମାଇଲ ମାଇଲ ବ୍ୟାପି ଭୂତଳ ଜଳଭଣ୍ଡାରକୁ ପ୍ରଦୂଷିତ କରେ। ଏହିପରି ୫ କିଲୋ ନକଲି ପନିର ତିଆରି କରିବା ପାଇଁ ୩୦ରୁ ୧୫୦ ଟଙ୍କା ଭିତରେ ଖର୍ଚ୍ଚ ପଡ଼େ। ମାତ୍ର ତାକୁ ପାଇକାରିରେ କିଲୋ ୧୫୦ରୁ ୨୦୦ ଟଙ୍କାରେ ଏବଂ ଖୁଚୁରାରେ କିଲୋ ୩୦୦ ଟଙ୍କାରେ ବିକ୍ରି କରାଯାଏ।

କାରଖାନାର ମାଲିକ ଶିଳ୍ପାଞ୍ଚଳରେ ଶ୍ରମିକମାନେ ରହିବା ପାଇଁ ଉଦ୍ଦିଷ୍ଟ ଅପରିଚ୍ଛନ୍ନ ପ୍ରକୋଷ୍ଠରେ ଏ ନକଲି ପନିର ତିଆରି କରନ୍ତି। ତାକୁ ସେମାନେ ନିଜ ନାଁରେ ଥିବା ନକଲି ଡାଇରି ଫାର୍ମ ବା ଅଳ୍ପ କେଇଟା ଗାଈ ମଇଁଷି ଥିବା ଅସଲି ଡାଇରି ଫାର୍ମକୁ ବିକ୍ରି କରନ୍ତି। ତା'ପରେ ଉକ୍ତ ନକଲି ବା ଅସଲି ଡାଇରି ଫାର୍ମଗୁଡ଼ିକ ସେଗୁଡ଼ିକୁ ବିଭିନ୍ନ ମିଠା ଦୋକାନୀ ବା ବେକରିଗୁଡ଼ିକୁ ବିକ୍ରି କରନ୍ତି। ଅଧିକାଂଶ ପନିର କାରଖାନା ରାତିରେ ପନିର ତିଆରି କରନ୍ତି, ଭୋରରେ ସେଗୁଡ଼ିକ ଚାଲାଣ କରନ୍ତି ଏବଂ ଦିନର ଅବଶିଷ୍ଟ ସମୟ କାରଖାନା ବନ୍ଦ ରଖନ୍ତି। କାଳେ ଟୋଲଗୁଡ଼ିକରେ କେହି ଅଟକାଇବ ବା ଯାଞ୍ଚ କରିବ, ସେହି ଭୟରେ ସେଗୁଡ଼ିକୁ ଟେମ୍ପୋ ବଦଳରେ କାର ବା ଏସ୍‌ୟୁଭି ଡିକିରେ ଚାଲାଣ କରାଯାଏ। ଯେପରି ବନ ବିଭାଗର ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ସହଯୋଗରେ ଜଙ୍ଗଲ କଟା ହେଉଛି, ଠିକ୍ ସେମିତି ଏ ନକଲି ଖାଦ୍ୟ କାରବାର ଫୁଡ୍ ଇନ୍ସପେକ୍ଟର ତଥା ଡାଇରି ବିଭାଗର ଜାଣତରେ ଚାଲୁଛି। ବିଭିନ୍ନ ସମୟରେ କୌଣସି ମନ୍ତ୍ରୀଙ୍କ ଆଦେଶରେ ରେଡ୍ ହେଉଛି, କିଛି ଲୋକ ଜେଲ ଯାଉଛନ୍ତି, ନକଲି ଖାଦ୍ୟ ସାମଗ୍ରୀଗୁଡ଼ିକ ବଜାରରୁ ଉଭାନ ହୋଇଯାଉଛି ଏବଂ କିଛିଦିନ ପରେ ପୁଣି ଯେଉଁ କଥାକୁ ସେଇ କଥା। ଜଣେ କାରଖାନା ମାଲିକଙ୍କ କହିବା ଅନୁସାରେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀ ମାସକୁ ୫୦୦୦ ଟଙ୍କା ଲେଖା ବଟି ନିଅନ୍ତି ଏବଂ କୌଣସି ଖାଦ୍ୟ ନମୁନା ଠିକ୍ ଅଛି ବୋଲି ସାର୍ଟିଫିକେଟ୍ ଦେବା ପାଇଁ ୧୦ରୁ ୧୫ ହଜାର ଟଙ୍କା ଲାଞ୍ଚ ନିଅନ୍ତି। ପଞ୍ଜାବ ଭଳି ଛୋଟ ରାଜ୍ୟରେ ଏତେ ନକଲି ପନିର କାରଖାନା ରହିବା ଆଶ୍ଚର୍ଯ୍ୟଜନକ। କୌଣସିଟି କାରଖାନା ଡାଇରି ଫାର୍ମ ନିକଟରେ ଅବସ୍ଥିତ ନୁହେଁ। ଅଧିକାଂଶ ଶିଳ୍ପାଞ୍ଚଳରେ ବା କୌଣସି ଛୋଟ ଗାଁରେ ଅବସ୍ଥିତ। ନକଲି ପନିର ତିଆରି ପାଇଁ ଅନେକ ଡଜନ ଲୋକଙ୍କୁ ଜେଲ ପଠାଯାଇଥିବା ବେଳେ ଜଣେ ହେଲେ ସ୍ୱାସ୍ଥ୍ୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ।

ଗତ ଅଗଷ୍ଟ ମାସ ସାରା ପଞ୍ଜାବରେ ଥିବା ଅନେକ ହଜାର ନକଲି ପନିର କାରଖାନା ମଧ୍ୟରୁ ଏକହଜାରରୁ ଅଧିକ କାରଖାନା ଉପରେ ଚଢ଼ାଉ କରାଯାଇଥିଲା। ସବୁଠାରେ ଏସିଡ୍ ଓ ବେଆଇନ ରଙ୍ଗକାରକ ମିଳିଥିଲା। ଏପରି କି ଯେଉଁ ଡାଇରି ଫାର୍ମଗୁଡ଼ିକ ସତସତିକା ପନିର ତିଆରି କରୁଥିଲେ, ସେଠାରେ ବି କର୍ମଚାରୀ, ଯନ୍ତ୍ରପାତି ଓ ପରିବେଶ ଏପରି ଅପରିଚ୍ଛନ୍ନ ଥିଲା ଯେ ସେ ପନିର ଖାଇବା ପାଇଁ ନିରାପଦ ନ ଥିଲା।

ଚଢ଼ାଉ ସମୟରେ ବଜାରରୁ ପନିର ଉଭାନ ହୋଇଯିବା ଅର୍ଥ ଅଧିକାଂଶ ବା ସବୁ କାରଖାନା ନକଲି ପନିର ତିଆରି କରୁଥିଲେ। କେବଳ ପନିର ନୁହେଁ, ଏଥିରୁ ତିଆରି ହେଉଥିବା ମିଠାଗୁଡ଼ିକ ମଧ୍ୟ ଆଉ ମିଠାଦୋକାନଗୁଡ଼ିକରେ ଦେଖିବାକୁ ମିଳିଲା ନାହିଁ। କୌଣସି ଦୋକାନୀ ବା ଡାଇରି ମାଲିକ ବଡ଼ ଭୋଜି ଇତ୍ୟାଦି ପାଇଁ ବଡ଼ ଆକାରର ଅର୍ଡର ରଖିଲେ ନାହିଁ।

ଏହି ବେଆଇନ ଶିଳ୍ପ କେତେ ବିରାଟ ଆକାରରେ ଚାଲିଛି, ତା'ର ଏକ ନମୁନା ଦେଉଛି। ମୋହାଲିର ସ୍ୱାସ୍ଥ୍ୟ ବିଭାଗ ବାଲୋମାଜ୍ରା ଗାଁରେ ଥିବା ଏକ ପନିର କାରଖାନା ଉପରେ ଚଢ଼ାଉ କରିବା ବେଳେ ସେଠାରୁ ୨୦.୬ କୁଇଣ୍ଟାଲ ନକଲି ପନିର, ୩୩ କୁଇଣ୍ଟାଲ ଲହୁଣି ନ ଥିବା କ୍ଷୀର ଗୁଣ୍ଡ, ସଲ୍‌ଫ୍ୟୁରିକ୍ ଏସିଡ୍ (ଗନ୍ଧକାମ୍ଳ) ଓ ଅନ୍ୟ ରାସାୟନିକ ମିଳିଲା। କାରଖାନାର ମାଲିକ ପ୍ରତିଦିନ ଚଣ୍ଡିଗଡ଼, ପିଞ୍ଜୋର, କାଲ୍‌କା, ରାଜପୁରା ଓ ପାଞ୍ଚକୁଲାରେ ଥିବା ହୋଟେଲ ଓ ଢାବାଗୁଡ଼ିକୁ ଓ କିଛି ସ୍ଥାନୀୟ କଲୋନୀକୁ ଏହି ପନିର ଚାଲାଣ କରିଥାନ୍ତି। ଉକ୍ତ ମାଲିକଙ୍କର ଖାଦ୍ୟ ଲାଇସେନ୍ସ ନାହିଁ ଏବଂ କାରଖାନା ପରିସର ଅତ୍ୟନ୍ତ ଅପରିଚ୍ଛନ୍ନ। ସେହିପରି ଆହୁରି ଅନେକ ସ୍ଥାନରେ ଚଢ଼ାଉ କରାଯାଇ ବ୍ୟାପକ ପରିମାଣର ନକଲି ପନିର, ସଲ୍‌ଫ୍ୟୁରିକ୍ ଏସିଡ୍, ପାମୋଲିନ୍ ତେଲ, ମଇଦା, କଷ୍ଟିକ୍ ସୋଡ଼ା, ଅପିଶ୍ରିତ ବାସି କ୍ଷୀର ଓ କ୍ଷୀର ଗୁଣ୍ଡ ଇତ୍ୟାଦି ଜବତ କରାଯାଇଥିଲା। ନକଲି ପନିର ପରି କେତେକ କାରଖାନାରେ ନକଲି ଖୁଆ ତିଆରି ହେଉଥିବା ମଧ୍ୟ ଚଢ଼ାଉ ବେଳେ ଜଣାପଡ଼ିଛି। ଜାନ୍ଦିୟାଲା ରୋଡ୍, ତରଣତାରଣଠାରେ ଏକ ଗାଡ଼ିରେ ଚାଲାଣ ହେଉଥିବା ବେଳେ ୩୦୦ କେଜି ନକଲି ଖୁଆ ବର୍ଫି, ମିଲ୍‌କ କେକ୍, ଲଡ୍ଡୁ, ପଟିସା ଆଦି ଜବତ କରାଯାଇଥିଲା। ଫରିଦକୋଟର ଜଇତୋଠାରେ ଆଉ ଏକ ଦୋକାନରୁ ଦେଢ଼ କୁଇଣ୍ଟାଲ ନକଲି ଖୁଆ ବର୍ଫି ଓ ଧୋଡ଼ା ମିଠା ଜବତ କରାଯାଇଥିଲା। ତେବେ ଏ ନକଲି ପନିର କାରବାର କ'ଣ କେବଳ ପଞ୍ଜାବରେ ହେଉଛି ? ନା, ସାରା ଭାରତର ସମସ୍ତ ଛୋଟ ବଡ଼ ସହରରେ ଏ କାରବାର ଚାଲିଛି।

ବର୍ତ୍ତମାନ ପ୍ରଶ୍ନ ହେଉଛି ଆପଣ ଅସଲି ଓ ନକଲି ପନିରକୁ ଚିହ୍ନିବେ କେମିତି। ଅସଲି ପନିର ନରମ ଓ ଟିକେ ଦୁଧିଆ ଲାଗେ। ନକଲି ପନିର ରବର ଭଳିଆ ଚେମଡ଼ା, ଯାହାର କିଛି ସ୍ୱାଦ ନ ଥାଏ। କଞ୍ଚା ପନିର ଉପରେ କିଛି ଆୟୋଡିନ୍ ଦ୍ରବଣ ପକାନ୍ତୁ, ଯଦି ତାହାର ରଙ୍ଗ ବଦଳି ନୀଳ-କଳା ହୋଇଯାଏ, ତେବେ ତାହା ନକଲି ବୋଲି ଜାଣିବେ।

Email: gandhim@nic.in

# ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ



ଡ. ଶରତ ଚନ୍ଦ୍ର ରଥ

ବିଶ୍ୱାସ ଏକ ଅମୂଲ୍ୟ ଧନ। କିନ୍ତୁ ସମସ୍ତେ ଏହାର ମହତ୍ତ୍ୱ ବୁଝିପାରନ୍ତି ନାହିଁ। ଯେଉଁମାନେ ଏଇ ଅମୂଲ୍ୟଧନ ସହିତ ବିଶ୍ୱାସଘାତକତା କରନ୍ତି, ସେମାନେ ନିଜେ କ୍ଷତିଗ୍ରସ୍ତ ହୁଅନ୍ତି, କେହି ତାଙ୍କୁ ବିଶ୍ୱାସ କରନ୍ତି ନାହିଁ। ଫଳତଃ ସେମାନେ ଅବିଶ୍ୱସ୍ତ ହୋଇ ରହିଯାଆନ୍ତି। ବିଶ୍ୱାସର ବନ୍ଧୁତା ସବୁଠାରୁ ବଡ଼ ବନ୍ଧୁତା। ସେଥିପାଇଁ କୁହାଯାଏ, ''ସାଙ୍ଗକେ ମରି, ସାଙ୍ଗକେ ତରି, ସାଙ୍ଗକେ ଘର ଦୁଆର କରି।'' ସେହି ହେଉଛି ପ୍ରକୃତ ବନ୍ଧୁ, ଯିଏ ବିଶ୍ୱସ୍ତ ଭାବରେ ଅନ୍ୟ ବନ୍ଧୁର ଦୋଷତ୍ରୁଟି ଦର୍ଶାଇଦିଏ ଏବଂ ସୁଧାରିବାକୁ ଆଗ୍ରହୀ ହୁଏ। ବନ୍ଧୁତାର ହସ୍ତକ୍ଷେପରେ ଅନ୍ୟ ବନ୍ଧୁର କେତେ ଅସୁବିଧା ଦୂର ହୁଏ, କେତେ ସମସ୍ୟାର ସମାଧାନ ହୋଇଯାଏ, ପୁଣି କେତେ ବଦଗୁଣ ପରିଣତ ହୋଇଯାଏ ସଦ୍‌ଗୁଣରେ।

ବିଶ୍ୱାସରେ ଅସମ୍ଭବ ହୋଇଯାଏ ସମ୍ଭବ। ବିଶ୍ୱାସ ବଳରେ ଶ୍ରୀରାମ ଦର୍ଶନ ଦିଅନ୍ତି ଶବରୀକୁ, ବିଶ୍ୱାସରେ ବାଡିଗାଡିଆ ପ୍ରୟାଗ, ପୁଷ୍କରରେ ପରିଣତ ହୁଏ। ପଙ୍ଗୁ ଗିରି ଲଙ୍ଘନ କରେ। ମୂକ ବାଚାଳ ହୁଏ। ସ୍ତମ୍ଭରୁ ନରସିଂହ ମୂର୍ତ୍ତି ବିଶ୍ୱାସବଳରେ ପ୍ରକଟିତ ହୁଅନ୍ତି। ଭଗବତ୍ ବିଶ୍ୱାସରେ ଜୀବନ ଧନ୍ୟ ହୁଏ, ପୂର୍ଣ୍ଣ ବି ହୁଏ। ବିଶ୍ୱାସରୁ ଭଗବାନଙ୍କ ଉପରେ ଭରସା ଆସେ। ଭରସାରୁ ସଙ୍କଳ୍ପ ଏବଂ ସଙ୍କଳ୍ପରୁ ସିଦ୍ଧି ଆସେ। କାରଣ ବିଶ୍ୱାସର ବାଟ ଦେଇ ଭଗବତ୍ କୃପା ଝରିଆସେ। ସାଧାରଣ ଜୀବନରେ ସମସ୍ତ ପ୍ରକାର ସଫଳତାର ମୂଳରେ ରହିଛି ବିଶ୍ୱାସ। ଆତ୍ମବିଶ୍ୱାସ ଆଣେ ଏକାଗ୍ରତା, ଅଧ୍ୟବସାୟର ମାନସିକତା। ଯାହାର ଆତ୍ମବିଶ୍ୱାସ ନାହିଁ, ତା'ର ଅଗ୍ରଗତି ନାହିଁ।

ଜୀବନରେ ବିଶ୍ୱାସର ସ୍ଥାନ ଯେପରି ଅଛି ଅବିଶ୍ୱାସର ସ୍ଥାନ ମଧ୍ୟ ସେପରି ରହିଛି। କେତେ କଥାକୁ ଅବିଶ୍ୱାସ କରିବାକୁ ପଡ଼ିବ। ଏଇ ଯେମିତି ଶଠ, ଦୁଷ୍ଟ ଓ ଖଳ ଲୋକକୁ ଅବିଶ୍ୱାସ କରିବା ଉଚିତ। ତେଣୁ କୁହାଯାଇଛି 'ଖଳକୁ ଦେଖିଲେ ଖସିବ'। ଖଳ ଲୋକଙ୍କର ଚାରିପଟରେ ଏକ ଭୟଙ୍କର ବିଷବଳୟ ଥାଏ, ସେହି ବଳୟର ସ୍ପର୍ଶ ଲାଗିଲେ ଶାନ୍ତ ଲୋକ ଅଶାନ୍ତ ହୋଇଯାଏ, ଦୁଃଖଦୁଶ୍ଚିନ୍ତା ମାଡିବସେ। ଘଡିକରେ ଘର ଭାଙ୍ଗିଯାଏ। ମନେପଡେ ଏଇ ପ୍ରସଙ୍ଗରେ ଶ୍ରୀରାମକୃଷ୍ଣଙ୍କ କଥା। ସେ କହନ୍ତି, ''ସମସ୍ତଙ୍କ ଭିତରେ ଭଗବାନ ଅଛନ୍ତି, ଏପରିକି ବାଘ ଭିତରେ ମଧ୍ୟ ଭଗବାନ ଅଛନ୍ତି, ଖଳ ଲୋକଙ୍କ ଭିତରେ ମଧ୍ୟ ଭଗବାନ ଅଛନ୍ତି। ବାଘ ଭିତରେ ଭଗବାନ୍ ଥିଲେ ମଧ୍ୟ ଯେପରି ବାଘ ପାଖକୁ ଯିବା ଉଚିତ ନୁହେଁ, ସେପରି ଖଳ ପାଖକୁ ଯିବା ଉଚିତ ନୁହେଁ।'' ଆଉ ଅବିଶ୍ୱାସ କରିବାକୁ ହେବ କାନକୁହା ଓ ଖୋସାମତିଆ ଲୋକଙ୍କୁ। କାନରେ ଫୁସ୍‌ଫାସ୍ କହି ସେମାନେ ନିଜ ସ୍ୱାର୍ଥ ହାସଲ କରିବା ସହିତ ଅନ୍ୟର କ୍ଷତି କରିବାକୁ ଚେଷ୍ଟା କରିଥାନ୍ତି। ପୁଣି ଖୋସାମତିଆ ଲୋକ ନ ଡାକିଲେ ଆସନ୍ତି ଏବଂ ନ ପଚାରିଲେ ବି ବହୁ କଥା ପ୍ରଗଳ୍ଭ ହୋଇ ଭାଷନ୍ତି। ଅଯଥା ପ୍ରଶଂସା କରନ୍ତି, ଅନ୍ୟକୁ ଖୁସି କରିବାକୁ ଚେଷ୍ଟା କରୁଥାନ୍ତି। ସେମାନଙ୍କଠାରୁ ନିଜ ପ୍ରଶଂସା ଶୁଣିବା ଅର୍ଥ ଠକାମିରେ ପଡିବା। କାରଣ ସେମାନେ ଆସିଥାନ୍ତି ଭାଟ ପରି ପ୍ରଶଂସା କରି ନିଜର ଲକ୍ଷ୍ୟ ହାସଲ ନିମନ୍ତେ। ସେହିପରି ସର୍ବଦା ଚୁଙ୍ଗୁଚୁଙ୍ଗୁ ହେଉଥିବା ଲୋକ ଉପରେ ଆସ୍ଥା ରଖିବା ଉଚିତ ନୁହେଁ।

ମିଛ କହୁଥିବା ବ୍ୟକ୍ତି ଅତ୍ୟନ୍ତ ମାରାତ୍ମକ। ସେପରି ଲୋକଙ୍କୁ ଅବିଶ୍ୱାସ କରିବା ଉଚିତ। ଏପରି ଲୋକ ଗୁଜବ ପ୍ରଚାରରେ ଆଗୁଆ ହୋଇଥାଆନ୍ତି। ସତକୁ ମିଛ ଏବଂ ମିଛକୁ ସତ କରି ଗୁଜବକୁ ଆଉ ଟିକିଏ ରଙ୍ଗ ଦେଇ ବଢ଼େଇ ଚଢ଼େଇ କହିବା ଦିଗରେ ଏମାନେ ପାରଙ୍ଗମ। ଏମାନଙ୍କୁ ଅବିଶ୍ୱାସ କରିବା ସଙ୍ଗେ ସଙ୍ଗେ ଗୁଜବକୁ ଅବିଶ୍ୱାସ କରିବା ଉଚିତ। କୌଣସି ଘଟଣାକୁ ନ ବୁଝି ନ ଶୁଝି ହଠାତ୍ ସେଥିରେ ପ୍ରଭାବିତ ହେବା ଉଚିତ ନୁହେଁ। ପୁନଶ୍ଚ ଅପରିଚିତ ବ୍ୟକ୍ତି ପ୍ରତି ବିଶେଷତଃ ରେଳଯାତ୍ରା କାଳରେ ସତର୍କ ରହିବା ଉଚିତ। ସେମାନଙ୍କ ହାତରୁ କିଛି ଖାଦ୍ୟ ବା ପାନୀୟ ଗ୍ରହଣ କରିବା ଅନୁଚିତ। କାରଣ ସେହି ବ୍ୟକ୍ତି ନିଶାଦିଆ ଲୁଟେରା ହୋଇପାରନ୍ତି।

ଅନ୍ଧବିଶ୍ୱାସ ଆଉ ଏକ କଥା, ଯାହାର କରାଳ ଗ୍ରାସରେ ମଣିଷର ସର୍ବନାଶ ହୋଇଯାଏ। ଏଇ ଯେମିତି ସାପ କାମୁଡିଥିବା ବ୍ୟକ୍ତିଙ୍କୁ ଡାକ୍ତରଙ୍କ ପାଖକୁ ନ ନେଇ ଝଡ଼ାଫୁଙ୍କାରେ ମାତି ସମୟ ନଷ୍ଟ କରିବା ହିଁ ଅନ୍ଧବିଶ୍ୱାସ। ହାଡଫୁଟି ହେଲେ ମା' ଠାକୁରାଣୀ ବିଜେ ହୋଇଛନ୍ତି କହି ଚିକିତ୍ସା ନ କରିବା ଅନ୍ୟ ଏକ ଅନ୍ଧବିଶ୍ୱାସ। ବିଲେଇଟିଏ ଯାନବାହନ ଆଗରେ ଗୋଟିଏ ପାଖରୁ ଅପରପାଖକୁ ଚାଲିଗଲା, ଅତଏବ ବିପଦର ସୂଚନା ଆସିଲା, ଏପରି ଭାବନା ହିଁ ଅନ୍ଧବିଶ୍ୱାସ। ତିନିଜଣ ଏକାଠି ଗୋଟିଏ ଘରୁ କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ବାହାରିବା ଅମଙ୍ଗଳଜନକ, ଏହା ଏକ ଅନ୍ଧବିଶ୍ୱାସ। ଯାତ୍ରା କାଳରେ ଘରୁ ବାହାରିଲା ବେଳେ କିଏ ଛିଙ୍କି ଦେବା ଅଶୁଭଜନକ ବୋଲି ବିଚାରିବା ଏକ ଅନ୍ଧବିଶ୍ୱାସ।

ସବୁଠାରୁ ବଡ଼ ଅନ୍ଧବିଶ୍ୱାସ ହେଉଛି ନୀଳତିମି ଏବଂ 'ମୋମୋ' ଜନିତ ଅନ୍ଧବିଶ୍ୱାସ, ଯାହା ଆଜିକାଲି ଯୁବ ସମାଜକୁ କେତେକାଂଶରେ ପ୍ରଭାବିତ କରୁଛି। ଯେଉଁମାନଙ୍କୁ ପ୍ରଭାବିତ କରୁଛି ସେମାନଙ୍କର ବହୁ କ୍ଷତି ଘଟାଉଛି। ସେମାନଙ୍କୁ ସର୍ବସ୍ୱାନ୍ତ କରାଉଛି, ପୁଣି ସେମାନଙ୍କର ସର୍ବନାଶ ମଧ୍ୟ ଘଟାଉଛି। ଅପଶକ୍ତିଙ୍କ ଦୁଷ୍ଟବୁଦ୍ଧିର ଜାଲରେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ କେତେକ ଯୁବକ ଏପରି ଛନ୍ଦିହୋଇ ଯାଉଛନ୍ତି ଯେ, ତହିଁରୁ ମୁକୁଳିବା ସହଜ ହେଉନାହିଁ। ମୋବାଇଲରେ ଏପରି ନିର୍ଦ୍ଦେଶମାନ ଆସୁଛି ଯାହା ଭିତ୍ତିହୀନ ଓ ଯୁକ୍ତିହୀନ। କିଛି ଯୁବଶକ୍ତି ଏହାକୁ ବିଶ୍ୱାସ କରି ସର୍ବନାଶର କରାଳ ଗ୍ରାସରେ ପଡିଯାଉଛନ୍ତି। ଏପରି ଅନ୍ଧବିଶ୍ୱାସ ସର୍ବଥା ବର୍ଜନୀୟ।

କେଦାରଗୌରୀ ଆପାର୍ଟମେଣ୍ଟ, ଭୁବନେଶ୍ୱର,
ମୋ- ୯୪୩୭୭୫୬୨୪୦

## ଏଇ ଭାରତରେ

ବିଭିନ୍ନ ଲୋକଙ୍କର ସଉକ୍ ଭିନ୍ନ ଭିନ୍ନ। ଏହା ମାଧ୍ୟମରେ ସେମାନେ ନିଜେ ଖୁସିହେବା ସହିତ ସମାଜର କଲ୍ୟାଣ ସାଧନ କରିଥାଆନ୍ତି। ସେଭଳି ଜଣେ ଫଟୋ ଜର୍ନାଲିଷ୍ଟ ହେଉଛନ୍ତି ସିନ୍ଧୁଜା ପାର୍ଥସାରଥି। ତାଙ୍କୁ ଏଥିପାଇଁ ମାନବତାବାଦୀ ଫଟୋ ସାମ୍ବାଦିକ ଆଖ୍ୟା ଦିଆଯାଇଛି। ସେ ନିଜ କ୍ୟାମେରା ଫ୍ରେମ୍‌ରେ ମାନବୀୟ ସଂବେଦନା ସମ୍ବଳିତ ଫଟୋଚିତ୍ର ଧରି ରଖନ୍ତି। ସିନ୍ଧୁଜା ଏଥିପାଇଁ ସମଗ୍ର ଭାରତବର୍ଷ ଭ୍ରମଣ କରିଛନ୍ତି। ତାଙ୍କ କ୍ୟାମେରା ଧରି ରଖୁଥିବା ଫଟୋ ସାମାଜିକ ବାର୍ତ୍ତା ବହନ କରେ। ଚେନ୍ନାଇର ବାସିନ୍ଦା ସିନ୍ଧୁଜାଙ୍କୁ ୨୨ବର୍ଷ ହୋଇଥିବା ବେଳେ ସେ ବିହେଭିଓରାଲ୍ ଟ୍ରେନର ଭାବେ କାର୍ଯ୍ୟ କରିଥିଲେ। ଏମ୍‌ବିଏ ପରେ କର୍ପୋରେଟ୍ ଜଗତ ସହ ସଂଶ୍ଳିଷ୍ଟ ହେଲେ ଏବଂ ବିଭିନ୍ନ ସ୍ଥାନ ବୁଲିବାର ସୁଯୋଗ ପାଇଲେ। ୨୦୦୮ରେ ସେ ଏକ କର୍ପୋରେଟ୍ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଦୀର୍ଘ ୨୫୦ ଦିନ ଭ୍ରମଣ କରିବାର ସୁଯୋଗ ପାଇଥିଲେ। ସେ ପାଖାପାଖି ବର୍ଷକ ମଧ୍ୟରେ ୨୦ଟି ରାଜ୍ୟ ଭ୍ରମଣ କରିଥିଲେ। ଟ୍ରାଭେଲ୍ ଫଟୋଗ୍ରାଫି ସିନ୍ଧୁଜାଙ୍କ ପାଇଁ ଏକ ହବିରେ ପରିଣତ ହୋଇଗଲା। ସେ ସୋସିଆଲ୍ ମିଡିଆରେ ବିଭିନ୍ନ ଛବି ପୋଷ୍ଟ କରିବା ପରେ ଅନେକ ଆଡୁ ପ୍ରଶଂସା ଓ ଅଭିନନ୍ଦନ ମିଳିଲା। ଏହାପରେ ସେ ତାଙ୍କର ଫଟୋଗୁଡିକୁ କେତେକ ମାଗାଜିନ୍‌କୁ ପଠାଇଲେ। ସୂର୍ଯ୍ୟାସ୍ତ ବେଳର ପ୍ରାକୃତିକ ଦୃଶ୍ୟ, ପର୍ବତମାଳା ଏବଂ ଦୂର ଦିଗ୍‌ବଳୟର ଫଟୋଚିତ୍ର ପ୍ରଶଂସିତ ହୋଇ ପୁରସ୍କାର ଲାଭକରିଛି। ସେ କୁଭଗମ୍ ଏବଂ ଟ୍ରାନ୍ସଜେଣ୍ଡର ଫେଷ୍ଟିଭାଲ୍‌ରେ ଯୋଗଦେଇ ଅନେକ ଫଟୋ ଉତ୍ତୋଳନ କରିଛନ୍ତି। ଏହିସବୁ ଦୃଶ୍ୟକୁ ଭିତ୍ତିକରି ମାନବିକ ଅଧିକାର ସମ୍ପର୍କିତ ପ୍ରବନ୍ଧ ମଧ୍ୟ ଲେଖିଛନ୍ତି। ୨୦୧୧ରେ ତାଙ୍କୁ ୟୁଏନ୍‌ଏଫ୍‌ପିଏ (ୟୁନାଇଟେଡ ନେଶନ୍ସ ଫଣ୍ଡ ଫର ପପୁଲେଶନ୍ ଆକ୍ଟିଭିଟିଜ୍) ଦ୍ୱାରା 'ଲାଡ୍‌ଲି ନ୍ୟାଶନାଲ୍ ମିଡିଆ ଆୱାର୍ଡସ ଫର ଜେଣ୍ଡର ସେନ୍‌ସିଟିଭିଟି' ପୁରସ୍କାର ପ୍ରଦାନ କରାଯାଇଛି। ବାସ୍ତବରେ ସିନ୍ଧୁଜା ପାର୍ଥସାରଥି ଅନ୍ୟ ଫଟୋ ସାମ୍ବାଦିକଙ୍କ ପାଇଁ ଉଦାହରଣ ନିଶ୍ଚୟ।

## ଚିରନ୍ତନୀ

ବିକଳ ପ୍ରାଣେ ବେଦନା ପ୍ରାସ
ସରମ ଚାରୁ ଚପଳ ହାସ
ଆସ ଗୋ ଆସ ଭୀତି ତରାସ ରଙ୍ଗିଣୀ
ଆସ ଗୋ ହୃଦ ଅଭୟ ଧାରା ସଙ୍ଗିନୀ।
(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ମୁଖା ଖୋଲୁଛି 'ମିଟୁ'



ବିଚିତ୍ର ବିଶ୍ୱାଳ

ଫେସ୍‌ବୁକ୍‌ରେ ଜଣେ ବନ୍ଧୁ ପୋଷ୍ଟ କରିଥିଲେ, ଏବେ ଭାରତରେ ଦୁଇଟି କ୍ଷେପଣାସ୍ତ୍ରର ଚର୍ଚ୍ଚା ଚାଲିଛି, ଗୋଟିଏ ହେଲା ବ୍ରହ୍ମୋସ ଏବଂ ଅନ୍ୟଟି 'ମିଟୁ'। ଏହା ନିରାଟ ସତ୍ୟ ପରି ମନେ ହେଉଛି। କାରଣ ପ୍ରତିଦିନ 'ମିଟୁ' ମାଡ଼ରେ ଜଣେ ଜଣେ ମହାରଥୀ ଘାଇଲା ହେଉଥିବାର ଦେଖିବାକୁ ମିଳୁଛି। ସବୁଠାରୁ ମଜା କଥା ହେଉଛି, ସମାଜର ଅତି ଉପର ବର୍ଗରେ ଥିବା ଲୋକମାନଙ୍କର ମୁଖା ତଳର ଅସଲ ଚେହେରାକୁ ଏହି 'ମିଟୁ' ଅଭିଯାନ ସାମ୍ନାକୁ ଆଣୁଛି।

'ମିଟୁ' ଏକ ଜନ ଆନ୍ଦୋଳନ, ଯାହା ପ୍ରଥମେ ଆମେରିକାରେ ଆରମ୍ଭ ହୋଇଥିଲା। ଆମେରିକାର ସାମାଜିକ କର୍ମୀ ତରାନା ବୁର୍କ ୨୦୦୬ରେ ମହିଳାମାନଙ୍କ ବିରୋଧରେ ହେଉଥିବା ଯୌନ ଉତ୍ପୀଡ଼ନ ବିରୋଧରେ ଏହି ଅଭିଯାନ ଆରମ୍ଭ କରିଥିଲେ। ପରେ ପରେ ଏହି ଅଭିଯାନ ଏକ ଜନ ଆନ୍ଦୋଳନର ରୂପ ନେଇଛି। ୨୦୧୭ରେ ଆମେରିକୀୟ ଅଭିନେତ୍ରୀ ଆଲିସା ମିଲାନୋ ଟୁଇଟରରେ ଏହାକୁ ଲୋକପ୍ରିୟ କରାଇଥିଲେ। ମହିଳାମାନଙ୍କ ବିରୋଧରେ ହେଉଥିବା ଯୌନ ନିର୍ଯାତନା ଘଟଣାକୁ ଉଲ୍ଲେଖ କରି ସଂପୃକ୍ତ ବ୍ୟକ୍ତିମାନଙ୍କର ମୁଖା ଖୋଲିଦେବାକୁ ସେ ସାରା ବିଶ୍ୱର ମହିଳାମାନଙ୍କୁ ଆହ୍ୱାନ ଦେଇଥିଲେ। ଏହାପରେ ଅନେକ ଆମେରିକୀୟ ଅଭିନେତ୍ରୀ ଓ ପ୍ରତିଷ୍ଠିତ ମହିଳା ଏଥିରେ ସାମିଲ୍ ହୋଇ ନିଜ ପ୍ରତି ହୋଇଥିବା ନିର୍ଯାତନାର କାହାଣୀ ଲୋକଲୋଚନକୁ ଆଣିଥିଲେ। ୨୦୧୭ ପରଠାରୁ ଏହି ଆନ୍ଦୋଳନ ବିଶେଷ ଲୋକସମର୍ଥନ ପାଇଛି ଓ ସାରା ବିଶ୍ୱର ମହିଳା ଏହାକୁ ବ୍ୟବହାର କରି ନିଜ ପ୍ରତି ହୋଇଥିବା ଅତ୍ୟାଚାର କାହାଣୀକୁ ଲୋକଲୋଚନକୁ ଆଣୁଛନ୍ତି ଓ ସଂପୃକ୍ତ ଯୌନ ଉତ୍ପୀଡ଼ନକାରୀଙ୍କ ନାମ ପ୍ରକାଶ କରୁଛନ୍ତି।

ସଂପ୍ରତି ଆମ ଦେଶରେ ଏହି ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। 'ମିଟୁ' ଅଭିଯାନକୁ ବ୍ୟବହାର କରି ତନୁଶ୍ରୀ ଦତ୍ତ ପ୍ରସିଦ୍ଧ ଅଭିନେତା ନାନା ପାଟେକରଙ୍କ ବିରୋଧରେ ଯୌନ ଉତ୍ପୀଡ଼ନର ଅଭିଯୋଗ ଆଣିଛନ୍ତି। ଏହା ବ୍ୟତୀତ ବଲିଉଡ୍‌ରେ ସକ୍ରିୟ ଥିବା ଅନେକ ଅଭିନେତ୍ରୀ ବରିଷ୍ଠ ଅଭିନେତା ଆଲୋକ ନାଥ, ସାଜିଦ୍ ଖାନ୍, କୈଳାଶ୍ ଖେର୍, ଯତୀନ ଦାସ ଆଦି ଲୋକପ୍ରିୟ ସେଲିବ୍ରିଟିମାନଙ୍କ ବିରୋଧରେ ଯୌନ ଉତ୍ପୀଡ଼ନର ଜଘନ୍ୟ ଅଭିଯୋଗମାନ ଆଣିଛନ୍ତ। ପ୍ରତିଦିନ ସେଲିବ୍ରିଟିମାନଙ୍କ ବିରୋଧରେ ଅଭିଯୋଗର ଫର୍ଦ୍ଦ ଲମ୍ବି ଲମ୍ବି ଚାଲିଛି। ଅନେକ ବ୍ୟକ୍ତି ତ ନିଜ ବିରୋଧରେ ଆସିଥିବା ଅଭିଯୋଗକୁ ସ୍ୱୀକାର କରିସାରିଲେଣି। ଅଭିନେତ୍ରୀମାନଙ୍କ ଦ୍ୱାରା ଆସୁଥିବା ଏହି ଅଭିଯୋଗ ସାରା ଦେଶରେ ଆଲୋଡନ ସୃଷ୍ଟି କରିଛି। ମହିଳା ଓ ଶିଶୁ କଲ୍ୟାଣ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ ଏହିସବୁ ଅଭିଯୋଗକୁ ଗୁରୁତ୍ୱର ସହିତ ନେବା ସହ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି କହିଛନ୍ତି।

କେବଳ ସିନେମା ଶିଳ୍ପ ବା କଳା ସହିତ ଜଡ଼ିତ ଥିବା ବ୍ୟକ୍ତି ନୁହନ୍ତି, କର୍ପୋରେଟ୍ ଜଗତ ଓ ରାଜନୀତି ସହିତ ସଂପୃକ୍ତ ଥିବା ବ୍ୟକ୍ତିମାନଙ୍କ ବିରୋଧରେ ବି ଯୌନ ଉତ୍ପୀଡ଼ନର ଅଭିଯୋଗ ଆସିବା ଆରମ୍ଭ ହେଲାଣି। କେନ୍ଦ୍ରମନ୍ତ୍ରୀ ଏମ୍.ଜେ. ଆକବରଙ୍କ ବିରୋଧରେ ଆସିଥିବା ଯୌନ ନିର୍ଯାତନା ଅଭିଯୋଗର ପରିଣତି ସ୍ୱରୂପ ତାଙ୍କୁ ମନ୍ତ୍ରିମଣ୍ଡଳରୁ ବିଦାୟ ନେବାକୁ ପଡିଛି, ଯଦିଓ ସେ ପ୍ରଥମ ଅଭିଯୋଗ ଆଣିଥିବା ମହିଳାଙ୍କ ବିରୋଧରେ ମାନହାନି ମକଦ୍ଦମା କରିଛନ୍ତି। 'ମିଟୁ' ଅଭିଯାନକୁ ଧନ୍ୟବାଦ ଯେ, ଅନେକ ଧଳାହାତୀଙ୍କ ମୁଖା ତଳର ମୁହଁକୁ ଦେଖାଇବାରେ ତାହା ସକ୍ଷମ ହୋଇଛି। ଯେଉଁ ମହିଳାମାନେ ଦୀର୍ଘ ଦିନ ହେବ ଅତ୍ୟାଚାରକୁ ସହି ଚୁପ୍‌ଚାପ୍ ରହିଯାଇଥିଲେ ବା ଅଭିଯୋଗ କରିବାକୁ ସାହସ ଜୁଟାଇ ପାରୁ ନ ଥିଲେ, ଏହି ଅଭିଯାନ ଦ୍ୱାରା ସେମାନେ ନିଜ ନିର୍ଯାତନାର କାହାଣୀ ସାମ୍ନାକୁ ଆଣିବାକୁ ସାହସ କରୁଛନ୍ତି। ଏହାଦ୍ୱାରା ନିଜକୁ ହିରୋ ବୋଲାଉଥିବା ଲୋକମାନଙ୍କର ମହିଳାମାନଙ୍କ ପ୍ରତି କିପରି ଇତର ମନୋଭାବ ଅଛି, ତାହା ଧୀରେ ଧୀରେ ସ୍ପଷ୍ଟ ହେଉଛି।

ମହିଳାମାନଙ୍କ ବିରୋଧରେ ଏପରି ଯୌନ ଉତ୍ପୀଡ଼ନ ଯେ, କେବଳ ଉଚ୍ଚ ସ୍ତରରେ ବା ସେଲିବ୍ରିଟିମାନଙ୍କ କ୍ଷେତ୍ରରେ ହେଉଛି ତାହା ନୁହେଁ, ସମାଜର ମଧ୍ୟମ ତଥା ନିମ୍ନବର୍ଗର ମହିଳାମାନଙ୍କ ସହିତ ବି ଏପରି ବ୍ୟବହାର ଅଧିକରୁ ଅଧିକ ପରିମାଣରେ ହେଉଛି। କିନ୍ତୁ ଏହି ଆନ୍ଦୋଳନ ଯେହେତୁ ସମାଜର ସବୁ ସ୍ତରରେ ପହଞ୍ଚିନି, ତେଣୁ ସେମାନଙ୍କ କାହାଣୀ ବାହାରକୁ ଆସି ପାରିନାହିଁ। ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ସମାଜର ଉଚ୍ଚବର୍ଗରେ ଥିବା ମହିଳାମାନଙ୍କ କ୍ଷେତ୍ରରେ ଯଦି ଏପରି ଯୌନ ଉତ୍ପୀଡ଼ନର ଘଟଣାମାନ ଦେଖିବାକୁ ମିଳୁଛି, ତେବେ ସମାଜର ମଧ୍ୟମ ଓ ନିମ୍ନବର୍ଗରେ ଥିବା ମହିଳାମାନଙ୍କ କ୍ଷେତ୍ରରେ ଏହା କେତେ ଅଧିକ ପରିମାଣରେ ହେଉଥିବ, ତାହା ବେଶ୍ ଅନୁମେୟ। ଆମ ସମାଜରେ ମହିଳାମାନଙ୍କୁ ପୁରୁଷମାନଙ୍କ ତୁଳନାରେ ହେୟ ଦୃଷ୍ଟିରେ ଦେଖାଯାଏ। ନିର୍ଯାତିତା ମହିଳାଙ୍କ ପ୍ରତି ସମବେଦନା ଦେଖାଇବା ତଥା ନିର୍ଯାତନା ଦେଇଥିବା ଲୋକ ପ୍ରତି ଘୃଣା ମନୋଭାବ ପୋଷଣ ପରିବର୍ତ୍ତେ ଆମ ଆଇନକାନୁନ ବ୍ୟବସ୍ଥାରେ ଜଣେ ମହିଳାଙ୍କୁ ଅଧିକରୁ ଅଧିକ ନିର୍ଯାତନା ସହିବାକୁ ପଡ଼ିଥାଏ। ସୁତରାଂ ମହିଳାମାନେ ଯାବତୀୟ ନିର୍ଯାତନା ସହି ଚୁପ୍ ରହିଯାନ୍ତି, ଯାହା 'ମିଟୁ' ଆନ୍ଦୋଳନ ଦ୍ୱାରା ଧୀରେ ଧୀରେ ପରିବର୍ତ୍ତନ ହେବା ଆରମ୍ଭ କରିଛି।

'ମିଟୁ' ସାରା ଦେଶରେ ମହିଳାମାନଙ୍କୁ ଯେପରି ସାହସର ସହିତ ମୁହଁ ଖୋଲିବା ପାଇଁ ଅବକାଶ ଦେଇଛି ତାହା ବାସ୍ତବିକ ପ୍ରଶଂସାର ଯୋଗ୍ୟ। ଏବେ ଦେଖିବାକୁ ବାକି ରହିଲା, ଏହିସବୁ ଅଭିଯୋଗ କେବଳ ମିଡିଆ ପାଇଁ ମସଲା ହୋଇ ରହିଯିବ କି ଏ ସବୁକୁ ବିଚାରକୁ ନେଇ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ! ଏହା ନିଶ୍ଚୟ ଯେ, ପ୍ରତିଟି ଅଭିଯୋଗକୁ ବିଚାର କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଗଲେ ଭବିଷ୍ୟତରେ କେହି ବି ନାରୀମାନଙ୍କର ଅସହାୟତାର ଫାଇଦା ନେବାକୁ ସାହସ କରିବେ ନାହିଁ। ଶେଷରେ କେବଳ ଏତିକି କୁହାଯାଇପାରେ 'ମିଟୁ' ଆହୁରି ବ୍ୟାପକ ହେଉ ଓ ମୁଖା ତଳର ମୁହଁମାନଙ୍କର ଅସଲ ଚରିତ୍ରର ପର୍ଦ୍ଦାଫାଶ ହେଉ। ଲୋକେ ଅପରାଧୀମାନଙ୍କୁ ନିନ୍ଦା କରିବା ଆରମ୍ଭ କରନ୍ତୁ।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର, bichitra-biswal@gmail.com

## ସୁଡୋକୁ

sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | E | | | 9 | B | | | | | | | A | C |
| 7 | | | | | | | | | | 2 | | | 4 | |
| | 5 | | 2 | | | E | 8 | D | 7 | | | 3 | | |
| D | | | 4 | E | 1 | C | | | | | | | 2 | 5 |
| | | 6 | A | 5 | | | | 4 | C | 3 | 9 | | | |
| | | D | | | 6 | | | C | | | 4 | B | 5 | |
| | | | | | | | | | 0 | | | A | | 8 |
| | | 0 | | 8 | | 2 | 4 | | | | 3 | 7 | 6 | |
| A | | | | D | 2 | 7 | | | | | | | | 0 |
| 3 | | C | 1 | | B | D | | 8 | | | | | | |
| 9 | | 5 | | | | | | | | | E | 0 | B | |
| | | | | | | 5 | | | 3 | | A | E | | |
| | | | | | | 0 | E | | | B | | 2 | C | 1 |
| C | 2 | 8 | | | | 9 | A | | | D | | | 3 | 4 |
| | A | | | | | 8 | | | | 7 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | 9 | 8 | A | 2 | 4 | 7 | E | 1 | 5 | 3 | 0 | 6 | B | D |
| 1 | 2 | 4 | 0 | 8 | 3 | 5 | B | 6 | 9 | 7 | D | A | E | C |
| B | 7 | D | E | 6 | 5 | 3 | A | C | 2 | 8 | 4 | 0 | 9 | 1 |
| A | 3 | 5 | 1 | B | D | 0 | 9 | 8 | E | 6 | C | 2 | 7 | 4 |
| E | 6 | 0 | C | 7 | 9 | D | 2 | 4 | B | A | 1 | 8 | 3 | 5 |
| 2 | 1 | B | 5 | A | 6 | E | 0 | 7 | D | C | 3 | 9 | 4 | 8 |
| 0 | 5 | 7 | 8 | 9 | E | 2 | 3 | D | 4 | B | A | C | 1 | 6 |
| 3 | 4 | 9 | 7 | D | 0 | C | 6 | A | 1 | 2 | 8 | B | 5 | E |
| D | C | E | 2 | 1 | B | 8 | 4 | 9 | 6 | 0 | 5 | 3 | A | 7 |
| 6 | 8 | A | 3 | 4 | C | B | 1 | 5 | 7 | 9 | E | D | 2 | 0 |
| 9 | B | 2 | 4 | C | 7 | 1 | D | 0 | 3 | E | 6 | 5 | 8 | A |
| 7 | D | C | 6 | E | 2 | 4 | 8 | B | A | 5 | 9 | 1 | 0 | 3 |
| 8 | E | 3 | D | 5 | 1 | A | C | 2 | 0 | 4 | B | 7 | 6 | 9 |
| 4 | A | 6 | B | 0 | 8 | 9 | 5 | 3 | C | 1 | 7 | E | D | 2 |
| 5 | 0 | 1 | 9 | 3 | A | 6 | 7 | E | 8 | D | 2 | 4 | C | B |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ଲାଷ୍ଟିକ୍ ଫ୍ରି ଅଭିଯାନ

ମହାଶୟ,

୨୦୧୮ ଅକ୍ଟୋବର ୨ ତାରିଖରୁ ରାଜ୍ୟରେ ପ୍ଲାଷ୍ଟିକ୍ ଓ ପଲିଥିନ୍‌ର ବ୍ୟବହାର ନିଷେଧ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ପାଇଁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ସରକାରୀ ଓ ବେସରକାରୀ ସଂସ୍ଥା, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, କ୍ରୀଡ଼ା ସଙ୍ଗଠନ, ମହିଳା ସଙ୍ଗଠନ ଏବଂ ବିଶେଷ ଭାବରେ ଧରିତ୍ରୀ ଏବଂ ଓଡିଶାପୋଷ୍ଟ ଅଗ୍ରଣୀ ଭୂମିକା ଗ୍ରହଣ କରି ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାରର ଭୟଙ୍କର କୁପରିଣାମ ସମ୍ବନ୍ଧରେ ସଚେତନତାର ବାର୍ତ୍ତା ପ୍ରଚାର କରୁଛନ୍ତି। ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଓ ପ୍ରଶଂସନୀୟ। କିନ୍ତୁ ଏହାକୁ ସଫଳ କରିବାକୁ ପ୍ରଶାସନର ଗୁରୁଦାୟିତ୍ୱ ରହିଛି। ନିଷିଦ୍ଧ ପ୍ଲାଷ୍ଟିକ୍ ତିଆରି କରୁଥିବା ସଂସ୍ଥା ବା ଉତ୍ପାଦନ କେନ୍ଦ୍ର, ବ୍ୟବସାୟିକ ପ୍ରତିଷ୍ଠାନ ପ୍ରଭୃତି ମୂଳ ଉତ୍ସଗୁଡିକ ଉପରେ ଚଢ଼ାଉ କରି ଉତ୍ପାଦନ ଓ ବିପଣନ ବନ୍ଦ କରିବା ଆବଶ୍ୟକ। ଆଇନକୁ ଅମାନ୍ୟ କରୁଥିବା ବ୍ୟକ୍ତି କିମ୍ବା ବ୍ୟବସାୟ ସଂସ୍ଥାଗୁଡିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ନଚେତ ଗୁଟ୍‌ଖା ବନ୍ଦ ଭଳି ଏ ପ୍ଲାଷ୍ଟିକ୍ ଫ୍ରି ଅଭିଯାନ ମଧ୍ୟ ପ୍ରହସନରେ ପରିଣତ ହେବ।

ବସନ୍ତ କୁମାର ସୁନ୍ଦରାୟ, ପ୍ରଭାତୀ ନିଳୟ, ଗୁରୁଜଙ୍ଗ, ଖୋର୍ଦ୍ଧା

### ବିମାନ ଓ ଅମ୍ଳଜାନ

କିଛିଦିନ ତଳେ ଏକ ଯାତ୍ରୀବାହୀ ବିମାନରେ ବାୟୁ ସଞ୍ଚାଳନ ସିଷ୍ଟମ୍‌କୁ କୌଣସି ବିମାନ କର୍ମଚାରୀ ଭୁଲ୍‌ବଶତଃ ବନ୍ଦ କରିଦେବାରୁ ଅମ୍ଳଜାନ ଅଭାବରୁ ଯାତ୍ରୀଙ୍କ ନାକରୁ ରକ୍ତ ନିଃସୃତ ହେବା ଖବର ପ୍ରକାଶ ପାଇଥିଲା। ଏଥି ସହ ବିମାନରେ ଆସୁଥିବା ଗୋଟିଏ ୧୧ ମାସ ଶିଶୁର ମୃତ୍ୟୁ ଘଟିଥିଲା। ତେବେ ସର୍ବପ୍ରଥମେ ଆବଶ୍ୟକ ଅମ୍ଳଜାନ, ପରେ ବିମାନରେ ବସି ଗନ୍ତବ୍ୟସ୍ଥଳକୁ ଯାତ୍ରା। ବିମାନ ମଧ୍ୟକୁ ସହଜରେ ଅମ୍ଳଜାନ ସଞ୍ଚାଳନ ଦିଗରେ ବିମାନ ସେବାକ୍ଷେତ୍ର ବେଶ୍ ସତର୍କତା ଅବଲମ୍ବନ କରିବା ଉଚିତ।

- ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର ।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



**ସଂକ୍ଷେପରେ**

## ପରିବହନ ବିଭାଗର ଯାନବାହନ ଯାଞ୍ଚ

**ପୁରୁଣାକଟକ, ୨୪।୧୦(ଡି.ଏନ.ଏ):** ହରଭଙ୍ଗା ଥାନା ଅନ୍ତଗତ ବାଈଶିପଡା ନିକଟରେ ବୌଦ୍ଧ ଆଞ୍ଚଳିକ ପରିବହନ ବିଭାଗ ଏବଂ ହରଭଙ୍ଗା ଥାନା ପକ୍ଷରୁ ମିଳିତ ଭାବେ ବୁଧବାର ଯାନବାହନ ଯାଞ୍ଚ କରାଯାଇଥିଲା । ଯାଞ୍ଚ ସମୟରେ ପରିବହନ ବିଭାଗ ୨ଟି ଟ୍ରାକ୍ଟର, ୩ଟି ବାଇକ୍ ଏବଂ ଗୋଟିଏ ବୋଲେରୋର କାଗଜପତ୍ର ଠିକ ନ ଥିବାରୁ ଭିସିଆର କାଟିଥିଲା। ଭିସିଆର ଅର୍ଥ ଅନାଦେୟ ହେବାରୁ ଉକ୍ତ ଗାଡିଗୁଡିକୁ ପରିବହନ ବିଭାଗ ଅଟକ ରଖିବା ପାଇଁ ସ୍ଥାନୀୟ ଥାନା ଜିମା ଦେଇଥିବା ଜଣାପଡିଛି ।

## ଲକ୍ଷ୍ମୀପୂଜା ପାଇଁ ସହର ଉତ୍ସବ ମୁଖର

**ବୌଦ୍ଧ,୨୪।୧୦(ସ୍ୱ.ପ୍ର):** ବୌଦ୍ଧ ସହର ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବମୁଖର ହୋଇପଡିଛି । ସହରର ଲକ୍ଷ୍ମୀ ବଜାର ପକ୍ଷରୁ ଏନଏସିଛକ ମଣ୍ଡପରେ ପୂଜା ହେଉଥିବା ବେଳେ ବୁଟୁପାଲି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମଧ୍ୟ ଧୁମଧାମରେ ପୂଜା ହେଉଛି । ବୁଧବାର ସନ୍ଧ୍ୟାରେ ବୁଟୁପାଲି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମହାନଦୀରୁ ଏକ କଳସ ଶୋଭାଯାତ୍ରା ହେବା ସହ ମା' ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିଲା । ସୁସଜ୍ଜିତ ଆଲୋକମାଳା, ତୋରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ କମିଟି ଗୁରୁତ୍ୱ ଦେଇଛି । ଶନିବାର ମା'ଙ୍କ ମଣ୍ଡପ ସମ୍ମୁଖରେ ଦଶ ହଜାର ଆଠ ଦୀପ ଲଗାଇ ପୂଜା କରାଯିବାର କାର୍ଯ୍ୟକ୍ରମ ରହିଛି । ପୂଜା ଦେଖିବା ପାଇଁ ଭକ୍ତଙ୍କ ସମାଗମ ହେଉଛି ।

# ପ୍ରଶାସନ ନିଷ୍ପତ୍ତିକୁ ବିରୋଧ

**ବୌଦ୍ଧ,୨୪।୧୦(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାଧାନଗରଠାରେ ନୂତନ ଭାବେ ହୋଇଥିବା ରାଧାନଗର ପଞ୍ଚାୟତର କାର୍ଯ୍ୟାଳୟ ଗୃହ ନିର୍ମାଣକୁ ବିରୋଧ କରିବା ସହ ଏହାକୁ ଲାଣ୍ଡିବନ୍ଧଠାରେ କରିବାକୁ ୧୦ ଖଣ୍ଡ ଗ୍ରାମବାସୀ ଦାବି କରିଛନ୍ତି । ହରଭଙ୍ଗା ବ୍ଲକର ମଥୁରା ଗ୍ରାମପଞ୍ଚାୟତ ଠାରୁ ଅଲଗା ହୋଇ ୧୧ ଖଣ୍ଡ ଗ୍ରାମକୁ ନେଇ ନୂତନ ଗ୍ରାମପଞ୍ଚାୟତ ରାଧାନଗର ହୋଇଛି। କିନ୍ତୁ ଏହି ପଞ୍ଚାୟତର କାର୍ଯ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ରାଧାନଗର ଠାରେ ଚାଲିଛି । ରାଧାନଗର ଠାରେ କାର୍ଯ୍ୟାଳୟ ନ କରି ଲାଣ୍ଡିବନ୍ଧ ଠାରେ କରିବାକୁ ୧୦ ଖଣ୍ଡ ଗ୍ରାମବାସୀ ପ୍ରଶାସନ ଓ ପଞ୍ଚାୟତ ରାଜ ବିଭାଗ ସଚିବଙ୍କୁ ଜଣାଇଥିଲେ। ଏ ନେଇ ସରପଞ୍ଚ, ୱାର୍ଡ ସଭ୍ୟ, ବ୍ଲକ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଗତ ତା ୪।୧।୧୮ରିଖରେ ଏକ ବୈଠକ କରି ଲାଣ୍ଡିବନ୍ଧ ଠାରେ କାର୍ଯ୍ୟାଳୟ ଗୃହ ନିର୍ମାଣ କରିବାକୁ ଏକ ରେଜୁଲେସନ ପଞ୍ଚାୟତରେ ପାଶ କରି ପ୍ରଶାସନକୁ ଅବଗତ କରାଯାଇଥିଲା । ଏହାସତ୍ତ୍ୱେ ପ୍ରଶାସନ କିଛି ପଦକ୍ଷେପ ନ ନେବାରୁ ରାଧାନଗର ସରପଞ୍ଚ ଅପରାଜିତା ବେହେରା ଓଡିଶା ଉଚ୍ଚ ନ୍ୟାୟଳୟରେ ଏକ ମାମଲା ଦାୟର କରିଥିଲେ । ଉଚ୍ଚ ନ୍ୟାୟାଳୟ ଗତ ତା୨୮।୩।୧୮ ରିଖରେ ବୌଦ୍ଧ ଜିଲାପାଳଙ୍କୁ ମାମଲାର ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପ୍ରଶାସନ ରାଧାନଗର ଠାରେ ନୂତନ ପଞ୍ଚାୟତ ଗୃହ ନିର୍ମାଣ କାର୍ଯ୍ୟ ଚାଲୁ ରଖିଛି।

ବୁଧବାର ପଞ୍ଚାୟତର ୧୦ଖଣ୍ଡ ଗ୍ରାମ କୃଷ୍ଣମୋହନପୁର, ବାଲିପୁର, ବାଲିଅନ୍ତା, ପିପଳକଟା, ଲାଣ୍ଡିବନ୍ଧ, ଚନ୍ଦନନଗର, ବଡବାଗବର, ରାଇପୁର, ଦାମୋଦରପୁର ଓ ଗାନ୍ଧୀ ଗ୍ରାମର ଜନସାଧାରଣ ଏହାର ପ୍ରତିବାଦରେ ଲାଣ୍ଡିବନ୍ଧ ଫାର୍ମ ପଡିଆରେ ଏକ ବିଶାଳ ସମାବେଶ କରିଥିଲେ । ସମାବେଶରେ ସରପଞ୍ଚ, ୧୦ ଜଣ ୱାର୍ଡ ସଭ୍ୟ ଓ ଶତାଧିକ ଜନସାଧାରଣ ଯୋଗ ଦେଇ ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରିବା ସହ ଲାଣ୍ଡିବନ୍ଧ ଠାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରିବାକୁ ଦାବି କରିଥିଲେ । ଯଦି ପ୍ରଶାସନ ଏହାକୁ ଅଣଦେଖା କରେ ତେବେ ଆଗାମୀ ଦିନରେ ଜନସାଧାରଣ ଆଇନକୁ ହାତକୁ ନେବା ସହ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ । ଏହି ସମାବେଶରେ ସଭ୍ୟ ସୁବାଷ ଦେହୁରୀ, ଅନୁସୟା କହଁର, ସନ୍ତୋଷିନୀ ବେହେରା, ପରି ନାଏକ, ହିନ ସାହୁ, ପୁଷ୍ପାଞ୍ଜଳି ଭୋକ୍ତା, ଖଗେଶ୍ୱର ନାଏକ, ସନ୍ତୋଷ ପ୍ରଧାନ, ସ୍ନେହଲତା ସାହୁ, ଅଶୋକ କୁମାର ସାହୁଙ୍କ ସମତେ ୧୫୦୦ରୁ ଅଧିକ ଜନସାଧାରଣ ଯୋଗ ଦେଇଥିଲେ ।



ଲାଣ୍ଡିବନ୍ଧ ଠାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରିବାକୁ ଦାବି କରି ଜନସମାବେଶ ଚାଲିଛି ।

### ହରଭଙ୍ଗା ପଞ୍ଚାୟତ ସମିତି ବୈଠକ

# ୧୦ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ପାଇଁ ପ୍ରସ୍ତାବ

**ପୁରୁଣାକଟକ,୨୪।୧୦(ଡି.ଏନ.ଏ)**

ହରଭଙ୍ଗା ବ୍ଲକ ସଭାଗୃହ ପ୍ରାଙ୍ଗଣରେ ମଙ୍ଗଳବାର ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ନବମ ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ପରେ ପୂର୍ବ ବୈଠକର ବିବରଣୀ ପଠନ ଓ ଅନୁମୋଦନ ବିଷୟରେ ଆଲୋଚନା କରାଯାଇଥିଲା। ଦଶଟି ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସମିତି ତରଫରୁ ପ୍ରସ୍ତାବ ଦିଆଯାଇଥିଲା । ତିଲେଶ୍ୱର ପଞ୍ଚାୟତ ସମିତିସଭ୍ୟ ଆମ ଗାଁ, ଆମ ବିକାଶର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଥିଲେ। ବ୍ଲକର ଚାରିଛକ ଏବଂ ଆଡେଣୀଗଡରେ ଦୁଇଟି ବାଳିକା ବିଦ୍ୟାଳୟ ନିର୍ମାଣ ପାଇଁ ମଧ୍ୟ ଆଲୋଚନା ହୋଇଥିଲା । ଏଥିସହିତ ଚଳିତ ବର୍ଷ କାର୍ଯ୍ୟକାରୀ ହୋଇଥିବା ନଳକୂପ ଖନନ, ପିଇବା ପାଣି ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଜଣେ ଲେଖାଏଁ ଶିକ୍ଷକରେ ଚାଲିଥିବା ଦୁଇଟି ସ୍କୁଲରେ ଶିକ୍ଷକ ନିଯୁକ୍ତି ଏବଂ ବ୍ଲକର ଶିକ୍ଷା ବିପର୍ଯ୍ୟସ୍ତ ଉପରେ ଜିଲା ପରିଷଦ ସଭ୍ୟ ଅବକାଶ ସାହୁ ଉଦ୍‌ବେଗ ପ୍ରକାଶ କରିଥିଲେ । ଗୋପବନ୍ଧୁ ଗ୍ରାମୀଣ ଯୋଜନା କାର୍ଯ୍ୟ ଖସଡା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାଧାରଣ ବଣ୍ଟନ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଆଜିର ବୈଠକରେ ହରଭଙ୍ଗା ବିଡିଓ ରବିନ୍ଦ୍ର କୁମାର ଶତପଥି, ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ରୁର ସେଠୀ, ବ୍ଲକ ଉପାଧ୍ୟକ୍ଷ ରଶ୍ମିତା ମହାକୁଡ, ଜିଲା ପରିଷଦ ସଭ୍ୟ ଅବକାଶ ସାହୁ, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦାନ କରିଥିଲେ ।



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ସଭ୍ୟମାନେ ।

# କବିତା ପାଠୋତ୍ସବ, ଆଲୋଚନାଚକ୍ର

**ବୌଦ୍ଧ,୨୪।୧୦(ସ୍ୱ.ପ୍ର)**

ନୀଳଚକ୍ର ସାହିତ୍ୟ ସଂସଦ ବୌଦ୍ଧ ପକ୍ଷରୁ ବୁଧବାର ସହରର ଏକ ହୋଟେଲରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି । ଆଲୋଚନା ଚକ୍ରର ପ୍ରଥମ ପର୍ଯ୍ୟାୟରେ ବୌଦ୍ଧ ମାଟିରେ ସନ୍ଥକବି ଭୀମଭୋଇଙ୍କ ସାରସ୍ୱତ ସାଧନା ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଆଠମଲିକ ବିଡିଓ କବି ରାହାସ ବିହାରୀ ନାୟକ ମୁଖ୍ୟଅତିଥି, ଅଧ୍ୟାପକ ଶରତ ଚନ୍ଦ୍ର ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୀମଭୋଇଙ୍କ ସାହିତ୍ୟ ଇତିହାସ ଉପରେ ଆଲୋଚନା କରିଥିଲେ। ସାହିତ୍ୟକ ଦୁଃଖୀଶ୍ୟାମ ବେହେରା ସନ୍ଥ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବରେ ସାହିତ୍ୟିକ ଗିରିଜା ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କବି ଓ କବିତାର ମହତ୍ୱ ପ୍ରତିପାଦନ କରିଥିଲେ। ଏହି ଆଲେଚନାଚକ୍ରକୁ ନୀଳଚକ୍ର ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି ଇଂ ସଞ୍ଜୟ କୁମାର ପଣ୍ଡା ପରିଚାଳନା କରିଥିଲେ। ସୁଶ୍ରୀ ସ୍ମୃତି ଶେଫାଳୀ ମେହେର ଓ ହୃଦାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଆଲୋଚନାଚକ୍ରର ପ୍ରଥମ ପର୍ଯ୍ୟାୟକୁ ଜ୍ଞାନଚାନ୍ଦ ଶତପଥି ଓ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାଚକ୍ରରେ ଶାନ୍ତନୁ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ।




ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥିମାନେ ।

# କେନ୍ଦ୍ରୀୟ ପ୍ରତିନିଧିଙ୍କ ହରଭଙ୍ଗା ବ୍ଲକ ପରିଦର୍ଶନ

**ପୁରୁଣାକଟକ,୨୪।୧୦(ଡି.ଏନ.ଏ)**

କେନ୍ଦ୍ରୀୟ ପ୍ରତିନିଧିଙ୍କ ଏକ ଦୁଇଜଣିଆ ଟିମ୍ ବୁଧବାର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପରିଦର୍ଶନ କରିଥିବା ଜଣାପଡିଛି। ଡାକ୍ତର ଆଶୀଷ ଭଞ୍ଜ ଓ ଡାକ୍ତର ପ୍ରୀତି କାଠୁରିଆ କେନ୍ଦ୍ରୀୟ ଅନୁଦାନରେ ପଞ୍ଚାୟତରାଜ, ଗ୍ରାମ୍ୟ ଉନ୍ନୟନ, ମୃତ୍ତିକା ସଂରକ୍ଷଣ ଏବଂ ଉଦ୍ୟାନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ ପାଇଁ ଧଳପୁର, ଛତ୍ରଙ୍ଗ ଏବଂ କୁଶଙ୍ଗ ପଞ୍ଚାୟତରେ ପହଞ୍ଚିଥିଲେ। ସେମାନେ ଏସବୁ ପଞ୍ଚାୟତରେ ବୁଲି ଏମ୍‌ଜିଏନଆର୍‌ଇଜିଏସ୍ କାର୍ଯ୍ୟ, ପ୍ରଧାନମନ୍ତ୍ରୀ ଆବାସ ଘର, ସାମାଜିକ ସୁରକ୍ଷାରେ ପ୍ରଦାନ କରାଯାଉଥିବା ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା, ଜବକାର୍ଡ ସହିତ ଉଦ୍ୟାନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପାମୋଲିନ ବଗିଚା, ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କୃଷି ସିଚାଇ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଜଳ ଅମଳ ପ୍ରକଳ୍ପ ଏବଂ ଆମ୍ବ ବଗିଚା ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ କେନ୍ଦ୍ରୀୟ ପ୍ରତିନିଧିଙ୍କ ସହିତ ବ୍ଲକ ସହକାରୀ ଯନ୍ତ୍ରୀ ଅର୍ଜ୍ଜୁନ ଗଡନାୟକ,ଏପିଓ ସଞ୍ଜୀବ ମିଶ୍ର, ବୌଦ୍ଧ ମୃତ୍ତିକା ସଂରକ୍ଷଣ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ରାଘବ ମଲ୍ଲିକ, ପିଆଇଏ ପ୍ରଶାନ୍ତ ପ୍ରଧାନ, ଉଦ୍ୟାନ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ ।



କେନ୍ଦ୍ରୀୟ ଟିମ୍ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି ।

# ୭୧ ସହକାରୀ ପ୍ରଫେସରଙ୍କ ଚୂଡ଼ାନ୍ତ ନିଯୁକ୍ତି ତାଲିକା ପ୍ରକାଶିତ

**ବୁର୍ଲା,୨୪।୧୦ (ଡ଼ି.ଏନ.ଏ.)**

ବୁର୍ଲା ଭିମସାରର ପଞ୍ଚମ କାର୍ଯ୍ୟନିର୍ବାହୀ ପରିଷଦର ବୈଠକ ଚଳିତ ଅକ୍ଟୋବର ମାସ ୧୫ ତାରିଖ ଦିନ ଅନୁଷ୍ଠିତ ହୋଇଥିଲା । ୧୦୨ ସ୍ଥାୟୀ ଭିମସାର କ୍ୟାଡ଼ର ସହକାରୀ ପ୍ରଫେସରଙ୍କ ନିଯୁକ୍ତି ବୈଠକର ପ୍ରମୁଖ ପ୍ରସଙ୍ଗ ହୋଇଥିଲା। ବୈଠକରେ ଏହା ଉପରେ ପ୍ରସ୍ତାବ ପାରିତ ହୋଇ ଗୃହୀତ ହୋଇଥିଲା। ୭୧ ଡ଼ାକ୍ତର ନିଯୁକ୍ତି ନିଷ୍ପତ୍ତି ନିଆଯାଇଥିଲା। ମଙ୍ଗଳବାର ଏହାର ଚୂଡ଼ାନ୍ତ ନିଯୁକ୍ତି ତାଲିକା ଜାରି କରାଯାଇଛି। ଭୀମସାର କ୍ୟାଡ଼ରଭୁକ୍ତ ୭୧ ଜଣ ଡ଼ାକ୍ତରଙ୍କ ନାମ ରହିଥିବା ତାଲିକାରେ ନିଶ୍ଚେତକ ବିଭାଗରେ ୬ଜଣ, ଏନାଟୋମୀ ବିଭାଗରେ ୩, ବାୟୋକେମେଷ୍ଟ୍ରି ବିଭାଗରେ ୩, ହୃଦୟରୋଗ ବିଭାଗରେ ୨, କମ୍ୟୁନିଟି ମେଡ଼ିସିନ ବିଭାଗରେ ୨, ଡ଼ର୍ମାଟୋଲୋଜି ବିଭାଗରେ ୨, ଏଫଏମଟି ବିଭାଗରେ ଜଣେ, ମେଡ଼ିସିନ ବିଭାଗରେ ୬, ସାଧାରଣ ଶଲ୍ୟ ବିଭାଗରେ ୯, ମାଇକ୍ରୋବାୟୋଲୋଜି ବିଭାଗରେ ୩, ସ୍ନାୟୁମସ୍ତିଷ୍କ ବିଭାଗରେ ୨, ସ୍ତ୍ରୀ ଓ ପ୍ରସୁତୀ ବିଭାଗରେ ୬, ଅସ୍ଥିଶଲ୍ୟ ବିଭାଗରେ ୪, ପାଥୋଲୋଜି, ଶିଶୁବିଭାଗରେ ୭, ଫାର୍ମାକୋଲୋଜି ବିଭାଗରେ ୫, ପଲମୁନାରୀ ମେଡ଼ିସିନ ବିଭାଗରେ ଜଣେ, କର୍କଟରୋଗ ବିଭାଗରେ ୨ ଏବଂ ମୂତ୍ରାଶୟ ରୋଗ ବିଭାଗରେ ଜଣେ ଡ଼ାକ୍ତରଙ୍କ ନାମ ରହିଛି।

# କୁଆଁର ପୂର୍ଣ୍ଣମୀରେ ନିଆରା ପରମ୍ପରା ବାଟିଖେଳ

**ଘଣ୍ଟାପଡା, ୨୪।୧୦ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ଘଣ୍ଟାପଡା ଗ୍ରାମରେ ବୁଧବାର କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଛି । ଏହିଦିନ ଗ୍ରାମରେ କେଉଁ ଯୁଗରୁ ବାଟିଖେଳ ପରମ୍ପରା ରହିଆସିଛି। କୁଆଁରୀମାନେ ଆଶ୍ୱିନ ମାସ ପ୍ରାରମ୍ଭରୁ ଜହ୍ନିଓଷା ପାଳନ କରି ଆଜି ଶେଷ କରିଥାନ୍ତି। ସେହିପରି କୁମାରମାନେ ଦିନ ବେଳା ବାଟିଖେଳ ପ୍ରତିଯୋଗିତା କରନ୍ତି । ରାତ୍ରିରେ ଯୁବତୀମାନେ କୁଆଁର ପୁନେଇଁ ଜହ୍ନ ଗୀତରେ ମଜ୍ଜିଥାନ୍ତି । ଏହି ଦିନ ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀ ଜୁଆଖେଳ ଖେଳିଥିଲେ । ଏଥିରେ ମାଁ ଲକ୍ଷ୍ମୀ ବିଜୟୀ ହୋଇଥିବାରୁ ଏହି ଦିନକୁ ମନେରଖିବା ପାଇଁ କେତେକ ଏହାକୁ ଜୁଆ ପୂର୍ଣ୍ଣମୀ ବୋଲି କହିଥାନ୍ତି। କୁମାର ପୂର୍ଣ୍ଣମୀରେ ଏପରି ନିଆରା ପରମ୍ପରାକୁ ଆପଣାଇ ନେଇଛନ୍ତି ଘଣ୍ଟାପଡା ଗ୍ରାମବାସୀ ।



କୁଆଁର ପୂର୍ଣ୍ଣମୀରେ ପାରମ୍ପରିକ ବାଟିଖେଳ ଚାଲିଛି ।

# ଘଣ୍ଟାପଡ଼ାରେ ଗଜଲକ୍ଷ୍ମୀ ପୂଜା

**ଘଣ୍ଟାପଡା, ୨୪।୧୦ (ଡି.ଏନ.ଏ)**

କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ଗ୍ରାମର ଶ୍ରୀ ରଘୁନାଥ ଯୁବ ସଂସଦ ଆନୁକୂଲ୍ୟରେ ମାଁ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହୋଇଛି। ପ୍ରତ୍ୟୁଷରୁ ଘଣ୍ଟାପଡା ଗ୍ରାମର ମହିଳା ପୁରୁଷ ଭକ୍ତମାନେ ଏକ ଶୋଭାଯାତ୍ରାରେ ବାହାରି ସମଲେଶ୍ୱରୀ ମନ୍ଦିର ଘାଟ (ତେଲନଦୀ)ରୁ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପରେ ମାଁ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିଲା। ପଣ୍ଡିତ ଚମ୍ପେଶ୍ୱର ପାଣିଗ୍ରାହୀଙ୍କ ପୌରୋହିତରେ ରମେଶ ପୋଢ଼ ଓ ସ୍ତ୍ରୀ ଧରିତ୍ରୀ ପୋଢ କର୍ତ୍ତା ଭାବେ ପୂଜାକାର୍ଯ୍ୟ ତୁଲାଇଥିଲେ । ଏହି ପୂଜା ମଣ୍ଡପରେ ନେତାଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଆଗାମୀ ୨୦୧୯ ନିର୍ବାଚନକୁ ଆଖି ଆଗରେ ରଖି ପ୍ରତ୍ୟେକ ଦଳର ଆଶାୟୀ ପ୍ରାର୍ଥୀଙ୍କ ଭିଡ ଲାଗି ରହିଥିଲା । ଶୁକ୍ରବାର ପର୍ଯ୍ୟନ୍ତ ଗଜଲକ୍ଷ୍ମୀ ପୂଜନୋତ୍ସବ ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ସଂଘ ପକ୍ଷରୁ କୁହାଯାଇଛି। ସ୍ୱାଧୀନ ମହାପାତ୍ର, ବଂଶୀଧର ପଟ୍ଟନାୟକ, ଉଗ୍ରେସନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଛନ୍ତି ।



ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା ଚାଲିଛି ।

## ଫୁଟବଲ: ମହୁଲେ ଫାଇନାଲରେ

**ଭଟଲି,୨୪।୧୦(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ବ୍ଲକ୍ କମଗାଁ ଖେଳ ପଡ଼ିଆରେ ଚାଲିଥିବା ବାରପାହାଡ଼ କପ୍ ଫୁଟବଲ ପ୍ରତିଯୋଗିତାର ବୁଧବାର ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବରଡୋଲ ଏକାଦଶ ଏବଂ ମହୁଲେ ଏକାଦଶ ଦଳ ମୁହାଁମୁହିଁ ହୋଇଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ୍ ୧–୧ ଗୋଲରେ ଅମିମାଂସିତ ରହିଥିଲା । ଫଳରେ ଟାଇବ୍ରେକର ଜରିଆରେ ମହୁଲେ ଏକାଦଶ ୬–୫ ଗୋଲରେ ବରଡୋଲ ଏକାଦଶକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲା । ପ୍ରଦୀପ ଭୋଇ, ଦେବାନନ୍ଦ ସାହୁ, ଦେବଦତ୍ତ ପ୍ରଧାନ ଏବଂ ଭୀଷ୍ମଦେବ ପ୍ରଧାନ ଖେଳ ପରିଚାଳନା କରିଥିଲେ ।

# ଗଜଲକ୍ଷ୍ମୀ ପୂଜା ଆରମ୍ଭ



ବାଉଁଶୁଣୀରେ ଗଜଲକ୍ଷ୍ମୀ ପୂଜା ପାଉଛନ୍ତି ।

**ବାଉଁଶୁଣୀ,୨୪।୧୦(ଡି.ଏନ୍.ଏ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ଛକଠାରେ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ଷଷ୍ଠ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି । ଏଥିରେ ଶିବଶଙ୍କର ନେପାକ କର୍ତ୍ତା ଥିବାବେଳେ ବସନ୍ତ ତ୍ରିପାଠୀ ପୂଜକ ଥିଲେ। ସଭାପତି ରମେଶ ଗରିଆ ଓ ସମ୍ପାଦକ ଗୋପାଳ ମେହେରଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିଲା । ସବୁବର୍ଷ ପରି ଏବର୍ଷ ମଧ୍ୟ ଜଗଲକ୍ଷ୍ମୀ ପୂଜା ଖୁବ୍ ଧୁମ୍‌ଧାମରେ ପାଳିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି । ଦେବାଶିଷ ନେପାକ, ସତ୍ୟନାରାୟଣ ମହାକୁଳ, ଅଶ୍ୱିନୀ ସାହୁ, କୃଷ୍ଣଚନ୍ଦ୍ର ମେହେର, ସୁମନ୍ତ ମେହେର ପ୍ରମୁଖ ସହଯୋଗ କରିଥିଲେ ।


**ପୂର୍ବ ତଟ ରେଳପଥ**

INDIAN RAILWAYS

**ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP) ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**

(1) ନିଯୁକ୍ତି ସୂଚନା ସଂ. 02/2018-CMP ତା.08.10.2018 ରିଖ

ପୂର୍ବ ତଟ ରେଳପଥ/ଖୋର୍ଦ୍ଧା ରୋଡ଼ ମଣ୍ଡଳ, ପୂର୍ଣ୍ଣକାଳୀନ **ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP)** ଭାବେ ନିଯୁକ୍ତି ଦେବା ନିମନ୍ତେ ମୁକ୍ତ ବଜାର (**Open Market**)ରୁ ତଥା ଅବସରପ୍ରାପ୍ତ ରେଳବାଇ ଡାକ୍ତର ଏବଂ ଅବସରପ୍ରାପ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଡାକ୍ତରଙ୍କ ଏକ ନାମ ତାଲିକା ପ୍ରସ୍ତୁତ କରିବା ପାଇଁ ଚୁକ୍ତି ଭିତ୍ତିରେ **ଏକ ବର୍ଷ** ଅବଧି ନିମନ୍ତେ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ଆୟୋଜନ କରିବ। ସଂପୃକ୍ତ **CMP** ମାନଙ୍କ ସମ୍ମତି ଭିତ୍ତିରେ ପରବର୍ତ୍ତୀ ସମୟରେ ଏହାକୁ ପୁନର୍ବାର ବର୍ଷକୁ ବର୍ଷ ସାନି ଚୁକ୍ତି କରାଯାଇପାରିବ, ଯାହାକି **12** ବର୍ଷରୁ ଊର୍ଦ୍ଧ୍ୱ ଅବଧି ହେବ ନାହିଁ କିମ୍ବା **IRMS** ଦ୍ୱାରା ଚୟନ ହୋଇଥିବା ଡାକ୍ତରମାନଙ୍କୁ ଏହି ପଦରେ ନିଯୁକ୍ତି ପର୍ଯ୍ୟନ୍ତ କିମ୍ବା ଏହି ବ୍ୟବସ୍ଥା ଉପଲବ୍ଧ ଥିବା ପର୍ଯ୍ୟନ୍ତ ଯେଉଁଟି ପ୍ରଥମେ ହେବ, ସେହି ଅବଧି ପର୍ଯ୍ୟନ୍ତ ଏହି ନିଯୁକ୍ତି ବଳବତ୍ତର ରହିବ। ସବିଶେଷ ବିବରଣୀ ନିମ୍ନ ପ୍ରଦତ୍ତ ଅଟେ :

ଖାଲି ଥିବା ମୋଟ୍ ପଦବୀ: **02 (ଖୋର୍ଦ୍ଧା ରୋଡ଼ ମଣ୍ଡଳର ବ୍ରହ୍ମପୁର ହେଲ୍‌ଥ ୟୁନିଟ୍, କେନ୍ଦୁଝରଗଡ଼ - ଯଖପୁରା ସେକ୍ସନ ପ୍ରତ୍ୟେକଙ୍କ ପାଇଁ 01 ଗୋଟି ହିସାବରେ)।**

ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା: ପ୍ରାର୍ଥୀ ଭାରତୀୟ ଚିକିତ୍ସା ପରିଷଦ(**Indian Medical Council**) ଦ୍ୱାରା ସ୍ୱୀକୃତ ସର୍ବନିମ୍ନ **MBBS** ଡିଗ୍ରୀ ପ୍ରାପ୍ତ କରିଥିବା ସହିତ ସେ ଏକ ବର୍ଷ ବାଧ୍ୟତାମୂଳକ ରୋଟେଟୋରୀ ଇଣ୍ଟର୍ଣ୍ଣସିପ୍ (**Rotatory Internship**)ସମାପ୍ତ ପରେ କିମ୍ବା ଭାରତୀୟ ଚିକିତ୍ସା ପରିଷଦରେ ଭାରତର ଯେକୌଣସି ରାଜ୍ୟ ଚିକିତ୍ସା ପରିଷଦରୁ ବୈଧ ରେଜିଷ୍ଟ୍ରେସନ ପ୍ରମାଣ ପତ୍ର ପାଇଥିବେ। ଅନ୍ୟ କୌଣସି ପ୍ରମାଣପତ୍ର ଗ୍ରହଣ କରାଯିବ ନାହିଁ।

ପାରିଶ୍ରମିକ: ପୂର୍ଣ୍ଣକାଳୀନ ଜେନେରାଲ ଡ୍ୟୁଟି ମେଡ଼ିକାଲ ଅଫିସର-**CMP** ମାନଙ୍କ ପାଇଁ ମାସିକ ପାରିଶ୍ରମିକ ଟ.**75,000/-(HRA** ଏବଂ ପରିବହନ ଭତ୍ତା ସହିତ)।

**ଅଂଶକାଳିକ (Part Time) ଚୁକ୍ତିଭିତ୍ତିକ ମହିଳା ଚିକିତ୍ସକ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**

(2) ନିଯୁକ୍ତି ସୂଚନା ସଂ. CMP.03/2018 ତା.08.10.2018 ରିଖ

ଏକ ବର୍ଷ ଅବଧି ନିମନ୍ତେ **ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହେଲ୍‌ଥ ୟୁନିଟ୍, ଅନୁଗୋଳ** ଠାରେ ଦୈନିକ **4** ଘଣ୍ଟା ଏବଂ ସପ୍ତାହରେ **6** ଦିନ ଡ୍ୟୁଟି ପାଇଁ ଚୁକ୍ତି ଭିତ୍ତିରେ **ଅଂଶକାଳିକ ମହିଳା ଚିକିତ୍ସକମାନଙ୍କ** ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ଏକ ନାମ ତାଲିକା (**Panel**) ପ୍ରସ୍ତୁତ କରିବା ପାଇଁ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ର ଆୟୋଜନ କରାଯିବ। ପରବର୍ତ୍ତୀ ସମୟରେ ସଂପୃକ୍ତ ଅଂଶକାଳିକ ଚୁକ୍ତିଭିତ୍ତିକ ମହିଳା ଚିକିତ୍ସକମାନଙ୍କ ସମ୍ମତି ଭିତ୍ତିରେ ପ୍ରତି ବର୍ଷ ସାନି ଚୁକ୍ତି ଦ୍ୱାରା ଏହାକୁ ପୁନଃ ନବୀକରଣ କରାଯାଇପାରିବ, ଯାହାର ଅବଧି ସର୍ବାଧିକ **05** ବର୍ଷ ପର୍ଯ୍ୟନ୍ତ କିମ୍ବା ନିୟମିତ **IRMS** ଚିକିତ୍ସକ ଦ୍ୱାରା ଏହି ପଦବୀ ପୂରଣ ହେବା ପର୍ଯ୍ୟନ୍ତ କିମ୍ବା ଏହି ଯୋଜନା ଉପଲବ୍ଧ ଥିବା ପର୍ଯ୍ୟନ୍ତ, ଯେଉଁଟି ପ୍ରଥମେ ହେବ, ସେହି ପର୍ଯ୍ୟନ୍ତ ଏହି ଚୁକ୍ତି ବଳବତ୍ତର ରହିବ। ସବିଶେଷ ବିବରଣୀ ନିମ୍ନ ପ୍ରଦତ୍ତ ଅଟେ :

ଖାଲି ଥିବା ମୋଟ୍ ପଦବୀ : **01(ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହେଲ୍‌ଥ ୟୁନିଟ୍, ଅନୁଗୋଳ ଠାରେ 01 ଗୋଟି)।**

**ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା** : ପ୍ରାର୍ଥୀ **MBBS** କିମ୍ବା ସ୍ନାତକୋତ୍ତର(**MD** କିମ୍ବା **MS**)ଡିଗ୍ରୀ ପ୍ରାପ୍ତ କରିଥିବା ସହିତ ସେ ଏକ ବର୍ଷ ବାଧ୍ୟତାମୂଳକ ରୋଟେଟୋରୀ ଇଣ୍ଟର୍ଣ୍ଣସିପ୍ (**Rotatory Internship**)ସମାପ୍ତ ପରେ କିମ୍ବା ଭାରତୀୟ ଚିକିତ୍ସା ପରିଷଦରେ ଭାରତର ଯେକୌଣସି ରାଜ୍ୟ ଚିକିତ୍ସା ପରିଷଦରୁ ବୈଧ ରେଜିଷ୍ଟ୍ରେସନ ପ୍ରମାଣପତ୍ର ପାଇଥିବେ।

**ପାରିଶ୍ରମିକ** : (i) ମାସିକ ପାରିଶ୍ରମିକ ଟ.**36,900/-**, (ii) ଉପଯୁକ୍ତ ସମୟ ଠାରୁ ଅଧିକ ଦିନ ଅନୁପସ୍ଥିତ କ୍ଷେତ୍ରରେ ପାରିଶ୍ରମିକରୁ ଦୈନିକ ଦିନ ପ୍ରତି ଟ.**1,230/-** ଦରରେ କାଟ ହୋଇପାରେ।

**ବୟସ**: ତା.**01.10.2018** ରିଖ ସୁଦ୍ଧା **53** ବର୍ଷରୁ ଅଧିକ ବୟସ ହୋଇନଥିବ। ଅନ୍ୟ ପକ୍ଷରେ ଅନୁସୂଚିତ ଜାତି (**SC**)/ଅନୁସୂଚିତ ଜନଜାତି(**ST**)ପ୍ରାର୍ଥୀଙ୍କ ପାଇଁ **5** ବର୍ଷ ଏବଂ ଅନ୍ୟ ପଛୁଆ ବର୍ଗ(**OBC**) ପ୍ରାର୍ଥୀଙ୍କ ପାଇଁ **3** ବର୍ଷ ପର୍ଯ୍ୟନ୍ତ ବୟସ ସୀମାରେ କୋହଳ କରାଯିବ (କ୍ରମ ସଂ. **1** ଏବଂ **2** ନିମନ୍ତେ)।

**'ୱାକ୍-ଇନ୍-ଇଣ୍ଟରଭ୍ୟୁ' ସ୍ଥାନ, ତାରିଖ ଓ ସମୟ (କ୍ରମ ସଂ. 1 ଏବଂ 2 ନିମନ୍ତେ) :**

| "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ | ତାରିଖ, ରିପୋର୍ଟ କରିବା ସମୟ ଏବଂ "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| ମୁଖ୍ୟ ଚିକିତ୍ସା ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ମଣ୍ଡଳ ରେଳ ଚିକିତ୍ସାଳୟ, ଖୋର୍ଦ୍ଧା ରୋଡ଼, ପୋଷ୍ଟ: ଜଟଣୀ-752025, ଓଡ଼ିଶା | ତା.08.11.2018ରିଖ 1030 ଘଟିକା |

**ଦ୍ରଷ୍ଟବ୍ୟ** : ସାକ୍ଷାତକାରରେ ଯୋଗଦେବା ପାଇଁ ପ୍ରାର୍ଥୀମାନଙ୍କୁ କୌଣସି ପ୍ରକାର ଯାତ୍ରା ଭତ୍ତା/ଦୈନିକ ଭତ୍ତା/ରହିବା ସୁବିଧା ପ୍ରଦାନ କରାଯିବ ନାହିଁ (କ୍ରମ ସଂ. **1** ଏବଂ **2** ନିମନ୍ତେ)।

ସଂପୂର୍ଣ୍ଣ ବିବରଣୀ, ଦରଖାସ୍ତ ଫର୍ମାଟ୍ ଓ ଅନ୍ୟାନ୍ୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ **www.eastcoastrail.indianrailways.gov.in** ଅବଲୋକନ କରନ୍ତୁ।

PR-367/J/18-19 ମଣ୍ଡଳ ରେଳ ପ୍ରବନ୍ଧକ(କାର୍ମିକ), ଖୋର୍ଦ୍ଧା ରୋଡ଼



ଅନ୍ୟର ଅନିଷ୍ଟ ଚିନ୍ତା କଲେ ନିଜର କ୍ଷତି ହୁଏ, ସମୟ ସମୟରେ ପ୍ରାଣ ବି ଯାଇପାରେ।
- ବିନୋବା ଭାବେ



## ସଂକ୍ଷେପରେ

### ଟ୍ରକ୍ ଚାପାରେ ଗୁରୁତର ବାର୍ହା ମୃତ

**ରେଙ୍ଗାଲି,୨୪।୧୦(ଡି.ଏନ୍.ଏ)-** ଟ୍ରକ ଚାପାରେ ଗୁରୁତର ଆହତ ଏକ ବାର୍ହାର ଚିକିତ୍ସାଧୀନ ଅବସ୍ଥାର ମୃତ୍ୟୁ ଘଟିଛି। ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ଲପଙ୍ଗାଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ବର୍ହା ରାସ୍ତା ଅତିକ୍ରମ କରୁଥିବାବେଳେ ଟ୍ରକ ଚକା ତଳେ ଚାପି ହୋଇଯାଇଥିଲା। ରକ୍ତାକ୍ତ ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଏହି ବାର୍ହାକୁ ସ୍ଥାନୀୟ ଲୋକେ ମାରିବାକୁ ପ୍ରୟାସ କରିଥିଲେ। ତେବେ ଉପଯୁକ୍ତ ସମୟରେ ପାଟ୍ରୋଲିଂ କରୁଥିବା ଠେଲକଲୋଇ ଥାନା ସବ୍‌ଇନ୍ସପେକ୍ଟର ପବିତ୍ର ମୋହନ ସାହୁ ସେଠାରେ ପହଞ୍ଚିଥିଲେ। ଲପଙ୍ଗା ସରପଞ୍ଚଙ୍କ ସହାୟତାରେ ବାରହାକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ବାରହାର ଓଜନ ପାଖାପାଖି ଏକ କ୍ୱିଣ୍ଟାଲ ହେବ ବୋଲି ପୋଲିସ ପ୍ରକାଶ କରିଛି।



### ଭିଜିଲାନ୍ସ ଦ୍ୱାରା ଗିରଫ ଏଏସଆଇ ନିଲମ୍ବିତ, ବିଭାଗୀୟ ତଦନ୍ତ ନିର୍ଦ୍ଦେଶ

**ସମ୍ବଲପୁର,୨୪।୧୦(ବ୍ୟୁରୋ)-**ସମ୍ବଲପୁର ଜିଲା ସଦର ଥାନା ଏଏସଆଇ କିଶୋର ବାଗ ଏକ ଦୁର୍ଘଟଣା ମାମଲାକୁ ରଫାଦଫା କରିବାକୁ ଯାଇ ମଙ୍ଗଳବାର ଉତ୍କୋଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହି ଘଟଣାରେ ବୁଧବାର ତାଙ୍କୁ ନିଲମ୍ବନ କରାଯାଇଛି। ଏସ୍‌ପି ସଞ୍ଜୀବ ଆରୋରା ଏହାର ବିଭାଗୀୟ ତଦନ୍ତ ନିର୍ଦ୍ଦେଶ କରିଛନ୍ତି। ଏଥିସହ ତାଙ୍କର ଡାକ୍ତରିମାଇନା ହୋଇଛି। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସରଲାକାନି ଗ୍ରାମର ଗୁରୁଦେବ ଭୋଇଙ୍କ କାର ଗତ ୧୭ ତାରିଖ ପଡିଆବାହଲ ନିକଟରେ ଦୁର୍ଘଟଣା ଘଟାଇଥିଲା। ସଦରଥାନା ପୋଲିସ ଗାଡିକୁ ଜବତ କରି ନେଇଥିଲା। ଗାଡି ଛାଡିବାକୁ ଗୁରୁଦେବ ବାରମ୍ବାର ଥାନାକୁ ଅନୁରୋଧ କରିଥିଲେ। ହେଲେ ଏହି ମାମଲାକୁ ତଦନ୍ତ କରୁଥବା ଏଏସଆଇ କିଶୋର ଏଥିପାଇଁ ୧୦ ହଜାର ଟଙ୍କା ଦାବି କରିଥିଲେ। ଏ ସମ୍ପର୍କରେ ଗୁରୁଦେବ ଭିଜିଲାନ୍ସ ବିଭାଗଠାରେ ଅଭିଯୋଗ କରିଥିଲେ। ଭଜିଲାନ୍ସ ଏସ୍‌ପି ସ୍ୱରୁପ ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ଗଠନ କରାଯାଇଥିଲା। ଡିଏସପି ଦିଲୀପ କର, ଡିଏସପି ବିରେନ୍ଦ୍ର କୁମାର ନାଏକ, ଡିଏସପି ଦାଶରଥି ସେଠୀ, ଅଭୟ କୁମାର ପ୍ରଧାନ, ପୁନିତା ବାଘେର ଏଥିରେ ସାମିଲ ଥିଲେ। ଯୋଜନାବଦ୍ଧ ଭାବେ କିଶୋର ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଧରିଥିଲେ। ଏଠାରେ ସୂଚନାଯୋଗ୍ୟ, ୨୦୧୬ରେ ଅନୁରୂପ ଲାଞ୍ଚ ନେବା ଘଟଣାରେ କିଶୋର ଭିଜିଲାନ୍ସ ହାତରେ ଧରାପଡ଼ି ୭ ମାସ ଜେଲ ଯାଇଥିଲେ। ଏବେ ମଧ ସେହି ମାମଲା ବିଚାରାଧୀନ ରହିଛି।

### ଆଜିଠାରୁ ଇଷ୍ଟ ଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା

**ବୁର୍ଲା, ୨୪।୧୦(ଡ଼ିଏନଏ)-**ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ପୋର୍ଟସ କାଉନସିଲ ଆନୁକୁଲ୍ୟରେ ଅନ୍ତଃବିଶ୍ୱବିଦ୍ୟାଳୟ ଫୁଟବଲ ପ୍ରତିଯୋଗିତା ୨୦୧୮-୧୯ ଜ୍ୟୋତିବିହାରଠାରେ ଅନୁଷ୍ଠିତ ହେବାକୁ ଯାଉଛି। ସମ୍ବଲପୁର ଜିଲାପାଳ ସାମର୍ଥ ବର୍ମା ମୁଖ୍ୟ ଅତିଥି, ସମ୍ବଲପୁର ଏସପି ଶିବ ଅରୋରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିବେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ପୂର୍ବାହ୍ନ ପ୍ରାୟ ୯ ଘଟିକାରେ ଉଦ୍‌ଘାଟିତ କରିବାର କାର୍ଯ୍ୟକ୍ରମ ରହିଛି।

# ରେଢ଼ାଖୋଲରେ ଗଜଲକ୍ଷ୍ମୀ ପୂଜା ମହାସମାରୋହ

- ୧୩ରୁ ଉର୍ଦ୍ଧ୍ୱ ପୂଜାମଣ୍ଡପ
- ସହରରେ ଉତ୍ସବମୁଖର ପରିବେଶ

**ରେଢ଼ାଖୋଲ,୨୪।୧୦ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲରେ ଗଜଲକ୍ଷ୍ମୀ ପୂଜାର ବିରାଟ ଆୟୋଜନ ହୋଇଛି। ସହରର ପ୍ରାୟ ୧୩ରୁ ଉର୍ଦ୍ଧ୍ୱ ପୂଜା ମଣ୍ଡପରେ ଗଜଲକ୍ଷ୍ମୀ ପୂଜା କରାଯାଇଛି। ପୂଜା କମିଟି ପକ୍ଷରୁ ବୁଧବାର କଳସ ବରଣ ଶୋଭାଯାତ୍ରା କରାଯାଇ ମା'ଲକ୍ଷ୍ମୀଙ୍କ ଯଥାବିଧି ପୂଜା ହୋଇଛି। ସହରର ଖନ୍ଦାଡିପ, ଗଣେଶନଗର, କଳିନ୍ଦର, ରଥସାହି, ଯଦୁମଣିପାଟଣା, ଦେହୁରୀ ସାହି, ଡିମିରିକୁଦା, କୁରୁମଟିକିରା, କଇଥସାହି, ନୂଆଁ ସାହି, ଆମ୍ବେଦକରନଗର, ଶୁଣ୍ଡିମୁଣ୍ଡା, ବିଜେପୁର ଆଦି ପଡ଼ାରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ରେଢ଼ାଖୋଲରେ ଦୀର୍ଘ ବର୍ଷ ଧରି ଏହି ଆଡମ୍ବରପୂର୍ଣ୍ଣ ପୂଜା ହୋଇ ଆସୁଛି। ପ୍ରତିବର୍ଷ ପ୍ରତିଯୋଗିତାମୂଳକ ଭାବେ ବିଭିନ୍ନ ପୂଜା କମିଟି ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ମୂର୍ତ୍ତି ନିର୍ମାଣ ଓ ତୋରଣ, ଆଲୋକ ସାଜସଜ୍ଜା କରାଯାଉଥିବା ବେଳେ ଚଳିତବର୍ଷ କେତେକ ପୂଜା ମଣ୍ଡପରେ ନିରାଡମ୍ବର ଭାବେ ପୂଜା ଅନୁଷ୍ଠିତ ହେଉଛି। ଓଡିଶାର ବ୍ରହ୍ମପୁର, କଟକ, ଫୁଲବାଣୀ ଆଦି ଅଞ୍ଚଳରୁ କାରିଗରମାନେ ଆସି ମୂର୍ତ୍ତି ନିର୍ମାଣ ଲାଇଟ ଓ ତୋରଣ ନିର୍ମାଣ କରିଛନ୍ତି। ପ୍ରାୟ ୧୦ ଦିନ ଧରି ଅନୁଷ୍ଠିତ ହେଉଥିବା ଗଜଲକ୍ଷ୍ମୀ ପୂଜା ଅବସରରେ ରେଢ଼ାଖୋଲ ସହର ଉତ୍ସବ ମୁଖର ହୋଇଉଠିଛି। ଚଳିତ ବର୍ଷ ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଏକ ଶାନ୍ତି କମିଟି ବୈଠକ କରାଯାଇଛି। ବେଆଇନ ଚାନ୍ଦାମଗାରେ ରୋକ୍ ଲଗାଯାଇଛି। ଶାନ୍ତଶୃଙ୍ଖଳା ରକ୍ଷା ପାଇଁ ପୂଜାମଣ୍ଡପଗୁଡ଼ିକରେ ବ୍ୟାପକ ପୋଲିସ ବନ୍ଦୋବସ୍ତ କରାଯାଇଛି।



ପ୍ରେସ ଖଲିଦନାର ଆକର୍ଷଣୀୟ ତୋରଣ।

## ପାଣି ଯୋଗାଇ ପାରୁନି ମେଗା ଜଳସେଚନ ପ୍ରକଳ୍ପ

**ସମ୍ବଲପୁର/କୁଚିଣ୍ଡା,୨୩।୧୦ (ବ୍ୟୁରୋ/ଡି.ଏନ.ଏ)**

ସମ୍ବଲପୁର କୁଚିଣ୍ଡାଠାରେ ଥିବା ପାର୍ବତୀଗିରି ମେଗା ଜଳସେଚନ ପ୍ରକଳ୍ପ ଚାଷୀ ବିଲକୁ ପାଣି ଯୋଗାଇପାରୁନାହିଁ। ଏହାକୁ ନେଇ ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଚାଷୀମାନଙ୍କ ଅସନ୍ତୋଷ ଦେଖାଦେଇଛି। ପାଣି ପାଇବା ଆଶାରେ ଚାଷ କରାଯାଉଛି ହେଲେ ଏବେ ଫସଲ ହେବା ସମୟରେ ପାଣି ଅଭାବରୁ ଉଜୁଡିବାକୁ ବସିଲାଣି। ଚାରଭାଟି ଗ୍ରାମରେ ଥିବା ମୋଟର ପମ୍ପଗୁଡିକ ଠିକ ଭାବେ କାମ କରୁନାହିଁ। ଗ୍ରାମ ନିକଟ ନଦୀରୁ ପାଣି ଉଠାଯାଉଛି ହେଲେ ଗ୍ରାମର ଚାଷୀଙ୍କୁ ପାଣି ମିଳୁନାହିଁ। ଏଥିପ୍ରତି ବିଭାଗ ଆବଶ୍ୟକ ପଦକ୍ଷେପ ନ ନେଲେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ରେଢ଼ାଖୋଲରେ ଓଲିକୁ ସ୍ୱାଗତ

**ରେଢ଼ାଖୋଲ,୨୪।୧୦(ଡି.ଏନ.ଏ.)**

ଓଡ଼ିଶାରେ ଆୟୋଜିତ ହେବାକୁ ଥିବା ବିଶ୍ୱକପ ହକି ଟୁର୍ନାମେଣ୍ଟ ପରିପ୍ରେକ୍ଷୀରେ ଆୟୋଜକ କମିଟି ପକ୍ଷରୁ ପ୍ରସ୍ତୁତ ହକି ଲୋଗ 'ଓଲି'କୁ ରେଢ଼ାଖୋଲରେ ସ୍ୱାଗତ କରାଯାଇଛି। ଓଡ଼ିଶା କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ହକି ଖେଳର ପ୍ରଚାର ପ୍ରସାର ସହ ଖେଳାଳିମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ 'ଓଲି'କୁ ସାରା ଓଡ଼ିଶା ପରିଭ୍ରମଣ କରାଯାଉଛି। ଏହି କ୍ରମରେ ବୁଧବାର ଅପରାହ୍ନରେ ରେଢ଼ାଖୋଲରେ 'ଓଲି' ପହଞ୍ଚିଥିଲା। ସ୍ଥାନୀୟ ବ୍ୟାଙ୍କ ଛକଠାରେ ରେଢ଼ାଖୋଲର କ୍ରୀଡ଼ାପ୍ରେମୀ, ହକି ଖେଳାଳି ଓ ଜନସାଧାରଣଙ୍କ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଥିଲା। ସେଠାରୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ବସଷ୍ଟାଣ୍ଡସ୍ଥିତ ସନ୍ଥ କବି ଭୀମଭୋଇଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ନିଆଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ଏକ ପଥପ୍ରାନ୍ତ ସଭାରେ ଏନଏସି ଉପାଧ୍ୟକ୍ଷ ସୁନିଲ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମାଧବ ସିଂ ହକି ଏକାଡେମୀର ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି, ରୋଟାରୀ ହକି ଏକାଡେମୀ ସେଲ୍‌ର ସମ୍ପାଦକ ଯତିନ୍ଦ୍ର କୁମାର, ଖେଳ ଶିକ୍ଷକ ପ୍ରକାଶ ପଣ୍ଡା, ନରେନ୍ଦ୍ର ଦେହୁରୀ, ସୁକାନ୍ତ ପ୍ରଧାନଙ୍କ ସମେତ ବହୁ ହକି ଖେଳାଳି ସାମିଲ୍ ହୋଇଥିଲେ। ସଂଯୋଜକ ଅଜିତ ପ୍ରସାଦ ସେଠୀଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା।




କମିଟି ପକ୍ଷରୁ ପ୍ରସ୍ତୁତ ହକି ଲୋଗ 'ଓଲି'କୁ ରେଢ଼ାଖୋଲରେ ସ୍ୱାଗତ କରାଯାଉଛି।

## ପ୍ରଭାବତୀ ଦେବୀଙ୍କ ଜନ୍ମ ବାର୍ଷିକୀ ପାଳିତ

**ଧମା,୨୪।୧୦(ଡି.ଏନ.ଏ)**

ସମ୍ବଲପୁର ଜିଲା ଧମା ବ୍ଲକ୍ ବରଗାଁ ନିକଟ ରୁକୁଣୀଲାଠ ବାଲ୍ ନିକେତନର ପ୍ରତିଷ୍ଠାତା ପ୍ରଭାବତୀ ଦେବୀଙ୍କ ୧୦୮ତମ ଜନ୍ମ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ଅନ୍ତେବାସୀମାନେ ଭୋର ୪ଟାରୁ ପ୍ରଭାତ ଫେରି କରିଥିଲେ। ପୂର୍ବାହ୍ନ ୧୦ଟାରେ ଅନୁଷ୍ଠାନ ପରିସରରେ ଆୟୋଜିତ ଜନ୍ମ ବାର୍ଷିକୀ ସ୍ମୃତି ସଭାରେ ମୁଖ୍ୟଅତିଥି ଭାବେ ମାନେଶ୍ୱର ବିଡିଓ ପଙ୍କଜ ପଧାନ ଯୋଗଦେଇ ସ୍ୱର୍ଗୀୟ ପ୍ରଭାବତୀଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ସମ୍ବଲପୁର ଲୋକସଭା ସଦସ୍ୟ ପ୍ରତିନିଧି ଗୋପୀରଞ୍ଜନ ବେହେରା ସମ୍ମାନିତ ଅତିଥି, ମାନେଶ୍ୱର ମାନଧାତାବାବା ମହାବିଦ୍ୟାଳୟର ଅଧ୍ୟାପକ ତୁଷାରରଞ୍ଜନ ବାରିକ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ବୁଦ୍ଧିଜୀବୀ, ସ୍ୱୟଂସହାୟକ ଗୋଷ୍ଠୀ ଓ ଅନ୍ତେବାସୀଙ୍କୁ ପ୍ରଭାଦେବୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ରାଧେକୃଷ୍ଣ ପଣ୍ଡା ସ୍ୱାଗତ ଭାଷଣ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ସଦସ୍ୟ ସନ୍ତୋଷ ବାରିକ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ନଳିନୀ ପଧାନଙ୍କ ସମେତ ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ହେମନ୍ତ ପଧାନ, ଜୀବର୍ଦ୍ଧନ ଭୋଇ ଓ କର୍ମଚାରୀ ଉତ୍ତମ ପଧାନ ସହଯୋଗ କରିଥିଲେ।



ରେଢ଼ାଖୋଲ ବିଧାୟକ ପାନୀୟଜଳ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

# ପାନୀୟଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ

**ନାକଟିଦେଉଳ,୨୪।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ଗ୍ରାମବାସୀଙ୍କୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବୁଧବାର ଏକ ପ୍ରକଳ୍ପର ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଦେଢ଼ କୋଟି ଟଙ୍କା ଅର୍ଥ ମଞ୍ଜୁର କରିଥିବାବେଳେ ରେଢ଼ାଖୋଲ ବିଧାୟକ ତଥା ଉପମୁଖ୍ୟ ସଚେତକ ଇଂ. ରୋହିତ ପୂଜାରୀ ଏହାର ଶିଳାନ୍ୟାସ କରିଛନ୍ତି। ସ୍ଥାନୀୟ ଟିକିରା ନଦୀ ପାଖରେ ଆୟୋଜିତ ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଆରଡବ୍ଲୁଏସଏସର ଉପଖଣ୍ଡ ଅଧିକାରୀ ଆଶୁତୋଷ ଭଦ୍ରା ଅଧ୍ୟକ୍ଷତା କରିଥିଲେ। ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ନାକଟିଦେଉଳ ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି ଆଜି ପୂରଣ ହୋଇପାରିଛି ବୋଲି ବିଧାୟକ ପୂଜାରୀ କହିଥିଲେ। ନାକଟିଦେଉଳ ବ୍ଲକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସଦାଚେଷ୍ଟିତ ବୋଲି ସୂଚାଇଥିଲେ। ଏହି ପରିପ୍ରେକ୍ଷୀରେ ଅଞ୍ଚଳର ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ବହୁ ଉନ୍ନତି ଘଟିଛି ଏବଂ ଏହି ଧାରା ଆଗକୁ ମଧ ଜାରି ରହିବ ବୋଲି ପ୍ରକାଶ କରିଥିଲେ। ଅପରପକ୍ଷେ, ଏହି ପ୍ରକଳ୍ପକୁ ଖୁବ୍‌ଶୀଘ୍ର ଶେଷ କରାଯାଇ ଆଗାମୀ ଗ୍ରୀଷ୍ମ ଋତୁ ପୂର୍ବରୁ ନାକଟିଦେଉଳ ଗ୍ରାମର ସମସ୍ତ ଘରକୁ ପାଇପ ଯୋଗେ ପିଇବା ପାଣି ଯୋଗାଇ ଦିଆଯିବ ଏବଂ ଏଥିପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ ଆରଡବ୍ଲୁଏସଏସର ଏସଡିଓ ଭଦ୍ରା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ବିଡିଓ ମେଥୋଡିୟସ ଲାକ୍ରା, ନାକଟିଦେଉଳ ସରପଞ୍ଚ ଶଙ୍କର୍ଷଣ ବିଶି, ବିଜୁ ଯୁବବାହିନୀର ବ୍ଲକ ସଂଯୋଜକ ଜିତେନ୍ଦ୍ର ସାହୁ, ବିଜେଡି ବ୍ଲକ ସଭାପତି ମୂଳିଆ ରାଉଳ ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ମହାନନ୍ଦିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଜନସମ୍ପର୍କ ପଦଯାତ୍ରାରେ କର୍ମୀଙ୍କୁ ପରାମର୍ଶ

# 'ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଲୋକଙ୍କୁ ଜଣାଅ'

**ନାକଟିଦେଉଳ,୨୪।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଶିମିଳିପାଳ ଗ୍ରାମ ପଞ୍ଚାୟତର ଲୁସୁରା ଗ୍ରାମରେ ବିଜୁ ଜନତା ଦଳ ପକ୍ଷରୁ ବୁଧବାର ଜନ ସମ୍ପର୍କ ପଦଯାତ୍ର ସହ ଏକ କର୍ମୀ ସମ୍ମିଳନୀ ଏବଂ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଜନସମ୍ପର୍କ ପଦଯାତ୍ରା ଲୁସୁରା ଗ୍ରାମ ପ୍ରାରମ୍ଭରୁ ବାହାରି ବସ୍ତି ପରିକ୍ରମା କରିଥିଲା। ରାଜ୍ୟ ସରକାର ତଥା ବିଜେଡି ସପକ୍ଷରେ ବିଭିନ୍ନ ସ୍ଲୋଗାନମାନ ଦେଇ ଦଳୀୟ କର୍ମୀମାନେ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ସାହେବୀର ପୂର୍ବତନ ସରପଞ୍ଚ ରାମପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଗ୍ରାମରେ ଏକ କର୍ମୀ ସମ୍ମିଳନୀ ତଥା ନୂଆଁଖାଇ ଭେଟଘାଟ ଆୟୋଜିତ ହୋଇଥିଲା। ଏଥିରେ ରେଢ଼ାଖୋଲ ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତନ ଇଂ. ରୋହିତ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆର୍ଥିକ ସହାୟତା, ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ଯୋଜନା, ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପ୍ରଦାନ, କୃଷି, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ ଜନହିତକର ଯୋଜନାଗୁଡିକ ଉପରେ ଆଲୋକପାତ କରି ଏହାର ସୁଫଳ ପ୍ରକୃତ ହିତାଧିକାରୀ ନେବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ଅଞ୍ଚଳରେ ବିଜେଡି ସରକାର ଅମଳରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ବାର୍ତ୍ତା ସାଧାରଣ ଜନତାଙ୍କ ନିକଟରେ ପହଞ୍ଚାଇବାକୁ ବିଧାୟକ ପୂଜାରୀ ଦଳୀୟ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପଦଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ବ୍ଲକ ବିଜେଡି ସଭାପତି ମୂଳିଆ ରାଉଳ, ଶିମିଳିପାଳ ସରପଞ୍ଚ ସଞ୍ଜିତ ତରିଆ, ସମିତି ସଭ୍ୟ ବେଣୁଧର ପ୍ରଧାନ, ନାକଟିଦେଉଳ ସରପଞ୍ଚ ଶଙ୍କର୍ଷଣ ବିଶି, ଜାମୁଯୋରି ସରପଞ୍ଚ ଅଜିତ ପ୍ରଧାନ, ସମିତି ସଭ୍ୟ ସାଗର କୁମାର ସାହୁ, ବିଜେଡି ବ୍ଲକ ପର୍ଯ୍ୟବେକ୍ଷକ ଗିରିଶ ରାଉତ, ବ୍ଲକ ଉପସଭାପତି କୁଞ୍ଜବିହାରୀ ନନ୍ଦ, ବରିଷ୍ଠ କର୍ମୀ ବାସୁଦେବ ସ୍ୱାଇଁ, ଜିତେନ୍ଦ୍ରିୟ ପ୍ରଧାନ, ଗଗନ ଧଳ, ପ୍ରମୋଦ ସାହୁ, ଗୌତମ ବିଶ୍ୱାଳ, ପିଣ୍ଟୁ ଧଳଙ୍କ ସମେତ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ।



ଗ୍ରାମ ପରିକ୍ରମାରେ ବାହାରିଥିବା ପଦଯାତ୍ରା।

# ପାଟଣେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା

**ସମ୍ବଲପୁର, ୨୪।୧୦ (ବ୍ୟୁରୋ)**

ପାଟଣେଶ୍ୱରୀ ମନ୍ଦିର ପରିସରରେ ବୁଧବାର ରାତିରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ପାଟଣେଶ୍ୱରୀ ଟ୍ରଷ୍ଟ ବୋର୍ଡ ଆୟୋଜିତ ଭଜନ ସନ୍ଧ୍ୟାରେ ନବୀନ ଓ ପ୍ରବୀଣ କଳାକାରମାନେ ଗୀତ ଗାନ କରିଥିଲେ। ମାଁ ଗୋ ମୋର ସମଲେଇ ମାଁ...., ଆସିଥିଲି କାଳିଆ ତୋ ଦରଶନ୍ ପାଇଁ ରେ...., ମୁଁ ଯେ ଲାଜରେ ଚାହିଁ ପାରୁନାହିଁ...., ମାଁ ତୁମେ ମମତାର ସୀମା ହିନ ସାଗର... ପ୍ରଭୃତି ଗୀତରେ ମନ୍ଦିର ପରିସର ଝଙ୍କୃତ ହୋଇଥିଲା। କଣ୍ଠଶିଳ୍ପୀ ବିଭୂତି ଭୂଷଣ ଦାଶଙ୍କ ସଂଯୋଜନା କରିଥିଲେ। ତ୍ରିଲୋଚନ ତ୍ରିପାଠୀ, ସୁନନ୍ଦା ସାମନ୍ତରାୟ, ସ୍ମୃତି ମିଶ୍ର, ପ୍ରତିନନ୍ଦା ମିଶ୍ର, ଶ୍ରୀକାନ୍ତ ବାରିକ, ସନ୍ତୋଷ ମିଶ୍ର, ମୃଦୁଳା ଘୋଷ ପ୍ରମୁଖ ଗୀତ ଗାନ କରିଥିଲେ। ଦେବାଶିଷ ପାଢ଼ୀ, ସୁବାଷ ଭୋଇ, ଶ୍ରୀକାନ୍ତ ପୁଟେଲ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଟ୍ରଷ୍ଟ ସଭ୍ୟ ସରୋଜ କୁମାର ଦାଶ, ପ୍ରକାଶ ପ୍ରଧାନ, ବୀରେନ୍ଦ୍ର ତ୍ରିପାଠୀ ଓ ପ୍ରମୋଦ ଲାଠିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ରାତିରେ ରୀତିନୀତି ଓ ପରମ୍ପରାରେ ପାଟଣେଶ୍ୱରୀଙ୍କ ନୂତନ ଧ୍ୱଜା ରୋହଣ କାର୍ଯ୍ୟକ୍ରମ ସଂପନ୍ନ ହୋଇଛି।

## ତଣ୍ଟି କାଟି ହତ୍ୟା ଘଟଣା

# ମୃତକଙ୍କ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ

### ଦିବ୍ୟାଙ୍ଗ ଭାଇଙ୍କୁ ମହା ନିଗମରେ ଥଇଥାନ ପ୍ରତିଶ୍ରୁତି

**ସମ୍ବଲପୁର,୨୪।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ବୁଢାରଜା ମନ୍ଦିର ରାସ୍ତା ନିକଟରେ ସୋମବାର ସନ୍ଧ୍ୟାରେ କରମଟୁଲି ଗ୍ରାମର ବିଶାଲ ଖଡିଆଙ୍କୁ ତଣ୍ଟି କାଟି ହତ୍ୟା କରାଯାଇଥିଲା। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ମୃତ ବିଶାଲଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦାବିରେ ରାସ୍ତାରୋକୋ ହୋଇଥିଲା। ବୁଧବାର ମୃତ ବିଶାଳଙ୍କ ପରିବାରକୁ ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ଭେଟି ସମବେଦନା ଜଣାଇବା ସହ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଆଗମୀ ଦିନରେ ପରିବାର ଚଳିବାରେ ଯେଭଳି ଅସୁବିଧା ନ ହେବ ସେଥିପାଇଁ ମୃତ ବିଶାଳଙ୍କ ଦିବ୍ୟାଙ୍ଗ ଭାଇଙ୍କୁ ମହାନଗର ନିଗମରେ ଥଇଥାନ କରାଯିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିପାଇଁ ପ୍ରକ୍ରିୟା ମଧ ଆରମ୍ଭ କରାଯାଇଛି। ପରିବାରଙ୍କୁ ସରକାରଙ୍କ ଅନ୍ୟାନ୍ୟ ଯୋଜନାରେ ମଧ ସୁବିଧା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଅଇଁଠାପାଲି ଥାନା ଅଧିକାରୀ ଚିନ୍ତାମଣି ପ୍ରଧାନ ଏହି ସମୟରେ ଉପସ୍ଥିତ ରହିଥିଲେ। ସୂଚନା ଯୋଗ୍ୟ ଯେ ପୁର୍ବଶତ୍ରୁତାକୁ କେନ୍ଦ୍ରକରି ବିଶାଲଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ୩ ନାବାଳକଙ୍କୁ ଧରିଥିଲା।



ସମ୍ବଲପୁର କରମଟୁଲି ଗ୍ରାମେର ମୃତକଙ୍କ ଘରେ ନେତା ଓ ପୋଲିସ।



ଜନନୀ ଓ ଜନ୍ମଭୂମି ସରଗଠୁ ବଡ଼ ।
- ମହର୍ଷି ବାଲ୍ମିକୀ



## ସଂକ୍ଷେପରେ

### ହାତୀପଲର ଉପଦ୍ରବ: ଧାନ ଫସଲ ନଷ୍ଟ

ରିଆମାଳ, ୨୪।୧୦ (ଡି.ଏନ.ଏ.)
ରିଆମାଳ ବ୍ଲକ ଅନ୍ତର୍ଗତ ଚିରିଗୁଣିକୁଦର, କୋଲବସା, ଅର୍ଜୁନଝରି, ଡେଙ୍ଗସର୍ଗୀ, ଟିଙ୍କବୀର ଗ୍ରାମରେ ହାତୀପଲ ଉପଦ୍ରବ ଚଳାଇଛନ୍ତି। ହାତୀମାନେ ଏକର ଏକର ଧାନ ଫସଲ ଜମି ନଷ୍ଟ କରିଥିବାବେଳେ ସନ୍ଧ୍ୟା ହେଲେ ସ୍ଥାନୀୟ ଜନସାଧାରଣ ଆତଙ୍କିତ ଭାବେ ରହୁଛନ୍ତି। ମଙ୍ଗଳବାର ରାତିରେ ହାତୀପଲ ବୁଢ଼ିଦୋ ପାହାଡ଼ରେ ରହିଥିବାବେଳେ ବାଇକ ଆରୋହୀମାନେ ୫୩ନଂ. ରାଜପଥରେ ଯାତାୟାତ ପାଇଁ ଭୟ କରୁଥିଲେ। ପ୍ରକାଶ ଥାଉ କି ଚିରିଗୁଣିକୁଦର ଗ୍ରାମରେ ୧୨ ଏକର, କୋଲବସା ଗ୍ରାମରେ ୫ଏକର, ଅର୍ଜୁନଝରି ଗ୍ରାମରେ ୩ଏକର, ଡେଙ୍ଗସର୍ଗୀ ଗ୍ରାମରେ ୫ଏକର, ଝିଙ୍କବୀର ଗ୍ରାମର ଖଜରିଆ ମୁଣ୍ଡା ଅଞ୍ଚଳରେ ହାତୀମାନେ ଧାନ ଫସଲ ନଷ୍ଟ କରିଛନ୍ତି। ପ୍ରତିବର୍ଷ ତାଳଚେର କରିଡର ଅଞ୍ଚଳର ହାତୀମାନେ ଆସି ସ୍ଥାନୀୟ ଅଞ୍ଚଳର ଚାଷଜମି ନଷ୍ଟ କରୁଥିବାବେଳେ ବନ ବିଭାଗ ପାରୁ ପର୍ଯ୍ୟନ୍ତ ହାତୀମାନଙ୍କୁ ଲାଇଟ୍ ପକାଇ ପାର କରିବା ପାଇଁ ଚେଷ୍ଟା କରିଥାଏ। କିନ୍ତୁ ବନ ବିଭାଗ ଯେତେ ଚେଷ୍ଟା କଲେ ମଧ ହାତୀମାନେ ଧାନ ଫସଲ ନଷ୍ଟ କରୁଛନ୍ତି। ତେଣୁ ରିଆମାଳ ବନ ବିଭାଗ ଦୃଷ୍ଟିଦେଇ ଧାନଚାଷର କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି।

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ପ୍ରସଙ୍ଗ

# 'ରାଜ୍ୟ, କେନ୍ଦ୍ର ସରକାର ଚିଠିର ଖେଳ ଖେଳୁଛନ୍ତି'

ସମ୍ବଲପୁର,୨୪।୧୦(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ଜନଦାବି ଅଟେ। କିନ୍ତୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଏଥିପ୍ରତି ଆନ୍ତରିକତା ରହୁନାହିଁ। ଉଭୟେ ଚିଠିର ଖେଳ ଖେଳୁଛନ୍ତି। କେନ୍ଦ୍ର ରାଜ୍ୟକୁ ଏବଂ ରାଜ୍ୟ କେନ୍ଦ୍ରକୁ ଚିଠି ଦେବାରେ ବ୍ୟସ୍ତ ରହୁଛନ୍ତି। ଭାଜପା ଓ ବିଜେଡ଼ି ମଧ୍ୟରେ କେବଳ ରାଜନୈତିକ ଛକପଞ୍ଝା ଚାଲିଛି। ଦାବିର ଗମ୍ଭୀରତାକୁ ଅଣଦେଖା କରାଯାଉଛି। ପଶ୍ଚିମ ଓଡ଼ିଶାବାସୀ ସେମାନଙ୍କ ହକ୍‌ରୁ ବଞ୍ଚିତ ହୋଇଚାଲିଛନ୍ତି। ଏ ନେଇ ଓକିଲମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବି ପୂରଣ ଜିଦ୍‌ରେ ଅଟଳ ରହିଛନ୍ତି। ଓକିଲସମୂହଙ୍କ ଏହି ଲଢ଼େଇରେ ଦଳ ସବୁକ୍ଷେତ୍ରରେ ସାମିଲ ହେବ। ବୁଧବାର ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ ଏହା ସୂଚାଇଛନ୍ତି।

ସେ ରାଜ୍ୟ ସରକାରଙ୍କ ବିଫଳତାକୁ ଦର୍ଶାଇବାକୁ ଯାଇ ଆହୁରି କହିଥିଲେ ଯେ, ସମ୍ବଲପୁରରେ ଫ୍ଲାଏ ଓଭର



ବୁଧବାର ସମ୍ବଲପୁର ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

ନିର୍ମାଣ ମନ୍ଥର ଗତିରେ ଚାଲିଛି। ଏହି ପ୍ରକଳ୍ପ ୨୦୧୬ ମେ' ମାସ ସୁଦ୍ଧା ଶେଷ ହେବାକୁ ଧାର୍ଯ୍ୟ ହୋଇଥିଲା। ବିଳମ୍ବିତ କାର୍ଯ୍ୟ ଯୋଗୁ ରାଜ୍ୟ ସରକାର କ୍ଷତି ସହୁଛନ୍ତି। ତଥାପି ଜଣେ କଳାତାଲିକାଭୁକ୍ତ ଠିକାଦାରଙ୍କ ଭରସାରେ ରହିଛନ୍ତି। ଏହା ଶୀଘ୍ର କାର୍ଯ୍ୟକ୍ଷମ କରା ନ ଗଲେ ଜିଲା କଂଗ୍ରେସ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ। ସେହିପରି ମହାନଦୀ ପ୍ରସଙ୍ଗରେ ମଧ ସରକାରଙ୍କୁ ଉଚିତ୍ ଜବାବ୍ ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ମହାନଦୀ

- ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ କଂଗ୍ରେସ
- ଓକିଲଙ୍କ ଲଢ଼େଇରେ ସାମିଲ୍ ହେବ

ଓଡ଼ିଶାର ଜୀବନରେଖା ଅଟେ। ଏହାର ଉପରମୁଣ୍ଡରେ ଛତିଶଗଡ଼ ସରକାର କିନ୍ତୁ ବ୍ୟାରେଜ ଓ ବନ୍ଧ ନିର୍ମାଣ କାର୍ଯ୍ୟ ଜାରି ରଖିଛି। ଚିରସ୍ରୋତା ମହାନଦୀକୁ ଶୁଷ୍କ କରିବାକୁ ହୋଇଥିବା ଏହି ଚକ୍ରାନ୍ତକୁ ଚ୍ୟାଲେଞ୍ଜ୍ ଦେବାରେ ରାଜ୍ୟ ସରକାରଙ୍କ ଦୁର୍ବଳତା ପଦାରେ ପଡ଼ିଛି। ଛତିଶଗଡ଼ରେ ଭାଜପା ନେତୃତ୍ୱାଧିନ ସରକାର ରହିଛି। ଏଣୁ କେନ୍ଦ୍ର ସରକାର ଛତିଶଗଡ ଉପରେ ଚାପ ପକାଉ ନାହାନ୍ତି । ଛତିଶଗଡ ସରକାର ଓଡ଼ିଶା ଉପରେ ଦାଉ ସାଧୁଛି। ମାତ୍ର ଦଳ ମହାନଦୀକୁ ସଙ୍କଟମୁକ୍ତ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି। ଭବିଷ୍ୟତରେ ମଧ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ। ସମ୍ବଲପୁର ସହରବାସୀଙ୍କ ଧୈର୍ଯ୍ୟର ସୀମା ନାହିଁ। ସେମାନେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ତଥାପି ରାଜ୍ୟ ସରକାର ଦୃଷ୍ଟି ଦେଉନଥିବା ପ୍ରକାଶ କରିଥିଲେ।

ଏହି ଖବରଦାତା ସମ୍ମିଳନୀରେ ସେ ଜିଲା କଂଗ୍ରେସ କମିଟିର ପୂର୍ଣ୍ଣାଙ୍ଗ ରୂପରେଖ ଉପସ୍ଥାପନ କରିଥିଲେ। ସଂପ୍ରତି କଂଗ୍ରେସ କମିଟିରେ ଜଣେ ଲେଖାଏଁ ସଭାପତି, କାର୍ଯ୍ୟକାରୀ ସଭାପତି, ୯ ଉପସଭାପତି, ୧୩ ସାଧାରଣ ସମ୍ପାଦକ, ଜଣେ କୋଷାଧ୍ୟକ୍ଷ, ୨୦ ସମ୍ପାଦକ, ୧୬ ସାଙ୍ଗଠାନିକ ସମ୍ପାଦକ ରହିଛନ୍ତି। ସେହିପରି ନିମନ୍ତ୍ରିତ କମିଟିରେ ୧୭ ପୂର୍ବତନ ସଭାପତି, ବିଧାୟକ ଓ ସମ୍ବଲପୁର ଜିଲାରେ ପିସିସି କର୍ମକର୍ତ୍ତାଙ୍କୁ ସାମିଲ କରାଯାଇଛି। କାର୍ଯ୍ୟକାରୀ କମିଟିରେ ୩୪ ବରିଷ୍ଠ, କନିଷ୍ଠ ଓ ମହିଳା କର୍ମୀ ଏବଂ ନେତାମାନେ ରହିଥିବା ଅଶ୍ୱିନୀ ଗୁରୁ କହିଥିଲେ। ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର କିଶୋର ପତି, ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଦାଶ, ଅଖିଳ ଭାରତୀୟ କଂଗ୍ରେସ କମିଟି ସଭ୍ୟ ଆସଫ ଅଲ୍ଲି ଖାନ୍ ମଞ୍ଚାସୀନ ଥିଲେ ।

### ଚାକିରି ଦେବା ଆଳରେ ଠକେଇ: ମା, ପୁଅ ଗିରଫ

ବରଗଡ଼ ଅଫିସ୍,୨୪।୧୦

ବରଗଡ଼ ସହରର ୩ଜଣ ଯୁବତୀଙ୍କୁ ଚାକିରି ଦେବା ଆଳରେ ଠକେଇ ହୋଇଥିବା ସ୍ଥାନୀୟ ଟାଉନ ଥାନାରେ ଅଭିଯୋଗ ହୋଇଛି । ଏ ନେଇ ଖଜୁରଟିକ୍ରା ନିବାସୀ ପଦ୍ମିନୀ ମିଶ୍ର ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲାକୁ ଭିତ୍ତିକରି ପୋଲିସ ମାମଲା (ନଂ.୫୨୭/୧୮ ରୁଜୁ କରିଛି । ଏଥି ସହିତ ୨ଅଭିଯୁକ୍ତ ଅନିଷ ବାରିକ ଓ ତାଙ୍କ ମା'ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ମୁଖ୍ୟ ଅଭିଯୁକ୍ତ ମନିଷ ଫେରାର୍ ଅଛନ୍ତି । ମନିଷ ବାରିକ ନିଜକୁ ଜଣେ ରାଜନୈତିକ ଦଳର ନେତା ଭାବେ ପରିଚୟ ଦେଇ ଚାକିରି ଦିଆଯିବ ବୋଲି ପଦ୍ମିନୀଙ୍କ ଝିଅ ନିହାରିକା ମହାପାତ୍ର ଏବଂ ଅନ୍ୟ ଦୁଇଜଣଙ୍କୁ ମାସିକ ୧୨ହଜାର ଟଙ୍କାର ପ୍ରଲୋଭନ ଦେଖାଇଥିଲେ । ଏଥିପାଇଁ ସେ ୨ଟି ପର୍ଯ୍ୟାୟରେ ପ୍ରାୟ ୩ଲକ୍ଷ ୨୦ହଜାର ଟଙ୍କା ନେଇଥିଲେ। ତେବେ ସେ ସରକାରୀ ହସପିଟାଲରେ ମାସିକ ମାତ୍ର ୫୨୮୩ ଟଙ୍କାରେ ଚାକିରି ଦେଇଥିଲେ। ଏ ସମ୍ପର୍କରେ ମନୀଷଙ୍କୁ ବାରମ୍ବାର କହିବା ସତ୍ତ୍ୱେ ଏରିଅର ଆସିବ ବୋଲି କେବଳ ଭୂଆଁ ବୁଲାଇଥିଲେ ଏବଂ ଶେଷରେ ନିହାରିକା ଚାକିରି ଛାଡ଼ି ଦେଇଥିଲେ । ଏହାପରେ ଚାକିରି ଦେବା ବାବଦକୁ ସେ ନେଇଥିବା ଟଙ୍କା ଫେରାଇବାକୁ ମନିଷଙ୍କୁ କହିଥିଲେ।

## ବଳମ ଦୁର୍ଗାପୂଜା କପ୍: କଳା ଚାମ୍ପିୟନ

ବାରକୋଟ, ୨୪।୧୦ (ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ବ୍ଲକ ବଳମ ଖେଳ ପଡିଆଠାରେ ଜାଗୃତି କ୍ଲବ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଚାଲିଥିବା ଦୁର୍ଗାପୂଜା କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ବିଧାୟକ ନିତେଶ ଗଙ୍ଗଦେବ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ଜିଲାପରିଷଦ ଉପାଧ୍ୟକ୍ଷ ଜୟକୃଷ୍ଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଦୁର୍ଗାପୂଜା ଅବସରରେ ୮ଦିନ ଧରି ଚାଲିଥିବା ଟୁର୍ନାମେଣ୍ଟର ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ଖେଳ କଳା ଫୁଟବଲ ଟିମ ଏବଂ ବାରକୋଟ ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କଳା ଦଳ ଟ୍ରାଇବ୍ରେକର ଜରିଆରେ ବାରକୋଟ ଦଳକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଖେଳ ପରିଚାଳନା ପ୍ରଦୀପ କୁମାର ସାହୁ, ଧିରେନ୍ଦ୍ର ନାଏକ, ମନୋଜ କୁମାର କରିଥିଲେ । କ୍ଲବର ସଭାପତି ପ୍ରଦୀପ ମୁଣ୍ଡା, ସମ୍ପାଦକ ରଙ୍ଗୀନ ପ୍ରଧାନ ସହିତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ବଳମରେ ଫୁଟବଲ ଖେଳାଳିଙ୍କ ଗହଣରେ ଦେବଗଡ ବିଧାୟକ ନିତେଶ ଗଙ୍ଗଦେବ।

## ଷ୍ଟେଟ୍ ବ୍ୟାଙ୍କରେ ଲୁଟ୍, ଡକାୟତି ସମ୍ପର୍କିତ ପୋଲିସର ମକ୍‌ଡ୍ରିଲ କାର୍ଯ୍ୟକ୍ରମ

ଦେବଗଡ଼,୨୪।୧୦(ସ୍ୱ.ପ୍ର)

ବ୍ୟାଙ୍କରେ ଲୁଟ୍, ଡକାୟତି ହେଲେ କିପରି ଉକ୍ତ ଘଟଣାକୁ ସାମ୍ନା କରିବା ସହ ଡକାୟତମାନଙ୍କୁ କାବୁ କରିବେ ସେ ନେଇ ଦେବଗଡ ପୋଲିସ ପକ୍ଷରୁ ଏକ ମକ୍‌ଡ୍ରିଲ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତେବେ ବ୍ୟାଙ୍କ ଭିତରେ ପୋଲିସ ବିଭାଗ ତରଫରୁ ହଠାତ ଏପରି କାର୍ଯ୍ୟକ୍ରମ ଆୟୋଜନ କରି ପୋଲିସ କର୍ମଚାରୀମାନେ ମୁଖା ପିନ୍ଧି, ବନ୍ଧୁକ ଦେଖାଇ ବ୍ୟାଙ୍କ



ଦେବଗଡ ପୋଲିସ ପକ୍ଷରୁ ବ୍ୟାଙ୍କରେ ମକ୍‌ଡ୍ରିଲ କାର୍ଯ୍ୟକ୍ରମ।

ଭିତରେ ଡକାୟତି ଉଦ୍ୟମର ପ୍ରଦର୍ଶନ କରୁଥିବା ଦେଖି ବ୍ୟାଙ୍କ ଭିତରେ ଥିବା ଗ୍ରାହକମାନେ ଛାନିଆ ହେବା ସହ ହାତ ଉପରକୁ ଉଠାଇ ଭୟଭୀତ ହୋଇପଡିଥିଲେ। ଫଳରେ ସାଇରନ ବାଜିବା କ୍ଷଣୀ ଅନ୍ୟ ପୋଲିସ କର୍ମଚାରୀମାନେ ୫ମିନିଟ ମଧ୍ୟରେ ପହଞ୍ଚି ବୁଝାଇଥିଲେ। ପରେ ଜଣାପଡିଲା ଯେ, ପୋଲିସର ମକ୍‌ଡ୍ରିଲ କାର୍ଯ୍ୟକ୍ରମ କରାଯାଇ ଲୋକ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସଚେତନ କରାଯାଉଥିଲା। ଦେବଗଡ ଏସ୍‌ପି ଅନୁପମା ଜେମ୍‌ସ ସମସ୍ତ କାର୍ଯ୍ୟକ୍ରମ ତଦାରଖ କରିବା ପରେ ବ୍ୟାଙ୍କର ମୁଖ୍ୟ ମ୍ୟାନେଜର ଶିବ ପ୍ରସାଦ ପଟ୍ଟନାୟକଙ୍କ ସହ ଏ ସମ୍ପର୍କିତ କାର୍ଯ୍ୟକ୍ରମ ବିଷୟରେ କଥାବାର୍ତ୍ତା ହୋଇଥିଲେ। ଏ କାର୍ଯ୍ୟକ୍ରମ ବୁଧବାର ଚର୍ଚ୍ଚାର ବିଷୟ ପାଲଟିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏଏସପି ରବିନାରାୟଣ ଶି, ଏସଡିପିଓ ସୁଲେମାନ ଏକ୍କା, ଥାନା ଅଧିକାରୀ ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ଆରଆଇ କାଳିଚରଣ ମାଝିଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ତଥା କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବସାଲଇ ଫୁଟବଲ ଟୁର୍ନାମେଣ୍ଟ: ବଣାଇ ଚାମ୍ପିୟନ

ବାରକୋଟ, ୨୪।୧୦ (ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ବ୍ଲକ ବସାଲଇ ଖେଳ ପଡିଆଠାରେ ପଞ୍ଚାୟତ ଆଥେଲେଟିକ ଆସୋସିଏଶନ୍ ଏବଂ କଳା ପରିଷଦ ବସାଲଇ ମିଳିତ ଆନୁକୂଲ୍ୟରେ ଚାଲିଥିବା ୨ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବର ମୁଖ୍ୟଅତିଥି ଭାବେ ଦେବଗଡ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବସାଲଇ ସମିତି ସଭ୍ୟ ଭୁବନେଶ୍ୱର ପ୍ରଧାନ ଯୋଗଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ କଳା ପରିଷଦର ସଭାପତି ସୁଦର୍ଶନ ନାଏକ, ସମ୍ପାଦକ ସଚ୍ଚିଦାନନ୍ଦ ପଟ୍ଟନାୟକ, ଗୌରଶଙ୍କର ଦୀପ, ଦାମୋଦର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ଫାଇନାଲ ଖେଳରେ ବଣାଇ ବାଇପାସ ଦଳ ଦେବଗଡ ଦଳକୁ ଟ୍ରାଇବେକ୍ରର ଜରିଆରେ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ଖେଳ ପରିଚାଳନା ଜୟନାରାୟଣ ସାହୁ, ପୁରସ୍ତମ ସ୍ୱାଇଁ, ଧିରେନ୍ଦ୍ର ନାଏକ, ସଦାନନ ନାଏକ କରିଥିଲେ। କ୍ଲବର ସଭାପତି ଦିଲୀପ କୁମାର ପଟ୍ଟନାୟକ, ସମ୍ପାଦକ ପୁରସ୍ତମ ସ୍ୱାଇଁ, ମୂରଲୀଧର ସାମଲଙ୍କ ସମେତ ସମସ୍ତ ସଦସ୍ୟଙ୍କ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଆୟୋଜନ ହୋଇଥିଲା। ଶେଷରେ ଲୋକନାଥ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।



ବସାଲଇରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଧରାପୃଷ୍ଠରେ ଅବତରିଲେ ମା' ଗଜଲକ୍ଷ୍ମୀ

ଦେବଗଡ,୨୪।୧୦(ସ୍ୱ.ପ୍ର)

ଦେବଗଡ ସହର ଏବଂ ଜିଲାର ପୁରପଲ୍ଲୀରେ ବିଭିନ୍ନ ସୁସଜ୍ଜିତ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ଅଧିବାସ ସହ କଳସଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ବଣିଆଁସାହିର ଲାଲବାହାଦୂର ଶାସ୍ତ୍ରୀ କ୍ଲବ ତରଫରୁ କର୍ମକର୍ତ୍ତାମାନେ ସ୍ଥାନୀୟ ଷୋହଳ ବଖରୀ ଚୁଆରୁ ପବିତ୍ର ଜଳ ଆଣି ପ୍ରଥମେ ପୂଜକଙ୍କ ଦ୍ୱାରା ମୁଖ୍ୟ ତୋରଣରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ମଣ୍ଡପଠାରେ ସ୍ଥାପନା କରିଥିଲେ। ବୁଧବାରଠାରୁ ପୂଜାରମ୍ଭ ହୋଇ ଡ୍ୟାନ୍‌ସ ଡ୍ୟାନ୍‌ସ କାର୍ଯ୍ୟକ୍ରମ, ଦଶହରା ଖେଳ, ଝୋଟି ପ୍ରତିଯୋଗିତା, ଫୁଡ ଫେଷ୍ଟିଭାଲ, ମେଲୋଡି, ନୃତ୍ୟ ପ୍ରତିଯୋଗିତା, ଅନ୍ନ ଭୋଗ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ରବିବାର ଭସାଣି ଉତ୍ସବ ଆୟୋଜନ କରାଯିବ ବୋଲି ବଣିଆଁସାହି ଗଜଲକ୍ଷ୍ମୀ ପୂଜା କମିଟି ସୂଚନା ଦେଇଛି। ପୂଜା ଆୟୋଜନରେ ସଭାପତି ବାପି କପରଦାର, ଉପ-ସଭାପତି ବିକାଶ ଖଡିରତ୍ନ, ସମ୍ପାଦକ ରିଙ୍କୁ ସାହୁ, ସୁବ୍ରତ କୁମାର ସାହୁ, ସନ୍ତୋଷ ସେନାପତି, ଶୁଭମ ଝାଙ୍କର, ଶ୍ରୀତମ ଝାଙ୍କରଙ୍କ ସମେତ କ୍ଲବର ଏବଂ ଅନ୍ୟ ସିନିୟର ଓ ଜୁନିୟର ସଦସ୍ୟ ପ୍ରମୁଖ ସହଯୋଗ କରୁଛନ୍ତି। ସେହିପରି ପୁରୁଣାଗଡର ଚଷା ସାହି, ପେଟ୍ରୋଲ



ଦେବଗଡ ସହରରେ ମା'ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି।

ଟାଙ୍କି ଛକ, ଗାର୍ଲସ ହାଇସ୍କୁଲ ଛକର ନିଉ କଲୋନୀ ମଣ୍ଡପ, ହାତିଶାଳସାହି, ଖଡିଆସାହିର ପୂଜା କମିଟି ତରଫରୁ ମଧ ଅଧିବାସ ସହ କଳସଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମସ୍ତ ମଣ୍ଡପର ପ୍ରବେଶପଥରେ ଆକର୍ଷଣୀୟ ତୋରଣ, ବିଦ୍ୟୁତ ତୋରଣ ସହ ବିଭିନ୍ନ ରଙ୍ଗୀନ ଆଲୋକମାଳାରେ ଆଚ୍ଛାଦିତ କରାଯାଇଛି । ଏହି ସବୁ ପୂଜାମଣ୍ଡପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହେବ ବୋଲି ସୂଚନା ମିଳିଛି।

## କଣ୍ଢେଲ ଗଜଲକ୍ଷ୍ମୀ ପୂଜା ଆରମ୍ଭ

ବାରକୋଟ, ୨୪।୧୦ (ଡି.ଏନ.ଏ)

ଦେବଗଡ ଜିଲା ବାରକୋଟ ବ୍ଲକ କଣ୍ଢେଲ ଲକ୍ଷ୍ମୀପୂଜା ପଡିଆରେ ଗଜଲକ୍ଷ୍ମୀ ପୂଜା ବୁଧବାର ଆରମ୍ଭ ହୋଇଛି। ସ୍ଥାନୀୟ ଅଗ୍ରଗତି ସଂଘ ପୂଜା କମିଟି ଆନୁକୂଲ୍ୟରେ ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା ଧୁମଧାମରେ ଚାଲିଛି। ବୁଧବାର ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କମିଟିର ସଦସ୍ୟମାନେ ଜଳଲାଗି କଳସୀ ଧରି ଶୋଭାଯାତ୍ରାରେ ପୂଜା ମଣ୍ଡପଠାରେ ପହଞ୍ଚିଥିଲେ। ଦିନ ୧୨ଟାରୁ ପୂଜକ ମୋତିଲାଲ ପୂଜାହାରୀଙ୍କ ଦ୍ୱାରା ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଚଳିତବର୍ଷ ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପୂଜା କମିଟି ପକ୍ଷରୁ ୧୨ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଥିବା ଜଣାଯାଇଛି। ପ୍ରତିବର୍ଷ ଭଳି ସବୁ ବର୍ଗର ଦର୍ଶକଙ୍କୁ ସନ୍ତୁଷ୍ଟ କରିବା ପାଇଁ କମିଟି ପକ୍ଷରୁ ପ୍ରୟାସ କରାଯାଇଛି। କ୍ରୀଡା ପ୍ରେମୀଙ୍କ ପାଇଁ କମିଟି ପକ୍ଷରୁ ୨ଟି ଫୁଟବଲ ମ୍ୟାଚର ଆୟୋଜନ କରାଯାଇଛି। ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ଆଞ୍ଚଳିକ ଦଳକୁ ନେଇ କ୍ରୀଡା ପ୍ରତିଯୋଗିତା ହେଉଥିବା ବେଳେ ୨୭ ରୁ ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଫୁଟବଲ ମ୍ୟାଚ ଅନୁଷ୍ଠିତ ହେବ। ସାହିତ୍ୟପ୍ରେମୀଙ୍କ ପାଇଁ ୨୮ ତାରିଖରେ ପତିତପାବନ ସାହିତ୍ୟ ସଂସଦ ଦ୍ୱାରା ସାରସ୍ୱତ ମହୋତ୍ସବ ଅନୁଷ୍ଠିତ ହେବ। ଯାତ୍ରାପ୍ରେମୀଙ୍କ ପାଇଁ ଚଳିତ ବର୍ଷ ୨ଟି ଅପେରା ଯାତ୍ରା ପରିବେଷଣ କରିବେ।





କଣ୍ଢେଲ ଗଜଲକ୍ଷ୍ମୀ ପୂଜାର ତୋରଣ ଓ ମଣ୍ଡପରେ ମା'ଙ୍କ ପ୍ରତିମା।

### କଳସ ଯାତ୍ରା ଅନୁଷ୍ଠିତ

- ସବୁ ବର୍ଗର ଦର୍ଶକଙ୍କୁ ସନ୍ତୁଷ୍ଟ କରିବା ପାଇଁ କମିଟି ପକ୍ଷରୁ ପ୍ରୟାସ
- ପୂଜା କମିଟି ପକ୍ଷରୁ ୧୨ଲକ୍ଷ ଟଙ୍କାର ବ୍ୟୟ ଅଟକଳ

୨୬ରୁ ରାଜଧାନୀ ଅପେରା ଏବଂ ୩୦ରୁ କଳିଙ୍ଗ ଗଣନାଟ୍ୟ ମନୋରଞ୍ଜନ କରିବେ। ୨୬ରେ ରାଜଧାନୀ ଅପେରା ଅତିଥି କଳାକାର ଭାବେ ହିରୋଇନ ଶିବାନୀ ଏବଂ ହିରୋ ସ୍ୱରାଜ ଯୋଗଦେଉଥିବାବେଳେ ୩୦ ତାରିଖରେ କଳିଙ୍ଗ ଗଣନାଟ୍ୟରେ ହିରୋଇନ ସସ୍ମିତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଯୁବବର୍ଗର ଦର୍ଶକଙ୍କ ପାଇଁ ପ୍ରତିଦିନ ରେକର୍ଡ ଡ୍ୟାନ୍ସ, ମେଲୋଡି, ଡ୍ୟାନ୍ସ ଗ୍ରୁପ ଆଦି କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷ ମେଳାରେ ମିନା ବଜାର, ଦୋଳି, ସାଙ୍ଗକୁ ବିଭିନ୍ନ ପ୍ରକାର ଦୋକାନ ବଜାର ପୂଜାକୁ ଅଧିକ ଆକର୍ଷଣୀୟ କରିଛି। କଲେଜ ଛକଠାରୁ ତାରିଣୀ ଛକ ପର୍ଯ୍ୟନ୍ତ ରଙ୍ଗୀନ ଆଲୋକମାଳା ସାଙ୍ଗକୁ ସୁଉଚ୍ଚ ତୋରଣ ବେଶ ଆକର୍ଷଣୀୟ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଦେବଗଡ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ସହିତ ପୂଜାକୁ ଉପଭୋଗ କରିବା ସହିତ ଆସନ୍ତା ୪ ତାରିଖରେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ବିରଞ୍ଚି ବେହେରା, ସମ୍ପାଦକ ପ୍ରସନ୍ନ ନାଏକ ଜଣାଇଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୫ ଅକ୍ଟୋବର, ୨୦୧୮



ଜଓ୍ୱାନ ଓ କିଷାନ୍‌ର ଜୟ୍ ହିଁ ଦେଶ ଏବଂ ଜାତିର ଜୟ୍।

- ଲାଲ୍ ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ସତ୍ୟପ୍ରକାଶ ଭଦ୍ରକ ଲୋକ ସଭା ପ୍ରଭାରୀ ନିଯୁକ୍ତ

**ଭୁବନେଶ୍ୱର,୨୪।୧୦(ବ୍ୟୁରୋ):** ପିସିସି ଗଣମାଧମ ବିଭାଗ ମୁଖ୍ୟ ସତ୍ୟପ୍ରକାଶ ନାୟକଙ୍କୁ ଭଦ୍ରକ ଲୋକ ସଭା ନିର୍ବାଚନମଣ୍ଡଳୀର ପ୍ରଭାରୀ କରାଯାଇଛି। ସତ୍ୟପ୍ରକାଶ ନିଜ ପୂର୍ବ ଦାୟିତ୍ୱ ସହ ଅତିରିକ୍ତ ଭାବେ ଏହା ତୁଲାଇବେ। ଗଣମାଧମ ପରିଚାଳନା ବ୍ୟତୀତ ନିୟମିତ ବ୍ୟବଧାନରେ ଭଦ୍ରକ ଲୋକ ସଭା ଆସନ ଅନ୍ତର୍ଗତ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତ କରିବା ପାଇଁ ସତ୍ୟପ୍ରକାଶଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ବୁଧବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଭଦ୍ରକ ଲୋକ ସଭା ଅଧୀନରେ ସୋର, ସିମୁଳିଆ, ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର ଏବଂ ଚାନ୍ଦବାଲି ବିଧାନସଭା କ୍ଷେତ୍ର ଆସୁଛି। ସତ୍ୟପ୍ରକାଶଙ୍କୁ ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ଟିକେଟ୍ ମିଳିବା ନେଇ ଦଳୀୟ ମହଲରେ ଚର୍ଚ୍ଚା ହେଉଛି। ହେଲେ ଦଳ ତାଙ୍କୁ ଯେଉଁ ଦାୟିତ୍ୱ ଦେଇଛି, ତାହା ଉତ୍ତମ ରୂପେ ସମ୍ପାଦନ କରିବା ଉପରେ ସେ ଗୁରୁତ୍ୱ ଦେବେ ବୋଲି ସତ୍ୟପ୍ରକାଶ କହିଛନ୍ତି।

### ନଭେମ୍ବର ୨୫ରେ ନ୍ୟୁରୋଲୋଜିକାଲ ରୋଗୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ

**ଭୁବନେଶ୍ୱର,୨୪।୧୦ (ବ୍ୟୁରୋ):** ନ୍ୟୁରୋଜେନ୍ ବ୍ରେନ୍ ଆଣ୍ଡ ସ୍ପାଇନ୍ ଇନ୍‌ଷ୍ଟିଚ୍ୟୁଟ୍ ନ୍ୟୁରୋଜେନ୍ ପକ୍ଷରୁ ନଭେମ୍ବର ୨୫ରେ ଭୁବନେଶ୍ୱରଠାରେ ନ୍ୟୁରୋଲୋଜିକାଲ ରୋଗୀମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଉଛି। ନ୍ୟୁରୋଲୋଜିକାଲ ଅନିୟମିତତାରେ ଆକ୍ରାନ୍ତ ରୋଗୀମାନେ ଏହି ମାଗଣା ସ୍ୱାସ୍ଥ୍ୟସେବା ଶିବିରକୁ ଆସି ଚିକିତ୍ସା ଏବଂ ପରାମର୍ଶ ପାଇ ପାରିବେ। ଶିବିରକୁ ଆସିବା ପୂର୍ବରୁ ରୋଗୀମାନେ ମୋବାଇଲ୍ ନମ୍ବର ୦୯୯୨୦୨୦୦୪୦୦ ଏବଂ ୦୯୮୨୧୫୨୯୬୫୩କୁ ଫୋନ୍ କରି ନାମ ପଞ୍ଜୀକରଣ କରି ଆସିବାକୁ କୁହାଯାଇଛି ବୋଲି ଗୁରୁବାର ଏକ ଘରୋଇ ହୋଟେଲରେ ଖବରଦାତା ସମ୍ମିଳନୀରେ ସଂସ୍ଥାର ନିର୍ଦ୍ଦେଶକ ଡା. ଆଲୋକ ଶର୍ମା କହିଛନ୍ତି। ସେରେବ୍ରାଲ୍ ପାଲ୍‌ସି ମୋଟାମୋଟି ଭାବେ ପ୍ରତି ୧୦୦୦ ନବଜାତକଙ୍କ ମଧ୍ୟରୁ ୧ରୁ ତିନି ଜଣ ଶିଶୁଙ୍କୁ ହୋଇଥାଏ ବୋଲି ଡା. ନନ୍ଦିନୀ ଗୋକୁଳଚନ୍ଦ୍ରନ କହିଛନ୍ତି।

## ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲିଲେ ଏସ୍‌ଆର୍‌ସି

# 'କ୍ଷତିଗ୍ରସ୍ତ ସ୍କୁଲ, ରାସ୍ତା ମରାମତି ଶୀଘ୍ର ସାର'

**ପାରଳାଖେମୁଣ୍ଡି, ୨୪।୧୦(ସ୍ୱ.ପ୍ର.)**

ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆର୍‌ସି) ବିଷ୍ଣୁପଦ ସେଠୀ ବୁଧବାର ଗଜପତି ଜିଲା ଗସ୍ତରେ ଆସି ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ସହିତ ଶକ୍ତି ସଚିବ ହେମନ୍ତ ଶର୍ମା, ଗୃହ ଓ ନଗର ଉନ୍ନୟନ ସଚିବ ଜି.ମାଥିଭାଥନନ୍ ଏବଂ ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରେମଚାନ୍ଦ ଚୌଧୁରୀ ମଧ୍ୟ ଆସିଥିଲେ। ବାତ୍ୟାରେ କ୍ଷତିଗ୍ରସ୍ତ ବିଦ୍ୟାଳୟ ଓ ଅଙ୍ଗନଓ୍ୱାଡ଼ି କେନ୍ଦ୍ରଗୁଡ଼ିକ ସମେତ ରାସ୍ତା ମରାମତି କାର୍ଯ୍ୟ ତୁରନ୍ତ ସାରିବା ପାଇଁ ଜିଲା ପ୍ରଶାସନକୁ ଏହି ରାଜ୍ୟସ୍ତରୀୟ ଅଧିକାରୀମାନେ ନିର୍ଦ୍ଦେଶ ଦେଇଛନ୍ତି।

ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଏକ ହେଲିକପ୍ଟର ଯୋଗେ ଆସି ପୂର୍ବାହ୍ନ ୧୧.୩୦ ମିନିଟରେ ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମରେ ପହଞ୍ଚିଥିଲେ । ଏହାପରେ ସ୍ୱତନ୍ତ୍ର ରିଲିଫ କମିଶନର ସେଠୀ ଜିଲାପାଳ ଅନୁପମ ଶାହାଙ୍କ ସହିତ ରାୟଗଡ଼ ବ୍ଲକର ଜିରାଙ୍ଗ, ଲକ୍ଷ୍ମୀପୁର, କଇଁପୁର, ରାୟଗଡ ଇତ୍ୟାଦି ଅଞ୍ଚଳ ଯାଇ ସେଠାରେ ଚାଲିଥିବା ରିଲିଫ, ଗମନାଗମନ ଓ ପାନୀୟଜଳ ବ୍ୟବସ୍ଥା କିପରି ତ୍ୱରାନ୍ୱିତ ହେଉଛି ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ସେହିପରି କେତେଜଣ ଜିଲାସ୍ତରୀୟ ଅଧିକାରୀଙ୍କୁ ନେଇ ଗଠିତ ଏକ ଟିମ୍ ସହ ଶକ୍ତି ସଚିବ ମାଛମରା, ଲାବଣ୍ୟଗଡ, ସୋବରା, ଗାରାବନ୍ଧ, ଗୁରାଣ୍ଡି ଇତ୍ୟାଦି ଅଞ୍ଚଳ ଗସ୍ତରେ ଯାଇ ବିଭିନ୍ନ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ଗୃହ ଓ ନଗର ଉନ୍ନୟନ ସଚିବ ମଧ୍ୟ ଅନ୍ୟ ଏକ ଟିମ୍ ସହ ଗୋଷାଣୀ ବ୍ଲକର ତୋଟାଗୁମୁଡା, ଭୁଶୁକୁଡି, ତାଟିପେଟା, ଗୋଷାଣୀ, ରମ୍ଭା ଇତ୍ୟାଦି ଗ୍ରାମ ବୁଲି ସ୍କୁଲ ଓ ଅଙ୍ଗନଓ୍ୱାଡ଼ି ଗୃହ ମରାମତି, ରାସ୍ତା ନିର୍ମାଣ ଇତ୍ୟାଦି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଅନ୍ୟ ଏକ ଟିମ୍‌କୁ ନେଇ ଓୟା, କେରାଣ୍ଡି, ରାୟଗଡ ଇତ୍ୟାଦି ପଞ୍ଚାୟତର ବାତ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ପରେ ଅପରାହ୍ନରେ ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ସମସ୍ତ ଅଧିକାରୀ ଯୋଗଦେଇଥିଲେ। ଜିଲାରେ ଅଙ୍ଗନଓ୍ୱାଡ଼ି କେନ୍ଦ୍ରଗୁଡ଼ିକ ଖୋଲିବା ପରେ ସେଠାରେ ଶତ ପ୍ରତିଶତ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା, ସହରାଞ୍ଚଳରେ ପାନୀୟ ଜଳ ବ୍ୟବସ୍ଥା ତ୍ୱରାନ୍ୱିତ କରାଯିବା, କ୍ଷତିଗ୍ରସ୍ତ ସ୍କୁଲ ଓ ଅଙ୍ଗନଓ୍ୱାଡ଼ି କେନ୍ଦ୍ରଗୁଡ଼ିକୁ ତୁରନ୍ତ ମରାମତି ସହ ଗମନାଗମନ ସୁବିଧା ଠିକ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଚାଲିଥିବା ଏସବୁ କାର୍ଯ୍ୟ ନେଇ ଏହି ରାଜ୍ୟସ୍ତରୀୟ ଅଧିକାରୀମାନେ ସନ୍ତୋଷ ପ୍ରକଟ କରିଥିବା ଜିଲାପାଳଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର ସୂଚନା କେନ୍ଦ୍ର ପକ୍ଷରୁ କୁହାଯାଇଛି।



ଏସ୍‌ଆର୍‌ସି ବିଷ୍ଣୁପଦ ସେଠୀ ବୁଧବାର କଇଁପୁର ବାତ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

## ନିଟ୍ ୨୦୧୯: ୧ରୁ ଫର୍ମ ଆବେଦନ

**ଭୁବନେଶ୍ୱର,୨୪।୧୦ (ବ୍ୟୁରୋ)**

ଏମ୍‌ବିବିଏସ୍, ବିଡିଏସ୍, ଆୟୁର୍ବେଦ ଏବଂ ହୋମିଓପାଥିକ୍ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ନ୍ୟାସ୍‌ନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରେନ୍ସ ଟେଷ୍ଟ (ନିଟ୍)–୨୦୧୯ ପରୀକ୍ଷା ପାଇଁ ନଭେମ୍ବର ୧ରୁ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ ଫର୍ମ ଆବେଦନ ଆରମ୍ଭ ହେବାକୁ ଯାଉଛି। ଏହି ପରୀକ୍ଷା ନ୍ୟାସ୍‌ନାଲ ଟେଷ୍ଟ୍ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ହେବ। ତେଣୁ ଛାତ୍ରୀଛାତ୍ରମାନେ (www.nta.ac.in) ୱେବସାଇଟ୍‌କୁ ଯାଇ ନାମ ଫର୍ମ ପୂରଣ କରି ଆବେଦନ କରିବାକୁ କୁହାଯାଇଛି। ଯୁକ୍ତ୨ ବିଜ୍ଞାନରେ ଶତକଡ଼ା ୫୦%ରୁ ଅଧିକ ମାର୍କ ରଖି ପାସ୍ କରିଥିବା ଛାତ୍ରୀଛାତ୍ର ଏହି ପ୍ରବେଶିକା ପରୀକ୍ଷା ଦେବାପାଇଁ ନାମ ପଞ୍ଜୀକରଣ ଫର୍ମ ଆବେଦନ କରି ପାରିବେ। ଆବେଦନର ଶେଷ ତାରିଖ ନଭେମ୍ବର ୩୦ ରହିଛି। ମେ ୫, ୨୦୧୯ରେ ପ୍ରବେଶିକା ପରୀକ୍ଷା ସାରା ଦେଶରେ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିପାଇଁ ଆବଶ୍ୟକ ଆଡ୍‌ମିଟ୍ କାର୍ଡ ଏପ୍ରିଲ ୧୫ ତାରିଖରୁ ଏନ୍‌ଟିଏ ୱେବସାଇଟ୍‌ରେ ଉପଲବ୍ଧ ହେବ। ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ଛାତ୍ରୀଛାତ୍ର ଏହି ୱେବସାଇଟକୁ ଯାଇ ଆଡମିଟ୍ କାର୍ଡ ଡାଉନ୍ ଲୋଡ୍ କରିପାରିବେ। ପରୀକ୍ଷା ଫଳ ଜୁନ୍ ୫ରେ ପ୍ରକାଶ ପାଇବ। ତା'ପରେ ଜୁନ୍ ୧୩ରୁ କାଉନ୍‌ସେଲିଂ କରିବାକୁ ତାରିଖ ଧାର୍ଯ୍ୟ କରାଯାଇଛି।

## ବିରୋଧୀଙ୍କ ଅଭିଯୋଗ

# 'ସିବିଆଇକୁ ଅସ୍ତ୍ର କରାଯାଉଛି'

**ଭୁବନେଶ୍ୱର,୨୪।୧୦(ବ୍ୟୁରୋ)**

ସିବିଆଇର ଦୁଇ ସର୍ବୋଚ୍ଚ ଅଧିକାରୀଙ୍କୁ କେନ୍ଦ୍ର ସରକାର ଛୁଟିରେ ପଠାଇଦେଇଛନ୍ତି। ସେହିପରି ଓଡ଼ିଶା କ୍ୟାଡରର ଆଇପିଏସ୍ ଅଫିସର ଏମ୍. ନାଗେଶ୍ୱର ରାଓଙ୍କୁ ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ଏହାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର ଧରିଛି। ରାଜ୍ୟରେ ଚିଟ୍‌ଫଣ୍ଡ, ବ୍ଲାକଲୋଜ ଜାହାଜ ବୁଡ଼ି, ଟିଟୋ ଲିଙ୍କ୍ ପରି ପ୍ରସଙ୍ଗରେ ସିବିଆଇ ତଦନ୍ତକୁ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ବିଜେଡିରୁ ବିଦା ହୋଇଥିବା ଦାମ ରାଉତ ମଧ୍ୟ ରାଜ୍ୟ–କେନ୍ଦ୍ର ସରକାରଙ୍କ ମଧ୍ୟରେ ଭିତିରି ବୁଝାମଣା ଥିବା କଥା କହି ସମାଲୋଚନା କରିଛନ୍ତି।

ରାଜ୍ୟରେ ଚିଟ୍‌ଫଣ୍ଡ ଦୁର୍ନୀତି ସମ୍ପର୍କରେ ସମସ୍ତ ତଥ୍ୟ ପ୍ରମାଣଥିବା କହିଛନ୍ତି ଭାଜପା ମୁଖପାତ୍ର ସମୀର ମହାନ୍ତି। ସେ କହିଛନ୍ତି ଯେ, ରାଜ୍ୟ ସରକାର ଏବଂ ସିବିଆଇର ସର୍ବୋଚ୍ଚ ପଦରେ ଥିବା କେତେଜଣ ଅଧିକାରୀଙ୍କ ମଧ୍ୟରେ ବୁଝାମଣା ରହିଛି। ଏଥିଯୋଗୁ ତଦନ୍ତ ଶୀଥିଳ ହୋଇଛି। ପୂର୍ବତନ ମନ୍ତ୍ରୀ ଦାମ ରାଉତ କହିଛନ୍ତି ଯେ, ବିଭିନ୍ନ ନେତାଙ୍କୁ ଏକାଧିକ ଥର ନୋଟିସ ହୋଇଥିଲେ ହେଁ ସେମାନେ ହାଜର ହୋଇ ନାହାନ୍ତି। କିଛିମାସ ପୂର୍ବେ ସିବିଆଇର ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଅସ୍ଥାନା ଓଡ଼ିଶା ଆସି ଚିଟ୍‌ଫଣ୍ଡ ତଦନ୍ତ କରିବା ପରେ ମାମଲା ଶୀଥିଳ ହୋଇଛି। ସିବିଆଇ ଅଫିସରମାନେ ଓଡ଼ିଶାରୁ ଲାଞ୍ଚ ନେଇଛନ୍ତି ନା ନାହିଁ, ତାହାର ତଦନ୍ତ ହେଉ ବୋଲି ଦାମ ଦାବି କରିଛନ୍ତି। ସେହିପରି ସିବିଆଇ–କେନ୍ଦ୍ର–ରାଜ୍ୟ ମଧ୍ୟରେ ଭିତିରି ବୁଝାମଣା ସହ ୧୦୦ କୋଟି ଟଙ୍କାର କାରବାର ହୋଇଛି। ବ୍ଲାକରୋଜ ଘଟଣାର ସିବିଆଇ ଖୋଳତାଡ଼ କରିବା ପରେ ବିଜେଡି ଜାତୀୟ ରାଜନୀତିରେ ଅନାସ୍ଥା ପ୍ରସ୍ତାବ ଏବଂ ରାଜ୍ୟ ସଭା ଉପାଧ୍ୟକ୍ଷ ନିର୍ବାଚନରେ ନିଜ ଆଭିମୁଖ୍ୟ ପରିବର୍ତ୍ତନ କରିଥିବା ନେଇ ଦାମ ଅଭିଯୋଗ କରିଛନ୍ତି।

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ମଧ୍ୟ ରାଜ୍ୟ–କେନ୍ଦ୍ର ମଧ୍ୟରେ ବୁଝାମଣା ରହିଥିବା ଅଭିଯୋଗ କରିଛନ୍ତି। ହେଲେ ବରିଷ୍ଠ ଭାଜପା ନେତା ବିଜୟ ମହାପାତ୍ର ନାଗେଶ୍ୱରଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ ନାଗେଶ୍ୱରଙ୍କ ନାମରେ ରାଜ୍ୟରେ ଅଭିଯୋଗ ରହିଛି। ସମ୍ପୃକ୍ତ ଅଭିଯୋଗଗୁଡ଼ିକ କେବେ ବି ଉଠିପାରେ। ଅଗ୍ନିଶମ ଡିଜି ଥିବାବେଳେ ନାଗେଶ୍ୱରଙ୍କ ନାମରେ ଅଭିଯୋଗ ରହିଥିଲା। ପ୍ରକାଶ ଯେ ପୂର୍ବତନ ଅଗ୍ନିଶମ ଡିଜି ସ୍ୱର୍ଗତ ବିନୟ ଭୂଷଣ ବେହେରା ଏମ୍. ନାଗେଶ୍ୱର ରାଓଙ୍କ ବିରୋଧରେ ପୋଷାକ କିଣାରେ ଅନିୟମିତତା ଅଭିଯୋଗ ଆଣିଥିଲେ। ୨୦୧୪ ମସିହାରେ ଅଗ୍ନିଶମ ବିଭାଗର ୟେଲୋ ୟୁନିଫର୍ମ କିଣିବାରେ ଅନିୟମିତତା ନେଇ ଅଭିଯୋଗ ଆସିଥିଲା।

# 'ତିତ୍‌ଲି' ଜନିତ ମୃତ୍ୟୁସଂଖ୍ୟା ୭୭ ଛୁଇଁଲା

**ଭୁବନେଶ୍ୱର,୨୪।୧୦(ବ୍ୟୁରୋ)**

ବାତ୍ୟା ତିତ୍‌ଲି ଓ ଏହାର ପରବର୍ତ୍ତୀ ବର୍ଷା ଯୋଗୁ ଗଞ୍ଜାମ, ଗଜପତି ଓ ରାୟଗଡ଼ା ଜିଲାର ବିଭିନ୍ନ ଅଞ୍ଚଳ ଛାରଖାର ହୋଇଯାଇଛି। ଏହି ଜିଲା ସମେତ ୧୭ ଜିଲା ମଧ୍ୟ ପ୍ରଭାବିତ ହୋଇଛି। ରାସ୍ତାଘାଟ, ବିଦ୍ୟୁତ୍, ଚାଷ ଜମି ସବୁ ଉଜୁଡିଯାଇଛି। ପ୍ରଭାବିତ ଜିଲାରେ ଭୂସ୍ଖଳନ ଓ ବାତ୍ୟା ଯୋଗୁ ଏ ପର୍ଯ୍ୟନ୍ତ ୭୭ ଜଣଙ୍କର ଜୀବନ ହାନି ହୋଇଛି। ରିଲିଫ, ଅନୁକମ୍ପାମୂଳକ ସହାୟତା, ଘରଭଙ୍ଗା କ୍ଷତିପୂରଣ ବାବଦରେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ୧୨୯୫.୫୫ କୋଟି ଟଙ୍କା ପ୍ରଦାନ କରି ସାରିଲେଣି। ବୁଧବାର ସଚିବାଳୟଠାରେ ଯୁଗ୍ମ ରିଲିଫ କମିଶନର ପ୍ରଭାତ ରଞ୍ଜନ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ୭୭ ଜଣଙ୍କର ମୃତ୍ୟୁ ହୋଇଥିବା ଖବର ଆମର ହସ୍ତଗତ ହୋଇଛି। ସେଥିରୁ ୫୮ ମୃତ୍ୟୁର ତଦନ୍ତ ଶେଷ ହୋଇଥିବା ବେଳେ ୧୯ ଜଣ ନିଖୋଜ ବ୍ୟକ୍ତିଙ୍କର ତଦନ୍ତ ଜାରି ରହିଛି। ଗଜପତି ଜିଲାରେ ୪୨ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ନିଖୋଜ ଅଛନ୍ତି। ସେହିପରି ଗଞ୍ଜାମ ଜିଲାରେ ୧୦ଜଣଙ୍କ ମୃତ୍ୟୁ ଘଟିଥିବା ନିଶ୍ଚିତ ହୋଇଛି ବୋଲି ସେ ସୂଚନା ଦେଇଛନ୍ତି।

ଏ ପର୍ଯ୍ୟନ୍ତ ୧୨୯୫.୫୫ କୋଟି ଟଙ୍କା ଅନୁମୋଦନ କରିଥିବା ବେଳେ ସେଥିରୁ ୨୮୮.୬୭ କୋଟି ରିଲିଫ ସହାୟତା ବାବଦରେ ପ୍ରଦାନ କରାଯାଇଥିବା ବେଳେ ୨୦୭.୧୬ କୋଟି ଘରଭଙ୍ଗା ସହାୟତା, ମୃତ୍ୟୁ ଘଟିଥିବା ଗୃହପାଳିତ ପ୍ରାଣୀଙ୍କ ପାଇଁ ୨.୦୭ କୋଟି, ମତ୍ସ୍ୟଜୀବୀଙ୍କୁ ୬୩ କୋଟି, ମୃତକଙ୍କ କ୍ଷତିପୂରଣ ପାଇଁ ୩ଟି ଜିଲାକୁ ୧.୫୬ କୋଟି ଟଙ୍କା ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ଗଞ୍ଜାମ, ଗଜପତି ଓ ରାୟଗଡା ଜିଲାରେ ପୁନରୁଦ୍ଧାର ଓ ଥଇଥାନ କାର୍ଯ୍ୟ କିପରି ଚାଲିଛି ସେ ନେଇ ତଦାରଖ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନର, ଶକ୍ତି ବିଭାଗ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଓ ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ୩ ଜିଲା ଗସ୍ତରେ ଯାଇଥିବା ଯୁଗ୍ମ ରିଲିଫ କମିଶନର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ୧୪୯ଟି ପଞ୍ଚାୟତରେ ବିଦ୍ୟୁତ୍ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବା ବେଳେ ୧୩୦ ପଞ୍ଚାୟତରେ ୬୯,୧୩୬ ଗୃହକୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦିଆଯାଇଛି। ସେହିପରି ଏହି କାର୍ଯ୍ୟରେ ୮୦ଟି ଟିମ୍‌ରେ ୯୧୦ ଜଣ ସଦସ୍ୟ ଦିନରାତି କାର୍ଯ୍ୟରେ ଲାଗିଛନ୍ତି ବୋଲି ଯୁଗ୍ମ ରିଲିଫ କମିଶନର କହିଛନ୍ତି।

## ବିଜେଡିରେ ନାଚିକା ଲିଙ୍ଗାଙ୍କ ସ୍ତ୍ରୀ

**କୋରାପୁଟ,୨୪।୧୦(ସ୍ୱ.ପ୍ର.):** କୋରାପୁଟ ଜିଲା ଚାଷୀ ମୂଳିଆ ଆଦିବାସୀ ସଂଘ ସଭାପତି ନାଚିକା ଲିଙ୍ଗାଙ୍କ ସ୍ତ୍ରୀ ଟିକାଇ ନାଚିକା ବିଜେଡିରେ ଯୋଗଦେଇଛନ୍ତି। ସେ ବର୍ତ୍ତମାନ ନାରାୟଣପାଟଣା ବ୍ଲକ ଅଧୀନ ପୋଡ଼ାପଦର ପଞ୍ଚାୟତର ସରପଞ୍ଚ ଅଛନ୍ତି। ଏକ ସ୍ଥାନୀୟ ହୋଟେଲରେ ବୁଧବାର ବିଜେଡି ଜିଲା ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡର ସଦସ୍ୟ ଈଶ୍ୱର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କ ସହ ଶତାଧିକ ଗ୍ରାମବାସୀ ବିଜେଡିରେ ସାମିଲ ହୋଇଛନ୍ତି। ବିଜେଡି ସରକାରଙ୍କ ଉନ୍ନୟନ କାମ ଆଗକୁ ଗ୍ରାମାଞ୍ଚଳରେ ମଧ୍ୟ ତ୍ୱରାନ୍ୱିତ କରିବା ଆଶା ରଖି ଦଳରେ ଯୋଗଦେଇଥିବା ଟିକାଇ କହିଛନ୍ତି।

**ପୌର ପରିଷଦ କାର୍ଯ୍ୟାଳୟ, ହିଞ୍ଜିଳିକାଟୁ, ଗଞ୍ଜାମ**

ପତ୍ର ସଂଖ୍ୟା–୫୦୮୬/୨୦୧୮ ତାରିଖ–୨୪।୧୦।୨୦୧୮

**ବିଜ୍ଞାପନ**

ଏତଦ୍ୱାରା ହିଞ୍ଜିଳିକାଟୁ ପୌର ପରିଷଦର ନିର୍ଦ୍ଧାରଣ ନଂ–୩ (ଗ), ତା: ୨୮।୦୯।୨୦୧୮ ଅନୁସାରେ ପରିଷଦ ଦ୍ୱାରା ନିର୍ମାଣ ହୋଇଥିବା ମଧୁବାବୁ କମ୍ପ୍ଲେକ୍ସକୁ ପୌର ପରିଷଦ ଦ୍ୱାରା ମାସିକ ଲାଇସେନ୍ସ ସୂତ୍ରରେ ପ୍ରଦାନ କରିବା ନିମନ୍ତେ ପରିଷଦରେ ନିର୍ଦ୍ଧାରଣ କରାଯାଇଛି। ଏଣୁ ଆଗ୍ରହୀ ଥିବା ବ୍ୟବସାୟ ପ୍ରତିଷ୍ଠାନମାନଙ୍କଠାରୁ ବନ୍ଦ ଲଫାପାରେ ଅମାନତ ଏବଂ ମାସିକ ଭଡ଼ା ବାବଦରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଆଗ୍ରହୀ ଅନୁଷ୍ଠାନମାନେ ଆସନ୍ତା ୦୮।୧୧।୨୦୧୮ ମଧ୍ୟରେ ମାସିକ ଲାଇସେନ୍ସ ଫି ଓ ସ୍ଥାୟୀ ଜମା ସମ୍ବନ୍ଧରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ବନ୍ଦ ଲଫାପାରେ ନିର୍ଦ୍ଧାରିତ ଆବେଦନ ଫର୍ମରେ ଜଣାଇଲେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ନିର୍ଦ୍ଧାରିତ ଦରଖାସ୍ତ ଫର୍ମ କାର୍ଯ୍ୟାଳୟରେ ଟ.୨୦୦/– (ଦୁଇ ଶହ) ଟଙ୍କା ଅଣଫେରସ୍ତଯୋଗ୍ୟ ଜମାଦେଇ ସର୍ତ୍ତାବଳୀ ସହ ସଂଗ୍ରହ କରିପାରିବେ। ଫେରସ୍ତଯୋଗ୍ୟ ଅମାନତ ସ୍ଥାୟୀ ଜମା ନିର୍ବାହୀ ଅଧିକାରୀଙ୍କ ନାମରେ ଚଳବନ୍ଧକ (Pledge) ନିର୍ଦ୍ଧାରିତ ଫର୍ମରେ ପ୍ରଦାନ କରାଯାଇଥିବା ହିସାବରେ ଜମା କରିବାକୁ ହେବ।

**ସ୍ୱା./- ନିର୍ବାହୀ ଅଧିକାରୀ, ପୌର ପରିଷଦ, ହିଞ୍ଜିଳିକାଟୁ**

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
C.D.A
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ – ୧୨

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର – 11 ରେ ପ୍ଲଟ ନଂ – 11-2F/463 ଟିକୁ ଶ୍ରୀମତୀ ପୂର୍ଣ୍ଣିମା ସିଂହ, ସ୍ୱା – ଶ୍ରୀ ଅଶୋକ କୁମାର ସିଂହ, ସା/ପୋ – ଚାନ୍ଦିନୀଚୌକ, ଥା – ଲାଲବାଗ, ଜିଲ୍ଲା – କଟକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ପୂର୍ଣ୍ଣିମା ସିଂହ ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଅସିତ ପ୍ରମାଣିକ, ପି – ସନ୍ନ୍ୟାସୀ ପ୍ରମାଣିକ, ସା – ଝୁମଝୁମି, ପୋ/ଥା – ଦାସପୁର, ଜିଲ୍ଲା – ପଶ୍ଚିମ ମେଦିନାପୁର, ରାଜ୍ୟ – ପଶ୍ଚିମବଙ୍ଗଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଲିଖିତ ଭାବେ ଜଣାଇବେ । ତତ୍ ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ପରିବର୍ତ୍ତନ କରାଯିବ ।

**ସଚିବ**

See Career Appointment on every Wednesday & Saturday

**Government of Odisha**
**"e" Procurement Notice**
No. 886-O

**Bid Identification No. : Online-AGL-10 of 2018-2019**

| | | | |
|---|---|---|---|
| 1. | Name of the Work | : | Road Works |
| 2. | Estimated Cost. | : | Rs. 22.10 lakhs & Rs. 44.20 Lakhs |
| 3. | Period of Completion | : | 03(Three) & 04(Four) Calendar Months |
| 4. | Date & time of availability of document in the portal | : | From 29.10.2018 to 08.11.2018 upto 5.00 P.M. |
| 5. | Last Date/time for receipt of bids In the portal | : | 08.11.2018 upto 5.00 P.M. |
| 6. | Name & Address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website www.tendersorissa.gov.in

**Sd./-Executive Engineer**
**R.W.Division,Angul.**
25096/11/0004/1819

No. 892-O

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**R.W. DIVISION CUTTACK-II, CUTTACK**
Email ID- cuttackrw2nd@yahoo.co.in
Telephone / Fax No. (0671)-2445119
e-procurement Notice for BUILDING works
Bid Identification No. EECTC-II- 05 of 2018-19 dt. 10.10.2018

| | | | |
|---|---|---|---|
| 1. | Number of the work | :- | 02 (Two) Nos. of Bid Works |
| 2. | Estimated Cost. (Approx) | :- | Rs. 13.22 lakh to 45.98 lakh |
| 3. | Period of completion | :- | 03 (Three) to 06 (Six) calendar Months |
| 4. | Date & time of sale & receipt of bid document online | :- | From: 27.10.2018 at 11:00 AM To: 12.11.2018 at 4:00 PM |
| 5. | Date & time of opening of bids | :- | 13.11.2018 at 11:30 PM |
| 6. | Name and address of Inviting Officer | :- | Executive Engineer, R. W. Division Cuttack-II, Cuttack Nayabazar, Cuttack-753004 |

Further details can be seen from the State Govt. portal https://tendersorissa.gov.in

**Sd/- (D. P. Dash)**
**Executive Engineer**
**R.W. Division Cuttack-II, Cuttack**
25095/11/0008/1819

**CIVIL SERVICES COACHING CENTRE**
**RAMA DEVI WOMEN'S UNIVERSITY, BHUBANESWAR**

The Civil Services Coaching Class of Rama Devi Women's University, Bhubaneswar, Provide Coaching to girls students desirous of appearing at the Competitive examinations conducted by the Union Public Service Commission for various Civil Services. The minimum qualification for enrolment is a graduate / final degree student of any recognized University. Course fee is Rs. 2000.00 for General and OBC candidates and Rs. 1000.00 for SC and ST students. Coaching will be provided for Preliminary Examination of UPSC-2019. Girl students are advised to download application form from website and send the filled in application to the Civil Service Coaching Centre in the address given in website. For details, visit University website : www.rdwuniversity.nic.in

**Sd./- Registrar**

**GOVERNMENT OF ODISHA "e" PROCUREMENT NOTICE**
**Bid Identification No 17 of 2018 - 19**

No.900-O

1. Name of the Work :- Execution of different civil works in the district of Kandhamal. (Refer DTCN available in the website :- tendersorissa.gov.in)
2. Total No of work :- 01 No.
3. Estimated Cost :- Rs. 33.00 lakh
4. Eligible Class of Contractor: - " C & B"
5. Period of Completion :- 06 months (Refer DTCN available in the website tendersorissa.gov.in)
6. Other Details :

| Procurement Officer | Bid Identification No. | Availability of tender online for bidding | | Date and time for opening of Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 17 of 2018 - 19 | Dt. 29.10.2018 At. 10.00 Hrs | Dt. 13.11.2018 Up to. 17.00 Hrs | Dt.14.11.2018 at 11 00 A.M |

Further details can be seen from the website www.tendersorissa.gov.in
Corrigendum, if any, will be uploaded in website only.

**Executive Engineer,**
**R WS&S Division, Phulbani**
25006/11/0020/1819

**GOVERNMENT OF ODISHA**
No. 653-A
**DEPARTMENT OF WATER RESOURCES, OFFICE OF THE SUPERINTENDING ENGINEER, EASTERN CIRCLE-I, CUTTACK**
e-mail : seeccuttack@gmail.com
"e" Procurement Notice No. SEEC-I/05 (MND-I) (Sl No. i to vii) of 2018-19.

| | | | |
|---|---|---|---|
| 1. | Name of the works | i | Improvement to Mahanadi left embankment top road from Chakragarh to Kathakhunta & Kathakhunta to Dimiria in Narasinghpur Block under the district of Cuttack. |
| | | ii | Service road on Kendrapara canal left & right bank, left bank of Disty No.0, left bank of Disty No.1A & 1C and right bank of Disty No1 of Kendrapara Canal. |
| | | iii | Service road on left bank of Disty No.8 from RD1.640 to 2.550Km, 10.900 to 11.490Km & 12.170 to 13.860Km of Kendrapara canal & its system. |
| | | iv | Renovation of canal embankment road of D-6, D-7A1, Jaypur Minor & Jagannathpur sub-minor of Pattamundai Canal system. |
| | | v | Improvement to Mahanadi left embankment top road from Bhuasuni to Nandapur and Sapua embankment top road from Manapur bridge to Tailamala. |
| | | vi | Improvement to service road on left bank of Disty No.3 and left bank of Disty No.4 of Pattamundai canal. |
| | | vii | Improvement to Genguti right embankment from RD6.50Km to 7.50Km, RD 12.00KM to 13.40Km, RD 15.94Km to 17.35Km, RD.20.10Km to 21.15Km and RD21.15Km to 23.60Km. |
| 2 | Tender Cost (Approx.) | : | Sl No.(i) Rs.136.00 Lakhs, Sl No.(ii) Rs.227.00 Lakhs, Sl No.(iii) Rs.225.00 Lakhs, Sl No.(iv) Rs.164.00 Lakhs, Sl No.(v) Rs.145.00 Lakhs, Sl No.(vi) Rs.151.00 Lakhs, Sl No.(vii) Rs.196.00 Lakhs. |
| 3 | Total No. of Packages | : | 7 Nos. Individual Packages. |
| 4 | Tender paper Cost | : | Rs.10,000.00 (On-line payment) for each Packages |
| 5 | Bid Security | i | Rs.1,36,000.00 (On-line payment) for Sl No. (i) |
| | | ii | Rs.2,27,000.00 (On-line payment) for Sl No. (ii) |
| | | iii | Rs.2,25,000.00 (On-line payment) for Sl No. (iii) |
| | | iv | Rs.1,64,000.00 (On-line payment) for Sl No. (iv) |
| | | v | Rs.1,45,000.00 (On-line payment) for Sl No. (v) |
| | | vi | Rs.1,51,000.00 (On-line payment) for Sl No. (vi) |
| | | vii | Rs.1,96,000.00 (On-line payment) for Sl No. (vii) |
| 6 | Class of Contractor | : | B' & 'A' class contractor for all packages |
| 7 | Period of Completion | : | 6 (Six) calendar months each packages |

8. Other details are as follows.

| Procurement Officer. | Name of Division | Bid Identification No. | Availability of Tender On-line for bidding | | Date & time of opening of Technical bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Superintending Engineer, Eastern Circle-I, Cuttack | E.E., Mahanadi North Division-I, Jagatpur | SEEC-I/05 (MND-I) | 30.10.2018 at 10.00 A.M | 13.11.2018 up to 5.00 P.M | 14.11.2018 At 11.30 A.M in O/o the S.E., Eastern Circle-I, Cuttack |

Further details can be seen from the Govt. web site www.dowrorissa.gov.in.
32370/11/0005/1819 **Sd./- Superintending Engineer,Eastern Circle-I, Cuttack**

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
www.aiimsbhubaneswar.edu.in

**F.No. J-11067(001)/2018-19/S & P** **Date: 24.10.2018**

**TENDER CALL NOTICE**

The All India Institute of Medical Sciences (AIIMS) Bhubaneswar Odisha, GOI, inviting tender for **"Supply of Reagents & Consumables for Nuclear Medicine on Rate Contract Basis"** in Two Bid System. The tender document along with last date of submission of the tender can be viewed and downloaded from the official website i.e. **www.aiimsbhubaneswar.nic.in.** The sealed Tender will be received through Speed post/Reg. post/Courier/by hand only on or before due date & time i.e. 12.00 hrs. by office of **Sr. Procurement-Cum Store Officer, AIIMS, Bhubaneswar** and the said tender will be opened on same day at 3.00 P.M. in presence of bidders or their authorised representatives in the office chamber of undersigned. Incomplete tender document/ tender received after scheduled date & time shall be rejected.
Director, AIIMS, Bhubaneswar reserves the right to reject any or all the tenders without assigning any reason thereof.

| Subject | Description |
|---|---|
| Tender No. | J-11067(001)/2018-19/S & P |
| Tender Issue and Publishing Date | 24-10-2018 |
| Last Date & Time of Submission | 15-11-2018 at 12.00 P.M |
| Tender Opening Date (Technical Bid) | 15-11-2018 at 03.00 P.M |

Sd/-
**Sr. Procurement-Cum Store Officer**
**AIIMS, Bhubaneswar**

ଅପେରା ହାଲ୍‌ଚାଲ

# ବାପି ଯାହା ଭାବୁଥିଲେ



ଜଲିଉଡ୍‌ର ଆକ୍ସନ ମାଷ୍ଟର ବାପି ପଣ୍ଡା। ବାଘାଯତୀନ ଲୋକନାଟ୍ୟର ଏହି ମୁଖ୍ୟ କଳାକାର ଏଥର ଯାତ୍ରା ସିଜନକୁ ନେଇ ସେ ଯାହା ଆଶା କରିଥିଲେ ତାହା ପୂରଣ ହୋଇଛି। ବିଶେଷ ଭାବରେ 'ମୃତ୍ୟୁଦଣ୍ଡ' ନାଟକରେ ନିଜର ଭୂମିକା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି। କେବଳ ସେତିକି ନୁହେଁ, ଗତ ସିଜନର ସୁପରହିଟ୍ ନାଟକ 'କାହାଣୀ କାନ୍ଦୁଛି ଆଖି ଲୁଚେଇ' ଏବଂ ନିହାର ମହାନ୍ତି–ତାପସ ସ୍ୱାଇଁଙ୍କ 'ପାକିସ୍ତାନୀ ଝିଅ ଭାରତ କେ ଲିୟେ ଶହୀଦ'ର ସଫଳତାକୁ ଏବେ ବି ମନେ ପକାନ୍ତି ଏହି ଅଭିନେତା। ଏ ସମ୍ପର୍କରେ ବାପି କହନ୍ତି, 'ମୋ ଅଭିନୟ ଦର୍ଶକଙ୍କ ମନକୁ ଛୁଇଁ ପାରୁଛି ତାହା ମୋ ପାଇଁ ବଡ କଥା। ଦର୍ଶକଙ୍କ ସ୍ନେହ ଶ୍ରଦ୍ଧା ଯୋଗୁ ଅପେରା ମୋହରୁ ମୁକୁଳି ପାରୁନି। ସବୁଠାରୁ ବଡ କଥା ହେଲା ମୋତେ ସଫଳତା ମିଳୁ କି ବିଫଳତା କେବେ ପଛକୁ ଫେରି ଚାହିଁନି। କାରଣ ଦର୍ଶକଙ୍କୁ ଶତ ପ୍ରତିଶତ ମନୋରଞ୍ଜନ ଦେବାକୁ ସବୁବେଳେ ଗୁରୁତ୍ୱ ଦିଏ। ଅପେରାର ଭବିଷ୍ୟତ ଉପରେ କେତେକ ପ୍ରଶ୍ନବାଚୀ ଲଗାଇଛନ୍ତି। ଏହାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ହେଲେ ମୁଁ କହିବି କଳା ଅମର ଏବଂ ଅଭିନୟର କେବେ ଶେଷ ନାହିଁ। ତେଣୁ କଳାକାର ରହିବେ, ଏମିତି ଦର୍ଶକଙ୍କ ମନୋରଞ୍ଜନ କରି ଚାଲିଥିବେ।'

## ଖ | ବ | ର | ଟ | ବ | ର

- ଜ୍ୟୋତି ପ୍ରଡକ୍ସନ ବ୍ୟାନରରେ ନୂଆ ଓଡ଼ିଆ ସିନେମା 'ତୁ ମୋର ନିହାତି ଦରକାର–ଟୁ ଲଭ୍ ନେଭର ଡାଏ'ର ଶୁଟିଂ ଚାଲୁ ରହିଛି। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ରାଜୀବ ମହାନ୍ତି।
- ଓଡ଼ିଆ ଚଳଚ୍ଚିତ୍ର 'ପ୍ରେମ ପାଇଁ ମହାଭାରତ'ରେ ନିଜର ରୋଲ୍‌କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସମ୍ବିତ। ଏଥିରେ ତାଙ୍କର ନାୟିକା ସାଜିଛନ୍ତି ରିୟା।
- ସାର୍ଥକ ମ୍ୟୁଜିକ୍ ବ୍ୟାନରରେ ନିର୍ମିତ 'ଲଭ୍ ଏକ୍ସପ୍ରେସ୍' ଖୁବ୍ ଶୀଘ୍ର ରିଲିଜ ହେବ। ସୀତାରାମ ଅଗ୍ରୱାଲ୍‌ଙ୍କ ପ୍ରଯୋଜନା ଏବଂ ବିନ୍ନି ପଟ୍ଟନାୟକ–ସଚିକାନ୍ତ ଜେନାଙ୍କ କାର୍ଯ୍ୟକାରୀ ପ୍ରଯୋଜନାରେ ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ସ୍ୱରାଜ–ସନମୀରା। ନିର୍ଦ୍ଦେଶନା ଦେଇଛନ୍ତି ରମେଶ ରାଉତ।



ତମନ୍ନା

# ମୌଳିକ କାହାଣୀକୁ ଗୁରୁତ୍ୱ ଦେବି

ଓଡ଼ିଆ ସିନେମା 'ଯୋଗୀ'ରୁ ଆରମ୍ଭ ହୋଇଥିଲା ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନା କ୍ୟାରିୟର। ରିଲିଜ ଅପେକ୍ଷାରେ ଥିବା ଚିତ୍ର 'ପ୍ରେମ ପାଇଁ ମହାଭାରତ'କୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ସେ। ପୁରୀ ଜିଲା ଛଇତନା ଗ୍ରାମରେ ଜନ୍ମିତ ଏହି ନିର୍ଦ୍ଦେଶକ ନିଜ ଆଭିମୁଖ୍ୟ ସମ୍ପର୍କରେ ଯାହା କହନ୍ତି...



ପରଦା ପଛରେ
ନିରଞ୍ଜନ ବେହେରା

ଭଲ ସିନେମାଟିଏ ନିର୍ମାଣ କଲେ ତାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ଏବଂ ସେଥିରୁ ପ୍ରଯୋଜକ ଦି' ପଇସା ପାଇ ପୁଣି ଥରେ ଆଉ ଏକ ସିନେମା କରିବାକୁ ଆଗ୍ରହ ପ୍ରକାଶ କରିବ। ହେଲେ ସେହି ଫିଲ୍ମଗୁଡିକର କାହାଣୀ ମୌଳିକ ହେବା ଦରକାର। ସେଥିପାଇଁ ମୁଁ ସବୁବେଳେ ମୌଳିକ କାହାଣୀ ଉପରେ ହିଁ ଗୁରୁତ୍ୱ ଦିଏ। ଭଲ କାହାଣୀ ଯଦି ନ ମିଳେ ତେବେ ସେ ପର୍ଯ୍ୟନ୍ତ ଅପେକ୍ଷା କରିବି ହେଲେ କପି ପେଷ୍ଟ ସିନେମା ଆଦୌ କରିବି ନାହିଁ। କାହାଣୀକୁ ପ୍ରପର ଜଷ୍ଟିସ ଦେବାକୁ ମୁଁ ନିଜେ ସଂଳାପ ଲେଖିଥାଏ। ଗୋଟିଏ କଥା–ମୁଁ ସବୁବେଳେ ଦର୍ଶକଙ୍କୁ କିଛି ନୂଆ ଜିନିଷ ଦେଖାଇବାକୁ ଚାହେଁ। 'ପ୍ରେମ ପାଇଁ ମହାଭାରତ'ର କାହାଣୀ ଏଭଳି ଭାବରେ ରଚନା କରାଯାଇଛି ଯାହା ଅନ୍ୟ ସିନେମାଠାରୁ କେତେ ସ୍ୱତନ୍ତ୍ର ତାହା ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ। ଏଥିରେ ୮ଜଣ ନାୟକକୁ ଜଣେ ନାୟିକା। ଏବର୍ଷ ମୋର 'ଯୋଗୀ' ରିଲିଜ ହୋଇଛି, 'ପ୍ରେମ ପାଇଁ ମହାଭାରତ' ଏବଂ 'ୱାଇଫ ମୋ ଲାଇଫ'ର ପ୍ରାରମ୍ଭିକ କାମ ଚାଲିଛି। ଗୋଟିଏ ବର୍ଷ (୨୦୧୮)ରେ ତିନୋଟି ସିନେମା ଦାୟିତ୍ୱ ତୁଲାଇବା ସହଜ କଥା ନୁହେଁ। ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଦେବା ମୋର ପ୍ରଥମ ଲକ୍ଷ୍ୟ।



# ଚୁପ୍ ରହୁଛନ୍ତି କ୍ୟାଟ୍ରିନା

କ୍ୟାଟ୍ରିନା ଏବେ ଅଧିକାଂଶ ସମୟ ଚୁପ୍ ରହୁଛନ୍ତି। ହେଲେ ଏଭଳି ନୀରବତା ପଛରେ କି କାରଣ ରହିଛି ତାହା ଜଣାଉନାହାନ୍ତି। ନିକଟରେ ଜଣେ ସାଧୁଙ୍କ ସହ ତାଙ୍କର ଭେଟ ହୋଇଥିଲା। ତାଙ୍କ ସହ ଘଣ୍ଟାଏ ଉପରେ ସେ କଥା ହୋଇଥିଲେ। ବାସ୍, ତା'ପରେ କ୍ୟାଟ୍ରିନା ଯୁଆଡେ ଯାଉଛନ୍ତି ମାପିଚୁପି କଥା ହେଉଛନ୍ତି। ଅଯଥା କଥାରେ ଆଦୌ ମୁଣ୍ଡ ଖେଳାଉନାହାନ୍ତି। କିଏ କିଛି କହିଲେ ତାହାର ଉତ୍ତର କ'ଣ ଦେବେ କିଛି ସମୟ ଚିନ୍ତା କରୁଛନ୍ତି। ତେବେ ଏଭଳି ନୀରବତା ପଛରେ ଅନ୍ୟ କିଛି କାରଣ ଅଛି କି ନାହିଁ ତାହା ତାଙ୍କୁ ହିଁ ଜଣା।

# ତମନ୍ନାଙ୍କ ସ୍ୱପ୍ନ

ତମନ୍ନାଙ୍କୁ ପ୍ରଥମେ ବ୍ରେକ୍ ମିଳିଥିଲା ଓଡ଼ିଆ ସିନେମା 'ଭାଇନା କ'ଣ କଲା ସେ'ରେ। ସଞ୍ଜୟ ନାୟକଙ୍କ ନିର୍ଦ୍ଦେଶନା ବ୍ୟତୀତ ଏଥିରେ ସଂଯୋଜିତ ଗୀତ 'ଚାଲ କରିବା ଠିଆ ପାଲା' ତାଙ୍କୁ ଆରମ୍ଭରୁ ହିଁ ମାଇଲେଜ ଦେଇଥିଲା। ହେଲେ ଓଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିବା ପୂର୍ବରୁ ସେ ର୍‍ୟାମ୍ପ ଶୋ'ରେ ନିଜର ଦକ୍ଷତା ଦେଖାଇ ପରିଚିତ ହୋଇସାରିଥିଲେ। ତମନ୍ନାଙ୍କ ଅଭିନୀତ ତଥା ସଞ୍ଜୟଙ୍କ ନିର୍ଦ୍ଦେଶିତ 'ନିଝୁମ ରାତିର ସାଥୀ' ତାଙ୍କୁ ନାୟିକା ଦୌଡ଼ରେ ସାମିଲ କରିଥିଲା। ଓଡ଼ିଆ ଚଳଚ୍ଚିତ୍ର 'ବ୍ଲାକମେଲ୍'ର ନାୟିକା ସାଜିବା ସହ ପ୍ରେମ୍ ଆନନ୍ଦଙ୍କ ସ୍ୱର ସଂଯୋଜନା ତଥା ଏହି ଫିଲ୍ମର ସୁପରହିଟ୍ ଗୀତ 'ହାଏ ତୋ ପ୍ରେମର ରଙ୍ଗୋଲି' ତାଙ୍କୁ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇସାରିଛି। ଅପରପକ୍ଷରେ ଚଳିତବର୍ଷ ଦଶହରାରେ ଅନୁଭବ ମହାନ୍ତିଙ୍କ ଅଭିନୀତ 'ପ୍ରେମ କୁମାର'ରେ ସେ ଅନ୍ୟତମ ନାୟିକା ଭାବରେ ଅଭିନୟ କରିଛନ୍ତି। ନିଜର କ୍ୟାରିୟର ସମ୍ପର୍କରେ ତମନ୍ନା କହନ୍ତି, 'ମୁଁ ପ୍ରଥମେ ରଜ କୁଇନ–୨୦୧୫ ଏବଂ ମୁଁ ବି ହିରୋଇନ୍ ହେବି–୨ରେ ଅଂଶଗ୍ରହଣ କରି ରନର୍ସଅପ ହୋଇଥିଲି। ବାସ୍, ତା'ପରେ ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ମୋତେ ମିଳିଥିଲା। ଏ ପର୍ଯ୍ୟନ୍ତ ମୋତେ ଯେତିକି ସୁଯୋଗ ମିଳିଛି ତାହାର ମୁଁ ସଦୁପଯୋଗ କରିଛି ଏବଂ ଦର୍ଶକ ମୋ ଅଭିନୟକୁ ଗ୍ରହଣ କରିଛନ୍ତି। ମୁଁ ନିଜକୁ ଗୋଟିଏ ପ୍ରକାର ଚରିତ୍ରରେ ବାନ୍ଧି ରଖିବାକୁ ଚାହେଁ ନାହିଁ। ଭିନ୍ନ ଭିନ୍ନ ଭୂମିକାରେ ଅଭିନୟ କରିବାକୁ ଆଶା ରଖିଛି। ସବୁଠାରୁ ଖାସ୍ କଥା ହେଲା ଜାତୀୟ ସ୍ତରରେ ଆୟୋଜିତ ସୁନ୍ଦରୀ ପ୍ରତିଯୋଗିତା 'ମିସ୍ ଡିଭା'ରେ ଆମ ରାଜ୍ୟ ତରଫରୁ ଏକମାତ୍ର ପ୍ରତିଯୋଗୀ ଭାବରେ ଅଂଶଗ୍ରହଣ କରି 'ବେଷ୍ଟ–୫' ଭିତରେ ରହିଥିଲି ଏବଂ 'ମିସ୍ ପପୁଲାର' ଟାଇଟଲ ବିଜୟୀ ହୋଇଥିଲି। ଆକ୍ଟିଂ କ୍ୟାରିୟରକୁ ନେଇ ଆଶା ତ ଅନେକ ରହିଛି। ଭଲ ସୁଯୋଗ ମିଳିଲେ ତାହାର ସଦୁପଯୋଗ କରିବାକୁ ପଛାଇବି ନାହିଁ।'

# ସମୟାନୁବର୍ତ୍ତୀ ଆଲିୟା

ଆଲିୟାଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। କ'ଣ ପାଇଁ ଜାଣନ୍ତି ? ସମୟାନୁବର୍ତ୍ତିତା ପାଇଁ। ବର୍ତ୍ତମାନ ସେ ନ୍ୟୁୟର୍କରେ ଡେରା ପକାଇଛନ୍ତି। କାରଣ ସେଠାରେ 'କଲଙ୍କ'ର ଶୁଟିଂ ଚାଲିଛି। ଶୁଟିଂ ସେଟ୍‌ରେ କେହି ପହଞ୍ଚିବା ପୂର୍ବରୁ ସେ ସେଠାରେ ପହଞ୍ଚି ଯାଉଛନ୍ତି। ପୁଣି ଶଟ୍ ଦେବା ସମୟରେ ଅଯଥା ସମୟ ନଷ୍ଟ କରୁ ନାହାନ୍ତି।



ଆଲିୟା

ଓଡ଼ିଆ ସିନେମା

# ଏବେ ଆତ୍ମସମୀକ୍ଷାର ବେଳ

''ଭଲ ସିନେମାଟିଏ ରିଲିଜ ହୋଇ ଯଦି ଦି' ପଇସା ରୋଜଗାର କଲା ତେବେ ତାହା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବ। ହେଲେ ଏବେ କ'ଣ ହେଉଛି ନା 'ମାର୍ ତାଳି ଉଠା ଥାଳି' ନ୍ୟାୟରେ ହାତଗଣତି ଦିନ କେଇଟାରେ ଯେନତେନ ପ୍ରକାରେ ଶୁଟିଂ ଶେଷ କରିଦିଆଯାଉଛି। ତେଣୁ ଗୋଟିଏ ସିକ୍ୱେନ୍ସକୁ ଯେତିକି ଗୁରୁତ୍ୱ ଦିଆଯିବା କଥା ତାହା ଦିଆଯାଉନାହିଁ। ଆଉ ଏହା ସିନେମାଟି ଦେଖିଲା ବେଳେ ଜଳଜଳ ହୋଇ ଦେଖାଯାଉଛି।''

୧୯୩୬–ଏହି ବର୍ଷଟି ଓଡ଼ିଆ ସିନେମା ଜଗତରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ। କାରଣ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ସେହି ବର୍ଷ ମୁକ୍ତିଲାଭ କରିଥିଲା। ଇତି ମଧ୍ୟରେ ପ୍ରାୟ ୬୫୦ରୁ ଅଧିକ ଓଡ଼ିଆ ସିନେମା ପରଦା ଉପରକୁ ଆସି ସାରିଲାଣି। ହେଲେ ଗତ କେତେବର୍ଷ ଭିତରେ ଆମ ଓଡ଼ିଆ ସିନେମାର ଅବସ୍ଥା କେଉଁ ସ୍ତରରେ ପହଞ୍ଚିଛି ତାହା ବିଚାର କରିବାର ସମୟ ଆସିଛି। ସଂଖ୍ୟା ଦୃଷ୍ଟିରୁ ପ୍ରତିବର୍ଷ ୩୦ରୁ ଅଧିକ ଚଳଚ୍ଚିତ୍ର ମୁକ୍ତିଲାଭ କରୁଛି। ହେଲେ ତନ୍ମଧ୍ୟରୁ ମାତ୍ର ହାତଗଣତି କେତୋଟି ସିନେମା ଦର୍ଶକାଦୃତ ହୋଇପାରୁଛି। ବାକି ସିନେମାର ଅବସ୍ଥା କ'ଣ ହେଉଛି ତାହା ନ କହିବା ଭଲ। ନିରାଟ ସତ କଥା ହେଲା– ଦର୍ଶକଙ୍କ ମନକୁ ଛୁଇଁଲା ଭଳି ନିଛକ ଓଡ଼ିଆ ଚିତ୍ରଟିଏ ଦେଖିବା ପ୍ରାୟ ବିରଳ ହୋଇଗଲାଣି। ଚଳଚ୍ଚିତ୍ର ପ୍ରଯୋଜନା କ୍ଷେତ୍ରରେ ଆଦୌ ଜ୍ଞାନ ନ ଥାଇ ପ୍ରଯୋଜକ ସାଜିବା, ନିର୍ଦ୍ଦେଶନାର ଏବିସିଡି ମାଲୁମ ନ ଥାଇ ନିର୍ଦ୍ଦେଶକ ସିଟ୍‌ରେ ବସି 'କଟ୍–ଓକେ' କହିବାକୁ ଅନେକ ଆଗେଇ ଆସୁଛନ୍ତି। ଏହାଦ୍ୱାରା ଆମ ଇଣ୍ଡଷ୍ଟ୍ରି ଆଗକୁ ଯିବ କ'ଣ ଗୋଦରା କୋଡେ ଯେତେ ମାଡେ ସେତେ ନ୍ୟାୟରେ ପଛକୁ ଫେରୁଛି। ଆଜିକାଲି ଅନେକ ନବାଗତ ନିଜର ଭାଗ୍ୟ ପରୀକ୍ଷା କରିବାକୁ ଆଗେଇ ଆସୁଛନ୍ତି। ଏହା ନିଶ୍ଚୟ ସ୍ୱାଗତଯୋଗ୍ୟ। ହେଲେ କେତେକଙ୍କର କ୍ୟାରିୟର ଗୋଟିଏ ସିନେମାରେ ସୀମାବଦ୍ଧ ହୋଇ ରହିଯାଉଛି। ଓଡ଼ିଆ ସିନେମା ନିର୍ମାଣ କରି ନିଜକୁ ଜଣେ ପ୍ରଯୋଜକ କିମ୍ବା ନିର୍ଦ୍ଦେଶକ କହି ପ୍ରଶଂସିତ ହେବାକୁ କାହାକୁ କିଏ ମନା କରୁନାହିଁ। ହେଲେ ଓଡ଼ିଆ ସିନେମାର ଦିନକୁ ଦିନ ଯେପରି ଅଧୋଗତି ହେଉଛି ତାହା ଚିନ୍ତାର କାରଣ ସାଜିଛି।

ଭଲ ସିନେମାଟିଏ ରିଲିଜ ହୋଇ ଯଦି ଦି' ପଇସା ରୋଜଗାର କଲା ତେବେ ତାହା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବ। ହେଲେ ଏବେ କ'ଣ ହେଉଛି ନା 'ମାର୍ ତାଳି ଉଠା ଥାଳି' ନ୍ୟାୟରେ ହାତଗଣତି ଦିନ କେଇଟାରେ ଯେନତେନ ପ୍ରକାରେ ଶୁଟିଂ ଶେଷ କରିଦିଆଯାଉଛି। ତେଣୁ ଗୋଟିଏ ସିକ୍ୱେନ୍ସକୁ ଯେତିକି ଗୁରୁତ୍ୱ ଦିଆଯିବା କଥା ତାହା ଦିଆଯାଉନାହିଁ। ଆଉ ଏହା ସିନେମାଟି ଦେଖିଲା ବେଳେ ଜଳଜଳ ହୋଇ ଦେଖାଯାଉଛି। ଅନ୍ୟପକ୍ଷରେ ବଜେଟକୁ ନେଇ ଛକାପଞ୍ଝା ଲାଗି ରହିଛି। ଏ କଥା ସତ ଯେ ଓଡ଼ିଆ ଫିଲ୍ମଟିଏ ନିର୍ମାଣ କରିବା ଏତେ ସହଜ କଥା ନୁହେଁ। ଆମ ଓଡ଼ିଆ ସିନେମାର ସାମ୍ପ୍ରତିକ ଅବସ୍ଥାକୁ ଦେଖି ଅନେକ ସମୟରେ ବଜେଟରେ ବୁଝାମଣା କରିବାକୁ କେତେକ ପ୍ରଯୋଜକ ବାଧ୍ୟ ହେଉଛନ୍ତି। ପୁଣି ଏପରି ସଫେଇ ଦେଇ କେତେକ ପ୍ରଯୋଜକ ନିଜ ମୁଣ୍ଡରୁ ଦୋଷ ଖସାଇ ଦେଉଛନ୍ତି। ଭଲ କାହାଣୀଟିଏ ଚୟନ କରିବା ଅପେକ୍ଷା ତେଲୁଗୁ–ତାମିଲ କିମ୍ବା କୌଣସି ପ୍ରାନ୍ତୀୟ ଭାଷାରେ ନିର୍ମିତ ସିନେମା ଦେଖି ତାକୁ କପି କରିଦେଲେ କାମ ଶେଷ। ମୂଳ ସିନେମା ସହ ଆମ ଓଡ଼ିଆ ସିନେମାକୁ ମିଳାଇଲା ବେଳକୁ ଆକାଶ ପାତାଳ ଫରକ। ଅତୀତରେ ଭଲ କାହାଣୀଟିଏ ଚୟନ କରି ଓଡ଼ିଆ ଫିଲ୍ମ ପ୍ରସ୍ତୁତ ହେଉଥିଲା। ତା' ସହ ଚଳଚ୍ଚିତ୍ରର ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗ ପ୍ରତି ପ୍ରଯୋଜକମାନେ ଗୁରୁତ୍ୱ ଦେଉଥିଲେ। ଆଉ ସେଭଳି ସିନେମାକୁ ଥରେ ନୁହେଁ, ୪–୫ ଥର ଦେଖିବାକୁ ଇଚ୍ଛା ହେଉଥିଲା। ହେଲେ ଏବେ ଓଡ଼ିଆ ସିନେମାଟିଏ ଦେଖିବାକୁ ଅଧିକାଂଶ ଦର୍ଶକ ମନ ବଳାଉ ନ ଥିବା ଦେଖିବାକୁ ମିଳୁଛି। ବର୍ତ୍ତମାନ ଆତ୍ମସମୀକ୍ଷା କରିବାର ସମୟ ଆସିଛି। ଏଭଳି ସିନେମାଟିଏ ନିର୍ମାଣ କରାଯିବା ଦରକାର, ଯାହା ସବୁ ଦୃଷ୍ଟିକୋଣରୁ ଦର୍ଶକଙ୍କୁ ଆକର୍ଷିତ କରୁଥିବ। ଯଦି ନିଜର ମନୋରଞ୍ଜନ ପାଇଁ ଓଡ଼ିଆ ଚିତ୍ର ପ୍ରସ୍ତୁତ କରିବାକୁ କେହି ମନ ବଳାନ୍ତି କିମ୍ବା ଆଗେଇ ଆସନ୍ତି ତେବେ ସେମାନେ ଆରମ୍ଭରୁ ସାବଧାନ ରହିବା ଆବଶ୍ୟକ।

–ଶୁଭ୍ର ମହାପାତ୍ର



“ କର୍ପୋରେଟ ପକ୍ଷରୁ ଅନ୍ ଟ୍ୟାପ୍ ବଣ୍ଡ ଜାରି ଲାଗି ଶୀଘ୍ର କାର୍ଯ୍ୟକାରୀ ହେବାକୁ ଥିବା ନିୟମାବଳୀ ଆଣିବାକୁ ଯୋଜନା ରହିଛି।

– ଅଜୟ ତ୍ୟାଗୀ, ସେବି ଅଧ୍ୟକ୍ଷ



“ ବ୍ୟାଙ୍କଗୁଡିକର ବିତ୍ତୀୟ ସ୍ଥିରତା ରକ୍ଷା ଲାଗି ପ୍ରମ୍ପ୍ଟ କରେକ୍ଟିଭ ଆକ୍ସନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

– ଭିରାଲ ଆଚାର୍ଯ୍ୟ, ଡେପୁଟି ଗଭର୍ନର, ଆର୍‌ବିଆଇ



## ସଂକ୍ଷେପରେ

### ଚଳିତ ବର୍ଷର ସର୍ବୋଚ୍ଚ ସ୍ତର ଛୁଇଁଲା ସୁନା ଦର

**ନୂଆଦିଲ୍ଲୀ,୨୪-୧୦:** ଧନତେରସ ଓ ଅନ୍ୟାନ୍ୟ କାରଣରୁ ବୁଧବାର ସୁନା ଦର ଚଳିତ ବର୍ଷର ସର୍ବୋଚ୍ଚ ସ୍ତର ଛୁଇଁଛି। ପ୍ରତି ୧୦ ଗ୍ରାମରେ ସୁନା ଦର ୧୫୦ ଟଙ୍କା ବଢ଼ି ୩୨,୫୦୦ ଟଙ୍କାରେ ପହଞ୍ଚିଛି। ସ୍ଥାନୀୟ ଗହଣା ବ୍ୟବସାୟୀଙ୍କ ମଧ୍ୟରେ ଚାହିଦା ବୃଦ୍ଧି ଯୋଗୁ ସୁନା ଦର ବଢ଼ିଛି ବୋଲି କୁହାଯାଉଛି। ତେବେ ଉଦ୍ୟୋଗ ଜଗତରେ ଚାହିଦା ଅଭାବରୁ ରୁପା ଦର ବୁଧବାର ୨୦ ଟଙ୍କା ହ୍ରାସ ପାଇ ପ୍ରତି କେଜି ୩୯,୭୩୦ ଟଙ୍କାରେ କାରବାର ବନ୍ଦ ହୋଇଛି।

### ଅରୁନ୍ଧତୀ ଉ୍ୱିପ୍ରୋର ସ୍ୱାଧୀନ ନିର୍ଦ୍ଦେଶକ

**ନୂଆଦିଲ୍ଲୀ,୨୪-୧୦:** ନିକଟରେ ଅବସର ନେଇଥିବା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ)ର ପ୍ରଥମ ମହିଳା ଅଧ୍ୟକ୍ଷ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ ଦେଶର ଅନ୍ୟତମ ଅଗ୍ରଣୀ ଟେକ୍ନୋଲୋଜି କମ୍ପାନୀ ଉ୍ୱିପ୍ରୋ ଲିମିଟେଡ୍‌ରେ ସ୍ୱାଧୀନ ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। କମ୍ପାନୀ ପକ୍ଷରୁ ବୁଧବାର ଏ ସମ୍ପର୍କରେ ସୂଚନା ଦିଆଯାଇଛି। ମୂଲ୍ୟବୋଧ ବଜାୟ ରଖି ବ୍ୟବସାୟ କରିବାରେ ବିଶ୍ୱାସ ରଖିଥିବା ଉ୍ୱିପ୍ରୋ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଭଳି ଏକ କମ୍ପାନୀ ବୋର୍ଡରେ ସ୍ଥାନ ପାଇ ସେ ଖୁସି ବୋଲି ଅରୁନ୍ଧତୀ କହିଛନ୍ତି।

### ବାଣିଜ୍ୟ ନିଅଣ୍ଟ ହ୍ରାସ ଲକ୍ଷ୍ୟ

### ଚାଇନାକୁ ୨୦୦ ସାମଗ୍ରୀ ରପ୍ତାନି କରିବ ଭାରତ

**ନୂଆଦିଲ୍ଲୀ,୨୪-୧୦:** ଚାଇନା ସହିତ ଭାରତର ବାଣିଜ୍ୟ ନିଅଣ୍ଟ ପରିମାଣ ଦିନକୁ ଦିନ ବଢ଼ିଚାଲିଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ପରିସ୍ଥିତିକୁ ସଙ୍ଗିନ କରୁଛି। ଏଣୁ ଭାରତ ଏବେ ଏହାର ପଡୋଶୀ ଦେଶ ସହ ବାଣିଜ୍ୟ ନିଅଣ୍ଟ ପରିମାଣ ହ୍ରାସ କରିବାକୁ ଚାହୁଁଛି। ଚାଇନାକୁ ୨୦୦ ସାମଗ୍ରୀ ରପ୍ତାନି ପାଇଁ ଭାରତ ଯୋଜନା ପ୍ରସ୍ତୁତ କରୁଛି। ଜଣେ ଅଧିକାରୀ କହିଛନ୍ତି ଯେ, ଆସନ୍ତା ବର୍ଷ ଚାଇନା ଓ ଭାରତ ମଧ୍ୟରେ ବାଣିଜ୍ୟ କାରବାର ନେଇ ଆଲୋଚନା କାଳରେ ଏସୀୟ ପ୍ରଶାନ୍ତ ମହାସାଗରୀୟ ବାଣିଜ୍ୟ ଚୁକ୍ତି ଅନୁଯାୟୀ ତୁଳା, ଜଡାତେଲ, ମେନ୍ଥଲ,ଗ୍ରାନାଇଟ୍,ହୀରା ଏବଂ ପିକଚର୍ ଟ୍ୟୁବ୍‌ରେ ବ୍ୟବହାର କରାଯାଉଥିବା ଏନଭଲପ୍ ଗ୍ଲାସ ଉପରୁ ଶୁଳ୍କ ଛାଡ ଲାଗି ଚାଇନାକୁ କହିବ ଭାରତ। ଚାଇନା ସହ ଦକ୍ଷିଣ ଏସିଆର ଦେଶସମୂହ, ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ କୋରିଆର ମୁକ୍ତ ବାଣିଜ୍ୟ ଚୁକ୍ତି ଥିବାରୁ ଭାରତ ଅପେକ୍ଷା ସେମାନେ ଅଧିକ ଫାଇଦା ପାଉଛନ୍ତି।

### ବେନାମୀ କାରବାର

### ଆଡ୍‌ଜୁଡିକେଟିଂ ଅଥରିଟି ଗଠନକୁ କ୍ୟାବିନେଟ୍ ମଞ୍ଜୁରୀ

**ନୂଆଦିଲ୍ଲୀ,୨୪-୧୦:** ବେନାମୀ ନେଣଦେଣ ସମ୍ପର୍କିତ ମାମଲାର ତ୍ୱରିତ୍ ସମାଧାନ ଲାଗି କେନ୍ଦ୍ର କ୍ୟାବିନେଟ ବୁଧବାର ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆପିଲେଟ୍ ଟ୍ରିବ୍ୟୁନାଲ ଓ ନିର୍ଣ୍ଣୟ ପ୍ରାଧିକରଣ (ଆଡ୍‌ଜୁଡିକେଟିଂ ଅଥରିଟି) ଗଠନକୁ ମଞ୍ଜୁରୀ ଦିଆଯାଇଛି। ବୈଠକ ଶେଷରେ କେନ୍ଦ୍ର ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏଥିପୂର୍ବରୁ କେନ୍ଦ୍ର ସରକାର ଚଳିତ ମାସରେ ଏକ ବିଜ୍ଞପ୍ତି ଜାରି କରି ୩୪ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ସେସନ୍ସ କୋର୍ଟକୁ ସ୍ୱତନ୍ତ୍ର କୋର୍ଟର ମାନ୍ୟତା ଦେଇଛନ୍ତି। ଏହି କୋର୍ଟରେ ବେନାମୀ ସମ୍ପତ୍ତି ସମ୍ପର୍କିତ ସମସ୍ତ ମାମଲାର ଶୁଣାଣି କରାଯିବ। ଉଲ୍ଲେଖଥାଉ କି, ବ୍ୟକ୍ତି ନିଜ ନାମ ଗୋପନ ରଖି ଅନ୍ୟ ନାମରେ ସମ୍ପତ୍ତି ଠୁଳ କରିବାକୁ ବେନାମୀ ସମ୍ପତ୍ତି କୁହାଯାଉଛି।

### କମ୍ପ୍ଲାନ୍, ଗ୍ଲୁକନ-ଡି ନିର୍ମାତାକୁ କିଣିଲା ଜାଇଡସ୍

**ଲଣ୍ଡନ,୨୪-୧୦:** କ୍ରାଫ୍ଟ ହେନ୍‌ଜର ସହାୟକ କମ୍ପାନୀ ହେନ୍‌ଜ ଇଣ୍ଡିଆ ପ୍ରାଇଭେଟ ଲିମିଟେଡକୁ ଜାଇଡସ୍ ୱେଲନେସ୍ କମ୍ପାନୀ ୪୫୯୫ କୋଟି ଟଙ୍କାରେ କିଣିବ ବୋଲି ବୁଧବାର ପ୍ରକାଶ କରିଛି। ହେନ୍‌ଜ କମ୍ପାନୀ ଭାରତରେ କମ୍ପ୍ଲାନ, ଗ୍ଲୁକନ୍-ଡି, ନାଇସିଲ୍ ଏବଂ ସମ୍ପ୍ରିତି ଘିଅ ତିଆରି କରିଥାଏ। ହେନ୍‌ଜ ଇଣ୍ଡିଆର ଆଲିଗଡ ଏବଂ ସିତାରଗଞ୍ଜରେ ଥିବା ଦୁଇଟି ବିଶାଳ ମାନୁଫାକଚରିଂ ଫାସିଲିଟିକୁ ମଧ୍ୟ ଜାଇଡସ୍ ଅକ୍ୱିଆର କରିବ। କମ୍ପାନୀର ସାରା ଦେଶରେ ୮୦୦ ଡିଷ୍ଟ୍ରିବ୍ୟୁଟର ଓ ୨୦ ହଜାର ହୋଲ୍‌ସେଲର ରହିଛନ୍ତି। ଉଲ୍ଲେଖଥାଉ କି, ୧୯୩୩ରେ ଗ୍ଲୁକନ୍-ଡି, ୧୯୫୧ରେ ନାଇସିଲ୍ ଓ ୧୯୬୯ରେ କମ୍ପ୍ଲାନକୁ ଭାରତରେ ଲଞ୍ଚ କରାଯାଇଥିଲା। ପ୍ରିମିୟମ ଘିଅ କ୍ଷେତ୍ରରେ ସମ୍ପ୍ରିତି ବେଶ ଜଣାଶୁଣା ବ୍ରାଣ୍ଡ।

# ୨୦୨୦ ଏପ୍ରିଲ ପହିଲାରୁ ବିକ୍ରି ହେବନି ବିଏସ୍-୪ ଗାଡ଼ି

ନୂଆଦିଲ୍ଲୀ,୨୪-୧୦



- ୨୦୧୭ଏପ୍ରିଲରୁ ନିୟମ ଲାଗୁ ହୋଇଥିଲା
- ୨୦୨୦ ଏପ୍ରିଲରୁ ବିଏସ୍-୬ ଲାଗୁ ହେବ
- ଅଧିକ ୩ ମାସ ସମୟ ମାଗିଥିଲେ ଗାଡ଼ି ନିର୍ମାତା

ପରିବେଶ ପ୍ରଦୂଷଣ ହ୍ରାସ କରିବା ଲକ୍ଷ୍ୟରେ ସୁପ୍ରିମକୋର୍ଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ୨୦୨୦ ଏପ୍ରିଲ ପହିଲାରୁ ଦେଶରେ ଭାରତ ଷ୍ଟେଜ(ବିଏସ୍)-୪ ଗାଡ଼ି ବିକ୍ରି କରାଯାଇପାରିବନି ବୋଲି ସର୍ବୋଚ୍ଚ ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ଏଥିସହିତ ବିଏସ୍-୬ ଗାଡ଼ିରୁ ବାହାରୁଥିବା ଧୂଆଁର ମାନଦଣ୍ଡ ମଧ୍ୟ ସେହିଦିନ ଠାରୁ ଲାଗୁ ହୋଇଯିବ ବୋଲି ରାୟରେ ଦର୍ଶାଯାଇଛି। ୨୦୨୦ ଏପ୍ରିଲ ପହିଲାରୁ ସାରା ଦେଶରେ ବିଏସ୍-୬ ଅନୁକୂଳ ଗାଡ଼ି ବିକ୍ରି କରାଯିବ ବୋଲି ବିଚାରପତି ମଦନ ବି. ଲୋକୁରଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ଅଧିକ ସ୍ୱଚ୍ଛ ଇନ୍ଧନ ଆଡ଼କୁ ଦେଶ ଅଗ୍ରସର ହେବାର ସମୟ ଆସିଯାଇଛି ବୋଲି ଖଣ୍ଡପୀଠ କହିଛନ୍ତି। ସୂଚନାଥାଉ କି, ୨୦୧୭ ଏପ୍ରିଲରୁ ଦେଶରେ ବିଏସ୍-୪ ନିୟମ ଲାଗୁ ହୋଇଛି। ବିଏସ୍-୫ ନିୟମ ବଦଳରେ ସିଧାସଳଖ ୨୦୨୦ରୁ ବିଏସ୍-୬ ନିୟମ ପାଳନ କରାଯିବ ବୋଲି କେନ୍ଦ୍ର ସରକାର ୨୦୧୬ରେ ଘୋଷଣା କରିଥିଲେ। ୨୦୨୦ ଏପ୍ରିଲ ପହିଲା ପରେ ମଧ୍ୟ ବିଏସ୍-୪ ଗାଡ଼ି ବିକ୍ରିକୁ ଅନୁମତି ଦିଆଯିବ କି ନା ସେନେଇ ସୁପ୍ରିମକୋର୍ଟ ଏକାଧିକ ଆବେଦନର ବିଚାର କରୁଥିଲେ। ଏଥିପାଇଁ ଆହୁରି ୩ ମାସ ଅର୍ଥାତ ଜୁନ୍ ୩୦ ପର୍ଯ୍ୟନ୍ତ ସମୟ ଦେବାକୁ ଗାଡ଼ି ନିର୍ମାତାମାନେ ଯୁକ୍ତି ଦର୍ଶାଇଥିଲେ। ତେବେ ସୁପ୍ରିମକୋର୍ଟଙ୍କ ଆମିକସ୍ କ୍ୟୁରି ବା ନ୍ୟାୟ ମିତ୍ର ଭାବେ ଦାୟିତ୍ୱ ତୁଲାଉଥିବା ବରିଷ୍ଠ ଓକିଲ ଅପରାଜିତା ସିଂ ଏହାକୁ ବିରୋଧ କରିଥିଲେ। କେନ୍ଦ୍ର ସରକାର ମଧ୍ୟ ସେପ୍ଟେମ୍ବର ଯାଏ ସମୟ ଦେବାକୁ ଯୁକ୍ତି ଦର୍ଶାଇଥିବା ବେଳେ ସେ ତାହାକୁ ମଧ୍ୟ ବିରୋଧ କରିଥିଲେ। ଏହାକୁ ସୁପ୍ରିମକୋର୍ଟ ସମର୍ଥନ କରିଛନ୍ତି।

# ନୂଆ ହୋଣ୍ଡା ଆମେଜ୍ ବିକ୍ରି ୫୦ ହଜାର ୟୁନିଟ ଟପିଲା

ନୂଆଦିଲ୍ଲୀ,୨୪-୧୦



ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍)ର ଅଲ୍ ନ୍ୟୁ ଆମେଜ୍ ୫୦ ହଜାର ୟୁନିଟ ବିକ୍ରି ଟପିଛି। ୫ ମାସ ମଧ୍ୟରେ କମ୍ପାନୀ ଏହି ବିକ୍ରି ସଫଳତା ହାସଲ କରିଛି। ଚଳିତ ବର୍ଷ ମେ ମାସରେ ଏହି ନୂଆ ମଡେଲକୁ କମ୍ପାନୀ ବଜାର ପ୍ରବେଶ କରାଇଥିଲା। ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ସେପ୍ଟେମ୍ବରରେ ହୋଣ୍ଡା କାର୍‌ସର ମୋଟ୍ ବିକ୍ରି ମଧ୍ୟରୁ ଉକ୍ତ ମଡେଲ ୫୦% ଅବଦାନ ରଖିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ପ୍ରଥମଥର ଯାନ କ୍ରୟ କରୁଥିବା ଗ୍ରାହକଙ୍କର ଏହା ଅତିପ୍ରିୟ ମଡେଲ ହୋଇ ପାରିଛି। ଏହା ପ୍ରିମିୟମ ସେଡାନ ବର୍ଗରେ ଆସୁଥିବା ବେଳେ ଟାୟାର ୧ ସହରରେ ୪୦% ବିକ୍ରି ଟାୟାର ୨ ଏବଂ ୩ ସହରରେ ବିକ୍ରି ୩୦% ରହିଛି। କମ୍ପାକ୍ଟ ସେଡାନ ବର୍ଗରେ ଏହା ଭାରତୀୟ ପରିବାରଗୁଡିକର ଚାହିଦାକୁ ପୂରଣ ଲାଗି ପ୍ରସ୍ତୁତ କରାଯାଇଛି ବୋଲି କମ୍ପାନୀର ସେଲ୍‌ସ ଆଣ୍ଡ ମାର୍କେଟିଂ ନିର୍ଦ୍ଦେଶକ ମାକୋଟୋ ହେଓଦା କହିଛନ୍ତି।

# ତନିଷ୍କ ପକ୍ଷରୁ ନୂଆ ଉତ୍ସବ କଲେକ୍ସନ




ଭୁବନେଶ୍ୱର,୨୪-୧୦

ପ୍ରମୁଖ ଗହଣା ବ୍ରାଣ୍ଡ ତନିଷ୍କ ବଜାରକୁ ଆଣିଛି ନୂଆ ଉତ୍ସବ କଲେକ୍ସନ। ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଶୋ'ରୁମରେ ଏହି କଲେକ୍ସନକୁ ଉନ୍ମୋଚନ କରାଯାଇଛି। ଷ୍ଟୋରର ଫ୍ରାଞ୍ଚାଇଜି ଓନର ମାନିକ ହଂସ ଏବଂ ତନିଷ୍କର ଏରିଆ ବିଜନେସ୍ ମ୍ୟାନେଜର ସୁମିତ ଘୋଷ ଏହାର ବଜାର ପ୍ରବେଶ କରାଇଛନ୍ତି। ଦୀପାବଳିକୁ ପାଳନ କରିବା ପାଇଁ ଏଭଳି ଗହଣାକୁ ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଦେଶର ସମୃଦ୍ଧ ସଂସ୍କୃତି ଏବଂ ସୁନ୍ଦରତାକୁ ନଜରରେ ରଖି ଏହାକୁ ପ୍ରସ୍ତୁତ କରାଯାଇଛି। ଗ୍ରାହକମାନେ ଏଥିରେ ଆଧୁନିକତା, ପରମ୍ପରା ଏବଂ ସୁନ୍ଦରତାର ସମ୍ମିଶ୍ରଣ ଲାଭ କରିପାରିବେ। ନିପୁଣ ଶିଳ୍ପକଳା ସହ ନୂଆ ଷ୍ଟାଇଲରେ ଏହାକୁ ପ୍ରସ୍ତୁତ କରାଯାଇଛି। ଦୀପାବଳିରେ କମ୍ପାନୀ ସୁନାଗହଣାର ଗଢା ମୂଲ୍ୟ ଏବଂ ହୀରାଗହଣାର ମୋଟ ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରୁଛି। ଏହି ଅଫର ୨୬ରୁ ୨୮ ଅକ୍ଟୋବର ଏବଂ ୧ରୁ ୬ ନଭେମ୍ବର ଯାଏ ରହିବ। ଏହି କଲେକ୍ସନଗୁଡିକ ୩୦,୦୦୦ ଟଙ୍କାରୁ ଆରମ୍ଭ ହେଉଛି।

# ବିଟ୍‌କଏନ ଏଟିଏମ୍ ଜବତ

ବେଙ୍ଗାଲୁରୁ,୨୪-୧୦

## ଜଣେ ସଂସ୍ଥାପକ ଗିରଫ

- ୟୁନିକଏନ ପ୍ରତିଷ୍ଠା କରିଥିଲା
- ନଗଦ ୧.୮ ଲକ୍ଷ ଟଙ୍କା, ଗୋଟିଏ ଟେଲର ମେଶିନ, ଦୁଇଟି ଲାପ୍‌ଟପ୍, ଗୋଟିଏ ମୋବାଇଲ ମଧ୍ୟ ଜବତ




- ୭ ଦିନ ଜେଲ ହାଜତକୁ ଗଲେ ସଂସ୍ଥାପକ

ରିଜର୍ଭ ବ୍ୟାଙ୍କର ବିନା ଅନୁମୋଦନରେ ଏଠାରେ ଦେଶର ପ୍ରଥମ ବିଟ୍‌କଏନ ଏଟିଏମ୍ ପ୍ରତିଷ୍ଠା କରିଥିବା ଅଭିଯୋଗରେ ୟୁନୋକଏନ ଟେକ୍ନୋଲୋଜିର ସହ ପ୍ରତିଷ୍ଠାତା ହରିଶ ବିଭିଙ୍କୁ କ୍ରାଇମବ୍ରାଞ୍ଚ ପୋଲିସ ବୁଧବାର ଗିରଫ କରିଛି। ତାଙ୍କୁ ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟଙ୍କ ଅଦାଲତରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାପରେ ୭ ଦିନ ଲାଗି ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏଥିସହିତ ବିଟ୍‌କଏନ ଏଟିଏମ୍‌କୁ ପୋଲିସ ଜବତ କରିଛି। ଏହି ଏଟିଏମ୍ ଜରିଆରେ ବିଟ୍‌କଏନ କିଣାବିକା ସମ୍ଭବ ହେବ ବୋଲି ୟୁନୋକଏନ ଦାବି କରିଥିଲା। ୟୁନୋକଏନ ଓ ଏହାର ୟୁନିଟ୍ ୟୁନୋଡେକ୍ସର ଗ୍ରାହକ ଦୈନିକ ଏହି ଏଟିଏମ୍‌ରୁ ୧ ହଜାରରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ନଗଦ ଜମା ଓ କାଢ଼ିପାରିବେ ବୋଲି ସେତେବେଳେ ଘୋଷଣା କରାଯାଇଥିଲା।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ବେଙ୍ଗାଲୁରୁର ପୁରୁଣା ଏୟାରପୋର୍ଟ ରୋଡ୍‌ସ୍ଥିତ ଏକ ମଲ୍‌ରେ ହରିଶ୍ ଉକ୍ତ ଏଟିଏମ୍‌କୁ ସ୍ଥାପନ କରିଥିଲେ। କ୍ରାଇମବ୍ରାଞ୍ଚ ପୋଲିସ ହରିଶଙ୍କ ଘରୁ ୧.୮ ଲକ୍ଷ ନଗଦ ଟଙ୍କା, ଗୋଟିଏ ଟେଲର ମେଶିନ, ଦୁଇଟି ଲାପ୍‌ଟପ୍, ଗୋଟିଏ ମୋବାଇଲ, ତିନୋଟି କ୍ରେଡିଟ୍ ଓ ୫ଟି ଡେବିଟ୍ କାର୍ଡ, ଗୋଟିଏ ପାସ୍‌ପୋର୍ଟ ସମେତ ଅନେକ ସାମଗ୍ରୀ ଜବତ କରିଛି। ବିଟ୍‌କଏନକୁ ନେଇ ହେଉଥିବା ଦାବି ପ୍ରତି କର୍ଣ୍ଣପାତ ନ କରିବାକୁ ପୋଲିସ ପକ୍ଷରୁ ସତର୍କ କରାଯାଇଛି। ଉଲ୍ଲେଖଥାଉ କି, ରିଜର୍ଭ ବ୍ୟାଙ୍କ ଚଳିତ ବର୍ଷ ଜୁଲାଇରେ ବିଟ୍‌କଏନ କାରବାରକୁ ସମ୍ପୂର୍ଣ୍ଣ ନିଷେଧ କରିଥିଲେ ଏବଂ ଏହାକୁ ଅବୈଧ ବୋଲି ଦର୍ଶାଇଥିଲେ। ଇଥେରିୟମ, ୟୁନୋଡେକ୍ସ ରିପଲ ଏବଂ ଲାଇନକଏନ ସମେତ ପ୍ରାୟ ୩୦ ପ୍ରକାର କ୍ରିପ୍ଟୋକରେନ୍ସି ଡିଲ୍ କରିଥାଏ ୟୁନୋକଏନ। ଭାରତରେ ଏହାର ୧୩ ଲକ୍ଷ ୟୁଜର ରହିଛନ୍ତି। ରିଜର୍ଭ ବ୍ୟାଙ୍କର ବ୍ୟାନ ଘୋଷଣା ପରେ ୟୁଜରଙ୍କ ସଂଖ୍ୟା ୧୮% ବୃଦ୍ଧି ପାଇଛି ବୋଲି ଏହାର ଅନ୍ୟତମ ପ୍ରତିଷ୍ଠାତା ତଥା ସିଇଓ ସାତ୍ୱିକ ବିଶ୍ୱନାଥ କହିଛନ୍ତି। ତେବେ ତାଙ୍କୁ ଗିରଫ କରାଯିବା ନେଇ ପୋଲିସ କୌଣସି ସୂଚନା ଦେଇନି।

# ଭାରତ ଆସୁଛି ବ୍ରିଟେନ୍‌ର ଚାଏବାଲା

ଲଣ୍ଡନ/ନୂଆଦିଲ୍ଲୀ,୨୪-୧୦

ଫ୍ରାଞ୍ଚାଇଜି ଇଣ୍ଡିଆ ବ୍ରିଟେନ୍‌ର ବିଖ୍ୟାତ ଟିଫିନ ଓ ଚା' ବ୍ରାଣ୍ଡ କମ୍ପାନୀ 'ଚାଏବାଲା' ସହିତ ହାତ ମିଳାଇଛି। ଚୁକ୍ତି ଅନୁଯାୟୀ ଆସନ୍ତା ୫ ବର୍ଷ ମଧ୍ୟରେ ଚାଏବାଲା ଭାରତରେ ୧୫୦ରୁ ୨୦୦ ରେଷ୍ଟୁରାଣ୍ଟ ଖୋଲିବ। ଉଲ୍ଲେଖଥାଉ କି, ଚାଏବାଲାର ଗୋଟିଏ ରେଷ୍ଟୁରାଣ୍ଟ ପ୍ରତିଷ୍ଠା କରିବାରେ ପ୍ରାୟ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଅନୁମାନ କରାଯାଉଛି। ଫ୍ରାଞ୍ଚାଇଜି ଇଣ୍ଡିଆ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ଯେ, ଚାଏବାଲା ନିଜର ସ୍ୱତନ୍ତ୍ର ଧରଣର କଫି ଓ ଚା' ସହିତ ମସଲା ଚିପ୍ସ, ବମ୍ବେ ସ୍ୟାଣ୍ଡୱିଚ୍, ଚିଲି ପନୀର, ବଟର୍ ଚିକେନ, ରୋଟି, ପରଟା ଏବଂ ଭାରତୀୟ ଟିଫିନ୍ ସମେତ ଅନ୍ୟ ଖାଦ୍ୟପଦାର୍ଥ ବିକ୍ରି କରିବ। ୨୦୧୫ରେ ଚାଏବାଲା ଏକ ରେଷ୍ଟୁରାଣ୍ଟ ଭାବେ ବ୍ରିଟେନରେ ପ୍ରତିଷ୍ଠା କରାଯାଇଥିଲା। ଏବେ ସେଠାରେ ଏହାର ୧୫ଟି ରେଷ୍ଟୁରାଣ୍ଟ ରହିଛି। ୨୦୨୦ ସୁଦ୍ଧା ଏହାକୁ ୪୫କୁ ବୃଦ୍ଧି କରିବାର ଲକ୍ଷ୍ୟ ରହିଛି। ଏଥିସହିତ ଫ୍ରାଞ୍ଚାଇଜି ଇଣ୍ଡିଆ ବ୍ରିଟେନର ସ୍ୟାଣ୍ଡୱିଚ୍ ଚେନ୍ ର୍ୟାପ୍ ଇଟ୍ ଅପ୍‌ର ମାଷ୍ଟର ଫ୍ରାଞ୍ଚାଇଜି ନେଇଛି। ଆସନ୍ତା ୫ ବର୍ଷରେ ଏହାର ୨୦୦ ଷ୍ଟୋର ଖୋଲାଯିବ।

# ବିଏସ୍‌ଏନ୍‌ଏଲ୍‌ର ଧନଲକ୍ଷ୍ମୀ ଯୋଜନା

ନୂଆଦିଲ୍ଲୀ,୨୪-୧୦

ଲକ୍ଷ୍ମୀପୂଜା ଉପଲକ୍ଷେ ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ଏହାର ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର ଧନଲକ୍ଷ୍ମୀ ଯୋଜନା ସମ୍ପର୍କରେ ଘୋଷଣା କରିଛି। ଏଥିରେ ଲ୍ୟାଣ୍ଡଲାଇନ୍ ଏବଂ ପୋଷ୍ଟପେଡ୍ ମୋବାଇଲ ଗ୍ରାହକମାନେ ବିଲ୍ ପୈଠ ଉପରେ ୧% ରିହାତି ପାଇପାରିବେ। ଏଣ୍ଟରପ୍ରାଇଜ କଷ୍ଟମର ବଲ୍କ ଉପଭୋକ୍ତାଙ୍କୁ ଯେକୌଣସି ବିଲ୍ ଉପରେ ୨% ରିହାତି ମିଳିବ। ସେହିଭଳି ଯେକୌଣସି ଅଗ୍ରିମ ୫ ମାସ କିମ୍ବା ଏହାଠାରୁ ଅଧିକ ବିଲ୍ ଉପରେ ୩% ରିହାତି ଉପଲବ୍ଧ ହେବ। ଏହି ଯୋଜନାର ଅବଧି ୭ ନଭେମ୍ବର ଯାଏ ରହିଛି ବୋଲି କମ୍ପାନୀ ସୂଚନା ଦେଇଛି।

# ନିବେଶ ପୋର୍ଟଫୋଲିଓ ପ୍ରସ୍ତୁତି ବେଳେ ବିଭିନ୍ନ ଦିଗ ଦେଖିବାକୁ ପଡ଼େ

## ଅର୍ଥର ଅର୍ଥ



Rupkumar Pradhan
**CERTIFIED FINANCIAL PLANNER**[CM]
“Director, SmartFin Wealth Management Pvt. Ltd.”

**'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।**

**○ମୋର ବୟସ ୫୧ ବର୍ଷ ଏବଂ ମୁଁ ଜଣେ ଗୃହିଣୀ। ଗତ ୨ ମାସ ହେବ ମୋ ପୈତୃକ ସମ୍ପତ୍ତିର ଭାଗିଦାରୀ ହିସାବରେ ମୋତେ ୫୦ ଲକ୍ଷ ଟଙ୍କା ମିଳିଛି। ଏହି ପାଣ୍ଠିକୁ କିପରି ନିବେଶ କରିବା ଉଚିତ ହେବ? ମୋର ପ୍ରାଥମିକତା ହେଉଛି ପ୍ରତି ମାସରେ ୫୦,୦୦୦ ଟଙ୍କା ପେନସନ ରାଶି କିପରି ପାଇବି? ଏହି ବିଷୟରେ ପରାମର୍ଶ ଲେଖିବାକୁ ଅନୁରୋଧ।**

**- ଝରଣା ରାଣୀ ସ୍ୱାଇଁ, ସମ୍ବଲପୁର**

ମାସିକ ୫୦,୦୦୦/- ପେନସନ ପାଇବା ଅର୍ଥ ହେଉଛି ବାର୍ଷିକ ୬ ଲକ୍ଷ ଟଙ୍କା ସୁଧରାଶି ୫୦ ଲକ୍ଷ ଟଙ୍କା ନିବେଶ କରି ମିଳିବା ଆବଶ୍ୟକ। ଏହା ପ୍ରାୟତଃ ୧୨% ବାର୍ଷିକ ସୁଧହାର ହେଉଛି ଯାହାକି କେବଳ ଇକ୍ୟୁଟି ନିବେଶ ଦୀର୍ଘକାଳୀନ ହିସାବରେ ହିଁ ସମ୍ଭବ ହୋଇପାରିବ। ଯଦି ଆପଣ ନିଜର ଘରର ଦୈନନ୍ଦିନ ଖର୍ଚ୍ଚ ପାଇଁ ଆବଶ୍ୟକ କରୁଛନ୍ତି ତେବେ ଏକ ରକ୍ଷଣଶୀଳ ନିବେଶ ପୋର୍ଟଫୋଲିଓରେ ନିବେଶ କରନ୍ତୁ ଯାହାକି ଫିକ୍ସଡ ଇନକମ୍ ଇନ୍‌ଷ୍ଟ୍ରୁମେଣ୍ଟସ ଏବଂ ଡେବ୍ଟ ସ୍କିମ୍ ସବୁ, ଯଥା-ଡାକଘର ମାସିକ ଆୟ ଯୋଜନା, ଡେବ୍ଟ ମ୍ୟୁଚୁଆଲ ଫଣ୍ଡ ଓ ବ୍ୟାଙ୍କ ସ୍ଥାୟୀଜମା ଇତ୍ୟାଦିକୁ ନେଇ ନିବେଶ ପୋର୍ଟଫୋଲିଓ ତିଆରି କରାଯାଇଥାଏ। ଯଦି ଆପଣଙ୍କ ପାଣ୍ଠିରୁ ଅଧିକ କିଛି ସୁଧହାର ବା ଲାଭ ପାଇବାକୁ ଇଚ୍ଛା କରୁଛନ୍ତି ତେବେ ଆପଣ '୧୦୦- ଆପଣଙ୍କ ବୟସ' ନିବେଶ ନିୟମ ଅନୁଯାୟୀ ଏକ ଆସେଟ୍ ଆଲୋକେସନ ଅନୁସାରେ ନିବେଶ କରନ୍ତୁ। ଏହାର ଅର୍ଥ ହେଉଛି ଆପଣଙ୍କ ନିବେଶ ପାଣ୍ଠିକୁ ଅଲଗା ନିବେଶ କରିବେ - ଇକ୍ୟୁଟି ଓ ଫିକ୍ସଡ ଇନ୍‌କମ ମଧ୍ୟରେ। ଅର୍ଥାତ୍ ନିବେଶ ରାଶିର ୪୮% ରାଶି ଫିକ୍ସଡ ଇନ୍‌କମ ସ୍କିମ ସବୁରେ ନିବେଶ କରିବେ ଓ ବଳକା ଅର୍ଥକୁ ଇକ୍ୟୁଟି ସ୍କିମରେ ନିବେଶ କରିବେ। ଇକ୍ୟୁଟିରେ ଆପଣ ଲାର୍ଜ-କ୍ୟାପ୍ ଫଣ୍ଡ ସବୁକୁ ଚୟନ କରିପାରନ୍ତି। ଦେଖନ୍ତୁ, ବାର୍ଷିକ ୮% ସୁଧହାର ହେଉଛି ଏକ ବାସ୍ତବବାଦୀ ମାସିକ ଆୟ ଏବଂ ଆପଣ ମାସିକ ୩୩୦୦୦/- ପେନସନ ବା ମାସିକ ଆୟ ପାଇ ପାରିବେ । ଏହାର କାରଣ ହେଉଛି ପେନସନ ପାଇବା କ୍ଷେତ୍ରରେ ଅଧିକ ରିସ୍କ ନେବା ଉଚିତ ହେବ ନାହିଁ।

ଏହି ବିଷୟରେ ଏକ ବାସ୍ତବବାଦୀ ନିବେଶ ପୋର୍ଟଫୋଲିଓ ତିଆରି କରିବା ସମୟରେ ଅନେକ ଦିଗକୁ ଦୃଷ୍ଟି ଦେବାକୁ ପଡିଥାଏ। ଏକ ବର୍ଷ ପାଇଁ ନିବେଶ ପୋର୍ଟଫୋଲିଓ ତିଆରି କରିବା ଓ ଆସନ୍ତା ୧୦-୧୫ ବର୍ଷ ପାଇଁ ନିବେଶ ପୋର୍ଟଫୋଲିଓ ତିଆରି କରିବା ଭିତରେ ଅନେକ କିଛି ତଫାତ୍ ଅଛି। ଆମର ପରାମର୍ଶ ଆପଣ ଏ ବିଷୟରେ ଓ ନିବେଶ ସମ୍ପର୍କିତ ସମସ୍ତ ତଥ୍ୟ ସହିତ ଏକ ବାସ୍ତବବାଦୀ ନିବେଶ ପୋର୍ଟଫୋଲିଓ ପ୍ରସ୍ତୁତ କରିବା ପାଇଁ ଜଣେ 'ସାର୍ଟିଫାଏଡ ଫାଇନାସିଆଲ ପ୍ଲାନର' କିମ୍ବା 'ଚାର୍ଟାର୍ଡ ୱେଲଥ ମ୍ୟାନେଜର'ଙ୍କ ସହିତ ସାକ୍ଷାତ କରି ପରାମର୍ଶ ନେବା ଉଚିତ ହେବ।

**○ମୋ ପୁଅ ଭୁବନେଶ୍ୱରରେ ଏକ ଫ୍ଲାଟ୍ କିଣିଛି। ଏହାକୁ ଭଡ଼ା ଦିଆଯାଇଛି। ପୁଅ ଜଣେ ଏନ୍‌ଆର୍‌ଆଇ ହୋଇଥିବାରୁ ମୋ ପାଖରେ ପାୱାର ଅଫ୍ ଆଟର୍ନି ରହିଛି। ଫ୍ଲାଟ୍‌ଟିର ଘରଭଡ଼ା ଟଙ୍କା ମୋ ବ୍ୟାଙ୍କ ଆକାଉଣ୍ଟରେ ଜମା ହେବ। ଏହି ଘରଭଡ଼ା ଆୟ ରାଶି ଉପରେ ଆୟକର କ'ଣ ରହିବ? ମୋ ପାଇଁ କିମ୍ବା ମୋ ପୁଅ ଉପରେ ଏହାର ଆୟକର ପ୍ରଭାବ କିପରି ରହିବ?**

**- ସନାତନ ସାହୁ, ବାଲେଶ୍ୱର**

ଆୟକର ନିୟମ ଅନୁଯାୟୀ କୌଣସି ଫ୍ଲାଟ୍‌ର ଘରଭଡା ଆୟ ସବୁବେଳେ ଫ୍ଲାଟର ମାଲିକ ବା ଅଧିକାରୀଙ୍କ ଉପରେ ଆୟ ହିସାବରେ ଗଣନା କରାଯିବ। ଓ ତଦନୁଯାୟୀ ଆୟକରକୁ ଦେବ। ଯଦିଓ ଆପଣ ମାସିକ ଘରଭଡା ରାଶି ଘର ବା ଫ୍ଲାଟର ମାଲିକ ପାଇଁ ଗ୍ରହଣ କରୁଛନ୍ତି, କିନ୍ତୁ ଆପଣଙ୍କ ପୁଅ ଏହ ବାର୍ଷିକ ଆୟ ପାଇଁ ଆୟକର ରିଟର୍ନ ଫାଇଲ କରିବେ ଓ ତାଙ୍କ ବାର୍ଷିକ ଆୟ ଉପରେ ଆୟକର ପ୍ରଭାବ ରହିବ। ତେଣୁ ବାର୍ଷିକ ଘରଭଡା ରାଶି ଉପରେ କିଛି ଛାଡ ଯଥା-୩୦% ଷ୍ଟାଣ୍ଡାର୍ଡ ଡିଡକସନ, ମ୍ୟୁନିସିପାଲିଟି ଟ୍ୟାକ୍ସ, ପ୍ରପର୍ଟି ଟ୍ୟାକ୍ସ ପରେ ଆପଣଙ୍କ ପୁଅର ଆୟ ଉପରେ ଆୟକର ପଇଠ କରିବାକୁ ପଡିବ।

**○ମୋର ବୟସ ୬୫ ବର୍ଷ। ମୁଁ ଏକ ସ୍ଥାୟୀ ସୁଧହାର ଦୀର୍ଘକାଳୀନ ପାଇଁ ଇଚ୍ଛା କରୁଛି। ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା'ରେ ଟଙ୍କା ନିବେଶ କରିବା ଉଚିତ ହେବ କି?**

**- ଗୌତମ ଜେନା, କେନ୍ଦ୍ରାପଡ଼ା**

ଆପଣ ନିଜ ପାଣ୍ଠିର କିଛି ଅଂଶ 'ବରିଷ୍ଠ ନାଗରିକ ସଞ୍ଚୟ ଯୋଜନା'ରେ ନିବେଶ କରନ୍ତୁ। ବର୍ତ୍ତମାନ ଏହି ସ୍କିମର ସୁଧହାର ବାର୍ଷିକ ୮.୭୦% ଅଛି ଓ ଆପଣ ସର୍ବାଧିକ ୧୫ ଲକ୍ଷ ଟଙ୍କା ନିବେଶ କରିପାରିବେ। ଏହା ଏକ ୫ ବର୍ଷିଆ ଅବଧି ସ୍କିମ। ଆପଣ ଯେକୌଣସି ନିକଟସ୍ଥ ଡାକଘର ଶାଖା କିମ୍ବା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଶାଖାରେ ଏହି ସ୍କିମ୍‌ରେ ନିବେଶ କରିପାରିବେ।

**ଆମ ଠିକଣା:** ବିଜ୍‌ନେସ ଧରିତ୍ରୀ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦

# ଆହୁରି ସରଳ ହେବ କମ୍ପାନୀ ଆଇନ

ନୂଆଦିଲ୍ଲୀ,୨୪-୧୦

ଦେଶରେ ୨୦୧୩ରୁ ଲାଗୁ ହୋଇଥିବା କମ୍ପାନୀ ଆଇନକୁ ଆହୁରି ସରଳ କରିବା ଲାଗି କେନ୍ଦ୍ର ସରକାର ଏଥିରେ କେତେକ ସଂଶୋଧନ ଆଣିବାକୁ ବିଚାର କରୁଛନ୍ତି। ମିଶ୍ରଣ ଏବଂ ଅଧିଗ୍ରହଣ (ମର୍ଜର ଆଣ୍ଡ ଆକ୍ୟୁଜିଶନ)କୁ ଫାଷ୍ଟ ଟ୍ରାକ୍ କରିବା, ପୁନରାୟ ଭୁଲ୍ ହେବା କ୍ଷେତ୍ରରେ ପେନାଲ୍ଟିକୁ ଡବଲ କରିବା, ସ୍ୱାଧୀନ ନିର୍ଦ୍ଦେଶକଙ୍କ ବେତନ ବୃଦ୍ଧି ଏବଂ ଦାନ କରିବା ଉଦ୍ଦେଶ୍ୟରେ ତିଆରି ହୋଇଥିବା ଧାରା ୮ରେ କମ୍ପାନୀକୁ କମର୍ସିଆଲରେ ପରିବର୍ତ୍ତନ ଉପରେ କଟକଣା ଲଗାଇବା ଆଦି ବିଭିନ୍ନ ପ୍ରସଙ୍ଗରେ ସଂଶୋଧନ ଲାଗି କମ୍ପାନୀ ବ୍ୟାପାର ମନ୍ତ୍ରଣାଳୟ ବିଚାର କରୁଛି। ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଟେକ୍ନିକାଲ ଏବଂ ପ୍ରକ୍ରିୟାଗତ ତ୍ରୁଟିବିଚ୍ୟୁତି ସମ୍ପର୍କିତ ପ୍ରସଙ୍ଗର ସମାଧାନ ଲାଗି ମନ୍ତ୍ରଣାଳୟ ଭିତରେ ଆଡ୍‌ଜୁଡିକେଶନ ମେକାନିଜମ୍‌କୁ ଏଗୁଡିକୁ ପଠାଯିବ। ତିନି ବର୍ଷ ଭିତରେ ଦ୍ୱିତୀୟ ଥର ଭୁଲ୍ ହେଲେ ଡବଲ୍ ପେନାଲ୍ଟି ଦେବାକୁ ପଡିବ ବୋଲି ସେ କହିଛନ୍ତି।



ମାଲେସିଆ ବିପକ୍ଷ ମ୍ୟାଚ୍‌ରେ ଆମର ଷ୍ଟ୍ରାଇକରମାନେ ଯେଉଁଭଳି ଲଗାତର ଗୋଲସ୍କୋରିଂ ସୁଯୋଗ ହାତଛଡ଼ା କଲେ ସେଥିରେ ମୁଁ ଦୁଃଖିତ।
– ହରେନ୍ଦ୍ର ସିଂ, ଭାରତୀୟ ପୁରୁଷ ହକି ଦଳର ମୁଖ୍ୟ କୋଚ୍



ଜଣେ ପାରା–ଆଥ୍‌ଲେଟ୍ ହୋଇଥିବାରୁ ଅନେକ ଚ୍ୟାଲେଞ୍ଜ ରହିଛି। କିନ୍ତୁ ଦେଶ ପାଇଁ ପଦକ ଜିତିବା ଆତ୍ମ–ସନ୍ତୋଷଜନକ।
– ଦୀପା ମଲିକ, ଏସିଆନ ପାରା ଗେମ୍ସ ପଦକ ବିଜୟିନୀ

## ସଂକ୍ଷେପରେ

### 'ଶ୍ରୀଲଙ୍କାର ବି-୧ ବର୍ଗ ଖେଳାଳିଙ୍କ ଉଇକେଟ ଗୁରୁତ୍ୱପୂର୍ଣ୍ଣ'



**କଟକ ଅଫିସ,୨୪।୧୦:** ଭାରତ ତୁଳନାରେ ଶ୍ରୀଲଙ୍କା ଦଳରେ ବି-୧ ବର୍ଗର ଖେଳାଳି ମାନେ ଅଧିକ ଅଭିଜ୍ଞ ଓ ବିସ୍ଫୋରକ ଅଟନ୍ତି। ସେମାନଙ୍କ ଉଇକେଟ କିପରି ଶୀଘ୍ର ହାସଲ କରାଯିବ ସେ ଉପରେ ନଜର ରହିବ ବୋଲି ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳର ସହକାରୀ କୋଚ୍ ଚନ୍ଦ୍ର ଶେଖର ପଟ୍ଟନାୟକ କହିଛନ୍ତି। ରାଜ୍ୟ ଦଳର ମୁଖ୍ୟ କୋଚ୍ ଚନ୍ଦ୍ରଶେଖର ଗତ କିଛି ମାସ ହେବ ଜାତୀୟ ଦଳର ସହକାରୀ କୋଚ୍ ଦାୟିତ୍ୱରେ ରହିଥିବା ବେଳେ ବୁଧବାର ଅଭ୍ୟାସ ସମୟରେ ମଧ ଉପସ୍ଥିତ ଥିଲେ। ଚନ୍ଦ୍ରଶେଖରଙ୍କ କହିବା ଅନୁଯାୟୀ, ପ୍ରଥମେ ବ୍ୟାଟିଂ କଲେ ୩୦୦ରନ୍‌ରୁ ଅଧିକ ସଂଗ୍ରହ କରିବାକୁ ଚେଷ୍ଟା କରାଯିବ । ଟସ୍ ଜିତିଲେ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନିଆଯାଇ ପାରେ ବୋଲି ସେ କହିଛନ୍ତି । ପିଚ୍ ଦେଖିଲେ ଜଣାପଡୁଛି ଯେ ଭଲ ରନ୍ ହୋଇ ପାରିବ। ତଥାପି ଭାରତ ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରିବା ସହ ସିରିଜ ଜିତିବ ବୋଲି ଚନ୍ଦ୍ରଶେଖରଙ୍କର ମତ ।

### ଶ୍ରୀଲଙ୍କା ଅଫିସିଆଲ ଗିରଫ

କଲମ୍ବୋ,୨୪।୧୦: ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି)ର ଆର୍ଥିକ ବିଭାଗର ମୁଖ୍ୟ ଓ୍ୱିମଲ ନନ୍ଦିକା ଦିସାନାୟାକେଙ୍କୁ ଗିରଫ କରାଯାଇଛି। ନିକଟରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ଘରୋଇ ସିରିଜ୍ ବେଳେ ସେ ଅର୍ଥର ଦୁର୍ପଯୋଗ କରିଥିଲେ। ଏହା ଉକ୍ତ ସିରିଜ୍‌ର ପ୍ରଶାସରଣରୁ ମିଳିଥିବା ଅର୍ଥ ସମ୍ପର୍କିତ ଘଟଣା। ସିଆଇଡି ତଦନ୍ତ ପରେ ବୋର୍ଡର ଆର୍ଥିକ ବିଭାଗର ମୁଖ୍ୟଙ୍କୁ ଗିରଫ କରାଯାଇଛି ବୋଲି ସ୍ଥାନୀୟ ପୋଲିସ ପ୍ରବକ୍ତା ରୁୱାନ ଗୁନାସେକାରା କହିଛନ୍ତି। ବୋର୍ଡରେ ଅଧକ୍ଷ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ଆଣିଥିଲେ। ପ୍ରାୟ ଏକ ଲକ୍ଷ ୮୭ ହଜାର ଡଲାର ହେରଫେର ହୋଇଛି। ୨୦୧୩ଠାରୁ ଶ୍ରୀଲଙ୍କାରେ ଆୟୋଜିତ ପ୍ରତ୍ୟେକ ମ୍ୟାଚ୍‌ର ପ୍ରସାରଣ ଅଧିକାର ସୋନି ଚ୍ୟାନେଲକୁ ଦିଆଯାଇଛି। ଦ. ଆଫ୍ରିକା ସିରିଜ୍ ପ୍ରସାରଣ ପାଇଁ ଓ୍ୱିମଲ ସୋନିକୁ ୧୫ ପ୍ରତିଶତ ଅର୍ଥ ଏକ ଆମେରିକୀୟ ଆକାଉଣ୍ଟରେ ଜମା କରିବାକୁ କହିଥିଲେ। ଏହାପରେ ଚଳିତ ଇଂଲଣ୍ଡ ଗସ୍ତ ଲାଗି ୫୦ ପ୍ରତିଶତ ଅର୍ଥ ପୈଠ କରିବାକୁ ଦାବି କରିବା ପରେ ଉକ୍ତ କର୍ମକର୍ତ୍ତା ସନ୍ଦେହ ଘେରକୁ ଆସିଥିଲେ।

### ଗଡ଼େଶ୍ୱର ଗ୍ରୀନ୍ ସିଲ୍‌ଡ ତ୍ରିକୋଣୀୟ ସିରିଜ
### ସହିଦ୍ ସ୍ପୋର୍ଟିଂ ଚାମ୍ପିୟନ

**ଭୁବନେଶ୍ୱର, ୨୪।୧୦(ସ୍ପୋର୍ଟସ ବ୍ୟୁରୋ):** ଗାଡ଼କଣା ଗ୍ରାଉଣ୍ଡରେ ଅନୁଷ୍ଠିତ ଗଡ଼େଶ୍ୱର ଗ୍ରୀନ୍ ସିଲ୍‌ଡ ତ୍ରିକୋଣୀୟ କ୍ରିକେଟ ସିରିଜ (୧୬ ବର୍ଷରୁ କମ୍)ରେ ସହିଦ୍ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ବୁଧବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ସହିଦ୍ ସ୍ପୋର୍ଟିଂ ୧୦୮ ରନର ବୃହତ ରନ ବ୍ୟବଧାନରେ ଗ୍ରୀନ୍ସ କ୍ରିକେଟ ଏକାଡେମୀକୁ ପରାସ୍ତ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ସହିଦ୍ ସ୍ପୋର୍ଟିଂ ନିର୍ଦ୍ଧାରିତ ୪୦ ଓଭରରେ ୯ ଉଇକେଟ୍ ହରାଇ ୨୧୩ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ପ୍ରିୟବ୍ରତ ଦାଶ ୧୧୭ ରନର ଅପରାଜିତ ଶତକୀୟ ଇନିଂସ ଖେଳିଥିଲେ। ଗ୍ରୀନ୍ସର ସୁମିତ୍ ମିଶ୍ର ଓ ମୃତ୍ୟୁଞ୍ଜୟ ମାନସିଂ ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଜବାବରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ୨୧୪ ରନର ଟାର୍ଗେଟକୁ ପିଛା କରି ୩୧ ଓଭରରେ ୧୦୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ସହିଦ୍ ସ୍ପୋର୍ଟିଂର ରୋହନ ଦାଶ ଓ ଶ୍ରେଷ୍ଠ ୪ଟି ଲେଖାଏ ଉଇକେଟ୍ ନେଇ ଦଳକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ କ୍ରିକେଟ କୋଚ୍ କିଶୋର ମାଣିଆ ଅତିଥିଭାବେ ଯୋଗ ଦେଇଥିଲେ। ଶତକୀୟ ଇନିଂସ ପାଇଁ ପ୍ରିୟବ୍ରତ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ଦେବବ୍ରତ ପ୍ରଧାନ ମ୍ୟାନ୍ ଅଫ୍ ଦି ସିରିଜ, ସୁମିତ୍ ମିଶ୍ର ଶ୍ରେଷ୍ଠ ବୋଲର ଓ ସୌମ୍ୟରଞ୍ଜନ ଶ୍ରୀଚନ୍ଦନ ଶ୍ରେଷ୍ଠ ଉଇକେଟ୍‌କିପର ପୁରସ୍କାର ହାସଲ କରିଥିଲେ।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ



ନିମପୁର ଗ୍ରାଉଣ୍ଡରେ ବୁଧବାର ଅଭ୍ୟାସ ସେସନ୍ ଅବସରରେ ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳର ଖେଳାଳିମାନେ ।

କଟକ ଅଫିସ,୨୪।୧୦

ଭାରତ–ଶ୍ରୀଲଙ୍କା ଦ୍ୱିପାକ୍ଷିକ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍ ଗୁରୁବାର ନିମପୁର ଗ୍ରାଉଣ୍ଡରେ ଖେଳାଯିବ। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ମଙ୍ଗଳବାର ଦିଲ୍ଲୀଠାରେ ଶେଷ ହୋଇଥିବା ବେଳେ ଭାରତ ୬ ଉଇକେଟରେ ଏହି ମ୍ୟାଚ୍‌କୁ ଜିତି ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୧–୦ରେ ଅଗ୍ରଣୀ କରି ସାରିଛି। ଏଣୁ ନିମପୁର ଗ୍ରାଉଣ୍ଡରେ ବିଜୟୀ ହୋଇ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି ଭାରତୀୟ ଦଳ । ମ୍ୟାଚ୍ ଆୟୋଜନ କରିବା ନେଇ ନିମପୁର କ୍ରିକେଟ କ୍ଲବ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବାଉଣ୍ଡାରି ଦୂରତାକୁ ୫୦ମିଟର ଧାର୍ଯ୍ୟ କରାଯାଇଥିବା ବେଳେ ଦ୍ରୁତ ଆଉଟଫିଲ୍ଡ କରାଯିବା ପାଇଁ ବୁଧବାର ପଡ଼ିଆର କିଛି ଅଂଶରୁ ଘାସ କଟାଯାଇଛି। ହାଇସ୍କୋରିଂ ମ୍ୟାଚ୍ ହେବା ଭଳି ପିଚ୍ କରାଯାଇଛି ବୋଲି ନିମପୁର କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ବିଶ୍ରାମ ଦର୍ଶାଇ ଶ୍ରୀଲଙ୍କା ଅଭ୍ୟାସକୁ ଆସିନଥିବା ବେଳେ ଅଧିନାୟକ ଅଜୟ ରେଡ୍ଡୀଙ୍କ ନେତୃତ୍ୱରେ ଭାରତୀୟ ଦଳ ୨ ଘଣ୍ଟାର ଅଭ୍ୟାସ ଶେଷ କରି ଫେରିଥିଲା। ଗୁରୁବାର ସକାଳ ୯.୩୦ରୁ ମ୍ୟାଚ୍ ଆରମ୍ଭ ହେବ । ଶୃଙ୍ଖଳିତ ଭାବେ ମ୍ୟାଚ୍ ଶେଷ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ୧୨ଜଣ ବରିଷ୍ଠ ପୋଲିସ ଅଧିକାରୀ ଓ ୩ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ କରାଯାଇଛି ।

### ଜାଫର, ଲିଙ୍ଗରାଜଙ୍କୁ ସୁଯୋଗ

ଦିଲ୍ଲୀଠାରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚରେ ଦୁଇ ଓଡ଼ିଆ ଖେଳାଳି ମହମ୍ମଦ ଜାଫର ଇକବାଲ ଓ ଲିଙ୍ଗରାଜ ରାଉତରାଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ନ ଥିଲା । ତେବେ ନିମପୁର ଗ୍ରାଉଣ୍ଡରେ ଏହି ଦୁଇ ଘରୋଇ ଖେଳାଳି ନିଶ୍ଚିତ ଭାବେ ଖେଳିବେ ବୋଲି ଦଳର କୋଚ୍, ଅଧିନାୟକ ମତ ଦେଇଛନ୍ତି । ରାଜ୍ୟ ପକ୍ଷରୁ ସର୍ବାଧିକ ମ୍ୟାଚ୍ ଖେଳି ସାରିଥିବା ଜାଫର ସୁଯୋଗ ମିଳିଲେ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରଖିଛନ୍ତି । ଅନ୍ୟପକ୍ଷରେ ଲିଙ୍ଗରାଜ କୁହନ୍ତି, ବୋଲିଂ ନିମନ୍ତେ ଅଧିକ ଅଭ୍ୟାସ କରିଛି । ଦଳ ଯେଉଁ ସ୍ପେଲରେ ବୋଲିଂ ଦେବ ସେଥିରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବି ବୋଲି ଲିଙ୍ଗରାଜ କହିଥିଲେ ।



ଓଡ଼ିଆ ଖେଳାଳି ମହମ୍ମଦ ଜାଫର ଇକବାଲଙ୍କ ଅଭ୍ୟାସ।

**ଭାରତ-ଶ୍ରୀଲଙ୍କା ଦୃଷ୍ଟିହୀନ କ୍ରିକେଟ**

- ଅଭ୍ୟାସକୁ ଆସିଲେନି ଶ୍ରୀଲଙ୍କା ଦଳ
- ନିମପୁର ଗ୍ରାଉଣ୍ଡରେ ପ୍ରସ୍ତୁତି ଶେଷ
- ୧୨ ବରିଷ୍ଠ ପୋଲିସ ଅଧିକାରୀ, ୩ ପ୍ଲାଟୁନ ଫୋର୍ସ ନିୟୋଜିତ

### ମ୍ୟାଚ୍ ପରିଚାଳନା କରିବେ ଓଡ଼ିଆ ଅମ୍ପାୟର ପ୍ରମୋଦ

ଏହି ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ୍‌କୁ ପରିଚାଳନା କରିବେ ଜଣେ ଓଡ଼ିଆ ତଥା ଓସିଏ ପ୍ୟାନେଲ ଅମ୍ପାୟର ପ୍ରମୋଦ ନାରାୟଣ ଦାସ । ୨୦୧୧ରୁ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ୍‌ରେ ଅମ୍ପାୟର ଦାୟିତ୍ୱ ସମ୍ଭାଳି ଆସୁଥିବା ପ୍ରମୋଦ ପ୍ରଥମଥର ନିମନ୍ତେ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଅମ୍ପାୟରିଂ କରିବେ। ୨୦୧୨ରେ ସେ ଓସିଏର ପ୍ୟାନେଲ ଅମ୍ପାୟର ମାନ୍ୟତା ପାଇଥିବା ବେଳେ ୨୦୧୫ ମସିହାରେ ବିସିସିଆଇର ଲେଭଲ–୧ ଅମ୍ପାୟର ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ଇତି ମଧ୍ୟରେ ୭୦ରୁ ଉର୍ଦ୍ଧ୍ୱ ଦୃଷ୍ଟିହୀନ କ୍ରିକେଟ ମ୍ୟାଚ୍‌ରେ ପ୍ରମୋଦ ଅମ୍ପାୟର ଦାୟିତ୍ୱ ତୁଲାଇ ସାରିଲେଣି ।

### ଟି୨୦ ଦୃଷ୍ଟିହୀନ କ୍ରିକେଟ ବିଶ୍ୱକପ୍ ପାଇଁ ଦଳ ଗଠନ ମୁଖ୍ୟ ଲକ୍ଷ୍ୟ

ଭାରତୀୟ ଦୃଷ୍ଟିହୀନ କ୍ରିକେଟର ସେ ହେଲେ ସଫଳ ଅଧିନାୟକ। ତାଙ୍କ ନେତୃତ୍ୱରେ ଜାତୀୟ ଦୃଷ୍ଟିହୀନ କ୍ରିକେଟ ଶକ୍ତିଶାଳୀ ଦଳ ଭାବେ ପରିଗଣିତ ହେବା ସହ ବିଶ୍ୱ ର୍ୟାଙ୍କିଂରେ ଭାରତର ସ୍ଥାନ ଏବେ ସର୍ବୋଚ୍ଚରେ ପହଞ୍ଚିଛି। ଭାରତୀୟ ଦଳର ବ୍ୟାଟିଂ ମେରୁଦଣ୍ଡଭାବେ ପରିଚିତ ଏହି ଖେଳାଳି ଜଣକ ହେଲେ ଅଜୟ କୁମାର ରେଡ୍ଡୀ। ନିମପୁର ଗ୍ରାଉଣ୍ଡରେ ଜାତୀୟ ଦଳର ଅଭ୍ୟାସ ସମୟରେ ଅଜୟଙ୍କ ସହ ସାକ୍ଷାତକାର...

**ମ୍ୟାଚ୍ ନେଇ କିପରି ପ୍ରସ୍ତୁତ ଅଛନ୍ତି?**

ଟୁର୍ନାମେଣ୍ଟ ପୂର୍ବରୁ ୧୫ଦିନର କୋଚିଂ କ୍ୟାମ୍ପ ହୋଇଥିଲା । ଯେଉଁଥିରେ ପ୍ରତ୍ୟେକ ଖେଳାଳିଙ୍କ ଦକ୍ଷତା ପରଖା ସରିଛି। ସମସ୍ତେ ଭଲ ପ୍ରଦର୍ଶନ କରିବା ସହ ମ୍ୟାଚ୍ ବିଜୟୀ କରାଇବାକୁ ଚେଷ୍ଟା କରିବେ ବୋଲି ଆଶା।



**ବିପକ୍ଷ ଶ୍ରୀଲଙ୍କା ଦଳ ନିମନ୍ତେ କିଛି ସ୍ୱତନ୍ତ୍ର ଯୋଜନା ରହିଛି?**

ଯୋଜନା କିଛି ନାହିଁ, ହେଲେ ଶ୍ରୀଲଙ୍କା ଦଳକୁ ହାଲକା ଭାବେ ନେଇନାହୁଁ। ବିଶ୍ୱ ର୍ୟାଙ୍କିଂରେ ଶ୍ରୀଲଙ୍କା ୩ନଂ ସ୍ଥିତିରେ। ଏହି ଦଳ ଯେ କୌଣସି ମୁହୂର୍ତ୍ତରେ ମ୍ୟାଚ୍‌କୁ ନିଜ ଅକ୍ତିଆରକୁ ନେବାର ଦକ୍ଷତା ରଖିଛି। ସେମାନଙ୍କ ବି–୧ ଖେଳାଳିମାନେ ବହୁତ ଦକ୍ଷ। ଶ୍ରୀଲଙ୍କା ଦଳର ଚନ୍ଦନା ଦେଶପ୍ରିୟ ଜଣେ ଦୁର୍ଦ୍ଧଶ ଖେଳାଳି। ପ୍ରତ୍ୟେକ ମ୍ୟାଚ୍‌ରେ ସେ ଭଲ ପ୍ରଦର୍ଶନ କରନ୍ତି । ଏଣୁ ଦଳଗତ ଭାବେ ଭାରତ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିବ।

**ଭାରତୀୟ ଦଳର ସ୍ଥିତି ନେଇ ମତ କଣ?**

ସମସ୍ତ ଖେଳାଳି ଭଲ ପ୍ରଦର୍ଶନ କରୁଛନ୍ତି। ଯେଉଁ ଖେଳାଳି ବି ଖେଳିବାର ସୁଯୋଗ ପାଉଛନ୍ତି ସେମାନେ ଦଳରେ ସ୍ଥାନ ବଜାୟ ରଖିବା ଭଳି ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏଣୁ ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଦଳର ବିକାଶ ହେଉଛି ବୋଲି ସ୍ପଷ୍ଟ। ଏହାଛଡ଼ା ପରୀକ୍ଷାମୂଳକ ଭାବେ କେତେକ ପୋଜିସନ୍‌ରେ ଖେଳାଳି ଅଦଳବଦଳ କରାଯାଉଛି। ସେଥିରେ ମଧ ଆମେ ୯୦ପ୍ରତିଶତ ସଫଳ ହେଉଛୁ। ବଡ଼ ଭାଗୀଦାରି କିପରି ସୃଷ୍ଟି କରାଯିବ ତାହା ଦଳର ମୁଖ୍ୟ ଲକ୍ଷ୍ୟ ରହିଛି।

**ଓଡ଼ିଶାରେ ଅନୁଷ୍ଠିତ ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତକୁ ଜିତାଇବାରେ ଆପଣଙ୍କ ଭୂମିକା ବିଶେଷ ରହିଥିଲା। ପୁଣିଥରେ ଓଡ଼ିଶାରେ ଦ୍ୱିତୀୟ ଅନ୍ତର୍ଜାତୀୟ ମ୍ୟାଚ୍ ଓ ଆପଣ ଅଧିନାୟକ। ଏ ସମ୍ପର୍କରେ କଣ କହିବେ?**

ଓଡ଼ିଶାରେ ଦୃଷ୍ଟିହୀନ କ୍ରିକେଟକୁ ଅଧିକମାତ୍ରାରେ ଭଲ ପାଆନ୍ତି ବୋଲି ଜାଣିଥିଲୁ ଓ ଏବେ ଦେଖୁଛୁ ମଧ। ଓଡ଼ିଶାରେ ଭଲ ଖେଳାଳି ମଧ ସୃଷ୍ଟି ହେଉଛନ୍ତି। ଭାରତୀୟ ଦୃଷ୍ଟିହୀନ କ୍ରିକେଟରେ ଓଡ଼ିଆ ଖେଳାଳିମାନେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରି ସାରିଛନ୍ତି । ଜଣେ ଅଧିନାୟକ ହିସାବରେ ସମସ୍ତ ମ୍ୟାଚ୍‌ରେ କିପରି ଦଳ ଜିତିବ ସେ ନେଇ ଚେଷ୍ଟା କରେ। ଓଡ଼ିଶାରେ ଦ୍ୱିତୀୟ ବିଜୟ ହେଲେ ଖୁସି ଲାଗିବ।

**ଜାତୀୟ ଦଳକୁ ନେଇ ଆଗାମୀ ଲକ୍ଷ୍ୟ?**

ଦଳ ଏବେ ଲଗାତାର ଭାବେ ବିଭିନ୍ନ ଟୁର୍ନାମେଣ୍ଟ ବିଜୟୀ ହେଉଛି। ଏଣୁ ଆଗାମୀ ଦିନରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ନିମନ୍ତେ ଦଳ କିପରି ଗଠନ କରାଯିବ ତାହା ଏବେ ମୁଖ୍ୟ ଲକ୍ଷ୍ୟ।

(ରିପୋର୍ଟ–କୁମାରଶ୍ରୀ)

# ଗିନିଜ ୱାର୍ଲ୍ଡ ରେକର୍ଡରେ ଟିମ୍ ଓଡ଼ିଶା

ଭୁବନେଶ୍ୱର, ୨୪।୧୦
(କ୍ରୀଡ଼ା ପ୍ରତିନିଧି)

**ରୋଲ ବଲ୍ ସ୍କେଟିଂ**

ଓଡ଼ିଶା ରୋଲ ବଲ୍ ସ୍କେଟିଂ ଖେଳାଳିମାନେ ଏକ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। କର୍ନାଟକର ବେଲ୍‌ଗାଁଓଠାରେ ଗତ ମେ ମାସରେ ଗିନିଜ ୱାର୍ଲ୍ଡ ରେକର୍ଡ ପାଇଁ ୨୪ ଘଣ୍ଟିଆ ନନ୍ ଷ୍ଟପ୍ ରୋଲ ବଲ୍ ସ୍କେଟିଂର ଆୟୋଜନ କରାଯାଇଥିଲା। ଏଥିରେ ଭାରତର ୩୦୯ ଖେଳାଳି ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଶାର ଏକ ୧୭ ଜଣିଆ ଦଳ ସାମିଲ ଥିଲା। ଏହାକୁ ଏବେ ଅଫିସିଆଲ ସ୍ୱୀକୃତି ମିଳିଛି। ଫଳରେ ଓଡ଼ିଶା ରୋଲ ବଲ୍ ସ୍କେଟିଂ ଟିମ୍ ସ୍ୱାଭାବିକଭାବେ ଏହି ରେକର୍ଡରେ ସାମିଲ ହୋଇଯାଇଛନ୍ତି। ଏହି ବିରଳ ସଫଳତା ପାଇଁ ଓଡ଼ିଶା ରୋଲବଲ୍ ସ୍କେଟିଂ ଟିମ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶା ଟିମ୍‌ରେ ଭୁବନେଶ୍ୱରର ପ୍ରତୀକ ଅର୍ଣ୍ଣବ ଜେନା, ଏସହାନ ରାୟ, ପ୍ରୀତୀଶ୍ ଆର୍ଯ୍ୟନ ଜେନା, ଓଁକାର ଷଡ଼ଙ୍ଗୀ, ବ୍ୟାସଦେବ ମହାପାତ୍ର, ଜି.ଅମିତ କୁମାର ପାତ୍ରୋ, ଅସିମ ଅନୁରାଗ, ଅରିନ୍ଦମ ସାମଲ, କଟକର ଶାଶ୍ୱତ ମହାପାତ୍ର, ଯଶରାଜ ପଣ୍ଡା, ପରମେଶ ମହାନ୍ତି, ସୃଜନ କୁମାର ନାୟକ, ଭଦ୍ରକର ଶୁଭଙ୍କର ପି. ଖିଲାର, ଗଞ୍ଜାମର ପ୍ରୟାସ ରାଇତା, ନିବାସ ପଣ୍ଡା, ସିଦ୍ଧେଶ୍ୱର ଦଳବେହେରା ଏବଂ ଓଡ଼ିଶା ସ୍କେଟିଂ ଏକାଡେମୀର ସମ୍ପାଦକ ପାର୍ଥ ସାରଥି ଜେନା ପ୍ରମୁଖ ସାମିଲ ଥିଲେ। ଓଡ଼ିଶା ପାଇଁ ଏହା ଏକ ବଡ଼ ସଫଳତା। ଏହା ଆମମାନଙ୍କୁ ବେଶ୍ ଉତ୍ସାହିତ କରିଛି ଏବଂ ଅଧିକରୁ ଅଧିକ ପିଲାଙ୍କୁ ଏହି ଗେମ୍ ପ୍ରତି ଆକୃଷ୍ଟ କରିବା ନେଇ ଆଶା ରହିଛି ବୋଲି ପାର୍ଥ ପ୍ରକାଶ କରିଛନ୍ତି।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ରୋଲବଲ୍ ସ୍କେଟିଂ ଦଳର ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଓଡ଼ିଶା ବୋଲର ପପୁଙ୍କ ଚମକ

ନୂଆଦିଲ୍ଲୀ, ୨୪।୧୦(ପି.ଟି.)

**ଦେଓଧର ଟ୍ରଫି**

ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱାଧୀନ ଇଣ୍ଡିଆ–ସି'କୁ ୩୦ ରନରେ ପରାସ୍ତ କରି ଇଣ୍ଡିଆ–ବି ଦଳ ଏଠାରେ ଚାଲିଥିବା ଦେଓଧର ଟ୍ରଫି ଦିନିକିଆ କ୍ରିକେଟ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଇଣ୍ଡିଆ–ବି ପ୍ରଥମେ ବ୍ୟାଟିଂ କରି ୨୩୧ ରନ କରିଥିବାବେଳେ ଇଣ୍ଡିଆ–ସି ଦଳ ୨୦୧ ରନରେ ଅଲ୍‌ଆଉଟ୍ ହୋଇଥିଲା। ମଙ୍ଗଳବାର ପ୍ରଥମ ମ୍ୟାଚ୍‌ରେ ଇଣ୍ଡିଆ–ଏ'କୁ ହରାଇଥିବା ଇଣ୍ଡିଆ–ବି ଦଳ ଏଥିସହ ୨ଟି ମ୍ୟାଚ୍‌ରୁ ୨ ବିଜୟ ସହ ୮ ପଏଣ୍ଟ ପାଇ ପଏଣ୍ଟ ତାଲିକାର ଶୀର୍ଷରେ ରହି ଫାଇନାଲରେ ସ୍ଥାନ ପକ୍କା କରିଛି। ଗୁରୁବାର ଇଣ୍ଡିଆ–ଏ ଓ ଇଣ୍ଡିଆ–ସି ମଧ୍ୟରେ ଅନ୍ତିମ ଲିଗ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ର ବିଜେତା ଫାଇନାଲରେ ଇଣ୍ଡିଆ–ବି'କୁ ଶନିବାର ଭେଟିବ।

ସ୍ଥାନୀୟ ଫିରୋଜ ଶାହ କୋଟଲା ଗ୍ରାଉଣ୍ଡରେ ବୁଧବାର ଖେଳାଯାଇଥିବା ଏହି ଲୋ–ସ୍କୋରିଂ ମ୍ୟାଚ୍‌ରେ ଟସ୍ ଜିତି ଇଣ୍ଡିଆ–ବି ଅଧିନାୟକ ଶ୍ରେୟାସ ଆୟାର ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ବ୍ୟାଟ୍ସମ୍ୟାନଙ୍କ ଧମା ବ୍ୟାଟିଂ ଯୋଗୁ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୯ ଉଇକେଟ୍ ହରାଇ ୨୩୧ ରନ କରିଥିଲା। ଦଳ ପକ୍ଷରୁ ହନୁମା ବିହାରୀ ସର୍ବାଧିକ ୭୬ ରନ (୯୪ ବଲ୍) ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୟଙ୍କ ଅଗ୍ରୱାଲ (୨୪), ଅଙ୍କୁଶ ବୈଶଂ (୨୫), ମନୋଜ ତିୱାରୀ (୧୬) ଭଲ ଆରମ୍ଭ କରିଥିଲେ ମଧ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଇଣ୍ଡିଆ–ସି ପକ୍ଷରୁ ଓଡ଼ିଆ ସ୍ପିନର ପପୁ ରାୟ ଓ ରାଜନୀଶ ଗୁରବାନୀ ୩ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଇଣ୍ଡିଆ–ସି ପ୍ରତିପକ୍ଷର ଦୁଇ ସ୍ପିନର କ୍ରିଷ୍ଣାପ୍ପା ଗୌଥମ ଓ ମନୋଜ ତିୱାରୀଙ୍କୁ ସାମ୍ନା କରି ନ ପାରି ୪୮.୨ ଓଭରରେ ୨୦୧ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଶୁବମନ ଗିଲ ୩୬, ସୂର୍ଯ୍ୟକୁମାର ଯାଦବ ୩୯, ବିଜୟ ଶଙ୍କର ୩୫,ୱାଶିଂଟନ ସୁନ୍ଦର ୧୯ ଓ ସୁରେଶ ରାଇନା ୧ ରନ କରିଥିଲେ। ଅଧିନାୟକ ରାହାନେ ଧିମା ବ୍ୟାଟିଂ କରି ୬୧ ବଲରୁ ୩୨ ରନ କରିଥିଲେ। ଗୌଥମ ଓ ତିୱାରୀ ୩ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ଲାଗି ହନୁମା ବିହାରୀ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



ପପୁ ରାୟ

### ପଦାର୍ପଣରେ ୩ ଉଇକେଟ୍

ଇଣ୍ଡିଆ–ସି ପରାସ୍ତ ହୋଇଥିଲେ ମଧ ଏହି ଦଳରେ ସ୍ଥାନ ପାଇଥିବା ଓଡ଼ିଆ ସ୍ପିନର ପପୁ ରାୟ ପ୍ରଭାବୀ ପ୍ରଦର୍ଶନ କରି ଛାପ ଛାଡ଼ିବାରେ ସଫଳ ହୋଇଛନ୍ତି। ଯାଜପୁରର ବାମହାତୀ ସ୍ପିନର ପପୁ ନିଜ ୧୦ ଓଭର ସ୍ପେଲରେ ୪୫ ରନ ବ୍ୟୟ କରି ୩ଟି ଉଇକେଟ୍ ପାଇଥିଲେ। ଅଧିନାୟକ ଆୟାରଙ୍କୁ ଇସାନ କିଷାନଙ୍କ ହାତରେ କ୍ୟାଚ୍ କରାଇ ପପୁ ନିଜର ପ୍ରଥମ ଉଇକେଟ୍ ନେଇଥିବାବେଳେ ତାଙ୍କର ପରବର୍ତ୍ତୀ ଶିକାର ବନିଥିଲେ ମନୋଜ ତିୱାରୀ। ୧୯ ଓଭରର ୩ୟ ବଲରେ ଅଭିଜ୍ଞ ତିୱାରୀଙ୍କୁ ପପୁ ଚକ୍‌ମା ଦେଖାଇ କ୍ଲିନ ବୋଲ୍ଡ କରିଦେଇଥିଲେ। କ୍ରିଷ୍ଣାପ୍ପା ଗୌଥମଙ୍କ ରୂପରେ ପପୁ ୩ୟ ସଫଳତା ପାଇଥିଲେ। ନିକଟରେ ବିଜୟ ହଜାରେ ଟ୍ରଫିରେ ଓଡ଼ିଶା ପକ୍ଷରୁ ପଦାର୍ପଣ କରି ପପୁ ୧୪ଟି ଉଇକେଟ୍ ନେଇ ଜାତୀୟ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ।

# ସର୍ବଭାରତୀୟ ଆମନ୍ତ୍ରଣୀୟ ଭଲିବଲ ୨୭ରୁ

ପୁରୁଣା ଭୁବନେଶ୍ୱର,
୨୪।୧୦(ଡି.ଏନ.ଏ.)

ଲିଙ୍ଗରାଜ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ୧୧ତମ ସର୍ବଭାରତୀୟ ଆମନ୍ତ୍ରଣୀୟ ଭଲିବଲ ଟୁର୍ନାମେଣ୍ଟ ଆସନ୍ତା ୨୭ ତାରିଖରୁ ଆରମ୍ଭ ହେବ। ଏହା ୨ଦିନ ଧରି ଚାଲିବ। ରାଜ୍ୟର ପ୍ରତିଷ୍ଠିତ ଦୁଇଟି ଦଳ ସହ ମୋଟ ୬ଟି ଦଳ ଏଥିରେ ଭାଗନେବେ। ଦଳଗୁଡ଼ିକ ହେଲେ ଓଡ଼ିଶା ପୋଲିସ୍, ଭୁବନେଶ୍ୱର ସ୍ପୋର୍ଟସ ହଷ୍ଟେଲ, ଛତିଶଗଡ଼ ପୋଲିସ୍, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଓ ସି.ଆଇ.ଏସ୍.ଏଫ୍ (ରାଞ୍ଚି)। ଚାମ୍ପିୟନ ଦଳକୁ ୧୦ହଜାର ଟଙ୍କା ସହ ଟ୍ରଫି, ରନର୍ସଅପ ଦଳକୁ ୯ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ। ସ୍ଥାନୀୟ ପୋଖରୀପୁଟ ସ୍ଥିତ ଲିଙ୍ଗରାଜ ସ୍ପୋର୍ଟସ ପଡ଼ିଆରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଜାତୀୟ ଓ ଆନ୍ତର୍ଜାତୀୟ ଖେଳାଳିମାନେ କ୍ରୀଡ଼ା ପରିଚାଳନା କରିବେ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଲିଙ୍ଗରାଜ ସ୍ପୋର୍ଟସ ଆସୋସିଏଶନ ସଭାପତି ବାବୁ ସିଂ, ଉପ–ସଭାପତି ହୃଦୟବଲ୍ଲଭ ସାମନ୍ତରାୟ, ସମ୍ପାଦକ ରଜତ ତ୍ରିପାଠୀ, ମୁଖପାତ୍ର ସୁରମ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଜର୍ସି ଉନ୍ମୋଚନ ଅବସରରେ ଉପସ୍ଥିତ କର୍ମକର୍ତ୍ତା ।



୩୦ ବର୍ଷ ବୟସ ପୂର୍ବରୁ ଦିନିକିଆ କ୍ରିକେଟରେ ୧୦ ହଜାର ରନ ସଂଗ୍ରହ କରିବା ଏକ ଅବିଶ୍ୱସନୀୟ ସଫଳତା।
– ସି.କେ. ଖାନ୍ନା, ବିସିସିଆଇ କାର୍ଯ୍ୟକାରୀ ସଭାପତି



ଏପରିକି ଯଦି ମହେନ୍ଦ୍ର ସିଂ ଧୋନୀଙ୍କୁ ୮୦ ବର୍ଷ ହୋଇଥିବ ଏବଂ ସେ ହ୍ୱିଲଚେୟାରରେ ବସିଥିବେ ତେବେ ବି ମୁଁ ତାଙ୍କୁ ମୋ ଦଳରେ ଖେଳାଇବି।
– ଏବି ଡି ଭିଲର୍ସ, ପ୍ରାକ୍ତନ ଦକ୍ଷିଣ ଆଫ୍ରିକା କ୍ରିକେଟର

## ସଂକ୍ଷେପରେ

### ମିଥାଲିଙ୍କ ଶତକ; ଭାରତ ଏ’ ୨-୦ରେ ଆଗୁଆ

**ମୁମ୍ବାଇ,୨୪।୧୦:** ଭେଟେରାନ ବ୍ୟାଟ୍ସୱମ୍ୟାନ ମିଥାଲିଙ୍କ ଅପରାଜିତ ଶତକ ବଳରେ ଭାରତ ଏ’ ଦଳ ଅଷ୍ଟ୍ରେଲିଆ ଏ’ ଦଳକୁ ୨୮ ରନ୍‌ରେ ପରାସ୍ତ କରିଛି। ଫଳରେ ଘରୋଇ ଦଳ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ୨-୦ ବ୍ୟବଧାନର ଅଗ୍ରଣୀ ହାସଲ କରିଛି। ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ପକ୍ଷରୁ ଭେଟେରାନ ମିଥାଲି ୧୦୫ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳିଥିଲେ। ସେ ୬୧ ବଲରୁ ସମ୍ମୁଖୀନ ହୋଇ ୧୮ ଚୌକା ଓ ଗୋଟିଏ ଛକା ମାରିଥିଲେ। ଏହି ଇନିଂସ୍ ଅବସରରେ ସେ ଭାରତୀୟ ମହିଳା ଖେଳାଳିଙ୍କ ମଧ୍ୟରେ ବ୍ୟକ୍ତିଗତ ସର୍ବାଧିକ ରନ୍ କରିବାର ରେକର୍ଡ ନିଜ ନାମରେ କରିଛନ୍ତି। ପୂର୍ବରୁ ଏହି ରେକର୍ଡ ଅନ୍ୟତମ ଓପନର ମନ୍ଧାନା(୧୦୨)ଙ୍କ ନାମରେ ଥିଲା। ମିଥାଲିଙ୍କ ବ୍ୟତୀତ ହରମନପ୍ରୀତ କୌରଙ୍କ ୫୭ (୬ ଚୌକା ଓ ୩ ଛକା) ରନ୍‌ର ଇନିଂସ୍ ଖେଳିବାରୁ ଭାରତୀୟ ଦଳ ଧାର୍ଯ୍ୟ ୨୦ ଓଭରରେ ୫ ଉଇକେଟ ହରାଇ ୧୮୪ ରନ୍ କରିବାକୁ ସକ୍ଷମ ହୋଇଥିଲା। ଏହାପରେ ଭ୍ରମଣକାରୀ ଦଳର କୌଣସି ବ୍ୟାଟ୍ସୱମ୍ୟାନ ଭାରତୀୟ ବୋଲରମାନଙ୍କ ଉଚିତ ସମ୍ମୁଖୀନ ହୋଇପାରି ନ ଥିଲେ। ଫଳରେ ଅଷ୍ଟ୍ରେଲିଆ ଏ’ ଦଳ ସମସ୍ତ ଓଭର ବ୍ୟାଟିଂ କରି ୯ ଉଇକେଟ ହରାଇ ୧୫୬ ରନ୍ କରିପାରିଥିଲେ। ଦଳ ପକ୍ଷରୁ କେବଳ ତାହିଲା ମ୍ୟାକଗ୍ରାଥ ୪୭ ରନ୍ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଦୀପ୍ତି ଶର୍ମା, ପୁନମ ଯାଦବ ଓ ଅନୁଜା ପାଟିଲ ୨ ଲେଖାଏ ଉଇକେଟ ନେଇଥିଲେ। ସେହିଭଳି ରାଧା ଯାଦବ ଓ ହରମନପ୍ରିତ କୌର ପ୍ରତ୍ୟେକେ ଗୋଟିଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର:**
ଭାରତ ଏ’- ୨୦ ଓଭରରେ ୧୮୪/୫ (ମିଥାଲି ରାଜ ୧୦୫*, ହରମନପ୍ରୀତ କୌର ୫୭, ତାହିଲା ମ୍ୟାକଗ୍ରାଥ ୨/୩୬)।
ଅଷ୍ଟ୍ରେଲିଆ ଏ’- ୨୦ ଓଭରରେ ୧୫୬/୯(ତାହିଲା ମ୍ୟାକଗ୍ରାଥ ୪୭, ପୁନମ ଯାଦବ ୨/୨୯, ଅନୁଜା ପାଟିଲ ୨/୩୧)।

### ଦ୍ୱିତୀୟ ରାଉଣ୍ଡରେ ସାଇନା, ଶ୍ରୀକାନ୍ତ

**ପ୍ୟାରିସ, ୨୪।୧୦(ପି.ଟି.):** ଦୁଇ ଭାରତୀୟ ତାରକା ସଟ୍‌ଲର ସାଇନା ନେହ୍ୱାଲ ଓ କିଡାମ୍ବୀ ଶ୍ରୀକାନ୍ତ ଏଠାରେ ଆରମ୍ଭ ହୋଇଥିବା ୭ ଲକ୍ଷ ୫୦ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଫ୍ରେଞ୍ଚ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ୨ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗତ ସପ୍ତାହରେ ଡେନମାର୍କ ଓପନ୍‌ରେ ରନର୍ସଅପ୍ ହୋଇଥିବା ସାଇନା ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ଜାପାନର ସଏନା କାୱାକାମିଙ୍କୁ ୨୧-୧୧, ୨୧-୧୧ ସିଧାସଳଖ ସେଟ୍‌ରେ ପରାସ୍ତ କରିଛନ୍ତି। ବିଶ୍ୱ ମାନ୍ୟତାର ୧୦ମ ସ୍ଥାନରେ ରହିଥିବା ସାଇନା ପରବର୍ତ୍ତୀ ରାଉଣ୍ଡରେ ନୋଜୋମି ଓକୁହାରା ଓ ସ୍ପେନର ବେର୍ଟିଜ କୋରାଲ୍ସଙ୍କ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ବିଜୟିନୀଙ୍କୁ ଭେଟିବେ। ସେହିଭଳି ପୁରୁଷ ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିୟନ ଶ୍ରୀକାନ୍ତ ୨୧-୧୯, ୨୧-୧୩ ସିଧାସଳଖ ଗେମ୍‌ରେ ହଂକଂର ୱଙ୍ଗ୍ ୱିଙ୍ଗ୍ କି ଭିନସେଣ୍ଟଙ୍କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଶ୍ରୀକାନ୍ତଙ୍କ ମୁକାବିଲା କୋରିଆର ଲି ଡଙ୍ଗ୍ କେଉନଙ୍କ ସହ ହେବ। ତେବେ ଅନ୍ୟତମ ଭାରତୀୟ ସମୀର ବର୍ମାଙ୍କୁ ନିରାଶ ହେବାକୁ ପଡ଼ିଛି। ସମୀର ୨୧-୧୬, ୧୭-୨୧, ୧୫-୨୧ରେ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଇଣ୍ଡୋନେସିଆର ଜୋନାଟ କ୍ରିଷ୍ଟିଙ୍କ ନିକଟରୁ ହାରିଯାଇଛନ୍ତି। ପୁରୁଷ ଡବଲ୍ସରେ ମନୁ ଅତ୍ରି ଓ ବି. ସୁମିଥ୍ ଯୋଡ଼ି ବିଜୟ ହାସଲ କରିଥିବାବେଳେ ମିକ୍ସଡ ଡବଲ୍ସରେ ସାତ୍ତ୍ୱିକରାଜ ରାନକିରେଡ୍ଡୀ ଓ ଅଶ୍ୱିନି ପୋନ୍ନାପ୍ପା ଯୋଡ଼ି ପରାଜୟର ସାମ୍ନା କରିଛନ୍ତି।

### ରାଜ୍ୟ ଜୁନିୟର ଦଳ ଚୟନ ଶିବିର ୨୬ରୁ

**କଟକ ଅଫିସ,୨୪।୧୦:** ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଆସନ୍ତା ନଭେମ୍ବରରେ ଜାତୀୟ ଜୁନିୟର ଫୁଟବଲ ଚାମ୍ପିୟନଶିପ ଡଃ ବି.ସି ରାୟ ଟ୍ରଫି ଖେଳାଯିବ। ଏହି ଜାତୀୟ ଚାମ୍ପିୟନଶିପ୍ ନିମନ୍ତେ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ କଟକରେ ଆସନ୍ତା ୨୬ରୁ ରାଜ୍ୟ ଦଳର ଚୟନ ଓ ପ୍ରସ୍ତୁତି ଶିବିର ଅନୁଷ୍ଠିତ ହେବ। ଶିବିରରେ ଯୋଗ ଦେବାକୁ ଇଚ୍ଛୁକ ଖେଳାଳିମାନଙ୍କ ଜନ୍ମ ୨୦୦୨ ମସିହା ଜାନୁୟାରୀ ୧ ତାରିଖରୁ ୨୦୦୩ ମସିହା ଡିସେମ୍ବର ୩୧ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ। ପ୍ରତ୍ୟେକ ଖେଳାଳି ପ୍ରକୃତ ଜନ୍ମ ପ୍ରମାଣ ପତ୍ର ନେଇ ଶିବିରରେ ଯୋଗ ଦେବାକୁ ଫାଓ ପକ୍ଷରୁ ସୂଚନା ଦିଆଯାଇଛି।

# ଟାଇରେ ଶେଷ ହେଲା ଦ୍ୱିତୀୟ ଦିନିକିଆ

**ବିଶାଖାପାଟଣା,୨୪।୧୦(ପି.ଟି.)**
ଭାରତ ଓ ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ଦିନିକିଆ ମ୍ୟାଚ୍ ରୋମାଞ୍ଚକ ଢଙ୍ଗରେ ଟାଇ ହୋଇଛି। ଅନ୍ତିମ ଓଭରରେ ୱେଷ୍ଟଇଣ୍ଡିଜ ବିଜୟ ପାଇଁ ୧୪ ରନ ଆବଶ୍ୟକ କରୁଥିଲା। ତେବେ ଉମେଶ ଯାଦବଙ୍କ ଏହି ନିର୍ଣ୍ଣାୟକ ଓଭରରେ ୱେଷ୍ଟଇଣ୍ଡିଜ ଆବଶ୍ୟକ ରନ ସଂଗ୍ରହ କରିପାରି ନ ଥିଲା। ବୁଧବାର ସ୍ଥାନୀୟ ୱାଇ.ଏସ୍. ରାଜଶେଖର ଷ୍ଟାଡିୟମରେ ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ଅଧିନାୟକ ବିରାଟ କୋହଲିଙ୍କ ଅପରାଜିତ ୧୫୭ ରନର ଶତକୀୟ ପାଳି ବଳରେ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ୩୨୧ ରନ ସଂଗ୍ରହ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୭ ଉଇକେଟ ହରାଇ ୩୨୧ ରନରେ ସୀମିତ ରହିବା ଫଳରେ ମ୍ୟାଚ୍ ଟାଇ ହୋଇଥିଲା। ଏଥି ସହିତ ୫ ମ୍ୟାଚ୍ ବିଶିଷ୍ଟ ଏହି ଦିନିକିଆ ସିରିଜରେ ଭାରତ ତା’ର ୧–୦ ଅଗ୍ରଣୀକୁ ବଜାୟ ରଖିଛି। କୋହଲି ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।
୩୨୨ ରନ ବିଜୟ ଲକ୍ଷ୍ୟର ପିଛା କରି ୱେଷ୍ଟଇଣ୍ଡିଜ ବେଶ୍ ଲଢୁଆ ଖେଳ ପ୍ରଦର୍ଶନ କରିଥିଲା। ଉଇକେଟ କିପର ବ୍ୟାଟ୍ସମ୍ୟାନ ସାଇ ହୋପ୍ ୧୩୪ଟି ବଲ ଖେଳି ୧୦ ଚୌକା ଓ ୩ ଛକା ସହ ୧୨୩ ରନ କରି ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ସେହିପରି ଶିମରନ ହେଟମେୟର ୬୪ଟି ବଲ ଖେଳି ୪ ଚୌକା ଓ ୭ ଛକା ସହ ଦ୍ରୁତ ୯୪ ରନ ସଂଗ୍ରହ କରି ଦଳର ସ୍ଥିତି ଦୃଢ଼ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚନ୍ଦରପଲ ହେମରାଜ ୩୨, କିରନ ପାୱେଲ ୧୮, ମାର୍ଲନ ସାମୁଏଲ୍ସ ୧୩, ରୋଭମାନ ପାୱେଲ ୧୮, ଅଧିନାୟକ ଜାସନ ହୋଲ୍ଡର ୧୨ ଓ ଆଶଲେ ନର୍ସ ୫ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଭାରତ ତରଫରୁ କୁଲଦୀପ ଯାଦବ ୩, ମହମ୍ମଦ ସାମି, ଉମେଶ ଯାଦବ ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।
ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ଆରମ୍ଭରୁ ଇନ୍‌ଫର୍ମ ଓପନର ରୋହିତ୍ ଶର୍ମାଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ମାତ୍ର ୪ ରନ କରି ରୋହିତ କେମର ରୋଚ୍‌ଙ୍କ ବଲରେ ହେଟମେୟରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ଶିଖର ଧାୱନ ୨୯ ରନ କରିଥିବା ବେଳେ ଆଶଲେ ନର୍ସଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇ ଆଉଟ ହୋଇଥିଲେ। ତେବେ ତୃତୀୟ ଉଇକେଟ ଯୋଡିରେ କୋହଲି ଓ ଅମ୍ବାତି ରାୟୁଡୁ ୧୩୯ ରନ କରି ସ୍ଥିତି ସମ୍ଭାଳିବା ସହ ଦଳର ସ୍କୋରକୁ ତ୍ୱରିତ କରିଥିଲେ। ରାୟୁଡୁ ୮୦ ବଲରୁ ୮ ଚୌକା ସହ ୭୩ ରନ କରିଥିବା ବେଳେ ନର୍ସଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ ଖରାପ୍ ଫର୍ମ ଦେଇ ଗତିକରୁଥିବା ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀ ମାତ୍ର ୨୦ ରନ କରି ଓବେଡ ମ୍ୟାକକୋଏଙ୍କ ବଲରେ କ୍ଲିନ ବୋଲ୍ଡ ହୋଇଥିଲେ। ଯୁବ ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୩ଟି ବଲ ଖେଳି ଦୁଇଟି ଛକା ସହ ଦ୍ରୁତ ୧୭ ରନକରି ମାର୍ଲନ ସାମୁଏଲ୍ସଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଥିଲେ। ସେହିପରି ରବୀନ୍ଦ୍ର ଜାଡେଜା ୧୩ ରନ କରିଥିବା ବେଳେ ମ୍ୟାକକୋଏଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ନର୍ସ ଓ ମ୍ୟାକକୋଏ ଦୁଇଟି ଲେଖାଏ, ରୋଚ୍ ଓ ସାମୁଏଲ୍ସ ଗୋଟିଏ କରି ଉଇକେଟ ହାସଲ କରିଥିଲେ।

**ସଂକ୍ଷିପ୍ତ ସ୍କୋର**
- ଭାରତ ୫୦ ଓଭରରେ ୩୨୧/୬ (କୋହଲି- ୧୫୭*, ରାୟୁଡୁ- ୭୩, ଧାୱନ- ୨୯, ଧୋନୀ- ୨୦, ନର୍ସ- ୨/୪୬, ମ୍ୟାକକୋଏ- ୨/୭୧)।
- ୱେଷ୍ଟଇଣ୍ଡିଜ୍ ୫୦ ଓଭରରେ ୩୨୧/୭ (ହୋପ- ୧୨୩*, ହେଟମେୟର- ୯୪, କୁଲଦୀପ- ୩/୬୭)।



ଅମ୍ବାତି ରାୟୁଡୁ ଓ ବିରାଟ କୋହଲି।

### କୋହଲିଙ୍କ ଦ୍ରୁତତମ ୧୦,୦୦୦ ରନ

- ଭାରତୀୟ ଅଧିନାୟକ ବିରାଟ କୋହଲି ଆଧୁନିକ କ୍ରିକେଟରେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ବୋଲି ପୁଣି ଥରେ ପ୍ରମାଣିତ କରିଛନ୍ତି। ରନ ମେଶିନ କୋହଲି ବ୍ୟାଟିଂରେ ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ସେ ଆନ୍ତର୍ଜାତିକ ଦିନିକିଆରେ ୧୦,୦୦୦ ରନ କରିବାରେ ଦ୍ରୁତତମ ବ୍ୟାଟ୍ସମ୍ୟାନ ସାବ୍ୟସ୍ତ ହୋଇଛନ୍ତି। ଏହି କ୍ରମରେ ସେ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଛନ୍ତି। ଏହି ମାଇଲଖୁଣ୍ଟ ଅତିକ୍ରମ କରିବାକୁ କୋହଲି ଆଉ ୮୧ ରନ ଆବଶ୍ୟକ କରୁଥିଲେ। ବୁଧବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ କୋହଲି ୧୨୯ଟି ବଲର ସମ୍ମୁଖୀନ ହୋଇ ୧୩ ଚୌକା ଓ ୪ ଛକା ସହ ୧୫୭ରନର ଅପରାଜିତ ଶତକୀୟ ପାଳି ଖେଳିଥିଲେ। ଏହି କ୍ରମରେ ସେ ୩୭ତମ ଦିନିକିଆ ଶତକ ହାସଲ କରିଛନ୍ତି। ସଚିନ ୨୫୯ଟି ଇନିଂସରେ ଦଶହଜାର ରନ ପୂରଣ କରିଥିବା ବେଳେ କୋହଲି ମାତ୍ର ୨୦୫ ଇନିଂସରେ ଏହି ସଫଳତା ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ଅବଶ୍ୟ ୪୪ ରନ କରିଥିବା ବେଳେ କୋହଲି ଏକ ଜୀବନଦାନ ପାଇଥିଲେ। ୱେଷ୍ଟଇଣ୍ଡିଜ ଅଧିନାୟକ ଜାସନ ହୋଲ୍ଡର କୋହଲିଙ୍କ କ୍ୟାଚ୍ ହାତଛଡ଼ା କରିଥିଲେ। ୨୯ ବର୍ଷୀୟ କୋହଲି ୧୩ତମ ବ୍ୟାଟ୍ସମ୍ୟାନ ଭାବେ ଏହି ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଏହି କ୍ରମରେ ସେ ଏକାଧିକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି।
- ପଦାର୍ପଣ କରିବାର ୩୨୭୦ ଦିନରେ ସେ ଦଶହଜାର ରନ ପୂରଣ କରିଛନ୍ତି। ତେବେ ରାହୁଲ ଦ୍ରାବିଡ ପଦାର୍ପଣ କରିବାର ୩୯୬୯ ଦିନରେ ଏହି ସଫଳତା ଅର୍ଜନ କରିଥିଲେ। କୋହଲି ଏଥିପାଇଁ ୧୦,୮୧୩ଟି ବଲର ସମ୍ମୁଖୀନ ହୋଇଥିଲେ। ତେବେ ଶ୍ରୀଲଙ୍କାର ସନତ ଜୟସୂରିୟା ୧୧,୨୯୬ଟି ବଲ ଆବଶ୍ୟକ କରିଥିଲେ। ପୁଣି ଏହି ମାଇଲଖୁଣ୍ଟ ଅତିକ୍ରମ କରିବାରେ କୋହଲିଙ୍କ ଆଭରେଜ ବା ହାରାହାରି ରନ ସଂଗ୍ରହ ସର୍ବାଧିକ ୫୯.୧୭ ରହିଛି। ତେବେ ମହେନ୍ଦ୍ର ସିଂ ଧୋନୀ ଆଭରେଜ ୫୧.୩୦ ରହିଛି।
- ପୁଣି ଗୋଟିଏ କ୍ୟାଲେଣ୍ଡର ବର୍ଷରେ କୋହଲି ଏକ ହଜାର ରନ ସଂଗ୍ରହ କରିବାରେ ସବୁଠାରୁ କମ୍ ଇନିଂସ ଖେଳିଛନ୍ତି। ୨୦୧୮ରେ ସେ ମାତ୍ର ୧୧ଟି ଇନିଂସ ଖେଳି ୧୦୦୦ ରନ ସଂଗ୍ରହ କରିଥିଲେ। ସେହିପରି ୨୦୧୦ରେ ଦକ୍ଷିଣ ଆଫ୍ରିକାର ହାସିମ ଆମଲା ୧୫ଟି ଇନିଂସରେ ଏକ ହଜାର ରନ ସଂଗ୍ରହ କରିଥିଲେ। ୨୦୧୨ରେ କୋହଲି ୧୫ଟି ଇନିଂସରୁ ଏକ ହଜାର ରନ ସଂଗ୍ରହ କରିଥିଲେ। ସେହିପରି ୧୯୮୩ରେ ଇଂଲଣ୍ଡର ହେଭିଡ ଗୱର, ୨୦୧୧ରେ ସେନ୍ ୱାଟସନ, ୨୦୧୩ରେ କୁମାର ସଙ୍ଗେକାରା ଓ ୨୦୧୫ରେ ଏବି ଡିଭିଲିୟର୍ସ ୧୭ଟି ଲେଖାଏ ଇନିଂସ ଖେଳି ଏକ ହଜାର ରନ ପୂରଣ କରିଥିଲେ।
- ପୁଣି କୋହଲି ୱେଷ୍ଟଇଣ୍ଡିଜ ବିପକ୍ଷରେ ସର୍ବାଧିକ ଦିନିକିଆ ଶତକ ଅର୍ଜନ କରିଛନ୍ତି। କୋହଲି ଏଥି ସହିତ ୱେଷ୍ଟଇଣ୍ଡିଜ ବିପକ୍ଷରେ ୬ଟି ଶତକ ହାସଲ କରିଛନ୍ତି। ଏହାପୂର୍ବରୁ ହର୍ଶେଲ ଗିବ୍ସ, ହାସିମ ଅମଲା, ଡିଭିଲର୍ସ ୫ ଶତକ ମାରିଛନ୍ତି। ତେବେ ସଚିନ, ଜ୍ୟାକ କାଲିସ୍, ବାବର ଆଜମ ୱେଷ୍ଟଇଣ୍ଡିଜ ବିପକ୍ଷରେ ୪ଟି ଶତକ ଅର୍ଜନ କରିଛନ୍ତି।
- ପ୍ରଥମ ଏକ ହଜାର ରନ କରିବାରେ କୋହଲି ୨୪ଟି ଇନିଂସ ଖେଳିଥିଲେ। ସେହିପରି ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ, ଷଷ୍ଠ, ସପ୍ତମ, ଅଷ୍ଟମ, ନବମ ଓ ଦଶମ ହଜାର ରନ ପୂରଣ କରିବାରେ କୋହଲି ୫୩, ୭୫, ୯୩, ୧୧୪, ୧୩୬, ୧୬୧, ୧୭୫, ୧୯୪ ଓ ୨୦୫ଟି ଇନିଂସ ଖେଳିଛନ୍ତି।
- ୱେଷ୍ଟଇଣ୍ଡିଜ ବିପକ୍ଷରେ ସର୍ବାଧିକ ରନ ସଂଗ୍ରହ ତାଲିକାରେ କୋହଲି ଦ୍ୱିତୀୟ ସ୍ଥାନରେ ରହିବେ। କୋହଲି ବୁଧବାର ଅପରାଜିତ ୧୫୭ ରନର ଶତକୀୟ ପାଳି ଖେଳି ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ବୀରେନ୍ଦ୍ର ସେହ୍ୱାଗ ୨୦୧୧ ଇନ୍ଦୋରରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨୧୯ ରନର ଦ୍ୱିଶତକୀୟ ପାଳି ଖେଳି ଶୀର୍ଷରେ ରହିଛନ୍ତି। ସେହିପରି ରୋହିତ୍ ଶର୍ମା ୨୦୧୮ରେ ଗୁଆହାଟୀରେ ୧୫୨ ରନର ଶତକୀୟ ପାଳି ଖେଳି ତୃତୀୟ ସ୍ଥାନରେ ରହିଛନ୍ତି। ସେହିପରି ୨୦୦୬ରେ ସଚିନ ସିଙ୍ଗାପୁରରେ ଅପରାଜିତ ୧୪୧ ରନର ପାଳି ଖେଳି ଚତୁର୍ଥ ସ୍ଥାନରେ ରହିଥିଲେ। ପୁଣି ଏହି ସିରିଜର ପ୍ରଥମ ଦିନିକିଆରେ କୋହଲି ଗୁଆହାଟୀରେ ୧୪୦ରନର ପଞ୍ଚମ ସ୍ଥାନରେ ରହିଛନ୍ତି। ୩୦ ବର୍ଷରେ ପଦାର୍ପଣ କରିବା ପୂର୍ବରୁ ଦଶ ହଜାର ରନ ପୂରଣ କରି ସେ ଆଉ ଏକ ଭିନ୍ନ ଧରଣର ସଫଳତା ହାସଲ କରିଛନ୍ତି।



ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅଫିସିଆଲ, ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ଏବଂ ହକି ଇଣ୍ଡିଆର କର୍ମକର୍ତ୍ତା ବୁଧବାର ଷ୍ଟାଡିୟମ ଅନୁଧ୍ୟାନ କରିଛନ୍ତି।

## ଓଡ଼ିଶା–ନ୍ୟୁ ସାଉଥ ୱେଲ୍ସ ପ୍ରଦର୍ଶନୀ ହକି ମ୍ୟାଚ

**ଭୁବନେଶ୍ୱର, ୨୪।୧୦(କ୍ରୀଡ଼ା ପ୍ରତିନିଧି)**
ହକି ବିଶ୍ୱକପ ପୂର୍ବରୁ ହକିର ଅନ୍ତୁଡ଼ିଶାଳ କୁହା ଯାଉଥିବା ସୁନ୍ଦରଗଡ଼ରେ ଏକ ପ୍ରମୋଶନାଲ ଅନ୍ତର୍ଜାତୀୟ ସ୍ତରୀୟ ହକି ମ୍ୟାଚ ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଏକାଦଶ ଓ ଅଷ୍ଟ୍ରେଲିଆର ନ୍ୟୁ ସାଉଥ୍ ୱେଲ୍ସ (ଏନଏସଡବଲ୍ୟୁ) ମଧ୍ୟରେ ଏହି ପ୍ରଦର୍ଶନୀ ମ୍ୟାଚ ଆୟୋଜନ କରାଯାଉଛି। କ୍ରୀଡ଼ା ବିନିମୟ କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ମ୍ୟାଚ ନଭେମ୍ବର ୪ରେ ରାଉରକେଲାର ସ୍କେଟ–୫ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରଦର୍ଶନୀ ମ୍ୟାଚର ସଫଳ ଆୟୋଜନ ପାଇଁ ଜାତୀୟ ହକି ଅମ୍ପାୟର ନିଶାନ ଜ୍ୟୋତି ମହାନ୍ତିଙ୍କୁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ମ୍ୟାଚର ସଫଳ ଆୟୋଜନ ପାଇଁ ପୂର୍ବତନ ଭାରତୀୟ ହକି ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ, ରାଉରକେଲା ମ୍ୟୁନିଶପାଲ କର୍ପୋରେଶନ(ଆରଏମସି)ର କର୍ମକର୍ତ୍ତା, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ଅଫିସିଆଲ, ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ଏବଂ ହକି ଇଣ୍ଡିଆର କର୍ମକର୍ତ୍ତା ବୁଧବାର ଷ୍ଟାଡିୟମ ଅନୁଧ୍ୟାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମ୍ୟାଚକୁ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ମ୍ୟାଚ୍‌ରେ ଓଡ଼ିଶାର ଶୀର୍ଷସ୍ଥାନୀୟ ଖେଳାଳିମାନେ ଅଂଶଗ୍ରହଣ କରିବେ। ସୁନ୍ଦରଗଡ଼ ଜିଲ୍ଲା ଗ୍ରାମାଞ୍ଚଳର ପିଲାମାନଙ୍କୁ ଏହି ମ୍ୟାଚ ଉପଭୋଗ କରିବା ପାଇଁ ଆମନ୍ତ୍ରଣ କରାଯାଇଛି। ଷ୍ଟାଡିୟମ ନଭେମ୍ବର ୧ ସୁଦ୍ଧା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯିବ। ଖେଳାଳିମାନେ ୨ ତାରିଖ ସନ୍ଧ୍ୟାରେ ପହଞ୍ଚିବା ଆଶା କରାଯାଉଛି। ୩ ତାରିଖରେ ଅଭ୍ୟାସ ମ୍ୟାଚ ଏବଂ ୪ ତାରିଖରେ ପ୍ରଦର୍ଶନୀ ମ୍ୟାଚ ଖେଳିବେ। ୫ ତାରିଖରେ ଖେଳାଳିମାନେ ଭୁବନେଶ୍ୱର ଫେରିବା କାର୍ଯ୍ୟକ୍ରମ ରହିଛି।

## ନେଦରଲାଣ୍ଡ୍ସକୁ ଟାଇଟଲ






ପ୍ରଥମ ସଂସ୍କରଣର ମାତ୍ର ୨ ବର୍ଷ ପରେ ଆୟୋଜନ ହୋଇଥିଲା ଦ୍ୱିତୀୟ ହକି ବିଶ୍ୱକପ୍। ୧୯୭୩ରେ ନେଦରଲାଣ୍ଡ୍ସର ଆମଷ୍ଟିଲଭିନ୍ ସହରର ୱାଗନେର ଷ୍ଟାଡିୟମରେ ଏହି ମେଗା ଇଭେଣ୍ଟ ଖେଳାଯାଇଥିଲା। ଅଗଷ୍ଟ ୨୪ ତାରିଖରୁ ଆରମ୍ଭ ହୋଇ ଏହି ବିଶ୍ୱକପ୍ ସେପ୍ଟେମ୍ବର ୨ ତାରିଖରେ ଶେଷ ହୋଇଥିଲା। ଏହି ବିଶ୍ୱକପ୍‌ରେ ଭାରତ ବେଶ୍ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ଚାମ୍ପିୟନ ହେବାରୁ ଅଳ୍ପକେ ବଞ୍ଚିତ ହୋଇଥିଲା। ଚମତ୍କାର ଖେଳ ପ୍ରଦର୍ଶନ କରି ଭାରତ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲରେ ଭାରତ ଓ ଆୟୋଜକ ନେଦରଲାଣ୍ଡ୍ସ ପରସ୍ପରକୁ ଭେଟିଥିଲେ। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୨–୨ ଗୋଲରେ ଅମୀମାଂସିତ ରହିଥିଲା। ତେବେ ପେନାଲ୍ଟି ଷ୍ଟ୍ରୋକ ଜରିଆରେ ଭାରତକୁ ୪–୨ ଗୋଲରେ ପରାସ୍ତ କରି ନେଦରଲାଣ୍ଡ୍ସ ଚାମ୍ପିୟନ ହୋଇଥିଲା। ମୋଟ ଉପରେ ନେଦରଲାଣ୍ଡ୍ସ ୩ଥର ବିଶ୍ୱକପ୍ ଜିତିଛି। ତେବେ ଏହି ସଂସ୍କରଣରେ ନେଦରଲାଣ୍ଡ୍ସ ପ୍ରଥମ ଟାଇଟଲ ଜିତି ଖାତା ଖୋଲିଥିଲା। ସେହିପରି ପାକିସ୍ତାନକୁ ୧–୦ ଗୋଲରେ ପରାସ୍ତ କରି ପଶ୍ଚିମ ଜର୍ମାନୀ ତୃତୀୟ ସ୍ଥାନ ଅଧିକାର କରିଥିଲା।

ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୧–୦ ଗୋଲରେ ସେମିଫାଇନାଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ସେହିପରି ଅନ୍ୟ ଏକ ସେମିଫାଇନାଲରେ ନେଦରଲାଣ୍ଡ୍ସ ପେନାଲ୍ଟି ଜରିଆରେ ପଶ୍ଚିମ ଜର୍ମାନୀକୁ ପରାସ୍ତ କରି ଫାଇନାଲ ଟିକେଟ ହାସଲ କରିଥିଲା। ଫାଇନାଲ ର୍‍ୟାଙ୍କିଙ୍ଗ୍‌ରେ ପ୍ରଥମ ୩ଟି ଦଳକୁ ବାଦ୍ ଦେଲେ ପାକିସ୍ତାନ ଚତୁର୍ଥ, ସ୍ପେନ୍ ପଞ୍ଚମ, ଇଂଲଣ୍ଡ ଷଷ୍ଠ, ନ୍ୟୁଜିଲାଣ୍ଡ ସପ୍ତମ, ବେଲଜିୟମ ଅଷ୍ଟମ, ଆର୍ଜେଣ୍ଟିନା ନବମ, ଜାପାନ ଦଶମ, ମାଲେସିଆ ଏକାଦଶ ଓ କେନିୟା ଦ୍ୱାଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ।

ଟୁର୍ନାମେଣ୍ଟରେ ମୋଟ ଉପରେ ୪୨ଟି ମ୍ୟାଚ୍ ଖେଳାଯାଇଥିଲା। ଟୁର୍ନାମେଣ୍ଟର ମୋଟ୍ ଗୋଲ ସଂଖ୍ୟା ଥିଲା ୧୨୪। ମ୍ୟାଚ୍ ପ୍ରତି ହାରାହାରି ଗୋଲ ସଂଖ୍ୟା ଥିଲା ୨.୯୫ ବା ପାଖାପାଖି ୩। ନେଦରଲାଣ୍ଡ୍ସ ତାରକା ଖେଳାଳି ଟିଏସ୍ କ୍ରୁଇଜ୍ ଟୁର୍ନାମେଣ୍ଟରେ ସର୍ବାଧିକ ୧୧ଟି ଗୋଲ ଦେଇ ସଫଳତମ ଖେଳାଳି ସାବ୍ୟସ୍ତ ହୋଇଥିଲେ।

ପୁଲ୍ ଏ’ରେ ଅନ୍ୟ ୫ଟି ଦଳ ସହ ଭାରତ ସାମିଲ ରହିଥିଲା। ଭାରତ ସମେତେ ଏହି ପୁଲ୍‌ରେ ପଶ୍ଚିମ ଜର୍ମାନୀ, ସ୍ପେନ୍, ନ୍ୟୁଜିଲାଣ୍ଡ, କେନିୟା ଓ ଜାପାନ ସାମିଲ ରହିଥିଲେ। ପୁଲ ପର୍ଯ୍ୟାୟରେ ଭାରତ ମୋଟ ଉପରେ ୫ଟି ମ୍ୟାଚ୍ ଖେଳିଥିଲା। ଏଥି ମଧ୍ୟରୁ ୩ଟି ମ୍ୟାଚ୍‌ରେ ଦମ୍‌ଦାରରେ ବିଜୟ ହାସଲ କରିଥିଲେ ମଧ୍ୟ ଅନ୍ୟ ୨ଟି ମ୍ୟାଚ୍‌କୁ ଅମୀମାଂସିତ ରଖିଥିଲା। ପ୍ରଥମ ମ୍ୟାଚ୍‌ରେ ଭାରତ ୫–୦ ଗୋଲରେ ଜାପାନକୁ ପରାସ୍ତ କରିଥିଲା। ସେହିପରି ପଶ୍ଚିମ ଜର୍ମାନୀ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌କୁ ଭାରତ ୦–୦ ଗୋଲରେ ଅମୀମାଂସିତ ରଖିଥିଲା। ତୃତୀୟ ମ୍ୟାଚ୍‌ରେ ୪–୦ ଗୋଲରେ ଭାରତ କେନିୟାକୁ ହରାଇଥିଲା। ଏହାପରେ ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ମ୍ୟାଚ୍‌କୁ ଭାରତ ୧–୧ ଗୋଲରେ ଅମୀମାଂସିତ ରଖିଥିଲା। ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତ ୨–୦ ଗୋଲରେ ସ୍ପେନ୍‌କୁ ହରାଇଥିଲା। ତେବେ ପୁଲ ଏ’ରେ ପଶ୍ଚିମ ଜର୍ମାନୀ ସଫଳତମ ଦଳ ସାବ୍ୟସ୍ତ ହୋଇଥିଲା। ମୋଟ୍ ୫ଟି ମ୍ୟାଚ୍ ଖେଳି ୪ଟି ବିଜୟ ଓ ଗୋଟିଏ ଡ୍ର’ ସହ ପଶ୍ଚିମ ଜର୍ମାନୀ ୧୩ ପଏଣ୍ଟ ହାସଲ କରି ଶୀର୍ଷ ସ୍ଥାନରେ ରହିଥିଲା। ଅନ୍ୟପଟେ ଭାରତ ୧୧ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା।

ଅପରପକ୍ଷରେ ପୁଲ୍ ବି’ରେ ପାକିସ୍ତାନ ସଫଳତମ ଦଳ ସାବ୍ୟସ୍ତ ହୋଇଥିଲା। ପାକିସ୍ତାନ ୫ଟି ମ୍ୟାଚ୍ ଖେଳି ୪ ବିଜୟ ଓ ଗୋଟିଏ ଡ୍ର ସହ ମୋଟ୍ ୧୩ ପଏଣ୍ଟ ପାଇ ଶୀର୍ଷରେ ରହିଥିଲା। ସେହିପରି ନେଦରଲାଣ୍ଡ୍ସ ୫ଟି ମ୍ୟାଚ୍ ଖେଳି ୩ଟି ବିଜୟ ଓ ଗୋଟିଏ ଡ୍ର ସହ ମୋଟ ୧୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ପୁଲ ପର୍ଯ୍ୟାୟରେ ପାକିସ୍ତାନ ସର୍ବାଧିକ ୧୬ଟି ଗୋଲ ସ୍କୋର କରିଥିଲା। ଏହାପରେ ନ୍ୟୁଜିଲାଣ୍ଡ ୧୩ ଓ ଭାରତ ୧୨ଟି ଗୋଲ ଦେଇଥିଲା।

ଭାରତ ଓ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ଉଚ୍ଚକୋଟୀର ଥିଲା। ଏହି ମ୍ୟାଚ୍‌ରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଅତିରିକ୍ତ ସମୟ ସହିତ ମୋଟ ୭୦ ମିନିଟ ଖେଳ ହୋଇଥିଲେ ମଧ୍ୟ ଗୋଟିଏ ହେଲେ ବି ଗୋଲ ସ୍କୋର କରାଯାଇପାରି ନ ଥିଲା। ତେବେ ପେନାଲ୍ଟି ଶୁଟ୍ ଆଉଟ୍‌ରେ ଭାରତ ପରାସ୍ତ ହୋଇଥିଲା ଓ ଟାଇଟଲ ହାସଲରୁ ବଞ୍ଚିତ ହୋଇଥିଲା। ହଲାଣ୍ଡ ଗୋଲକିପର ମାର୍ଟିନ ସିକ୍କିଙ୍ଗ୍ସ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଦଳକୁ ଚାମ୍ପିୟନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସିକ୍କିଙ୍ଗ୍ସଙ୍କ ପ୍ରଦର୍ଶନ ବଳରେ ହଲାଣ୍ଡ ଚାମ୍ପିୟନ ହୋଇଥିଲା। ଏହି ବିଶ୍ୱକପ୍‌ରେ ମାଲେସିଆ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ ଓ ବେଲଜିୟମ ପଦାର୍ପଣ କରିଥିଲେ। ଏହି ବିଶ୍ୱକପ୍‌ରୁ ଏସୀୟ ଦଳମାନଙ୍କ ପତନ ଓ ୟୁରୋପୀୟ ଦଳଗୁଡିକର ଉତ୍ଥାନ ପରିଲକ୍ଷିତ ହୋଇଥିଲା।

ଭାରତୀୟ ଦଳର ନେତୃତ୍ୱ ନେଇଥିଲେ ଏମ୍.ପି. ଗଣେଶ। ଦଳର ମ୍ୟାନେଜର ଥିଲେ ଆର.ଏସ୍. ଜେଣ୍ଟଲ। ଦୁଇଜଣ କୋଚ୍ ବାଲକିଶେନ ସିଂ ଓ ଜଗମୋହନ ସିଂଙ୍କ ତତ୍ତ୍ୱାବଧାନରେ ଭାରତ ବିଶ୍ୱକପ୍ ଖେଳିଥିଲା।

**ଭାରତୀୟ ଦଳ:** ଏମ୍.ପି. ଗଣେଶ (ଅଧିନାୟକ), ସେଡ୍ରିକ୍ ପେରେଇରା, ଚାର୍ଲ୍ସ କର୍ନେଲିୟସ୍, ବଳଦେବ ସିଂ, ସୁର୍ଜିତ ସିଂ, ମାଇକେଲ କିଣ୍ଡୋ, ବୀରେନ୍ଦ୍ର ସିଂ, ଅଜିତ୍‌ପାଲ ସିଂ, ହର୍ମିକ ସିଂ, ଭି. ଭାସ୍କରନ୍, ଅଶୋକ କୁମାର, ବି.ପି. ଗୋବିନ୍ଦା, ଭି.ଜେ. ଫିଲିପ୍ସ, ଅଜିତ ସିଂ, ହରଚରଣ ସିଂ ଓ ଚାନ୍ଦ ସିଂ।

## ସଂକ୍ଷେପରେ

### ଋଷିକୁଲ୍ୟାରେ ଭାସିଯାଇ ୨ ଭାଇ ନିଖୋଜ

**ପୁରୁଷୋତ୍ତମପୁର,୨୪।୧୦ (ଡି.ଏନ୍.ଏ.)** – ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଭୀମପୁର ଗ୍ରାମରେ ବୁଧବାର ଋଷିକୁଲ୍ୟା ନଦୀରେ ଗାଧୋଉଥିବାବେଳେ ୨ ଭାଇ ଭାସି ଯାଇଛନ୍ତି। ସେମାନେ ହେଲେ ଗୌତମ ପ୍ରଧାନଙ୍କ ପୁଅ ସଂଗ୍ରାମ(୧୬) ଓ ଶୁଭମ୍(୧୩)। ପୂର୍ବାହ୍ନ ପ୍ରାୟ ୧୦ଟାରେ ଏହି ଘଟଣା ଘଟିଥିଲା। ଦମକଳ ବାହିନୀ ଓ ଗ୍ରାମବାସୀ ପହଞ୍ଚି ବହୁ ଖୋଜାଖୋଜି କରିଥିଲେ। ହେଲେ ସନ୍ଧ୍ୟା ସୁଦ୍ଧା ୨ ଭାଇଙ୍କ କୌଣସି ପତ୍ତା ମିଳିନାହିଁ। ସଂଗ୍ରାମ ତାରାତାରିଣୀ କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷରେ ପଢୁଥିବାବେଳେ ଶୁଭମ ଅଷ୍ଟମ ଶ୍ରେଣୀ ଛାତ୍ର। ଦୁହେଁ ବୁଧବାର ସକାଳ ପ୍ରାୟ ୧୦ଟାରେ ସାଙ୍ଗମାନଙ୍କ ସହ ଗ୍ରାମ ନିକଟ ଋଷିକୁଲ୍ୟା ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରେ ସାନଭାଇ ଶୁଭମଙ୍କର ଗୋଡ଼ ଖସି ଯିବାରୁ ସେ ପାଣି ସୁଅରେ ଭାସି ଯାଇଥିଲେ। ଏହାଦେଖି ସଂଗ୍ରାମ ତାଙ୍କୁ ଉଦ୍ଧାର କରିବାକୁ ନଈକୁ ଲମ୍ଫ ଦେଇଥିଲେ। ମାତ୍ର ସେ ମଧ୍ୟ ଭାସିଯାଇଥିଲେ। ଅନ୍ୟ ପିଲାମାନେ ଆସି ଗ୍ରାମବାସୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ଗ୍ରାମବାସୀ ଓ ପୁରୁଷୋତ୍ତମପୁର ଦମକଳ ବାହିନୀ ପହଞ୍ଚି ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ ୨ ଭାଇଙ୍କର ପତ୍ତା ପାଇ ନ ଥିଲେ। ପୁଅ ଭାସିଯିବା ଖବର ଶୁଣି ବାପା-ମା'ଙ୍କ ଅବସ୍ଥା ଗୁରୁତର ହୋଇପଡିଛି। ଉଭୟଙ୍କୁ ପୁରୁଷୋତ୍ତମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ସୁଦ୍ଧା ୨ ଭାଇଙ୍କୁ ଉଦ୍ଧାର କରାଯାଇପାରିନାହିଁ।

■ ବିମାନସେବା ଦାବିରେ ବିଧାୟକଙ୍କ ଅନଶନ

# ସାମାଜିକ ସଙ୍ଗଠନର ସମର୍ଥନ ମିଳିଲା

**ଝାରସୁଗୁଡ଼ା ଅଫିସ,୨୪।୧୦**

ଝାରସୁଗୁଡ଼ା ବିମାନବନ୍ଦରରୁ ଉଡାନ୍ ଯୋଜନାରେ ବିମାନସେବାକୁ ନିୟମିତ କରିବା, ସେଠାରୁ ପୂର୍ଣ୍ଣାଙ୍ଗ ଏବଂ ବାଣିଜ୍ୟିକ ବିମାନସେବା ଆରମ୍ଭ କରିବା ଦାବିରେ ବିଧାୟକ ନବ କିଶୋର ଦାସଙ୍କ ନେତୃତ୍ୱରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଅନଶନ ବୁଧବାର ଦ୍ୱିତୀୟ ଦିନରେ ଶେଷ ହୋଇଛି। ବୁଧବାର ବରିଷ୍ଠ ନାଗରିକ ସଂଘ, ଝାରସୁଗୁଡ଼ା ବାର ଆସୋସିଏଶନ୍, ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍, ବୀର ସୁରେନ୍ଦ୍ର ସାଏ ସାଂସ୍କୃତିକ ସଙ୍ଗଠନ, ସଙ୍ଗିନୀ ପ୍ରମୁଖ ସଙ୍ଗଠନ ବିଧାୟକଙ୍କୁ ସମର୍ଥନ ଜଣାଇ ଅନଶନ ସ୍ଥଳରେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଏୟାର ଓଡ଼ିଶାର ମନମୁଖୀ ବିମାନସେବାକୁ ସମସ୍ତେ ନିନ୍ଦା କରିବା ସହ ଏହି ସଂସ୍ଥାକୁ ଝାରସୁଗୁଡ଼ାରୁ ହଟାଇବାକୁ ଦାବି କରିଥିଲେ।

ସେପ୍ଟେମ୍ବର ୨୨ ତାରିଖରେ ପ୍ରଧାନମନ୍ତ୍ରୀ ଝାରସୁଗୁଡ଼ା ବିମାନବନ୍ଦରର ଉଦ୍‌ଘାଟନ କରିଥିଲେ। ହେଲେ ବହୁ ଆଡମ୍ବରେ ଲଘୁକ୍ରିୟା ଭଳି ଦିନ କେଇଟାରେ ବିମାନ ଉଡାଣ ବନ୍ଦ ହୋଇଯାଇଛି। ସେହିପରି ଖୋଦ୍ ପ୍ରଧାନମନ୍ତ୍ରୀ ବିମାନବନ୍ଦରର ନାମ ବୀର ସୁରେନ୍ଦ୍ର ସାଏ ବୋଲି ଘୋଷଣା କରିଥିଲେ ମଧ୍ୟ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ଏଯାଏଁ ପାଦେ ଆଗେଇ ନ ଥିବା ବିଧାୟକ ଅଭିଯୋଗ କରିଛନ୍ତି। ଗତ ୧୭ ଦିନ ହେବ ଉଡାନ୍ ବନ୍ଦ କରି ପଶ୍ଚିମ ଓଡ଼ିଶାବାସୀଙ୍କୁ ନୂଆଁଖାଇ ଉପହାର ବଦଳରେ ଠକିବାର ପ୍ରୟାସ କରାଯାଉଛି ବୋଲି ସେ ଦର୍ଶାଇଛନ୍ତି। ଏ ବାବଦରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇବ ବୋଲି ବିଧାୟକ କହିଛନ୍ତି। ବୁଧବାର ଅନଶନ ସ୍ଥଳରେ ରଘୁମଣି ପଟେଲ, ହୀରାଲାଲ ଲୋକଚନ୍ଦାନୀ, ପ୍ରକାଶ ରଣା, ସୁରେଶ ମେହେର, ବାଲଗୋବିନ୍ଦ ମିଶ୍ର, ପଓନ ସିଂ, ପିଣ୍ଟୁ ପାଢୀ, ସରିତା ଅଗ୍ରୱାଲ, ଜ୍ୟୋତି ମିଶ୍ର, ନିର୍ମଳ ଦାସ, ନବନୀତ କୌର, ପ୍ରୀତି ନାମଦେଓ, ଅମ୍ବିକା ଗୁପ୍ତା, ଶିଳ୍ପା ନାମଦେଓ ପ୍ରମୁଖ ଯୋଗ ଦେଇଥିଲେ।



ଦ୍ୱିତୀୟ ଦିନ ଅନଶନରେ ବିଧାୟକ ନବ ଦାସ ଓ ଅନ୍ୟମାନେ।



ବୁଧବାର ସମ୍ବଲପୁର ଗୋଲବଜାର ଛକଠାରେ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ପ୍ରସାଦ ଜୁଏଲର୍ସ ଶୋ ରୁମ ଉଦ୍‌ଘାଟନ କରି ଗହଣା ଦେଖୁଛନ୍ତି ।

# ପ୍ରସାଦ ଜୁଏଲର୍ସ ପୁନଃ ଉଦ୍‌ଘାଟିତ

**ସମ୍ବଲପୁର,୨୪।୧୦(ବ୍ୟୁରୋ)**

ପଶ୍ଚିମ ଓଡ଼ିଶାର ଲୋକପ୍ରିୟ ଅଳଙ୍କାର ପ୍ରତିଷ୍ଠାନ ପ୍ରସାଦ ଜୁଏଲର୍ସ ଅତ୍ୟାଧୁନିକ ଶୋ' ରୁମ ବୁଧବାର ସମ୍ବଲପୁର ଗୋଲବଜାର ଛକଠାରେ ପୁନଃଉଦ୍‌ଘାଟିତ ହୋଇଛି। ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶୋ'ରୁମ୍‌ର ଶୋ'କେସ୍‌ରେ ରହିଥିବା ବିଭିନ୍ନ ଡିଜାଇନର ସୁନା ଗହଣାକୁ ବୁଲି ଦେଖିଥିଲେ। ଗ୍ରାହକମାନେ ସେମାନଙ୍କ ମନମୁତାବକ ଗହଣା ଓ ସୁନାର ମାନ ବିଷୟରେ ସଂପୂର୍ଣ୍ଣ ବିବରଣୀ ପାଇପାରିବେ ବୋଲି ବିଧାୟିକା କହିଛନ୍ତି।

ପ୍ରସାଦ ଜୁଏଲର୍ସ ନିର୍ଦ୍ଦେଶକ ଅନିଲ ପ୍ରସାଦଙ୍କ କହିବାନୁଯାୟୀ, ବିନା ସର୍ତ୍ତାବଳୀରେ ସମସ୍ତ ୨୨ କ୍ୟାରେଟ ହଲ୍‌ମାର୍କ ସୁନା ଅଳଙ୍କାର ଉପରେ ଫ୍ଲାଟ ୧୯୯ ଟଙ୍କାର (ଗଢ଼ା ମଜୁରୀ) ରହିଛି। ସ୍ୱିକୃତୀପ୍ରାପ୍ତ ହୀରା ଅଳଙ୍କାରରେ ଫ୍ଲାଟ ୧୫ ପ୍ରତିଶତ ଏବଂ ରୂପା ଅଳଙ୍କାରର ଗଢ଼ା ମଜୁରୀରେ ଫ୍ଲାଟ୍ ୫୦ ପ୍ରତିଶତ ଛାଡ ରହିଛି। ଶୋ ରୁମରେ ନୂତନ ଡିଜାଇନର ବମ୍ବେ, ରାଜକୋଟ, କୋଲକତା କୋଇମ୍ବାଟୋର, ଫେନ୍ସି ଇଟାଲିଆନ, କଟକ, ଫ୍ୟୁଜନ୍ ତ୍ରିଚୁର, ଇଣ୍ଡୋ ଇଟାଲିଆନ ଅଳଙ୍କାର ଉପଲବ୍ଧ ରହିଛି। ସଠିକ ମୂଲ୍ୟ ସହ ସମସ୍ତ କ୍ଷେତ୍ରରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି। ଖୁବ୍‌ଶୀଘ୍ର ବ୍ଲୁଷ୍ଟନ ବ୍ରାଣ୍ଡର ଅଳଙ୍କାର ପ୍ରଦର୍ଶନ କରାଯିବ। ପ୍ରାସଦ ଜୁଏଲର୍ସ ଗ୍ରୁପ ସିଇଓ ମୋହିତ ପ୍ରସାଦ କହିଥିଲେ ଯେ, ଗ୍ରାହକମାନଙ୍କ ରୁଚିକୁ ହୃଦବୋଧ କରି ଆମେ ଏହି ଶୋ' ରୁମରେ ୫ଶହ ଡିଜାଇନ୍‌ର ହାର ରଖିଛୁ। ଉଦଘାଟନୀ ଉତ୍ସବରେ ସହରର ବିଭିନ୍ନ ଅଞ୍ଚଳରୁ ବ୍ୟବସାୟୀ, ଗ୍ରାହକ ଏବଂ ଜୁଏଲର୍ସର କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ।

■ ଟ୍ୟାଙ୍କର ଡ୍ରାଇଭର ଦଗ୍ଧ, ହେଲପର ଗୁରୁତର

# ଧକ୍କା: ଜଳିଗଲା ତୈଳ ଟ୍ୟାଙ୍କର, ହାଇୱା

**ସୋନପୁର/ତରଭା/ଉଲୁଣ୍ଡା/ଧମା,୨୪।୧୦ (ନି.ପ୍ର./ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ସୋନପୁର-ସମ୍ବଲପୁର ରାଜ୍ୟ ରାଜପଥର ଏସ୍. ପତ୍ରାପାଲି ଛକ ନିକଟରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ସମ୍ବଲପୁର ପଟୁ ଆସୁଥିବା ଓଡି୧୫-ବି୪୨୪୧ନଂ ତୈଳ ଟ୍ୟାଙ୍କର ଓ ସୋନପୁର ପଟୁ ଯାଉଥିବା ହାଇୱା ମଧ୍ୟରେ ବୁଲାଣି ରାସ୍ତାରେ ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଟ୍ୟାଙ୍କରରେ ଡିଜେଲ ଓ ପେଟ୍ରୋଲ ଭର୍ତ୍ତି ଥିବାରୁ ତାହା ହୁ ହୁ ହୋଇ ଜଳିଥିଲା। ଘଟଣାସ୍ଥଳରେ ଟ୍ୟାଙ୍କର ଡ୍ରାଇଭର ବିହାରର କମଲେଶ ସିଂ (୫୦) ଜୀବନ୍ତ ଦଗ୍ଧ ହୋଇଥିଲେ। କମଲେଶ ବଲାଙ୍ଗୀରରେ ରହି ଡ୍ରାଇଭିଂ କରୁଥିଲେ। ହେଲପର ବଲାଙ୍ଗୀର ଜିଲା ଠେଲକୋମୁଣ୍ଡା ଗାଁର ଧୀରେନ ନାଏକ (୨୫) ପୋଡ଼ିହୋଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ବୁର୍ଲା ବଡ଼ ମେଡିକାଲ ପଠାଯାଇଛି। ଅନ୍ୟପକ୍ଷରେ ରାସ୍ତା ମଝିରେ ଟ୍ୟାଙ୍କର ଓ ହାଇୱା ଜଳିବା ଯୋଗୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସୋନପୁର, ଉଲୁଣ୍ଡା ଓ ବିନିକା ଦମକଳ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିଥିଲେ। ଝାରସୁଗୁଡ଼ାସ୍ଥିତ ଇଣ୍ଡିଆନ ଅଏଲ ଡିପୋରୁ ୧୦ହଜାର ଲିଟର ପେଟ୍ରୋଲ ଓ ୧୦ହଜାର ଲିଟର ଡିଜେଲ ଭର୍ତ୍ତି କରି ଟ୍ୟାଙ୍କରଟି ବଲାଙ୍ଗୀରର ଶିବା ଫୁଏଲକୁ ଯାଉଥିବା ସମୟରେ ଅପରାହ୍ନ ଦେଢ଼ଟାରେ ଏହି ଦୁର୍ଘଟଣା ଘଟିଥିଲା। ସେହିପରି ହାଇୱାଟି ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବାବେଳେ ଏହାର ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ଉଲୁଣ୍ଡା ଥାନାରେ ଏକ ମାମଲା (ନଂ. ୯୯/୧୮) ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରିବା ସହ ତଦନ୍ତ ଆରମ୍ଭ କରିଛି। ଏସ୍‌ପି ଦେବୀପ୍ରସାଦ ଦାଶ, ଅତିରିକ୍ତ ଏସ୍‌ପି ରମେଶ କୁମାର ପାଣିଗ୍ରାହୀ, ବୀରମହାରାଜପୁର ଏସ୍‌ଡିପିଓ ଧୀରଜ ଚୋପଦାର ଓ ବିନିକା ଆଇଆଇସି କଲ୍ୟାଣୀ ବେହେରା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ତଦାରଖ କରିଥିଲେ।





ଏସ୍. ପତ୍ରାପାଲିଠାରେ ଟ୍ୟାଙ୍କର ଓ ହାଇୱା ଜଳୁଛି (ବାମ)। ଅଗ୍ନିଶମ ବିଭାଗ କର୍ମଚାରୀ ନିଆଁ ଲିଭାଉଛନ୍ତି।

# ବଦଳିଲେ ୪୭ ପୋଲିସ ଇନ୍ସପେକ୍ଟର

■ ୫ ଏସ୍‌ଆଇଙ୍କୁ ଇନ୍ସପେକ୍ଟର ର୍‍ୟାଙ୍କ୍‌କୁ ପଦୋନ୍ନତି

**କଟକ ଅଫିସ୍, ୨୪।୧୦**

ଓଡ଼ିଶା ପୋଲିସରେ ବଡ଼ ଧରଣର ଅଦଳବଦଳ ହୋଇଛି। ୪୭ଜଣ ଇନ୍ସପେକ୍ଟରଙ୍କ ବଦଳି କରାଯାଇଥିବାବେଳେ ୫ ଏସ୍‌ଆଇଙ୍କୁ ଇନ୍ସପେକ୍ଟର ର୍‍ୟାଙ୍କ୍‌କୁ ପଦୋନ୍ନତି ମିଳିଛି। ପଦୋନ୍ନତି ପାଇଥିବା ଉକ୍ତ ଏସ୍‌ଆଇଙ୍କୁ ଅନ୍ୟ ସ୍ଥାନରେ ନିଯୁକ୍ତି ଦିଆଯାଇଛି। ଏନେଇ ବୁଧବାର ଓଡ଼ିଶା ପୋଲିସ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ଇନ୍ସପେକ୍ଟର ଅଲ୍‌ବିଶ୍ ମୁଣ୍ଡାଙ୍କୁ ରାଉରକେଲାର ଅନ୍ୟ ସ୍ଥାନକୁ ବଦଳି କରାଯାଇଛି। ଇନ୍ସପେକ୍ଟର ଆଲୋକ ଜେନାଙ୍କୁ ବ୍ରହ୍ମପୁରରୁ ଓ ଅମିତାଭ ପାତ୍ରଙ୍କୁ ଯାଜପୁରରୁ କମିଶନରେଟ ପୋଲିସ, ଅର୍ଚ୍ଚନା ମଲ୍ଲିକଙ୍କୁ କେନ୍ଦୁଝରରୁ ଖୋର୍ଦ୍ଧା, ଆଶାଲତା ଜେନାଙ୍କୁ କମିଶନରେଟ ପୋଲିସରୁ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଷ୍ଟେଟ୍ ପୋଲିସ ଏକାଡେମୀ (ବିପିଏସ୍‌ପିଏ)କୁ ବଦଳି କରାଯାଇଛି। ଇନ୍ସପେକ୍ଟର ଆଶୁତୋଷ ମିଶ୍ରଙ୍କୁ ନୟାଗଡ଼ରୁ ଭଦ୍ରକ, ବାଳକୃଷ୍ଣ କଅଁରଙ୍କୁ କନ୍ଧମାଳରୁ ସମ୍ବଲପୁର, ଭବାନୀ ଶଙ୍କର ଖୁଣ୍ଟିଆଙ୍କୁ ବ୍ରହ୍ମପୁରରୁ ଖୋର୍ଦ୍ଧା, ବିବସ୍ୱ ପ୍ରଧାନଙ୍କୁ ଗଞ୍ଜାମରୁ ସୁନ୍ଦରଗଡ଼, ବିଚିତ୍ରନନ୍ଦ ସେଠୀଙ୍କୁ ଜଗତସିଂହପୁରରୁ ଯାଜପୁର, ବିଶ୍ୱରଞ୍ଜନ ସେନାପତିଙ୍କୁ ଯାଜପୁରରୁ କମିଶନରେଟ ପୋଲିସ, ବିଶ୍ୱଜିତ୍ ରାଉତରାୟଙ୍କୁ ପୁରୀରୁ ନୟାଗଡ଼, ଦେବଜାନୀ ନାୟକଙ୍କୁ କେନ୍ଦୁଝରରୁ ଅନୁଗୋଳ, ଦେବ ଗମାଙ୍ଗଙ୍କୁ କୋରାପୁଟରୁ ଭୁବନେଶ୍ୱର ଗୋଇନ୍ଦା ବିଭାଗ, ଦିଲୀପ ସାହୁଙ୍କୁ ଭଦ୍ରକରୁ ନବରଙ୍ଗପୁର, କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଗୀତି ରଞ୍ଜନ ମହାପାତ୍ରଙ୍କୁ ବଲାଙ୍ଗୀର, ଗୋକୁଳାନନ୍ଦ ସାହୁଙ୍କୁ ବଲାଙ୍ଗୀରରୁ ସୁନ୍ଦରଗଡ, ଜ୍ଞାନରଞ୍ଜନ ମିଶ୍ରଙ୍କୁ ବାଲେଶ୍ୱରରୁ କଟକ, ଜୟଦେବ ବିଶ୍ୱଜିତ୍‌ଙ୍କୁ କମିଶନରେଟ ପୋଲିସରୁ ପୁରୀ, ଯୁବରାଜ ସ୍ୱାଇଁଙ୍କୁ ପୁରୀରୁ ଅନୁଗୋଳ, କବିତା ସାହୁଙ୍କୁ ସ୍ପେଶାଲ ବ୍ରାଞ୍ଚରୁ ଭିଜିଲାନ୍ସ, କୃଷ୍ଣ ପ୍ରସାଦ ମିଶ୍ରଙ୍କୁ କମିଶନରେଟ ପୋଲିସରୁ ଜଗତସିଂହପୁର, କ୍ଷମା ସାଗର ପଣ୍ଡାଙ୍କୁ କେନ୍ଦ୍ରାପଡାରୁ ବାଲେଶ୍ୱର, ଲୋକେଶ୍ୱର ସାହୁଙ୍କୁ ସମ୍ବଲପୁରରୁ ବ୍ରହ୍ମପୁର, ମହେଶ୍ୱର ସେଠୀଙ୍କୁ ଜଗତସିଂହପୁରରୁ ନୟାଗଡ଼, ମନୋଜ କୁମାର ସ୍ୱାଇଁଙ୍କୁ କମିଶନରେଟ ପୋଲିସରୁ ଯାଜପୁର, ମୃତ୍ୟୁଞ୍ଜୟ ସ୍ୱାଇଁଙ୍କୁ ବ୍ରହ୍ମପୁରର ଅନ୍ୟ ସ୍ଥାନକୁ ବଦଳି କରାଯାଇଛି। ସେହିପରି ଇନ୍ସପେକ୍ଟର ନିର୍ମଳ ଗୋଛାୟତଙ୍କୁ ଅନୁଗୋଳରୁ ପୁରୀ, ପ୍ରଦୀପ ପଟ୍ଟନାୟକଙ୍କୁ ବ୍ରହ୍ମପୁରରୁ ଭୁବନେଶ୍ୱର ଏସ୍‌ଆଇଡବ୍ଲ୍ୟୁ, ଭିଜିଲାନ୍ସର ପ୍ରକାଶ ଜେନାଙ୍କୁ ସମ୍ବଲପୁର, ପ୍ରଶାନ୍ତ ଭୁପତିଙ୍କୁ ଗଜପତିରୁ ରାୟଗଡା, ପ୍ରିୟବ୍ରତ ଦାସଙ୍କୁ କେନ୍ଦ୍ରାପଡାରୁ ଅନୁଗୋଳ, ରଜନୀକାନ୍ତ ସାମଲଙ୍କୁ ସମ୍ବଲପୁରରୁ ଜଗତସିଂହପୁର, ରାଜେନ୍ଦ୍ର ନାୟକଙ୍କୁ ବ୍ରହ୍ମପୁରରୁ ଭିଜିଲାନ୍ସ, ରାମ ମୁର୍ମୁଙ୍କୁ ଭଦ୍ରକରୁ କେନ୍ଦ୍ରାପଡା, ଅନୁଗୋଳ ପିଟିସି (ପୋଲିସ ଟ୍ରେନିଂ କଲେଜ)ର ରଞ୍ଜନ ପଟ୍ଟନାୟକଙ୍କୁ ରାଉରକେଲା ଜିଆର୍‌ପି, ସବ୍ୟସଚୀ ରାଉତଙ୍କୁ ଅନୁଗୋଳରୁ କଟକ ଜିଆର୍‌ପି, କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁର ସଲିଳ ପ୍ରଧାନଙ୍କୁ କେନ୍ଦ୍ରାପଡା, ସରସ୍ୱତୀ ଶତପଥୀଙ୍କୁ ଜଗତସିଂହପୁରରୁ ବଲାଙ୍ଗୀର, ସତ୍ୟଜିତ୍ ଦାସଙ୍କୁ ମୟୂରଭଞ୍ଜରୁ କମିଶନରେଟ ପୋଲିସ, ଶୁଭ୍ରାଂଶୁ ଶେଖର ନାୟକଙ୍କୁ ଜଗତସିଂହପୁରରୁ ବାଲେଶ୍ୱର, ଭିଜିଲାନ୍ସର ସୁଦର୍ଶନ ପଣ୍ଡାଙ୍କୁ କେନ୍ଦୁଝର, ସ୍ପେଶାଲ ବ୍ରାଞ୍ଚର ସୁନୀଲ ପ୍ରଧାନଙ୍କୁ ନୟାଗଡ, କେନ୍ଦୁଝରର ସ୍ୱର୍ଣ୍ଣଲତା ପାଣିଗ୍ରାହୀଙ୍କୁ କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁ, କଳାହାଣ୍ଡିର ତିଳୋତ୍ତମା ନାୟକଙ୍କୁ କୋରାପୁଟ, ସମ୍ବଲପୁରର ତୋଫନ ବାଗ୍‌ଙ୍କୁ ବ୍ରହ୍ମପୁର ଓ ଇନ୍ସପେକ୍ଟର ଶ୍ରୀକାନ୍ତ ତ୍ରିପାଠୀଙ୍କୁ ଅନୁଗୋଳ ପିଟିସିର ଅନ୍ୟ ସ୍ଥାନକୁ ବଦଳି କରାଯାଇଛି। ଅନ୍ୟପକ୍ଷରେ ଇନ୍ସପେକ୍ଟର ର୍‍ୟାଙ୍କକୁ ପଦୋନ୍ନତି ପାଇଥିବା ଭଦ୍ରକର ଏସ୍‌ଆଇ ଶଙ୍କର ପ୍ରସାଦ ଦ୍ୱିବେଦୀ, ଅନୁଗୋଳର ତାପସ ଭୋଇ, ବରଗଡ଼ର ରଞ୍ଜିତ୍ ନାୟକଙ୍କୁ ଅନୁଗୋଳ ପିଟିସିରେ ନିଯୁକ୍ତି ଦିଆଯାଇଥିବାବେଳେ ଭଦ୍ରକର ପୂର୍ଣ୍ଣଚନ୍ଦ୍ର ଗୋଛାୟତ ଏବଂ କଟକର ଦେବେନ୍ଦ୍ର ମହାପାତ୍ରଙ୍କୁ ଯଥାକ୍ରମେ ଯାଜପୁର ଏବଂ ଜଗତସିଂହପୁର ଜିଲାରେ ନିଯୁକ୍ତି ଦିଆଯାଇଛି।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

## ସଂକ୍ଷେପରେ

### ପରିବହନ ବିଭାଗର ଯାନବାହନ ଯାଞ୍ଚ

**ପୁରୁଣାକଟକ, ୨୪।୧୦(ଡି.ଏନ.ଏ):** ହରଭଙ୍ଗା ଥାନା ଅନ୍ତଗତ ବାଈଶିପଡା ନିକଟରେ ବୌଦ୍ଧ ଆଞ୍ଚଳିକ ପରିବହନ ବିଭାଗ ଏବଂ ହରଭଙ୍ଗା ଥାନା ପକ୍ଷରୁ ମିଳିତ ଭାବେ ବୁଧବାର ଯାନବାହନ ଯାଞ୍ଚ କରାଯାଇଥିଲା । ଯାଞ୍ଚ ସମୟରେ ପରିବହନ ବିଭାଗ ୨ଟି ଟ୍ରାକ୍ଟର, ୩ଟି ବାଇକ୍ ଏବଂ ଗୋଟିଏ ବୋଲେରୋର କାଗଜପତ୍ର ଠିକ ନ ଥିବାରୁ ଭିସିଆର କାଟିଥିଲା। ଭିସିଆର ଅର୍ଥ ଅନାଦେୟ ହେବାରୁ ଉକ୍ତ ଗାଡିଗୁଡିକୁ ପରିବହନ ବିଭାଗ ଅଟକ ରଖିବା ପାଇଁ ସ୍ଥାନୀୟ ଥାନା ଜିମା ଦେଇଥିବା ଜଣାପଡିଛି ।

### ଲକ୍ଷ୍ମୀପୂଜା ପାଇଁ ସହର ଉତ୍ସବ ମୁଖର

**ବୌଦ୍ଧ,୨୪।୧୦(ସ୍ୱ.ପ୍ର):** ବୌଦ୍ଧ ସହର ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ସବମୁଖର ହୋଇପଡିଛି । ସହରର ଲକ୍ଷ୍ମୀ ବଜାର ପକ୍ଷରୁ ଏନଏସିଛକ ମଣ୍ଡପରେ ପୂଜା ହେଉଥିବା ବେଳେ ବୁଟୁପାଲି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମଧ ଧୁମଧାମରେ ପୂଜା ହେଉଛି । ବୁଧବାର ସନ୍ଧ୍ୟାରେ ବୁଟୁପାଲି ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ମହାନଦୀରୁ ଏକ କଳସ ଶୋଭାଯାତ୍ରା ହେବା ସହ ମା' ଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିଲା । ସୁସଜ୍ଜିତ ଆଲୋକମାଳା, ତୋରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ କମିଟି ଗୁରୁତ୍ୱ ଦେଇଛି । ଶନିବାର ମା'ଙ୍କ ମଣ୍ଡପ ସମ୍ମୁଖରେ ଦଶ ହଜାର ଆଠ ଦୀପ ଲଗାଇ ପୂଜା କରାଯିବାର କାର୍ଯ୍ୟକ୍ରମ ରହିଛି । ପୂଜା ଦେଖିବା ପାଇଁ ଭକ୍ତଙ୍କ ସମାଗମ ହେଉଛି ।

# ପ୍ରଶାସନ ନିଷ୍ପତ୍ତିକୁ ବିରୋଧ

**ବୌଦ୍ଧ,୨୪।୧୦(ସ୍ୱ.ପ୍ର)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାଧାନଗରଠାରେ ନୂତନ ଭାବେ ହୋଇଥିବା ରାଧାନଗର ପଞ୍ଚାୟତର କାର୍ଯ୍ୟାଳୟ ଗୃହ ନିର୍ମାଣକୁ ବିରୋଧ କରିବା ସହ ଏହାକୁ ଲାଣ୍ଡିବନ୍ଧଠାରେ କରିବାକୁ ୧୦ ଖଣ୍ଡ ଗ୍ରାମବାସୀ ଦାବି କରିଛନ୍ତି । ହରଭଙ୍ଗା ବ୍ଲକର ମଥୁରା ଗ୍ରାମପଞ୍ଚାୟତ ଠାରୁ ଅଲଗା ହୋଇ ୧୧ ଖଣ୍ଡ ଗ୍ରାମକୁ ନେଇ ନୂତନ ଗ୍ରାମପଞ୍ଚାୟତ ରାଧାନଗର ହୋଇଛି। କିନ୍ତୁ ଏହି ପଞ୍ଚାୟତର କାର୍ଯ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ରାଧାନଗର ଠାରେ ଚାଲିଛି । ରାଧାନଗର ଠାରେ କାର୍ଯ୍ୟାଳୟ ନ କରି ଲାଣ୍ଡିବନ୍ଧ ଠାରେ କରିବାକୁ ୧୦ ଖଣ୍ଡ ଗ୍ରାମବାସୀ ପ୍ରଶାସନ ଓ ପଞ୍ଚାୟତ ରାଜ ବିଭାଗ ସଚିବଙ୍କୁ ଜଣାଇଥିଲେ। ଏ ନେଇ ସରପଞ୍ଚ, ୱାର୍ଡ ସଭ୍ୟ, ବ୍ଲକ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଗତ ତା ୪।୧।୧୮ରିଖରେ ଏକ ବୈଠକ କରି ଲାଣ୍ଡିବନ୍ଧ ଠାରେ କାର୍ଯ୍ୟାଳୟ ଗୃହ ନିର୍ମାଣ କରିବାକୁ ଏକ ରେଜୁଲେସନ ପଞ୍ଚାୟତରେ ପାଶ କରି ପ୍ରଶାସନକୁ ଅବଗତ କରାଯାଇଥିଲା । ଏହାସତ୍ତ୍ୱେ ପ୍ରଶାସନ କିଛି ପଦକ୍ଷେପ ନ ନେବାରୁ ରାଧାନଗର ସରପଞ୍ଚ ଅପରାଜିତା ବେହେରା ଓଡିଶା ଉଚ୍ଚ ନ୍ୟାୟଳୟରେ ଏକ ମାମଲା ଦାୟର କରିଥିଲେ । ଉଚ୍ଚ ନ୍ୟାୟାଳୟ ଗତ ତା୨୮।୩।୧୮ ରିଖରେ ବୌଦ୍ଧ ଜିଲାପାଳଙ୍କୁ ମାମଲାର ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପ୍ରଶାସନ ରାଧାନଗର ଠାରେ ନୂତନ ପଞ୍ଚାୟତ ଗୃହ ନିର୍ମାଣ କାର୍ଯ୍ୟ ଚାଲୁ ରଖିଛି।

ବୁଧବାର ପଞ୍ଚାୟତର ୧୦ଖଣ୍ଡ ଗ୍ରାମ କୃଷ୍ଣମୋହନପୁର, ବାଲିପୁର, ବାଲିଅନ୍ତା, ପିପଲକଟା, ଲାଣ୍ଡିବନ୍ଧ, ଚନ୍ଦନନଗର, ବଡବାଗବର, ରାଇପୁର, ଦାମୋଦରପୁର ଓ ଗାନ୍ଧୀ ଗ୍ରାମର ଜନସାଧାରଣ ଏହାର ପ୍ରତିବାଦରେ ଲାଣ୍ଡିବନ୍ଧ ଫାର୍ମ ପଡିଆରେ ଏକ ବିଶାଳ ସମାବେଶ କରିଥିଲେ । ସମାବେଶରେ ସରପଞ୍ଚ, ୧୦ ଜଣ ୱାର୍ଡ ସଭ୍ୟ ଓ ଶତାଧିକ ଜନସାଧାରଣ ଯୋଗ ଦେଇ ପ୍ରଶାସନର ନିଷ୍ପତ୍ତିକୁ ବିରୋଧ କରିବା ସହ ଲାଣ୍ଡିବନ୍ଧ ଠାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରିବାକୁ ଦାବି କରିଥିଲେ । ଯଦି ପ୍ରଶାସନ ଏହାକୁ ଅଣଦେଖା କରେ ତେବେ ଆଗାମୀ ଦିନରେ ଜନସାଧାରଣ ଆଇନକୁ ହାତକୁ ନେବା ସହ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ । ଏହି ସମାବେଶରେ ସଭ୍ୟ ସୁବାଷ ଦେହୁରୀ, ଅନୁସୟା କହଁର, ସନ୍ତୋଷିନୀ ବେହେରା, ପରି ନାଏକ, ହିନ ସାହୁ, ପୁଷ୍ପାଞ୍ଜଳି ଭୋକ୍ତା, ଖଗେଶ୍ୱର ନାଏକ, ସନ୍ତୋଷ ପ୍ରଧାନ, ସ୍ନେହଲତା ସାହୁ, ଅଶୋକ କୁମାର ସାହୁଙ୍କ ସମତେ ୧୫୦୦ରୁ ଅଧିକ ଜନସାଧାରଣ ଯୋଗ ଦେଇଥିଲେ ।



ଲାଣ୍ଡିବନ୍ଧ ଠାରେ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରିବାକୁ ଦାବି କରି ଜନସମାବେଶ ଚାଲିଛି ।

### ହରଭଙ୍ଗା ପଞ୍ଚାୟତ ସମିତି ବୈଠକ

# ୧୦ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ ପାଇଁ ପ୍ରସ୍ତାବ

**ପୁରୁଣାକଟକ,୨୪।୧୦(ଡି.ଏନ.ଏ)**

ହରଭଙ୍ଗା ବ୍ଲକ ସଭାଗୃହ ପ୍ରାଙ୍ଗଣରେ ମଙ୍ଗଳବାର ବ୍ଲକ ଅଧକ୍ଷ ବିଶ୍ୱଜିତ ମିଶ୍ରଙ୍କ ଅଧକ୍ଷତାରେ ନବମ ପଞ୍ଚାୟତ ସମିତି ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ପୂର୍ବ ବୈଠକର ବିବରଣୀ ପଠନ ଓ ଅନୁମୋଦନ ବିଷୟରେ ଆଲୋଚନା କରାଯାଇଥିଲା। ଦଶଟି ପ୍ରଧାନମନ୍ତ୍ରୀ ସଡକ ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସମିତି ତରଫରୁ ପ୍ରସ୍ତାବ ଦିଆଯାଇଥିଲା । ତିଲେଶ୍ୱର ପଞ୍ଚାୟତ ସମିତିସଭ୍ୟ ଆମ ଗାଁ, ଆମ ବିକାଶର କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠାଇଥିଲେ। ବ୍ଲକର ଚାରିଛକ ଏବଂ ଆଡେଣୀଗଡରେ ଦୁଇଟି ବାଳିକା ବିଦ୍ୟାଳୟ ନିର୍ମାଣ ପାଇଁ ମଧ ଆଲୋଚନା ହୋଇଥିଲା । ଏଥିସହିତ ଚଳିତ ବର୍ଷ କାର୍ଯ୍ୟକାରୀ ହୋଇଥିବା ନଳକୂପ ଖନନ, ପିଇବା ପାଣି ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଜଣେ ଲେଖାଏଁ ଶିକ୍ଷକରେ ଚାଲିଥିବା ଦୁଇଟି ସ୍କୁଲରେ ଶିକ୍ଷକ ନିଯୁକ୍ତି ଏବଂ ବ୍ଲକର ଶିକ୍ଷା ବିପର୍ଯ୍ୟସ୍ତ ଉପରେ ଜିଲା ପରିଷଦ ସଭ୍ୟ ଅବକାଶ ସାହୁ ଉଦ୍‌ବେଗ ପ୍ରକାଶ କରିଥିଲେ । ଗୋପବନ୍ଧୁ ଗ୍ରାମୀଣ ଯୋଜନା କାର୍ଯ୍ୟ ଖସଡା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସାଧାରଣ ବଣ୍ଟନ, ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ଆଜିର ବୈଠକରେ ହରଭଙ୍ଗା ବିଡିଓ ରବିନ୍ଦ୍ର କୁମାର ଶତପଥି, ବୌଦ୍ଧ ଜିଲା ପରିଷଦ ଉପାଧକ୍ଷ ଅକ୍ରୁର ସେଠୀ, ବ୍ଲକ ଉପାଧକ୍ଷ ରଶ୍ମିତା ମହାକୁଡ, ଜିଲା ପରିଷଦ ସଭ୍ୟ ଅବକାଶ ସାହୁ, ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ଯୋଗଦାନ କରିଥିଲେ ।



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ସଭ୍ୟମାନେ ।

# କବିତା ପାଠୋତ୍ସବ, ଆଲୋଚନାଚକ୍ର

**ବୌଦ୍ଧ,୨୪।୧୦(ସ୍ୱ.ପ୍ର)**

ନୀଳଚକ୍ର ସାହିତ୍ୟ ସଂସଦ ବୌଦ୍ଧ ପକ୍ଷରୁ ବୁଧବାର ସହରର ଏକ ହୋଟେଲରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି । ଆଲୋଚନା ଚକ୍ରର ପ୍ରଥମ ପର୍ଯ୍ୟାୟରେ ବୌଦ୍ଧ ମାଟିରେ ସନ୍ଥକବି ଭୀମଭୋଇଙ୍କ ସାରସ୍ୱତ ସାଧନା ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଆଠମଲିକ ବିଡିଓ କବି ରାହାସ ବିହାରୀ ନାୟକ ମୁଖ୍ୟଅତିଥି, ଅଧ୍ୟାପକ ଶରତ ଚନ୍ଦ୍ର ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୀମଭୋଇଙ୍କ ସାହିତ୍ୟ ଇତିହାସ ଉପରେ ଆଲୋଚନା କରିଥିଲେ। ସାହିତ୍ୟକ ଦୁଃଖୀଶ୍ୟାମ ବେହେରା ସନ୍ଥ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ କବିତା ପାଠୋତ୍ସବରେ ସାହିତ୍ୟିକ ଗିରିଜା ପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କବି ଓ କବିତାର ମହତ୍ୱ ପ୍ରତିପାଦନ କରିଥିଲେ। ଏହି ଆଲେଚନାଚକ୍ରକୁ ନୀଳଚକ୍ର ସାହିତ୍ୟ ସଂସଦର ପ୍ରତିଷ୍ଠାତା ସଭାପତି ଇଂ ସଞ୍ଜୟ କୁମାର ପଣ୍ଡା ପରିଚାଳନା କରିଥିଲେ। ସୁଶ୍ରୀ ସ୍ମୃତି ଶେଫାଳୀ ମେହେର ଓ ହୃଦାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଆଲୋଚନାଚକ୍ରର ପ୍ରଥମ ପର୍ଯ୍ୟାୟକୁ ଜ୍ଞାନଚାନ୍ଦ ଶତପଥି ଓ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାଚକ୍ରରେ ଶାନ୍ତନୁ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ।




ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥିମାନେ ।

# କେନ୍ଦ୍ରୀୟ ପ୍ରତିନିଧିଙ୍କ ହରଭଙ୍ଗା ବ୍ଲକ ପରିଦର୍ଶନ

**ପୁରୁଣାକଟକ,୨୪।୧୦(ଡି.ଏନ.ଏ)**

କେନ୍ଦ୍ରୀୟ ପ୍ରତିନିଧିଙ୍କ ଏକ ଦୁଇଜଣିଆ ଟିମ୍ ବୁଧବାର ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପରିଦର୍ଶନ କରିଥିବା ଜଣାପଡିଛି। ଡାକ୍ତର ଆଶୀଷ ଭଟ୍ଟ ଓ ଡାକ୍ତର ପ୍ରୀତି କାଠୁରୀଆ କେନ୍ଦ୍ରୀୟ ଅନୁଦାନରେ ପଞ୍ଚାୟତରାଜ, ଗ୍ରାମ୍ୟ ଉନ୍ନୟନ, ମୃତ୍ତିକା ସଂରକ୍ଷଣ ଏବଂ ଉଦ୍ୟାନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ ପାଇଁ ଧଳପୁର, ଛତ୍ରଙ୍ଗ ଏବଂ କୁଶଙ୍ଗ ପଞ୍ଚାୟତରେ ପହଞ୍ଚିଥିଲେ। ସେମାନେ ଏସବୁ ପଞ୍ଚାୟତରେ ବୁଲି ଏମ୍‌ଜିଏନଆର୍‌ଇଜିଏସ୍ କାର୍ଯ୍ୟ, ପ୍ରଧାନମନ୍ତ୍ରୀ ଆବାସ ଘର, ସାମାଜିକ ସୁରକ୍ଷାରେ ପ୍ରଦାନ କରାଯାଉଥିବା ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଭତ୍ତା, ଜବକାର୍ଡ ସହିତ ଉଦ୍ୟାନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ପାମୋଲିନ ବଗିଚା, ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ କୃଷି ସିଚାଇ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଜଳ ଅମଳ ପ୍ରକଳ୍ପ ଏବଂ ଆମ୍ବ ବଗିଚା ପରିଦର୍ଶନ କରିଥିଲେ । ଏହି ପରିଦର୍ଶନ ସମୟରେ କେନ୍ଦ୍ରୀୟ ପ୍ରତିନିଧିଙ୍କ ସହିତ ବ୍ଲକ ସହକାରୀ ଯନ୍ତ୍ରୀ ଅର୍ଜ୍ଜୁନ ଗଡନାୟକ,ଏପିଓ ସଞ୍ଜୀବ ମିଶ୍ର, ବୌଦ୍ଧ ମୃତ୍ତିକା ସଂରକ୍ଷଣ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକ ରାଘବ ମଲ୍ଲିକ, ପିଆଇଏ ପ୍ରଶାନ୍ତ ପ୍ରଧାନ, ଉଦ୍ୟାନ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ ।



କେନ୍ଦ୍ରୀୟ ଟିମ୍ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି ।

# ବୌଦ୍ଧ ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ

**ବୌଦ୍ଧ,୨୪।୧୦(ସ୍ୱ.ପ୍ର)**

ଭାରତୀୟ ଜନତା ପାର୍ଟି ବୌଦ୍ଧ ଜିଲା ପକ୍ଷରୁ ସ୍ଥାନୀୟ ଟାଉନହଲ ଠାରେ ବୁଧବାର ଜିଲା କାର୍ଯ୍ୟକାରିଣୀ ବୈଠକ ସଭାପତି ସୌମିତ୍ରୀ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସଙ୍ଗଠନ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି ଯୋଗଦେଇ ଆସନ୍ତା ସାଧାରଣ ନିର୍ବାଚନରେ ମିଶନ ୧୨୦ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ସଭା ଆରମ୍ଭରେ ଗତ ବିଜୟା ଦଶମୀ ରାବଣ ପୋଡି ସମୟରେ ଅମୃତସର ଠାରେ ହୋଇଥିବା ଟ୍ରେନ ଦୁର୍ଘଟଣା ଓ ତିତ୍ଲିରେ ପ୍ରାଣ ହରାଇଥିବା ଦିବଂଗତ ଆତ୍ମାମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା । ଆସନ୍ତା ୨୯ ତାରିଖରେ କନ୍ଧମାଳ ଓ ହରଭଙ୍ଗା ବ୍ଲକର ସ୍ଥାନୀୟ ସମସ୍ୟାକୁ ନେଇ ବ୍ଲକ ଘେରାଉ କରିବା ପାଇଁ ପ୍ରସ୍ତାବ ନିଆଯାଇଥିବା ବେଳେ ୩୦ତାରିଖରେ ବୌଦ୍ଧ ବ୍ଲକ ଘେରାଉ କରିବା ପାଇଁ ଆଲୋଚନା ହୋଇଥିଲା। ସଭାପତି ଆସନ୍ତା ଦିନରେ ଦଳ ପକ୍ଷରୁ ହେବାକୁ ଥିବା ବିଭିନ୍ନ କାଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ସଧାରଣ ସମ୍ପାଦକ ବିପ୍ର ଚରଣ ମହାନ୍ତି ବୈଠକ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜ୍ୟ କମିଟି ପକ୍ଷରୁ ସୁକାନ୍ତ ପାଣିଗ୍ରାହୀ, ଅଶୋକ ସାହୁ, କମଳା ପାଣ୍ଡେ, ଡ. ନନ୍ଦ ଯୋଗଦାନ କରିଥିବା ବେଳେ ଜିଲା ପକ୍ଷରୁ ସଚ୍ଚିଦାନନ୍ଦ ଦଲାଲ, କହ୍ନେଇ ଚରଣ ଡାଙ୍ଗ, ସୂର୍ଯ୍ୟନାରାୟଣ ମହାପାତ୍ର, ଯୁଗଳ ସାହୁ, ସୁଶାନ୍ତ ପ୍ରଧାନ, ମାଗୁଣି ଗାଇଗୋରିଆ, ସରୋଜ ପ୍ରଧାନଙ୍କ ସମେତ ସମସ୍ତ ଜିଲା କାର୍ଯ୍ୟକର୍ତ୍ତା, ମୋର୍ଚ୍ଚା ସଭାପତି ଓ ମଣ୍ଡଳ ସଭାପତି ଯୋଗଦାନ କରିଥିଲେ ।

# ଘଣ୍ଟାପଡ଼ାରେ ଗଜଲକ୍ଷ୍ମୀ ପୂଜା

**ଘଣ୍ଟାପଡା, ୨୪।୧୦ (ଡି.ଏନ.ଏ)**

କନ୍ଧମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ଗ୍ରାମର ଶ୍ରୀ ରଘୁନାଥ ଯୁବ ସଂସଦ ଆନୁକୂଲ୍ୟରେ ମାଁ ଗଜଲକ୍ଷ୍ମୀ ପୂଜା ମହାସମାରୋହରେ ପାଳିତ ହୋଇଛି। ପ୍ରତ୍ୟୁଷରୁ ଘଣ୍ଟାପଡା ଗ୍ରାମର ମହିଳା ପୁରୁଷ ଭକ୍ତମାନେ ଏକ ଶୋଭାଯାତ୍ରାରେ ବାହାରି ସମଲେଶ୍ୱରୀ ମନ୍ଦିର ଘାଟ (ତେଲନଦୀ)ରୁ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପରେ ମାଁ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଥିଲା। ପଣ୍ଡିତ ଚମ୍ପେଶ୍ୱର ପାଣିଗ୍ରାହୀଙ୍କ ପୌରୋହିତରେ ରମେଶ ପୋଢ଼ ଓ ସ୍ତ୍ରୀ ଧରିତ୍ରୀ ପୋଢ କର୍ତ୍ତା ଭାବେ ପୂଜାକାର୍ଯ୍ୟ ତୁଲାଇଥିଲେ । ଏହି ପୂଜା ମଣ୍ଡପରେ ନେତାଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଆଗାମୀ ୨୦୧୯ ନିର୍ବାଚନକୁ ଆଖି ଆଗରେ ରଖି ପ୍ରତ୍ୟେକ ଦଳର ଆଶାୟୀ ପ୍ରାର୍ଥୀଙ୍କ ଭିଡ ଲାଗି ରହିଥିଲା । ଶୁକ୍ରବାର ପର୍ଯ୍ୟନ୍ତ ଗଜଲକ୍ଷ୍ମୀ ପୂଜନୋତ୍ସବ ଚାଲିବ। ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ସଂଘ ପକ୍ଷରୁ କୁହାଯାଇଛି। ସ୍ୱାଧୀନ ମହାପାତ୍ର, ବଂଶୀଧର ପଟ୍ଟନାୟକ, ଉଗ୍ରେସନ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଛନ୍ତି ।



ଗଜଲକ୍ଷ୍ମୀ ପୂଜା ପାଇଁ କଳସ ଶୋଭାଯାତ୍ରା ଚାଲିଛି ।

# କୁଆଁର ପୂର୍ଣ୍ଣମୀରେ ନିଆରା ପରମ୍ପରା ବାଟିଖେଳ

**ଘଣ୍ଟାପଡା, ୨୪।୧୦ (ଡି.ଏନ.ଏ)**

କନ୍ଧମାଳ ବ୍ଲକ ଘଣ୍ଟାପଡା ଗ୍ରାମରେ ବୁଧବାର କୁମାର ପୂର୍ଣ୍ଣମା ଉତ୍ସବ ପାଳିତ ହୋଇଛି । ଏହିଦିନ ଗ୍ରାମରେ କେଉଁ ଯୁଗରୁ ବାଟିଖେଳ ପରମ୍ପରା ରହିଆସିଛି। କୁଆଁରୀମାନେ ଆଶ୍ୱିନ ମାସ ପ୍ରାରମ୍ଭରୁ ଜହ୍ନିଓଷା ପାଳନ କରି ଆଜି ଶେଷ କରିଥାନ୍ତି। ସେହିପରି କୁମାରମାନେ ଦିନ ବେଳା ବାଟିଖେଳ ପ୍ରତିଯୋଗିତା କରନ୍ତି । ରାତ୍ରିରେ ଯୁବତୀମାନେ କୁଆଁର ପୁନେଇଁ ଜହ୍ନ ଗୀତରେ ମଜ୍ଜିଥାନ୍ତି । ଏହି ଦିନ ଭଗବାନ ବିଷ୍ଣୁ ଓ ମାତା ଲକ୍ଷ୍ମୀ ଜୁଆଖେଳ ଖେଳିଥିଲେ । ଏଥିରେ ମାଁ ଲକ୍ଷ୍ମୀ ବିଜୟୀ ହୋଇଥିବାରୁ ଏହି ଦିନକୁ ମନେରଖିବା ପାଇଁ କେତେକ ଏହାକୁ ଜୁଆ ପୂର୍ଣ୍ଣମୀ ବୋଲି କହିଥାନ୍ତି। କୁମାର ପୂର୍ଣ୍ଣମୀରେ ଏପରି ନିଆରା ପରମ୍ପରାକୁ ଆପଣାଇ ନେଇଛନ୍ତି ଘଣ୍ଟାପଡା ଗ୍ରାମବାସୀ ।



କୁଆଁର ପୂର୍ଣ୍ଣମୀରେ ପାରମ୍ପରିକ ବାଟିଖେଳ ଚାଲିଛି ।

### ଫୁଟବଲ: ମହୁଲେ ଫାଇନାଲରେ

**ଭଟଲି,୨୪।୧୦(ଡି.ଏନ.ଏ)**

ବରଗଡ଼ ଜିଲା ଭଟଲି ବ୍ଲକ୍ କମଗାଁ ଖେଳ ପଡ଼ିଆରେ ଚାଲିଥିବା ବାରପାହାଡ଼ କପ୍ ଫୁଟବଲ ପ୍ରତିଯୋଗିତାର ବୁଧବାର ପ୍ରଥମ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବରଡୋଲ ଏକାଦଶ ଏବଂ ମହୁଲେ ଏକାଦଶ ଦଳ ମୁହାଁମୁହିଁ ହୋଇଥିଲେ। ନିର୍ଦ୍ଧାରିତ ସମୟ ମଧରେ ମ୍ୟାଚ୍ ୧-୧ ଗୋଲରେ ଅମିମାଂସିତ ରହିଥିଲା । ଫଳରେ ଟାଇବ୍ରେକର ଜରିଆରେ ମହୁଲେ ଏକାଦଶ ୬-୫ ଗୋଲରେ ବରଡୋଲ ଏକାଦଶକୁ ପରାସ୍ତ କରି ଫାଇନାଲକୁ ଉନ୍ନୀତ ହୋଇଥିଲା । ପ୍ରଦୀପ ଭୋଇ, ଦେବାନନ୍ଦ ସାହୁ, ଦେବଦତ୍ତ ପ୍ରଧାନ ଏବଂ ଭୀଷ୍ମଦେବ ପ୍ରଧାନ ଖେଳ ପରିଚାଳନା କରିଥିଲେ ।

# ଗଜଲକ୍ଷ୍ମୀ ପୂଜା ଆରମ୍ଭ



ବାଉଁଶୁଣୀରେ ଗଜଲକ୍ଷ୍ମୀ ପୂଜା ପାଉଛନ୍ତି ।

**ବାଉଁଶୁଣୀ,୨୪।୧୦(ଡି.ଏନ୍.ଏ)**

ବୌଦ୍ଧ ବ୍ଲକ ବାଉଁଶୁଣୀ ଛକଠାରେ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ଷଷ୍ଠ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି । ଏଥିରେ ଶିବଶଙ୍କର ନେପାକ କର୍ତ୍ତା ଥିବାବେଳେ ବସନ୍ତ ତ୍ରିପାଠୀ ପୂଜକ ଥିଲେ। ସଭାପତି ରମେଶ ଗରିଆ ଓ ସମ୍ପାଦକ ଗୋପାଳ ମେହେରଙ୍କ ତତ୍ତ୍ୱାବଧାନରେ ପୂଜା ଅନୁଷ୍ଠିତ ହୋଇଥିଲା । ସବୁବର୍ଷ ପରି ଏବର୍ଷ ମଧ ଜଗଲକ୍ଷ୍ମୀ ପୂଜା ଖୁବ୍ ଧୁମ୍‌ଧାମରେ ପାଳିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି । ଦେବାଶିଷ ନେପାକ, ସତ୍ୟନାରାୟଣ ମହାକୁଳ, ଅଶ୍ୱିନୀ ସାହୁ, କୃଷ୍ଣଚନ୍ଦ୍ର ମେହେର, ସୁମନ୍ତ ମେହେର ପ୍ରମୁଖ ସହଯୋଗ କରିଥିଲେ ।

**ପୂର୍ବ ତଟ ରେଳପଥ**

**ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP) ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**

(1) ନିଯୁକ୍ତି ସୂଚନା ସଂ. 02/2018-CMP ତା.08.10.2018 ରିଖ

ପୂର୍ବ ତଟ ରେଳପଥ/ଖୋର୍ଦ୍ଧା ରୋଡ଼ ମଣ୍ଡଳ, ପୂର୍ଣ୍ଣକାଳୀନ ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP) ଭାବେ ନିଯୁକ୍ତି ଦେବା ନିମନ୍ତେ ମୁକ୍ତ ବଜାର (Open Market)ରୁ ତଥା ଅବସରପ୍ରାପ୍ତ ରେଳବାଇ ଡାକ୍ତର ଏବଂ ଅବସରପ୍ରାପ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଡାକ୍ତରଙ୍କ ଏକ ନାମ ତାଲିକା ପ୍ରସ୍ତୁତ କରିବା ପାଇଁ ଚୁକ୍ତି ଭିତ୍ତିରେ ଏକ ବର୍ଷ ଅବଧି ନିମନ୍ତେ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ଆୟୋଜନ କରିବ। ସଂପୃକ୍ତ CMP ମାନଙ୍କ ସମ୍ମତି ଭିତ୍ତିରେ ପରବର୍ତ୍ତୀ ସମୟରେ ଏହାକୁ ପୁନର୍ବାର ବର୍ଷକୁ ବର୍ଷ ସାରି ଚୁକ୍ତି କରାଯାଇପାରିବ, ଯାହାକି 12 ବର୍ଷରୁ ଊର୍ଦ୍ଧ୍ୱ ଅବଧି ହେବ ନାହିଁ କିମ୍ବା IRMS ଦ୍ୱାରା ଚୟନ ହୋଇଥିବା ଡାକ୍ତରମାନଙ୍କୁ ଏହି ପଦରେ ନିଯୁକ୍ତି ପର୍ଯ୍ୟନ୍ତ କିମ୍ବା ଏହି ବ୍ୟବସ୍ଥା ଉପଲବ୍ଧ ଥିବା ପର୍ଯ୍ୟନ୍ତ ଯେଉଁଟି ପ୍ରଥମେ ହେବ, ସେହି ଅବଧି ପର୍ଯ୍ୟନ୍ତ ଏହି ନିଯୁକ୍ତି ବଳବତ୍ତର ରହିବ। ସବିଶେଷ ବିବରଣୀ ନିମ୍ନ ପ୍ରଦତ୍ତ ଅଟେ :

ଖାଲି ଥିବା ମୋଟ୍ ପଦବୀ: 02 (ଖୋର୍ଦ୍ଧା ରୋଡ଼ ମଣ୍ଡଳର ବ୍ରହ୍ମପୁର ହେଲ୍‌ଥ ୟୁନିଟ୍, କେନ୍ଦୁଝରଗଡ଼ - ଯଖପୁରା ସେକ୍ସନ ପ୍ରତ୍ୟେକଙ୍କ ପାଇଁ 01 ଗୋଟି ହିସାବରେ)।

ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା: ପ୍ରାର୍ଥୀ ଭାରତୀୟ ଚିକିତ୍ସା ପରିଷଦ(Indian Medical Council) ଦ୍ୱାରା ସ୍ୱୀକୃତ ସର୍ବନିମ୍ନ MBBS ଡିଗ୍ରୀ ପ୍ରାପ୍ତ କରିଥିବା ସହିତ ସେ ଏକ ବର୍ଷ ବାଧ୍ୟତାମୂଳକ ରୋଟେଟୋରୀ ଇଣ୍ଟର୍ଣ୍ଣସିପ୍ (Rotatory Internship)ସମାପ୍ତ ପରେ କିମ୍ବା ଭାରତୀୟ ଚିକିତ୍ସା ପରିଷଦରେ ଭାରତର ଯେକୌଣସି ରାଜ୍ୟ ଚିକିତ୍ସା ପରିଷଦରୁ ବୈଧ ରେଜିଷ୍ଟ୍ରେସନ ପ୍ରମାଣ ପତ୍ର ପାଇଥିବେ। ଅନ୍ୟ କୌଣସି ପ୍ରମାଣପତ୍ର ଗ୍ରହଣ କରାଯିବ ନାହିଁ।

ପାରିଶ୍ରମିକ: ପୂର୍ଣ୍ଣକାଳୀନ ଜେନେରାଲ ଡ୍ୟୁଟି ମେଡ଼ିକାଲ ଅଫିସର-CMP ମାନଙ୍କ ପାଇଁ ମାସିକ ପାରିଶ୍ରମିକ ଟ.75,000/-(HRA ଏବଂ ପରିବହନ ଭତ୍ତା ସହିତ)।

**ଅଂଶକାଳିକ (Part Time) ଚୁକ୍ତିଭିତ୍ତିକ ମହିଳା ଚିକିତ୍ସକ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**

(2) ନିଯୁକ୍ତି ସୂଚନା ସଂ. CMP.03/2018 ତା.08.10.2018 ରିଖ

ଏକ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହେଲ୍‌ଥ ୟୁନିଟ୍, ଅନୁଗୋଳ ଠାରେ ଦୈନିକ 4 ଘଣ୍ଟା ଏବଂ ସପ୍ତାହରେ 6 ଦିନ ଡ୍ୟୁଟି ପାଇଁ ଚୁକ୍ତି ଭିତ୍ତିରେ ଅଂଶକାଳିକ ମହିଳା ଚିକିତ୍ସକମାନଙ୍କ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ଏକ ନାମ ତାଲିକା (Panel) ପ୍ରସ୍ତୁତ କରିବା ପାଇଁ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ର ଆୟୋଜନ କରାଯିବ। ପରବର୍ତ୍ତୀ ସମୟରେ ସଂପୃକ୍ତ ଅଂଶକାଳିକ ଚୁକ୍ତିଭିତ୍ତିକ ମହିଳା ଚିକିତ୍ସକମାନଙ୍କ ସମ୍ମତି ଭିତ୍ତିରେ ପ୍ରତି ବର୍ଷ ସାରି ଚୁକ୍ତି ଦ୍ୱାରା ଏହାକୁ ପୁନଃ ନବୀକରଣ କରାଯାଇପାରିବ, ଯାହାର ଅବଧି ସର୍ବାଧିକ 05 ବର୍ଷ ପର୍ଯ୍ୟନ୍ତ କିମ୍ବା ନିୟମିତ IRMS ଚିକିତ୍ସକ ଦ୍ୱାରା ଏହି ପଦବୀ ପୂରଣ ହେବା ପର୍ଯ୍ୟନ୍ତ କିମ୍ବା ଏହି ଯୋଜନା ଉପଲବ୍ଧ ଥିବା ପର୍ଯ୍ୟନ୍ତ, ଯେଉଁଟି ପ୍ରଥମେ ହେବ, ସେହି ପର୍ଯ୍ୟନ୍ତ ଏହି ଚୁକ୍ତି ବଳବତ୍ତର ରହିବ। ସବିଶେଷ ବିବରଣୀ ନିମ୍ନ ପ୍ରଦତ୍ତ ଅଟେ :

ଖାଲି ଥିବା ମୋଟ୍ ପଦବୀ : 01(ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହେଲ୍‌ଥ ୟୁନିଟ୍, ଅନୁଗୋଳ ଠାରେ 01 ଗୋଟି)।

ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା : ପ୍ରାର୍ଥୀ MBBS କିମ୍ବା ସ୍ନାତକୋତ୍ତର(MD କିମ୍ବା MS)ଡିଗ୍ରୀ ପ୍ରାପ୍ତ କରିଥିବା ସହିତ ସେ ଏକ ବର୍ଷ ବାଧ୍ୟତାମୂଳକ ରୋଟେଟୋରୀ ଇଣ୍ଟର୍ଣ୍ଣସିପ୍ (Rotatory Internship)ସମାପ୍ତ ପରେ କିମ୍ବା ଭାରତୀୟ ଚିକିତ୍ସା ପରିଷଦରେ ଭାରତର ଯେକୌଣସି ରାଜ୍ୟ ଚିକିତ୍ସା ପରିଷଦରୁ ବୈଧ ରେଜିଷ୍ଟ୍ରେସନ ପ୍ରମାଣପତ୍ର ପାଇଥିବେ।

ପାରିଶ୍ରମିକ : (i) ମାସିକ ପାରିଶ୍ରମିକ ଟ.36,900/-, (ii) ଉପଯୁକ୍ତ ସମୟ ଠାରୁ ଅଧିକ ଦିନ ଅନୁପସ୍ଥିତ କ୍ଷେତ୍ରରେ ପାରିଶ୍ରମିକରୁ ଦୈନିକ ଦିନ ପ୍ରତି ଟ.1,230/- ଦରରେ କାଟ ହୋଇପାରେ।

ବୟସ: ତା.01.10.2018 ରିଖ ସୁଦ୍ଧା 53 ବର୍ଷରୁ ଅଧିକ ବୟସ ହୋଇନଥିବ। ଅନ୍ୟ ପକ୍ଷରେ ଅନୁସୂଚିତ ଜାତି (SC)/ଅନୁସୂଚିତ ଜନଜାତି(ST)ପ୍ରାର୍ଥୀଙ୍କ ପାଇଁ 5 ବର୍ଷ ଏବଂ ଅନ୍ୟ ପଛୁଆ ବର୍ଗ(OBC) ପ୍ରାର୍ଥୀଙ୍କ ପାଇଁ 3 ବର୍ଷ ପର୍ଯ୍ୟନ୍ତ ବୟସ ସୀମାରେ କୋହଳ କରାଯିବ (କ୍ରମ ସଂ. 1 ଏବଂ 2 ନିମନ୍ତେ)।

'ୱାକ୍-ଇନ୍-ଇଣ୍ଟରଭ୍ୟୁ' ସ୍ଥାନ, ତାରିଖ ଓ ସମୟ (କ୍ରମ ସଂ. 1 ଏବଂ 2 ନିମନ୍ତେ) :

| "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ | ତାରିଖ, ରିପୋର୍ଟ କରିବା ସମୟ ଏବଂ "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| ମୁଖ୍ୟ ଚିକିତ୍ସା ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ମଣ୍ଡଳ ରେଳ ଚିକିତ୍ସାଳୟ, ଖୋର୍ଦ୍ଧା ରୋଡ଼, ପୋଷ୍ଟ: ଜଟଣୀ-752025, ଓଡ଼ିଶା | ତା.08.11.2018ରିଖ 1030 ଘଟିକା |

ଦ୍ରଷ୍ଟବ୍ୟ : ସାକ୍ଷାତକାରରେ ଯୋଗଦେବା ପାଇଁ ପ୍ରାର୍ଥୀମାନଙ୍କୁ କୌଣସି ପ୍ରକାର ଯାତ୍ରା ଭଡ଼ା/ଦୈନିକ ଭତ୍ତା/ରହିବା ସୁବିଧା ପ୍ରଦାନ କରାଯିବ ନାହିଁ (କ୍ରମ ସଂ. 1 ଏବଂ 2 ନିମନ୍ତେ)।

ସଂପୂର୍ଣ୍ଣ ବିବରଣୀ, ଦରଖାସ୍ତ ଫର୍ମାଟ୍ ଓ ଅନ୍ୟାନ୍ୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ।

PR-367/J/18-19 ମଣ୍ଡଳ ରେଳ ପ୍ରବନ୍ଧକ(କାର୍ମିକ), ଖୋର୍ଦ୍ଧା ରୋଡ଼

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୫ ଅକ୍ଟୋବର, ୨୦୧୮



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ



**ସଂକ୍ଷେପରେ**

## ଫୁଟବଲ: କୁଟିପାଲି ଚାମ୍ପିୟନ

**ଘେଁସ,୨୪।୧୦(ଡି.ଏନ.ଏ):** ବରଗଡ ଜିଲା ସୋହେଲା ବ୍ଲକ ପେଟୁପାଲିଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଅବସରରେ ବୁଧବାର ଏକ ଦିବସୀୟ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବୀର ସୁରେନ୍ଦ୍ର ସାଏ କ୍ରୀଡା ସଂସଦ ଏବଂ ଗଜଲକ୍ଷ୍ମୀ ପୂଜା କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ପେଟୁପାଲି, ଲୁହୁରାଚଟି, ପିପିଲିପାଲି ଏବଂ କୁଟିପାଲି ଦଳ ଅଂଶଗ୍ରହଣ କରିଥିଲେ । ପ୍ରଥମ ମ୍ୟାଚ୍ ପିପିଲିପାଲି ଏବଂ ଲୁହୁରାଚଟି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଲୁହୁରାଚଟି ଦଳ ୧-୦ ରେ ବିଜୟୀ ହୋଇଥିଲା । ୨ୟ ମ୍ୟାଚ୍ ପେଟୁପାଲି ଏବଂ କୁଟିପାଲି ମଧ୍ୟରେ ଅନୁଷ୍ଠିତ ହୋଇ କୁଟିପାଲି ଦଳ୧-୦ ରେ ବିଜୟୀ ହୋଇଥିଲା। ପରେ କୁଟିପାଲି ଏବଂ ଲୁହୁରାଚଟି ଦଳ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପେନାଲ୍ଟି ସୁଟ ଆଉଟ ମାଧ୍ୟମରେ କୁଟିପାଲି ଦଳ ୫-୪ ଗୋଲରେ ବିଜୟଲାଭ କରି ଚାମ୍ପିୟନ ଘୋଷିତ ହୋଇଥିଲା । କୃଷ୍ଣଚନ୍ଦ୍ର ସାହୁ, ନୃପରାଜ ସିଂ ବରିହା, ରମେଶ ବାଗ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଏ ନେଇ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ପେଟୁପାଲି ସରପଞ୍ଚ ଘୋଷାମଣି ବାଗ, ସମିତିସଭ୍ୟ କୁଞ୍ଜବିହାରୀ ପଧାନ, ସୁବୋଧ ଚୌହାନ, ଧର୍ମରାଜ ବେହେରା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ଉଭୟ ବିଜେତା ଏବଂ ଉପବିଜେତା ଦଳକୁ ଅତିଥି ମାନେ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ ।

# ଶିଶୁ ଶ୍ରମିକଙ୍କୁ ବଢ଼ିଲା ସହଯୋଗର ହାତ

**ବରଗଡ଼ ଅଫିସ୍/ ଅତାବିରା, ୨୪।୧୦ (ଡି.ଏନ.ଏ)**

**ଅତାବିରା ବ୍ଲକ**



ଶିଶୁ ଶ୍ରମିକଙ୍କ ଘରେ ସ୍ୱେଚ୍ଛାସେବୀମାନେ ।

- ଡାକ୍ତରଖାନା ନେଲେ ସ୍ୱେଚ୍ଛାସେବୀ
- ସବୁପ୍ରକାର ଚିକିତ୍ସା ବ୍ୟବସ୍ଥା କରିବ ସିଡବ୍ଲ୍ୟୁସି
- ଶ୍ରମମନ୍ତ୍ରୀ ପ୍ରତିନିଧି ପଠାଇ ଖବର ବୁଝିଲେ
- ଆବଶ୍ୟକ ହେଲେ କଟକ ବଡଡାକ୍ତରଖାନା ପଠାଯିବ କହିଲେ ମନ୍ତ୍ରୀ

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଗୋଡ଼ଭଗା ଅଞ୍ଚଳର ଜଣେ ଶିଶୁ ଶ୍ରମିକ ଚିକିତ୍ସା ଅଭାବରୁ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ଘଟଣା ଉପରେ ବୁଧବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ମୃତ୍ୟୁ ସଂଗେ ଯୁଝୁଛନ୍ ଶିଶୁ ଶ୍ରମିକ୍ ଶୀର୍ଷକ ଏକ ଖବର ପ୍ରକାଶ ପାଇବା ପରେ ତାଙ୍କୁ ସହଯୋଗ ମିଳିଛି । ଉକ୍ତ ଖବର ପଢ଼ି ଭରସା ପରିବାରର ମୁଖ୍ୟ ନିହାଲ ସିଂ ସମ୍ପୃକ୍ତ ଶିଶୁ ଶ୍ରମିକଙ୍କ ଘରକୁ ପହଞ୍ଚିଥିଲେ। ସେଠାରେ ସ୍ଥାନୀୟ ପୂର୍ବତନ ସରପଞ୍ଚ ନିରାକାର ମହାକୁରଙ୍କ ସହିତ ଶିଶୁ ଶ୍ରମିକ ଓ ପରିବାର ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ଉପରେ ପଚରାଉଚୁରା କରିଥିଲେ। ଏହାପରେ ଭରସା ପରିବାରର ମୁଖ୍ୟ ସିଂ ଶିଶୁ ଶ୍ରମିକ ଓ ତାଙ୍କ ବାପାଙ୍କୁ ନିଜ ଗାଡ଼ିରେ ଧରି ଭୀମସାର୍, ବୁର୍ଲାକୁ ନେଇଥିଲେ । ସେଠାରେ ଅସ୍ଥିଶଲ୍ୟ ବିଭାଗର ଆସୋସିଏଟ୍ ପ୍ରଫେସର ଡା. ବ୍ରଜ ସୁନ୍ଦର ସାହୁ ଶିଶୁ ଶ୍ରମିକଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ ଏବଂ ଏହାପରେ ସେ ଶିଶୁ ଶ୍ରମିକଙ୍କୁ ଘରେ ଆଣି ଛାଡ଼ିଥିଲେ । ଶିଶୁ ଶ୍ରମିକର ପ୍ଲାଷ୍ଟିକ ସର୍ଜରୀର ଆବଶ୍ୟକତା ପଡୁଥିବାବେଳେ ଏଥିପାଇଁ ତାଙ୍କ ପରିବାର ପାଖରେ ସମ୍ବଳ ନାହିଁ । ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଏହି ପରିବାର ଅନ୍ୟ ପାଖରେ କାମ କଲେ ଯାଇ ପରିବାର ଚଳିଥାଏ । ଫଳରେ ତାଙ୍କ ଚିକିତ୍ସା ସହାୟତା ପାଇଁ ଶିଶୁ ଶ୍ରମିକଙ୍କ ବାପା ନିବେଦନ କରିଛନ୍ତି । ଅନ୍ୟପଟେ ଜିଲା ଶିଶୁ କଲ୍ୟାଣ ସମିତି(ସିଡବ୍ଲ୍ୟୁସି)ର ଚେୟାରମ୍ୟାନ ସୁଜିତ ଦାଶ ମଧ୍ୟ ଧରିତ୍ରୀରେ ପ୍ରକାଶିତ ଖବର ପଢ଼ି ଆମ ଜିଲା ପ୍ରତିନିଧିଙ୍କୁ ଫୋନ କରିଥିଲେ ଏବଂ ଗୁରୁବାର ସୁଦ୍ଧା ସମ୍ପୃକ୍ତ ଶିଶୁ ଶ୍ରମିକଙ୍କ ଚିକିତ୍ସା ପାଇଁ ସିଡବ୍ଲ୍ୟୁସି ଆବଶ୍ୟକ ପଦକ୍ଷେପ ନେବ ବୋଲି ସୂଚନା ଦେଇଥିଲେ । ସେହିପରି ଶ୍ରମ ଓ ଶକ୍ତିମନ୍ତ୍ରୀ ସୁଶାନ୍ତ ସିଂ ମଧ୍ୟ ସମ୍ପୃକ୍ତ ଶିଶୁ ଶ୍ରମିକଙ୍କ ପାଖକୁ ନିଜ ପ୍ରତିନିଧି ପଠାଇଥିଲେ। ଅସୁସ୍ଥ ଶିଶୁଙ୍କ ଚିକିତ୍ସା ବ୍ୟବସ୍ଥା କରାଯିବ ଏବଂ ଆବଶ୍ୟକ ପଡ଼ିଲେ କଟକ ବଡ଼ ଡାକ୍ତରଖାନାରେ ମଧ୍ୟ ତାଙ୍କ ଚିକିତ୍ସା କରାଯିବ ବୋଲି ମନ୍ତ୍ରୀ ସିଂ ସୂଚନା ଦେଇଛନ୍ତି ।

# ଗଜଲକ୍ଷ୍ମୀ ପୂଜା ଆରମ୍ଭ



ଗଜଲକ୍ଷ୍ମୀ ପୂଜା ଲାଗି କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଛି ।

**ଘେଁସ, ୨୪।୧୦(ଡି.ଏନ.ଏ)**

ସୋହେଲା ବ୍ଲକ ଅନ୍ତର୍ଗତ ପେଟୁପାଲି ଠାରେ ଗଜଲକ୍ଷ୍ମୀ ପୂଜାର ଶୁଭାରମ୍ଭ ହୋଇଛି। ବୁଧବାର ଏକ ଶୁଭଲଗ୍ନରେ ଗ୍ରାମର ଶତାଧିକ ମହିଳା ପୁରୁଷ ମାନସିକ ରଖି ନିକଟସ୍ଥ ବଡକଟାରେ ପହଞ୍ଚିଥିଲେ। ପଣ୍ଡିତ ଅଶ୍ୱିନୀ ସାବତଙ୍କ ପୌରୋହିତ୍ୟରେ ପୂଜାର୍ଚ୍ଚନା ହୋଇଥିଲା । ପରେ ଜଳପୂର୍ଣ୍ଣ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ଗାଁ ପରିକ୍ରମା କରିବା ପରେ ପୂଜା ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା । ପଣ୍ଡିତ ଟିକେଶ୍ୱର ମହାପାତ୍ର, ଋକ୍ମଣ ଶତପଥି, ଲୋକେଶ୍ୱର ସାବତଙ୍କ ପୌରୋହିତ୍ୟରେ ମାଁଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଛି । ସୁବାଷ ଦିପ୍ରି ଏବଂ ତାଙ୍କ ସ୍ତ୍ରୀ ରଞ୍ଜିତା ଦିପ୍ରି କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି । ଏହି ପୂଜା ତିନି ଦିନ ଧରି ଚାଲିବ ।

# ବୀମା ପ୍ରିମିୟମ ପଇଠ ନ କରିବାରୁ ବ୍ୟାଙ୍କ ଦଣ୍ଡିତ

**ବରଗଡ଼ ଅଫିସ୍,୨୪।୧୦**

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ନଅଗାଁ, ଡୁମ୍ବେରପାଲି ଏବଂ ଗର୍ଭଣା ଗ୍ରାମର ୧୫ଜଣ ଚାଷୀଙ୍କ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ବୀମା ପ୍ରିମିୟମ ସଠିକ୍ ସମୟରେ ପଇଠ କରି ନ ଥିବାରୁ ବରଗଡ଼ ଜିଲା ଖାଉଟି ଅଦାଲତ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପାଣିମୋରା ଶାଖାକୁ ପୃଥକ ମୋକଦ୍ଦମାକ୍ରମେ ଦଣ୍ଡିତ କରିବା ସହିତ ସମ୍ପୃକ୍ତ ଚାଷୀଙ୍କୁ ଉଚିତ୍ କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ପୃକ୍ତ ଚାଷୀଙ୍କୁ ବାର୍ଷିକ ୭ ପ୍ରତିଶତ ସୁଧହାର ସହିତ ନିର୍ଦ୍ଧାରିତ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ମାନସିକ ଦୁଃଶ୍ଚିନ୍ତା ପାଇଁ ଚାଷୀ ପ୍ରତି ୫ହଜାର ଏବଂ ମକଦ୍ଦମା ପରିଚାଳନା ପାଇଁ ୨ହଜାର ଟଙ୍କା ଲେଖାଏଁ ପ୍ରଦାନ କରିବା ପାଇଁ ଖାଉଟି ଅଦାଲତର ନିର୍ଦ୍ଦେଶ ରହିଛି ।

ଆସନ୍ତା ୩୦ଦିନ ମଧ୍ୟରେ ଉପରୋକ୍ତ କ୍ଷତିପୂରଣ ପ୍ରଦାନ ନ କଲେ ବାର୍ଷିକ ୯ପ୍ରତିଶତ ସୁଧହାରରେ ସମୁଦାୟ ଟଙ୍କା ଆଦାୟ କରାଯିବ ବୋଲି ଅଦାଲତଙ୍କ ନିର୍ଦ୍ଦେଶ ରହିଛି। କ୍ଷତିଗ୍ରସ୍ତ ଚାଷୀଙ୍କ ପକ୍ଷରୁ ଆଡ଼ଭୋକେଟ୍ ପ୍ରଦୀପ କୁମାର ମହାପାତ୍ର, ଦ୍ୟୁତୀଶ ଆଚାର୍ଯ୍ୟ ମାମଲ ପରିଚାଳନା କରୁଥିବାବେଳେ ଆଡ଼ଭୋକେଟ୍ ବିବେକାନନ୍ଦ ସାହୁ, ମନୋଜ ସାହୁ ଏବଂ ଦେବବ୍ରତ ଆଚାର୍ଯ୍ୟ ସହଯୋଗ କରିଥିଲେ ।

# ଚାକିରି ଦେବା ଆଳରେ ଠକେଇ: ମା, ପୁଅ ଗିରଫ

**ବରଗଡ଼ ଅଫିସ୍,୨୪।୧୦**

ବରଗଡ଼ ସହରର ୩ଜଣ ଯୁବତୀଙ୍କୁ ଚାକିରି ଦେବା ଆଳରେ ଠକେଇ ହୋଇଥିବା ସ୍ଥାନୀୟ ଟାଉନ ଥାନାରେ ଅଭିଯୋଗ ହୋଇଛି । ଏ ନେଇ ଖଜୁରଟିକ୍ରା ନିବାସୀ ପଦ୍ମିନୀ ମିଶ୍ର ନାମ୍ନୀ ଜଣେ ମହିଳା ଥାନାରେ ଏତଲା ଦେଇଛନ୍ତି । ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୫୨୭/୧୮ ରୁଜୁ କରିଛି । ଏହା ସହିତ ଏହି ମାମଲାର ୨ଅଭିଯୁକ୍ତ ଅନିଷ ବାରିକ ଓ ତାଙ୍କ ମା'ଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି । ମୁଖ୍ୟ ଅଭିଯୁକ୍ତ ମନିଷ ଫେରାର୍ ଅଛନ୍ତି ।

ସହରର ଖଜୁରଟିକ୍ରା ନିବାସୀ ମନିଷ ବାରିକ ନିଜକୁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତା ଭାବେ ପରିଚୟ ଦେଇ ଦଳ ତରଫରୁ ଚାକିରି ଦିଆଯିବ ବୋଲି ପଦ୍ମିନୀଙ୍କ ଝିଅ ନିହାରିକା ମହାପାତ୍ର ଏବଂ ଅନ୍ୟ ଦୁଇଜଣଙ୍କୁ ମାସିକ ୧୨ହଜାର ଟଙ୍କାର ପ୍ରଲୋଭନ ଦେଖାଇଥିଲେ । ଏଥିପାଇଁ ସେ ପର୍ଯ୍ୟାୟକ୍ରମେ ବ୍ୟାଙ୍କ ଆକାଉଣ୍ଟରେ ୩ଲକ୍ଷ ୫ହଜାର ଟଙ୍କା ଏବଂ ନଗଦ ୧୫ହଜାର ଟଙ୍କା ନେଇଥିଲେ। ତେବେ ସେ ସରକାରୀ ହସପିଟାଲରେ ଚାକିରି କରାଇ ଦେଇଥିଲେ ଏବଂ ସେମାନଙ୍କୁ ଜଣ ପ୍ରତି ମାସିକ ମାତ୍ର ୫୨୮୩ ଟଙ୍କା ମିଳିଥିଲା। ଏ ସମ୍ପର୍କରେ ମନୀଷଙ୍କୁ ବାରମ୍ବାର କହିବା ସତ୍ତ୍ୱେ ଏରିଅର ଆସିବ ବୋଲି କେବଳ ଭୂଆଁ ବୁଲାଇଥିଲେ ଏବଂ ଶେଷରେ ନିହାରିକା ଚାକିରି ଛାଡ଼ି ଦେଇଥିଲେ । ଏହାପରେ ଚାକିରି ଦେବା ବାବଦକୁ ସେ ନେଇଥିବା ଟଙ୍କା ଫେରାଇବାକୁ ମନିଷଙ୍କୁ କହିଥିଲେ। ମାତ୍ର ତାହା ଫେରାଇବା ପରିବର୍ତ୍ତେ ମନିଷ, ତାଙ୍କ ଭାଇ ଅନିଷ ଏବଂ ମା, ବାପା ଧମକ ଚମକ ଦେଇଥିବା ଅଭିଯୋଗ ହୋଇଛି ।

# ପାଇକମାଳରେ ଚଣ୍ଡୀ ମହୋତ୍ସବ

**ପାଇକମାଳ, ୨୪।୧୦ (ଡି.ଏନ.ଏ)**



ଚଣ୍ଡୀ ମହୋତ୍ସବ ପାଇଁ କଳସ ଶୋଭାଯାତ୍ରା ଚାଲିଛି ।

ପାଇକମାଳ ବ୍ଲକ ନୃସିଂହନାଥ ନିକଟରେ ଥିବା ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ ଶାରଦୀୟ ଚଣ୍ଡୀ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ଭୋରରୁ ମନ୍ଦିର ପୂଜକ ରାଜାରାମ ଭୋଇ ରୀତିନୀତି ଅନୁସାରେ ବିଶାଶହେ କୁଳ ସମାଜର ଅଧିଷ୍ଠାତ୍ରୀ ଦେବୀ ମାଁ ରଣେଶ୍ୱର ରାମଚଣ୍ଡୀଙ୍କୁ ନୂତନ ବସ୍ତ୍ର ପରିଧାନ କରାଇ ପୂଜାପାଠ କରିଥିଲେ । ସକାଳ ୧୦ ଘଟିକା ସମୟରେ ମହିଳାମାନେ ୧୦୮ କଳସରେ ନୃସିଂହନାଥ ଗଣେଶ ଘାଟରୁ ପବିତ୍ର ପାଣି ଉଠାଇ ଏକ ଶୋଭାଯାତ୍ରାରେ ପୂଜା ପୀଠରେ କଳସ ସ୍ଥାପନ କରିଥିଲେ। ଯଜ୍ଞକର୍ତ୍ତା ଭାବେ କେଶବ ସାହୁ ଓ ତାଙ୍କ ସ୍ତ୍ରୀ ମମତା ସାହୁ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଡିଗ୍ରୀଧର ଦେବତା ଓ ଝସକେତନ ନନ୍ଦ ଚଣ୍ଡୀପାଠ, ହୋମଯଜ୍ଞ ସମାପନ କରିଥିଲେ । ଏ ନେଇ ଅନୁଷ୍ଠିତ ସଭାରେ କୁଳିତା ସମାଜ ସଭାପତି ଭୋଲାନାଥ ପ୍ରଧାନ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱରରୁ ଅତିରିକ୍ତ ତହସିଲଦାର ମହେନ୍ଦ୍ର ବଢ଼େଇ ଯୋଗଦେଇ କୁଳତା ସମାଜର ଉନ୍ନତି ଏବଂ ଗାଁ ଗାଁ ମଧ୍ୟରେ ମତଭେଦ ନ ରଖି ଏକତା ରକ୍ଷାକଲେ କୁଳତା ଜାତିର ଉନ୍ନତି ସମ୍ଭବ ବୋଲି ମତବ୍ୟକ୍ତି କରିଥିଲେ। ମୁଖ୍ୟଅତିଥି ଝାରବନ୍ଧ ବ୍ଲକର ଗତ ମାଟ୍ରିକ ଟପ୍ପର ଲିପି ପ୍ରଧାନ, ପାଇକମାଳ ବ୍ଲକର ମାଟ୍ରିକ ଟପ୍ପର ସତ୍ୟଜିତ ନାୟକ ଓ ରିତେଶ ନାୟକଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ କୁବେର ପ୍ରଧାନ, ଗୋକୁଳ ପ୍ରଧାନ, ନାରାୟଣ ସାହୁ, ବିଜୟ କେତନ ପ୍ରଧାନ, ଜଗଦୀଶ ସାହୁ ଯୋଗ ଦେଇଥିଲେ । ଗୁପତରାମ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ । 1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

SMS JOB
Send SMS. Earn MONEY
AIRTEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432
7370994270

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ଦୈବିକ ବିଦ୍ୟାରେ ନିପୁଣ
9873361894, 9654673664

Dhanlaxmi Financial Services
(Govt Registered)
(Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ।
2% ସୁଧ 40% ସରକାରୀ ସବ୍‌ସିଡି
ଯୋଗାଯୋଗ କରନ୍ତୁ
6397482193
9138702512
74/8, Taraan, Punjab

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ? କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ )
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ଦୈବିକ ବିଦ୍ୟାରେ ନିପୁଣ
9997796211

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ ଭାରତର ସର୍ବବୃହତ୍ ନେଟୱର୍କ ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ। କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000- 50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

FINANCE
ଭାରତ No. 1 ରେଜିଷ୍ଟର୍ଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

ଦୀପାବଳି ଧମାକା
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପ୍ରାପ୍ତ କରନ୍ତୁ 3 ଘଣ୍ଟାରେ ଦୀପାବଳିର ଶୁଭ ଅବସରରେ ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ
2% ସୁଧ 50% ରିହାତି + ସବ୍‌ସିଡି
ମାତା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି + ସବ୍‌ସିଡି
9625419406
8695337370
Add : - T-51, Gautampuri, Delhi-53

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଶ୍ରୀରାମ ଫାଇନାନ୍ସ ଲିମିଟେଡ୍
(Reg. No. LA76108CH0902)
1982ରୁ ପଞ୍ଜୀକୃତ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସବୁ ଋଣ 24 ଘଣ୍ଟାରେ ଘରେ ବସି, 2% ସୁଧ, 40% ରିହାତି।
7460970869
7518148465
ଠକମାନଙ୍କ ପ୍ରତି ସାବଧାନ।

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବ କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar

ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର

## ସଂକ୍ଷେପରେ

### ଚୁଡ଼ାଖାଇ ମହୋତ୍ସବ ନେଇ ଆଲୋଚନାଚକ୍ର

ତରଭା,୨୪।୧୦(ଡି.ଏନ୍.ଏ.): ତରଭା ବ୍ଲକ ଅଧୀନ ତୁଲୁଣ୍ଡା ପଞ୍ଚାୟତ ଚୁଡାଖାଇ ପାହାଡ ପାଦଦେଶରେ ଚୁଡାଖାଇ ମହୋତ୍ସବ ପାଇଁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଚୁଡାଖାଇ ସଂସ୍କୃତିର ବିକାଶ ଶୀର୍ଷକ ଆଲୋଚନାଚକ୍ରରେ ଅଧକ୍ଷତା କରି ତରଭା ବ୍ଲକ ବିଡିଓ ନିହାର ରଞ୍ଜନ କହଁର ସଂସ୍କୃତି ଏବଂ ପରମ୍ପରାର ବିକାଶ ହୋଇପାରିଲେ ଅଞ୍ଚଳର ପ୍ରଚାର ପ୍ରସାର ହୋଇପାରିବ ବୋଲି କହିଥିଲେ। ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତିକ ଚୁଡାଖାଇ ଡଙ୍ଗର ଏବଂ ଯାତ୍ରାର ବିକାଶ ପାଇଁ ସମସ୍ତଙ୍କ ଉଦ୍ୟମର ଆବଶ୍ୟକତା ରହିଛି । ପ୍ରଶାସନ, ଲୋକପ୍ରତିନିଧି ଓ ଜନସାଧାରଣଙ୍କ ସହଯୋଗରେ ଆସନ୍ତା ବର୍ଷ ଚୁଡାଖାଇ ମହୋତ୍ସବ ପାଳନ କରାଯିବ ବୋଲି ବିଡିଓ କହଁର ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବେ ତରଭା ଆଇଆଇସି ସୁରୁବାବୁ ଛତ୍ରିୟା ଯୋଗଦେଇ ଚୁଡାଖାଇ ଯାତ୍ରା ୩ଦିନ ପାଳନ କରାଯିବ ବୋଲି କରିଥିଲେ । ତରଭା ବ୍ଲକ ଆଦିବାସୀ ସମାଜ ସଭାପତି କପୁର ଚନ୍ଦ ଭୋଇ, ଯୁବ ବିଜେଡି ସଭାପତି ଗଦିଦାର କୁଅଁର, ବିଜେଡି ନେତା ଅଶ୍ୱିନୀ ବିଶି, ସୁବାସ ସେଠୀ, ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ସହକାରୀ ଯନ୍ତ୍ରୀ ସୁବନାଥ ମାଝି, ଆକାଉଣ୍ଟ ଅଫିସର ଭୀମସେନ ବାଘ, ସରଗଜ ସରପଞ୍ଚ ଦଶରଥ ସାହୁ, ତୁଲୁଣ୍ଡା ସରପଞ୍ଚ ଦୟାନିଧି ସୁନା, ଦୁବୁଲା ପ୍ୟାକ୍ସ ସଭାପତି ବିଶେଶ୍ୱର ସାହୁ, ବିଜୁ ଯୁବ ବାହିନୀ ସଂଯୋଜକ ଜନାର୍ଦ୍ଦନ ଥନାପତିଙ୍କ ସମେତ ବିଜୁ ଯୁବ ବାହିନୀର ସଦସ୍ୟମାନେ ଯୋଗ ଦେଇଥିଲେ। ଚୁଡାଖାଇ ସଂସ୍କୃତିର ବିକାଶ ପାଇଁ ନଭେମ୍ବର ୧୬ରେ ଏକ ବୈଠକ ଆୟୋଜନ ସକାଶେ ଦିନ ଧାର୍ଯ୍ୟ କରାଯାଇଥିଲା ।

### ଡୁଙ୍ଗୁରିପାଲିରେ ଚାଷୀ ସଚେତନତା ଶିବିର

ଡୁଙ୍ଗୁରିପାଲି,୨୪।୧୦(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଜାତୀୟ ରାଜପଥ-୨୬ ରେ ଥିବା ମିଳନ ମୋଟର୍ସ ଆନୁକୂଲ୍ୟରେ ସ୍ଥାନୀୟ ଚାଷୀ, ଟ୍ରାକ୍ଟର ମାଲିକ ଓ ଡ୍ରାଇଭରମାନଙ୍କୁ ନେଇ ଏକ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମିଳନ ମୋଟର୍ସର ପ୍ରୋପାଇଟର ମୁକୁନ୍ଦ ମେହେର ସଭାପତିତ୍ୱ କରିଥିଲେ । କମ୍ପାନୀର ମ୍ୟାନେଜର ନିମାଇଁ ଚରଣ ସାହୁ, ଆଞ୍ଚଳିକ ସର୍ଭିସ ମ୍ୟାନେଜର ପୂର୍ଣ୍ଣଚନ୍ଦ୍ର ପଧାନ, ଆସିଷ୍ଟାଣ୍ଟ ସର୍ଭିସ ମ୍ୟାନେଜର ଜଗନ୍ନାଥ ରେଡ୍ଡି, ପ୍ରୋଭିଜନାରୀ ଅଫିସର ଜୟ ନାରାୟଣ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ଉକ୍ତ ଶିବିରରେ କମ୍ପାନୀ ପକ୍ଷରୁ ଦିଆଯାଇଥିବା ଟ୍ରାକ୍ଟର, କୃଷି କାର୍ଯ୍ୟରେ ଲାଗୁଥିବା ବିଭିନ୍ନ ଯନ୍ତ୍ରପାତି ଓ ଡ୍ରାଇଭରମାନେ ଯେପରି ଗାଡି ଚାଳନା ସମୟରେ କୌଣସି ବିପଦ, ଦୁର୍ଘଟଣାର ସମ୍ମୁଖୀନ ନ ହେବେ ସେ ବିଷୟରେ ଅତିଥିମାନେ ନିଜ ବକ୍ତବ୍ୟ ରଖିଥିଲେ । ମିଳନ ମୋଟର୍ସ ପକ୍ଷରୁ କମ୍ପାନୀ ତରଫରୁ ଚାଷୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସଭାରେ ଆଖପାଖ ଅଞ୍ଚଳର ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ଚାଷୀ ଓ ଡ୍ରାଇଭର ଯୋଗଦେଇଥିଲେ। ମିଳନ ମୋଟର୍ସର କର୍ମକର୍ତ୍ତା ବାସୁଦେବ ନାଏକ, ଅମିତ ପଧାନ, ପପୁନ ପଧାନ, ବୀରେନ୍ଦ୍ର ନାଏକ, ଈଶ୍ୱର ରାଓ, ଅଖଣ୍ଡ ଜ୍ୟୋତି ଦ୍ୱାରି, ସୁଦାମ ସାହୁ, ପ୍ରଦୀପ ସା, ରାଜୁ ତିୱାରୀ ପ୍ରମୁଖ ଉପସ୍ଥିତ ଥିଲେ । ମିଳନ ମୋଟର୍ସ ପକ୍ଷରୁ ମୁକୁନ୍ଦ ମେହେର ଧନବ୍ୟାଦ ଅର୍ପଣ କରିଥିଲେ ।





ମାହେଶ୍ୱରୀଙ୍କ ଶୋଭାଯାତ୍ରା ପୀଠରୁ ଦେମୂଳ ପଡିଆ ଅଭିମୁଖେ ବାହାରିଛି (ବାମ) । ଦେମୂଳ ପଡ଼ିଆ ବାଡି ଖେଳ ଚାଲିଛି ।

# ଦ୍ୱିତୀୟ ଦିନରେ ଅଶିନ୍ ପୁନି ଯାତରା

ବୀରମହାରାଜପୁର, ୨୪।୧୦ (ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟବର୍ତ୍ତି କାନପୁର ଶକ୍ତି ପୀଠରେ ଚାଲିଥିବା କୁମାରୋତ୍ସବ ଯାତ୍ରା(ଅଶିନ୍ ପୁନି ଯାତରା) ପାଇଁ ଅଞ୍ଚଳ ଏବେ ଚଳଚଞ୍ଚଳ । ବୁଧବାର ଥିଲା ମହୋତ୍ସବର ମୁଖ୍ୟ ପର୍ବ। ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀଙ୍କ ସ୍ନାନ ଯାତ୍ରା ପାଇଁ ଦେବୀଙ୍କ ପ୍ରତୀକ ରୂପେ ପୂଜା ପାଉଥିବା ବାଡି, ଟାଙ୍ଗି ଓ ତରବାରୀ ସହ ଛତର ଓ ଆଲମଙ୍କୁ ସନ୍ଧ୍ୟାରେ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ନିଆଯାଇ ଗାଁଠାରୁ ଅନତି ଦୂରରେ ଥିବା ଦେମୂଳ ପଡିଆ ପୂଜା ମଣ୍ଡପରେ ବିଜେ କାରାଯାଇଥିଲା । ଏଠାରେ ସମ୍ପନ୍ନ ହୋଇଥିଲା ମହାଖଳା ପୂଜା । ପାରମ୍ପରିକ ରୀତିନୀତି ଅନୁଯାୟୀ ରାତିରେ ଦେବୀଙ୍କଠାରେ ପୂଜା ଆରାଧନା ହେଉଥିବାରୁ ଯାତ୍ରା ପଡ଼ିଆ ଲୋକାରଣ୍ୟ ହୋଇପଡିଛି । ଢୋଲ, ନିଶାନ, ମହୁରୀ ଓ ଦୁଲଦୁଲି ବାଦ୍ୟରେ ଦୁଲକି ପଡୁଛି ଦେମୂଳ । ପଡ଼ିଆରେ ପ୍ରଦର୍ଶିତ ହେଉଛି ସମରକଳାର ନିଦର୍ଶନ ବାଡିଖେଳ । ଭଳିକି ଭଳି ଦୋକାନ ବଜାରରେ ପଡ଼ିଆ ଭରପୁର ଥିବାବେଳେ ଛୁଆଙ୍କଠାରୁ ବୁଢା ପର୍ଯ୍ୟନ୍ତ ସଭିଏଁ ଏହାର ମଜା ନେଉଥିବା ଦେଖିବାକୁ ମିଳିଛି । ଯାତ୍ରା ଅବସରରେ ବୁଧବାର ବଲାଙ୍ଗୀର ଏମ୍‌ପି କଳିକେଶ ନାରାୟଣ ସିଂ ଦେଓ ପହଞ୍ଚି ଦେବୀଙ୍କ ଦର୍ଶନ କରିବା ସହ ପ୍ରାଚୀନ ପୀଠର ବିକାଶ ସମ୍ପର୍କରେ ମନ୍ଦିର ପରିଚାଳନା କମିଟି ତଥା ସେବାୟତ ଏବଂ ଯାତ୍ରା କମିଟି ସଦସ୍ୟମାନଙ୍କ ସହ ଆଲୋଚନା କରଥିଲେ । ଏପରି କି ସ୍ଥାନୀୟ ଅଞ୍ଚଳର ସମସ୍ୟା ସମ୍ପର୍କରେ ମଧ ଲୋକଙ୍କୁ ପଚାରି ବୁଝି ଥିଲେ। ଏମ୍‌ପିଙ୍କ ସହିତ ଆଇନଜୀବୀ ଶ୍ରୀନିବାସ ଚାନ୍ଦ, ପୂର୍ବତନ ବ୍ଲକ ଅଧକ୍ଷ ରିତ ରଥ, ମୀନକେତନ ମହାକୁର, ବିଧାୟକଙ୍କ ପ୍ରତିନିଧି ନାରାୟଣ ଲୁହା ପ୍ରମୁଖ ସାମିଲ ଥିଲେ । ଗୁରୁବାର ଏହି ଯାତ୍ରାର ଅନ୍ତିମ ଅର୍ଥାତ ଉଦ୍‌ଯାପନୀ ପର୍ବ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।



ଏମ୍‌ପି କଳିକେଶ ନାରାୟଣ ସିଂ ଦେଓ ଦେବୀଙ୍କୁ ଦର୍ଶନ କରି ଫେରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତୁଳସୀ ରାଣୀ**
**ଜାଣି ନ ଜାଣି ମୁଁ ଦେଉଛି ପାଣି**
**ତୁ ନଉଥା ଟାଣି ।**

ତୁଳସୀ ବୃକ୍ଷକୁ ଅତି ପବିତ୍ର ମନେକରି ତା' ମୂଳରେ ପାଣି ଢାଳି ପୂଜା କରାଯାଇଥାଏ । ତେବେ ଆନ୍ତରିକ ଭକ୍ତିଭାବ ତଥା ପ୍ରାର୍ଥନା ବିନା କରାଯାଉଥିବା ପୂଜା ମୂଲ୍ୟହୀନ ହୋଇଥାଏ । ଏପରି ଉପରଠାଉରିଆ ପୂଜାରେ ଲାଭ କିଛି ମିଳି ନ ଥାଏ । ପୂଜାରେ ମନ ନ ଥିବା ଅଥଚ ଜାଣିଶୁଣି ନିମଗ୍ନ ରହୁଥିବା ବ୍ୟକ୍ତିର ଲୋକଦେଖାଣିଆ ଭକ୍ତିଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ତାଟିଆରେ ଦେଲି ଭାତ**
**ନିତି ପ୍ରତି ବାସି ପିନ୍ଧିବା ପାଇଁ**
**ଧୋବା ସଙ୍ଗେ ହେଲି ମିତ ।**

ଯାହାଠାରୁ କିଛି ଲାଭ ବା ଫାଇଦା ପାଇବାର ଆଶା ଥାଏ ତାକୁ ସର୍ବଦା ନିଜ ହାତମୁଠାରେ ଧରି ରଖିବାକୁ ଚେଷ୍ଟା କରାଯାଇଥାଏ । ମନରେ ଅଭିସନ୍ଧି ରଖି ତା' ସହ ଭଲେଇ ହୋଇ ମିଛ ସମ୍ପର୍କ ବଢ଼ାଯାଇଥାଏ । ଧୋବା ପାଖରୁ ନିଜ ଧୁଆ ଲୁଗା ପାଇବା ଆଶାରେ ତାକୁ ମନେଇ ରଖାଯିବା ଭଳି ନିଜର ସ୍ୱାର୍ଥସିଦ୍ଧି ପାଇଁ ପରକୁ ଆପଣାର କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

### ଗଜଲକ୍ଷ୍ମୀ ପୂଜାରେ କଳସ ଶୋଭାଯାତ୍ରା

ସଇଁତଲା,୨୪।୧୦(ଡି.ଏନ୍.ଏ.)

ସଇଁତଲା ବ୍ଲକ ଛକରେ ୨୪ତମ ମା' ଗଜଲକ୍ଷ୍ମୀ ପୂଜନୋତ୍ସବ ପାଳିତ ହେଉଛି। ମା' ଲକ୍ଷ୍ମୀଙ୍କ ପୂଜା ପାଇଁ ବୁଧବାର ପୂର୍ବାହ୍ନ ୧୦ଟାରେ ମଣ୍ଡପରୁ ଏକ କଳସ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ। ବେନିଆଁବନ୍ଧରେ ପୂଜକ କିରଣ ମିଶ୍ର, ଶଙ୍କର ପାଣିଗ୍ରାହୀ, ମାନସ ମିଶ୍ର, ସୁରେନ୍ଦ୍ର ମିଶ୍ର ପ୍ରମୁଖ ପୂଜାକାର୍ଯ୍ୟ ପରେ କଳସରେ ପାଣି ଆଣି ମଣ୍ଡପରେ ସ୍ଥାପନ କରାଯାଇଥିଲା । ୫ଦିନ ଧରି ହେବାକୁ ଥିବା ପୂଜାରେ ରାମଜୀବାବା ଘଣ୍ଟଦଳ ପ୍ରତ୍ୟେକ ଦିନ ସନ୍ଧ୍ୟା ଆଳତୀରେ ଘଣ୍ଟବାଦ୍ୟ ପରିବେଷଣ କରିବେ।

### ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ସିଂଘିଯୁବା,୨୪।୧୦(ଡି.ଏନ୍.ଏ.)

ବିନିକା ବ୍ଲକ୍ ବାଙ୍କିଘିର୍ଡି ହାଇସ୍କୁଲର ୨୦୧୨-୧୩ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ରଙ୍କ ମଙ୍ଗଳବାର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଭୋଜରାଜ ଦୀପ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପଦ୍ମ ଶ୍ରୀ ହଳଧର ନାଗ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ସମ୍ମାନୀତ ଅତିଥି ତୁଲଣ୍ଡି ଉ.ପ୍ରା ବିଦ୍ୟାଳୟର ଶିକ୍ଷକ ବିଭୁତି ପଧାନ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ସହକାରୀ ଶିକ୍ଷକ ସମ୍ମିଳତ ଥିଲେ । ଅଧୟନ ସମାପନ କରି ସାରିଥିବା ୨୦୧୨-୧୩ ବ୍ୟାଚ୍‌ର ବିଦ୍ୟାର୍ଥିମାନଙ୍କର ବର୍ତ୍ତମାନର ଜୀବନୀ ଉପରେ ଆଲୋକପାତ କରିଥିଲେ ଶିକ୍ଷକବୃନ୍ଦ । ଏପରି ପୁରାତନ ଛାତ୍ରୀଛାତ୍ରମାନେ ଶିକ୍ଷକମାନଙ୍କୁ ନିଜ ନିଜ ଅଭିଭାଷଣରେ କହିଥିଲେ ଯେ,ସ୍କୁଲରେ ବିତିଥିବା ସମୟ ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କର ପାଇଁ ଭଲ ସମୟ , ଏ ସମୟ ଜୀବନରେ ପୁଣି ଥରେ ଆସେନାହିଁ । ଏଣୁ ପ୍ରତ୍ୟେକ ବିଦ୍ୟାର୍ଥି ଅଧୟନ ସମୟରେ ସ୍କୁଲରେ ଉପସ୍ଥାନ ରଖି ଉତ୍କୃଷ୍ଟ ସମୟର ମଜା ନେବାକଥା ।କାର୍ଯ୍ୟକ୍ରମରେ ୨୦୧୨-୧୩ ବ୍ୟାଚ୍‌ର ସର୍ବମୋଟ୍ ୮୫ଜଣ ଛାତ୍ରୀଛାତ୍ର ସାମିଲ ହୋଇଥିଲେ । ଏମାନଙ୍କ ମନିଟର ଭାବେ ୨୦୧୨-୧୩ ବ୍ୟାଚର ଛାତ୍ର ସୁଜିତ ସାହୁ(ବାଙ୍କିଘିର୍ଡି) ଏବଂ ମାନଓ ନାୟକ(ଭେଡେନ) ରହିଥିଲେ ।ଶେଷରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନ'ରାମ ସାହୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ ।



ବନ୍ଧୁମିଳନ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର।

### ମୋ ପଞ୍ଚାୟତ କୋଶଲ ପଞ୍ଚାୟତ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ତରଭା,୨୪।୧୦(ଡି.ଏନ୍.ଏ.)

ତରଭା ବ୍ଲକ ଅଧୀନ ବଘିଆ ପଞ୍ଚାୟତ କଲ୍ୟାଣ ମଣ୍ଡପଠାରେ କୋଶଲ ରାଜ୍ୟ ସମନ୍ୱୟ ସମିତି ଆନୁକୂଲ୍ୟରେ ମୋ ପଞ୍ଚାୟତ କୋଶଲ ପଞ୍ଚାୟତ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କୋଶଲ ରାଜ୍ୟ ସମନ୍ୱୟ ସମିତି କେନ୍ଦ୍ରୀୟ ଅଧକ୍ଷ ପ୍ରମୋଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କୋଶଲ ଆନ୍ଦୋଳନକୁ ଦଳୀୟ ବିଚାରଧାରାର ଉର୍ଦ୍ଧ୍ୱକୁ ନେଇ କୋଶଲାଞ୍ଚଳର ସମସ୍ତ ପରିବାରକୁ ଏହି ଆନ୍ଦୋଳନରେ ସାମିଲ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ନିର୍ବାଚନରେ ଯେଉଁ ଦଳ କିମ୍ବା ନେତା କୋଶଲ ଦାବିକୁ ସର୍ମଥନ ନ କରିବେ ସେମାନଙ୍କୁ ସମୁଚିତ ଜବାବ ଦେବାକୁ ଅଧକ୍ଷ ମିଶ୍ର ଆହ୍ୱାନ ଦେଇଥିଲେ। ଦଳିତ ନେତା ପ୍ରକାଶ ହରିପାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୋଶଲ ଯୁବ ସମନ୍ୱୟ ସମିତି କେନ୍ଦ୍ରୀୟ ସାଧାରଣ ସମ୍ପାଦକ ସବ୍ୟସାଚୀ ପୂଝାରୀ, ସାମାଜିକକର୍ମୀ ପ୍ରାଣଶଙ୍କର ରାଉତ ଯୋଗ ଦେଇଥିବା ବେଳେ ସ୍ଥାନୀୟ ନେତା ସାରଥି ବଗର୍ତ୍ତୀ, ଦିଲୀପ ଖେତୀ, ବିଦ୍ୟାଭୂଷଣ ଖେତୀ, ସୁରେନ୍ଦ୍ର ମଲ୍ଲିକ, ଭତର ସାହୁ, ଶେଷଦେବ ଥନାପତି, ଜଗଦୀସ ସା, ସଚିତା ମାହାନନ୍ଦ, ପ୍ରଦୀପ ମଲ୍ଲିକ, ସତ୍ୟ ରଣା, ପ୍ରମୋଦିନୀ ସାହୁ ଓ ଦୟାସାଗର ମହାକୁର ପ୍ରମୁଖ କୋଶଲ ପ୍ରେମୀ ଉପସ୍ଥିତ ଥିଲେ।

ଜିଲା ଯାଦବ ସମାଜର ବାର୍ଷିକ ସମ୍ମିଳନୀ

### ଶିକ୍ଷା ସଚେତନତା, ବିକାଶ ଉପରେ ଗୁରୁତ୍ୱ




ସମ୍ମିଳନୀରେ ମଞ୍ଚାସୀନ ଅତିଥିବୃନ୍ଦ।

ସୋନପୁର,୨୪।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଯାଦବ ସମାଜର ବାର୍ଷିକ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯାଦବଙ୍କ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ପୂଜନୋତ୍ସବ ସୋନପୁରସ୍ଥିତ ପୀଠରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଘୋଡାଘାଟପଡ଼ାସ୍ଥିତ ବୁଢୀ ସମଲେଇ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା । ପରେ ସମଲେଶ୍ୱରୀ ମନ୍ଦିର ସମ୍ମୁଖରେ ଯାଦବ ସମାଜର ଜିଲା ସଭାପତି ମନବୋଧ ଭୋଇଙ୍କ ଅଧକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଜିଲା ଓ ଜିଲା ବାହାରୁ ଯାଦବ ସମାଜର ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ । ଯୁବ ଯାଦବ ସଭାପତି ସୁରେଶ କୁମାର ଷାଣ୍ଢ, ଉପସଭାପତି ତପନ କୁମାର ଯୁଆଡି, ଶତ୍ରୁଘ୍ନ ବଗର୍ତ୍ତି, ସନ୍ତୋଷ କୁଦେଇ, ବଳରାମ କାଣ୍ଡ, ବସନ୍ତ ମହାକୁର, ଅଚ୍ୟୁତ ବନଛୋର, ବୃନ୍ଦାବନ ଦୀପ, ବିପିନ ବିଭାର ବାଘ ଓ ମୋହନ ପ୍ରସାଦ ଜାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମାଜରେ ଶିକ୍ଷା ସଚେତନତା ଓ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । କୃଷ୍ଣ କୁମାର ବାଘ ସଭାକୁ ସଂଯୋଜନା କରିଥିଲେ । ଏହି ଅବସରରେ ଜିଲା ଓ ବ୍ଲକସ୍ତରୀୟ କର୍ମକର୍ତ୍ତା ଯୋଗଦେଇ ସେମାନଙ୍କ ସମସ୍ୟା ଓ ସାଙ୍ଗଠନିକ ଅଭିବୃଦ୍ଧି ଉପରେ ଆଲୋଚନା କରିଥିଲେ । ସଭା ପରେ ସମାଜର ମଙ୍ଗଳ କାମନା ଉଦ୍ଦେଶ୍ୟରେ ପୂଜା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୀତବାସ ନାଏକ, ଗଣପତି ବାଘ, ପ୍ରଫୁଲ୍ଲ କୁମାର ନାଏକ ଓ ଦୁର୍ବାଦଳ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ତରଭାରେ ବିଜୁ ଯୁବବାହିନୀଙ୍କୁ ଖେଳ ସାମଗ୍ରୀ ବଣ୍ଟନ

ତରଭା,୨୪।୧୦(ଡି.ଏନ.ଏ.)

ତରଭା ବ୍ଲକ ପରିସରରେ ଖେଳ ସାମଗ୍ରୀ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଡିଓ ନିହାର ରଞ୍ଜନ କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଳ ସମ୍ପଦ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ସରୋଜ କମ୍ପ, ପ୍ରବୀଣ ନାଗ, ବ୍ଲକ ଅଧକ୍ଷା ସସ୍ମିତା ମଲ୍ଲିକ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ କନିକା ଚକ୍ରବର୍ତ୍ତୀ, ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ଜିଲା ବିଜୁ ଯୁବ ବାହିନୀ ସଂଯୋଜକ ହାକିମ ଖାନ, ସରଗଜ ପଞ୍ଚାୟତ ସରପଞ୍ଚ ଦଶରଥ ସାହୁ, ବଲାଙ୍ଗୀର ଜିଲା ବିଜୁ ଯୁବ ବାହିନୀ ସଂଯୋଜକ ରାଜେନ୍ଦ୍ର ଝାଙ୍କର ପ୍ରମୁଖ ମଞ୍ଚାସୀନ ଥିଲେ । ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଅତିଥିମାନେ ଖେଳ ଦ୍ୱାରା ଶାରୀରିକ ବିକାଶ ହୋଇପାରିବ ବୋଲି କହିଥିଲେ। ଚୁଡ଼ାଖାଇ ପାହାଡ଼ରେ ଅନୁଷ୍ଠିତ ହୋଇଥିବା ଡଙ୍ଗର ଯାତ୍ରାରେ ବିଜୁ ଯୁବ ବାହିନୀର ରଜତ ଚୌହାନ, ଜନାର୍ଦ୍ଦନ ଥନାପତି, ହେମନ୍ତ ମାଝି, ସଞ୍ଜୀବ ମିଶ୍ର, କୀର୍ତ୍ତନ ପୋଢ, ଗୋବିନ୍ଦ ନାଏକ, ରୋହିତ ତରିଆ, ଅରବିନ୍ଦ ସାହୁ, ଧରଣୀ ମହଲା, ସୁମନ୍ତ ନାଗଙ୍କ ସମେତ ସମସ୍ତ ସଦସ୍ୟ ପୋଲିସ ସହ ମିଶି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କାର୍ଯ୍ୟ କରିଥିବାରୁ ଅତିଥିମାନେ ପ୍ରଶଂସା କରିଥିଲେ । ମୁଖ୍ୟଅତିଥି ପୂଜାରୀ ବକ୍ତବ୍ୟରେ ବିଜୁ ଯୁବ ବାହିନୀରେ ୧୫ରୁ ୩୫ ବର୍ଷ ମଧ୍ୟରେ ଥିବା ଯୁବତୀମାନଙ୍କୁ ସାମିଲ କରିବା ପାଇଁ ଜିଲା ସଂଯୋଜକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବ୍ଲକର ୨୧ଟି ପଞ୍ଚାୟତର ଓ ଏନ୍‌ଏସିର ୨ଟି କ୍ଲବର ବିଜୁ ଯୁବ ବାହିନୀ ସଦସ୍ୟମାନଙ୍କୁ ଖେଳ ସାମଗ୍ରୀ ଯଥା ଫୁଟବଲ, ଭଲିବଲ, କ୍ରିକେଟ ସାମଗ୍ରୀ, ଚେସ୍ ବୋର୍ଡ, କ୍ୟାରମ ବୋର୍ଡ ଆଦି ଅତିଥିମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ତରଭା ବ୍ଲକ ଓ ଏନ୍‌ଏସିର ସମସ୍ତ ବିଜୁ ଯୁବ ବାହିନୀ ସଦସ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିବା ବେଳେ ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ରଜତ ଚୌହାନ ଧନ୍ୟବାଦ ଅର୍ପଣ କରିଥିଲେ।

୬ଷ୍ଠ ବର୍ଷରେ ରଥପୁର ଲକ୍ଷ୍ମୀପୂଜା

# ଲୋକନୃତ୍ୟ ମୁଖ୍ୟ ଆକର୍ଷଣ

ବୀରମହାରାଜପୁର, ୨୪।୧୦ (ଡି.ଏନ.ଏ)

ବୀରମହାରାଜପୁର ବ୍ଲକ ରଥପୁର ଗ୍ରାମରେ ଚଳିତ ବର୍ଷ ୬ଷ୍ଠ ଥର ପାଇଁ ସାର୍ବଜନୀନ ଲକ୍ଷ୍ମୀପୂଜା ଅନୁଷ୍ଠିତ ହେଉଛି। ବୁଧବାର ସକାଳେ ପୂଜା କମିଟି ପକ୍ଷରୁ କଳସ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ମଣ୍ଡପରେ କଳସ ସ୍ଥାପନ ପରେ ପୂଜନୋତ୍ସବ ଆରମ୍ଭ ହୋଇଛି। ଉତ୍ସବ ପରିଚାଳନା କମିଟି ସଭାପତି ଗୋବର୍ଦ୍ଧନ ପଣ୍ଡା, ସମ୍ପାଦକ ଅଚ୍ୟୁତ ପଧାନ, ଲକ୍ଷ୍ମଣ ଗାଇଗରିଆ, ମକୁନ୍ଦ ସେଠୀ, ମଧୁ କର୍ଣ୍ଣ, ମିଲୁ ପାତ୍ର, ଚମ୍ପେଶ୍ୱର ଗାଇଗରିଆ ପ୍ରମୁଖଙ୍କ ସହ ୧୧ଜଣ ସଦସ୍ୟ ପୂଜାକାର୍ଯ୍ୟ ପରିଚାଳନ କରୁଛନ୍ତି। ରାମପ୍ରସାଦ ପଣ୍ଡା ପୂଜକ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ଲତା ପଧାନ, ସୁରୁବାବୁ ପଧାନଙ୍କୁ କର୍ତ୍ତା ଦାୟିତ୍ୱ ନ୍ୟସ୍ତ କରାଯାଇଛି । ଏପରି କି ପୂଜା ମଣ୍ଡପ ନିକଟରେ ପ୍ରତିସନ୍ଧ୍ୟାରେ ଦଣ୍ଡନୃତ୍ୟ ପରିବେଷଣ କରାଯିବ ବୋଲି କୁହାଯାଇଛି। ଆସନ୍ତା ୨୮ ତାରିଖରେ ଭଷାଣୀ ଉତ୍ସବ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୂଜା କମିଟି ପକ୍ଷରୁ ବ୍ୟାପକ ବ୍ୟବସଥା କରାଯାଇଛି।



ମା' ଲକ୍ଷ୍ମୀଙ୍କ ମୃଣ୍ମୟୀ ପ୍ରତିମା।

### ଲକ୍ଷ୍ମୀନଗରରେ ମା' ଗଜଲକ୍ଷ୍ମୀଙ୍କ ପୂଜା

ଉଲୁଣ୍ଡା,୨୪।୧୦(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ସଦର ମହକୁମା ଗଣ୍ଡାବାହାଲ ଲକ୍ଷ୍ମୀନଗରଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ୧୫୧ଜଣ ମହିଳା ନିକଟ କାଉଡିଆ କଟାରୁ ପୂଜାର୍ଚ୍ଚନା କରି କଳସରେ ପାଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପଣ୍ଡିତ ଲୋକନାଥ ପୁରୋହିତ ପୂଜା କାର୍ଯ୍ୟ କରିଥିଲେ। ବୁଧବାର ସକାଳୁ ଅଖଣ୍ଡ ସ୍ଥାପନ, ଦେବୀ ଆବାହନ ଏବଂ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ତଥା ବିଶ୍ୱଶାନ୍ତି ହୋମ କରାଯାଇଥିଲା। ନରେନ୍ଦ୍ର ପାଣିଗ୍ରାହୀ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ବାଳବ୍ୟାସ ଅନନ୍ତ ପଣ୍ଡା ଓ ତାଙ୍କ ସାଥୀଙ୍କ ସହ ସଙ୍ଗୀତ ମୟ ସୁନ୍ଦରାକାଣ୍ଡ ପାରାୟଣ କରିଥିଲେ। ମହେଶ ରଞ୍ଜନ ପୁରୋହିତ, ବିଶ୍ୱଜିତ ପାତ୍ରଙ୍କ ସହିତ ଇନ୍ଦ୍ରମଣି ସାହୁ, ଶ୍ରବଣ ପୁରୋହିତ, ବାପୁନ ପୁରୋହିତ, ତଥାଗତ ମହାକୁର, ଦିଲୀପ ପୁରୋହିତ, ବ୍ୟାସଦେବ ପଣ୍ଡା ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ରକ୍ତରଞ୍ଜିତ ହେଲା ବାଉତି ଦେବୀ ପୀଠ

**ଗଣ୍ଡତୁରୁମ, ୨୪।୧୦ (ଡି.ଏନ.ଏ):** ଭେଡେନ ବ୍ଲକ ଅନ୍ତର୍ଗତ ଗଣ୍ଡତୁରୁମ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମାଁ ବାଉତି ଦେବୀଙ୍କ ପୀଠରେ ଗତ ମହାଷ୍ଟମୀ ତିଥିରୁ ଚାଲିଥିବା ସତର ପୂଜା ବୁଧବାର ସମ୍ପନ୍ନ ହୋଇଛି । ଏହି ଅବସରରେ ଶତାଧିକ ବୋଦା, ଛାଗ ଓ କୁକୁଡା ବଳିରେ ଦେବୀ ପୀଠ ରକ୍ତରଞ୍ଜିତ ହୋଇଛି । ସକାଳୁ ମାନସିକ ଭକ୍ତମାନେ ନିଜର ବଳି ଧରି ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ଗ୍ରାମର ଜିତେନ୍ଦ୍ରିୟ ସାହା ପୂଜକ ଦାୟିତ୍ୱ ତୁଲାଇଥିବା ବେଳେ ପ୍ରତି ବର୍ଷ ରୁଷୁଡା ଗ୍ରାମର ଅଭିମନ୍ୟୁ ପାଣିଗ୍ରାହୀ ଅନ୍ନ, ଗୋଟାମୁଗ, ଖଟା, କ୍ଷିରୀ, ପୀଠା ଭୋଗ ଲାଗି କରନ୍ତି ।

### ବିଜେପୁର କୁଲିତା ସମାଜ ବୈଠକ

**ବିଜେପୁର, ୨୪।୧୦ (ଡି.ଏନ.ଏ):** ବିଜେପୁର ଏନଏସି ସଦର ମହକୁମାସ୍ଥିତ ଡାକ ବଙ୍ଗଳା ପରିସରରେ ବ୍ଲକସ୍ତରୀୟ କୁଲିତା ସମାଜର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି । ସୁରେନ୍ଦ୍ର ପଧାନଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ତାଳପଦର ଗୌନ୍ତିଆ ଚୂଡାମଣି ପଧାନ ଅଧକ୍ଷତା କରିଥିଲେ । ଭୁବନେଶ୍ୱରର ଅତିରିକ୍ତ ତହସିଲଦାର ମହେନ୍ଦ୍ର ବଢ଼େଇ ମୁଖ୍ୟଅତିଥି, ପଶ୍ଚିମ ଓଡିଶା ବିକାଶ ପରିଷଦର ସଭ୍ୟ ନାରାୟଣ ସାହୁ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଦେବୀ ରଣେଶ୍ୱରୀ ରାମଚଣ୍ଡୀଙ୍କ ମନ୍ଦିର ଓ ଧର୍ମଶାଳା ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା । ଦେବାନନ୍ଦ ଗଡତିଆ, ନିମାଇଁ ଚରଣ ସାହୁ, ପରିତୋଷ ପ୍ରଧାନ, ପୁଷ୍ପରଞ୍ଜନ ଗଡତିଆ ପ୍ରମୁଖ ସମାଜର ଉନ୍ନତି ନିମନ୍ତେ ଆଲୋଚନା କରିଥିଲେ । ରଜନୀକାନ୍ତ ଗଡତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

### ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

**ସରଣ୍ଡା, ୨୪।୧୦ (ଡି.ଏନ.ଏ):** ଅତାବିରା ବ୍ଲକ ଅନ୍ତର୍ଗତ ସରଣ୍ଡା ହାଇସ୍କୁଲର ୧୯୯୪ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁ ମିଳନ ବୁଧବାର ଅନୁଷ୍ଠିତ ହୋଇଛି । ସ୍କୁଲର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ଦୀପକ ପ୍ରଧାନ, ଅଶୋକ ଭୋଇ ଏବଂ ଉମେଶ ଚନ୍ଦ୍ର ନାଏକ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ୧୯୯୪ ବ୍ୟାଚ୍‌ର ଛାତ୍ରଙ୍କ ମଧ୍ୟରୁ ସ୍ୱର୍ଗତ ରମାକାନ୍ତ ପଶାୟତ ଓ ବରୁଣ ପ୍ରଧାନଙ୍କ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଡିସେମ୍ବର ମାସରେ ସ୍କୁଲର ସିଲଭର ଜୁବୁଲି ଉତ୍ସବ ପାଇଁ ଆସନ୍ତା ୨୮ ତାରିଖରେ ଏକ ପ୍ରସ୍ତୁତି ବୈଠକ ଆୟୋଜନ କରିବାକୁ ସ୍ଥିର କରାଗଲା । ଦୀପକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିବା ବେଳେ ରାଜେଶ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ଆଦିତ୍ୟ ସିଂଦେଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

# ସରକାରୀ ସହାୟତାକୁ ଚାଷୀଙ୍କ ଅପେକ୍ଷା

**ବରଗଡ଼ ଅଫିସ୍,୨୪।୧୦**

ବରଗଡ଼ ଜିଲାରେ ମଙ୍ଗଳବାର ହୋଇଥିବା ଘୂର୍ଣ୍ଣିଝଡ଼ ଓ କରାମାଡ଼ରେ ବ୍ୟାପକ ଫସଲକ୍ଷତି ହୋଇଛି । ଜିଲାର ବରଗଡ଼, ବରପାଲି ବ୍ଲକ ସମେତ ଭଟଲି ଓ ସୋହେଲା ବ୍ଲକର ଆଂଶିକ ଏଥିରେ ପ୍ରଭାବିତ ହୋଇଛି। ଏଥିରେ ଉଭୟ ଧାନ ଓ ପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି । ପରିବା ଫସଲ ଉଜୁଡ଼ି ଯାଇଥିବାବେଳେ ଧାନକେଣ୍ଡାରୁ ଧାନ ଝଡ଼ି ପଡ଼ିଛି । ସେହିପରି ଚାଷଜମିରେ ଅମଳକ୍ଷମ ଅବସ୍ଥାରେ ରହିଥିବା ଧାନଗଛ ଶୋଇ ପଡ଼ି ବର୍ଷା ପାଣିରେ ନଷ୍ଟ ହୋଇଛି । ଅମଳ ସମୟରେ ପ୍ରକୃତିର ଏଭଳି ତାଣ୍ଡବ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଛି ।

## କରାମାଡ଼, ଘୂର୍ଣ୍ଣିଝଡ଼ରେ ଫସଲ କ୍ଷତି


ବରଗଡ଼ ବ୍ଲକ ତୁରଙ୍ଗାର ଚାଷୀମାନେ ଫସଲ କ୍ଷତିକୁ ଦେଖୁଛନ୍ତି ।


"ଧାନ ଫସଲ ବହୁତ ଭଲ ହୋଇଥିଲା । ଅଧା ଅମଳକ୍ଷମ ଏବଂ ଆଉ ଅଧେ ଗର୍ଭଣୀ ଅବସ୍ଥାରେ ରହିଥିଲା । ମାତ୍ର କରାମାଡ଼ ଯୋଗୁ ପାଚିଲା ଧାନ ଝଡ଼ି ପଡ଼ି ଥିବାବେଳେ ଗର୍ଭଣୀ ଧାନ ନଷ୍ଟ ହୋଇଛି । ଧାନଗଛ ଗୁଡ଼ିକ ଜମିରେ ଶୋଇ ପଡ଼ିଛି। ଏଭଳି ସମୟରେ ସରକାର ଚାଷୀଙ୍କୁ ସହଯୋଗ କରିବା ଦରକାର।-**ଲବ ମହାପାତ୍ର, ଚାଷୀ**


"ଚକଡ଼ା ହୋଇଥିଲା, ବହୁ ଖର୍ଚ୍ଚା କରି କୀଟନାଶକ ଦେଇ ଫସଲ ବଞ୍ଚାଇ ରଖିଥିଲୁ । ହେଲେ ଆମେ ଭାବି ନ ଥିଲୁ, ଏଭଳି ଘୂର୍ଣ୍ଣିଝଡ଼ ଓ କରାମାଡ଼ ହେବ ଏବଂ ଆମର ଧାନ ଫସଲ ଉଜାଡ଼ି ଦେବ । ସରକାର ଏଭଳି ପରିସ୍ଥିତିରେ ସହଯୋଗ ନ କଲେ ଆଗକୁ ଚାଷ ଛାଡ଼ିବାକୁ ବାଧ୍ୟ ହେବୁ ।-**ନାରାୟଣ ପଣ୍ଡା, ଚାଷୀ**


"ଏଥର ଭଲ ଫସଲ ହୋଇଥିଲା । ଧାର କରଜ କରି ଚାଷ କରିଥିଲୁ । ତିତ୍‌ଲି ବାତ୍ୟା ଆମ ଉପରେ କିଛି ପ୍ରଭାବ ପକାଇ ପାରିଲା ନାହିଁ। ହେଲେ ମଙ୍ଗଳବାର ଯେଭଳି ଘୂର୍ଣ୍ଣିଝଡ଼, କୁଆପଥର ବୃଷ୍ଟି ହେଲା ଧାନ ଫସଲକୁ ଧୂଳିସାତ୍ କରିଦେଲା । ସରକାର ସହଯୋଗ କରିବେ ତ ଚଳିବୁ, ନଚେତ୍ ଆଉ କଣ କରିବୁ ।-**ରଘୁନାଥ ମହାପାତ୍ର, ଚାଷୀ**

ଫସଲକ୍ଷତି ନେଇ ବୁଧବାର କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇଥିଲା । କୃଷି ବିଭାଗର ପ୍ରାରମ୍ଭିକ ରିପୋର୍ଟ ଅନୁଯାୟୀ, ଘୂର୍ଣ୍ଣିଝଡ଼ ଓ କରାମାଡ଼ରେ ବରଗଡ଼ ଓ ବରପାଲି ବ୍ଲକରେ ସମୁଦାୟ ୩୧୦ ହେକ୍ଟର ଧାନ ଫସଲ ପ୍ରଭାବିତ ହୋଇଛି । ସେହିପରି ବରପାଲି ବ୍ଲକରେ ୨୦ ହେକ୍ଟରର ପରିବା ଫସଲ କ୍ଷତିଗ୍ରସ୍ତ ହୋଇଛି । ସରକାରୀ ଭାବେ ଫସଲକ୍ଷତି ଆକଳନ ହୋଇଥିବାବେଳେ ଘୂର୍ଣ୍ଣିଝଡ଼, କରାମାଡ଼ରେ ଜିଲାରେ ଆହୁରି ଅଧିକ ଧାନ, ପରିବା ଫସଲ ପ୍ରଭାବିତ ହୋଇଥିବା ଚାଷୀମାନେ କହିଛନ୍ତି । ସରକାରୀ ଆକଳନ ମୁତାବକ ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ପଥର୍ଲା ପଞ୍ଚାୟତ ଅଧୀନ ତୁରୁଙ୍ଗାରେ ୮୦ ହେକ୍ଟର ଏବଂ ସୟାଁ ଗ୍ରାମରେ ୨୦ ହେକ୍ଟର ଧାନ ଫସଲ ପ୍ରଭାବିତ ହୋଇଛି ।

ବରପାଲି ବ୍ଲକରେ ସର୍ବାଧିକ ପରିମାଣରେ ଫସଲ ପ୍ରଭାବିତ ହୋଇଛି। ଏହି ବ୍ଲକରେ ୨୧୦ ହେକ୍ଟର ଧାନ ଏବଂ ୨୦ ହେକ୍ଟର ପରିବା ଫସଲ କ୍ଷତିଗ୍ରସ୍ତ ହୋଇଥିବା ସରକାରୀ ଭାବେ ଆକଳନ କରାଯାଇଛି । ଉକ୍ତ ବ୍ଲକର କଟାପାଲି ପଞ୍ଚାୟତର ବାଞ୍ଜିପାଲିରେ ୪୦, ମହୁଲପାଲି ପଞ୍ଚାୟତର ମହୁଲପାଲିରେ ୩୦, ଟିକିନିପାଲିରେ ୩୦, ଅମ୍ବାପତ୍ରାରେ ୨୦, ଗୋପେଇପାଲି ପଞ୍ଚାୟତର ଗୋପେଇପାଲିରେ ୩୦, ଧଅଁରାକଁଟାରେ ୨୦, କୁସନପୁରୀ ପଞ୍ଚାୟତ ଫୁଲାପାଲିରେ ୨୦ ଏବଂ ଲେଣ୍ଡା ପଞ୍ଚାୟତର ଲେଣ୍ଡାରେ ୨୦ ହେକ୍ଟର ଧାନ ଫସଲ ପ୍ରଭାବିତ ହୋଇଛି । ସେହିପରି ଏହି ବ୍ଲକର କଟାପାଲି ପଞ୍ଚାୟତ ବାଞ୍ଜିପାଲିରେ ୨୦ହେକ୍ଟର ପରିବା ଫସଲ ନଷ୍ଟ ହୋଇଛି ।

ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା କୃଷି ଉପନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀ, ବରଗଡ଼ର ସହକାରୀ କୃଷି ଅଧିକାରୀ ରବିନ୍ଦ୍ର ସାହୁ, ବରପାଲିର ସହକାରୀ କୃଷି ଅଧିକାରୀ ବିପିନ ଚନ୍ଦ୍ର ଉଦଗାତା ପ୍ରମୁଖ ପ୍ରଭାବିତ ଅଞ୍ଚଳ ବୁଲି ଏହି ଆକଳନ କରିଥିଲେ । ତେବେ ପ୍ରଶାସନର ଏଭଳି କ୍ଷୟକ୍ଷତି ଆକଳନ ପରେ କ୍ଷତିଗ୍ରସ୍ତ ଚାଷୀମାନେ କ୍ଷତିପୂରଣ ପାଇବାକୁ ଆଶା ବାନ୍ଧିଛନ୍ତି । ମାତ୍ର ଜିଲାର ଅନେକ ଚାଷୀ ଏପର୍ଯ୍ୟନ୍ତ ଗତ ୨୦୧୭ ଖରିଫ ଫସଲକ୍ଷତିର ବୀମା କ୍ଷତିପୂରଣ ପାଇ ପାରି ନ ଥିବା ଯୋଗୁ ଏଥର କ୍ଷତିପୂରଣ ପାଇବେ ନା ନାହିଁ, ତାକୁ ନେଇ ମଧ୍ୟ ସେମାନଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି ।

### ଶୁଣ୍ଢି ସମାଜର ନୂଆଁଖାଇ ଭେଟ୍

**ବରଗଡ଼ ଅଫିସ,୨୪।୧୦**

ବରଗଡ଼ ମିଳନ ମଣ୍ଡପରେ ସୋମବାର ସ୍ଥାନୀୟ ଶୁଣ୍ଢି ସମାଜର ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍ଧବ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ଜାତିର ଇଷ୍ଟଦେବୀ ଶ୍ରୀ ଶ୍ରୀ ସୁବର୍ଣ୍ଣଗ୍ରାହୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ବରଗଡ଼ ପୌରାଧ୍ୟକ୍ଷ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜର ଉନ୍ନତିମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ୪୪ଟି ପରିବାରର ସଦସ୍ୟା ସଦସ୍ୟ ଯୋଗ ଦେଇଥିଲେ । ଡ଼ ପାଣ୍ଡବ ବେହେରା ସଭା ପରିଚାଳନା କରିଥିଲେ । ମୋରାରଜୀ ସାହୁ, ଅଶୋକ ପରିଡ଼ା, ରାଜକିଶୋର ଚୌଧୁରୀ, ଶରତ ବେହେରା, ଗଣେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ। ସମାଜର ପକ୍ଷରୁ ରକ୍ତଦାନ ଶିବିର, କଲ୍ୟାଣ ମଣ୍ଡପ ନିର୍ମାଣ, ଅନ୍ୟ ସମାଜକୁ ସହଯୋଗ କରିବା, ଗରିବ ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ ଆଦି ପ୍ରସ୍ତାବ ନିଆଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୁଧିର ସାହୁ, ଦୀପମାଳା ସାହୁ, ସୁନୀତା ବେହେରା, ମାମୀ ସାହୁ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ନିରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

■ ପଶ୍ଚିମ ଓଡିଶା ସାହିତ୍ୟ ସଂସଦର ବାର୍ଷିକୋତ୍ସବ

## ସାହିତ୍ୟ ସମାଜକୁ ସଙ୍ଗଠିତ କରେ


ପଶ୍ଚିମ ଓଡିଶା ସାହିତ୍ୟ ସଂସଦର ୪୨ତମ ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି ।

**ସୋହେଲା, ୨୪।୧୦(ଡି.ଏନ.ଏ)**

ସୋହେଲା ବ୍ଲକ ଚିଚିଣ୍ଡା ଗ୍ରାମରେ ମଙ୍ଗଳବାର ପଶ୍ଚିମ ଓଡିଶା ସାହିତ୍ୟ ସଂସଦର ୪୨ତମ ବାର୍ଷିକୋତ୍ସବ ପାଳିତ ହୋଇଛି । ଚିଚିଣ୍ଡା ଗ୍ରାମର ମୁରାରୀ ସ୍ମୃତି ମଣ୍ଡପଠାରେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ସଂସଦ ସଭାପତି ଗଣେଶରାମ ନାହାକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରମ ଓ ଶକ୍ତି ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ତହସିଲଦାର ବିଶ୍ୱରଞ୍ଜନ କର, ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା, ଗୌନ୍ତିଆ ସନ୍ତୋଷ ଦିଶ୍ରୀ ସମ୍ମାନୀତ ଅତିଥି, ଅବସରପ୍ରାପ୍ତ ଅଧ୍ୟାପକ ମୀନକେତନ ପୁରୋହିତ ମୁଖ୍ୟବକ୍ତା, ଗବେଷକ ଡକ୍ଟର ଶ୍ୟାମସୁନ୍ଦର ଧର ଓ ଡକ୍ଟର ଉପେନ୍ଦ୍ର ମହାପାତ୍ର ସମ୍ମାନୀତ ବକ୍ତା ଭାବେ ଯୋଗଦେଇ ଓଡିଶା ସାହିତ୍ୟ ସଞ୍ଚାର କଳାର ଅବଦାନ ଉପରେ ବକ୍ତବ୍ୟ ରଖିଥିଲେ । ସାହିତ୍ୟ ହିଁ ସମାଜକୁ ସଙ୍ଗଠିତ କରିବାକୁ ନିରନ୍ତର ପ୍ରୟାସ କରିଥାଏ ବୋଲି ସେମାନେ ମତପ୍ରକାଶ କରିଥିଲେ। ଶିବପ୍ରସାଦ ସାହୁ କାର୍ଯ୍ୟକ୍ରମ ସଂଯୋଜନା, ସମୀର କୁମାର ବାରିକ ଅତିଥି ପରିଚୟ ପ୍ରଦାନ ଓ ପ୍ରଦୀପ ପାଣ୍ଡେ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସଂସଦର ସମ୍ପାଦକ କୃଷ୍ଣପ୍ରସାଦ ମିଶ୍ର ବିବରଣୀ ପାଠ, ସହ ସମ୍ପାଦକ ଅଭିଳାଷ ନନ୍ଦ ଓ ଅନିରୁଦ୍ଧ ନାଏକ ମାନପତ୍ର ପଠନ କରିଥିଲେ । ଏସିଆନ ପାରା ଅଲମ୍ପିକ ଚେସ ଖେଳରେ ରୌପ୍ୟ ପଦକ ବିଜେତା ପ୍ରାଚୁର୍ଯ୍ୟ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷକ କୃପାସିନ୍ଧୁ ପାଣ୍ଡେ ଓ କୀର୍ତ୍ତିଚନ୍ଦ୍ର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଡ୍ରାମା ଚେତନା ସୋହେଲାର କଳାକାରମାନେ ଡକ୍ଟର ତୁଷାରକାନ୍ତ ସାହୁଙ୍କ ନିର୍ଦ୍ଦେଶନା ଓ ନାଟ୍ୟକାର ଅଶୋକ ବହିଦାରଙ୍କ ରଚିତ ନାଟକ 'ବୁକା' ପରିବେଷଣ କରିଥିଲେ। ମରକେଲ ୟୁଜୟୁପି ସ୍କୁଲର ଛାତ୍ରଛାତ୍ରୀଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଏହି ଅବସରରେ ସଂସଦର ଏକ ପତ୍ରିକା ଉନ୍ମୋଚିତ ହୋଇଥିଲା । ଲୀଳାମୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

ଦଶରା ପୁନି ଯାତ୍ରା ଆରମ୍ଭ

## ନାଟକ ମଞ୍ଚସ୍ଥ

**ଭେଡ଼େନ,୨୪।୧୦(ଡି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ବିଭିନ୍ନ ସମଲେଇ ମନ୍ଦିରରେ ପ୍ରସିଦ୍ଧ ଦଶରାପୁନି ବଏଲ ଯାତ୍ରା ବୁଧବାର ଆରମ୍ଭ ହୋଇଛି। ରେମଣ୍ଡାର ଶାକ୍ତ ପୀଠ ସମଲେଇଙ୍କ ପୂର୍ଣ୍ଣିମା ଅବସରରେ ରାଜ ରାଜେଶ୍ୱର ବେଶ ହୋଇ ଦିନସାରା ଶ୍ରଦ୍ଧାଳୁଙ୍କ ଗହଳି ଲାଗିଥିଲା। ସନ୍ଧ୍ୟାରେ କୃଷ୍ଣଗୁରୁ ଓ ରାତିରେ ନାଟକ ପରିବେଷିତ ହୋଇଥିଲା। ବିଳମ୍ବିତ ରାତିରେ ପରମ୍ପରା କ୍ରମେ ଗୌନ୍ତିଆ ବରଣ, ଗଉର ବରଣ, ଝାଙ୍କର ବରଣ, ପାଣିଗଡୁ ବରଣ ଆଦି ହେବା ସହ ଗୁରୁବାର ବରୁଆ ମାଡ଼ିବା ସହ ଦିନସାରା ଗ୍ରାମ ପରିକ୍ରମା ତଥା ଅପରାହ୍ନରେ ବଏଲ ଯାତ୍ରା ଅନୁଷ୍ଠିତ ହେବ । ଆଇନ ଶୃଙ୍ଖଳା ରକ୍ଷା ପାଇଁ ରେମଣ୍ଡାରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ସେହିପରି ଅଏଁଲାପାଲି ଗ୍ରାମପଞ୍ଚାୟତର ତାଳଗାଁରେ ମଧ ଦଶରାପୁନି ଯାତ୍ରା ଅନୁଷ୍ଠିତ ହୋଇଛି । ଏଠାରେ ବିଜୁ ଯୁବ ବାହିନୀର ମୁଁ ହିରୋ କାର୍ଯ୍ୟକ୍ରମ ହେବା ସହ ରାତିରେ ନାଟକ ପରିବେଷିତ ହୋଇଛି । ଅନୁରୂପ ଭାବେ ଏହି ବ୍ଲକର ତାଲମେଣ୍ଡା, ଥୁଆପାଲି, ଭେଡ଼େନ, ସାଲନା, ସିଂହେନ ପାଲି, ଖାନସମିଏନ ପୀଠରେ ମଧ ଦଶରାପୁନି ଯାତ୍ରା ପାଳିତ ହୋଇଛି ।

## ବାଦିପାଲିରେ ଗଜଲକ୍ଷ୍ମୀ ପୂଜା ମହୋତ୍ସବ ଆରମ୍ଭ

**ବିଜେପୁର, ୨୪।୧୦ (ଡି.ଏନ.ଏ)**

ବରଗଡ ଜିଲା ବିଜେପୁର ବ୍ଲକ ବାଦିପାଲିରେ ଗଜଲକ୍ଷ୍ମୀ ପୂଜା ମହୋତ୍ସବ ବୁଧବାର ଆରମ୍ଭ ହୋଇଛି। ଗ୍ରାମ ଉପକଣ୍ଠସ୍ଥ ଉତ୍ତାଳି ନଦୀରୁ ପୂଜାର୍ଚ୍ଚନା ପରେ ବାହାରିଥିବା ଭବ୍ୟ ମାନସିକ କଳସ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ମଣ୍ଡପରେ କଳସ ସ୍ଥାପନ କରି ଅଧିବାସ ସହ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଭବ୍ୟ ତୋରଣ ସହ ରଙ୍ଗବେରଙ୍ଗ ଆଲୁଅମାଳାରେ ରାସ୍ତାର ଉଭୟ ପାର୍ଶ୍ୱ ଝଲସି ଉଠୁଛି । ଘରେ ଘରେ ଅତିଥି ଅଭ୍ୟାଗତମାନଙ୍କ ସୁଅ ଛୁଟୁଛି। ବ୍ଲକ ଅଧକ୍ଷା ମାନିନୀ ଭୋଇ ଓ ତାଙ୍କ ସ୍ୱାମୀ ସୁଶାନ୍ତ ଭୋଇ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି । ରମେଶ ଚନ୍ଦ୍ର ପୁରୋହିତ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। ଓକିଲ ବାରିକ, କ୍ଷୀରୋଦ୍ର ବାରିକ, ଉଦ୍ଧବ ଭୋଇ, ଧନେଶ୍ୱର ପୋଢ଼, ଶିଖ ମେହେର, କୃଷ୍ଣଚନ୍ଦ୍ର ପୁରୀଙ୍କ ସମେତ ଗ୍ରାମବାସୀ ମହୋତ୍ସବରେ ସକ୍ରିୟ ସହଯୋଗ କରୁଛନ୍ତି ।


ଗଜଲକ୍ଷ୍ମୀ ପୂଜା ପାଇଁ ଉତ୍ତାଳି ନଦୀ କୂଳରେ କଳସ ଶୋଭାଯାତ୍ରା ପାଇଁ ପୂଜାର୍ଚ୍ଚନା ଚାଲିଛି ।

■ କଳାସୁର ରାଜୁତି ଆରମ୍ଭ

## ପେଟୁପାଲି ପାଲଟିଲା ଜେନାବଳୀ ନଗରୀ

**ଘେଁସ,୨୪।୧୦(ଡି.ଏନ.ଏ)**

ବରଗଡ଼ ଜିଲା ସୋହେଲା ବ୍ଲକ ଅନ୍ତର୍ଗତ ପେଟୁପାଲି ଠାରେ ଚାଲିଥିବା ଗଜଲକ୍ଷ୍ମୀ ପୂଜା ଅବସରରେ ବୁଧବାର ମାଁ ଲକ୍ଷ୍ମୀଙ୍କ ପୂଜା ମଣ୍ଡପରେ ମାଁଙ୍କୁ ଆବାହନ, ଗଣେଶ, ସୂର୍ଯ୍ୟ, ଚନ୍ଦ୍ରଙ୍କୁ ପୂଜାର୍ଚ୍ଚନା ସହ ସନ୍ଧ୍ୟାରେ ମହାଆଳତି ଆଦି ଯଥାରୀତି ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା ପରେ ମହାରାଜା କଳାସୁର ଏକ ସୁସଜ୍ଜିତ ବିମାନରେ ନିଜ ମନ୍ତ୍ରୀ ପାରିଷଦଙ୍କୁ ନେଇ ନଗର ଭ୍ରମଣରେ ବାହାରି ଥିଲେ । ପ୍ରଜାମାନେ ମହାରାଜାଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ । ମହାରାଜା ପ୍ରଜାଙ୍କ ସୁଖ ଦୁଃଖ ବୁଝିବା ସହ ଯେଉଁଠି ଭୁଲ ଦେଖୁଥିଲେ ପ୍ରଜାଙ୍କୁ ତାଗିଦ କରୁଥିବା ଦେଖିବାକୁ ମିଳିଥିଲା । କେତେକଙ୍କୁ ଅର୍ଥ ଦଣ୍ଡରେ ଦଣ୍ଡିତ କରୁଥିଲେ ମହାରାଜା କଳାସୁର । ନଗରଭ୍ରମଣ ପରେ ସନ୍ଧ୍ୟାରେ କଳାସୁର ଦରବାର ଉଦ୍‌ଘାଟିତ ହୋଇଥିଲା । ମହାରାଜ କଳାସୁର ବ୍ରହ୍ମାଙ୍କୁ ତପସ୍ୟା, ଶୁକ୍ରଗୁରୁଙ୍କ ପରାମର୍ଶକ୍ରମେ ପାତାଳପୁରର ଅସୁରମାନଙ୍କୁ ନିମନ୍ତ୍ରଣ, ଇନ୍ଦ୍ରପୁର ଆକ୍ରମଣ ଯୋଜନା, ଇନ୍ଦ୍ରଙ୍କୁ ପରାଜିତ କରି ରାଜାଭିଷେକ ଆଦି ଦୃଶ୍ୟ ଅଭିନୀତ ହୋଇଥିଲା । ମହାରାଜା କଳାସୁରଙ୍କ ରାଜାଭିଷେକ ପରେ ପେଟୁପାଲି ଗ୍ରାମ ଜେନାବଳୀ ନଗରୀ ପାଲଟି ଯାଇଥିଲା । କଳାସୁର ଭୂମିକାରେ ଆର୍ତ୍ତତ୍ରାଣ ସୁନାନୀ, ରସକୈଟଭ ତରଣୀସେନ ସିଂ ବରିହା, ଇନ୍ଦ୍ର ଶଶୀଭୂଷଣ ମେହେର, ନାରଦ ସୁଦର୍ଶନ ଦାସ, ବଜ୍ରଦ୍ରଷ୍ଟ ଭଗବାନ ପାଣ୍ଡେ, ବ୍ରହ୍ମା କିଶୋର ସାହୁ, ମକରାକ୍ଷୀ ଭୂମିକାରେ ହିମାଂଶୁ ମେହେର ଅଭିନୟ କରିଥିଲେ ।


ମହାରାଜା କଳାସୁର ସୁସଜ୍ଜିତ ବିମାନରେ ନଗର ପରିକ୍ରମା କରୁଛନ୍ତି ।

### ଲଣ୍ଡାବୀର ବଏଲ ଯାତ୍ରା ଉଦ୍‌ଯାପିତ

**ବିଜେପୁର, ୨୪।୧୦ (ଡି.ଏନ.ଏ)**

ବିଜେପୁର ବ୍ଲକ ଏମ୍. ଶ୍ରୀଗିଡା ଗ୍ରାମ ପାର୍ଶ୍ୱରେ ପ୍ରବାହିତ ଉତ୍ତାଳୀ ନଦୀ ନିକଟସ୍ଥ ଲଣ୍ଡାବୀର ପୀଠରେ ଶାରଦୀୟ ବଏଲ ଯାତ୍ରା ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି । ଆଶ୍ୱିନ ଚତୁର୍ଦ୍ଦଶୀ ତିଥିରେ ଏମ୍. ଶ୍ରୀଗିଡାର ଝାଙ୍କରଙ୍କ ଘରୁ ପୂଜାଭାର ଗ୍ରାମ ପରିକ୍ରମା କରି ଭବ୍ୟ ଶୋଭାଯାତ୍ରାରେ ପୀଠସ୍ଥଳୀକୁ ପହଞ୍ଚିଥିଲା । ଝାଙ୍କର ନବ କୁମାର ବରିହା ଓ ଶଙ୍କର ଭୋଇ ରୀତିନୀତି ସହକାରେ ଷୋଳ ପୂଜା ନୈବେଦ୍ୟ ଅପର୍ଣ କରିଥିଲେ । ପରେ ଷୋଳ ଭରନୀ ବାଜି ଉଠିବାରୁ ବରୁଆ ବୃନ୍ଦାବନ ବରିହାଙ୍କୁ ଲଣ୍ଡାବୀର ଓ ବରୁଆ ବଡ ବରିହାଙ୍କ ଶରୀରରେ କନପୁରୀ ଏନ ଦେବୀ ସବାର ହୋଇଥିଲେ । ବରୁଆ ଦ୍ୱୟ ଅଧିଆ ପଡିଥିବା ଶ୍ରଦ୍ଧାଳୁଙ୍କ ଗୁହାରି ଶୁଣି ଆଶୀଷ ପ୍ରଦାନ କରିଥିଲେ । ମାନସିକ ପୂରଣ ହୋଇଥିବା ଶ୍ରଦ୍ଧାଳୁଙ୍କ ବୋଦା, କୁକୁଡା ବଳୀରେ ପୀଠ ସ୍ଥଳ ରକ୍ତ ରଞ୍ଜିତ ହୋଇ ପଡିଥିଲା । ରାତିରେ ଶ୍ରଦ୍ଧାଳୁମାନଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସଭାପତି ପୀତବାସ ମେହେର, ସମ୍ପାଦକ ରବି ଜେନା, ଗୁଣନିଧି ମେହେର, ଅଶୋକ ପଧାନ, ପ୍ରହଲ୍ଲାଦ ମେହେର, ନୀଳମଣି ମେହେର, କିଶୋର ବିଭାର ପ୍ରମୁଖ ଯାତ୍ରା ପରିଚାଳନା କରିଥିଲେ ।

## ଫୁଟବଲ: ଜାଙ୍ଗେଡ଼ ଚାମ୍ପିୟନ

**ଭେଡ଼େନ,୨୪।୧୦(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ମାନପୁର ଗ୍ରାମପଞ୍ଚାୟତର ଅଏଁଲାପାଲି ଖେଳ ପଡ଼ିଆରେ ବୁଧବାର ବାବା ବ୍ୟାସଗାଦି ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଜାଙ୍ଗେଡ଼ ଦଳ ଚାମ୍ପିୟନ ହୋଇଛି । ବିଜୁ ଯୁବ ବାହିନୀ ଆନୁକୂଲ୍ୟରେ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ବିଜୟୀ ଦଳ ତୁରୁମ ଦଳକୁ ଟାଇବ୍ରେକର ଯୋଗେ ୫-୪ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ଏହି ପ୍ରତିଯୋଗିତାକୁ ମାନପୁର ସରପଞ୍ଚ ସୁରୁବାବୁ ମାଝୀ ଉଦଘାଟନ କରିଥିଲେ । ଉଦଯାପନୀ ଉତ୍ସବରେ ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଲାମଣି ଖେତି ମୁଖ୍ୟଅତିଥି, ସାନନ୍ଦ କର୍ଣ୍ଣ, ସୁରେନ୍ଦ୍ର କର୍ମି, ମୋହନ ଦୋରା, ପ୍ରାଣବନ୍ଧୁ ସେଟ, ମାନଭଞ୍ଜନ ମେଣ୍ଡଲୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ରେଫରୀ ହରେରାମ ପଶାୟତ, ହୃଦାନନ୍ଦ ମଲିକ, ବାବାଜୀ ଝାଙ୍କର, ଛାୟାକାନ୍ତ ତରିଆ ପ୍ରମୁଖ ଖେଳଗୁଡ଼ିକୁ ପରିଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ଅମସ୍ତଲା, ତୁରୁମ,ବାଲପୁର, ଜାଣ୍ଡୋଳ,ସମ୍ବଲପୁର, ଖଇରମାଳ, ଜାଙ୍ଗେଡ଼ ଓ ତୁଙ୍ଗୁରିପାଲି ଦଳ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତା ଆୟୋଜନରେ ବିଜୁ ଯୁବ ବାହିନୀ ସଭାପତି ଶଙ୍କର୍ଷଣ କରନ, ମେଘନାଦ, ଆଶିଷ, ପିଣ୍ଟୁ, ପ୍ରକାଶଙ୍କ ସମେତ ବାବା ବ୍ୟାସଗାଦି ଯୁବକ ସଂଘର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।


ଅଏଁଲାପାଲି ଫୁଟବଲ ଉଦଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

**ରାସ୍ତାକଡ଼ ଗଛ ଭାଙ୍ଗି ସାଇକେଲ ଆରୋହୀ ଗୁରୁତର**

ନୂଆପଡା ଜିଲା ଖଡିଆଳ-ବୋଡେନ ରାସ୍ତାରେ ପଲସଦା ଗାଁ ନିକଟ ରାସ୍ତାକଡର ଏକ ଶୁଖିଲା ଗଛ ପଡିଯିବାରୁ ଜଣେ ସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି ।

**ସଂକ୍ଷେପରେ**

## ଜୁନାଗଡ଼ ବ୍ଲକ ନିଖିଳ ଉତ୍କଳ କନ୍ଧ ସମାଜ ସମ୍ମିଳନୀ

ଜୁନାଗଡ,୨୪।୧୦(ସ୍ୱ.ପ୍ର.) କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ କଲ୍ୟାଣ ମଣ୍ଡପଠାରେ ନିଖିଳ ଉତ୍କଳ କନ୍ଧ ସମାଜ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କନ୍ଧ ସମାଜ ସଭାପତି ଲାଲବାହାଦୁର ଜାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଏହି ସମାଜର ଉତ୍ଥାନ ପାଇଁ ସମସ୍ତ କନ୍ଧ ଭଉଣୀଭାଇ ମିଳିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦିଆଯାଇଛି । ଦୀର୍ଘ ୪୦ ବର୍ଷରୁ କନ୍ଧ ସମାଜ ପୁରୁଣା କମିଟି ଦ୍ୱାରା ପରିଚାଳିତ ହୋଇଥିଲା । ଏହାର ଆଶାନୁରୂପ ଅଗ୍ରଗତି ହୋଇପାରିନାହିଁ । ସମାଜର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇ ସମାଜକୁ ମୁଖ୍ୟ ସ୍ରୋତରେ ସାମିଲ କରି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପାରିପାର୍ଶ୍ୱିକ ଉନ୍ନତି ସହ କନ୍ଧ ସଂସ୍କୃତିର ପ୍ରସାର ଉପରେ ଗୁରୁତ୍ୱାରୂପ କରାଯିବ ବୋଲି ମତପ୍ରକାଶ ପାଇଥିଲା । ସମାଜକୁ ଏକତା ସୂତ୍ରରେ ବାନ୍ଧି ସମସ୍ତଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ମୂଳ ଉଦ୍ଦେଶ୍ୟ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ ପାଇଥିଲା । ନୂତନ କମିଟିରେ ଉପସଭାପତି ଭାବେ ଶ୍ରୀବତ୍ସ ଜାନୀ, ଗୌରୀଶଙ୍କର ପାତ୍ର ଓ ସ୍ୱୟମ୍ବର ଭୋଇ, ସମ୍ପାଦକ ଭାବେ ଶ୍ୟାମ ସୁନ୍ଦର ମାଝି, ସହସମ୍ପାଦକ ଯୋଗିନ୍ଦ୍ର ଭୋଇ, କୋଷାଧ୍ୟକ୍ଷ ବଳିଆର ଭୋଇ, ସଙ୍ଗଠନ ସମ୍ପାଦକ ହରିଶଙ୍କର ଭୋଇ, ସୁଦର୍ଶନ ମାଝି, ନେତ୍ରମୋହନ ମାଝି ପ୍ରମୁଖ ମନୋନୀତ ହୋଇଥିଲେ । ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ନିଖିଳ ଉତ୍କଳ କନ୍ଧ ସମାଜର କିଶୋର ଚନ୍ଦ୍ର ଭୋଇ, କୃଷ୍ଣ ଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ । ଭାସ୍କର ଭୋଇ ସଭା ପରିଚାଳନା କରିଥିଲେ ।

ସୁନାଦେଈ ଯାତ୍ରାରେ ଶତାଧିକ ବଳିପଡ଼ିଲା

# ରକ୍ତରଞ୍ଜିତ ହେଲା ସୁନାବେଡ଼ା

ନୂଆପଡା ଅଫିସ,୨୪।୧୦

ନୂଆପଡା ଜିଲା ସୁନାବେଡା ଅଭୟାରଣ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ସୁନାଦେଈଙ୍କ ଯାତ୍ରା ସମ୍ପନ୍ନ ହୋଇଛି । ବିଭିନ୍ନସ୍ତରରେ ପଶୁପକ୍ଷୀ ବଳିକୁ ନିରୁତ୍ସାହିତ କରାଯାଉଥିବାବେଳେ ସୁନାଦେଈଙ୍କ ପ୍ରତି ଥିବା ଭକ୍ତିଜାଗାରେ ସବୁ ନୀତିନିୟମ ହାର ମାନିଥିବା ଦେଖିବାକୁ ମିଳିଛି । ଅଭୟାରଣ୍ୟ ରକ୍ତରଞ୍ଜିତ ହୋଇପଡିଥିଲା । ଦେବୀ ପୀଠ ସମେତ ବସ୍ତିଯାକ ଶତାଧିକ ପଶୁପକ୍ଷୀ ବଳି ଦିଆଯାଇଥିଲା । ଜିଲା ସମେତ ଆଖପାଖ ଜିଲା ଏବଂ ପଡୋଶୀ ଛତିଶଗଡ ଅଞ୍ଚଳର ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକ ରୁଣ୍ଡ ହୋଇଥିଲେ । ମା'ଙ୍କ ଭକ୍ତିରେ ସମଗ୍ର ଅଭୟାରଣ୍ୟର ୮୪ଖଣ୍ଡ ଗାଁର ଲୋକ ଝୁମିଯାଇଥିଲେ ।

ସୂଚନାଯୋଗ୍ୟ ଯେ, ଆଜକୁ ୧୫ ଦିନ ପୂର୍ବେ ଗତ ଅମାବାସ୍ୟା ଦିନଠାରୁ ସୁନାଦେଈ ପୀଠରେ ଆଦିବାସୀମାନେ ଦୀପ ଜାଳିଥିଲେ । ବୁଧବାର ଥିଲା କୁମାର ପୂର୍ଣ୍ଣିମା । ଏହାଥିଲା ମା'ଙ୍କ ପୂଜା ଦିବସ । ବିଧିମୁତାବକ ମଙ୍ଗଳବାର ସନ୍ଧ୍ୟାରେ ସମଗ୍ର ସୁନାବେଡାବାସୀ ଉପବାସ କରିଥିଲେ । ସନ୍ଧ୍ୟାରେ ଖଣ୍ଡା ଧୁଆ ଉତ୍ସବ ହୋଇଥିଲା । ଗଡଭଟା ଗାଁରୁ ପାଟମାଝିଙ୍କ ଘରୁ ଚାଉଳ, କପଡା, ନଡିଆ ଆଣି ପୀଠରେ ସ୍ଥାପନା କରିଥିଲେ । ବୁଧବାର ସକାଳେ ମା'ଙ୍କ ପୀଠରେ ପୂଜାର୍ଚ୍ଚନା କରି ପୂଜାରୀ ପ୍ରଥମ ବୋଦା ବଳି ଦେଇଥିଲେ । ଏହା ପରେ ପୂର୍ବାହ୍ନ ୧୦ଟାରେ ମା'ଙ୍କ ଛତର ବାହାରି ୧ କି.ମି. ଦୂରବର୍ତ୍ତୀ ଲିଙ୍ଗଭଟାସ୍ଥିତଗୁଡିକୁ ଯାଇଥିଲେ । ସାଙ୍ଗରେ ବାଜା ସହ ଆତସବାଜି ହୋଇଥିଲା । ଯାତ୍ରା ଦେଖିବାକୁ ରୁଣ୍ଡ ହୋଇଥିବା ହଜାର ହଜାର ଲୋକ ହରିବୋଲ ଦେଇଥିଲେ । ଲିଙ୍ଗଭଟାରେ ମା' ସୁନାଦେଈଙ୍କ ବଂଶଧର କୋକାଶ ଡୁମାଙ୍କର ପୂଜା ହୋଇଥିଲା । ଏହି ଜାଗାରେ ମାନସିକ କରିଥିବା ଭକ୍ତମାନେ ବଳି ଦେଇଥିଲେ । ପରେ ପୁଣିଥରେ ମଧ୍ୟାହ୍ନ ଗୋଟାଏ ବେଳେ ଦେବୀଙ୍କ ଛତର ବସ୍ତି ପରିକ୍ରମା କରିଥିଲା । ଏହି ସମୟରେ ସମଗ୍ର ସୁନାବେଡା ଜନସମୁଦ୍ର ହୋଇପଡିଥିଲା । ବସ୍ତିସାରା ମା'ଙ୍କ ସମ୍ମୁଖରେ ପଶୁପକ୍ଷୀଙ୍କୁ ବଳି ଦେଇ ପୂଜା କରୁଥିବାବେଳେ ବିଭିନ୍ନ ମାନସିକ ମହିଳା, ବୃଦ୍ଧାବୃଦ୍ଧ ଶାଷ୍ଟାଙ୍ଗ ପ୍ରଣାମ କରୁଥିବା ବେଶ ଭାବୋଦ୍ଦିପକ ଥିଲା । ମା' ପୀଠରେ ପହଞ୍ଚିବା ପରେ ବସ୍ତିରେ ସାମୁହିକ ଭୋଜିର ବ୍ୟବସ୍ଥା ହୋଇଥିଲା । ଦୂରଦୂରାନ୍ତରୁ ଆସିଥିବା ହଜାର ହଜାର ଭକ୍ତମାନେ ସାମିଲ ହୋଇ ପ୍ରସାଦ ଗ୍ରହଣ କରିଥିଲେ । ସନ୍ଧ୍ୟାରେ ଠାଏଁ ଠାଏଁ ସାଂସ୍କୃତିକ ଦଳ ସବୁ କାର୍ଯ୍ୟକ୍ରମ ସବୁ କରିଥିଲେ । ଏହାକୁ ଲୋକେ ରାତିସାରା ମଜା ନେଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିବାକୁ ସୁନାବେଡା ଉନ୍ନୟନ କମିଟି ସଦସ୍ୟମାନେ ଅଣ୍ଟାଭିଡିଥିଲେ । ସୂଚନାଯୋଗ୍ୟ ଯେ, ଗତ ବର୍ଷା ସମୟରେ ସୁନାବେଡାକୁ ଯିବା ଆସିବା କରିବାକୁ ସବୁ ରାସ୍ତା ଭଙ୍ଗା ଦଦରା ହୋଇଥିବା ହେତୁ ଯାତ୍ରୀମାନଙ୍କ ଯିବା ଆସିବାରେ ଅସୁବିଧା ହୋଇଥିଲା । ଏହା ସତ୍ତ୍ୱେ ହଜାର ହଜାର ଭକ୍ତ ଚାଲି ଚାଲି ଦୁର୍ଗମ ଜଙ୍ଗଲ ଭିତର ଦେଇ ସୁନାବେଡାକୁ ଆସିଥିଲେ । ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ କଡା କଡି କରିବାକୁ ଚାରିଆଡେ ବ୍ୟାପକ ପୋଲିସ ମୁତୟନ ହୋଇଥିଲା । ଏସପି ସ୍ମିତ ପରମାର ସଦଳ ବଳେ ନିଜେ ସୁନାବେଡାକୁ ଯାଇ ସ୍ଥିତି ଦେଖିଥିଲେ ।



ମା'ଙ୍କ ଛତର ବସ୍ତି ପରିକ୍ରମା କରୁଥିବାବେଳେ ଭକ୍ତମାନେ ଶାଷ୍ଟାଙ୍ଗ ପ୍ରଣିପାତ କରୁଛନ୍ତି ।

- ୨୦ ହଜାର ଭକ୍ତଙ୍କ ସମାଗମ
- ୮୪ ଖଣ୍ଡ ଗାଁର ଲୋକ ରୁଣ୍ଡହେଲେ

# ରାସ୍ତା କଡ଼ ଗଛ ଭାଙ୍ଗି ପଡ଼ିଲା, ସାଇକେଲ ଆରୋହୀ ଗୁରୁତର

**ପିଡବ୍ଲ୍ୟୁଡି ବିଭାଗର ଅବହେଳା ଅଭିଯୋଗ**

ନୂଆପଡା ଅଫିସ,୨୪।୧୦

ନୂଆପଡା ଜିଲା ଖଡିଆଳ-ବୋଡେନ ରାସ୍ତାରେ ପଲସଦା ଗାଁ ନିକଟ ରାସ୍ତାକଡର ଏକ ଶୁଖିଲା ଗଛ ପଡିଯିବାରୁ ଜଣେ ସାଇକେଲ ଆରୋହୀ ଗୁରୁତର ଆହତ ହୋଇଛନ୍ତି । ଆହତ ଆରୋହୀ ଜଣକ ସ୍ଥାନୀୟ ପଲସଦା ଗାଁର ଶତୃଜିତ ମଲ୍ଲିକ (୩୦) । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଖଡିଆଳ ସରକାରୀ ହସ୍ପିଟାଲରୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ସୂଚନାଯୋଗ୍ୟ ଯେ, ପଲସଦା ମଦ ଭାଟି ନିକଟରେ ଏକ ପୁରୁଣା ଶୁଖିଲା ଗଛ ରହିଛି । ଗତ କିଛି ଦିନ ତଳେ ଏହାର ଏକ ଗଣ୍ଡି ପଡିଯିବାରୁ ଜଣେ ଛାତ୍ର ଅଳ୍ପକେ ବର୍ତ୍ତିଯାଇଥିଲେ । ବୁଧବାର ପୂର୍ବାହ୍ନ ୧୧ଟାରେ ଶତୃଜିତ ସାଇକେଲ ଯୋଗେ ନିଜର ଛୋଟ ଝିଅଙ୍କୁ ଧରି ନିଜ ଗାଁ ଅଭିମୁଖେ ଯାଉଥିବା ବେଳେ ହଠାତ ଗଛ ଭାଙ୍ଗି ତାଙ୍କ ଉପରେ ପଡିଥିଲା । ଶିଶୁ ଖଣ୍ଡିଆ ଖବରା ହୋଇଥିବା ବେଳେ ଶତୃଜିତଙ୍କ ଅବସ୍ଥା ଗୁରୁତର ହେବାରୁ ପ୍ରଥମେ ଖଡିଆଳ ହସ୍ପିଟାଲକୁ ନିଆଯାଇଥିଲା । ଏହି ଗଛକୁ ଭାଙ୍ଗିବାକୁ ବାରମ୍ବାର ଦାବି କରାଯାଇଆସୁଛି । ଏହା କେବଳ ପିଡବ୍ଲ୍ୟୁଡି ବିଭାଗର ଅବହେଳା ଯୋଗୁ ଏପରି ହୋଇଥିବା ସ୍ଥାନୀୟ ସରପଞ୍ଚ କୃଷ୍ଣରାଜ ବେହେରା ଅଭିଯୋଗ କରିଛନ୍ତି । ଏହା ଉପରେ ଜିଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି ।

# ହଳଦିଆ ତୈଳିକ ବୈଶ୍ୟ ସାହୁ ସମାଜ ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ



ଜିଲା ସଭାପତି ନୀଳମଣି ସାହୁ ବୈଠକରେ ଉଦ୍‌ବୋଧନ ଦେଉଛନ୍ତି ।

କର୍ଲାମୁଣ୍ଡା,୨୪।୧୦(ଡି.ଏନ.ଏ.)

କଳାହାଣ୍ଡିଜିଲା କର୍ଲାମୁଣ୍ଡା ବ୍ଲକ ଯୋରାଡବ୍ରା ନିକଟରେ ଥିବା ଶାନ୍ତିବନଠାରେ ବୁଧବାର ହଳଦିଆ ତୈଳିକ ବୈଶ୍ୟ ସମାଜର ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ତୈଳିକ ବୈଶ୍ୟ ସାହୁ ସମାଜ ଜିଲା ସଭାପତି ନୀମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା କମିଟି ସଦସ୍ୟ ଉତ୍କଳମଣୀ ସାହୁ, ଜୟଦେବ ସାହୁ, ନବୀନ କିଶୋର ସାହୁ, ଭରତ ସାହୁ, ପବିତ୍ର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ନର୍ଲା, ମ.ରାମପୁର, କର୍ଲାମୁଣ୍ଡା, କେସିଙ୍ଗା ବ୍ଲକରୁ ସାହୁ ସମାଜର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ବୈଠକରେ ଆଗାମୀ ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ବାର୍ଷିକ ଉତ୍ସବ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା । ଉତ୍ସବ ପରିଚାଳନା କମିଟି ସଭାପତି ଭାବେ ମୁରଲିଧର ସାହୁ, କାର୍ଯ୍ୟକାରୀ ସଭାପତି ନନ୍ଦ କିଶୋର ସାହୁ, ସମ୍ପାଦକ ଭାବେ ଟିଙ୍କୁନୁ ସାହୁ ମନୋନୀତ ହୋଇଥିଲେ ।

# ନୂତନ ରାଶନ କାର୍ଡରୁ ବଞ୍ଚିତ ବାଗଡୁଙ୍ଗରୀବାସୀ

ଜୁନାଗଡ,୨୪।୧୦(ଡି.ଏନ.ଏ.)

ରାଜ୍ୟର ଜଣେ ବି ଗରିବ ଲୋକ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ହେବେ ନାହିଁ ଏହି ଉଦ୍ଦେଶ୍ୟରେ ଗତ ଅକ୍ଟୋବର ୨ ତାରିଖ ରାଜ୍ୟ ସରକାର ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଛନ୍ତି । ତେବେ ଆବଶ୍ୟକ ଅନୁଯାୟୀ ରାଶନ କାର୍ଡ ଆସି ନ ଥିବାରୁ ଅନେକ ଯୋଗ୍ୟ ହିତାଧିକାରୀ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି । କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଆଟିଗାଁ ପଞ୍ଚାୟତରେ ଏପରି ଘଟଣା ଦେଖିବାକୁ ମିଳିଛି । ଏହି ପଞ୍ଚାୟତରେ ଆଟିଗାଁ ସମେତ ମିଚାଗାଁ, ବାଗଡୁଙ୍ଗରୀ ଓ କାନ୍ଦୁଲଗୁଡା ଆଦି ଗ୍ରାମ ରହିଛି । ଗତ କିଛି ଦିନ ତଳେ ରାଜ୍ୟ ସରକାରଙ୍କ ନୂତନ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବା ପଞ୍ଚାୟତ ସମସ୍ତ ଗ୍ରାମର ୨୬୨ଟି ପରିବାର ଆବେଦନ କରିଥିଲେ । ସେଥି ମଧ୍ୟରୁ ୧୩୩ଟି ପରିବାର ପାଇଁ ରାଶନ କାର୍ଡ ଆସିଥିବା ବେଳେ ୨୭ଟି ପରିବାର ଖାରଜ ହୋଇଯାଇଛି । ଅବଶିଷ୍ଟ କାର୍ଡ ଆସିନାହିଁ । ସବୁଠାରୁ ବଡ ଦୁଃଖକଥା ପଞ୍ଚାୟତ ଅନ୍ୟ ସମସ୍ତ ଗ୍ରାମର ପରିବାର, ହିତାଧିକାରୀଙ୍କୁ ରାଶନ କାର୍ଡ ଆସିଥିବା ବେଳେ ବାଗଡୁଙ୍ଗରୀ ଗ୍ରାମର ଜଣେ ବି ହିତାଧିକାରୀଙ୍କୁ ରାଶନ କାର୍ଡ ଆସିନାହିଁ । ଫଳରେ ବାଗଡୁଙ୍ଗରୀ ଗ୍ରାମବାସୀ ସମ୍ପୂର୍ଣ୍ଣ ରୂପେ ରାଜ୍ୟ ସରକାରଙ୍କ ନୂତନ ରାଶନ କାର୍ଡ ଯୋଜନାରୁ ବଞ୍ଚିତ ରହିଛନ୍ତି । ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଏବେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେବେ ଏପରି ଅବହେଳା ପାଇଁ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି । ଏ ନେଇ ଗ୍ରାମବାସୀ, ଜୁନାଗଡ ବଡିଓ, ଧର୍ମଗଡ ଉପଜିଲାପାଳଙ୍କୁ ମଧ୍ୟ ଜଣାଇଛନ୍ତି । ଅନ୍ୟପକ୍ଷରେ ପଞ୍ଚାୟତର ବାଗଡୁଙ୍ଗରୀ ଗ୍ରାମର ହିତାଧିକାରୀମାନେ ନୂତନ ରାଶନ କାର୍ଡରୁ ବଞ୍ଚିତ ଥିବାରୁ କୌଣସି ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ପଞ୍ଚାୟତ କର୍ତ୍ତୃପକ୍ଷ ଭୟରେ ରାଶନ କାର୍ଡ ବାଣ୍ଟୁ ନ ଥିଲେ । ବୁଧବାର ଆଟିଗାଁ ପଞ୍ଚାୟତର ୩ଟି ଗ୍ରାମର ହିତାଧିକାରୀଙ୍କୁ ଜୁନାଗଡ ବ୍ଲକ କାର୍ଯ୍ୟାଳୟରେ ବିଡିଓ ପରମ ବ୍ରହ୍ମ ଯୋଷୀ ଓ ସ୍ଥାନୀୟ ବିଧାୟକ ଦିବ୍ୟ ଶଙ୍କର ମିଶ୍ରଙ୍କ ଉପସ୍ଥିତିରେ ନୂତନ ରାଶନ କାର୍ଡ ବଣ୍ଟନ କରାଯାଇଛି ।

# କୁରୁଗୁଡ଼ା ଫୁଟବଲ: ଝାରକୁଣ୍ଡାମାଲ ଚାମ୍ପିୟନ

ଜୁନାଗଡ,୨୪।୧୦(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଭଇଁରୀଗୁଡା ପଞ୍ଚାୟତ କୁରୁଗୁଡା ସ୍କୁଲ ପଡିଆଠାରେ ଗତ ୪ ଦିନ ଧରି ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ କର୍ଲାକୋଟ ଓ ଝାର-କୁଣ୍ଡାମାଲ ମଧ୍ୟରେ ଅନୁଷ୍ଠିତ ହଇଥିଲା । ଏଥିରେ ଝାରକୁଣ୍ଡାମାଲ କର୍ଲାକଟକୁ ହରାଇ ଚାମ୍ପିୟନ ହୋଇଛି । ବିଜୟୀ ଦଳ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରାଯାଇଛି । କୁରୁଗୁଡା ନୀଳ ମାଧବ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗତ ରବିବାର ଜୁନାଗଡ ବ୍ଲକର ୧୬ଟି ଫୁଟବଲ ଦଳକୁ ନେଇ ଖେଳ ଆରମ୍ଭ ହୋଇଥିଲା । ପ୍ରତ୍ୟହ ୪ଟି ଖେଳ ଅନୁଷ୍ଠିତ ହେଉଥିଲା । ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀଧର ପାତ୍ର ଓ ଜୁନାଗଡ ଓକିଲ ସଂଘ ସଭାପତି ହିମାଂଶୁ ବରାଡ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲ । ଉଦ୍‌ଯାପନୀ ଉତ୍ସବରେ ଜୁନାଗଡ ବିଧାୟକ ଦିବ୍ୟଶଙ୍କର ମିଶ୍ର, ସରପଞ୍ଚ ଲକ୍ଷ୍ମୀଧର ପାତ୍ର, କୁରୁଗୁଡା ପ୍ରଧାନ ଶିକ୍ଷକ ହୃଷିକେଶ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ଅନୁଷ୍ଠାନ ସଭାପତି ଭାରତ ମାଝିଙ୍କ ସଭାପତିତ୍ୱରେ ସ୍ୱୟଂବର କନ୍ଧପାନ ମଞ୍ଚ ପରିଚାଳନା କରିଥିଲେ ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

କପାଚାଷରେ ପତ୍ରଡିଆଁ ରୋଗ

# ଶହ ଶହ ଏକର ଚାଷ ନଷ୍ଟ, ଚିନ୍ତାରେ ଚାଷୀ

ଭବାନୀପାଟଣା,୨୪।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ଚଳିତବର୍ଷ କପା ଚାଷ ଭଲ ହୋଇଥିଲେ ମଧ୍ୟ ବିଭିନ୍ନ ପ୍ରକାର ରୋଗ ଲାଗି ବହୁ ସ୍ଥାନରେ କପା କଢ଼ ନଷ୍ଟ ହୋଇଗଲାଣି । ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାର ଚାଷକୁ ବିଭିନ୍ନ ଯୋଜନା କରି ଚାଷୀଙ୍କୁ ସବୁ ସହାୟତା ଯୋଗାଇ ଦିଆଯିବ ବୋଲି କହୁଥିବା ବେଳେ ଏବେ ଧାନ ପରେ କପାରେ ପତ୍ରଡିଆଁ ରୋଗ ବା ଦହିଆ ରୋଗରେ ଲାଗି ଚାଷ ନଷ୍ଟ ହେଉଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି । କଳାହାଣ୍ଡି ଜିଲାର ୧୩ଟି ବ୍ଲକରେ ୫୭,୭୧୧ ହେକ୍ଟର ଚାଷ ଜମିରେ କପା ଚାଷ କରାଯାଇଥିଲା । ବିଭାଗୀୟ ପ୍ରତିଶ୍ରୁତି ଓ ବେଶ ଦି ପଇସା ରୋଜଗାର ଆଶାରେ ଚାଷୀମାନେ ମଧ୍ୟ ଏହି ଅର୍ଥକାରୀ ଫସଲ ଚାଷ କରିବା ପାଇଁ ବ୍ୟାଙ୍କରୁ ଋଣ ଓ ସାହୁକାରଠାରୁ ଧାରକରଜ କରି ଚାଷ କରିଥିଲେ । ହେଲେ ପ୍ରଥମେ ବନ୍ୟା ଯୋଗୁ କପା ଗଛମୂଳେ ପାଣି ଜମି ଅଧିକାଂଶ କପା ନଷ୍ଟ ହୋଇଯାଇଥିଲା । ଏବେ ଠିକ ଫୁଲ ଓ ଫଳ ଧରିବା ବେଳକୁ ପତ୍ର ଡିଆଁ ପୋକ ବା ଦହିଆ ପୋକ ଯୋଗୁ କପା ଚାଷ ସବୁ ନଷ୍ଟ ହେବାକୁ ବସିଛି । ଗତବର୍ଷ ବନ୍ୟା ବାତ୍ୟା ଯୋଗୁ ଚାଷୀ ନିଜର ଚାଷ ନଷ୍ଟ ହୋଇଥିଲେ ମଧ୍ୟ ବର୍ତ୍ତମାନ ଯାଏଁ ଚାଷର ବୀମା ରାଶି ପାଇ ନ ଥିବା ବେଳେ ଚଳିତବର୍ଷ ଚକଡା ପୋକ ଚାଷକୁ ନଷ୍ଟ କରିଦେଇ ସାରିଲାଣି । ଏପରି ପରିସ୍ଥିତିରେ କପା ଚାଷରେ ରୋଗ ପୋକ ଦେଖି ଚାଷୀ ମୁଣ୍ଡରେ ହାତ ଦେଇବସିଛି । ସରକାର ଜାତୀୟ ଖାଦ୍ୟ ଯୋଗାଣ ନିଗମ ଯୋଜନାରେ କପା ଚାଷୀଙ୍କୁ ୫୦ ପ୍ରତିଶତ ରିହାତିରେ ସାର ଓ ବିହନ ଯୋଗାଇ ଦେବାକୁ ଚାଷୀଙ୍କୁ କହି କପା ଚାଷ କରିବାକୁ କହିଥିଲେ । ହେଲେ ଠିକ କପା ଚାଷରେ ରୋଗ ପୋକ ଲାଗିବା ବେଳକୁ ବିଭାଗ ହାତ ଟେକି ଦେଉଥିବାରୁ ଚାଷୀ ବାଧ୍ୟ ହୋଇ ବଜାରରୁ ଚଢା ଦରରେ ସାର କିଣି କପା ଚାଷରେ ପ୍ରୟୋଗ କରୁଛି । କିନ୍ତୁ ଏହା ସବୁ ଚାଷୀଙ୍କ କ୍ଷେତ୍ରରେ ସମ୍ଭବ ହେଉନାହିଁ । ଚାଷୀ ନିଜ ଭାଗ୍ୟକୁ ଆଦରୀ ଦାଦନ ଯିବା ପାଇଁ ସଜବାଜ ହେଇଛନ୍ତି । ଚାଷୀଙ୍କ ଏଭଳି ଦୁଃଖଦ ପରିସ୍ଥିତିରେ ସାର ମଧ୍ୟ ସରକାର ଯୋଗାଇ ଦେଇପାରୁନାହାନ୍ତି । ଏଭଳି ପରିସ୍ଥିତିରେ ସାହୁକାରଙ୍କଠାରୁ ଏବଂ ବ୍ୟାଙ୍କରୁ ଋଣ ଆଣିଥିବା ଚାଷୀ କିଛି ଉପାୟ ନ ପାଇ ଶେଷରେ ଆତ୍ମହତ୍ୟା ଛଡା ଆଉ କିଛି ବାଟହିଁ ନାହିଁ ବୋଲି କହିଛନ୍ତି । ତୁରନ୍ତ ରାଜ୍ୟ ସରକାର ଓ କୃଷି ବିଭାଗ ଯୁଦ୍ଧକାଳିନ ଭିତ୍ତିରେ ଏଥିପ୍ରତି ଗୁରୁତ୍ୱ ନ ଦେଲେ ଆଗାମୀ ଦିନରେ ଜିଲାର ଚାଷୀ ସର୍ବସାନ୍ତ ହୋଇଯିବେ ।



ଜଣେ ଚାଷୀ କପା ଚାଷରେ ଔଷଧ ସିଞ୍ଚନ କରୁଛନ୍ତି ।

## ଲକ୍ଷାଧିକ ଟଙ୍କା ଜିଏସ୍‌ଟି ଠକେଇ ଅଭିଯୋଗ

ଭବାନୀପାଟଣା,୨୪।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗାସ୍ଥିତ ହିନ୍ଦୁସ୍ଥାନ ସିଡ୍ସ ପ୍ରାଇଭେଟ ଲିମିଟେଡ କେସିଙ୍ଗାକୁ ଟିଟିଲାଗଡ ମୁଖ୍ୟ କାର୍ଯ୍ୟାଳୟରୁ ଏକ ବୋଲେରୋ ପିକ୍‌ଅପ୍ (ନଂ. ଓଡି୦୩ ଏଫ୍ ୮୫୭୧)ରେ କୀଟନାଶକ ଔଷଧ ଓ ମଞ୍ଜି ଆଦି ଆଣୁଥିବା ବେଳେ କଳାହାଣ୍ଡି ଦ୍ରବ୍ୟ ଓ ସେବାକର ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଚଢାଉ ବେଳେ ଜିଏସଟି ଇ-ୱେ ବିଲ ନ ଥିଲା । ଡ୍ରାଇଭର କେସିଙ୍ଗାସ୍ଥିତ ଦୋକାନରେ ଇ-ୱେ ବିଲ ଅଛି ବୋଲି କହିବାରୁ ଅଧିକାରୀମାନେ ଦୋକାନକୁ ଆସିଥିଲେ । ଦୋକାନରେ ପହଞ୍ଚିବା ପରେ ଡ୍ରାଇଭର ଗାଡି ଛାଡି ଘଟଣାସ୍ଥଳରୁ ଫେରାର ହୋଇଥିଲେ । ଯାଞ୍ଚ କରୁଥିବା ବେଳେ ଦୋକାନ କର୍ମଚାରୀମାନେ ଅଧିକାରୀଙ୍କୁ ସହଯୋଗ ନ କରି ଦୋକାନ ବନ୍ଦ କରି ପଳାଇବାକୁ ଉଦ୍ୟମ କରୁଥିଲେ । ଯାହାକୁ ନେଇ ଯୁଗ୍ମ କମିସନର ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ତେବେ ପ୍ରାୟ ଲକ୍ଷାଧିକ ଟଙ୍କା ଜିଏସ୍‌ଟି ହେରାଫେରି ହୋଇଥିବା ଅନୁମାନ କରାଯାଇଛି । ଚଢାଉରେ ବିଭାଗର ଯୁଗ୍ମ କମିଶନର ସୁପାଲ ବରିହା, ଅତିରିକ୍ତ ସିଟି ଓ ଜିଏସ୍‌ଟି ଅଫିସର ଦୁର୍ଗା ପ୍ରସାଦ ମହାଲିଙ୍ଗ ଓ ହରେକୃଷ୍ଣ ମେହେରେ ସାମିଲ ଥିଲେ । ପୂର୍ବରୁ ଏହି ଦୋକାନ ନାଁରେ ସାର ହେରାଫେରି ହେବା ନଜିର ରହିଛି ।

**ପୂର୍ବ ତଟ ରେଳପଥ**

**ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP) ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**

(1) ନିଯୁକ୍ତି ସୂଚନା ସଂ. 02/2018-CMP ତା.08.10.2018 ରିଖ

ପୂର୍ବ ତଟ ରେଳପଥ/ଖୋର୍ଦ୍ଧା ରୋଡ୍ ମଣ୍ଡଳ, ପୂର୍ଣ୍ଣକାଳୀନ ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP) ଭାବେ ନିଯୁକ୍ତି ଦେବା ନିମନ୍ତେ ମୁକ୍ତ ବଜାର (Open Market)ରୁ ତଥା ଅବସରପ୍ରାପ୍ତ ରେଳବାଇ ଡାକ୍ତର ଏବଂ ଅବସରପ୍ରାପ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଡାକ୍ତରଙ୍କ ଏକ ନାମ ତାଲିକା ପ୍ରସ୍ତୁତ କରିବା ପାଇଁ ଚୁକ୍ତି ଭିତ୍ତିରେ ଏକ ବର୍ଷ ଅବଧି ନିମନ୍ତେ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ଆୟୋଜନ କରିବ । ସଂପୃକ୍ତ CMP ମାନଙ୍କ ସମ୍ମତି ଭିତ୍ତିରେ ପରବର୍ତ୍ତୀ ସମୟରେ ଏହାକୁ ପୁନର୍ବାର ବର୍ଷକୁ ବର୍ଷ ସାନି ଚୁକ୍ତି କରାଯାଇପାରିବ, ଯାହାକି 12 ବର୍ଷରୁ ଉର୍ଦ୍ଧ୍ୱ ଅବଧି ହେବ ନାହିଁ କିମ୍ବା IRMS ଦ୍ୱାରା ଚୟନ ହୋଇଥିବା ଡାକ୍ତରମାନଙ୍କୁ ଏହି ପଦରେ ନିଯୁକ୍ତି ପର୍ଯ୍ୟନ୍ତ କିମ୍ବା ଏହି ବ୍ୟବସ୍ଥା ଉପଲବ୍ଧ ଥିବା ପର୍ଯ୍ୟନ୍ତ ଯେଉଁଟି ପ୍ରଥମେ ହେବ, ସେହି ଅବଧି ପର୍ଯ୍ୟନ୍ତ ଏହି ନିଯୁକ୍ତି ବଳବତ୍ତର ରହିବ । ସବିଶେଷ ବିବରଣୀ ନିମ୍ନ ପ୍ରଦତ୍ତ ଅଟେ :

ଖାଲି ଥିବା ମୋଟ୍ ପଦବୀ: 02 (ଖୋର୍ଦ୍ଧା ରୋଡ୍ ମଣ୍ଡଳର ବ୍ରହ୍ମପୁର ହେଲ୍‌ଥ ୟୁନିଟ୍, କେନ୍ଦୁଝରଗଡ଼ - ଯଖପୁରା ସେକ୍ସନ ପ୍ରତ୍ୟେକଙ୍କ ପାଇଁ 01 ଗୋଟି ହିସାବରେ) ।

ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା: ପ୍ରାର୍ଥୀ ଭାରତୀୟ ଚିକିତ୍ସା ପରିଷଦ(Indian Medical Council) ଦ୍ୱାରା ସ୍ୱୀକୃତ ସର୍ବନିମ୍ନ MBBS ଡିଗ୍ରୀ ପ୍ରାପ୍ତ କରିଥିବା ସହିତ ସେ ଏକ ବର୍ଷ ବାଧ୍ୟତାମୂଳକ ରୋଟେଟୋରୀ ଇଣ୍ଟର୍ଣ୍ଣସିପ୍ (Rotatory Internship)ସମାପ୍ତ ପରେ କିମ୍ବା ଭାରତୀୟ ଚିକିତ୍ସା ପରିଷଦରେ ଭାରତର ଯେକୌଣସି ରାଜ୍ୟ ଚିକିତ୍ସା ପରିଷଦରୁ ବୈଧ ରେଜିଷ୍ଟ୍ରେସନ ପ୍ରମାଣ ପତ୍ର ପାଇଥିବେ । ଅନ୍ୟ କୌଣସି ପ୍ରମାଣପତ୍ର ଗ୍ରହଣ କରାଯିବ ନାହିଁ ।

ପାରିଶ୍ରମିକ: ପୂର୍ଣ୍ଣକାଳୀନ ଜେନେରାଲ ଡ୍ୟୁଟି ମେଡ଼ିକାଲ ଅଫିସର-CMP ମାନଙ୍କ ପାଇଁ ମାସିକ ପାରିଶ୍ରମିକ ଟ.75,000/-(HRA ଏବଂ ପରିବହନ ଭତ୍ତା ସହିତ) ।

**ଅଂଶକାଳିକ (Part Time) ଚୁକ୍ତିଭିତ୍ତିକ ମହିଳା ଚିକିତ୍ସକ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ**

(2) ନିଯୁକ୍ତି ସୂଚନା ସଂ. CMP.03/2018 ତା.08.10.2018 ରିଖ

ଏକ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ ହେଲ୍‌ଥ ୟୁନିଟ୍, ଅନୁଗୋଳ ଠାରେ ଦୈନିକ 4 ଘଣ୍ଟା ଏବଂ ସପ୍ତାହରେ 6 ଦିନ ଡ୍ୟୁଟି ପାଇଁ ଚୁକ୍ତି ଭିତ୍ତିରେ ଅଂଶକାଳିକ ମହିଳା ଚିକିତ୍ସକମାନଙ୍କ ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ଏକ ନାମ ତାଲିକା (Panel) ପ୍ରସ୍ତୁତ କରିବା ପାଇଁ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ର ଆୟୋଜନ କରାଯିବ । ପରବର୍ତ୍ତୀ ସମୟରେ ସଂପୃକ୍ତ ଅଂଶକାଳିକ ଚୁକ୍ତିଭିତ୍ତିକ ମହିଳା ଚିକିତ୍ସକମାନଙ୍କ ସମ୍ମତି ଭିତ୍ତିରେ ପ୍ରତି ବର୍ଷ ସାନି ଚୁକ୍ତି ଦ୍ୱାରା ଏହାକୁ ପୁନଃ ନବୀକରଣ କରାଯାଇପାରିବ, ଯାହାର ଅବଧି ସର୍ବାଧିକ 05 ବର୍ଷ ପର୍ଯ୍ୟନ୍ତ କିମ୍ବା ନିୟମିତ IRMS ଚିକିତ୍ସକ ଦ୍ୱାରା ଏହି ପଦବୀ ପୂରଣ ହେବା ପର୍ଯ୍ୟନ୍ତ କିମ୍ବା ଏହି ଯୋଜନା ଉପଲବ୍ଧ ଥିବା ପର୍ଯ୍ୟନ୍ତ, ଯେଉଁଟି ପ୍ରଥମେ ହେବ, ସେହି ପର୍ଯ୍ୟନ୍ତ ଏହି ଚୁକ୍ତି ବଳବତ୍ତର ରହିବ । ସବିଶେଷ ବିବରଣୀ ନିମ୍ନ ପ୍ରଦତ୍ତ ଅଟେ :

ଖାଲି ଥିବା ମୋଟ୍ ପଦବୀ : 01(ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନସ୍ଥ ହେଲ୍‌ଥ ୟୁନିଟ୍, ଅନୁଗୋଳ ଠାରେ 01 ଗୋଟି) ।

ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା : ପ୍ରାର୍ଥୀ MBBS କିମ୍ବା ସ୍ନାତକୋତ୍ତର(MD କିମ୍ବା MS)ଡିଗ୍ରୀ ପ୍ରାପ୍ତ କରିଥିବା ସହିତ ସେ ଏକ ବର୍ଷ ବାଧ୍ୟତାମୂଳକ ରୋଟେଟୋରୀ ଇଣ୍ଟର୍ଣ୍ଣସିପ୍ (Rotatory Internship)ସମାପ୍ତ ପରେ କିମ୍ବା ଭାରତୀୟ ଚିକିତ୍ସା ପରିଷଦରେ ଭାରତର ଯେକୌଣସି ରାଜ୍ୟ ଚିକିତ୍ସା ପରିଷଦରୁ ବୈଧ ରେଜିଷ୍ଟ୍ରେସନ ପ୍ରମାଣପତ୍ର ପାଇଥିବେ ।

ପାରିଶ୍ରମିକ : (i) ମାସିକ ପାରିଶ୍ରମିକ ଟ.36,900/-, (ii) ଉପଯୁକ୍ତ ସମୟ ଠାରୁ ଅଧିକ ଦିନ ଅନୁପସ୍ଥିତ କ୍ଷେତ୍ରରେ ପାରିଶ୍ରମିକରୁ ଦୈନିକ ଦିନ ପ୍ରତି ଟ.1,230/- ଦରରେ କାଟ ହୋଇପାରେ ।

ବୟସ: ତା.01.10.2018 ରିଖ ସୁଦ୍ଧା 53 ବର୍ଷରୁ ଅଧିକ ବୟସ ହୋଇନଥିବ । ଅନ୍ୟ ପକ୍ଷରେ ଅନୁସୂଚିତ ଜାତି (SC)/ଅନୁସୂଚିତ ଜନଜାତି(ST)ପ୍ରାର୍ଥୀଙ୍କ ପାଇଁ 5 ବର୍ଷ ଏବଂ ଅନ୍ୟ ପଛୁଆ ବର୍ଗ(OBC) ପ୍ରାର୍ଥୀଙ୍କ ପାଇଁ 3 ବର୍ଷ ପର୍ଯ୍ୟନ୍ତ ବୟସ ସୀମାରେ କୋହଳ କରାଯିବ (କ୍ରମ ସଂ. 1 ଏବଂ 2 ନିମନ୍ତେ) ।

'ୱାକ୍-ଇନ୍-ଇଣ୍ଟରଭ୍ୟୁ' ସ୍ଥାନ, ତାରିଖ ଓ ସମୟ (କ୍ରମ ସଂ. 1 ଏବଂ 2 ନିମନ୍ତେ) :

| "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ | ତାରିଖ, ରିପୋର୍ଟ କରିବା ସମୟ ଏବଂ "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| ମୁଖ୍ୟ ଚିକିତ୍ସା ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ମଣ୍ଡଳ ରେଳ ଚିକିତ୍ସାଳୟ, ଖୋର୍ଦ୍ଧା ରୋଡ୍, ପୋଷ୍ଟ: ଜଟଣୀ-752025, ଓଡ଼ିଶା | ତା.08.11.2018ରିଖ 1030 ଘଟିକା |

ଦ୍ରଷ୍ଟବ୍ୟ : ସାକ୍ଷାତକାରରେ ଯୋଗଦେବା ପାଇଁ ପ୍ରାର୍ଥୀମାନଙ୍କୁ କୌଣସି ପ୍ରକାର ଯାତ୍ରା ଭତ୍ତା/ଦୈନିକ ଭତ୍ତା/ରହିବା ସୁବିଧା ପ୍ରଦାନ କରାଯିବ ନାହିଁ (କ୍ରମ ସଂ. 1 ଏବଂ 2 ନିମନ୍ତେ) ।

ସଂପୂର୍ଣ୍ଣ ବିବରଣୀ, ଦରଖାସ୍ତ ଫର୍ମାଟ୍ ଓ ଅନ୍ୟାନ୍ୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

PR-367/J/18-19 ମଣ୍ଡଳ ରେଳ ପ୍ରବନ୍ଧକ(କାର୍ମିକ), ଖୋର୍ଦ୍ଧା ରୋଡ୍

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୫ ଅକ୍ଟୋବର, ୨୦୧୮



ଏ ଜନ୍ମରେ ସୁକର୍ମ କଲେ ଆଗାମୀ ଜନ୍ମରେ ଉଚ୍ଚତର ଜୀବନ ମିଳେ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ରାମଲୀଳା ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବ

**ଦେଓଗାଁ,୨୪।୧୦(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅଧୀନ ବଡବନ୍ଧରେ ରାମଲୀଳା ପ୍ରତିଯୋଗୀତାର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ରାଜେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ୧୨ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ଶୁଶୀଳ କୁମାର ଚାନ୍ଦ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଲିଙ୍ଗରାଜ ପଧାନ, ମହାଦେବ ଗଡତ୍ୟା, ସନାତନ ମେହେର, ଗୌରାଙ୍ଗ ବେମାଲ, ବିଶ୍ୱନାଥ ପୁରୋହିତ, ଓଁକାର ପଧାନ, ଗୋପାଳ ରଣା, ମନ ଗଡତ୍ୟା, ସମ୍ପାଦକ ରାଘବ ଗଡତ୍ୟା, ସନ୍ତୋଷ ପଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଚିକଲବାହାଲ ରାମଲୀଳା ଦଳ ପ୍ରଥମ ପୁରସ୍କାର ଅର୍ଜନ କରିଥିଲା। କାର୍ଯ୍ୟକ୍ରମକୁ ଦୁର୍ଗାପୂଜା କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

### ଭଗବତ ମହାସଭା ଉଦ୍‌ଯାପିତ

**ଲୋଇସିଂହା,୨୪।୧୦(ଡି.ଏନ୍.ଏ.):** ଲୋଇସିଂହା ବ୍ଲକ ଅଧୀନ ଯୋଗୀସର୍ଡା ଗ୍ରାମରେ ଚାଲିଥିବା ୮୨ତମ ଭଗବତ ମହାସଭା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ୩ ଦିନିଆ ଭାଗବତ ମହାସଭାରେ ମହନ୍ତ କୃଷ୍ଣଚିନ୍ତନ ଦାସ ପୌରହିତ୍ୟ କରିଥିଲେ। ଭଗବତ ମହାସଭାରେ ମନ ବାଗ, ରାଧେଶ୍ୟାମ ବିଶି, ମନୋରଞ୍ଜନ ବାଗ ପ୍ରମୁଖ ପ୍ରବଚକ ଭାବେ ଯୋଗଦେଇ ଭଗବତ ଆଲୋଚନା କରିଥିଲେ। ଭଗବତ କଥା ଶୁଣିବା ପାଇଁ ପ୍ରତ୍ୟହ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

### ଗୋବର୍ଦ୍ଧନ ପୀଠରେ ଭାଗବତ ପାରାୟଣ

ଟିକ୍ରାପଡ଼ା,୨୪।୧୦(ଡି.ଏନ୍.ଏ.): ସଇଁତଲା ବ୍ଲକ କରମତଲାସ୍ଥିତ ଗିରି ଗୋବର୍ଦ୍ଧନ ପୀଠରେ ଶ୍ରୀମଦ୍ ଭାଗବତ ପାରାୟଣ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଧୁ ସଦାନନ୍ଦ ଦାସ ଅଧକ୍ଷତା କରିଥିଲେ । ମନୋହର ବାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁରେଶ ମିଶ୍ର ବ୍ୟାସ ଦାୟିତ୍ୱ ନିର୍ବାହ କରିଥିଲେ। ଦାଶରଥି ବାଗ କର୍ତ୍ତା ରହିଥିଲେ। ଲିଙ୍ଗରାଜ ବେହେରା ପ୍ରବଚନ ପ୍ରଦାନ କରିଥିଲେ । ରାଧାକାନ୍ତ ପାଢୀ ପୂଜା କାର୍ଯ୍ୟ ତୁଲାଇ ଥିଲେ।

**ଆଜି କ'ଣ କେଉଁଠି**

ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ

# ପୁଣି କାମ ବନ୍ଦ କଲେ ଗ୍ରାମବାସୀ

**ବଲାଙ୍ଗୀର ଅଫିସ, ୨୪।୧୦**

ବଲାଙ୍ଗୀର ଜିଲା ମାଗୁରବେଡ଼ାଠାରେ ନିର୍ମାଣାଧୀନ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ କାମ ପ୍ରାୟ ୩ ମାସ ହେଲା ବନ୍ଦ ରହିଛି । ଉପଯୁକ୍ତ କ୍ଷତିପୂରଣ, ଥଇଥାନ ଓ ଅନ୍ୟାନ୍ୟ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାମ କରିବାକୁ ଦିଆଯିବ ନାହିଁ ବୋଲି ବୁଡିଅଞ୍ଚଳ ପ୍ରଭାବିତ ପରଧିଆପାଲି ଗ୍ରାମବାସୀ ଆନ୍ଦୋଳନ କରିବାରୁ ପ୍ରଶାସନ ବାଧହୋଇ ନିର୍ମାଣ କାମ ବନ୍ଦ ରହିଥିଲା । ପ୍ରାୟ ୩ ମାସ ହେଲା ବନ୍ଦ ରହିଥିବା ଡ୍ୟାମ ନିର୍ମାଣ କାମକୁ ପୁଣି ଥରେ ଆରମ୍ଭ କରିବାକୁ ପ୍ରଶାସନ ପକ୍ଷରୁ ବୁଧବାର ଉଦ୍ୟମ ଆରମ୍ଭ କରାଯାଇଥିଲା। ବୁଧବାର ସକାଳ ୮ଟାରେ ଡ୍ୟାମ ନିର୍ମାଣ କାମ ଆରମ୍ଭ କରିବାକୁ କିଛି କର୍ମଚାରୀ ଡ୍ୟାମ ସାଇଡ୍‌ରେ ପହଞ୍ଚିବା ପରେ ପରଧିଆପାଲି ଗ୍ରାମବାସୀ ପୁଣି ଥରେ ଡ୍ୟାମ ସାଇଡ୍‌କୁ ଆସି ବିରୋଧ କରିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କୌଣସି ପରିସ୍ଥିତିରେ କାମ କରିବାକୁ ଦେବେ ନାହିଁ ବୋଲି ବିରୋଧ କରିବାରୁ କାମ ହୋଇପାରି ନ ଥିଲା। ପରେ ସେଠାରୁ ପ୍ରଶାସନ ପୁଣି ଥରେ ପଛଘୁଞ୍ଚା ଦେଇଥିବା ଜଣାପଡିଛି। ପୂର୍ବାହ୍ନ ପ୍ରାୟ ୧୧ଟାରେ ଘଟଣାସ୍ଥଳକୁ ଲୋୟର ସୁକ୍‌ତେଲ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରଭାତ ରଞ୍ଜନ ରାଉତ୍ ପହଞ୍ଚି ଥିଲେ। ତେବେ ଗ୍ରାମବାସୀ କାମ ବନ୍ଦ କରିଦେଇଥିବାରୁ ସେଠାରୁ ସେ ଫେରିଆସିଥିବା ଜଣାପଡିଛି। ଏହି ଘଟଣା ପରେ ପରଧିଆପାଲି ଗ୍ରାମବାସୀ ଗାଁ ମୁଣ୍ଡ ବରଗଛ ମୂଳରେ ଏକ ଜରୁରୀ ବୈଠକ ଡାକି ସମବେତ ହୋଇଥିଲେ। ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ଦାବିପୂରଣ ନ କରି ପ୍ରଶାସନ ପୁଣି ଥରେ ପ୍ରକଳ୍ପ କାମ ଆରମ୍ଭ କରିବାକୁ ପ୍ରୟାସ କରିଥିବାରୁ ଏହାକୁ ବୈଠକରେ ନିନ୍ଦା କରାଯାଇଥିଲା । ବୈଠକରେ ପରଧିଆପାଲି, କୋଇଣ୍ଡାପାଲି ଓ ଖୁଣ୍ଟପାଲି ଗ୍ରାମର ଜନସାଧାରଣ ଯୋଗଦେଇ ପୁଣି ଥରେ ଆନ୍ଦୋଳନକୁ ଜୋରାଦାର କରିବାକୁ ନିଷ୍ପତ୍ତି ନେଇଥିଲେ। ବୈଠକରେ ଲୋୟର ସୁକ୍‌ତେଲ ପ୍ରକଳ୍ପ କାମରେ ଠିକାଦାରଙ୍କ ଦାଦାଗିରିକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। କିଛିଦିନ ହେଲା ଜଣେ ଠିକାଦାର ଅନ୍ୟ ୪ରୁ ୫ ଜଣ ଲୋକଙ୍କୁ ଧରି ପରଧିଆପାଲି ଗ୍ରାମକୁ ଯାଇ ଧମକ ଚମକ ଦେଉଥିବା ଘଟଣାକୁ ନେଇ ଜିଲାପାଳ ଓ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ବିସ୍ଥାପିତ ହେବାକୁ ଥିବା ଲୋକେ ନ୍ୟାଯ୍ୟ ଅଧିକାରୁ ବଞ୍ଚିତ ହୋଇଥିବାବେଳେ ସେମାନଙ୍କୁ ଭୟଭୀତ କରାଯିବା ଘଟଣାକୁ ଗ୍ରାମବାସୀ ନିନ୍ଦା କରିଛନ୍ତି । ଆଗାମୀ ଦିନରେ ଏହାକୁ ନେଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଉମାକାନ୍ତ ଖୁଆସ, ମହେନ୍ଦ୍ର ଖୁଆସ, ଉପେନ୍ଦ୍ର ଖୁଆସ, ରବୀନ୍ଦ୍ର ଗଡତିଆ, ଲକ୍ଷ୍ମୀପ୍ରସାଦ ସା, ଶ୍ରୀବତ୍ସ ସାହୁ, ଲଳିତ ଗଡତିଆ, ସୁଧୀର ଖୁଆସ, ଜିତୁ ସାହୁ, ସୁରଞ୍ଜି ମହାନନ୍ଦ, ପକ୍ଷୀରାଜ ବାରିକ, ସୁନ୍ଦର ସିଂ ବାଗ, ପ୍ରେମାନନ୍ଦ ବିଶ୍ୱାଲ, ମେକ୍ସନ୍ ସେଠ୍, ପୂର୍ଣ୍ଣଚନ୍ଦ୍ର ନାଗ, ଅଇଁଠୁ ବର୍ଗେ, ପ୍ରଶାନ୍ତ ବରର୍ତ୍ତୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଘଟଣାକୁ ଗୁରୁତର ସହ ବିଚାର କରି ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ ବୋଲି ସେମାନେ ନିଷ୍ପତ୍ତି ନେଇଛନ୍ତି । ଏସଂକ୍ରାନ୍ତରେ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ରାଉତଙ୍କୁ ପଚରାଯିବାରୁ ମଙ୍ଗଳବାର କିଛି ଲୋକ କାମ ଆରମ୍ଭ କରିବାକୁ ଜିଲାପାଳଙ୍କ ପାଖକୁ ଆସିଥିଲେ । ଏଣୁ ବୁଧବାର କାମ ଆରମ୍ଭ କରାଯିବା ଉଦ୍ୟମ କରାଯାଇଥିଲା । ମାତ୍ର ଲୋକେ ପୁଣି ଥରେ ବିରୋଧ କରିବାରୁ କାମ ଆରମ୍ଭ ହୋଇପାରି ନ ଥିଲା ବୋଲି ସୂଚନା ଦେଇଛନ୍ତି।



ଲୋୟର ସୁକ୍‌ତେଲ ବୁଡିଅଞ୍ଚଳର ପରଧିଆପାଲି ଠାରେ ଅନୁଷ୍ଠିତ ଜରୁରୀ ବୈଠକ।

### ମା' ଗଜଲକ୍ଷ୍ମୀ ପୂଜାରେ କଳସ ଶୋଭାଯାତ୍ରା

**ସଇଁତଲା,୨୪।୧୦(ଡି.ଏନ୍.ଏ.)**

ସଇଁତଲା ବ୍ଲକ ଛକରେ ୨୪ତମ ମା' ଗଜଲକ୍ଷ୍ମୀ ପୂଜନୋତ୍ସବ ପାଳିତ ହେଉଛି। ମା' ଲକ୍ଷ୍ମୀଙ୍କ ପୂଜା ପାଇଁ ବୁଧବାର ପୂର୍ବାହ୍ନ ୧୦ଟାରେ ମଣ୍ଡପରୁ ଏକ କଳସ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଶତାଧିକ ମହିଳା ପୁରୁଷ ଯୋଗଦେଇଥିଲେ। ବେନିଆଁବନ୍ଧରେ ପୂଜକ କିରଣ ମିଶ୍ର, ଶଙ୍କର ପାଣିଗ୍ରାହୀ, ମାନସ ମିଶ୍ର, ସୁରେନ୍ଦ୍ର ମିଶ୍ର ପ୍ରମୁଖ ପୂଜାକାର୍ଯ୍ୟ ପରେ କଳସରେ ପାଣି ଆଣି ମଣ୍ଡପରେ ସ୍ଥାପନ କରାଯାଇଥିଲା। ଶୋଭାଯାତ୍ରାରେ ପୂଜା କର୍ତ୍ତା ସୁରେନ୍ଦ୍ର ସିଂ ଭୋଇ, ମୋନିକା ସିଂ ଭୋଇ, ତପନ କୁମାର ଦାସ, ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ, ସଭାପତି ପରମେଶ୍ୱର କର୍ମୀ, ଉପ ସଭାପତି ରଶ୍ମି ରଞ୍ଜନ ମାଝି, ସମ୍ପାଦକ ବିକ୍ରମ ବଗର୍ତ୍ତି, ସହ ସମ୍ପାଦକ ପୂର୍ଣ୍ଣ ଦଲେଇ, କୋଷାଧକ୍ଷ ହିମାଂଶୁ ଶେଖର ଦାସ, ତରୁଣ ବେହେରା, ଈଶ୍ୱର କର୍ମୀ, ବାବୁଲାଲ କର୍ମୀଙ୍କ ସହ କମିଟିର ସମସ୍ତ ସଦସ୍ୟ ଯୋଗଦେଇଥିଲେ । ୫ଦିନ ଧରି ହେବାକୁ ଥିବା ପୂଜାରେ ରାମଜୀବାବା ଘଣ୍ଟଦଳ ପ୍ରତ୍ୟେକ ଦିନ ସନ୍ଧ୍ୟା ଆଳତୀରେ ଘଣ୍ଟବାଦ୍ୟ ପରିବେଷଣ କରିବେ। ଏପରି କି ପ୍ରତ୍ୟେକ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି କମିଟି ସୂତ୍ରରୁ ପ୍ରକାଶ।

ମା'ବସ୍ରେନ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ହଳଦୀ ଦଳ ଚାମ୍ପିୟନ

**ମୁରିବାହାଲ,୨୪।୧୦ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ହଳଦୀ ପଞ୍ଚାୟତ ଖେଳ ପଡ଼ିଆଠାରେ ଗତ ୧୪ ତାରିଖରୁ ଚାଲିଥିବା ମା' ବସ୍ରେନ ଫୁଟବଲ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ହଳଦୀ ଦଳ ଖୋଲାନକୁ ୨-୦ ଗୋଲରେ ହାରାଇ ଚାମ୍ପିୟନ ବିବେଚିତ ହୋଇଛି। ହଳଦୀ ଦଳ ପକ୍ଷରୁ ଯୋଶବନ୍ତ ଭୋଇ ଓ କ୍ଷିରସିନ୍ଧୁ ପାତ୍ର ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ଭାଜପା ନେତା ଲକ୍ଷ୍ମଣ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ଉପସଭାପତି ଶ୍ରୀବତ୍ସ ବେହେରା, କ୍ରୀଡ଼ାବିତ ଗିରିଧାରୀ କମ୍ପ, ସୁବାଷ ପୋଢ଼ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ୫ହଜାର ୧ ଟଙ୍କା ଏବଂ ଉପବିଜେତା ଦଳକୁ ୪ହଜାର ୧ଟଙ୍କା ପ୍ରଦାନ କରାଯାଇଥିଲା । ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଖୋଲାନ ଦଳର ମଳୟ ଘିଭେଲା, ଶ୍ରେଷ୍ଠ ଡିଫେନ୍ସ ଖୋଲାନ ଦଳର ପପୁ ଗଉଡ ଏବଂ ହଳଦୀ ଦଳର ଯୋଶୋବନ ଭୋଇଙ୍କୁ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଖେଳକୁ ଆଶୀର୍ବାଦ ସା, ଆଶିଷ ଦେବ ସା, ଅଶ୍ୱିନୀ ଭୁକ୍ତା, ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ। ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ମୁଖ୍ୟ ଆୟୋଜକ ବିଜୟ ଭୋଇ, କୁମାର ମାଝି, ସଭାପତି ରିଙ୍କୁ ବାଗ, ଉପସଭାପତି ଭିପି ସିଂ ମାଝି, ସମ୍ପାଦକ ଦଶରଥ ମାଝି, ଓମପ୍ରକାଶ ମାଝି, ଯଦୁ ନାଗ, ପୃଥିରାଜ ମାଝି, ହେମକାନ୍ତ ମାଝି ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

### ଭାଜପାର ମିଶ୍ରଣ ପର୍ବ: ଯୋଗଦେଲେ ଶତାଧିକ କର୍ମକର୍ତ୍ତା

**ଦେଓଗାଁ,୨୪।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଦର ବ୍ଲକ ଭୂତିଆରବାହାଲରେ ଭାଜପା ପକ୍ଷରୁ ମିଶ୍ରଣ ପର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଭକ୍ତବନ୍ଧୁ ନାୟକଙ୍କ ସଭାପତିତ୍ୱ ତଥା ଶିବତଲା ସରପଞ୍ଚ ବାଳକୃଷ୍ଣ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂ ଦେଓ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ପୂର୍ବତନ ଏମ୍‌ପି ସଂଗୀତା କୁମାରୀ ସିଂ ଦେଓ, ବରିଷ୍ଠ ଭାଜପା ନେତା ଡ. ବାସୁଦେବ ପତି ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଆଲୋକପାତ କରିବା ସହ ବଲାଙ୍ଗୀର ଜିଲାରେ କେନ୍ଦ୍ର ସରକାରଙ୍କ ଅବଦାନ ଉପରେ ଅବଗତ କରିଥିଲେ। ଏହି ଅବସରରେ ଦେଓଗାଁ ବ୍ଲକର ଧଣ୍ଡାମାଲ, ପିପଲପଦର, ରୁଗୁଡିପାଲି, ସଦରବ୍ଲକର ଭୂତିଆରବାହାଲ, କୁଠୁର୍ଲା, ରଜାମୁଣ୍ଡା, ସାହାଜବାହାଲ, ଶିକାଛିଡା, ଫଟକରା, କୁମ୍ପଥର, କୁମ୍ପାଣି, ଆଡେନଡୁଙ୍ଗୁରୀ, ଖର୍ଲିକାନୀ ଓ ସାନ୍ତମୁଣ୍ଡା ଆଦି ୧୫ଟି ଗାଁର ଶତାଧିକ ନୂତନ କର୍ମୀ ଭାଜପାରେ ଯୋଗଦେଇଥିଲେ। ସମସ୍ତଙ୍କୁ ଅତିଥିମାନେ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ୧୨ ନମ୍ବର ଜୋନ ମଣ୍ଡଳ ସଭାପତି ବାସୁଦେବ ସିଂନିନା, ୧୩ନମ୍ବର ଜୋନ ମଣ୍ଡଳସଭାପତି ସଞ୍ଜୀବ କୁମାର ସାହୁ, ପଦ୍ମଲୋଚନ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।




ଜେସିଆଇ ମହିଳା ସଶକ୍ତୀକରଣ ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ସଦସ୍ୟ।

## ମହିଳା ସଶକ୍ତୀକରଣ ଉପରେ ପ୍ରଶିକ୍ଷଣ

**ବଲାଙ୍ଗୀର ଅଫିସ, ୨୪।୧୦**

ଜୁନିଅର ଚେମ୍ବର ଇଣ୍ଟରନ୍ୟାଶନାଲ (ଜେସିଆଇ) ବଲାଙ୍ଗୀର ଶାଖା ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ମହିଳା ସଶକ୍ତିକରଣ ଏବଂ ଆତ୍ମବିଶ୍ୱାସ ଉପରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜେସିଆଇ ବଲାଙ୍ଗୀର ଶାଖାର ୫୨ଜଣ ମହିଳା ସଦସ୍ୟ ଯୋଗଦାନ କରିଥିଲେ । ଶିବିରରେ ଭୁବନେଶ୍ୱରରୁ ଆସିଥିବା ଡା ଭି .ରାଜଲକ୍ଷ୍ମୀ, ଅନୁଷ୍ଠାନ ଅଧକ୍ଷା ସୃଷ୍ଟି ଅଗ୍ରୱାଲ ଯୋଗଦେଇ ମହିଳା ସଦସ୍ୟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବଲାଙ୍ଗୀର ଜେସିଆଇ ସଭାପତି ଶ୍ରୀକାନ୍ତ ଶର୍ମା, ପ୍ରତିଷ୍ଠାତା ସଭାପତି ଆର୍ତ୍ତତ୍ରାଣ ପାଢ଼ୀ, ପୂର୍ବତନ ସଭାପତି ଅବିନାଶ ଅଗ୍ରୱାଲ, ନରସିଂହ ଅଗ୍ରୱାଲ, ଜେସିଆଇ ଉପସଭାପତି ପିୟୁଷ ଅଗ୍ରୱାଲ, ଶଙ୍କର ମେହେର ଓ ଅନ୍ୟ ମହିଳା ସଦସ୍ୟ ଉପସ୍ଥିତ ଥିଲେ । ସମାଜରେ ଦେଖାଯାଉଥିବା ନୂଆ ଆହ୍ୱାନ ଓ ଏହାର ସଫଳ ମୁକାବିଲା ଦିଗରେ ମହିଳାମାନଙ୍କ ପ୍ରସ୍ତୁତି ଓ ସଶକ୍ତିକରଣ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଶେଷରେ ସମ୍ପାଦକ ପ୍ରଭାତ ଶ୍ରୀବାସ୍ତବ ଧନ୍ୟବାଦ ଦେଇଥିଲେ ।

## ଦେଓଗାଁରେ ପ୍ରାଥମିକ ସଂଘ ଶିକ୍ଷାବର୍ଗ ଉଦ୍‌ଯାପିତ

**ଦେଓଗାଁ,୨୪।୧୦ (ଡି.ଏନ୍.ଏ.)**

ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ୧୭ ତାରିଖରୁ ଚାଲିଥିବା ପ୍ରାଥମିକ ସଂଘ ଶିକ୍ଷାବର୍ଗ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବର୍ଗକାର୍ଯ୍ୟବାହ ଯୋଗେନ୍ଦ୍ର ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିକ୍ଷାବର୍ଗ ଶିବିରରେ ଅଞ୍ଚଳର ୧୪ ବର୍ଷରୁ ୪୦ ବର୍ଷ ବୟସର ଶତାଧିକ ସ୍ୱୟଂସେବକ ଯୋଗଦେଇ ବିଭିନ୍ନ କୌଶଳ ଓ ଶିକ୍ଷା ଗ୍ରହଣ କରିଥିଲେ। ଏହି ଅବସରରେ ଶାରୀରିକ, ନୈତିକ ତଥା ଦଣ୍ଡ, ନିୟୁଧ, ସୂର୍ଯ୍ୟ ନମସ୍କାର, ଆସନ, ବ୍ୟାୟାମ, ଯୋଗ ସମୟାନୁବର୍ତ୍ତିତା ଓ ଚରିତ୍ର ଗଠନ ପାଇଁ ଶିକ୍ଷାଦାନ ଦିଆଯାଇଥିଲା। ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ଶାଖା ଲଗାଇବା ସହ ଚର୍ଚ୍ଚା ମାଧ୍ୟମରେ ବିଭିନ୍ନ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିବିରରେ ମୁଖ୍ୟ ଶିକ୍ଷକ ଭାବେ କୃପାସିନ୍ଧୁ ମାହାକୁର ଯୋଗଦେଇଥିଲେ। ଜିଲା ପ୍ରଚାରକ ସନ୍ତୋଷ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ବିଭାଗ ସଂଘ ଚାଳକ ଜନ୍ମେଜୟ ପାଣିଗ୍ରାହୀ ଯୋଗଦେଇଥିଲେ। ବ୍ୟବସ୍ଥା ପ୍ରମୁଖ ଭାବେ ଡା. ଶଶି ଭୂଷଣ ସାହୁ, ଦେଓଗାଁ କାର୍ଯ୍ୟବାହ ଜଗଦୀଶ ପଧାନ, ସୁଶାନ୍ତ କୁମାର ବୁଡେକ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।

## ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି, ୨୪।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନ୍‌ଏସି ସମ୍ମିଳନୀ କକ୍ଷରେ ବିଜୁ ଯୁବ ବାହିନୀ ପକ୍ଷରୁ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜୁ ବାହିନୀ ସଂଯୋଜକ ଥବୀର କାଲସାଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ଯୁବ ବିଜେଡି ନେତା ଫିରୋଜ ଖାଁ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ କାର୍ଯ୍ୟନିର୍ବାହୀ ଅଧିକାରୀ ଲଛମନ ଦାସ ଠାକୁର, ତୁରେକେଲା ଜିପିଇଓ ଭକ୍ତବନ୍ଧୁ ବୁଡେକ, ବ୍ଲକ ଆକାଉଣ୍ଟ ଅଫିସର ଜ୍ୟୋତିପ୍ରକାଶ ମିଶ୍ର, ଶିକ୍ଷାବିତ୍ ଜଗଦାନନ୍ଦ ପାଣିଗ୍ରାହୀ, ମ୍ୟୁନିସିପାଲ ଇଞ୍ଜିନିୟର ଅଶୋକ ପଟ୍ଟନାୟକ, ମହିଳା ପୋଲିସ ଏସ୍‌ଆଇ ସସ୍ମିତା ସାହୁ, ମୁଖ୍ୟବକ୍ତାଭାବେ କେ.ଭି. ଡିଗ୍ରୀ କଲେଜ ଅଧକ୍ଷ ସତ୍ୟବ୍ରତ ମିଶ୍ର ମଞ୍ଚାସୀନ ଥିଲେ । ମଞ୍ଚ ପରିଚଳନା କରିଥିଲେ ସୁଦୀପ ସାହୁ। ରାଜ୍ୟ ସରକାରଙ୍କ ମୁଁ ହିରୋ ଯୋଜନାକୁ ସଫଳ କରିବାକୁ ହେଲେ ପଞ୍ଚାୟତସ୍ତରରୁ ସହର ପର୍ଯ୍ୟନ୍ତ ଉଦ୍ୟମ ଜରୁରୀ। ବିଜୁ ଯୁବ ବାହିନୀ ସଦସ୍ୟମାନେ ଏ ଦିଗରେ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଭୁବନେଶ୍ୱର ସଙ୍ଗିତ ମହାବିଦ୍ୟାଳୟର ଛାତ୍ର ଜୟନ୍ତ ସେଠ ଓ ଶିବପ୍ରସାଦ ପରିଡାଙ୍କ ନିର୍ଦ୍ଦେଶନାରେ ନାରୀଶିକ୍ଷା ଓ ଯୌତୁକ ପ୍ରଥା ନିବାରଣ ପାଇଁ ଯୁବ କଳାକାରଙ୍କୁ ନେଇ ନାଟକ ମଞ୍ଚସ୍ଥ ହୋଇଥିଲା । ପରେ ବିଜୁ ବାହିନୀ ଓମ୍ ଗୃପ ଡ୍ୟାନ୍ସ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ପରେ କେ.ଭି. ଡିଗ୍ରି କଲେଜ ଛାତ୍ର ବିଶ୍ୱବିଦ୍ୟାଳୟ ଧନୁ ଚାଳନା ପ୍ରତିଯୋଗୀତାରେ ଚାମ୍ପିୟନ କଷାମାଲ ଗ୍ରାମର ଛାତ୍ର ଡିଙ୍ଗର ମାଝୀ, ସାହିତ୍ୟ କଳା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ପ୍ରୟାସ ସାହିତ୍ୟ ସଂସ୍କୃତି ପରିଷଦ କର୍ଲାବାହାଲିର ସମ୍ପାଦକ କବି ଉମେଶ ବେହେରା, କ୍ରିକେଟ ଇଣ୍ଟର କଲେଜ ଟୁର୍ନାମେଣ୍ଟରେ ଭାଗ ନେଇଥିବା ଡିଗ୍ରୀ କଲେଜ ଛାତ୍ର ଜିତେଶ ବର୍ଗତିଙ୍କୁ ସମ୍ମାନୀତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଏନ୍‌ଏସି ସଂଯୋଜକ ଦିଲୀପ କୁମାର ସାହୁ, ଜିଲା ବିଜୁ ବାହିନୀ ଅତିରିକ୍ତ ସଂଯୋଜକ ସୁରେଶ କୁମାର ପାତ୍ର, କଣ୍ଟାବାଞ୍ଜି ଯୁବ ବାହିନୀ ସଭାପତି ଅଙ୍କିତ ଜୟସ୍ୱାଲ ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ।

ଜିଲା ଗଣ୍ଡ ସମାଜର ନୂଆଁଖାଇ ଭେଟଘାଟ

## ଶିକ୍ଷା, ଅର୍ଥନୈତିକ ବିକାଶ ଉପରେ ଗୁରୁତ୍ୱ

**ବଲାଙ୍ଗୀର ଅଫିସ, ୨୪।୧୦**

ବଲାଙ୍ଗୀର ମଣ୍ଡଳସ୍ତରୀୟ ଗଣ୍ଡ ସମାଜର ନୂଆଁଖାଇ ଭେଟଘାଟ ମନହୀରା ସର୍କଲର ଅମାମୁଣ୍ଡା ଗାଁରେ ଅନୁଷ୍ଠିତ ହୋଇଯାଇଛି। ଗଣନାଥ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସଭାପତି ଶ୍ୟାମ ସୁନ୍ଦର ମଲ୍ଲିକ, ଜିଲା ସହସମ୍ପାଦକ ବିନୋଦ ବିହାରୀ ମଲ୍ଲିକ, ବରିଷ୍ଠ ସଦସ୍ୟ ଗଣେଶରାମ ମାଝି, ଆଦିକନ୍ଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ସଭା ପ୍ରାରମ୍ଭରେ ସମାଜ ପାଇଁ ଜୀବନକୁ ବଳିଦାନ ଦେଇଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବଜମାନଙ୍କୁ ସମ୍ମାନିତ କରାଯାଇଥିଲା । ଫୁଟବଲ ଖେଳ ପାଇଁ ସାହାଣୀ କପ ଛାତ୍ରୀଛାତ୍ରମାନଙ୍କୁ ମେଧା ସମ୍ମାନ, ସଫଳ ବ୍ୟବସାୟୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଡାକ୍ତର ଯୁଧିଷ୍ଠିର ବଡକାଙ୍କୁ ସମ୍ମାନିତ କରାଯାଇଥିଲା । ସୁଶୀଲ କୁଅଁର, ସୁଦାମ ଭୋଇଙ୍କୁ ପରମ୍ପରା ଅନୁଯାୟୀ ସମ୍ମାନ ଜଣାଯାଇଥିଲା । ବିଭିନ୍ନ ମଣ୍ଡଳରୁ ଆସିଥିବା ମଣ୍ଡଳ ସଭାପତି ଜଳନ୍ଧର କୁଅଁର, ମହନ ପୁଟା, ଭଗବତ ଧରୁଆ, ସାଧୁ ଦଳପତି, ମନିରାମ ମାଝି ସମାଜକୁ ଶିକ୍ଷା ସ୍ୱାସ୍ଥ୍ୟ କୃଷି ଅର୍ଥନୈତିକ ଦିଗରେ କିପରି ଉନ୍ନତି ହେବ ଦିଗଦର୍ଶନ ଦେଇଥିଲେ । ନାରୀନେତ୍ରୀ ଜୟନ୍ତୀ ଭୋଇ ଶିକ୍ଷାର ଉନ୍ନତି ଓ ନିଶା ନିବାରଣ ଉପରେ କହିଥିଲେ । ସୀତାରାମ ଧରୁଆ, ମୁରଲୀଧର ମଲ୍ଲିକ, ହୃଷିକେଶ କୁମୁରା ବକ୍ତବ୍ୟ ଦେଇଥିଲେ । କେଶରୀ କୁଅଁର, ଅଚ୍ୟୁତ ଧରୁଆ, ହରିବନ୍ଧୁ ଧରୁଆ, ମହାଦେବ ବଡକା, ଦଶରଥ ଛତ୍ରିଆ, ଲଳିତ ପୁଟା, ରୁକ୍ମଣ ଧରୁଆ, ପ୍ରମାନନ୍ଦ କୁମୁରା, କିଶୋର ଭୋଇ ଉପସ୍ଥିତ ଥିଲେ। ସୁପ୍ରିମ କୋର୍ଟ ଦେଇଥିବା ରାୟ କୁଲୁ, କୁଲିସ ଜାତିର ଲୋକମାନଙ୍କୁ ଆଦିବାସୀର ମାନ୍ୟତା ଦେଇଥିବାରୁ ଏହାର ଦୃଢ ନିନ୍ଦା କରାଯାଇଥିଲା। ବଲାଙ୍ଗୀର ଗୋଁଡୱାନା ଭବନ ନିର୍ମାଣ ପାଇଁ ବିଧାୟକ ନରସିଂହ ମିଶ୍ର ୧୦ଲକ୍ଷ ଟଙ୍କା ମଞ୍ଜୁର କରିଥିବା ସଭାରେ ଜିଲା ସଭାପତି ସୂଚନା ଦେଇଥିଲେ। ସଭାକୁ ଅଶ୍ୱିନୀ କୁମାର ଭୋଇ ପରିଚାଳନା କରିଥିବାବେଳେ ସରୋଜ କୁମାର ଭୋଇ ଧନ୍ୟବାଦ ଦେଇଥିଲେ ।



ଗଣ୍ଡ ସମାଜ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଯୋଗଦେଇଥିବା ସଦସ୍ୟମାନେ।

### ଲୋଇସିଂହାରେ ଗଜଲକ୍ଷ୍ମୀପୂଜା

**ଲୋଇସିଂହା, ୨୪।୧୦ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା, ଯୋଗୀସର୍ଡା, ଭାଲିଆମୁଣ୍ଡା ଓ ଅଗଲାପାଲି ଆଦି ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀପୂଜା ଆରମ୍ଭ ହୋଇଯାଇଛି। ପୂଜାମଣ୍ଡପରେ ସୁସଜ୍ଜିତ ତୋରଣ ଓ ମେଢ ଶ୍ରଦ୍ଧାଳୁଙ୍କୁ ଆକୃଷ୍ଟ କରୁଛି। ଲୋଇସିଂହା ହସ୍ପିଟାଲ ଛକ ପୂଜାରେ ସରୋଜ ବିଶ୍ୱାଳ କର୍ତ୍ତା ଭାବେ ରହିଥିବା ବେଳେ ଷ୍ଟାଡିୟମଠାରେ ବ୍ୟବସାୟିକ ସଂଘ ପକ୍ଷରୁ ଆୟୋଜିତ ପୂଜାରେ ଗଜାନନ ଅଗ୍ରୱାଲ, ବସ୍ତିରେ ପ୍ରମୋଦ ମାହାଣା, ଭାଲିଆମୁଣ୍ଡା ବସ୍‌ଷ୍ଟାଣ୍ଡସ୍ଥିତ ମଣ୍ଡପରେ ଜୟରାମ ଦେହରି ଏବଂ ଆଗଲାପାଲି ପୂଜାରେ ପ୍ରମୋଦ ତ୍ରିପାଠୀ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହିପରି ଯୋଗୀସର୍ଡା ମଣ୍ଡପରେ ଅନୁଷ୍ଠିତ ପୂଜାରେ ଡାକ୍ତର ଶୁଭେନ୍ଦୁ ପଧାନ କର୍ତ୍ତା ଭାବେ ରହି ପୂଜାକାର୍ଯ୍ୟ ତୁଲାଉଛନ୍ତି। ମନୋରଞ୍ଜନ ପାଇ ପୂଜା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।

**ଧର୍ମ ଜାଗରଣ ସନ୍ଥ ପଦଯାତ୍ରା ରଥକୁ ସ୍ୱାଗତ**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ସେରଗଡରେ ଧର୍ମ ଜାଗରଣ ସନ୍ଥ ପଦଯାତ୍ରା ରଥକୁ ସେରଗଡ ଗ୍ରାମବାସୀଙ୍କ ପକ୍ଷରୁ ବୁଧବାର ସ୍ୱାଗତ କରାଯାଇଛି ।

## ସଂକ୍ଷେପରେ

### ଧର୍ମ ଜାଗରଣ ସନ୍ଥ ପଦଯାତ୍ରା ରଥକୁ ସ୍ୱାଗତ

ସେରଗଡ଼,୨୪।୧୦(ଡି.ଏନ.ଏ.) କଳାହାଣ୍ଡି ଜିଲା ନର୍ଲା ବ୍ଲକ ସେରଗଡରେ ଧର୍ମ ଜାଗରଣ ସନ୍ଥ ପଦଯାତ୍ରା ରଥକୁ ସେରଗଡ ଗ୍ରାମବାସୀଙ୍କ ପକ୍ଷରୁ ବୁଧବାର ସ୍ୱାଗତ କରାଯାଇଛି । ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀଜି ମହାରାଜଙ୍କ ନେତୃତ୍ୱ ତଥା ଏକଏ ଅଭିଯାନ ଓଡିଶା ଆୟୋଜକରେ ଗତ ଜୁନ ୧ ତାରିଖରୁ କନ୍ଧମାଳ ଜିଲା ଜଲେଶପେଟା କନ୍ୟାଶ୍ରମଠାରୁ ଆରମ୍ଭ ହୋଇଥିବା ଧର୍ମ ଜାଗରଣ ସନ୍ଥ ପଦଯାତ୍ରା ରଥ ଫୁଲବାଣୀ, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ନବରଙ୍ଗପୁର ଦେଇ କଳାହାଣ୍ଡି ଜିଲାରେ ପହଞ୍ଚିଛି । ବୁଧବାର କଳାହାଣ୍ଡି ଜିଲା ନର୍ଲା ବ୍ଲକ ସେରଗଡଠାରେ ଏହି ରଥ ପହଞ୍ଚିବା ପରେ ଗ୍ରାମର ମହିଳାପୁରୁଷ ହୁଳହୁଳି ସଂକର୍ତ୍ତନ ପୂଜା ପୂର୍ବକ ସନ୍ଥ ମୁକ୍ତାନନ୍ଦ ମହାରାଜଙ୍କୁ ସ୍ୱାଗତ ଜଣାଇଥିଲେ । ପଦଯାତ୍ରାରେ ବହୁ ସାଧୁସନ୍ଥ ସାମିଲ ହୋଇଥିଲେ । ପଦଯାତ୍ରା ୨୦୧୯ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାପଡ଼ିଛି ।

### ଦୈନିକ ୬୦ ଜଣଙ୍କୁ ରନ୍ଧାଖାଦ୍ୟ ପ୍ରଦାନ

ଭବାନୀପାଟଣା,୨୪।୧୦(ଡି.ଏନ.ଏ.) ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାରେ ବାଳ ଗୋପାଳ ସେବା ନିକେତନ ପକ୍ଷରୁ ରୋଗୀଙ୍କୁ ମାଗଣା ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି । ଯେଉଁ ଗରିବ ରୋଗୀମାନେ ହୋଟେଲରୁ ଟଙ୍କା ବ୍ୟୟ କରି ଖାଦ୍ୟ ଖାଇପାରୁନାହାନ୍ତି, ସେମାନଙ୍କ ପରିବାର ଲୋକଙ୍କ ସୁବିଧା ନିମନ୍ତେ ଭବାନୀପାଟଣା ବାଳ ଗୋପାଳ ସେବା ନିକେତନ ଦ୍ୱାରା ଏକ ମାସ ହେବ ଅମୃତ ଅନ୍ନସେବା ପ୍ରଦାନ କରାଯାଉଛି । ପ୍ରତିଦିନ ଖାଦ୍ୟ ପ୍ରସ୍ତୁତ କରାଯାଇ ଗୋଗୀମାନଙ୍କୁ ପ୍ରଦାନ କରାଯାଉଛି ବୋଲି ବାଳ ଗୋପାଳ ସେବା ନିକେତନର ପ୍ରତିଷ୍ଠାତା ଓ ସମ୍ପାଦକ ହେମନ୍ତ ମୁଣ୍ଡା ପ୍ରକାଶ କରିଛନ୍ତି ।

### ଚାଷୀଙ୍କୁ ଚିନାବାଦାମ ବିହନ ବଣ୍ଟନ

ଭବାନୀପାଟଣା,୨୪।୧୦(ଡି.ଏନ.ଏ.) ଭବାନୀପାଟଣା ସଦର ବ୍ଲକ ବୋର୍ଡାଠାରେ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଜରିଆରେ ଜିଲା କୃଷି ବିଭାଗ ପକ୍ଷରୁ ଚିନାବାଦମ ଓ କପା ଉପକରଣ ପ୍ରଦର୍ଶନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୋର୍ଡା ସରପଞ୍ଚ ରୀନାରାଣୀ ଜାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାଷୀଙ୍କୁ ରବି ଋତୁ ପାଇଁ ଚିନାବଦାମ ବିହନ ବଣ୍ଟନ କରିଥିଲେ । ବ୍ଲକ କୃଷି କର୍ମଚାରୀ ଖଗପତି ଛୁରା ଚିନାବଦାମ ଓ କପା ଚାଷ ସମ୍ପର୍କରେ ଚାଷୀଙ୍କୁ ତାଲିମ ପ୍ରଦାନ କରିବା ସହ ଉନ୍ନତ ପ୍ରଣାଳୀରେ ଚାଷ କରିବା ପାଇଁ ପ୍ରୋତ୍ସାହିତ କରିଥିଲେ । କାର୍ଯ୍ୟକ୍ରମରେ ବ୍ଲକ କ୍ଷେତ ମଜଦୁର କଂଗ୍ରେସ ସଭାପତି ଅବନୀ ଭୋଇ, ଯୁଧିଷ୍ଠିର ଜାଲ, ଅଜିତ ଭୋଇ, ରାଧାମୋହନ ଭୋଇ, ବିଶେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ଡିୟୁ, ଜେଏନ୍‌ୟୁର ଇତିହାସ ବିଭାଗ ଛାତ୍ରୀଛାତ୍ରଙ୍କ ଗବେଷଣା

# ଜୁନାଗଡରେ ରହିଛି ଐତିହାସିକ କୀର୍ତ୍ତିରାଜି




ଜୁନାଗଡ ସହରର ଏକ ଜଳାଶୟ କୁଳରେ ରହିଥିବା ଐତିହାସିକ କୀର୍ତ୍ତିରାଜିକୁ ଦେଖାଉଛନ୍ତି (ବାମ) । ଜୁନାଗଡ ସହର ତାଳବନ୍ଧପଡାଠାରେ ପୂଜା ପାଉଥିବା ପ୍ରାଚୀନ ଭୈରବୀ ଦେବୀଙ୍କ ପ୍ରତିମୂର୍ତ୍ତି।

ଜୁନାଗଡ,୨୪।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲାର ଜୁନାଗଡ ହେଉଛି ପ୍ରାଚୀନ ସହର। ପୂର୍ବରୁ ଏହା କଳାହାଣ୍ଡିର ରାଜଧାନୀ ଥିବାବେଳେ ହଜାରେ ବର୍ଷର ସହର ଭାବେ ମଧ୍ୟ ପରିଚିତ। ଏହି ପ୍ରାଚୀନ ସହରର ମାଟି ତଳେ ବିଭିନ୍ନ ସ୍ଥାନରେ ୫ ଶହରୁ ହଜାରେ ବର୍ଷର ବିଭିନ୍ନ ଐତିହାସିକ କୀର୍ତ୍ତିରାଜି ଲୁଚି ରହିଛି। ଏହାକୁ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଗବେଷଣା କରାଯାଇ ଉଦ୍ଧାର କରାଯିବାର ଆବଶ୍ୟକତା ରହିଛି। ଏହା ଉଦ୍ଧାର ହେଲେ ବହୁ ଐତିହାସିକ ଘଟଣାବଳୀ ଜଣାପଡିବ। ଆବଶ୍ୟକ ଗବେଷଣା ଅଭାବରୁ ଜୁନାଗଡ ସହର ମାଟିତଳେ ବହୁ ଐତିହାସିକ କୀର୍ତ୍ତୀରାଜି ପୋତି ହୋଇଛି ବୋଲି ଡିୟୁ (ଦିଲ୍ଲୀ ବିଶ୍ୱ ବିଦ୍ୟାଳୟ)ର ଇତିହାସ ବିଭାଗର ଗବେଷଣାରତ ଛାତ୍ର ଲୋକେଶ ଦୁର୍ଗା ଏବଂ ଜେଏନ୍‌ୟୁ (ଜବାହାରଲାଲ ନେହେରୁ ବିଶ୍ୱ ବିଦ୍ୟାଳୟ) ଇତିହାସ ବିଭାଗ ଗବେଷଣା ରତ ଛାତ୍ରୀ ଦମୟନ୍ତୀ ବାଗ ପ୍ରକାଶ କରିଛନ୍ତି। ସେମାନେ ଗତ କିଛି ଦିନ ଧରି ସେମାନଙ୍କ ପାଠ୍ୟକ୍ରମର ଗବେଷଣା ପାଇଁ କଳାହାଣ୍ଡି ଜିଲା ଜୁନାଗଡ ସହରକୁ ଆସିଥିଲେ। ସହରର ବିଭିନ୍ନ ସ୍ଥାନରେ ଗବେଷଣା କରିବା ସମୟରେ ବହୁ ଦୁର୍ମୁଲ୍ୟ,ଐତିହାସିକ କୀର୍ତ୍ତିରାଜି ପାଇଛନ୍ତି। ଏହି ଐତିହାସିକ କୀର୍ତ୍ତିରାଜି ମଧ୍ୟରେ ହିରୋ ଷ୍ଟୋନ (ବୀର ସ୍ୱମ୍ଭ), ସତି ଷ୍ଟୋନ, (ସତୀ ସ୍ୱମ୍ଭ) ପ୍ରାଚୀନ ଇଟା, ଦେବୀ ମୂର୍ତ୍ତି ଆଦି ରହିଛି। ଯାହାକି ୫ ଶହରୁ ହଜାରେ ବର୍ଷ ଓ ଗଙ୍ଗ ବଂଶ ରାଜ ସମୟର ବୋଲି ଅନୁମାନ କରିଛନ୍ତି। ଏହାସହ ଜୁନାଗଡ ସହରର ତାଳବନ୍ଧପଡାଠାରେ ପୂଜା ପାଉଥିବା ଭୈରବୀ ଦେବୀଙ୍କ ମୂର୍ତ୍ତି ମଧ୍ୟ ହଜାରେ ବର୍ଷରୁ ଉର୍ଦ୍ଧ୍ୱ ବୋଲି ଅନୁମାନ କରିଛନ୍ତି। ଗବେଷଣା ପରେ ସେମାନେ ନିଜ ସ୍ଥାନକୁ ଫେରିଯାଇଛନ୍ତି। ଫେରିବା ପୂର୍ବରୁ ଧରିତ୍ରୀ ସହିତ ଏକ ସ୍ୱତନ୍ତ୍ର ଆଳାପରେ ଜୁନାଗଡ ସହରରେ ବହୁ ଐତିହାସିକ କୀର୍ତ୍ତୀରାଜି ରହିଥିବା କହିଛନ୍ତି। ଏହାସହ ଗବେଷଣା ସମୟରେ ପାଇଥିବା ଐତିହାସିକ କୀର୍ତ୍ତିରାଜିର କିଛି ଫଟୋ ମଧ୍ୟ ଦେଖାଇଥିଲେ। ଜୁନାଗଡ ସହରର ମାଟି ତଳେ ଓ ବିଭିନ୍ନ ମନ୍ଦିର, ଜଳାଶୟ ସ୍ଥାନରେ ପୋତିହୋଇ ଥିବା ଐତିହାସିକ କୀର୍ତ୍ତିରାଜିଗୁଡିକୁ ଉଦ୍ଧାର କରା ନ ଗଲେ କାଳ କ୍ରମେ ଏହା ନଷ୍ଟ ହୋଇଯିବାର ଆଶଙ୍କା ରହିଛି ବୋଲି ସେମାନେ କହିଥିଲେ। ଏଗୁଡିକୁ ଉଦ୍ଧାର କରାଯାଇ ରାଜ୍ୟ ସଂଗ୍ରାହଳୟ ତଥା ପ୍ରତ୍ନତତ୍ତ୍ୱ ବିଭାଗର ତତ୍ତ୍ୱାବଧାନରେ ରଖାଗଲେ ବହୁ ଐତିହାସିକ ଆସିବା ସହ ବିଭିନ୍ନ ଅଞ୍ଚଳର ଛାତ୍ରୀଛାତ୍ର ଗବେଷଣା କରି ବହୁ ଜ୍ଞାନ ଆହୋରଣ କରିପାରିବେ ବୋଲି ଉଭୟ ପ୍ରକାଶ କରିଛନ୍ତି।

# କଳାହାଣ୍ଡି ଜିଲା ଗଠନ ଦିବସ ଉତ୍ସବ ନଭେମ୍ବର ୧ରେ

ଭବାନୀପାଟଣା,୨୪।୧୦(ଡି.ଏନ.ଏ.)

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ନଭେମ୍ବର ୧ ତାରିଖରେ କଳାହାଣ୍ଡି ଜିଲା ଗଠନ ଦିବସ ଉତ୍ସବ ପାଳିତ ହେବ। ଜିଲା ପ୍ରଶାସନ ଓ ଜିଲା ସଂସ୍କୃତି ପରିଷଦର ମିଳିତ ଆମୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଜିଲା ଗଠନ ଦିବସ ନିମନ୍ତେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷ ଗାଭାଲି ପରାଗ ହର୍ଷଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ରାଣୀ ସାହୁ, ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରସନ୍ନ ଷଡଙ୍ଗୀ, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପୋ, ଭାରପ୍ରାପ୍ତ ଜିଲା ସଂସ୍କୃତି ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଜିଲା ସଂସ୍କୃତି ପରିଷଦ ସଦସ୍ୟ, ଜିଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ ପ୍ରମୁଖ ଉପସ୍ଥିତଥିଲେ। କଳାହାଣ୍ଡି ଜିଲା ଗଠନ ଦିବସ ଅବସରରେ ଜିଲା ଯୁବ ଉତ୍ସବ, ଜିଲା କ୍ରୀଡା ଉତ୍ସବ ଓ ପୁସ୍ତକ ମେଳା ଆୟୋଜନ ନିମନ୍ତେ ବୈଠକରେ ସ୍ଥିର କରାଯାଇଛି । ନଭେମ୍ବର ପହିଲାରେ ଜିଲା ଗଠନ ଦିବସ ସ୍ଥାନୀୟ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମସ୍ଥିତ ରେଣ୍ଡୋମାଝି ରଙ୍ଗ ମଞ୍ଚରେ ଆୟୋଜିତ ହେବ । ଏହି ଉପଲକ୍ଷେ ଆଲୋଚନାଚକ୍ର ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ନଭେମ୍ବର ୨ ଓ ୩ ତାରିଖ ୨ ଦିନ ଧରି ରେଣ୍ଡୋମାଝି ମଞ୍ଚରେ ଜିଲା ଯୁବ ଉତ୍ସବ ଓ ନଭେମ୍ବର ୩, ୪ ଓ ୫ ତାରିଖ ଜିଲା କ୍ରୀଡା ଉତ୍ସବ ଆୟୋଜନ କରିବା ପାଇଁ ସ୍ଥିର କରାଯାଇଛି । ସେହିପରି ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍‌ଠାରେ ଜିଲା ଗଠନ ଦିବସ ଉପଲକ୍ଷେ ନଭେମ୍ବର ୧ ରୁ ୫ ତାରିଖ ଯାଏଁ ପୁସ୍ତକ ମେଳା ଆୟୋଜନ କରିବାକୁ ସ୍ଥିର କରାଯାଇଛି । ସୂଚନାଯୋଗ୍ୟ ଯେ, କଳାହାଣ୍ଡି ଗଡଜାତ ରାଜ୍ୟଟି ୧୯୪୮ ଜାନୁୟାରୀ ୧ ତାରିଖରେ ସ୍ୱାଧୀନ ଭାରତରେ ମିଶ୍ରଣ ହୋଇଥିଲା । ଓଡିଶା ପ୍ରଦେଶର ଅଂଶ ବିଶେଷ ହୋଇଥିଲା । ସେତେବେଳେ କଳାହାଣ୍ଡି ଗଡଜାତଟି ବଲାଙ୍ଗୀର ପାଟଣା ଜିଲାରେ ଅନ୍ତର୍ଭୁକ୍ତ ହୋଇଥିଲା । ୧୯୪୯ ନଭେମ୍ବର ପହିଲାରେ ପୂର୍ବତନ କଳାହାଣ୍ଡି ଗଡଜାତ ସହ ତତ୍‌କାଳୀନ ସମ୍ବଲପୁର ଜିଲାରେ ଥିବା ନୂଆପଡା ସବ୍‌ଡିଭିଜନ୍‌କୁ ନେଇ କଳାହାଣ୍ଡି ଏକ ସ୍ୱତନ୍ତ୍ର ରାଜସ୍ୱ ଜିଲା ଭାବରେ ଗଠିତ ହୋଇଥିଲା । ପ୍ରତିବର୍ଷ ନଭେମ୍ବର ୧ ତାରିଖରେ କଳାହାଣ୍ଡି ଜିଲା ଗଠନ ଦିବସ ଭାବରେ ପାଳନ କରାଯାଉଛି ।

# ବିଶ୍ୱ ଧଳାବାଡ଼ି ଦିବସ ପାଳିତ

ଜୁନାଗଡ,୨୪।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ଆରଏମ୍‌ସି ପରିସରରେ ବିଶ୍ୱ ଧଳାବାଡି ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଘୋଟିଆ ସମର୍ଥ ଦୃଷ୍ଟିହୀନ ସଂଘ ପକ୍ଷରୁ ଆୟୋଜନ କରାଯାଇଥିଲା। କଲମପୁର ଛକଠାରୁ ଏକ ରାଲି ବାହାରି ସହର ପରିକ୍ରମା କରିଥିଲା । ଆରଏମ୍‌ସି ପରିସରରେ ଅନୁଷ୍ଠିତ ସଭାରେ ସଂଘ ସଭାପତି ଶାନ୍ତିଲାଲ ଶବର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ଏନ୍‌ଏସି ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ସାହୁ, ଆରଏମ୍‌ସି ସମ୍ପାଦକ ବସନ୍ତ କୁମାର ସେଠି, ପ୍ରଶାନ୍ତ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ ମଞ୍ଚ ପରିଚାଳନା କରିଥିଲେ। ପରେ ସଂଘ କର୍ମକର୍ତ୍ତାଙ୍କ ଦ୍ୱାରା ଭଜ ପରିବେଷଣ କରାଯାଇଥିଲା। ଯାହାକି ବେଶ୍ ଚିତାକର୍ଷକ ହୋଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ ସାମର୍ଥ ଦୃଷ୍ଟିହୀନ ସଂଘକୁ ୧୦ଟି ଧଳାବାଡି ପ୍ରଦାନ କରିବା ସହ ତାଙ୍କ ସଙ୍ଗଠନରେ ଆଜୀବନ ସଦସ୍ୟ ଭାବେ ରହିବା ପାଇଁ ସାମାଜିକ କର୍ମୀ ନାଏକ ଘୋଷଣା କରିଥିଲେ।




ବିଶ୍ୱ ଧଳବାଡି ଦିବସ ଉପଲକ୍ଷେ ସାମର୍ଥ ଦୃଷ୍ଟିହୀନ ସଂଘ ପକ୍ଷରୁ ରାଲି କରାଯାଉଛି।

### ଗୋରୁଙ୍କ ଫାଟୁଅ ରୋଗ
# ୧ ମୃତ, ୪୦ରୁ ଉର୍ଦ୍ଧ୍ୱ ଆକ୍ରାନ୍ତ

ଭବାନୀପାଟଣା,୨୪।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ଛେଣ୍ଡିଆ ପଞ୍ଚାୟତ ମେରଘରା ଗାଁରେ ଗୋରୁଙ୍କ ଫାଟୁଅ ରୋଗ ଦେଖାଦେଇଛି । ଏହି ରୋଗରେ ଗୋଟିଏ ଗାଈର ମୃତ୍ୟୁ ହୋଇଥିବା ବେଳେ ୪୦ରୁ ଅଧିକ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ଅନ୍ୟପକ୍ଷେ ସ୍ଥାନୀୟ ଏଲଆଇ ଗାଈଙ୍କ ଚିକିତ୍ସା କରିବା ପାଇଁ ଚାଷୀଙ୍କଠାରୁ ୩ ଶହ ଟଙ୍କା ନେଇ ଏକ୍ସପାଏରି ଔଷଧ ଦେଇଥିବା ଅଭିଯୋଗ ହୋଇଛି । ସରକାରଙ୍କ ପକ୍ଷରୁ ମାଗଣା ଟର୍ପେନଟାଇନ ଅଏଲ ଯୋଗାଇ ଦେବାର ବ୍ୟବସ୍ଥା ଥିବାବେଳେ ସମ୍ପୃକ୍ତ ଏଲଆଇ ଗାଈ ପ୍ରତି ୩ ଶହ ଟଙ୍କା ଲେଖାଏଁ ନେଇ ଏକ୍ସପାଏରି ଔଷଧ ଦେଇଛନ୍ତି । ଏହି ଔଷଧ ଦେବାରୁ ଗୋଟିଏ ଗାଈର ମୃତ୍ୟୁ ଘଟିଥିବା ଗୋରୁ ମାଲିକ ଅଭିଯୋଗ କରିଛନ୍ତି । ଏ ନେଇ ସମ୍ପୃକ୍ତ ଏଲଆଇଙ୍କୁ ପଚାରିବାରୁ ଘା ସଫା କରିବା ପାଇଁ ଏକ୍ସପାରି ମେଡିସିନ ଦିଆଗଲେ କୌଣସି ଅସୁବିଧା ନାହିଁ ବୋଲି କହିଥିଲେ । ଏହି ଘଟଣା ନେଇ ସିଡିଭିଓଙ୍କୁ ପଚାରିବାରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

# ସ୍ୱାମୀ ବିବେକାନନ୍ଦ ଫ୍ରେଣ୍ଡସ ଆସୋସିଏଶନର ବାର୍ଷିକ ଉତ୍ସବ



ସ୍ୱାମୀ ବିବେକାନନ୍ଦ ଫ୍ରେଣ୍ଡସ ଆସୋସିଏଶନର ବାର୍ଷିକ ଅଧିବେଶନରେ ଉପସ୍ଥିତ ଅତିଥି ।

ଭବାନୀପାଟଣା,୨୪।୧୦(ଡି.ଏନ.ଏ.)

ଭବାନୀପାଟଣା ସହରସ୍ଥିତ ସିଂ ଫାର୍ମହାଉସଠାରେ ସ୍ୱାମୀ ବିବେକାନନ୍ଦ ଫ୍ରେଣ୍ଡସ ଆସୋସିଏଶନର ବାର୍ଷିକ ଅଧିବେଶନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଆସୋସିଏଶନ ସଭାପତି ସଞ୍ଜିତ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ଉପଦେଷ୍ଟା ଡ. ଅଜୟ ମିଶ୍ର, ଶରତ ନାୟକ, ରବିନାରାୟଣ ପରିଡା, ସନ୍ତୋଷ ପାତ୍ର, ସଇଦ ଖାଁ, ତରୁଣ ଦାସ ପ୍ରମୁଖ ଯୋଗଦେଇଥିଲେ । ସାଧାରଣ ସମ୍ପାଦକ ଜିତାମିତ୍ର ସିଂଦେଓ ୨୦୧୮-୧୯ ବର୍ଷର ବାର୍ଷିକ ବିବରଣୀ ପାଠ ଓ କୋଷାଧ୍ୟକ୍ଷ ଅଂଶମାନ ବାବୁ ଆୟବ୍ୟୟ ବିବରଣୀ ପାଠ କରିଥିଲେ । ଆଗାମୀ ବର୍ଷ ପାଇଁ ରକ୍ତଦାନ ଶିବିର, ସ୍ୱାଛତା କାର୍ଯ୍ୟକ୍ରମ ତଥା ବିଭିନ୍ନ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା । ପରେ ଅନୁଷ୍ଠାନ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ଅଂଶୁମାନ ବାବୁ ସଭାପତି, ସୁମିତ ରଞ୍ଜନ ପଟ୍ଟନାୟକ ଉପସଭାପତି, ହେମନ୍ତ ନାଏକ ସାଧାରଣ ସମ୍ପାଦକ, ଅଶୋକ ନାୟକ ସହସମ୍ପାଦକ, ପି. ପ୍ରମୋଦ ଶଗଡିଆ କୋଷାଧକ୍ଷ ଓ ତେଜେଶ୍ୱର ଆଚାରୀ କ୍ରୀଡା ସମ୍ପାଦକ ପ୍ରମୁଖ ମନୋନୀତ ହୋଇଥିଲେ । ଆସନ୍ତା ଡିସେମ୍ବର ୨ ତାରିଖରୁ ଫ୍ରେଣ୍ଡସ ପ୍ରିମିୟର କ୍ରେକେଟ ଲିଗ୍ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି ।

# ଦାଦନଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ

ଲାଞ୍ଜିଗଡ଼,୨୪।୧୦(ଡି.ଏନ.ଏ.)



କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଭୁର୍ଟିଗଡ ପଞ୍ଚାୟତ ମେର୍ଡିକୁପା ଗାଁର ଦାଦାନ ଏଲିୟ ନାଏକଙ୍କ ରାଜକୋଟର ମୃତ୍ୟୁ ଘଟିଛି । ଗାଁରେ ତାଙ୍କ ମୃତଦେହ ପହଞ୍ଚିବା ପରେ ଶୋକାକୁଳ ପରିବେଶ ଦେଖାଦେଇଥିଲା । ଗାଁରେ ବିଧବା ମା' ଓ ପରିବାରବର୍ଗ ଶବ ସତ୍କାର କରି ଦେଇଥିଲେ । ଏହି ସମୟରେ ଲାଞ୍ଜିଗଡ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ତଥା କମର୍ଦ୍ଧା ସମିତି ସଦସ୍ୟ ଜଗଦୀଶ ବେନିଆଁ ଉପସ୍ଥିତ ରହି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଗତ ମାସେ ତଳେ ଏଲିୟ କାମ କରିବାକୁ ରାଜକୋଟକୁ ଯାଇଥିଲେ । ରାଜକୋଟର ୱାପିସ୍ଥିତ ଧିରେନ ଭାଇ କନଷ୍ଟ୍ରକ୍ସନଠାରେ ମାତ୍ର ୭ ଦିନ କାମ କରିବା ପରେ ହଠାତ୍ ସେ ଅସୁସ୍ଥ ହୋଇପଡିଲେ । ସାଙ୍ଗ ହୋଇ କାମ କରିବା ଲୋକେ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ପରେ ସମ୍ପୃକ୍ତ ଠିକାଦାର ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ଗାଁକୁ ପଠାଇବାର ବ୍ୟବସ୍ଥା କରିଥିଲେ ।

ସୂଚନାଯୋଗ୍ୟ ଯେ, ଏଲିୟ ଗତ କିଛି ମାସ ପୂର୍ବରୁ ମଧ୍ୟ ରାଜକୋଟ ଯାଇ ଫେରିଥିଲା । କିନ୍ତୁ ଏଥର ତାଙ୍କର ଏହି ଯାତ୍ରା ଶେଷଯାତ୍ରା ଥିଲା । ମାସେ ତଳେ ଯାଇଥିବା ଏଲିୟ ହଠାତ୍ ଅସୁସ୍ଥ ହୋଇପଡିବା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା । ଆଉ ସେଠାରେ ତାଙ୍କ ମୃତ୍ୟୁ ଘଟିଥିଲା । ସେଠାରେ ଶବ ବ୍ୟବଚ୍ଛେଦ କରାଯାଇ ଶବ ହସ୍ତାନ୍ତର କରାଯାଇଥିବା ବେଳେ ଏଲିୟର ମୃତ୍ୟୁ ଡେଙ୍ଗୁରେ ହୋଇଥିବା ସେଠାକାର ଡାକ୍ତର ସନ୍ଦେହ କରିଥିଲେ । ତେବେ କାମ କରିବାକୁ ଯାଇ ଏଲିୟର ମୃତ୍ୟୁ ଘଟିବା ପରେ ତାର ପରିବାର ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି । ଏଲିୟର ପରିବାରକୁ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି ।

# ରାଜ୍ୟ କ୍ରୀଡ଼ା, ଯୁବ ସେବା କର୍ମଚାରୀ ସଂଘର ଧାରଣା ୨୯ରୁ

ଭବାନୀପାଟଣା,୨୪।୧୦(ଡି.ଏନ.ଏ.)

ରାଜ୍ୟ କ୍ରୀଡା ଓ ଯୁବ ସେବା କର୍ମଚାରୀ ସଂଘ ପକ୍ଷରୁ ୫ ଦଫା ଦାବି ନେଇ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଗେଟ ସମ୍ମୁଖରେ ଆସନ୍ତା ୨୯ ତାରିଖରୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଦିଆଯିବ । ଏ ନେଇ ମଙ୍ଗଳବାର କଳାହାଣ୍ଡିର ସଭ୍ୟ କୃଷ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ସଂଘ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ନାୟକ ସୂଚନା ଦେଇଛନ୍ତି । ରାଜ୍ୟରେ ୧୦୨ ଅସ୍ଥାୟୀ କର୍ମଚାରୀ ଦିନରାତି ମଜୁରିଆ ଭାବେ ବିଭିନ୍ନ କ୍ରୀଡା ଛାତ୍ରବାସ ଓ ଷ୍ଟାଡିୟମରେ କାର୍ଯ୍ୟ କରୁଥିଲେ ମଧ୍ୟ ରାଜ୍ୟ ସରକାର କର୍ଣ୍ଣପାତ କରୁ ନ ଥିବାରୁ ସଂଘ ଏହି ଭଳି ନିଷ୍ପତ୍ତି ନେଇଥିବା ସେ ସୂଚନା ଦେଇଛନ୍ତି । ଏଥି ନିମନ୍ତେ ବିଭାଗୀୟ ଦାୟୀ ରହିବେ ବୋଲି ସେ ପ୍ରକାଶ କରିଛନ୍ତି । ଭବାନୀପାଟଣାରେ ୫ ଜଣ ଅସ୍ଥାୟୀ କର୍ମଚାରୀ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରୁଥିବା ମଧ୍ୟ ନାୟକ ସୂଚନା ଦେଇଛନ୍ତି । ରାଜ୍ୟରେ ଆମ୍ଭମାନଙ୍କ ମଧ୍ୟରୁ ୬ଜଣ ମୃତ୍ୟୁ ବରଣ କଲେଣି । ତଥାପି ଆମ୍ଭେମାନେ ସେହି ଦିନ ମଜୁରିଆ ଭାବେ ପଡିରହିଛୁ । ଅନେକଥର ଗୁହାରୀ, ଆପତି, ଅଭିଯୋଗ ଓ ଆନ୍ଦୋଳନ ମଧ୍ୟରେ ବିଭାଗକୁ ଜଣାଇ ଆସିଥିଲେ ସୁଦ୍ଧା କୌଣସି ଫଳ ନ ମିଳିବାରୁ ଏପରି ନିଷ୍ପତ୍ତି ଗ୍ରହଣ କରିବାକୁ ବାଧ ହେଲୁ ବୋଲି ନାୟକ କହିଛନ୍ତି ।

# ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା

କର୍ଲାମୁଣ୍ଡା,୨୪।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଯାଇଛି। ଏହି ଅବସରରେ ରିଞ୍ଜା ବସ୍ତିଠାରେ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମହାଆଡମ୍ବରରେ ଗଜଲକ୍ଷ୍ମୀ ପୂଜା କରାଯିବାକୁ ସ୍ଥିତ ହୋଇଛି। ଏଥିପାଇଁ ମଙ୍ଗଳବାର କଳସଯାତ୍ରା ପରେ ବୁଧବାରଠାରୁ ମା'ଙ୍କ ପୂଜା ଆରମ୍ଭ ହୋଇଛି। ଏଥିରେ ଯଜ୍ଞ କର୍ତ୍ତା ରୂପେ ନୀଳମଣି ସାହୁ ଓ ନିଳାବତୀ ସାହୁ ରହିଥିବା ବେଳେ ପୂଜକ ସମ୍ପଦ ପାଣିଗ୍ରାହୀ ଓ ପରିଚାଳନା କମିଟିରେ ସମ୍ପାଦକ ଚୂଡାମଣୀ ସେଲମା, ସଭ୍ୟ ପ୍ରଶନ୍ନ କୁମାର ।ହୁ, ଉଜ୍ୱଳ ସାହୁ, ଅରବିନ୍ଦ ସାହୁ, ସୁରେଶ ସାହୁ, ରିଙ୍କୁ ସାହୁ ରହିଛନ୍ତି। ସେହିପରି ବ୍ଲକର ଯୋରାଡବ୍ରା ଛକ, ରିଷିଡା ସଲଣ୍ଡିଆମୁଣ୍ଡା, ପୁଟିଗାଁ, କର୍ଲାମୁଣ୍ଡା, ବଡଡୁଙ୍ଗୁରୀଗୁଡା, ତେରେସିଂହାଠାରେ ମଧ୍ୟ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଯାଇଛି।

ଜୁନାଗଡ,୨୪।୧୦(ସ୍ୱ.ପ୍ର.) ଜୁନାଗଡ ସହର ତଥା ଆଖପାଖ ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ବିଭିନ୍ନ ପୂଜା ମେଡରେ ୫ ଦିନ ଧରି ଗଜଲକ୍ଷ୍ମୀ ପୂଜା ପାଇବେ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଜୁନାଗଡ ସହର ନୂଆବସଷ୍ଟାଣ୍ଡ ପୂଜା କମିଟି ୪୦ତମ ପୂଜା ପାଳନ କରୁଥିବା ବେଳେ ଜୁନାଗଡ ହିଙ୍ଗିଳିବାହିଲି ପଡା ୩୬ ତମ ପୂଜା ପାଳନ କରୁଛି। ସେହିଭଳି ଜୁନାଗଡ ବ୍ଲକ କଲେଇ ଗାଁରେ ୨୯ତମ ଓ ପୁରୁଣାବସଷ୍ଟାଣ୍ଡ ପୂଜା କମିଟି ୨୫ତମ ପୂଜା ପାଳନ କରୁଛି। କଲେଇ ଗାଁରେ ତିନି ଦିନ ବ୍ୟାପି ପୂଜା ହେବା ବେଳେ ପ୍ରତିଦିନ ପୌରାଣିକ ଓ ଐତିହାସିକ ନାଟକ ମଞ୍ଚସ୍ଥ ହେବ ବୋଲି ସ୍ଥିର ହୋଇଛି। ହିଙ୍ଗିଳିବାହିଲି ପଡାରେ ମହିଳାଙ୍କ ଝୋଟି ପ୍ରତିଯୋଗୀତା, ପୁରୁଷଙ୍କ କବାଡି ପ୍ରତିଯୋଗୀତା ସାଙ୍ଗକୁ ପ୍ରତି ରାତିରେ ପୌରାଣିକ ନାଟକ ସହିତ ଡ୍ୟାନ୍ସ ପ୍ରତିଯୋଗୀତା ଅନୁଷ୍ଠିତ ହେବ। ନୂଆବସଷ୍ଟାଣ୍ଡ ପୂଜା କମିଟି ପକ୍ଷରୁ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଅନ୍ନ ଭୋଗ ବଣ୍ଟନ ଓ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୁରୁଣାବସଷ୍ଟାଣ୍ଡ ପୂଜା କମିଟି ତାର ରୌପ୍ୟ ଜୟନ୍ତୀ ପାଳନ କରୁଥିବା ବେଳେ ଏଠାରେ ମୀନା ବଜାର ମୁଖ୍ୟ ଆକର୍ଷଣ ବୋଲି ଆୟୋଜକ କମିଟି କହିଛି। କଲେଇ ଗାଁ ଛାଡି ସମସ୍ତ ପୂଜା କମିଟି ପାଞ୍ଚ ଦିନ ବ୍ୟାପି ପୂଜା ପାଳନ କରୁଥିବା ବେଳେ ହିଙ୍ଗିଳିବାହିଲି ପଡାର କଳସ ଯାତ୍ରା ଅନ୍ୟ ଏକ ଆକର୍ଷଣ ହୋଇଥାଏ। ମଙ୍ଗଳବାର ହିଙ୍ଗିଳିବାହିଲି ପଡାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ଭବାନୀପାଟଣା,୨୪।୧୦(ଡି.ଏନ.ଏ.) ଭବାନୀପାଟଣା ସଦର ବ୍ଲକ ମାଲଗାଁ ଗ୍ରାମପଞ୍ଚାୟତ କନ୍ଦବାନ୍ଦୋପଲାଠାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ବୁଧବାର ଅନୁଷ୍ଠିତ ହୋଇଯାଇଛି । ଗଜଲକ୍ଷ୍ମୀ ପୂଜା କମିଟି ସଭାପତି ଧନେଶ୍ୱର ସାହୁ, ସମ୍ପାଦକ କଲ୍ୟାଣ କୁମାର ବେହେରା ଓ ସଦସ୍ୟ ଦୁଲମଣି ପଟେଲ, ତପସ୍ୟା ରଣା, ରରୁଣ ରଣା, ମକଧ୍ୱଜ ରଣା, କେଶରୀ, ଶୁକ୍ରୁ, ଲମ୍ବୋଦର ଓ ଧର୍ମଦେବ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଗଜଲକ୍ଷ୍ମୀ ପୂଜାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଗ୍ରାମ୍ୟ ଭାଗବତ ଟୁଙ୍ଗି ପକ୍ଷରୁ ପ୍ରତ୍ୟହ ସନ୍ଧ୍ୟାରେ ଭାଗବତ ପାଠ ସହିତ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିବା ସଭାପତି ପ୍ରକାଶ କରିଥିଲେ । ଗଜଲକ୍ଷ୍ମୀ ପୂଜା କମିଟି କନ୍ଦବାନ୍ଦୋପଲା ଆନୁକୁଲ୍ୟରେ ଅନୁଷ୍ଠିତ ଏହି ପୂଜାରେ ଗ୍ରାମବାସୀ ଆନନ୍ଦ ସହିତ କାର୍ଯ୍ୟକ୍ରମକୁ ଉପଭୋଗ କରିଥାନ୍ତି । ଆଖପାଖ ଗାଁର ଗ୍ରାମବବାସୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଭିଡ ହୋଇଥାନ୍ତି ।




କର୍ଲାମୁଣ୍ଡା ବ୍ଲକ ତେରେସିଂହାର ମା' ଲକ୍ଷ୍ମୀଙ୍କ ମୂର୍ତ୍ତି (ବାମ)। ଭବାନୀପାଟଣା ବ୍ଲକ କନ୍ଦବାନ୍ଦୋପଲାଠାରେ ମା' ଲକ୍ଷ୍ମୀଙ୍କ ପୂଜା ଚାଲିଛି ।



ଯେଉଁମାନେ କମ୍ କାମ କରନ୍ତି,
ସେମାନେ ବେଶି କଥା କୁହନ୍ତି।
- ମହାତ୍ମା ଗାନ୍ଧୀ



**ସଂକ୍ଷେପରେ**

## ମହିମା ଆଶ୍ରମରେ ପ୍ରଭୁ ପୂର୍ଣ୍ଣିମା

**ରାଉରକେଲା ଅଫିସ,୨୪।୧୦-** ସେକ୍ଟର-୬ ମହିମା ଆଶ୍ରମ ପକ୍ଷରୁ ଆଶ୍ୱିନ ମଙ୍ଗଳବାର ପ୍ରଭୁପୂର୍ଣ୍ଣିମା ପାଳନ ଅବସରରେ ବ୍ରାହ୍ମ ମୁହୂର୍ତ୍ତରେ ଅଖଣ୍ଡ ବତୀ ପ୍ରଜ୍ୱଳନ, ପ୍ରଭୁନାମ ଭଜନ ଆଦି କାର୍ଯ୍ୟକ୍ରମ ସାଧୁ କରୁଣାକର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରଦ୍ଧାଳୁ ଉପସ୍ଥିତ ରହି ମହିମାମୟ ଅଲେଖ ପରମବ୍ରହ୍ମଙ୍କୁ ବିଶ୍ୱରେ ସୁଖ,ଶାନ୍ତି ସମୃଦ୍ଧି କାମନା କରି ଜଣାଣ, ଭଜନ ଗାୟନ କରିଥିଲେ। ତିତଲି ବାତ୍ୟା ଓ ବନ୍ୟା ଯୋଗୁ ମୃତାହତ ପରିବାର ଓ ଅମୃତସର ଟ୍ରେନ ମୃତାହତଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ ଉପସ୍ଥିତ ସାଧୁ ସନ୍ଥ। ମହିମାମୟ ଅଲେଖ ପ୍ରଭୁଙ୍କୁ ଶରଣ ପ୍ରାର୍ଥନା କରି କାର୍ଯ୍ୟକ୍ରମକୁ ଉଦଯାପିତ କରାଯାଇଥିଲା। ସେହିଭଳି ବୁଧବାର ସକାଳୁ ମହିମା ବାଲ୍ୟଲୀଳା ଅର୍ପଣ କରାଯାଇ ଶତାଧିକ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

### ଧର୍ମ ପ୍ରସାର କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

# ହିନ୍ଦୁତ୍ୱ ହିଁ ବୈଭବଶାଳୀ ଭାରତ ନିର୍ମାଣର ଏକମାତ୍ର ବିକଳ୍ପ

**ରାଉରକେଲା ଅଫିସ,୨୪। ୧୦**

ଦିନେ ଗାନ୍ଧାର ଠାରୁ କନ୍ୟାକୁମାରୀ ଯାଏ ଭାରତମାତାର ବିଜୟ ଧ୍ୱଜା ସଗର୍ବେ ଉଡୁଥିବା ବେଳେ ସାରା ବିଶ୍ୱ ହିନ୍ଦୁ ସଂସ୍କୃତିମୟ ଥିଲା। ହିନ୍ଦୁଙ୍କ ମଧ୍ୟରେ ଏକତାର ଅଭାବ ତଥା ବିଧର୍ମୀଙ୍କ ଚକ୍ରାନ୍ତ ଯୋଗୁ ଦେଶ ଖଣ୍ଡ ବିଖଣ୍ଡିତ ହୋଇଗଲା। ଦେଶର ଯେଉଁ ସ୍ଥାନରେ ହିନ୍ଦୁଙ୍କ ସଂଖ୍ୟା କମିଛି, ସେଠି ଆଜି ବିଭାଜନର ସ୍ୱର ଶୁଣା ଯାଉଛି, ଯାହା ନିତିଦିନିଆ ଘଟଣା ହେବାକୁ ବସିଲାଣି। ଏପରି ଅବସ୍ଥାରେ ଦେଶର ଅଖଣ୍ଡତା, ସାର୍ବଭୌମତ୍ୱ ପ୍ରତି ବିପଦ ସୃଷ୍ଟି ହେବାରେ ଲାଗିଛି। ଏକ ବୈଭବଶାଳୀ ଭାରତ ଗଠନରେ ହିନ୍ଦୁତ୍ୱ ହିଁ ଏକମାତ୍ର ବିକଳ୍ପ ବୋଲି ବେଦବ୍ୟାସ କଲ୍ୟାଣ ଆଶ୍ରମରେ ଗତ ୨୧ରୁ ଆୟୋଜିତ ଧର୍ମ ପ୍ରସାର କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଦିବସରେ ଯୋଗଦେଇ ବିଶ୍ୱ ହିନ୍ଦୁ ପରିଷଦ ଜାତୀୟ ସହ ସମ୍ପାଦକ ଅଚ୍ୟୁତାନନ୍ଦ କର କହିଛନ୍ତି।

ପ୍ରାରମ୍ଭରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଉଦ୍‌ଯାପନୀ ସଭା ଆରମ୍ଭ କରାଯାଇଥିଲା। କଲ୍ୟାଣ ଆଶ୍ରମର ପରିଚାଳକ ସ୍ୱାମୀ ଅଗ୍ନିବାବା ଏଥିରେ ବକ୍ତବ୍ୟ ପ୍ରଦାନ କରି କହିଥିଲେ, ସଂସ୍କୃତି ଛାଡି ମଣିଷ କେବେ ବଞ୍ଚି ପାରିନାହିଁ। ପଶୁ ତୁଲ୍ୟା ନିଷ୍ପ୍ରାଣ ଜଡାତ୍ମା ପାଲଟିଯିବ। ହିନ୍ଦୁତ୍ୱର ସୁରକ୍ଷା କରିବାକୁ ହେଲେ ଧର୍ମାନ୍ତରୀକରଣ ଓ ଗୋ ହତ୍ୟାକୁ ରୋକିବାକୁ ହେବ। ଏନେଇ ସମସ୍ତେ ସମର୍ପିତ ମନୋଭାବ ନେଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ଅଗ୍ନିବାବା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାହିତ୍ୟିକ ମୃତ୍ୟୁଞ୍ଜୟ ଜେନା ଓ ଜିଲା ସଙ୍ଗଠନ ସମ୍ପାଦକ ରାମଚନ୍ଦ୍ର ନାୟକ ପ୍ରମୁଖ ଏଥିରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପଶ୍ଚିମ ଓଡିଶା ଧର୍ମପ୍ରସାର ସମ୍ପାଦକ ଶାନ୍ତନୁ କୁସୁମଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆନନ୍ଦ ପ୍ରଧାନ, କିଶୋର ପଟେଲ, ରୀନା ଭୂମିଜ, ସଂଯୁକ୍ତା କାଲୋ, ଯଶୋବନ୍ତୀ ବାଗ, ଦୁର୍ଯ୍ୟୋଧନ ମାଳି, ବଳରାମ ବାର୍ଲା, ଯୁଗଳ କିଶୋର ମହାନ୍ତ ପ୍ରମୁଖ ଏଥିରେ ସକ୍ରିୟ ଭାଗ ନେଇଥିଲେ। ସୂଚନାଯୋଗ୍ୟ, ଗତ ୨୧ରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିରରେ ପଶ୍ଚିମ ଓଡିଶାର ୧୫ ଜିଲାରୁ ୫୦ ଜଣ ପ୍ରତିନିଧି ଏଥିରେ ଭାଗ ନେଇଥିଲେ।

## ମୋ ରାଉରକେଲା

# ଏହି ସହରରେ ରହିଛି ନିରୀହ ଆତ୍ମୀୟତା

କେବେ ରାଉରକେଲା ଆସି ନ ଥିବା ଲୋକଟିର କଳ୍ପନାରେ ଏହା ଏକ ଲୁହା, ପଥର ଓ ଧୂଳିଧୂସରିତ ସହର। କିନ୍ତୁ ସେହି ଲୋକଟି ଯେବେ ପ୍ରଥମ ପାଦ ରଖେ ଏ ସହରରେ ତାକୁ ଆଚମ୍ବିତ କରେ ଏଠିକାର ନିଷ୍କାମ ଆତ୍ମୀୟତା ଓ ଘଞ୍ଚ ସବୁଜିମା ମଣ୍ଡିତ ନୀରବ କବିତା। କେହି ବି ଏ ସହରର ମୂଳ ବାସିନ୍ଦା ନୁହଁନ୍ତି। ଅଥଚ ଯିଏ ଆସିଛି ଏଠିକୁ ତା'ର ହୋଇଯାଇଛି ଏ ସହର। ସ୍ଥାନୀୟ ଭାଷାରେ ରାଉରକିଲାର ଅର୍ଥ ଆପଣଙ୍କ-ଘର। ଏପଟେ ବ୍ୟାସ ପୀଠରୁ ବିଶ୍ରା, ସେପଟେ କୋଏଲ ତଟ ମିଟକୁନ୍ଦରୀଠାରୁ ଲାଠିକଟାର ବ୍ଲୁ ଷ୍ଟୋନ ଯାଏ ଲମ୍ବିଛି। ପ୍ରଲମ୍ବିତ ଜଂଗୁଲୁ ଜଂଗୁଲୁ ଅନ୍ଧାର, ମହୁଲ ଓ ଶାଳ ଫୁଲର ମିଠା ମହକ, ସହର ମଝି ଦୁର୍ଗାପୁର ପାହାଡ ମଥାନର ବର୍ଷା ଓ ଥାକ ଥାକ ମେଘମାଳ ଭିତରେ ଯେ ଏତେ ଜୀବନ ଅଛି ମୁଁ ଜାଣି ନ ଥିଲି। ଏହି ସହରରେ ସ୍ପନ୍ଦନ ଅଛି, ସୁନ୍ଦରତା ଅଛି, ଏତେ ଦର୍ଶନ ଓ ସାଂସ୍କୃତିକ ପରମ୍ପରା ଅଛି ତାହା କେବଳ ଜଣେ ଅନୁଭବୀ ହିଁ ଜାଣେ। ମିନି ଇଣ୍ଡିଆ ବା କ୍ଷୁଦ୍ର ଭାରତ କୁହାଯାଉଥିବା ଏହି ସହରର ସାହିତ୍ୟ, ନାଟକ, କଳା ଓ ସମୃଦ୍ଧ ସାଂସ୍କୃତିକ ପରମ୍ପରା ଖୁବ ସମ୍ପନ୍ନ। ଯାହା ଛଳ ଛଳ କବିତାର ଅଲୌକିକ ଛନ୍ଦ ପରି ଅହରହ ଗୁଣୁଗୁଣୁ ହେଉଥାଏ ଛାତି ଭିତରେ। ଏହା ହିଁ ଏ ସହରର ଅନନ୍ୟତା। ମୋର ଜନ୍ମ, ଶିକ୍ଷା, ଦୀକ୍ଷା ଓ ଜୀବନ ଜୀବିକା ଏଇ ସହରରେ। ସୌଭାଗ୍ୟ ଦେଖନ୍ତୁ ମୋର ଚାକିରି ବି ନୂଆଦିଲ୍ଲୀର କେନ୍ଦ୍ର ସଚିବାଳୟରୁ ପର୍ଯ୍ୟାୟ କ୍ରମେ ଆସି ଏଇଠି ଅଟକିଛି। ସମସ୍ତ ଆଧୁନିକ ବିଜ୍ଞାନର କଳା କୌଶଳ ଭିତରେ ବି ରାଉରକେଲା ଏକ ଅନୁଢା କିଶୋରୀର ନିରୀହ ଆତ୍ମୀୟତା କହିଲେ ଭୁଲ ହେବ ନାହିଁ।



ତ୍ରିନାଥ ସିଂ(କବି)
ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା

### ଆରଏସ୍‌ପି କର୍ମଚାରୀ ମୃତ୍ୟୁ ଘଟଣା

# ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ ସମ୍ପର୍କୀୟ

**ରାଉରକେଲା ଅଫିସ,୨୪।୧୦**

ଦୁର୍ଘଟଣାରେ ମୃତ ଆରଏସ୍‌ପି କର୍ମଚାରୀଙ୍କ ପରିବାରକୁ ଅନୁକମ୍ପାମୂଳକ ନିଯୁକ୍ତି ଦାବିରେ ଗତ ମଙ୍ଗଳବାର ପୂର୍ବାହ୍ନରୁ ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ) ସମ୍ମୁଖରେ ଧାରଣା ଦେଇଥିବା ସମ୍ପର୍କୀୟ ବୁଧବାର ଅପରାହ୍ନରେ ଉଠି ଯାଇଛନ୍ତି। ଧାରଣାସ୍ଥଳକୁ ଆସି ଆରଏସପିର କେତେଜଣ ଅଧିକାରୀ ସେମାନଙ୍କୁ ବୁଝାଶୁଝା କରିଥିଲେ। ମୃତ କର୍ମଚାରୀଙ୍କ ସମ୍ପର୍କରେ ଆବଶ୍ୟକ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି କହିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ଗତ ୨୦ ତାରିଖ ସନ୍ଧ୍ୟାରେ ସେକ୍ଟର-୬ ବାସିନ୍ଦା ଆରଏସ୍‌ପି କର୍ମଚାରୀ ଦୁର୍ଯ୍ୟୋଧନ ସାହୁ(୬୦) ଘରକୁ ଫେରୁଥିବା ବେଳେ ତାଙ୍କୁ ଏକ ବୋଲେରୋ ଧକ୍କା ଦେଇଥିଲା। ଗୁରୁତର ସାହୁଙ୍କୁ ତୁରନ୍ତ ଆଇଜିଏଚ ନିଆଯାଇଥିଲେ ହେଁ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ପରିବାର ଓ ସମ୍ପର୍କୀୟଙ୍କ ଅଭିଯୋଗ ଥିଲା ଯେହେତୁ ଦୁର୍ଯ୍ୟୋଧନ ଡ୍ୟୁଟି ସାରି ଘରକୁ ଫେରିବା ବାଟରେ ଦୁର୍ଘଟଣାର ଶିକାର ହୋଇଛନ୍ତି ତେଣୁ ଅନୁକମ୍ପା ମୂଳକ ନିଯୁକ୍ତି ପାଇଁ ପରିବାର ହକ୍‌ଦାର। ଏପରି ଯୁକ୍ତିକୁ ଆରଏସ୍‌ପି କର୍ତ୍ତୃପକ୍ଷ ଗ୍ରହଣ ନ କରିବାରୁ ଗତ ୫ଦିନ ହେବ ଆଇଜିଏଚ୍ ମର୍ଗ ହାଉସରେ ମୃତଦେହ ପଡି ରହିଥିଲା। ଶେଷରେ ପରିବାର ପକ୍ଷରୁ ମଙ୍ଗଳବାର ମେଡିକାଲ ଆଗରେ ଧାରଣା ଆରମ୍ଭ କରାଯାଇଥିଲା।

## ବନ୍ଦ କୋଠରିରୁ ମିଳିଲା ଯୁବକଙ୍କ ଝୁଲନ୍ତା ମୃତଦେହ

**ରାଉରକେଲା ଅଫିସ, ୨୪। ୧୦**

ଏକ ବନ୍ଦ କୋଠରି ଜଣେ ଯୁବକଙ୍କ ମୃତଦେହ ବୁଧବାର ସକାଳେ ଉଦ୍ଧାର କରାଯାଇଛି। ବେକରେ ଶାଢି ବାନ୍ଧି ସେ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ମୃତକ ଜଣଙ୍କ ହେଲେ ଛେଣ୍ଡ କଲୋନୀ ଏଲସିଆର/ ୨୧୫ ବାସିନ୍ଦା ସନ୍ତୋଷ ରଜକ(୨୯)। ଭିତର ପଟୁ ବନ୍ଦ କରାଯାଇଥିବା କବାଟ ଭଙ୍ଗାଯିବା ପରେ ଛେଣ୍ଡ ପୋଲିସ ମୃତଦେହ ଉଦ୍ଧାର କରିଛି। ସେହି ଘର ଭିତରୁ ରକ୍ତ ଭଳି ଦେଖା ଯାଉଥିବା କିଛି ତରଳ ପଦାର୍ଥ ପଦାକୁ ଆସୁଥିବା ଦେଖି ପଡୋଶୀମାନେ ଥାନାକୁ ଖବର ଦେଇଥିଲେ। ପରେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ସନ୍ତୋଷ ସ୍ଥାନୀୟ ମାର୍କେଟରେ ଏକ ଟିଭି ମରାମତି ଦୋକାନ ଖୋଲିଥିଲେ। ସନ୍ତୋଷଙ୍କ ସ୍ତ୍ରୀ ଓ ପିଲାମାନେ ପୈତୃକ ଗାଁ ବିହାର ଯାଇଛନ୍ତି। ଗତ କିଛିଦିନ ହେବ ସେ ଏକୁଟିଆ ଭଡ଼ା ଘରେ ରହୁଥିଲେ। ଗୁରୁବାରଠାରୁ ସେ ଆଉ ଦୋକାନ ଯାଉ ନ ଥିଲେ ବୋଲି ତାଙ୍କ ବଡ ଭାଇ ଶଙ୍କର କହିଛନ୍ତି। ସେ ଗତ ୩ ଦିନ ହେବ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ତେବେ ସେ କେଉଁ କାରଣରୁ ଏପରି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ। ତଦନ୍ତ ପରେ ସବୁ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।



ପୋଲିସ ଆତ୍ମହତ୍ୟା ଘଟଣାର ତଦନ୍ତ କରୁଛି।

## ରାଜ୍ୟ କ୍ରୀଡ଼ା, ଯୁବ ସେବା କର୍ମଚାରୀ ସଂଘର ଧାରଣା ୨୯ରୁ

**ଭବାନୀପାଟଣା,୨୪।୧୦(ଡି.ଏନ.ଏ.)**

ରାଜ୍ୟ କ୍ରୀଡା ଓ ଯୁବ ସେବା କର୍ମଚାରୀ ସଂଘ ପକ୍ଷରୁ ୫ ଦଫା ଦାବି ନେଇ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଗେଟ ସମ୍ମୁଖରେ ଆସନ୍ତା ୨୯ ତାରିଖରୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଦିଆଯିବ । ମଙ୍ଗଳବାର କଳାହାଣ୍ଡିର ସଭ୍ୟ କୃଷ୍ଣଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ସଂଘ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ନାୟକ ସୂଚନା ଦେଇଛନ୍ତି । ରାଜ୍ୟରେ ୧୦୨ ଅସ୍ଥାୟୀ କର୍ମଚାରୀ ମଜୁରିଆ ଭାବେ ବିଭିନ୍ନ କ୍ରୀଡା ଛାତ୍ରବାସ ଓ ଷ୍ଟାଡିୟମରେ କାର୍ଯ୍ୟ କରୁଥିଲେ ମଧ୍ୟ ରାଜ୍ୟ ସରକାର କର୍ଣ୍ଣପାତ କରୁ ନ ଥିବାରୁ ସଂଘ ଏହି ଭଳି ନିଷ୍ପତ୍ତି ନେଇଥିବା ସେ ସୂଚନା ଦେଇଛନ୍ତି ।

### ଫେରିଗଲେ ହାତୀପଲ

# ଲୋକେ ଆଶ୍ୱସ୍ତ

**ରାଉରକେଲା ଅଫିସ,୨୪।୧୦**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କାଲୁଙ୍ଗା ସ ମିଲ ପରିସରରେ ଗତ ୩ ଦିନ ଧରି ଉପଦ୍ରବ କରୁଥିବା ହାତୀପଲଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ନିକଟ ଜଙ୍ଗଲକୁ ଘଉଡାଇବାରେ ବନ ବିଭାଗ ସଫଳ ହୋଇଛି। ଏନେଇ ବନ କର୍ମଚାରୀମାନଙ୍କୁ ନାକେଦମ ହେବାକୁ ପଡିଥିଲା। ଗତ ମଙ୍ଗଳବାର ସନ୍ଧ୍ୟାରେ ଏହି ୧୭ ସଂଖ୍ୟା ବିଶିଷ୍ଟ ହାତୀପଲଙ୍କ ଗତିବିଧି ଉପରେ ବନ ବିଭାଗ ନଜର ରଖିଥିଲା। ରାତି ୧୧ଟା ପରେ ଅପରେଶନ ଆରମ୍ଭ କରାଯାଇଥିଲା। ଗାଁ ଭିତରକୁ ହାତୀପଲ ପଶି ଆସିବା ଆଶଙ୍କା କରି ଲୋକେ ସଜାଗ ରହିଥିଲେ। ଏଣୁ ହାତୀ ଘଉଡାଇବା ନେଇ ବନ ବିଭାଗ କର୍ମଚାରୀ ଚିନ୍ତାରେ ପଡିଯାଇଥିଲେ। ବହୁ ବୁଝାଶୁଝା ପରେ ଗ୍ରାମ୍ୟ ରାସ୍ତା ଦେଇ ହାତୀ ପଲଙ୍କୁ ବାଟ ଛାଡିଦେବାକୁ ଲୋକେ ରାଜି ହୋଇଥିଲେ। ପରେ ବାଜା, ବାଣ ଓ ଲାଇଟ ସହାୟତାରେ ହାତୀପଲଙ୍କୁ ଘଉଡାଇବାରେ ସମର୍ଥ ହୋଇଛନ୍ତି ବନ କର୍ମଚାରୀ। ଆଶ୍ୱସ୍ତ ହୋଇଛନ୍ତି ସ୍ଥାନୀୟ ବାସିନ୍ଦା।



ଭଞ୍ଜ ଭବନ ମୁକ୍ତ ରଙ୍ଗମଞ୍ଚରେ ବୁଧବାର ଆୟୋଜିତ କୁମାରୋତ୍ସବରେ ନୃତ୍ୟ ଶିଳ୍ପୀଙ୍କ ବୃନ୍ଦାବତୀ ପୂଜନ।



କୁମାରୋତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

### ରାଉରକେଲାରେ କୁମାର ଉତ୍ସବ

# ଓଡ଼ିଶାର ଜନଜୀବନରେ ସଂସ୍କୃତିର ଧାରା ଅବ୍ୟାହତ ରହିଛି

**ରାଉରକେଲା ଅଫିସ,୨୪। ୧୦**

ଭାଷା ସାହିତ୍ୟ ଓ ସଂସ୍କୃତିର ମହାମିଳନରେ ଇସ୍ପାତ ସହର ଋଦ୍ଧିମନ୍ତ ହୋଇଛି। ଆଜି ବି ଓଡ଼ିଶାର ଜନଜୀବନରେ ସଂସ୍କୃତିର ଧାରା ଅବ୍ୟାହତ ରହିଛି। ଏହା ଆମକୁ ଜାତୀୟତାବୋଧର ପ୍ରେରଣା ପ୍ରଦାନ କରୁଛି। ବର୍ଷ ତମାମ ଷ୍ଟିଲ ସିଟିରେ ଆୟୋଜନ କରାଯାଉଥିବା ପର୍ବପର୍ବାଣି ବେଶ ଉପଭୋଗ୍ୟ ବୋଲି ସେକ୍ଟର- ୫ ଭଞ୍ଜଭବନ ମୁକ୍ତ ରଙ୍ଗମଞ୍ଚରେ ବୁଧବାର ସନ୍ଧ୍ୟାରେ ଆୟୋଜିତ କୁମାର ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆରଏସ୍‌ପି ସିଇଓ ଅଶ୍ୱିନୀ କୁମାର କହିଛନ୍ତି । ଏଭଳି ସାଂସ୍କୃତିକ ଉତ୍ସବ ଆଗାମୀଦିନରେ ଜାରି ରହିବ ବୋଲି କୁମାର ଆଶା ବ୍ୟକ୍ତ କରିଥିଲେ। ଅନୀଲ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିନେଷ୍ଟାର କୁନା ତ୍ରିପାଠୀ ନିଜ ବକ୍ତବ୍ୟରେ କହିଥିଲେ ଓଡ଼ିଆଙ୍କ ବାର ମାସରେ ତେର ପର୍ବ, ଯାହା ଏ ଜାତିକୁ ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଆସିଛି। ତେବେ ଅବକ୍ଷୟମୁଖୀ ସଂସ୍କୃତିକୁ ବଞ୍ଚାଇ ରଖିବାରେ ଆଦର୍ଶ ପାଠାଗାର ଭଳି ଅନୁଷ୍ଠାନ ଧନ୍ୟବାଦର ପାତ୍ର ବୋଲି ତ୍ରିପାଠୀ ମତ ପ୍ରକାଶ କରିଥିଲେ।

ସେ କହିଥିଲେ ପାଶ୍ଚାତ୍ୟ ସଂସ୍କୃତିର ଅନୁପ୍ରବେଶ ଦ୍ୱାରା ଆମ ସଂସ୍କୃତି ଓ ପରମ୍ପରା ଧିରେ ଧିରେ ପ୍ରଭାବିତ ହେବାରେ ଲାଗିଛି। ଏଥିପ୍ରତି ସଜାଗ ରହିବାକୁ ପଡିବ। ଭାରତୀୟ ପରମ୍ପରା ଓ ଓଡିଆଙ୍କ ନିଆରା ପର୍ବପର୍ବାଣୀ ପଛରେ ରହିଥିବା କଥା କାହାଣୀ ମନରେ ରୋମାଞ୍ଚ ଭରିଦିଏ। ଆଜିର ଯୁବ ପିଢ଼ୀ ଏ ଦିଗରେ ସଚେତନା ହେବା ଆବଶ୍ୟକ ବୋଲି ସେ କହିଥିଲେ। ସାମୁହିକ ଭାବେ କୁମାର ଉତ୍ସବ ପାଳନକୁ ତ୍ରିପାଠୀ ଉଚ୍ଚ ପ୍ରଶଂସା କରିଥିଲେ। ଏଥିରେ ବିଶିଷ୍ଟ ମାହାରୀ ନୃତ୍ୟାଙ୍ଗନା ରୂପଶ୍ରୀ ମହାପାତ୍ର ଯୋଗଦେଇ କହିଥିଲେ କଳା ସଂସ୍କୃତି ହେଉଛି ଆମ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ। ଏହାର ସୁରକ୍ଷା ସମୃଦ୍ଧି ନେଇ ଆମେ ସମସ୍ତେ ପ୍ରଚେଷ୍ଟା କରିବା ଉଚିତ। ପରମ୍ପରା ବଞ୍ଚିଲେ ଆମେ ବଞ୍ଚିବା। ଏହି ଅବସରରେ ସେ ଜଗନ୍ନାଥ ସଂସ୍କୃତିର ଅବତାରଣା କରି କହିଥିଲେ ମାହାରୀ ନୃତ୍ୟର ସୁରକ୍ଷା, ସମୃଦ୍ଧି ନେଇ ପ୍ରଚେଷ୍ଟା କରାଯିବା ଉଚିତ। କୁମାର ଉତ୍ସବ ପରି ପରମ୍ପରାକୁ ବଞ୍ଚାଇ ରଖିଥିବା କର୍ମକର୍ତ୍ତାଙ୍କୁ ସେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୁନା ଓ ରୂପଶ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ଆରଏସ୍‌ପିର ବରିଷ୍ଠ ଅଧିକାରୀ ପି.କେ. ପ୍ରଧାନଙ୍କ ସମେତ ସବିତା କୁମାରୀ, ମିନାକ୍ଷୀ ପ୍ରଧାନ ଓ ପ୍ରମୋଦ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ସୁକାନ୍ତ ଖୁଣ୍ଟିଆ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଜୀବନବଲ୍ଲଭ ପଟ୍ଟନାୟକ, ବି.ବି. ସାହୁ, ରାଧାକାନ୍ତ ମିଶ୍ର, ମିନାକ୍ଷୀ ଧର ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


## ପୂର୍ବ ତଟ ରେଳପଥ

### ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP) ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ

(1) ନିଯୁକ୍ତି ସୂଚନା ସଂ. 02/2018-CMP ତା.08.10.2018 ରିଖ

ପୂର୍ବ ତଟ ରେଳପଥ/ଖୋର୍ଦ୍ଧା ରୋଡ଼ ମଣ୍ଡଳ, ପୂର୍ଣ୍ଣକାଳୀନ **ଚୁକ୍ତିଭିତ୍ତିକ ମେଡ଼ିକାଲ ପ୍ରାକ୍ଟିସନର (CMP)** ଭାବେ ନିଯୁକ୍ତି ଦେବା ନିମନ୍ତେ ମୁକ୍ତ ବଜାର (**Open Market**)ରୁ ତଥା ଅବସରପ୍ରାପ୍ତ ରେଳବାଇ ଡାକ୍ତର ଏବଂ ଅବସରପ୍ରାପ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଡାକ୍ତରଙ୍କ ଏକ ନାମ ତାଲିକା ପ୍ରସ୍ତୁତ କରିବା ପାଇଁ ଚୁକ୍ତି ଭିତ୍ତିରେ **ଏକ ବର୍ଷ** ଅବଧି ନିମନ୍ତେ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ଆୟୋଜନ କରିବ। ସଂପୃକ୍ତ **CMP** ମାନଙ୍କ ସମ୍ମତି ଭିତ୍ତିରେ ପରବର୍ତ୍ତୀ ସମୟରେ ଏହାକୁ ପୁନର୍ବାର ବର୍ଷକୁ ବର୍ଷ ସାନି ଚୁକ୍ତି କରାଯାଇପାରିବ, ଯାହାକି **12** ବର୍ଷରୁ ଊର୍ଦ୍ଧ୍ୱ ଅବଧି ହେବ ନାହିଁ କିମ୍ବା **IRMS** ଦ୍ୱାରା ଚୟନ ହୋଇଥିବା ଡାକ୍ତରମାନଙ୍କୁ ଏହି ପଦରେ ନିଯୁକ୍ତି ପର୍ଯ୍ୟନ୍ତ କିମ୍ବା ଏହି ବ୍ୟବସ୍ଥା ଉପଲବ୍ଧ ଥିବା ପର୍ଯ୍ୟନ୍ତ ଯେଉଁଟି ପ୍ରଥମେ ହେବ, ସେହି ଅବଧି ପର୍ଯ୍ୟନ୍ତ ଏହି ନିଯୁକ୍ତି ବଳବତ୍ତର ରହିବ। ସବିଶେଷ ବିବରଣୀ ନିମ୍ନ ପ୍ରଦତ୍ତ ଅଟେ :

**ଖାଲି ଥିବା ମୋଟ୍ ପଦବୀ: 02 (ଖୋର୍ଦ୍ଧା ରୋଡ଼ ମଣ୍ଡଳର ବ୍ରହ୍ମପୁର ହେଲ୍‌ଥ ୟୁନିଟ୍, କେନ୍ଦୁଝରଗଡ଼ - ଯଖପୁରା ସେକ୍ସନ ପ୍ରତ୍ୟେକଙ୍କ ପାଇଁ 01 ଗୋଟି ହିସାବରେ)।**

ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା: ପ୍ରାର୍ଥୀ ଭାରତୀୟ ଚିକିତ୍ସା ପରିଷଦ(**Indian Medical Council**) ଦ୍ୱାରା ସ୍ୱୀକୃତ ସର୍ବନିମ୍ନ **MBBS** ଡିଗ୍ରୀ ପ୍ରାପ୍ତ କରିଥିବା ସହିତ ସେ ଏକ ବର୍ଷ ବାଧ୍ୟତାମୂଳକ ରୋଟେଟୋରୀ ଇଣ୍ଟର୍ଣ୍ଣସିପ୍ (**Rotatory Internship**)ସମାପ୍ତ ପରେ କିମ୍ବା ଭାରତୀୟ ଚିକିତ୍ସା ପରିଷଦରେ ଭାରତର ଯେକୌଣସି ରାଜ୍ୟ ଚିକିତ୍ସା ପରିଷଦରୁ ବୈଧ ରେଜିଷ୍ଟ୍ରେସନ ପ୍ରମାଣ ପତ୍ର ପାଇଥିବେ। ଅନ୍ୟ କୌଣସି ପ୍ରମାଣପତ୍ର ଗ୍ରହଣ କରାଯିବ ନାହିଁ।

ପାରିଶ୍ରମିକ: ପୂର୍ଣ୍ଣକାଳୀନ ଜେନେରାଲ ଡ୍ୟୁଟି ମେଡ଼ିକାଲ ଅଫିସର-**CMP** ମାନଙ୍କ ପାଇଁ ମାସିକ ପାରିଶ୍ରମିକ ଟ.**75,000/-**(**HRA** ଏବଂ ପରିବହନ ଭତ୍ତା ସହିତ)।

### ଅଂଶକାଳିକ (Part Time) ଚୁକ୍ତିଭିତ୍ତିକ ମହିଳା ଚିକିତ୍ସକ ନିଯୁକ୍ତି ନିମନ୍ତେ ୱାକ୍-ଇନ୍-ଇଣ୍ଟରଭ୍ୟୁ

(2) ନିଯୁକ୍ତି ସୂଚନା ସଂ. CMP.03/2018 ତା.08.10.2018 ରିଖ

ଏକ ବର୍ଷ ଅବଧି ନିମନ୍ତେ **ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହେଲ୍‌ଥ ୟୁନିଟ୍, ଅନୁଗୋଳ** ଠାରେ ଦୈନିକ **4** ଘଣ୍ଟା ଏବଂ ସପ୍ତାହରେ **6** ଦିନ ଡ୍ୟୁଟି ପାଇଁ ଚୁକ୍ତି ଭିତ୍ତିରେ **ଅଂଶକାଳିକ ମହିଳା ଚିକିତ୍ସକମାନଙ୍କ** ନିଯୁକ୍ତି ପ୍ରଦାନ କରିବା ନିମନ୍ତେ ଏକ ନାମ ତାଲିକା (**Panel**) ପ୍ରସ୍ତୁତ କରିବା ପାଇଁ ଏକ ୱାକ୍-ଇନ୍-ଇଣ୍ଟରଭ୍ୟୁ ର ଆୟୋଜନ କରାଯିବ। ପରବର୍ତ୍ତୀ ସମୟରେ ସଂପୃକ୍ତ ଅଂଶକାଳିକ ଚୁକ୍ତିଭିତ୍ତିକ ମହିଳା ଚିକିତ୍ସକମାନଙ୍କ ସମ୍ମତି ଭିତ୍ତିରେ ପ୍ରତି ବର୍ଷ ସାନି ଚୁକ୍ତି ଦ୍ୱାରା ଏହାକୁ ପୁନଃ ନବୀକରଣ କରାଯାଇପାରିବ, ଯାହାର ଅବଧି ସର୍ବାଧିକ **05** ବର୍ଷ ପର୍ଯ୍ୟନ୍ତ କିମ୍ବା ନିୟମିତ **IRMS** ଚିକିତ୍ସକ ଦ୍ୱାରା ଏହି ପଦବୀ ପୂରଣ ହେବା ପର୍ଯ୍ୟନ୍ତ କିମ୍ବା ଏହି ଯୋଜନା ଉପଲବ୍ଧ ଥିବା ପର୍ଯ୍ୟନ୍ତ, ଯେଉଁଟି ପ୍ରଥମେ ହେବ, ସେହି ପର୍ଯ୍ୟନ୍ତ ଏହି ଚୁକ୍ତି ବଳବତ୍ତର ରହିବ। ସବିଶେଷ ବିବରଣୀ ନିମ୍ନ ପ୍ରଦତ୍ତ ଅଟେ :

**ଖାଲି ଥିବା ମୋଟ୍ ପଦବୀ : 01(ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅଧୀନସ୍ଥ ହେଲ୍‌ଥ ୟୁନିଟ୍, ଅନୁଗୋଳ ଠାରେ 01 ଗୋଟି)।**

**ଶିକ୍ଷାଗତ ଯୋଗ୍ୟତା/ଉପଯୁକ୍ତତା** : ପ୍ରାର୍ଥୀ **MBBS** କିମ୍ବା ସ୍ନାତକୋତ୍ତର(**MD** କିମ୍ବା **MS**)ଡିଗ୍ରୀ ପ୍ରାପ୍ତ କରିଥିବା ସହିତ ସେ ଏକ ବର୍ଷ ବାଧ୍ୟତାମୂଳକ ରୋଟେଟୋରୀ ଇଣ୍ଟର୍ଣ୍ଣସିପ୍ (**Rotatory Internship**)ସମାପ୍ତ ପରେ କିମ୍ବା ଭାରତୀୟ ଚିକିତ୍ସା ପରିଷଦରେ ଭାରତର ଯେକୌଣସି ରାଜ୍ୟ ଚିକିତ୍ସା ପରିଷଦରୁ ବୈଧ ରେଜିଷ୍ଟ୍ରେସନ ପ୍ରମାଣପତ୍ର ପାଇଥିବେ।

ପାରିଶ୍ରମିକ : (i) ମାସିକ ପାରିଶ୍ରମିକ ଟ.**36,900/-**, (ii) ଉପଯୁକ୍ତ ସମୟ ଠାରୁ ଅଧିକ ଦିନ ଅନୁପସ୍ଥିତ କ୍ଷେତ୍ରରେ ପାରିଶ୍ରମିକରୁ ଦୈନିକ ଦିନ ପ୍ରତି ଟ.**1,230/-** ଦରରେ କାଟ ହୋଇପାରେ।

**ବୟସ:** ତା.**01.10.2018** ରିଖ ସୁଦ୍ଧା **53** ବର୍ଷରୁ ଅଧିକ ବୟସ ହୋଇନଥିବ। ଅନ୍ୟ ପକ୍ଷରେ ଅନୁସୂଚିତ ଜାତି (**SC**)/ଅନୁସୂଚିତ ଜନଜାତି(**ST**)ପ୍ରାର୍ଥୀଙ୍କ ପାଇଁ **5** ବର୍ଷ ଏବଂ ଅନ୍ୟ ପଛୁଆ ବର୍ଗ(**OBC**) ପ୍ରାର୍ଥୀଙ୍କ ପାଇଁ **3** ବର୍ଷ ପର୍ଯ୍ୟନ୍ତ ବୟସ ସୀମାରେ କୋହଳ କରାଯିବ (କ୍ରମ ସଂ. **1** ଏବଂ **2** ନିମନ୍ତେ)।

**'ୱାକ୍-ଇନ୍-ଇଣ୍ଟରଭ୍ୟୁ' ସ୍ଥାନ, ତାରିଖ ଓ ସମୟ (କ୍ରମ ସଂ. 1 ଏବଂ 2 ନିମନ୍ତେ) :**

| "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସ୍ଥାନ | ତାରିଖ, ରିପୋର୍ଟ କରିବା ସମୟ ଏବଂ "ୱାକ୍-ଇନ୍ ଇଣ୍ଟରଭ୍ୟୁ" ସମୟ |
|---|---|
| ମୁଖ୍ୟ ଚିକିତ୍ସା ଅଧୀକ୍ଷକଙ୍କ କାର୍ଯ୍ୟାଳୟ, ମଣ୍ଡଳ ରେଳ ଚିକିତ୍ସାଳୟ, ଖୋର୍ଦ୍ଧା ରୋଡ଼, ପୋଷ୍ଟ: ଜଟଣୀ-752025, ଓଡ଼ିଶା | ତା.08.11.2018ରିଖ 1030 ଘଟିକା |

**ଦ୍ରଷ୍ଟବ୍ୟ** : ସାକ୍ଷାତକାରରେ ଯୋଗଦେବା ପାଇଁ ପ୍ରାର୍ଥୀମାନଙ୍କୁ କୌଣସି ପ୍ରକାର ଯାତ୍ରା ଭଡ଼ା/ଦୈନିକ ଭତ୍ତା/ରହିବା ସୁବିଧା ପ୍ରଦାନ କରାଯିବ ନାହିଁ (କ୍ରମ ସଂ. **1** ଏବଂ **2** ନିମନ୍ତେ)।

ସଂପୂର୍ଣ୍ଣ ବିବରଣୀ, ଦରଖାସ୍ତ ଫର୍ମାଟ୍ ଓ ଅନ୍ୟାନ୍ୟ ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍ **www.eastcoastrail.indianrailways.gov.in** ଅବଲୋକନ କରନ୍ତୁ।

PR-367/J/18-19 ମଣ୍ଡଳ ରେଳ ପ୍ରବନ୍ଧକ(କାର୍ମିକ), ଖୋର୍ଦ୍ଧା ରୋଡ଼

ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ

## ସଂକ୍ଷେପରେ

### ସମଲେଇ ଯାତ୍ରା ସମ୍ପନ୍ନ

**ଲୋଇସିଂହା,୨୪।୧୦(ଡି.ଏନ୍.ଏ.):** ଲୋଇସିଂହା ବ୍ଲକ ଅଧୀନ କୁଟେନପାଲି, ବୁଢ଼ାପଦର ଏବଂ ମାଣ୍ଡିଆପଦରଠାରେ ସମଲେଇ ଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। କୁଟେନପାଲି ସାପ୍ତାହିକ ବଜାରରେ ପଞ୍ଚାୟତସ୍ତରୀୟ ସମଲେଇ ଯାତ୍ରା ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ଉପବାସ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ବୁଧବାର ପୂର୍ବାହ୍ନରେ ମୁଖ୍ୟ ଦେହୁରି ଫାଲଗୁନୀ କାଲସାଏ ଛତର ବଇରଗକୁ ରିତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ଉପସ୍ଥିତ ଶ୍ରଦ୍ଧାଳୁ ମା' ସମଲେଇଙ୍କୁ ଧୂପ, ଦୀପ, ଅର୍ଘ୍ୟ ଦେଇ ପୂଜା କରି ମାନସିକ ରଖିଥିଲେ। ମାନସିକ ଧାରୀମାନେ ରାତିରେ ବଳି ଦେବା କାର୍ଯ୍ୟକ୍ରମ ରହିଥିବା ମୁଖ୍ୟ ଦେହୁରି ସୂଚନା ଦେଇଥିଲେ। ପୀଠରେ ନାର୍ଦ ଧରୁଆ, ଯୋଗେନ୍ଦ୍ର କାଲସାଏ, ବେଟିଖିଆଁ ଦରୁଆ ପ୍ରମୁଖ ସହଯୋଗୀ ପୂଜକ ଥିଲେ। ସେହିପରି ବୁଢ଼ୀପୋଦର ହାଇସ୍କୁଲର ପଛପଟେ ଯାଦବ ସମାଜ ପକ୍ଷରୁ ଅନୁଷ୍ଠିତ ସମଲେଇ ଯାତ୍ରା ପାଇଁ ନିଲାମ୍ବର ଦୀପଙ୍କ ଘରୁ ପାହୁର ବାହାରିଥିଲା। ପୂଜା ପୀଠରେ ପୂଜକ ସର୍ଜନ ବନଛୋର ଇଷ୍ଟଦେବୀ ଓ ଗୌରବାଡିକୁ ବରଣ କରି ଆଣି ପୂଜାସ୍ଥଳରେ ସ୍ଥାପନ କରି ରୀତିନୀତିରେ ପୂଜାର୍ଚ୍ଚନା କରିଥିଲେ । ପୂଜା ଶେଷ ପରେ ସମାଜର ଭାଇମାନଙ୍କ ଗୌରବାଡି ଖେଳ ଶ୍ରଦ୍ଧାଳୁଙ୍କ ପାଇଁ ବେଶ ଉପଭୋଗ ହୋଇଥିଲା । ସେହିପରି ହୀରାପୁର ପଞ୍ଚାୟତ ଅଧୀନ ମାଣ୍ଡିଆପଦର ଖେଳପଡ଼ିଆ ନିକଟସ୍ଥ ସମଲେଇ ପୀଠରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଠାରେ ଶ୍ରଦ୍ଧାଳୁମାନେ ସମାଗମ ହୋଇ ଦେବୀଙ୍କ ଆଶୀର୍ବାଦ ଭିକ୍ଷା ନେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶ୍ରଦ୍ଧାଳୁମାନେ ଉପଭୋଗ କରିଥିଲେ।





ଗଜଲକ୍ଷ୍ମୀ ପୂଜା ଅବସରରେ ବଲାଙ୍ଗୀର ଡେଲିମାର୍କେଟସ୍ଥିତ ଗଜଲକ୍ଷ୍ମୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଉଛି (ବାମ) । ବଲାଙ୍ଗୀର ସାଲେପାଲିପଡ଼ାବାସୀ ଗଜଲକ୍ଷ୍ମୀ ପୂଜା ଅବସରରେ କଳସ ଶୋଭାଯାତ୍ରାରେ ଯାଉଛନ୍ତି (ମଝି)। ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ବଲାଙ୍ଗୀର ପୌର କାର୍ଯ୍ୟାଳୟରେ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ରାଶନ କାର୍ଡ ବଣ୍ଟନ କରୁଛନ୍ତି । (ଫଟୋ-ସୁନୀଲ)

# ମାଡିଛନ୍ ଚକଡ଼ା ପୋକ୍: ଚିନ୍ତାରେ ଚାଷୀ

**ଦେଓଗାଁ,୨୪।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ସାଲେପାଲିରେ ଧାନ୍‌ଚାଷ୍‌ରେ ଚକଡା ପୋକ୍ ଲାଗି ପାଖାପାଖି ୧୫ ଏକର ଧାନ୍ ଖରାପ୍ ହେଇଥିବାର ଅଭିଯୋଗ୍ ହେଇଛେ। ସାଲେପାଲି ପାସର ଗୁଞ୍ଜିପଦରରେ ପଞ୍ଚାନନ ସାମଲଙ୍କର କେତେ ଜମିକେ ଭାଗ୍‌ଚାଷୀ ହିସାବେ ନେଇ ଚାଷୀ ଚୌଧୁରୀ କୁଅଁର ଧାନ୍‌ଚାଷ କରିଛନ୍। ଧାର ଉଧାର କରି ବଡ଼ା କଷ୍ଟେ ସେ ଚାଷ୍ କରିଛନ୍। ଏହେଦେ ଧାନ୍‌ଗଛ୍ ଲପ୍‌ଲପେଇ ବଢ଼ବାର ସଂଗେ ଧାନ୍ କ୍ଷୀର ଖାଏଲା ଅବସ୍ତାରେ ଅଛେ। ହେଲେ ଇ ସମିଆରେ ଫସଲରେ ଚକଡା ପୋକ୍ ଲାଗିଛନ୍। ଇଥିରଲାଗି ଭାଗ୍‌ଚାଷୀ ଝନ୍‌କ କୃଷି ବିଭାଗ୍‌କେ ଯାଇଥିଲେ ହେଲେ ସେଠାନୁ କେହେନ୍‌ସି ପରକାର ସୁଫଲ ନାଇଁ ପାଏଲେ। ଶେଷେ ବଲାଙ୍ଗୀରର ଗୁଟେ ଦୁକାନୁ ପୋକ୍‌ମରା ଉଷୋ ଆନି ୪ ଥର ଝିଁଟ୍‌ଲେ, ହେଲେ ସେଥିରେ ବି ନିସ୍‌ତାର ନାଇଁପାଏଲେ। ଏନ୍‌ତାଥି ସେ ଚାଷ୍ କରିଥିବାର ୨ ଏକର ଜମିର ଧାନ୍ ପୂରା ଖରାପ୍ ହେଇଯାଇଛେ। ଯେନ୍‌ଥିରଲାଗି ଭାଗ୍‌ଚାଷୀ ଝନ୍‌କ ଧାର ଉଧାର ଟଁକା କେନ୍‌ଥେଇ ସୁଝ୍‌ବେ ସେ ଚିନ୍‌ତାରେ ଘାରି ହେଉଥିବାର ସେ କହିଛନ୍। ବାକି ଜମିର ଫସଲକେ ଚକଡା ପୋକ୍ ଦାଉରୁ କେନ୍‌ଥେଇ ବଁଚାବେ ସେ ଚିନ୍‌ତାରେ ସେ ସହଯୋଗ୍ ଲାଗି ପର୍‌ଶାସନ୍‌କେ ଗୁହାରୀ କରିଛନ୍। ସେନ୍‌ତା ଚାଷୀ ପଙ୍କଜ ସାକଁର ୩ ଏକର ଜମିକେ ଚକଡା ପୋକ୍ ଚରିଯାଇଥିବାର ସେ ଅଭିଯୋଗ୍ କରିଛନ୍। ଇତାର ବାହାରେ ସାଲେପାଲିର ବଅରାପିଟା ପାସର ଚାଷ୍ ଜମି ଭିତ୍‌ରୁ ପାଖାପାଖି ୧୦ ଏକର ଜମିରେ ଚକଡା ପୋକ୍ ଲାଗି ଧାନ୍‌ଗଛ୍ ଖରାପ୍ ହେଇଥିବାର ଦେଖ୍‌ବାକେ ମିଳିଛେ। ସେନ୍‌ତା ଦେଓଗାଁ କଛାରପାଲି ଅଂଚଲରେ ୨୦ ଏକରରୁ ଅଧିକା ଚାଷ୍ ଜମି ଚକଡା ପୋକ୍ ପର୍‌ଭାବ୍‌ରେ ପୂରାପୂରି ଖରାପ୍ ହେଇଯାଇଥିବାର ଚାଷୀମାନେ ଅଭିଯୋଗ୍ କରିଛନ୍। ଇ ବାବ୍‌ଦେ ବ୍ଲକ୍ କୃଷି ଅଧିକାରୀ ପ୍ରଦୀପ କୁମାର ନାଏକଙ୍କୁଁ ପଚରାଲାରୁ ମୁଇଁ ନିଜେ ଇ ଜମିମାନ୍ ଦେଖ୍‌ବାକେ ଯିମି ଆର ତାର ପର୍‌ତିକାର ବେବସ୍‌ତା, ସରକାରୀ ସାହାଯ୍ ଦିଗେ ପଦକ୍ଷେପ ନେମି ବଲି କହିଥିଲେ।



ଝନେ ଚାଷୀ ଚକଡାପୋକ୍ ଦାଉରେ ମରିଥିବାର ଧାନ୍‌ଗଛ୍ ଦେଖଉଛନ୍।

### କୁଲତା ସମାଜର ବାର୍ଷିକ ଶାରଦୀୟ ଉତ୍ସବ

# ସାମୂହିକ ଏକତା ହିଁ ବିକାଶର ମୂଳମନ୍ତ୍ର: ନରସିଂହ

**ବଲାଙ୍ଗୀର ଅଫିସ, ୨୪।୧୦**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ହର୍ଡାଟାଲ ଗ୍ରାମସ୍ଥିତ ରାମଚଣ୍ଡି ମନ୍ଦିର ପ୍ରାଙ୍ଗଣରେ ବୁଧବାର କୁଲୁତା ସମାଜ ପକ୍ଷରୁ ବାର୍ଷିକ ଶାରଦୀୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଯୋଗଦେଇ ସାମୂହିକ ଏକତା ହିଁ ବିକାଶର ମୂଳମନ୍ତ୍ର ବୋଲି କହିଥିଲେ । ବିକାଶ କ୍ଷେତ୍ରରେ ବଲାଙ୍ଗୀର ଏବେ ପରିବର୍ତ୍ତନ ଆଡକୁ ମୁହାଁଉଛି । ବିଗତ ଦିନର ଅନ୍ଧକାର ଏବେ ଦୂର ହେବାକୁ ବସିଛି । ଏଭଳି ଗୁରୁତ୍ୱପୂର୍ଣ୍ଣ ସମୟରେ ସମସ୍ତଙ୍କ ଆନ୍ତରିକ ସହଯୋଗର ଏକାନ୍ତ ଆବଶ୍ୟକତା ରହିଛି ବୋଲି ସେ ଆହ୍ୱାନ ଜଣାଇଥିଲେ । ଏହି ଉତ୍ସବରେ କୁଲୁତା ସମାଜ ପାଇଁ ବିଧାୟକ ଉନ୍ନୟନ ପାଣ୍ଠିରୁ ନିର୍ମିତ ହୋଇଥିବା ଏକ ସଭାଗୃହକୁ ବିଧାୟକ ମିଶ୍ର ଉଦ୍‌ଘାଟନ କରିଥିଲେ । ପରେ ସେ ହର୍ଡାଟାଲ ଅଞ୍ଚଳ ପାଇଁ ଏକ କଲ୍ୟାଣ ମଣ୍ଡପର ଭୂମି ପୂଜନ କରିଥିଲେ। ସ୍ଥାନୀୟ ସରପଞ୍ଚଙ୍କୁ ବିଧାୟକ ମିଶ୍ର କୃତଜ୍ଞତା ଜଣାଇଥିଲେ। ଜଣେ ବିକାଶମୁଖୀ ବିଧାୟକ ଭାବେ ଉଲ୍ଲେଖନୀୟ ଅବଦାନ ଯୋଗୁ ବିଧାୟକ ମିଶ୍ରଙ୍କୁ କୁଲୁତା ସମାଜ ପକ୍ଷରୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଧାୟକ ମିଶ୍ର କୁଲୁତା ସମାଜର ସମ୍ମାନନୀୟ ସ୍ୱର୍ଗତ ଅରକ୍ଷିତ ଭୋଇ ଓ ତାଙ୍କ ପୁତ୍ର ଭରତ ଭୋଇଙ୍କ ଉନ୍ନତିମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ । କୁଲତା ସମାଜର ବିକାଶମୂଳକ କାର୍ଯ୍ୟରେ ସେ ସବୁବେଳେ ସହଯୋଗ ଜାରି ରଖିଛନ୍ତି ଓ ଆଗକୁ ମଧ ଜାରି ରହିବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ କୁଲତା ସମାଜର ମାନ୍ୟଗଣ୍ୟ ବ୍ୟକ୍ତି, ମହିଳା ଓ ପୁରୁଷ ଓ ଜନସାଧାରଣ ଯୋଗଦାନ କରିଥିଲେ ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# ଡୁମାଲ ସମାଜର ସ୍ୱତନ୍ତ୍ର ଅଧିବେଶନ : ବଲାଙ୍ଗୀରରେ ହେବ ରାଜ୍ୟସ୍ତରୀୟ ମହାସଭା

**ବଲାଙ୍ଗୀର ଅଫିସ,୨୪।୧୦**

ଓଡ଼ିଶା ଡୁମାଲ ପରିଷଦ ପକ୍ଷରୁ ସ୍ଥାନୀୟ ଅଗ୍ରସେନ୍ ଭବନଠାରେ ସୋମବାର ଏକ ସ୍ୱତନ୍ତ୍ର ଅଧିବେଶନ ସଭାପତି ସୁଧୀର କର୍ଣ୍ଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ପରିଷଦ ସମ୍ପାଦକ ଗୌତମ କ୍ଷେତି ସ୍ୱାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ। ବୈଠକରେ ରାଜ୍ୟ ଉପଦେଷ୍ଟା କମିଟି ସଭ୍ୟ ପ୍ରଶାନ୍ତ ଭୋଇ, ଖୋର୍ଦ୍ଧା ଜିଲା ସଭାପତି ଉଦିତ ପ୍ରସାଦ ଦେହୁରି, ସୁବର୍ଣ୍ଣପୁର ଜିଲା ସଭାପତି ଭୂଷଣ ପାତ୍ର, ଅନୁଗୁଳ ଜିଲା ସଭାପତି ଭଗବାନ ପଧାନ, ରାଜ୍ୟ ଉପସଭାପତି ମୁରଲୀ ପାତ୍ର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଆଗାମୀ ରାଜ୍ୟସ୍ତରୀୟ ଡୁମାଲ ମହାସଭା ବଲାଙ୍ଗୀର ଠାରେ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଚଳିତ ମାସ ଶେଷ ସୁଦ୍ଧା ଏହି ମହାସଭା ତାରିଖ ନିର୍ଦ୍ଧିଷ୍ଟ କରିବାକୁ ବରିଷ୍ଠ ସଭ୍ୟ ପ୍ରଶାନ୍ତ ଭୋଇଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ରାଜ୍ୟସ୍ତରୀୟ ପାଣ୍ଠି ଗଠନ ପାଇଁ ୨୦୦ ଜଣ ସଭ୍ୟ ସ୍ୱୀକୃତି ପ୍ରଦାନ କରିଥିଲେ । ସାମାଜିକ ସମ୍ବିଧାନ ଓ ସାଂଗଠନିକ ନିୟମାବଳୀରେ ସଂଶୋଧନ କରାଯିବାକୁ ଆଇନଜୀବୀ ଅଞ୍ଜନ ପଧାନ, ଉଦିତ ପ୍ରତାପ ଦେହୁରି, ହାଡିବନ୍ଧୁ ମହାକୁଡଙ୍କୁ ନେଇ ଏକ ଉପକମିଟି ଗଠନ କରାଯାଇଥିଲା । ଭୁବନେଶ୍ୱରଠାରେ ଅନୁଷ୍ଠିତ ଆଲୋଚନାଚକ୍ରର ସୁପାରିଶଗୁଡ଼ିକୁ ଆଗାମୀ କାର୍ଯ୍ୟକାରିଣୀ କମିଟିରେ ଆଲୋଚନା କରାଯିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଗଲା। କାର୍ଯ୍ୟକ୍ରମ ପରିଚାଳନାରେ ରାଜ୍ୟଯୁବ ସଭାପତି ସୁରେଶ କର୍ଣ୍ଣ, ଜିଲା ଉପସଭାପତି ଚକାନନ୍ଦ କମ୍ପ, ଆବାହକ ବରୁଣ ବଘାର, ଧଣ୍ଡାମାଳ ସରପଞ୍ଚ ତଥା ଯୁବ ସଂଯୋଜକ ମଣ୍ଟୁ ଖମାରୀ, ବଟକୃଷ୍ଣ ମେର୍ଲି, ସହରାଞ୍ଚଳ ସଂଯୋଜକ ସଞ୍ଜୟ ମହାକୁର, ପିଙ୍କୁ ମହାକୁର, ଇନ୍ଦୁ ଭୂଷଣ ଡାଙ୍ଗ, ଗୁପ୍ତେଶ୍ୱର ଛୁରିଆ, ନିରୋଜ ଥାଟି, ଯୁଧିଷ୍ଠିର କମ୍ପ ସହଯୋଗ କରିଥିଲେ । ରାଜ୍ୟ ସହସମ୍ପାଦକ ବିପିନ ପାତ୍ର ଧନ୍ୟବାଦ ଦେଇଥିଲେ।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

Jeevanjyoti Finance
ଜନକଲ୍ୟାଣ ଯୋଜନା ଅଧୀନରେ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଶିକ୍ଷା, ବ୍ୟବସାୟ, ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ, 50% ରିହାତି ସବ୍‌ସିଡିରେ (ମହିଳା, ଚାଷୀ, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି)
ଠକମାନଙ୍କ ପ୍ରତି ସାବଧାନ
(କାମ ଆମର ବିଶ୍ୱାସ ଆପଣଙ୍କର)
Sector-30, Jagatpur, Jaipur, Rajasthan
8278171538
8901770631

Dhanlaxmi Finance Services
ସରକାରଙ୍କ ଦ୍ୱାରା ପଞ୍ଜୀକୃତ
(Reg No.- od6789dh45)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଏବଂ ଗ୍ରୁପ୍ ଋଣ 72 ଘଣ୍ଟାରେ ପାଆନ୍ତୁ ।
1 ଲକ୍ଷରୁ 5 କୋଟି ପର୍ଯ୍ୟନ୍ତ ମାତ୍ର 1% ସୁଧ, 40% ରିହାତି।
For more details contact:
9193648139
SATAPADA, PURI, ODISHA - 752011

BHARATI FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Business, Personal, Property, Home, କୃଷି, ଶିକ୍ଷା ଓ Marksheet ସମସ୍ତ ପ୍ରକାର Loan Bharati Finance ଯୋଗାଇ ଦେଉଛି। 2% ସୁଧ।
M : 7684946678
8337956019

M. GROUP FINANCE CO.
DIWALI OFFER
(Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Agent ଆମନ୍ତ୍ରିତ
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

SMS JOB
Send SMS. Earn MONEY
AIRTEL - GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାତ୍ର ୧୦୦ କରି SMS ମାସକୁ ୧୫୦୦୦/- ରୁ ୩୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Bike SIM + 20,000/- Advance
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
8809132432
7370994270

JAI LAXMI FINANCE
ଆପଣଙ୍କ ବିଶ୍ୱାସ ଆମର ପରିଚୟ
ଜୟ ଲକ୍ଷ୍ମୀ ଋଣ (ISO: 9001:1979)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 95,00,000/- ପର୍ଯ୍ୟନ୍ତ ମାତ୍ର 36 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
(ଏଜେଣ୍ଟ ଆମନ୍ତ୍ରିତ)
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9068296909

ଆଦର୍ଶ ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ, ପରେ ଦାମ୍
ଦୀପାବଳି ଧମାକା
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ, ଚାଷକାର୍ଯ୍ୟ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ ୨୪ ଘଣ୍ଟାରେ ପାଆନ୍ତୁ
୨% ସୁଧ - ୪୦% ରିହାତି
୮୫ ଲକ୍ଷ ସନ୍ତୁଷ୍ଟ ଗ୍ରାହକ
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
କମ୍ କାଗଜପତ୍ର କାମ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
168, Sector-30, Jagatpura, Jaipur, Rajasthan
73106-12716
89794-48754

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖୋଲା ଚ୍ୟାଲେଞ୍ଜ
ଯେଉଁଠି ଆନ ସେଠି ହେବ
A to Z ସମସ୍ୟାର 2 ଘଣ୍ଟାରେ ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠହରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ହଜରତ ଉସ୍‌ମାନ୍
21 ବୈଦିକ ବିଦ୍ୟାରେ ନିପୁଣ
9873361894, 9654673664

Dhanlaxmi Financial Services
(Govt Registered)
(Regd No - odhR009742)
ଆଧାରକାର୍ଡ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର, ଗାଡ଼ି, ଗ୍ରୁପ୍ ଋଣ ଏବଂ ସବୁ ପ୍ରକାରର ଋଣ ସହଜ କିସ୍ତିରେ ବ୍ୟାଙ୍କ ଦ୍ୱାରା ଘରେ ବସି ପାଆନ୍ତୁ।
2% ସୁଧ 40% ସରକାରୀ ସବ୍‌ସିଡି
ଯୋଗାଯୋଗ କରନ୍ତୁ
6397482193
9138702512
74/8, Taraan, Punjab

୩ ଘଣ୍ଟାରେ ୧୦୦% ସମାଧାନ ଘରେ ବସି ଫୋନ ଦ୍ୱାରା
କଣ ଆପଣ ଚିନ୍ତିତ ଅଛନ୍ତି ?
କାନ୍ଦିଲେ ନୁହେଁ ଦେଖାକଲେ କଷ୍ଟ ଦୂରହେବ !
କାମ ନହେଲେ ପଇସା ଫେରସ୍ତ ! Time - 10 am to 6 pm
ମନଚାହିଁ ବିବାହ, ବ୍ୟବସାୟ, ଗୃହକ୍ଲେଶ, କିୟା କରାୟା, ବିବାହରେ ବାଧା, ସଉତୁଣୀ ଓ ଶତ୍ରୁ ମୁକ୍ତି, ରୋଗରେ ଔଷଧ ନ ଧରିବା, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରନୀ, ଯାଦୁଟୋଣା, ଭୂତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ସମାଧାନ ।
(ସ୍ପେଶାଲିଷ୍ଟ- ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ)
ଯଦି ଆପଣଙ୍କର ଜ୍ୟୋତିଷ ଓ ପଣ୍ଡିତଙ୍କ ଉପରୁ ଭରସା ଉଠିଯାଇଛି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ଯଦି ଆପଣଙ୍କର ପତି ପ୍ରେମୀ, କିମ୍ବା ପୁଅ ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ୍ କରନ୍ତୁ
ବାବା ରହେମାନ୍ ଖାନ ବଙ୍ଗାଳୀ
7065430524
9599270336

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଆନ ସେଠି ହେବ
A to Z ସମସ୍ୟାର ସମାଧାନ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

ନିଜ ବ୍ୟବସାୟରେ ଅଭିବୃଦ୍ଧି ଆଣନ୍ତୁ
ITCT EDUCATION
ସହିତ
ଭାରତର ସର୍ବବୃହତ୍ ନେଟ୍‌ୱର୍କ
ନିଜ ବ୍ୟବସାୟରେ ଅତିରିକ୍ତ ଲାଭ ଉପାର୍ଜନ କରନ୍ତୁ। ଆଇଟିସିଟି ଲର୍ନିଂ ସିଷ୍ଟମ୍ସ ପ୍ରାଇଭେଟ୍ ଲିମିଟେଡ୍‌ର ଏକ ଫ୍ରାଞ୍ଚାଇଜି ପାର୍ଟନର ହୁଅନ୍ତୁ।
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ (ଭାରତ ସରକାର)
ଅଧିକ ସୂଚନା ପାଇଁ
0712-2223456 / 09422123456
www.itctedu.in

ଋଣ
ନବରାତ୍ରି ଉତ୍ସବ
!!ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ!!
ଶ୍ରୀ ଜଗନ୍ନାଥ ଫାଇନାନ୍ସ
ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି ଋଣ ଇତ୍ୟାଦି 24 ଘଣ୍ଟାରେ
1,00,000-50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
1% ସୁଧ 55% ରିହାତି + 25% ସବ୍‌ସିଡି
ମାତା ଓ ଭଉଣୀଙ୍କୁ ବିଶେଷ ରିହାତି
7895183349
9927051692
Add : - 41/14, Sec-1 Pushp Vihar, Delhi

!! LOAN LOAN LOAN !!
ସରକାରୀ ଯୋଜନା ଲୋନ୍ ସ୍କିମ୍ ଦ୍ୱାରା ଦ୍ୱାରା
ଶ୍ରୀ ରାମ ଫାଇନାନ୍ସ
ମାର୍କଶିଟ୍ ଋଣ ଅଷ୍ଟମ, ଦଶମ ପାସ୍ ବେରୋଜଗାର 5,00,000- 50,00,000 ପର୍ଯ୍ୟନ୍ତ ଋଣ ପାଆନ୍ତୁ
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
2% ସୁଧ, 50% ରିହାତି + ସବ୍‌ସିଡି ପାଆନ୍ତୁ
ଯୋଗାଯୋଗ କରନ୍ତୁ
9717895136
9871773265
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

LOAN
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ମାତ୍ର ବାର୍ଷିକ ୫% ସୁଧରେ ପର୍ସନାଲ, ବିଜନେସ, ମାର୍କସିଟ, କୃଷି ଓ ଗ୍ରୁପ ଲୋନ SAMPARK FINANCE ରୁ ନେଇପାରିବେ। ଡକୁମେଣ୍ଟ Email- fileodisha@gmail.com ରେ ପଠାଇ ପାରିବେ।
405 D, Shamalldas Gandhi Marg, Mumbai, Maharastra, India-400002
ଯୋଗାଯୋଗ-
7991052261
7991052595

FINANCE
ଭାରତ No. 1 ରେଜିଷ୍ଟ୍ରଡ କମ୍ପାନି 1980 ରୁ ଆପଣଙ୍କ ସେବାରେ
Regd. No : OD14813486
କରୁଛି କେବଳ ଆଧାରକାର୍ଡ, ପ୍ରପୋର୍ଟି, ମାର୍କସିଟ୍, ପର୍ସନାଲ୍, ହୋମ, ଜମି, ଏଜୁକେସନ୍, ବିଜ୍‌ନେସ୍, ଲଘୁ ଉଦ୍ୟୋଗ ପାଇଁ ସମସ୍ତ ଋଣ ଘରେ ବସି ମାତ୍ର ୨୪ଘଣ୍ଟାରେ 1% ସୁଧ 40% ରିହାତି ବିଦ୍ୟାର୍ଥି ମାନଙ୍କୁ ସମ୍ପୂର୍ଣ୍ଣ ଅଗ୍ରାଧିକାର।
ଅଧିକ ବିବରଣୀ ପାଇଁ ସମ୍ପର୍କ କରନ୍ତୁ
31 UA, Bangalow Road, Kamla Nagar, New Delhi
7751976559

ଦୀପାବଳି ଧମାକା
!! ନୋ ଗ୍ୟାରେଣ୍ଟର, ନୋ ଫାଇଲଚାର୍ଜ !!
ଭାରତର ନଂ.1 ଫାଇନାନ୍ସ କମ୍ପାନୀ
ଘରେ ବସି ଋଣ ପ୍ରାପ୍ତ କରନ୍ତୁ 3 ଘଣ୍ଟାରେ
ଦୀପାବଳିର ଶୁଭ ଅବସରରେ ଋଣ କମ୍ ସୁଧରେ
ମାର୍କଶିଟ୍, ଆଧାରକାର୍ଡ ଆଦି ଋଣ
2% ସୁଧ 50% ରିହାତି + ସବ୍‌ସିଡି
ମାତା ଓ ଭଉଣୀଙ୍କ ପାଇଁ ବିଶେଷ ରିହାତି + ସବ୍‌ସିଡି
9625419406
8695337370
Add : - T-51, Gautampuri, Delhi-53

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
ଶ୍ରୀରାମ ଫାଇନାନ୍ସ ଲିମିଟେଡ୍
(Reg. No. LA76108CH0902)
1982ରୁ ପଞ୍ଜୀକୃତ, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ସବୁ ଋଣ 24 ଘଣ୍ଟାରେ ଘରେ ବସି, 2% ସୁଧ, 40% ରିହାତି।
7460970869
7518148465
ଠକମାନଙ୍କ ପ୍ରତି ସାବଧାନ।

T.C.F. FINANCE
ଋଣ ମାତ୍ର 6 ଘଣ୍ଟାରେ । ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍, ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, 0% ସୁଧ, 50% ରିହାତି।
08418002678
08859668547
39, Patel Nagar, Saharanpur Road, Dehradun - 248001

କଣ ଆପଣ ଅସୁବିଧାରେ ଅଛନ୍ତି କି?
ଅଲଇଣ୍ଡିଆ ଖୋଲା ଚାଲେଞ୍ଜ
୨ ଘଣ୍ଟାରେ ୧୦୦% ସମାଧାନ
କାମ ନହେଲେ ଟଙ୍କା ଫେରସ୍ତ
ତନ୍ତ୍ର-ମନ୍ତ୍ରର ସମ୍ରାଟ
ବ୍ୟବସାୟରେ ଅସୁବିଧା, ପ୍ରେମରେ ଅସଫଳତା ତେବେ ମତେ ଆସିକି ଦେଖା କରନ୍ତୁ
ବ୍ୟବସାୟରେ ଅସୁବିଧା, ବିବାହରେ ଅସୁବିଧା ସଇତାନ ଓ ଶତ୍ରୁମାନଙ୍କଠାରୁ ମୁକ୍ତି ରୋଗରେ ଔଷଧ ନ ଲାଗିବା କ୍ୟାରିୟରରେ ଅସଫଳତା।
ଯଦି କାହାର ସ୍ୱାମୀ, ପ୍ରେମିକା ଓ ଝିଅ କାହା ବଶରେ ଥାଆନ୍ତି ତେବେ ମତେ ଆସିକି ଦେଖା କରନ୍ତୁ।
BABA AMIM SUFI JI
9540938429
9903852257
Near Master Canteen, Bhubaneswar



“ ଗୋଟିଏ ନୀତିକୁ କାର୍ଯ୍ୟକାରୀ କରିବାର ଯଦି କୌଣସି ପରିକଳ୍ପନା ନାହିଁ, ତେବେ ସେ ନୀତି ବୟାନ  କରିବାର କୌଣସି ଅର୍ଥ ନାହିଁ।
- ଜର୍ଜ ବର୍ଣ୍ଣାଡ ଶ’



## ସଂକ୍ଷେପରେ

### ସୁନ୍ଦରଗଡ଼ ଜିଲ୍ଲା ଫୁଟବଲ ଚାମ୍ପିୟନଶିପ୍ ୨୮ରୁ

**ସୁନ୍ଦରଗଡ଼,୨୪।୧୦ (ଡି.ଏନ୍.ଏ)-** ସୁନ୍ଦରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଆସନ୍ତା ୨୮ରୁ ଫୁଟବଲ ଚାମ୍ପିୟନଶିପ୍ ଆରମ୍ଭ ହେଉଛି। ଆଗ୍ରହୀ ଦଳମାନେ ଏଣ୍ଟ୍ରି ଫି ଏକଶହ ଟଙ୍କା ସହ ଦଳର ନାମ ପଞ୍ଜିକରଣ କରିପାରିବେ। ଚଳିତବର୍ଷ ମଧ୍ୟ ଜିଲା ବାହାରୁ କୌଣସି ଖେଳାଳି ଏହି ଟୁର୍ନାମେଣ୍ଟରେ ଭାଗ ନେଇପାରିବେ ନାହିଁ। ଅନ୍ୟ ଯେଉଁ ମାନେ ସୁନ୍ଦରଗଡ ଜିଲାରେ ଚାକିରୀ କରୁଥିବେ କିମ୍ବା କୌଣସି ଶିକ୍ଷାନୁଷ୍ଠାନରେ ପାଠ ପଢୁଥିବେ, ସେମାନେ ଭାଗ ନେଇପାରିବେ। ଜିଲା କ୍ରୀଡା ସଂସଦର ଟୁର୍ନାମେଣ୍ଟ କମିଟିର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାଏକ, ସହସମ୍ପାଦକ ଜୟଦେବ ପାତ୍ର, ଫୁଟବଲ ସମ୍ପାଦକ ନିତ୍ୟକୁମାର ବଳ, ସଦସ୍ୟ ରୋମାଞ୍ଚ ଭୈଷାଁଲ, ବିଶ୍ୱରଞ୍ଜନ ହୋତା, ସଂଗ୍ରାମ କେଶରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଫୁଟବଲ ସମ୍ପାଦକ ନିତ୍ୟ କୁମାର ବଳଙ୍କ ସହିତ ଯୋଗାଯୋଗ କରିବା ନିମନ୍ତେ ଅନୁରୋଧ କରାଯାଇଛି।

# ଶୁଖିଲାଣି ଇବ୍ ନଦୀର ଜଳଧାର

**ସୁନ୍ଦରଗଡ଼, ୨୪।୧୦ (ଡି.ଏନ୍.ଏ)**

ସୁନ୍ଦରଗଡବାସୀଙ୍କ ଜୀବନରେଖା କୁହାଯାଉଥିବା ଇବ୍ ନଦୀର ଜଳଧାର ଶୁଖିବାକୁ ବସିଲାଣି। ଏଥିଯୋଗୁ ନଦୀଜଳ ଉପରେ ଗାଧୁଅପାଧୁଆ ତ ଦୂରେ ଥାଉ ଏଠାରୁ ସହରବାସୀଙ୍କୁ ହେଉଥିବା ଜଳ ଯୋଗାଣ ବ୍ୟବସ୍ଥା ମଧ୍ୟ ଆଗାମୀ ଦିନରେ ବାଧାପ୍ରାପ୍ତ ହେବାର ଆଶଙ୍କା ସୃଷ୍ଟି ହେଲାଣି। ଏନେଇ ବୁଧବାର ଭାଜପା ଜିଲା ସଭାପତି ବଟକିଶୋର ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସହରବାସୀଙ୍କ ସୁବିଧା ପାଇଁ ଓ ସମ୍ଭାବ୍ୟ ଜଳକଷ୍ଟର ମୁକାବିଲା ନିମନ୍ତେ ଜିଲାପାଳ ସୁରେନ୍ଦ୍ର କୁମାର ମୀନାଙ୍କୁ ସାକ୍ଷାତ୍ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି କରିଥିଲେ। ପ୍ରତିନିଧି ଦଳରେ କାଉନସିଲର ଡ଼. ହିମାଂଶୁ ଶେଖର ଷଡ଼ଙ୍ଗୀ, ଅବନୀ ମିଶ୍ର, ସ୍ୱରୂପ ଠାକୁର, ଏମ.ଡି. ଆୟୁବ୍ ସାମିଲ ଥିଲେ। ଅକ୍ଟୋବର ମାସରୁ ଇବ୍ ନଦୀର ଜଳ ପ୍ରବାହ କମି ଯାଉଥିବାରୁ ମହାଦେବ ପଡା ଘାଟ, ସମଲାଇ ମନ୍ଦିର ଘାଟ, ଦରବାର ଘାଟ ସମେତ ପିଏଚ୍ଇଡି ଜନସ୍ୱାସ୍ଥ୍ୟ ବିଭାଗର ପୁରୁଣା ପମ୍ପ ହାଉସ୍ ପ୍ଲାଣ୍ଟ ଘାଟରେ ନଦୀର ଧାର ବନ୍ଦ ହୋଇଯାଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ୨୦୧୬ରୁ ସତନାଦରହ ପାଖରୁ ଇବ୍‌ନଦୀର ଜଳଧାରକୁ ଅଣାଯାଇ ସହରକୁ ଜଳ ଯୋଗାଣ ବ୍ୟବସ୍ଥା କରାଯାଉଛି। ଦରବାର ଘାଟରେ ଯଥାଶୀଘ୍ର ବାଲିବନ୍ଧ ନିର୍ମାଣ କରା ନ ଗଲେ ଲୋକେ ଗାଧୁଆପାଧୁଆ ପାଇଁ ବିଶେଷ ହଇରାଣ ହେବେ। ବର୍ତ୍ତମାନ କାର୍ତ୍ତିକ ମାସ ଆରମ୍ଭ ହୋଇ ଯାଇଥିବାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ନଦୀରେ ଗାଧୁଆପାଧୁଆ ଓ କାର୍ତ୍ତିକ ହବିଷ ପାଳନ ପାଇଁ ଆସିଥାଆନ୍ତି। ଏଣୁ ପ୍ରଶାସନ ପକ୍ଷରୁ ଯଥାଶିଘ୍ର ଏ ଦିଗରେ ପଦକ୍ଷେପ ନେବାକୁ ଏହି ପ୍ରତିନିଧି ଦଳ ଦାବି କରିଛନ୍ତି। ଅପରପକ୍ଷେ, ସହରବାସୀଙ୍କ ଜଳସମସ୍ୟାକୁ ଆଖିଆଗରେ ରଖି ୨୦୧୫-୧୬ ଆର୍ଥିକ ବର୍ଷରୁ ଇବ୍‌ନଦୀ ଉପରେ ଏକ ଚେକଡ୍ୟାମ ନିର୍ମାଣ ଯୋଜନା କରାଯାଇଛି। ଏଥିପାଇଁ ପ୍ରାୟ ୩୦କୋଟି ବ୍ୟୟ ଅଟକଳରୁ ୧୭କୋଟି ଟଙ୍କା ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ମଧ୍ୟ ମଞ୍ଜୁର ହୋଇସାରିଥିଲେ ମଧ୍ୟ ଏହାର ଟେଣ୍ଡର ପ୍ରକ୍ରିୟା କିମ୍ବା ମାଟିପରୀକ୍ଷା କାର୍ଯ୍ୟ ହୋଇପାରି ନାହିଁ। ସହରରେ ବସବାସ କରୁଥିବା ୭୦ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ୨୪ଘଣ୍ଟିଆ ଜଳଯୋଗାଣ ବ୍ୟବସ୍ଥା ସକାଶେ ୧୦କୋଟି ଟଙ୍କା ବ୍ୟୟ ଅଟକଳରେ ଓଭରହେଡ଼ ଟ୍ୟାଙ୍କ ଓ ପାଇପ୍ ଲାଇନ୍ ବିଛା କାମ ମଧ୍ୟ ଆରମ୍ଭ ହୋଇସାରିଛି। ୨୦୧୧ ଜନଗଣନା ଅନୁଯାୟୀ ସହରର ଜନସଂଖ୍ୟା ୪୫ହଜାର ଥିବାବେଳେ ସେମାନଙ୍କ ପାଇଁ ଆବଶ୍ୟକ ୧୦୦ପ୍ରତିଶତ ପାଣିରୁ ବର୍ତ୍ତମାନ ୫୦ ପ୍ରତିଶତ ଜଳ ଯୋଗାଣ ମଧ୍ୟ ହୋଇପାରୁନାହିଁ। ଏଣୁ ତୁରନ୍ତ ଏଦିଗରେ ପ୍ରଶାସନ ତରଫରୁ ଟେଣ୍ଡର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇ ସହରବାସୀଙ୍କ ସକାଶେ ଜଳ ଯୋଗାଣ ବ୍ୟବସ୍ଥା ସୁବ୍ୟବସ୍ଥିତ କରାଯିବା ସକାଶେ ଦାବି କରାଯାଇଛି।



ଭାଜପା ପ୍ରତିନିଧି ଦଳ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

**ସୁନ୍ଦରଗଡ଼ ସହର**
- ବ୍ୟାରେଜ ନିର୍ମାଣ ଦାବି ତେଜିଲା
- ଜିଲାପାଳଙ୍କୁ ଭେଟିଲା ଭାଜପା ପ୍ରତିନିଧି ଦଳ

### ସୋସିଆଲ ମିଡ଼ିଆରେ ଦୁର୍ଗାଙ୍କ ନାମରେ ଆଶାଳୀନ ମନ୍ତବ୍ୟ

# ଯୁବକଙ୍କୁ କୋର୍ଟ ଚାଲାଣ

**ସୁନ୍ଦରଗଡ଼, ୨୪।୧୦ (ଡି.ଏନ୍.ଏ.)**

ଦେବୀ ଦୁର୍ଗା ଓ ହିନ୍ଦୁ ଦେବାଦେବୀଙ୍କ ନାମରେ ସୋସିଆଲ ମିଡିଆ ହ୍ୱାଟସ ଆପ୍ ମାଧ୍ୟମରେ ଆଶାଳୀନ ମନ୍ତବ୍ୟ ଦେବା ଅଭିଯୋଗରେ ସୁନ୍ଦରଗଡ ଟାଉନ୍ ଥାନା ପୋଲିସ ବୁଧବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ସ୍ଥାନୀୟ ଫିଟିଙ୍ଗପଡାର ଜନ୍ ଲାକଡା। ସମ୍ପୃକ୍ତ ଯୁବକ ଜଣକ ଏଭଳି ବାର୍ତ୍ତା ପ୍ରେରଣ କରିବାକୁ ନେଇ ସହରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି କେତେଜଣ ଯୁବକ ତାଙ୍କୁ ନିସ୍ଥୁକ ମାଡ ମଧ୍ୟ ମାରିଥିଲେ। ଖବରପାଇ ପୋଲିସ ଯୁବକଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ପରେ ଶତାଧିକ ଯୁବକ ଥାନାରେ ପହଞ୍ଚି ତାଙ୍କର ଗିରଫ ଦାବି କରିଥିଲେ। ପୋଲିସ ଟାଉନ ଥାନାରେ ଯୁବକଙ୍କ ବିରୋଧରେ ଏକ ମାମଲା (ନଂ. ୩୨୯/୨୦୧୮) ରୁଜୁ କରି କୋର୍ଟ ଚାଲାଣ କରିଛି।

# ମହାସାଇଓ ହକି ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବଡ଼ଗାଁ, ୨୪।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବରଙ୍ଗାକଛାର ପଞ୍ଚାୟତର ମୁଣ୍ଡାଗାଁରେ ସ୍ଥାନୀୟ ମେରୀଡୋନା ୟୁଥ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ହକି ଟୁର୍ନାମେଣ୍ଟ ବୁଧବାର ଉଦ୍‌ଘାଟିତ ହୋଇଛି। ୧୭ଟି ଟିମ ମଧ୍ୟରେ ହେଉଥିବା ଉକ୍ତ ଟୁର୍ନାମେଣ୍ଟ ଚିତାକର୍ଷକ ହେବ ବୋଲି ଆଶା କରାଯାଉଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପାଣ୍ଡେରପାଲି ପାରିସର ଫାଦର ଖ୍ରୀଷ୍ଟୋଫର୍ ମୁଖ୍ୟଅତିଥି ଓ ବରଙ୍ଗାକଛାର ସମିତି ସଭ୍ୟ ରବୀନ୍ଦ୍ର ଲୁଗୁନ, ସିଙ୍ଗାରମୁଣ୍ଡା ଚର୍ଚ୍ଚର ମୁଖ୍ୟ ପ୍ରଚାରକ ପ୍ରସନ୍ନ ସାମାଦ, ନରେନ ହେମ୍ବ୍ରମ ଅତିଥି ଭାବେ ଯୋଗଦେଇଥିଲେ। ୨୮ ତାରିଖ ଫାଇନାଲ ମ୍ୟାଚ ହେବ। ଉଦ୍‌ଘାଟନୀ ମ୍ୟାଚରେ ବରଙ୍ଗାକଛାର ମାଷ୍ଟରପଡାକୁ ୨-୦ ଗୋଲରେ ହରାଇ ଡାହିଜିରା ଟିମ୍ ବିଜୟ ଯାତ୍ରା ଆରମ୍ଭ କରିଛି।

### ୫ ଦିନିଆ କୁକୁଡା ପାଳନ ଦକ୍ଷତା ବୃଦ୍ଧି ତାଲିମ କର୍ମଶାଳା ଉଦ୍‌ଘାଟିତ

# ୨୦ ଚାଷୀଙ୍କୁ ପ୍ରାଥମିକ ପ୍ରଶିକ୍ଷଣ ପ୍ରଦାନ

**କୁଆଁରମୁଣ୍ଡା,୨୪।୧୦ (ଡି.ଏନ.ଏ)**

ଗ୍ରାମାଞ୍ଚଳର ଗରିବ ଲୋକଙ୍କୁ ଆର୍ଥିକ ଆତ୍ମ ନିର୍ଭରଶୀଳ କରିବା ପାଇଁ ରାଜ୍ୟ ସରକାର ପ୍ରାଣୀ ସମ୍ପଦ ବିକାଶ ବିଭାଗ ଜରିଆରେ କୁକୁଡା, ବତକ, ଗୋ-ପାଳନ ଇତ୍ୟାଦିର ବ୍ୟବସ୍ଥା ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଚାଷୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଅନୁରୂପ ଭାବେ ଏହି କାର୍ଯ୍ୟକ୍ରମ ସୁନ୍ଦରଗଡ଼ ଜିଲାର ପାନପୋଷ ଉପଖଣ୍ଡ ପ୍ରାଣୀ ଚିକିତ୍ସାଳୟ ଅନ୍ତର୍ଗତ କୁଆଁରମୁଣ୍ଡା ପ୍ରାଣୀ ଚିକିତ୍ସାଳୟ ଆନୁକୂଲ୍ୟରେ କୁକୁଡା ପାଳନ ସମ୍ବନ୍ଧୀୟ ୫ଦିନିଆ ଦକ୍ଷତା ବୃଦ୍ଧି ତାଲିମ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡିଶାର ଦ୍ୱିତୀୟ ବୃହତ୍ତମ କୁଆଁରମୁଣ୍ଡା ସରକାରୀ ଡାଏରୀ ଫାର୍ମ ପରିସରସ୍ଥ ତାଲିମ କେନ୍ଦ୍ରରେ ଆୟୋଜିତ ଏହି ତାଲିମ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ପାନପୋଷ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରବିନାରାୟଣ ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କୁକୁଡା ପାଳନ ଦ୍ୱାରା କିଭଳି ଜଣେ ବ୍ୟକ୍ତି ଆର୍ଥିକ ସ୍ୱାବଲମ୍ବୀ ହୋଇପାରିବ ସେ ନେଇ ଆବଶ୍ୟକୀୟ ପଦ୍ଧତି ସମ୍ପର୍କରେ ମୁଖ୍ୟ ଅତିଥି ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ମହାନ୍ତି କର୍ମଶାଳାରେ ଉପସ୍ଥିତ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ସେହିପରି ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ରାଉରକେଲାସ୍ଥିତ କୁକୁଡା ଛୁଆ ପ୍ରଜନନ କେନ୍ଦ୍ରରୁ ଆବଶ୍ୟକୀୟ କୁକୁଡା ଛୁଆ ଯୋଗାଇ ଦିଆଯିବାର ସୁବନ୍ଦୋବସ୍ତ କରାଯାଇଛି ବୋଲି ଉପସ୍ଥିତ ସମ୍ମାନିତ ଅତିଥି ତଥା କୁଆଁରମୁଣ୍ଡା ସରକାରୀ ଡାଏରୀ ଫାର୍ମ ଅଧୀକ୍ଷକ ଡା. ମୁକ୍ତିକାନ୍ତ ଭୂୟାଁ କହିଛନ୍ତି। ଏହି ପ୍ରଶିକ୍ଷଣ କର୍ମଶାଳାରେ କୁଆଁରମୁଣ୍ଡା ବ୍ଲକର ମୋଟ ୨୦ ଜଣ ଚାଷୀ ଯୋଗ ଦେଇଛନ୍ତି। ୫ ଦିନିଆ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପାନପୋଷ ଉପଖଣ୍ଡର ବିଶ୍ରା, ଲାଠିକଟା, ନୂଆଗାଁ ବ୍ଲକର ପ୍ରାଣୀ ସମ୍ପଦ ବିକାଶ ବିଭାଗ ଅଧିକାରୀମାନେ ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ କୁକୁଡା ପାଳନ ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ପ୍ରଶିକ୍ଷଣ ପ୍ରଦାନ କରିବେ ବୋଲି ଜଣାପଡିଛି। ଏହି ତାଲିମ କର୍ମଶାଳା କୁଆଁରମୁଣ୍ଡା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା.ଧୀରେନ୍ଦ୍ର କୁମାର ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବାବେଳେ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଛନ୍ତି।




କୁଆଁରମୁଣ୍ଡା ସରକାରୀ ଡାଏରୀ ଫାର୍ମ ତାଲିମ କେନ୍ଦ୍ରରେ କର୍ମଶାଳାରେ ଉପସ୍ଥିତ ଅଧିକାରୀଙ୍କ ସହ ଚାଷୀମାନେ।

# ମରୁଡ଼ି ପରିସ୍ଥିତି ନେଇ ଉଦ୍‌ବେଗ

### ସବୁଜ କୃଷକ ସଙ୍ଗଠନର ବୈଠକ

**ସୁନ୍ଦରଗଡ଼,୨୪।୧୦ (ଡି.ଏନ୍.ଏ)**

ଚଳିତ ଖରିଫ ଋତୁରେ ବର୍ଷାର ଅନିୟମିତତା ଯୋଗୁ ସୁନ୍ଦରଗଡ ଜିଲାର ଅଧିକାଂଶ ବ୍ଲକରେ ଫସଲହାନୀ ହୋଇ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି। ବୁଧବାର ସୁନ୍ଦରଗଡ଼ ସବୁଜ କୃଷକ ସଙ୍ଗଠନ ପକ୍ଷରୁ ବରିଷ୍ଠ ନାଗରିକ ସଂଘ ସଭାଗୃହଠାରେ ଅନୁଷ୍ଠିତ ବୈଠକରେ ଏନେଇ ଉଦ୍‌ବେଗ ପ୍ରକାଶ ପାଇଛି। ସଙ୍ଗଠନର ସଭାପତି ପ୍ରଦୀପ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ତଳସରା ବିଧାୟକ ଡା.ପ୍ରଫୁଲ୍ଲ କୁମାର ମାଝି, ସୁନ୍ଦରଗଡ ସଦର ବିଧାୟକ ଯୋଗେଶ କୁମାର ସିଂଙ୍କ ସମେତ ଚାଷୀ ନେତାମାନେ ଯୋଗଦେଇ ସମ୍ଭାବ୍ୟ ମରୁଡି ପରିସ୍ଥିତିର ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ବିହିତ ପଦକ୍ଷେପ ନେବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସଙ୍ଗଠନର ଆହ୍ୱାନକ୍ରମେ ଆସନ୍ତା ୨୭ ତାରିଖ  ତଳସରା ଓ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ଚାଷୀ ପରିବାରର ଜଣେ ଲେଖାଏଁ ସୁନ୍ଦରଗଡ଼ଠାରେ ହେବାକୁ ଥିବା ଚାଷୀ ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ସବୁଜ କୃଷକ ସଙ୍ଗଠନର ସମ୍ପାଦକ ଦେବେନ୍ଦ୍ର ପଟେଲ, ରବିରତ୍ନ ପଟେଲ, ବେଣୁଧର ପଟେଲ, କେଦାର ପଟେଲ, ବିଶେଶ୍ୱର ପଟେଲ ପ୍ରମୁଖ ଯୋଗଦେଇ ନିଜ ଅଞ୍ଚଳରେ ସୃଷ୍ଟି ହୋଇଥିବା ମରୁଡି ପରିସ୍ଥିତି ଓ ଚାଷୀ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।



ସବୁଜ କୃଷକ ସଙ୍ଗଠନ ବୈଠକରେ ସଦର ବିଧାୟକ ଯୋଗେଶ କୁମାର ସିଂ ଉଦ୍‌ବୋଧନ ଦେଉଛନ୍ତି।

# ଆରଏସ୍‌ପିରେ ନିଯୁକ୍ତି ଦାବି ଜୋରଦାର

- ୫୨ଦିନରେ ପହଞ୍ଚିଲା  ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ କଳାପତାକା ପ୍ରଦର୍ଶନ

**ରାଉରକେଲା ଅଫିସ,୨୪। ୧୦**

ଅବସରପ୍ରାପ୍ତ ସୈନିକଙ୍କୁ ଆରଏସପିରେ ନିଯୁକ୍ତି ନେଇ ବିର୍ଶା ଛକରେ କଳା ପତାକା ପ୍ରଦର୍ଶନ ୫୨ ଦିନରେ ପହଞ୍ଚିଛି। ଦୀର୍ଘ ବର୍ଷ ଧରି ଆରଏସ୍‌ପି ଭୂତପୂର୍ବ ସୈନିକଙ୍କୁ ନିଯୁକ୍ତି ଦେବା ନେଇ ଅଣଦେଖା ମନୋଭାବ ପୋଷଣ କରି ଆସୁଛି। ଫଳରେ ରାଉରକେଲାରେ ବସବାସ କରୁଥିବା ଅବସରପ୍ରାପ୍ତ ସୈନିକଙ୍କ ମଧ୍ୟରେ ନୈରାଶ୍ୟ ଭାବ ସୃଷ୍ଟି ହୋଇଛି। ଏକ ସ୍ୱତନ୍ତ୍ର ନିଯୁକ୍ତି ପ୍ରକ୍ରିୟା ବଳରେ ପୂର୍ବ ସୈନିକଙ୍କୁ ସୁଯୋଗ ଦେବାକୁ ଦାବି ହୋଇ ଆସୁଛି। ଏହାକୁ ବିଭିନ୍ନ ସଂଘ, ସଙ୍ଗଠନ ପକ୍ଷରୁ ମଧ ସମର୍ଥନ ମିଳୁଥିବା କୁହାଯାଇଛି। ବୁଧବାର କାଳା ପତାକା ପ୍ରଦର୍ଶନରେ ଡି.ଏମ ପଣ୍ଡା, ମୁରଲୀଧର ମହାନ୍ତ, ସରୋଜ ପରିଡା, ଜୟନ୍ତ ବେରିହା, ଚକ୍ରାନ୍ତ ଜେନା, ମେଜର ଅକ୍ଷୟ ସାମଲ, ଧିରେନ୍ଦ୍ରନାଥ ପଣ୍ଡା, ରଣଜିତ ସିଂ, ସାଧବ ମହନ୍ତ, ବିନୋଦ ପଡିହାରୀ, କୃଷ୍ଣ ପରିଡା, ସୁବେଦାର ଏକ୍କା ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ମଧ ଏହି ପ୍ରକ୍ରିୟା ଜାରି ରହିବ ବୋଲି ସଂଘର ସାଧାରଣ ସମ୍ପାଦକ ନିର୍ମଳ ଦାସ ସୂଚନା ପ୍ରଦାନ କରିଛନ୍ତି।

# ୨୭ରୁ ଏକାଦଶ ହେମନ୍ତ ମହୋତ୍ସବ

**ରାଉରକେଲା ଅଫିସ,୨୪। ୧୦**

ପ୍ରତିବର୍ଷ ପରି ଚଳିତ ବର୍ଷ ଆର୍ଟ ଅଫ୍ ଲିଭିଂ ପରିବାର ଦ୍ୱାରା ପରିଚାଳିତ ପଶ୍ଚିମ ଓଡିଶାର ପ୍ରସିଦ୍ଧ କଳା ଅନୁଷ୍ଠାନ ଶ୍ରୀ ସିଦ୍ଧି ଏକାଡେମୀ ଅଫ୍ ଆର୍ଟର ବାର୍ଷିକ ସାଂସ୍କୃତିକ ଉତ୍ସବ ହେମନ୍ତ ମହୋତ୍ସବ ଏଥର ମହାସମାରୋହରେ ପାଳନ କରାଯିବ। ଏନେଇ ସେକ୍ଟର-୨ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା  ଅଧିକ ସୂଚନା ପ୍ରଦାନ କରିଛନ୍ତି। ଆସନ୍ତା ୨୭ ଓ ୨୮ ତାରିଖ ସନ୍ଧ୍ୟାରେ ସେକ୍ଟର-୧୯ ସିଭିକ ସେଣ୍ଟରରେ ଏହି ଉତ୍ସବ ଅନୁଷ୍ଠିତ ହେବ। ଏହି ଉଚ୍ଚକୋଟିର ସାଂସ୍କୃତିକ ସନ୍ଧ୍ୟାରେ ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ଶିଳ୍ପୀ, କଳାକାର ଯୋଗଦେବେ। ଏହି ଅବସରରେ ବିଶିଷ୍ଟ ବେହେଲା ବାଦକ ଗୁରୁ ଶରତ ଧଳଙ୍କୁ ହେମନ୍ତ ସମ୍ମାନ ପ୍ରଦାନ କରାଯିବ। ସେହିଭଳି କୋଶଳି କବି ଶ୍ରୀଧର ସୁନାଙ୍କୁ ଅଭିନ୍ନ ଚନ୍ଦ୍ର କଳା ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ। ଏଥିସହ ଗୋଟିପୁଅ ନୃତ୍ୟ, ଓଡିଶୀ ଓ ହିନ୍ଦୁସ୍ଥାନୀ ସଙ୍ଗୀତ ସହ ତବଲା ବାଦନର ଯୁଗଳବନ୍ଦୀ କାର୍ଯ୍ୟକ୍ରମ ଦର୍ଶକଙ୍କୁ ନିଶ୍ଚିତ ଆକର୍ଷଣ କରିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏକାଡେମୀ ଅଧ୍ୟକ୍ଷ ସୁନୀଲ କାୟଲ, ଉପାଧ୍ୟକ୍ଷ ରଶ୍ମିରଞ୍ଜନ ଦାସଙ୍କ ସମେତ ଏଥିରେ ଏକାମେଡି ପ୍ରିନ୍ସପାଲ କାଜଲ ଦାସ, ଶୁଭେନ୍ଦୁ ପଟ୍ଟନାୟକ ଓ ପ୍ରଫୁଲ୍ଲ ମଙ୍ଗଳ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ।

# ସହରରେ ହାତୀପଲ : ଲୋକେ ଆତଙ୍କିତ

**ରାଜଗାଙ୍ଗପୁର, ୨୪।୧୦ (ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଓ କୁତ୍ରା ଅଞ୍ଚଳରେ ବର୍ଷସାରା ହାତୀଙ୍କ ଆତଙ୍କ ଲାଗି ରହିଥାଏ। ହେଲେ ଏବର୍ଷ ବୁଧବାର ସକାଳ ୬ଟାରେ ୧୦ରୁ ଊର୍ଦ୍ଧ୍ୱ ହାତୀପଲ ରାଜଗାଙ୍ଗପୁର ସହର ଭିତରକୁ ପସିଆସିଥିଲେ। ଫଳରେ ସହରବାସୀ ଆତଙ୍କିତ ହୋଇ ପଡିଥିଲେ। ରାଜଗାଙ୍ଗପୁର ବନବିଭାଗ ଦ୍ୱାରା ହାତୀଙ୍କୁ ଘଉଡା ଯାଇଥିଲେ ମଧ ହାତୀ ପଲ ସହରକୁ ଲାଗି ରହିଥିବା ଡୁଡୁ ଜଙ୍ଗଲରେ ରହିଛନ୍ତି। ଫଳରେ ସହରବାସୀ ଆତଙ୍କିତ ଅବସ୍ଥାରେ ଥିବା ଜଣାପଡିଛି।

ହାତୀପଲଙ୍କୁ ଘଉଡାଇ ପାଇଁ ରାଜଗାଙ୍ଗପୁର ବନ ବିଭାଗ ପକ୍ଷରୁ ସନ୍ଧ୍ୟାରୁ ପ୍ରସ୍ତୁତି ଜାରି ରହିଛି। ଦୁଇଦିନ ପୂର୍ବରୁ ରାଜଗାଙ୍ଗପୁର ବ୍ଲକ ଅଧିନ କୁଟୁଣିଆ ଗ୍ରାମ ପଞ୍ଚାୟତର କେନ୍ଦୁଡିହି ମୋଦିପଡାରେ ଜଣେ ବ୍ୟକ୍ତିଙ୍କୁ ହାତୀ ଦଳି ମାରିଦେଇଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ମଙ୍ଗଳବାର ହାତୀପଲ ବେଦବ୍ୟାସର କୁଲଙ୍ଗା ଅଞ୍ଚଳରେ ଥିବା ବେଳେ କୁଆଁରମୁଣ୍ଡା ବନ ବିଭାଗ ପକ୍ଷରୁ ଘଉଡାଇବା ପାଇଁ ପ୍ରୟାସ କରିଥିଲେ। ହେଲେ ହାତୀପଲ ବୁଧବାର ରାଜଗାଙ୍ଗପୁର ବ୍ଲକର କାଂଶବାହାଲ ଦେଇ ଭୋର ୬ଟାରେ ରାଜଗାଙ୍ଗପୁର ସହରର କୁମାରକେଲା ଅଞ୍ଚଳକୁ ଚାଲିଆସିଥିଲେ। ଖବର ପାଇ ରାଜଗାଙ୍ଗପୁର ବନବିଭାଗ ଦ୍ୱାରା ହାତୀଙ୍କୁ ରାଜଗାଙ୍ଗପୁର ସହରକୁ ଲାଗି ରହିଥିବା ଡୁଡି ଜଙ୍ଗଲକୁ ଘଉଡାଇ ଦିଆଯାଇଛି। ହାତୀପଲ ଅଞ୍ଚଳର ବହୁ ବ୍ୟକ୍ତିଙ୍କ ଫସଲ ଖାଇଯିବା ସାଙ୍ଗକୁ ଫସଲ ନଷ୍ଟ କରି ଦେଇଥିବା ଜଣାପଡିଛି।



ରାଜଗାଙ୍ଗପୁର ସହର ଉପକଣ୍ଠରେ ହାତୀପଲ।



ଜଣେ ବଦନାମ୍ ହୋଇଗଲା ପରେ ଚାରି ଚାରି ମିଶିଲେ ଆଠ ହୁଏ ବୋଲି ସେ କହିଲେ ମଧ ଲୋକେ ସହଜରେ ବିଶ୍ୱାସ କରନ୍ତି ନାହିଁ।

-ଜନ୍ ଟିଲୋଟ୍ସନ



## ସଂକ୍ଷେପରେ

ବ୍ରଜରାଜନଗର ଟ୍ରକ ମାଲିକ ଆସୋସିଏଶନ ନିର୍ବାଚନ

### ନାମାଙ୍କନପତ୍ର ଦାଖଲ ସରିଲା

**ବ୍ରଜରାଜନଗର, ୨୪।୧୦ (ଡି.ଏନ.ଏ.)-** ବ୍ରଜରାଜନଗର ଟ୍ରକ ଓନର୍ସ ଆସୋସିଏଶନ୍‌ର ଚଳିତ ବର୍ଷ ନିର୍ବାଚନ ଲାଗି ବୁଧବାର ପ୍ରାର୍ଥୀପତ୍ର ଦାଖଲ କରାଯାଇଛି । ମୋଟ ୫ ପଦବୀ ପାଇଁ ୧୫ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ମୁଖ୍ୟ ଦୁଇ ପଦବୀ ମଧ୍ୟରୁ ସଭାପତି ପଦ ପାଇଁ ଅମିୟ ସାମଲ, ସତିଶ ସିଂ ଓ ରାମାନନ୍ଦ ଯାଦବ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ସାଧାରଣ ସମ୍ପାଦକ ପାଇଁ ମାନସ ସାହୁ, ବିଜୟ ସିଂ ଓ ରାଜେଶ ଭୁକ୍ତା ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ୨୫ ତାରିଖ ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନ ଓ ୩୧ ତାରିଖରେ ନିର୍ବାଚନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ବିଶ୍ୱନାଥ ନାୟକ ପ୍ରକାଶ କରିଛନ୍ତି ।

### ଝାରମୁଣ୍ଡାରେ ଭୀମଭୋଇ ସାମର୍ଥ୍ୟ ଶିବିର ଆଜି

**କିର୍ମିରା,୨୪।୧୦ (ଡି.ଏନ.ଏ.)-** ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକରେ ଗୁରୁବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହେବାକୁ ଯାଉଛି । ଏହି ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଯୋଗଦେଇ ଦିବ୍ୟାଙ୍ଗଙ୍କ ଚିକିତ୍ସା ଓ ବିଭିନ୍ନ ପ୍ରକାର ସହାୟତା ପାଇଁ ସହଯୋଗ କରିବେ । ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଶୀଳା କିରୋଙ୍କ ସହିତ ଜିଲା ପ୍ରଶାସନ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ ଏଥିରେ ସହଯୋଗ କରିବେ । ଭିନ୍ନକ୍ଷମ ବ୍ୟକ୍ତି ନିଜ ସଂପୂର୍ଣ୍ଣ ଡାକ୍ତରୀ ଯାଞ୍ଚ ରିପୋର୍ଟ ଓ ପାଇଥିବା ସାର୍ଟିଫିକେଟ ଏବଂ ପରିଚୟ ପତ୍ର ସହ ଉପସ୍ଥିତ ରହି ଯୋଜନାର ଲାଭ ନେଇପାରିବେ ।

ଗୋରୁଙ୍କ ଫାଟୁଆ ରୋଗ

### ୧ ମୃତ, ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

**ଭବାନୀପାଟଣା,୨୪।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣ ଛେଣ୍ଡିଆ ପଞ୍ଚାୟତ ମେରଘରା ଗାଁରେ ଗୋରୁଙ୍କ ଫାଟୁଆ ରୋଗ ଦେଖାଦେଇଛି । ଏହି ରୋଗରେ ଗୋଟିଏ ଗାଈର ମୃତ୍ୟୁ ହୋଇଥିବା ବେଳେ ୪୦ରୁ ଅଧିକ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ଅନ୍ୟପକ୍ଷେ ସ୍ଥାନୀୟ ଏଲଆଇ ଗାଈଙ୍କ ଚିକିତ୍ସା କରିବା ପାଇଁ ଚାଷୀଙ୍କଠାରୁ ୩ ଶହ ଟଙ୍କା ନେଇ ଏକ୍ସପାଏରି ଔଷଧ ଦେଇଥିବା ଅଭିଯୋଗ ହୋଇଛି । ସରକାରଙ୍କ ପକ୍ଷରୁ ମାଗଣା ଟର୍ପେନଟାଇନ ଅଏଲ ଯୋଗାଇ ଦେବାର ବ୍ୟବସ୍ଥା ଥିବାବେଳେ ସମ୍ପୃକ୍ତ ଏଲଆଇ ଗାଈ ପ୍ରତି ୩ ଶହ ଟଙ୍କା ଲେଖାଏଁ ନେଇ ଏକ୍ସପାଏରି ଔଷଧ ଦେଇଛନ୍ତି । ଏହି ଔଷଧ ଦେବାରୁ ଗୋଟିଏ ଗାଈର ମୃତ୍ୟୁ ଘଟିଥିବା ଗୋରୁ ମାଲିକ ଅଭିଯୋଗ କରିଛନ୍ତି । ଏ ନେଇ ସମ୍ପୃକ୍ତ ଏଲଆଇଙ୍କୁ ପଚାରିବାରୁ ଘା ସଫା କରିବା ପାଇଁ ଏକ୍ସପାରି ମେଡିସିନ ଦିଆଗଲେ କୌଣସି ଅସୁବିଧା ନାହିଁ ବୋଲି କହିଥିଲେ । ଏହି ଘଟଣା ନେଇ ସିଡିଭିଓଙ୍କୁ ପଚାରିବାରୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା

# ୪ମାସ ହେଲା ହିତାଧିକାରୀ ହତାଶ

**ଲଖନପୁର,୨୪।୧୦ (ଡି.ଏନ୍.ଏ.)**

ସରକାରଙ୍କ ତରଫରୁ ପଞ୍ଚାୟତ ମାଧ୍ୟମରେ ହିତାଧିକାରୀଙ୍କୁ ଖାଉଟି ସାମଗ୍ରୀ ଯୋଗାଇ ଦିଆଯାଉଛି । ଏହି ଖାଉଟି ସାମଗ୍ରୀ ହିତାଧିକାରୀମାନଙ୍କୁ ସୁଷମ ବଣ୍ଟନ କରାଯାଉଛି କି ନାହିଁ ତା'ର ତଦାରଖ ପାଇଁ ଯୋଗାଣ ବିଭାଗ ଓ ବ୍ଲକ୍ ପ୍ରଶାସନର ଗୁରୁ ଦାୟିତ୍ୱ ରହିଛି । ବଣ୍ଟନ ବ୍ୟବସ୍ଥାରେ ସରକାର ସୁଧାର ଆଣିବା ପାଇଁ ପ୍ରତି ପଞ୍ଚାୟତରେ କମ୍ପ୍ୟୁଟର ମାଧ୍ୟମରେ ସମସ୍ତ ତଥ୍ୟ ରଖାଯାଇଛି । ଏତେସବୁ ବ୍ୟବସ୍ଥା ଥିଲେ ମଧ୍ୟ ବଣ୍ଟନ ବ୍ୟବସ୍ଥାରେ ସୁଧାର ଆସୁନାହିଁ । ଫଳରେ ପୂର୍ବଭଳି ହିତାଧିକାରୀମାନେ ମାସମାସ ଧରି ଖାଉଟି ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି । ଏନେଇ ବ୍ଲକ୍ ପ୍ରଶାସନ ଓ ଯୋଗାଣ ବିଭାଗ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ବୋଲି ହିତାଧିକାରୀମାନେ ଅଭିଯୋଗ କରିଛନ୍ତି । ଫଳରେ ସରକାରୀ ଯୋଜନା ଫେଲ୍ ମାରୁଛି। ଏଭଳି ଅଭିଯୋଗ ଆସିଛି ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ୧୯ଖଣ୍ଡ ମୌଜା ରେମତା ପଞ୍ଚାୟତରୁ । ପଞ୍ଚାୟତରେ ୧୧ଶହ ୬୦ହିତାଧିକାରୀ ରହିଛନ୍ତି । ଏହି ହିତାଧିକାରୀମାନଙ୍କୁ ପ୍ରତି ୨ମାସରେ ଥରେ ଖାଉଟି ସାମଗ୍ରୀ ଗହମ,ଚାଉଳ ବଣ୍ଟନ କରାଯାଉଛି । ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସର ଚାଉଳ ପଞ୍ଚାୟତରେ ବଣ୍ଟନ କରାଯାଇଥିଲା । ଏହି ବଣ୍ଟନ ସମୟରେ ବହୁ ହିତାଧିକାରୀ ବାରମ୍ବାର ପଞ୍ଚାୟତକୁ ଆସି ଖାଉଟି ସାମଗ୍ରୀ ନ ପାଇ ଫେରିଯାଇଛନ୍ତି । ଅକ୍ଟୋବର ଓ ନଭେମ୍ବର ୨ ମାସର ସାମଗ୍ରୀ ଅକ୍ଟୋବର ପ୍ରଥମ ସପ୍ତାହରେ ବାଣ୍ଟିବା ନିୟମ ରହିଥିବାବେଳେ ମାସ ଶେଷହେବାକୁ ବସିଲାଣି ଚାଉଳ,ଗହମ ବାଣ୍ଟିବା ନାମ ଗନ୍ଧନାହିଁ । ଏନେଇ ହିତାଧିକାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏସମ୍ପର୍କରେ ହିତାଧିକାରୀମାନେ ସରପଞ୍ଚ,ବିଡିଓ ଓ ବ୍ଲକ୍ ଯୋଗାଣ ବିଭାଗ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ । ଏହାର ପ୍ରତିବାଦ ସ୍ୱରୂପ ହିତାଧିକାରୀମାନେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ଏଥିମଧ୍ୟରେ ହିତାଧିକାରୀ ଉପେନ୍ଦ୍ର ସାହୁ, ବିରଞ୍ଚି ଭୋଇ, ମଙ୍ଗଳ ଜଗତ, ଭକ୍ତ ବଗର୍ତ୍ତି, ପ୍ରଫୁଲ୍ଲ ଭୋଇ, ସହଦେବ ପ୍ରଧାନ, ବୈକୁଣ୍ଠ ପଟିଆ ପ୍ରମୁଖ ରହିଛନ୍ତି।

ଏନେଇ ସରପଞ୍ଚ ଜାନକୀ ଭୋଇ କହିଛନ୍ତି, ପଞ୍ଚାୟତକୁ ଅଧିକାଂଶ ସମୟରେ ଚାଉଳ ଓ ଗହମ ଆବଶ୍ୟକତାରୁ କମ୍ ଆସୁଛି । ଫଳରେ ହିତାଧିକାରୀମାନେ ଖାଉଟି ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି । ବିଡିଓ ଓ ଯୋଗାଣ ବିଭାଗକୁ ଅବଗତ କଲେ ମଧ୍ୟ କିଛି ଫଳ ହେଉନାହିଁ । ଏନେଇ ବ୍ଲକ୍ ଯୋଗାଣ ଅଧିକାରୀ ମନୋଜ ସାହୁ କହିଛନ୍ତି, ଟେକ୍ନିକାଲ୍ ପ୍ରୋବ୍ଲେମ୍ ପାଇଁ ଏଭଳି ହୋଇଛି । ଏସମ୍ପର୍କରେ ଜିଲା ଯୋଗାଣ ବିଭାଗକୁ ଜଣାଇ ଦିଆଯାଇଛି । ଆସନ୍ତା ୨୫ତାରିଖ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି । ଏନେଇ ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ)ଉଦିତ୍ ପଟ୍ଟନାୟକ କହିଛନ୍ତି ରେମତା ପଞ୍ଚାୟତରେ ୪ମାସ ହେଲା ଚାଉଳ ଓ ଗହମ ବଣ୍ଟନ ହୋଇନାହିଁ । କୌଣସି ବିଭାଗୀୟ ଅଧିକାରୀ ତାଙ୍କୁ ଏ କଥା ଜଣାଇନାହାଁନ୍ତି। ଏହା ଜାଣିବା ପରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି । ଗତ ୨ମାସ ତଳେ କେତେକ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ମାନଙ୍କ ବଦଳି ହୋଇଥିଲା । ଏହି ପରିପ୍ରେକ୍ଷୀରେ ରେମତା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଭବାନୀ ଶଙ୍କର ମେହେର ମଧ୍ୟ ବଦଳି ହୋଇଥିଲେ । ତାଙ୍କ ସ୍ଥାନରେ ବେଦବ୍ୟାସ ଜଗଦଲା ପଞ୍ଚାୟତରେ ଯୋଗଦେଇଛନ୍ତି । ପୂର୍ବତନ ପିଇଓ ମେହେର ବର୍ତ୍ତମାନର ନୂଆ ପିଇଓ ଜଗଦଳାଙ୍କୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିଥିଲେ ମଧ୍ୟ ପିଡିଏସ୍ ଦାୟିତ୍ୱ ଅଦ୍ୟାବଧି ହସ୍ତାନ୍ତର କରିନାହାନ୍ତି । ଦାୟିତ୍ୱ ହସ୍ତାନ୍ତର ନ କରିବା ପଛରେ କିଛି ରହସ୍ୟ ରହିଛି ବୋଲି ଏଠାରେ ଆଲୋଚନା ଚାଲିଛି । ଫଳରେ ପିଡିଏସ୍ ବ୍ୟବସ୍ଥାରେ ସମସ୍ୟା ସୃଷ୍ଟି ହେଉଛି ।

### ହିତାଧିକାରୀ ଯାହା କୁହନ୍ତି...



"ଅଧିକାଂଶ ଦିନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଞ୍ଚାୟତକୁ ଆସୁନାହାନ୍ତି । ଫଳରେ ପିଡିଏସ ଭଳି ସରକାରଙ୍କ ବହୁ ଯୋଜନାରୁ ପଞ୍ଚାୟତବାସୀ ବଞ୍ଚିତ ହେଉଛନ୍ତି । ଏନେଇ ପଞ୍ଚାୟତବାସୀ ବ୍ଲକ୍ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁନାହିଁ ।

-ସହଦେବ ପ୍ରଧାନ



"ଦାରିଦ୍ର ସୀମାରେଖା ତଳେ ଥିବା ଲୋକଙ୍କ ପାଇଁ ସରକାର ରିହାତି ମୂଲ୍ୟରେ ଖାଉଟି ସାମଗ୍ର ଯୋଗାଇ ଦେଉଛନ୍ତି । କିନ୍ତୁ ଏହାକୁ ଠିକ୍‌ରେ ବଣ୍ଟନ କରାଯାଉନାହିଁ। ଲୋକେ ଏହାର ସୁଫଳ ପାଇପାରୁନାହାନ୍ତି । ଏଥିପାଇଁ ବିଭାଗୀୟ ଅଧିକାରୀଙ୍କ ଅପାରଗତା ଦାୟୀ ।

-ପ୍ରଫୁଲ୍ଲ ଭୋଇ



"ପଞ୍ଚାୟତକୁ ଚାଉଳ,ଗହମ ଆସୁଛି । ବାଣ୍ଟିବା ପୂର୍ବରୁ ଖାଉଟିଙ୍କୁ ଠିକ୍‌ରେ ସୂଚନା ଦିଆଯାଉନାହିଁ। ପଞ୍ଚାୟତକୁ ବାରମ୍ବାର ଆସି ଫେରିବାକୁ ପଡୁଛି । ଅଧିକାଂଶ ସମୟ ପଞ୍ଚାୟତ କାର୍ଯ୍ୟାଳୟ ଖୋଲୁ ନାହିଁ ।

-ଧ୍ରୁବ ସା



"ସରକାରୀ ନୀତିନିୟମ ରହିଛି । କିନ୍ତୁ ଏଥିରୁ ଦୂରେଇ ରହି ବିଭାଗୀୟ ଅଧିକାରୀମାନେ ନିଜ ମର୍ଜିରେ କାମ କରୁଛନ୍ତି । ଗ୍ରାମାଞ୍ଚଳର ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

-ଶଙ୍କର ରଣା



"ଗରିବ ଲୋକ ଆଶା ରଖିଛୁ କେବେବେଳେ ପଞ୍ଚାୟତକୁ ଚାଉଳ ଓ ଗହମ ଆସିବ । ଆଣିଲେ ପରିବାର ଚଳିବେ । କିନ୍ତୁ ପଞ୍ଚାୟତ ଅଧିକାରୀମାନେ ନିଜର କର୍ତ୍ତବ୍ୟ ଠିକ୍‌ରେ ନ କରି ଗରିବ ସାଧାରଣ ଲୋକଙ୍କ ସହିତ ଖେଳ ଖେଳୁଛନ୍ତି ।

-ବିଶିକେଶନ ବଗର୍ତ୍ତି



ଗିରଫ ବିଷ୍ଣୁ ଆପଟ୍ (ଇନସେଟ୍) । ଜବତ ହୋଇଥିବା ଟଙ୍କା ।

ଫଳ ଗୋଦାମରୁ ଚୋରି ଘଟଣା

## ଧରାପଡ଼ିଲେ ବାପପୁଅ, ଟଙ୍କା ଜବତ

**ଝାରସୁଗୁଡ଼ା ଅଫିସ,୨୪।୧୦**

ଝାରସୁଗୁଡ଼ା ସହରାଞ୍ଚଳ ମାରୱାଡି ପଡାର ଏକ ଫଳ ଗୋଦାମରୁ ରବିବାର ବିଳମ୍ବିତ ରାତିରେ ହୋଇଥିବା ଲକ୍ଷାଧିକ ଟଙ୍କା ଚୋରି ଘଟଣାରେ ଟାଉନ ଥାନା ପୋଲିସ ଜଣେ ବ୍ୟକ୍ତି ଓ ତାଙ୍କ ନାବାଳକ ପୁଅକୁ ବୁଧବାର କାବୁ କରିଛି । ସଂପୃକ୍ତ ବ୍ୟକ୍ତି ହେଲେ ସୁନ୍ଦରଗଡ ଜିଲା ତଳସରା ଥାନା ଡୁମୁଲ୍ଲାର ବିଷ୍ଣୁ ଚରଣ ଆପଟ୍(୪୫) । ଏହି ଘଟଣାରେ ତାଙ୍କ ନାବାଳକ ପୁଅ ଧରାପଡିଛନ୍ତି । ପୋଲିସ ବିଷ୍ଣୁଙ୍କଠାରୁ ୩ ଲକ୍ଷ ୯୮ ହଜାର ଟଙ୍କା ଏବଂ ଏକ ବାଇକ୍ ଜବତ କରିଛି। ସୂଚନାଯୋଗ୍ୟ, ଝାରସୁଗୁଡ଼ା ସହରର ମାରୱାଡି ପଡାରେ ବୈଦ୍ୟନାଥ ପ୍ରସାଦ ଗୁପ୍ତାଙ୍କ ଫଳ ଗୋଦାମ ରହିଛି। ସେପ୍ଟେମ୍ବର ୨୭ ତାରିଖରେ ବିଷ୍ଣୁଙ୍କ ପୁଅ ଝାରସୁଗୁଡ଼ା ଆସି ବୈଦ୍ୟନାଥଙ୍କ ଗୋଦାମରେ କାମ କରୁଥିଲେ । ସେଠାରେ କାମ କରିବା ସହ ବୈଦ୍ୟନାଥଙ୍କ ଗତିବିଧି ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ଶେଷରେ ଗତ ୧୯ ତାରିଖରେ ସେ ସେଠାରୁ କାମ ଛାଡିବା ସହ ସମସ୍ତ ବକେୟା ହାସଲ କରିଥିଲେ। ହେଲେ ଯିବା ପୂର୍ବରୁ ଗୋଦାମର ପଛପାର୍ଶ୍ୱ ଦ୍ୱାରର ଲକ୍ ଖୋଲି ଦେଇଥିଲେ। ୨୧ ତାରିଖ ରାତିରେ ବିଷ୍ଣୁ ଏବଂ ତାଙ୍କ ପୁଅ ଏକ ବାଇକ୍‌ରେ ଝାରସୁଗୁଡ଼ା ଆସି ଗୋଦାମ ପଛପଟ ଦେଇ ଭିତରକୁ ପଶିଥିଲେ। ବୈଦ୍ୟନାଥ ବିଭିନ୍ନ ବ୍ୟବସାୟୀଙ୍କଠାରୁ ୪ଲକ୍ଷ ୧୦ ହଜାର ଟଙ୍କା ସଂଗ୍ରହ କରି ଗୋଦାମ ଆଲମିରାରେ ରଖିଥିଲେ। ସେହି ଟଙ୍କାକୁ ଦୁହେଁ ନେଇ ଫେରାର ହୋଇଯାଇଥିଲେ। ସୋମବାର ଗୋଦାମ ମାଲିକ ଗୁପ୍ତାଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁକରି ବାପପୁଅଙ୍କୁ ସୁନ୍ଦରଗଡ଼ରୁ ଧରିଥିଲା ।

## ଚୋରା ବାଲି ଚାଲାଣ, ରାଜସ୍ୱ ବିଭାଗ ଚୁପ୍

ରାଜସ୍ୱ କର୍ମଚାରୀଙ୍କୁ ହତ୍ୟା ଧମକ ପରେ ଚେତା ପଶିଲା

**ଝାରସୁଗୁଡ଼ା ଅଫିସ,୨୪।୧୦**

ଝାରସୁଗୁଡ଼ା ଜିଲାରେ ଚାଲିଛି ବେଧଡକ ଚୋରା ବାଲି ଚାଲାଣ। ଆବଣ୍ଟନ ହୋଇ ନ ଥିବା ଘାଟରୁ ବାଲି ଉତ୍ତୋଳନ କରାଯାଉଛି। ବେଆଇନ ଭାବେ ଜେସିବି, ପୋକଲିନ୍ ଲଗାଇ ବାଲି ଉତ୍ତୋଳନ କରାଯାଉଛି। ଏ ବିଷୟରେ ରାଜସ୍ୱ ବିଭାଗର ବରିଷ୍ଠ ଅଧିକାରୀମାନେ ଭଲଭାବେ ଅବଗତ ଅଛନ୍ତି। ହେଲେ କେହି ବାଲିଘାଟ ମାଡୁ ନାହାନ୍ତି। କୋଟି କୋଟି ଟଙ୍କାର ଲଘୁଖଣିଜ ସମ୍ପଦ ଚୋରାରେ ଚାଲାଣ ହେଉଛି। ପ୍ରତ୍ୟେକ ବାଲିଘାଟରୁ ମାସିକା ଚାନ୍ଦା ପାଇ କେତେଜଣ ରାଜସ୍ୱ ଅଧିକାରୀ ନୀରବ ରହିଛନ୍ତି ବୋଲି ଅଭିଯୋଗ ହୋଇଛି । ଏବେ ବାଲି ମାଫିଆ ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ ଏବଂ ହତ୍ୟା ଧମକ ଦେବାପରେ ଚେତାପଶିଛି।

ସୋମବାର ପଞ୍ଚପଡା ଘାଟରୁ ଚୋରା ବାଲିଚାଲାଣ ହେଉଥିବା ନେଇ ଏକାତାଲି ଅତିରିକ୍ତ ରାଜସ୍ୱ ନିରୀକ୍ଷକ ଶମ୍ଭୁ ଗୋଛାୟତ ଏବଂ ସୁଜାତା ପଟେଲ ଘଟଣା ସ୍ଥଳକୁ ଯାଇଥିଲେ। ରାଜସ୍ୱ ବିଭାଗ କର୍ମଚାରୀ ପଞ୍ଚପଡା ଘାଟ-ଏ ରେ ପହଞ୍ଚି ଯାଞ୍ଚ କରିବା ପରେ ବିନା ୱାଇଫର୍ମରେ ବାଲି ଚାଲାଣ ହେଉଥିବା ଜଣାପଡିଥିଲା। ୱାଇ ଫର୍ମ ନ ଥିବାରୁ ବାଲି ଲୋଡ ବନ୍ଦ କରିବାକୁ କହିଥିଲେ। ଏହାପରେ ଘାଟ ମାଲିକ ଅମନ ଶର୍ମା ରାଜସ୍ୱ ବିଭାଗ କର୍ମଚାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା କରିବା ପାଇଁ ଧମକ ଦେଇଥିଲେ। ଏ ବାବଦରେ ରାଜସ୍ୱ କର୍ମଚାରୀ ଝାରସୁଗୁଡ଼ା ତହସିଲଦାରଙ୍କୁ ଘଟଣା ସମ୍ପର୍କରେ ଲିଖିତ ଭାବେ ଜଣାଇଥିଲେ। ମଙ୍ଗଳବାର ଝାରସୁଗୁଡ଼ା ତହସିଲଦାର ଦିଲୀପ ପ୍ରଧାନ ଟାଉନ ଥାନାରେ ଲିଖିତ ଏତଲା ଦେଇଥିଲେ। ଏ ପ୍ରସଙ୍ଗରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ଅମନ ଶର୍ମା ଫେରାର ଅଛନ୍ତି। ଏ ମାମଲାରେ ବିଭିନ୍ନ ସ୍ଥାନରେ ଚଢାଉ ଚାଲିଛି। ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ଅଶ୍ୱିନୀ ମହାନ୍ତି କହିଛନ୍ତି। ଝାରସୁଗୁଡ଼ାର ସମସ୍ତ ଘାଟରୁ ଚୋରା ବାଲି ଚାଲାଣ ହେଉଥିବା ରାଜସ୍ୱ ଅଧିକାରୀ ଜାଣିଥିଲେ ମଧ୍ୟ ନୀରବ ରହିଛନ୍ତି।

### ଧର୍ମ ଜାଗରଣ ସନ୍ଥ ପଦଯାତ୍ରା ରଥକୁ ସ୍ୱାଗତ

**ସେରଗଡ଼,୨୪।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ସେରଗଡରେ ଧର୍ମ ଜାଗରଣ ସନ୍ଥ ପଦଯାତ୍ରା ରଥକୁ ସେରଗଡ ଗ୍ରାମବାସୀଙ୍କ ପକ୍ଷରୁ ବୁଧବାର ସ୍ୱାଗତ କରାଯାଇଛି । ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀଜିମହାରାଜଙ୍କ ନେତୃତ୍ୱ ତଥା ଏକଏ ଅଭିଯାନ ଓଡିଶା ଆୟୋଜକରେ ଗତ ଜୁନ ୧ ତାରିଖରୁ କନ୍ଧମାଳ ଜିଲା ଜଲେଶପେଟା କନ୍ୟାଶ୍ରମଠାରୁ ଆରମ୍ଭ ହୋଇଥିବା ଧର୍ମ ଜାଗରଣ ସନ୍ଥ ପଦଯାତ୍ରା ରଥ ଫୁଲବାଣୀ, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ, ନବରଙ୍ଗପୁର ଦେଇ କଳାହାଣ୍ଡି ଜିଲାରେ ପହଞ୍ଚିଛି । ବୁଧବାର କଳାହାଣ୍ଡି ଜିଲା ନର୍ଲା ବ୍ଲକ ସେରଗଡଠାରେ ଏହି ରଥ ପହଞ୍ଚିବା ପରେ ଗ୍ରାମର ମହିଳାପୁରୁଷ ହୁଳହୁଳି ସଂକର୍ତ୍ତନ ପୂଜା ପୂର୍ବକ ସନ୍ଥ ମୁକ୍ତାନନ୍ଦ ମହାରାଜଙ୍କୁ ସ୍ୱାଗତ ଜଣାଇଥିଲେ । ପଦଯାତ୍ରାରେ ବହୁ ସାଧୁସନ୍ଥ ସାମିଲ ହୋଇଥିଲେ ।

## ବାର୍‌ହା ଶିକାର ପୂର୍ବରୁ ବିଦ୍ୟୁତ୍ ତାର ଲାଗି ଶିକାରୀ ମୃତ

**ଲଖନପୁର,୨୪।୧୦ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ରେଙ୍ଗାଲି ଥାନା ଅଞ୍ଚଳରେ ଶିକାରୀମାନେ ଜୀବନ୍ତ ବିଦ୍ୟୁତ ତାର ବିଛାଇ ଅବାଧରେ ବାର୍‌ହା, ହରିଣ, ସମ୍ବର, କୁଟୁରା ଆଦି ବନ୍ୟପ୍ରାଣୀ ଶିକାର କରିବାରେ ଲାଗିଛନ୍ତି। ଏହି ଅବାଧ ଶିକାର ସମୟରେ ଖାଲି ବନ୍ୟପ୍ରାଣୀ ନୁହନ୍ତି, ଅସାବଧାନତା ଯୋଗୁ ନିଜେ ଶିକାରୀ,ସାଧାରଣ ଲୋକେ ଓ ଗୃହପାଳିତ ଗୋରୁ ଆଦି ମରୁଥିବା ନଜିର ରହିଛି । ଏପରି ବେଆଇନ୍ କାର୍ଯ୍ୟ ଜଙ୍ଗଲ ବିଭାଗ ଜାଣତରେ ଚାଲିଛି । ଏହାକୁ ଜଙ୍ଗଲ ବିଭାଗ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ।

ସେଭଳି ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଜଣେ ଶିକାରୀ ଗତ ମଙ୍ଗଳବାର ରାତିରେ ବାର୍‌ହା ଶିକାର ପାଇଁ ଖୋଲା ବିଦ୍ୟୁତ ତାର ବିଛାଇଥିଲେ। ଅସାବଧାନତା ଯୋଗୁ ସେହି ତାର ସଂସ୍ପର୍ଶରେ ଆସି ନିଜେ ପ୍ରାଣ ହରାଇଛନ୍ତି । ଏଭଳି ଘଟଣା ଘଟିଛି ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ରେଙ୍ଗାଲି ଥାନା ଭିକମପାଲି ଗ୍ରାମରେ । ମୃତ ଶିକାରୀ ହେଲେ ଭିକମପାଲି ଗ୍ରାମର ସୁଦାମ ସିଦ୍ଧାର(୪୫) । ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ସୁଦାମଙ୍କ ୨ଗୋଡ ଜଳିଯାଇଛି । ଖବରପାଇ ରେଙ୍ଗାଲି ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ସୁଦାମଙ୍କ ବାପା ଧର୍ମଦେବ ପୋଲିସକୁ ଜଣାଇବା ପରେ ରେଙ୍ଗାଲି ଥାନାରେ ଅପମୃତ୍ୟୁ ମାମଲା( ନଂ.୧୪/୧୮) ରୁଜୁ ହୋଇଛି । ପୋଲିସ ତଦନ୍ତ ଚଳାଇଛି । ପୋଲିସ ଘଟଣାସ୍ଥଳରୁ କେତେକ ବାଇଡିଂ ଲୁହା ତାର ବାଡି ଜବତ କରିଛି । ବାର୍‌ହା ଶିକାର ପାଇଁ ସୁଦାମ ସନ୍ଧ୍ୟାରେ ଗାଁଠାରୁ କିଛି ଦୂରରେ ବିଦ୍ୟୁତ ତାର ବିଛାଇ ଘରକୁ ଫେରିଆସନ୍ତି । ତା'ପରଦିନ ଭୋରରୁ ଯାଇ ତାର ସଂସ୍ପର୍ଶରେ ପଡିଥିବା ମୃତ ବାର୍‌ହା ଧରି ଘରକୁ ଫେରନ୍ତି । ଅନ୍ୟଦିନ ଭଳି ମଙ୍ଗଳବାର ସନ୍ଧ୍ୟାରେ ସୁଦାମ ତାର ବିଛାଇବା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ । ସୁଦାମଙ୍କ ଆସିବା ବିଳମ୍ବ ହେବାରୁ ଘରଲୋକେ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା । ବୁଧବାର ସକାଳୁ ସୁଦାମଙ୍କ ବାପା ଓ ଅନ୍ୟ ଜରେ ପୁଅ ଖୋଜାଖୋଜି କରିଥିଲେ। ହେଲେ ଗାଁଠାରୁ ଅଧ କିଲୋମିଟର ଦୂର ଶୁଖାବନ୍ଧ(ଜଳାଶୟ)ନିକଟରେ ସୁଦାମ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏନେଇ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ । ବନ୍ଧ ନିକଟରେ ଯାଇଥିବା ୧୧କେଭି ବିଦ୍ୟୁତ ତାରରେ ବାଇଡିଂ ଲୁହା ତାର ଝୁଲୁଥିବା ଦେଖିବାକୁ ମିଳିଥିଲା । ଏହି ତାର ହୁକିଂ କଲାବେଳେ ସେହି ତାରରେ ଛନ୍ଦି ହୋଇ ସୁଦାମଙ୍କ ମୃତ୍ୟୁ ହୋଇଥିବା ପୋଲିସ୍ ଅନୁମାନ କରୁଛି । ସୁଦାମଙ୍କ ପରିବାରରେ ତାଙ୍କ ସ୍ତ୍ରୀ,ବାପାପୁଅ ଓ ୨ଝିଅ ଅଛନ୍ତି ।

## କେରୁଆଲବାହାଲ ଚାମ୍ପିୟନ

**ଲଖନପୁର,୨୪।୧୦ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ରେମଣ୍ଡା ପଞ୍ଚାୟତ ଭୂତିଆ ଗ୍ରାମରେ ମା'ସମଲେଶ୍ୱରୀଙ୍କ ବଏଲ ଯାତ୍ରା ପାରମ୍ପରିକ ରୀତିନୀତିରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗ୍ରାମର ସମଲେଶ୍ୱରୀ ଯୁବକ ସଂଘ ତରଫରୁ ସମଲେଇ ପଡିଆରେ ଦୁଇଦିବସୀୟ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା । ଏଥିରେ ସମୁଦାୟ ୧୬ଦଳ ଅଂଶ ଗ୍ରହଣ କରିଥିଲେ । କେରୁଆଲବାହାଲ ଓ ଯୁରାବଗା ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉଭୟଦଳ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ । ରେଫରୀଙ୍କ ନିଷ୍ପତ୍ତି କ୍ରମେ ପେନାଲଟିକ୍ ଗୋଲ୍ ମରାଯାଇଥିଲା । ଏଥିରେ କେରୁଆଲବାହାଲ ଦଳ ଯୁରାବଗା ଦଳକୁ ହରାଇ ଚାମ୍ପିୟନ ହୋଇଥିଲା ।

ଏହି ଟୁର୍ନାମେଣ୍ଟକୁ ଟାର୍ଜନ ବିଶ୍ୱାଳ,ସଞ୍ଜୟ ସାହୁ,ଦୁର୍ଯ୍ୟୋଧନ ପାତ୍ର ଓ ନବୀନ ଦେଓ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଆୟୋଜକଙ୍କ ତରଫରୁ ବିଜେତା କେରୁଆଲବାହାଲ ଦଳକୁ ଚାମ୍ପିୟନ ଟ୍ରଫି ସହ ୮ହଜାର ଟଙ୍କା ଓ ଉପବିଜେତା ଯୁରାବଗା ଦଳକୁ ରନର୍ସ ଟ୍ରଫି ସହ ୬ହଜାର ଟଙ୍କା ପୁରସ୍କାର ଭାବେ ପ୍ରଦାନ କରାଯାଇଥିଲା । ସେହିଭଳି ଟୁର୍ନାମେଣ୍ଟରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ଖେଳାଳୀମାନଙ୍କୁ ମଧ୍ୟ ସ୍ୱାନ୍ତନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଫାଇନାଲ୍ ମ୍ୟାଚ୍‌ରେ ମୁଖ୍ୟଅତିଥି ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ରେମଣ୍ଡା ସରପଞ୍ଚ ଦମୟନ୍ତୀ ଦାନୀ,ସମିତି ସଭ୍ୟା ସୁରେଖା ଖମାରୀ,ନାଏବ ସରପଞ୍ଚ ଡଲି ବେହେରା, ଲଖନପୁର ବ୍ଲକ୍ ୩ନଂ. ଜୋନ୍ କଂଗ୍ରେସ ସଭାପତି ସୁବ୍ରତ ପ୍ରଧାନ, ସାମାଜିକକର୍ମୀ ପ୍ରସନ୍ନ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଆୟୋଜକ ଯୁବକ ସଂଘର ସଦସ୍ୟ ଖଗେଶ୍ୱର ବେରିହା, ପ୍ରଦୀପ ଧୁରୁଆ, ଲଳିତ ଦାନୀ, ପ୍ରେମାନନ୍ଦ ବିଶ୍ୱାଳ, ଦୀନେଶ ପ୍ରଧାନ ଓ ପ୍ରଫୁଲ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

### ଫୁଟ୍‌ବଲ୍ ଟୁର୍ନାମେଣ୍ଟ

## ଯଜ୍ଞସେନୀ ହାଇସ୍କୁଲ ୨୦୦୫ ବ୍ୟାଚ ବନ୍ଧୁମିଳନ

**କିର୍ମିରା, ୨୪।୧୦ (ଡି.ଏନ.ଏ.)**

ଦୁର୍ଲଗା ପଞ୍ଚାୟତ ତାଲମାଲସ୍ଥିତ ଯଜ୍ଞସେନୀ ଉଚ୍ଚ ବିଦ୍ୟାଳୟର ୨୦୦୫ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷକ ଅବନୀ ନାଏକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଛାତ୍ରୀଛାତ୍ର ଓ ଶିକ୍ଷକ ସ୍ମୃତିଚାରଣ କରିଥିଲେ । ପୂର୍ବତନ ଛାତ୍ର ସୁରଜ, ପିଙ୍କୁ, ଦୀପକ, ରୋଜି, ନିଳୀମା ବନ୍ଧୁମିଳନରେ ସହଯୋଗ କରିଥିଲେ ।



ବନ୍ଧୁମିଳନରେ ଯୋଗ ଦେଇଥିବା ପୁରାତନ ଛାତ୍ରୀଛାତ୍ରମାନେ।